RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-174 ♦SATURDAY ♦20 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୭୪ ♦ଶନିବାର ♦୨୦ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




**ବରୁଣଙ୍କୁ ୪ ୱିକେଟ୍; ଭାରତ ସିରିଜ୍ ବିଜୟୀ**

▶ପୃଷ୍ଠା ୧୨ ଦେଖନ୍ତୁ...

# ବାଂଲାଦେଶରେ ବିଦ୍ୱେଷ ନିଆଁ

## ସାରା ଦେଶରେ ଭାରତବିରୋଧୀ ହିଂସା



### ଯୁବ ନେତାଙ୍କ ମୃତ୍ୟୁ ପରେ ଅରାଜକତା
### ହିନ୍ଦୁ ଯୁବକଙ୍କୁ ହତ୍ୟା କରି ଜାଳିଦେଲେ
### ହାଇକମିସନ ଅଫିସ ଉପରେ ଆକ୍ରମଣ
### ସମ୍ବାଦପତ୍ର କାର୍ଯ୍ୟାଳୟରେ ପୋଡ଼ାଜଳା

■ ଢାକା, ୧୯।୧୨ (ଏଜେନ୍ସି): ଯୁବ ନେତା ସରିଫ ଉସ୍ମାନ ହାଦିଙ୍କ ମୃତ୍ୟୁ ପରେ ପୁଣି ଅଶାନ୍ତ ହୋଇପଡ଼ିଛି ବାଂଲାଦେଶ। ହାଦିଙ୍କୁ ସମର୍ଥନ କରି ହଜାର ହଜାର ଲୋକ ରାସ୍ତା ଉପରକୁ ଓହ୍ଲାଇ ଅରାଜକତା ଚଳାଇଛନ୍ତି। ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଅଫିସ ଓ ଯାନବାହନରେ ନିଆଁ ଲଗାଉଛନ୍ତି। ସେମାନଙ୍କ ଆକ୍ରମଣରୁ ବାଦ୍ ପଡ଼ିନାହିଁ ସରକାରୀ ଅଫିସ, ବିରୋଧୀ ଦଳର ଅଫିସ ଏବଂ ସମ୍ବାଦପତ୍ର କାର୍ଯ୍ୟାଳୟ। ଏହିସବୁ ଅଫିସ ଭିତରେ ପଶି ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଉଛନ୍ତି। ଉତ୍ତ୍ୟକ୍ତ ଲୋକେ ଆଜି ଚିଟାଗଙ୍ଗ ସ୍ଥିତି ଭାରତୀୟ ହାଇକମିସନ ଅଫିସ ଉପରେ ମଧ୍ୟ ପଥରମାଡ଼ କରିଛନ୍ତି। କେବଳ ଏତିକି ନୁହେଁ, ସେମାନେ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରିବା ପରେ ତାଙ୍କ ଦେହରେ ନିଆଁ ଲଗାଇଦେଲା ଭଳି ଅମାନୁଷିକ କାର୍ଯ୍ୟ କରିବାକୁ ପଛାଇ ନାହାନ୍ତି। ଏହି ହତ୍ୟା ଘଟଣାକୁ ବାଂଲାଦେଶ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ନିନ୍ଦା କରିବା ସହିତ ଦୋଷୀଙ୍କ ▶ପୃଷ୍ଠା-୭

## ସରିଲା ଶୀତ ଅଧିବେଶନ; ସଂସଦ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

# ‘ମାତରମ୍’ରୁ ଆରମ୍ଭ, ‘ଜି-ରାମ୍’ରେ ଶେଷ



### ଗୃହରେ ୧୦ ବିଲ୍ ଉପସ୍ଥାପିତ; ୮ ପାରିତ

■ ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି): ଆଜି ଠାରୁ ମୁଲତବୀ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନ ଖୁବ କମ୍ ଦିନ ପାଇଁ ବସିଥିଲେ ମଧ୍ୟ ଅନେକ ଦୃଷ୍ଟିରୁ ଏହା ଚର୍ଚ୍ଚାରେ ରହିଥିଲା। ବନ୍ଦେମାତରମ ଉପରେ ଆଲୋଚନାରୁ ଆରମ୍ଭ ହୋଇ ଜି-ରାମ-ଜି ବିଲ୍ ଅନୁମୋଦନରେ ଶେଷ ହୋଇଛି। ଏହି ୧୯ ଦିନିଆ ଅଧିବେଶନରେ ୧୪ଟି କାର୍ଯ୍ୟଦିବସ ଥିଲେ ମଧ୍ୟ ତର୍କ ବିତର୍କ ସଂସଦକୁ ସରଗରମ ରଖିଥିଲା। ସଂସଦର ଗତ ବର୍ଷାକାଳୀନ ଅଧିବେଶନକୁ ଅଚଳ ରଖିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ପ୍ରସଙ୍ଗ ଏହି ଅଧିବେଶନରେ ଆଲୋଚନା ପାଇଁ ସ୍ଥାନ ପାଇଥିଲା। ତେବେ ଘାତକ ପାଲଟିଥିବା ଦିଲ୍ଲୀ ପ୍ରଦୂଷଣ ଉପରେ କୌଣସି ଆଲୋଚନା ହୋଇପାରି ନାହିଁ। ଏଥିପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିରୋଧୀଙ୍କୁ ଦୋଷ ଦେଇଛନ୍ତି। ସେ କହିଛନ୍ତି ଯେ ଉଭୟ ସରକାର ଓ ବିରୋଧୀ ଏହା ଉପରେ ଆଲୋଚନା କରିବାକୁ ଚାହୁଁଥିଲେ, କିନ୍ତୁ ଜି-ରାମ-ଜି ବିଲକୁ ନେଇ ବିରୋଧୀ ଅଯଥାରେ ହଙ୍ଗାମା କରିବାରୁ ଏହା ଉପରେ ଆଲୋଚନା ହୋଇପାରିଲା ନାହିଁ।

ଡିସେମ୍ବର ୧ରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଅଧିବେଶନରେ ସରକାର ୧୦ଟି ବିଲ୍ ଆଣିଥିବା ବେଳେ ୮ଟି ବିଲ୍ ପାରିତ ହୋଇଛି। ଏଥିରେ ସାମିଲ ରହିଛି ପରମାଣୁ ଓ ଜି-ରାମ-ଜି ବିଲ୍। ବେସାମରିକ ପରମାଣୁ ଶକ୍ତି କ୍ଷେତ୍ରରେ ଘରୋଇ ସଂସ୍ଥାର ଅଂଶଗ୍ରହଣକୁ ଅନୁମତି ପ୍ରଦାନ ସଂକ୍ରାନ୍ତ ବିଲ୍ ପାସ୍ ହୋଇଛି। ସେହିଭଳି ମନରେଗା ବଦଳରେ ବିକଶିତ ଭାରତ ଜି-ରାମ-ଜି ବିଲ ପାରିତ କରାଇଛନ୍ତି ସରକାର। ଏହି ଦୁଇ ବିଲର ଆଲୋଚନାରେ ବିରୋଧୀ ଦଳ ଅଂଶଗ୍ରହଣ କରିଥିଲେ ମଧ୍ୟ ମତଦାନ ବେଳେ କକ୍ଷତ୍ୟାଗ କରିଥିଲେ। ▶ପୃଷ୍ଠା-୭

# ତାମିଲନାଡୁରେ କଟିଲେ ୯୭ ଲକ୍ଷ ଭୋଟର

■ ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି): ତାମିଲନାଡୁରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଶେଷ ହୋଇଛି। ଏହି ପର୍ଯ୍ୟାୟରେ ତାଲିକାରୁ ୯୭ ଲକ୍ଷ ଭୋଟରଙ୍କ ନାମ କାଟିଦିଆଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଅର୍ଚ୍ଚନା ପଟ୍ଟନାୟକ କହିଛନ୍ତି ଯେ ତାମିଲନାଡୁରେ ଏବେ ମୋଟ ୫ କୋଟି ୪୩ ଲକ୍ଷ ୭୬ ହଜାର ୭୫୫ ଭୋଟର ଅଛନ୍ତି। ଏମାନଙ୍କ ମଧ୍ୟରେ ୨.୬୬ କୋଟି ମହିଳା ଏବଂ ୨.୭୭ କୋଟି ପୁରୁଷ। ଆସନ୍ତାବର୍ଷ ନିର୍ବାଚନ ହେବାକୁ ଯାଉଥିବା ତାମିଲନାଡୁରେ ପ୍ରାୟ ୬.୪୧ କୋଟି ପଞ୍ଜୀକୃତ ଭୋଟର ଅଛନ୍ତି। ଏସ୍‌ଆଇଆର ପରେ ୯୭ ଲକ୍ଷ ୩୭ ହଜାର ୮୩୨ ଭୋଟରଙ୍କ ନାମ କାଟିଦିଆଯାଇଛି। ହଟାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୨୬.୯୪ ଲକ୍ଷ ମୃତ, ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ୬୬.୪୪ ଲକ୍ଷ ଏବଂ ▶ପୃଷ୍ଠା-୭

# ଚାଷୀଙ୍କ ଡକରାରେ ସମ୍ବଲପୁର ବନ୍ଦ

## ଜାତୀୟ ରାଜପଥ ଅବରୋଧ, ଦୋକାନ ବଜାର ବନ୍ଦ



### ବନ୍ଦକୁ ବିଜେଡିର ସମର୍ଥନ, ସାମିଲ ହେଲେ ଶହଶହ କର୍ମୀ

■ ସମ୍ବଲପୁର, ୧୯।୧୨ (ସମିସ): ଅନ୍ନଦାତାର ଡାକରାକୁ ସମ୍ମାନ ଦେଇଛନ୍ତି ସମ୍ବଲପୁରବାସୀ। ଟୋକନ୍ ଓ ମଣ୍ଡି ସମସ୍ୟାକୁ ନେଇ ଚାଷୀ ସଙ୍ଗଠନ ଆହ୍ୱାନରେ ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଜାତୀୟ ରାଜପଥକୁ ଅଇଁଠାପାଲି ଛକରେ ପ୍ରାୟ ୩ଘଣ୍ଟା ଧରି ଅବରୋଧ କରାଯାଇଥିଲା। ଚାଷୀମାନେ ବିଭିନ୍ନ ଅଫିସ୍‌କୁ ଯାଇ ପିକେଟିଂ କରି ବନ୍ଦ କରିବାକୁ ଅନୁରୋଧ କରିଥିଲେ। ରେଳ ଚଳାଚଳ ଏବଂ ଜରୁରୀକାଳୀନ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଥିଲା। ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ଏବଂ ଅନ୍ୟ ଅନୁଷ୍ଠାନଗୁଡ଼ିକ ସମର୍ଥନ କରିଥିଲେ। ଜିଲ୍ଲା ବିଜେଡି କର୍ମୀମାନେ ବନ୍ଦକୁ ସମର୍ଥନ କରି ଏଥିରେ ସାମିଲ ହୋଇଥିବା ବେଳେ ବିଜେପି ଓ କଂଗ୍ରେସ କର୍ମୀଙ୍କ ଦେଖାନଥିଲା। ସମ୍ବଲପୁରର ଦୋକାନ ବଜାର ସ୍ୱତଃସ୍ଫୂର୍ତ୍ତ ଭାବେ ଲୋକେ ବନ୍ଦ ରଖିଥିବା ▶ପୃଷ୍ଠା-୭




## ଲାଞ୍ଚ ମାମଲା: ପୂର୍ବତନ ସିଡିପିଓଙ୍କୁ ୪ ବର୍ଷ ଜେଲ

**ଭବାନୀପାଟଣା, ୧୯ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଲାଞ୍ଜିଗଡ଼ ବ୍ଲକର ପୂର୍ବତନ ସିଡିପିଓ (ସମ୍ମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଅଧିକାରିଣୀ) ମୀନା ପାତ୍ର ୨୦୨୧ ମସିହାର ଏକ ଲାଞ୍ଚ ମାମଲାରେ ଶୁକ୍ରବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି । ଭବାନୀପାଟଣା ସ୍ଥିତ ଜିଲ୍ଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଶ୍ରୀ ବଦ୍ରୀ ନାରାୟଣ ନନ୍ଦ ମାମଲାର ବିଚାର କରି ଅଭିଯୁକ୍ତ ପୂର୍ବତନ ସିଡିପିଓ ପାତ୍ରଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ହେଲେ ଆହୁରି ୬ ମାସ ଅତିରିକ୍ତ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି ।ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରେ କାର୍ଯ୍ୟରତ ଯୋଗମାୟା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ସରୋଜିନୀ ପ୍ରଧାନଙ୍କୁ ବକେୟା ଛତୁଆ ବିଲ କରିଦେବା ପାଇଁ ପୂର୍ବତନ ସିଡିପିଓ ପାତ୍ର ୮୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏହାକୁ ନେଇଁ ସରୋଜିନୀ ଗତ ୩ ଅକ୍ଟୋବର ୨୦୨୧ ରେ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ । ଏହାର ଦିନକ ପରେ ଅର୍ଥାତ ୪ ତାରିଖ ସରୋଜିନୀଙ୍କ ଠାରୁ ପୂର୍ବତନ ସିଡିପିଓ ନିଜ କାର୍ଯ୍ୟାଳୟରେ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଜଗି ରହିଥିବା ଭବାନୀପାଟଣା ଭିଜିଲାନ୍ସ ଟିମ୍ ଜାଲରେ ପଡ଼ିଥିଲେ । ପରବର୍ତ୍ତୀ ସମୟରେ ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ପରିଚାଳନା କରିଥିଲେ ।

## ବେହେରାଗୁଡ଼ା ନାଳରୁ ଶବ ଉଦ୍ଧାର

**ଭବାନୀପାଟଣା, ୧୯ ।୧୨ (ସମିସ):** ଶୁକ୍ରବାର ଭବାନୀପାଟଣା ସଦର ଥାନା ବେହେରାଗୁଡ଼ା ନାଳରୁ ଜନୈକ ବ୍ୟକ୍ତିଙ୍କ ଶବ ଉଦ୍ଧାର ହୋଇଛି । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ସଦର ପୁଲିସ ପହଞ୍ଚି ଶବ ଉଦ୍ଧାର କରିଥିବା ବେଳେ ମୃତକ ସ୍ଥାନୀୟ ଭବାନୀପାଟଣା ସହର ନୂଆପଡ଼ାନିବାସୀ ମନୋଜ ବିଶ୍ୱାଳ (୪୫) ବୋଲି ଜଣାପଡ଼ିଛି । ଗତ ତିନି ଦିନରୁ ମନୋଜ ନିଖୋଜ ଥିଲେ । ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ସଦର ପୁଲିସ୍ ପକ୍ଷରୁ କୁହାଯାଇଛି । ଏନେଇ ଥାନାରେ ମାମଲା ରୁଜୁ ହୋଇଛି । ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର ହୋଇଥିବା କୁହାଯାଇଛି । ପରିବାର ଲୋକେ ହତ୍ୟା ସନ୍ଦେହ କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ୍ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି ।

## ସରିଆଁ ହାଇସ୍କୁଲର ରଜତ ଜୟନ୍ତୀ ଆରମ୍ଭ



**ଭବାନୀପାଟଣା, ୧୯ ।୧୨ (ସମିସ):** ନର୍ଲା ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁ ପାଳନ କରୁଛି ରଜତ ଜୟନ୍ତୀ ସମାରୋହ । ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଏହାପରେ ଶନିବାର ଓ ରବିବାର ଦୁଇଦିନ ଧରି ରଜତ ଜୟନ୍ତୀ ଭବ୍ୟ ଭାବରେ ପାଳିତ ହେବାକୁ ଥିବାବେଳେ ପୂରାତନ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳିଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧୁରମ ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରରେ ମୋଟ ୪୨ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେସିଙ୍ଗା ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି ସୁବୋଧ କୁମାର ମିଶ୍ର, ବିଶିଷ୍ଟ ସମାଜସେବୀ ମନୋଜ କୁମାର ପଟ୍ଟନାୟକ, ସମାଜସେବିକା ଶାନ୍ତି ମାଝୀ, ଶିକ୍ଷାବିତ ସରତ ଚନ୍ଦ୍ର ଭୋଇ, ସରିଆଁ ନୋଡାଲ ୟୁପି ସ୍କୁଲର ପ୍ରଧାନଶିକ୍ଷକ ଟଙ୍କଧର ସା, ସମାଜସେବୀ ବିଜୟ ଭୋଇ, ଆଲୁମିନି କମିଟିର ଉପଦେଷ୍ଟା ବିନାୟକ ମହନ୍ତ, ଯୁବନେତା ବିଜୟ ଧଙ୍ଗଡ଼ାମାଝୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ । ପୁରାତନ ଛାତ୍ରସଂସଦ ସଭାପତି ଓମପ୍ରକାଶ ଛତ୍ରିଆ, ଉପସଭାପତି ରଘୁନାଥ ଦୀପ, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ପୂରାତନ ଛାତ୍ର ମିଳନ କୁମାର ଭୋଇ, ଶିଶିର କୁମାର ଭୋଇ, ସରୋଜ ମହାପାତ୍ର, ସୌରଭ କୁମାର ଭୋଇ, ପ୍ରତ୍ୟୁଷ କୁମାର ଭୋଇ, ଅସିମ ଭୋଇ, ହେମନ୍ତ କୁମାର ସାହୁ, ମଣ୍ଟୁ ମାଝୀ, ନେତାଜୀ କ୍ଲବ୍ ବଲବସପୁରର ସଦସ୍ୟବୃନ୍ଦ ଓ ସରିଆଁ ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା, ୧୯ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା ଜୋରାଡବରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳନ ହେଇଯାଇଛି । ଆୟୋଜିତ ସଭାରେ ପରିଚାଳନା ସମିତିର ସଭାପତି ଈଶ୍ୱର ଚନ୍ଦ୍ର ମାଝୀ ଙ୍କ ସଭାପତିତ୍ୱ ରେ ଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ଅଧକ୍ଷ୍ୟା କୁନି ସାହୁ, କଳାହାଣ୍ଡି ଜିଲ୍ଲା ଭାଜପା ସଭାପତି ଯୁଗଳ କିଶୋର ପୋଡ଼୍, କର୍ଲାମୁଣ୍ଡା ବ୍ଲକ 'ଖ' ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ କୈଳାଶ ପଧାନ, ପରିଚାଳନା ସମିତି ରସମ୍ପାଦକ କ୍ଷୀରୋଦ ବଡ଼ମାଳୀ, ମୁଖ୍ୟବକ୍ତା ଭାବେ ତୁଷୁରା ସଂକୁଳସ୍ତରୀୟ ସଂକୁଳ ପ୍ରମୁଖ ଆଶୁକବି ହେମନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇ ଶିଶୁ ବିଦ୍ୟାମନ୍ଦିର ଏକ ସୁସ୍ଥ ସମାଜ ଗଠନରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ବୋଲି ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ କ୍ଷୀରୋଦ ବଡମାଳି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚର୍ଯ୍ୟ କୈଳାସ ପ୍ରଧାନ ବିବରଣୀ ପ୍ରଦାନ କରିଥିଲେ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉପସଭାପତି ଯଶୋବନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭାକାର୍ଯ୍ୟକୁ ଗୁରୁମା ଗିତାଞ୍ଜଳି ସାହୁ ସଂଯୋଜନା କରିଥିଲେ । କୃତୀ ଭାଇଭଉଣୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସମିତିର ଭାଇ ଭଉଣୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମନ ମୋହିଥିଲା । ଶିଶୁ ବିଦ୍ୟାମନ୍ଦିରର ଯୁଗ୍ମ ସମ୍ପାଦକ ଅମର ବେହେରା, କୋଷାଧ୍ୟକ୍ଷ ସୁମନ୍ତ ସାହୁ, ସଭ୍ୟ ମନକାନ୍ତି ମାଝୀ, ଜୟନ୍ତୀ ସାହୁଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା, ପରିଚାଳନା ସମିତିର ସଭ୍ୟ, ଅଭିଭାବକ ଅଭିଭାବିକା ସହଯୋଗ କରିଥିଲେ ।

## ମନ୍ଥର ଗତିରେ ଧାନ କିଣା
# ବିଜେଡି ଫାକ୍ଟ ଫାଇଣ୍ଡିଙ୍ଗ ଟିମ୍‌ର ମଣ୍ଡି ପରିଦର୍ଶନ

**ଭବାନୀପାଟଣା, ୧୯ ।୧୨(ସମିସ)**





କଳାହାଣ୍ଡି ଜିଲ୍ଲାରେ ଧାନର ଅଭାବୀ ବିକ୍ରି ଦେଖିବାକୁ ମିଳିଛି । ଜିଲ୍ଲାରେ ଗତ ନଭେମ୍ବର ୨୯ ତାରିଖ ଶନିବାରରୁ ଖରିଫ ଧାନ ପାଇଁ ମଣ୍ଡିର ଶୁଭାରମ୍ଭ ହୋଇଥିଲା । ଇତିମଧ୍ୟରେ ୨୦ଦିନ ବିତିଯାଇଥିଲେ ମଧ୍ୟ ଜିଲାର ସମସ୍ତ ମଣ୍ଡି ଖୋଲି ପାରିନାହିଁ । ଯାହା ବି ମଣ୍ଡି ଖୋଲାଯାଇଛି ସେଠାରେ ସୃଷ୍ଟି ହେଉଥିବା ସମସ୍ୟା ଚାଷୀର ମୁଣ୍ଡବିନ୍ଧାର କାରଣ ପାଲଟିଛି । ପ୍ରଥମତଃ ମଣ୍ଡି ଦୀର୍ଘଦିନ ପୂର୍ବରୁ ଖୋଲିଛି ସତ କିନ୍ତୁ ମଣ୍ଡିରେ ଧାନ ବୁହା ଗାଡି ପହଁଚି ପାରୁନାହିଁ । ଗୋଟେ ଦୁଇଟି ଗାଡି ଧାନ ଲିଫ୍ଟ କରୁଛି ।ଯେଉଁ ଚାଷୀ ନିକଟରେ ୨୦୦ କ୍ୱିଣ୍ଟାଲ ଧାନ ଉଠିବାକୁ ଥିବା ସ୍ଥଳେ ଟୋକନ କିନ୍ତୁ ୭୫କ୍ୱିଣ୍ଟାଲ ପାଇଁ ଆସିଛି । ସପ୍ତାହରୁ ଅଧିକ ସମୟ ମଣ୍ଡିରେ ଚାଷୀ ଶୀତରେ ବତୁରୀ ଜଗିବାକୁ ପଡୁଛି । ମନ୍ଥର ଗତିରେ ଧାନ କିଣା ପ୍ରକ୍ରିୟା ଚାଷୀକୁ ହନ୍ତସନ୍ତ କଲାଣି । ସେପଟେ ମିଲର୍ସଙ୍କ ତରଫରୁ ଜଣାପଡ଼ିଛି ଯେ ଏଯାବତ ଗତ ଖରିଫ ଓ ରବି ଧାନ ଏବଂ ଚାଉଳ ମିଲରେ ମହଜୁଦ ଅଛି । ଧାନ ରଖିବା ଲାଗି ମିଲ ରେ ପର୍ଯ୍ୟାପ୍ତ ସ୍ଥାନ ନାହିଁ । ପ୍ରାୟ ୨୪ଲକ୍ଷ କୁଇଣ୍ଟାଲ ଧାନ ତଥା ୧୬ଲକ୍ଷ କୁଇଣ୍ଟାଲ ଚାଉଳ ମିଲରସମାନେ ଦେବାକୁ ଅଛନ୍ତି ।ମିଲାଶଙ୍କ କୌଣସି ଚିନ୍ତା କରିବାର ନାହିଁ ସରକାର ସମସ୍ୟାରେ ସୁଧାର ଆଣିବାକୁ ତିଳେ ମାତ୍ର ଚେଷ୍ଟା କରୁନାହାନ୍ତି । ମଣ୍ଡିରୁ ଧାନ ସଂଗ୍ରହ ରାଜ୍ୟ ସରକାରଙ୍କ ଅପରିପକ୍ୱତାକୁ ପଦାରେ ପକାଇ ଦେଇଛି । ତେଣୁ ଚାଷୀଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି । ଜିଲ୍ଲା ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ଗୁରୁବାର ସୁଦ୍ଧା ୭୪୬୪ ଜଣ ଚାଷୀ ୩ଲକ୍ଷ ୫୦ ହଜାର ୪୧୮ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡ଼ିଛି । କେବଳ ଗୁରୁବାର ଗୋଟିଏ ଦିନରେ ୧୯୮୭ ଜଣ ଚାଷୀ ୯୨ ହଜାର ୮୭କୁଇଣ୍ଟାଲ ଧାନ ଉଠାଣ କରାଯାଇଛି । ଗତ ବର୍ଷ ଏହି ତାରିଖରେ ୧୦ ହଜାର ୩୬୬ ଚାଷୀ ୪ଲକ୍ଷ ୭୬ ହଜାର ୧୨ କୁଇଣ୍ଟାଲ ଧାନ ବିକ୍ରି କରି ସାରିଥିଲେ । ଯାହାକି ଗତ ଖରିଫ ବର୍ଷ ଠାରୁ ୨୯୦୨ ଚାଷୀ କମ ରହିଥିବା ବେଳେ ଧାନ ମଧ୍ୟ ପ୍ରାୟ ୧ ଲକ୍ଷ ୨୬ ହଜାର କୁଇଣ୍ଟାଲ ପଛୁଆ ରହିଥିବା ଜଣାପଡ଼ିଛି ।

### ୩୦ ମଣ୍ଡି ଏବେ ବି ଖୋଲିନି

ଫଳରେ ଗତ ବର୍ଷ ଠାରୁ ବହୁ ପଛରେ ଧାନ କ୍ରୟ ଚାଲିଛି । ବର୍ତ୍ତମାନ ଜିଲାର ୨୩୦ଟି ମଣ୍ଡିରୁ ୨୦୦ ଟି ମଣ୍ଡି ଖୋଲିଥିବାବେଳେ ୮୩ମିଲର୍ସରୁ ବର୍ତ୍ତମାନ ୭୪ ମିଲର୍ସ ଚୁକ୍ତିନାମା କରିଛନ୍ତି । କଳାହାଣ୍ଡି ଜିଲ୍ଲାକୁ ପ୍ରଥମ ପର୍ଯ୍ୟାୟରେ ୩୬ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି । ବର୍ତ୍ତମାନ ଜିଲ୍ଲାରେ ଅନେକ ଚାଷୀ ଧାନ ଅମଳ କରି ଖଳାରେ ଓ ମଣ୍ଡିରେ ରଖିଛନ୍ତି । ତେବେ ଜିଲ୍ଲାରେ ସଠିକ ଭାବେ କେବେ ମଣ୍ଡି ଚାଲିବ ଚାଷୀଙ୍କ ଧାନ କେବେ ଉଠିବ ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି । ଅନ୍ୟପକ୍ଷରେ, ଧାନ କିଣା ମନ୍ଥର ତଥା ଅବ୍ୟସ୍ଥାକୁ ନେଇ ଶୁକ୍ରବାର ବିଜେଡିର ଫାକ୍ଟ ଫାଇଣ୍ଡିଙ୍ଗ ଟିମ୍ ଜୁନାଗଡ଼ ବ୍ଲକର ବିଭିନ୍ନ ମଣ୍ଡି ପରିଦର୍ଶନ କରି ଧାନ ସଂଗ୍ରହର ତଦାରଖ କରିଥିଲେ । ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଓ ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀଙ୍କ ନିର୍ଦ୍ଦେଶ କ୍ରମେ ଟିମ୍‌ରେ ବରିଷ୍ଠ ନେତା ସାମନ୍ତ ଖମାରୀ, ପ୍ରଶାନ୍ତ ନାଏକ, ଜୁନାଗଡ଼ ବିଧାୟକ ପ୍ରତିନିଧି ଦିନେଶ ବଗର୍ତ୍ତି, ଜୁନାଗଡ଼ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ବଦ୍ରି ପଟ୍ଟନାଏକ, ମୁଣ୍ଡରାଗୁଡ଼ା ସରପଞ୍ଚ ତାରା ରାୟଗୁରୁ, ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ଯୁବନେତା ମନିନ୍ଦ୍ର ମହାନ୍ତି, ମଧୁସୂଦନ ନାଗ, ପୀତବାସ ବେହେରା ଜୁନାଗଡ଼ ବ୍ଲକର ମାଟିଗାଁ, ବଣିଜରା, ରାଜପୁର, ମୁଣ୍ଡରାଗୁଡ଼ା ଆଦି ମଣ୍ଡି ପରିଦର୍ଶନ କରି ସ୍ଥାନୀୟ ଚାଷମାନଙ୍କ ସହ ମଣ୍ଡି ଅବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ ।

## ଥୁଆମୁଳ ରାମପୁର ସମିତିର ପଞ୍ଚମ ସାଧାରଣ ବୈଠକ

**ଥୁଆମୂଳରାମପୁର, ୧୯ ।୧୨ (ସମିସ):** ଶୁକ୍ରବାର କଳାହାଣ୍ଡି ଜିଲ୍ଲା ଥୁଆମୁଳରାମପୁର ସମିତି ସଭାଗୃହରେ ସମିତିର ପଞ୍ଚମ ସାଧାରଣ ବୈଠକ ଅନୁଷ୍ଠିତ ହେଇଯାଇଛି । ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କ ଆବାହନରେ ଆୟୋଜିତ ବୈଠକରେ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ ଅଧ୍ୟକ୍ଷତା କରିଥିଲେ । ବୈଠକରେ ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ବିଦ୍ୟୁତ୍, ମତ୍ସ୍ୟ ସମ୍ପଦ, ପ୍ରାଣୀ ପାଳନ ଏବଂ ପ୍ରାଣୀ ଚିକିତ୍ସା, ଗ୍ରାମ୍ୟ ଗୃହ ନିର୍ମାଣ, ମନରେଗା ଆଦି ବିଭାଗ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ସମିତିର ସଦସ୍ୟମାନେ ବିଶେଷ କରି ଥୁଆମୁଳରାମପୁର ଭଳି ବଣପାହାଡ ଘେରା ତଥା ଅଗମ୍ୟ ଅଞ୍ଚଳରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ନେଇ ସଦସ୍ୟମାନେ ପ୍ରଶ୍ନ ଉଠାଇଥିଲେ । ବ୍ଲକ ଶିକ୍ଷା ବିଭାଗ ଅତିରିକ୍ତ ଅଧିକାରୀଙ୍କ ଦାୟିତ୍ୱରେ ଚାଲିଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହାସହ ଅନେକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ, ପୋଷାକ ବଣ୍ଟନ ସହ ବିଦ୍ୟାଳୟ ପରିଦର୍ଶନରେ ବିଭାଗୀୟ ଅଧିକାରୀ ଅବହେଳା କରୁଥିବା ନେଇ ସମିତି ସଭ୍ୟମାନେ ଉପସ୍ଥିତ ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମନ୍ତ କୁମାର ପଣ୍ଡାଙ୍କୁ ପ୍ରଶ୍ନ କରିଥିଲେ । ଏଥିସହିତ ସମନ୍ୱିତ ଶିଶୁ ବିକାଶ ବିଭାଗ ତାର ପରିଚାଳନା କ୍ଷେତ୍ରରେ ଅବହେଳା ରହିଥିବା ଭଳି ଅଭିଯୋଗ ମଧ୍ୟ ବୈଠକରେ ଉପସ୍ଥାପନା କରାଯାଇଥିବା ଦେଖିବାକୁ ମିଳିଥିଲା ।ଅଙ୍ଗନବାଡି କେନ୍ଦ୍ର ଗୁଡିକ କିପରି ଚାଲୁଛି ତାହାର ସଠିକ୍ ତଦାରଖ କରାଯିବାର ଅବହେଳା ରହିଛି ବୋଲି ବୈଠକରେ ଉପସ୍ଥିତ ପ୍ରାୟତଃ ଜନପ୍ରତିନିଧି ମତ ପ୍ରକାଶ କରିଥିଲେ । ସେହିପରି ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସ୍ୱାସ୍ଥ୍ୟ ସେବାରେ ଅବହେଳା କରାଯାଉଛି । ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୨୪ ଘଣ୍ଟା ଖୋଲାଯାଉ ବୋଲି ଥୁଆମୂଳ ସରପଞ୍ଚ ତଥା ସରପଞ୍ଚ ସଂଘର ସଭାପତି ବଳଭଦ୍ର ଜାନୀ ମତ ପ୍ରକାଶ କରିଥିଲେ ।ଥୁଆମୂଳରାମପୁର ବ୍ଲକ ସଦର ମହକୁମାର ମୁଖ୍ୟ ରାସ୍ତା ଅନ୍ଧାରରେ ରହୁଥିବା ଯୋଗୁଁ ତୁରନ୍ତ ଆଲୋକିକରଣ ପାଇଁ ସ୍ଥାୟୀ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରାଯିବା ନେଇ ମଧ୍ୟ ମତ ପାଇଥିଲା ।ଚଳିତ ବର୍ଷର ପ୍ରବଳ ବର୍ଷା ବିପ୍ରାତ ଦେଖିବାକୁ ମିଳିଥିଲା ଏବଂ ଏହି ବର୍ଷାରେ ଲୋକଙ୍କ ଚାଷବାସ ସହିତ ଘର ଦ୍ୱାର ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏହାକୁ ଦୃଷ୍ଟି ରଖି ସେମାନଙ୍କ କ୍ଷତିପୂରଣ କିପରି ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ ଉପସ୍ଥିତ ଜନପ୍ରତିନିଧି । ବ୍ଲକରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ଉଚିତ ତଦାରଖ କରାଯାଉ ଏବଂ ଆଜି ପର୍ଯ୍ୟନ୍ତ ଯେଉଁ ସବୁ ଗାଁ ଗମନାଗମନ କ୍ଷେତ୍ରରେ ଅବହେଳିତ ହୋଇ ରହିଯାଇଛି ସେଇ ଅଞ୍ଚଳ ଗୁଡିକୁ ଉନ୍ନତ ରାସ୍ତା କରାଯାଉ ବୋଲି ମତ ଉଠିଥିଲା । ଏହାସହ ବିଭିନ୍ନ ବିଭାଗର ଯୋଜନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।ସମସ୍ତ ବିଭାଗର ଅଧିକାରୀଙ୍କ ସମେତ ସମିତିର ସଭ୍ୟ, ସଭ୍ୟାମନେ ଯୋଗ ଦେଇଥିଲେ ।



## ଧରମବନ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ନୂଆପଡ଼ା, ୧୯ ।୧୨(ସମିସ):** ସ୍ଥାନୀୟ ଧରମବନ୍ଧା ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରକାଶ ମିଶ୍ରଙ୍କ ମାର୍ଗଦର୍ଶନ ଓ ଅଧ୍ୟକ୍ଷତାରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଧରମବନ୍ଧା ସରପଞ୍ଚ ଭୂନେଶ୍ୱରୀ ଦଣ୍ଡସେନା ମୁଖ୍ୟଅତିଥି ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଖଗେଶ୍ୱର ମାଝୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ଅତିଥିମାନେ ଖେଳାଳିଙ୍କୁ ଉତ୍ସାହିତ କରି କ୍ରୀଡାକୁ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ମତ ଦେଇଥିଲେ । କ୍ରୀଡା ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ମହତାବ ଆଡଜୁଆଡ ସୁଚାରୁରୂପେ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବିଭାଗ ରେ କନିଷ୍ଠ ଓ ବରିଷ୍ଠ ବର୍ଗ ର ଛାତ୍ରଛାତ୍ରୀ ଦୌଡ, ଉଚ୍ଚ ଡିଆଁ, ଲମ୍ବଡିଆଁ, ଡିସକସ ଥ୍ରୋ ଏବଂ ଜାଭ ଲିନ ଥ୍ରୋ ଭଳି ବିଭିନ୍ନ କ୍ରୀଡାରେ ଭାଗ ନେଇଥିଲେ ।

## ଡୁଟା ସରକାରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




**ମ.ରାମପୁର, ୧୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକ ସାଲେପାଲି ପଞ୍ଚାୟତ ଦୁଟା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁଙ୍କ ସଭାପତିତ୍ୱ ଓ କ୍ରୀଡା ଶିକ୍ଷକ ସୁନୀଲ ପଧାନ ମୁଖ୍ୟ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ । ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୂପିନ୍ଦ୍ର ମାଝୀଙ୍କ ଦ୍ୱାରା ମଶାଲ ପ୍ରଜ୍ୱଳନ କାର୍ଯ୍ୟକ୍ରମ ସ୍ଥାନୀୟ ରାମ ମନ୍ଦିରରୁ ଆରମ୍ଭ ହୋଇ ଗ୍ରାମ ପରିକ୍ରମା କରାଯାଇଥିଲା । ତତ ପରେ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ କରାଯାଇଥିଲା ଓ କ୍ରୀଡା ଉତ୍ସବ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ଟଙ୍କଧର ରଣା, ଅଶୋକ କୁମାର ପାଣିଗ୍ରାହୀ, ରାମଚନ୍ଦ୍ର ସେଠି, ଚକ୍ରଧର ମାଝୀ, ତିଳ ଭୋଇ, ଶଙ୍କର ସାହୁ, କିଷାନ ସୁନା ସହ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଗଣ ଓ ଡୋଲମଣୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଶେଷରେ ପ୍ରଧାନଶିକ୍ଷକ କ୍ରୀଡା ଧ୍ୱଜାକୁ ଅବତରଣ କରି ଶିକ୍ଷକ ତଥା ଛାତ୍ର ଛାତ୍ରୀଙ୍କୁ ଶୃଙ୍ଖଳିତ କାର୍ଯ୍ୟକ୍ରମ ଶେଷ ହୋଇଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

**ସିନାପାଲି, ୧୯ ।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସ୍ଥିତ ସିନାପାଲି ହାଇସ୍କୁଲ ପରିସରରେ ବ୍ଲକ ସ୍ତରୀ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ସିନାପାଲି ଗୋଷ୍ଠି ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଇଓ ପ୍ରସାନ୍ତ କୁମାର ମହାନ୍ତି, ବିଡିଓ କାର୍ମି ଓରାମ, ଏବିଇଓ ପ୍ରଦିପ କୁମାର ପଣ୍ଡା, ଜିଲ୍ଲାପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ଯାଜ୍ଞସେନୀ କଟା, ଆଶା ଜୈନ, ରବୀନ୍ଦ୍ରନାଥ ଯୋଶୀ, ଲଳିତ କୁମାର ସୁନାରୀ, ଜଗଦୀଶ ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ ।ବଂଶିଧର ଜଗତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଯଜ୍ଞେଞ୍ଚସ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଉଦ୍‌ଯାପନୀ ଉତ୍ସବରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ଓଡିଆ ଅଧ୍ୟାପକ କନକବର୍ଦ୍ଧନ ସାହୁ, ବ୍ଲକ ଉପାଧ୍ୟକ୍ଷା ମିନା ଘିଭେଲା, ଲଳିତ କୁମାର ସୁନାରୀ, ପ୍ରଦିପ କୁମାର ପଣ୍ଡା ମଞ୍ଚାସୀନ ଥିଲେ । ବିଇଓ ଜତିନ୍ଦ୍ର କୁମାର ସେଠ ସଭାପତିତ୍ୱ କରିଥିବା ବେଳେ ତପେଶ୍ୱର ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶେଷରେ ଦୁର୍ଯ୍ୟୋଧନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସିଆରସିସି ବାଲାଜି ହରିଜନ ଓ ଅନ୍ୟାନ୍ୟ ମୁଖ୍ୟଦାୟିତ୍ୱ ନିର୍ବାହ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରିଥିବା ବେଳେ କୃତୀ ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ବିଭିନ୍ନ କ୍ଲଷ୍ଟରର ସିଆରସିସି, ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ ।



# ପାଚିକା ସହାୟିକା ସଂଘର ଗର୍ଜନ

**କେସିଙ୍ଗା, ୧୯ ।୧୨(ସମିସ)**



ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ପାଚିକା ସହାୟୀକା ସଂଘ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ରାଲିରେ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ୯ଦଫା ସମ୍ବଳିତ ଦାବିପତ୍ର ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ଦାବିପତ୍ରରେ ମାସିକ ଦରମା ୩ ହଜାର ପରିବର୍ତ୍ତେ ୧୦ ହଜାର, ଏମଡିଏମର ଘରୋଇକରଣକୁ ବିରୋଧ, ସ୍କୁଲରେ ଖାଦ୍ୟ ରାନ୍ଧୁଥିବା ସମୟରେ କୌଣସି ଦୁର୍ଘଟଣା ଘଟିଲେ ମାଗଣା ଚିକିତ୍ସା ସମେତ ବିମା ଅନ୍ତର୍ଭୁକ୍ତ, ଆଶା ଦିଦି ଓ ଅଙ୍ଗନବାଡ଼ି ଦିଦିଙ୍କ ଭଳି ମାଗଣା ବୀମା ଯୋଜନାରେ ସାମିଲ, ରୋଷେଇ ରେ ସାମିଲ ଥିବା ସମସ୍ତ କର୍ମଚାରୀ ଙ୍କୁ ଇ ପି ଏଫ/ ଏ ଏସ ଆଇ ରେ ସାମିଲ କରି ପେନଶନ ବ୍ୟବସ୍ଥା ସୁନିଶ୍ଚିତ କରାଯାଉ, ସ୍କୁଲରେ ରୋଷେୟା ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ୧୦ ମାସ ପରିବର୍ତ୍ତେ ୧୨ ମାସର ଦରମା, ପ୍ରତ୍ୟେକ ରୋଷେୟାଙ୍କୁ ବର୍ଷକୁ ଦୁଇ ଯୋଡ଼ା ୟୁନିଫର୍ମ ପ୍ରଦାନ, ସ୍କୁଲର ପିଲାଙ୍କ ସଂଖ୍ୟା ଆଧାରରେ ନିଯୁକ୍ତି ଓ ପିଲା ହ୍ରାସ ହେଲେ ରୋଷେୟାକୁ ବହିଷ୍କାର ନୀତି ବନ୍ଦ ଓ ମଧ୍ୟାହ୍ନ ଭୋଜନ ଯୋଜନାରେ ସାମିଲ ଥିବା କର୍ମଚାରୀଙ୍କୁ ଆକସ୍ମିକ ଓ ପ୍ରସ୍ତୁତି ଛୁଟି ପ୍ରଦାନ ପାଇଁ ନିୟମ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି ।କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁ ଦାବିପତ୍ର ଗ୍ରହଣ କରି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ । କେସିଙ୍ଗା ପାଚିକା ସହାୟିକା ସଂଘ ସଭାପତି ରଶ୍ମିତା ହେର୍ଣ୍ଣା, ସମ୍ପାଦକ ମମତା ଗହିରଙ୍କ ସମେତ ଭାରତୀୟ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଡିଓଙ୍କୁ ଦାବିପତ୍ର

ମଜଦୁର ସଂଘ ଓଡ଼ିଶା ପ୍ରଭାରୀ ଡ.ବିରଞ୍ଚି ନାରାୟଣ ପଣ୍ଡା, କଳାହାଣ୍ଡି ନୂଆପଡ଼ା ପ୍ରଭାରୀ ବିଶ୍ୱରଞ୍ଜନ ସାହା, ପୂର୍ବତନ ଜିଲ୍ଲା ସମ୍ପାଦକ ରାଧାକାନ୍ତ ବେହେରା, ଜିଲ୍ଲା ସମ୍ପାଦକ ଲୋଚନ ସାହୁ, ଜିଲ୍ଲା ପାଚିକା ସଂଘର ବିମଳା ଗଉଡ, ପାଚିକା ସଂଘ କଳାହାଣ୍ଡି ଜିଲ୍ଲା ସଭାପତି ସନ୍ୟାସୀ ପ୍ରଧାନ ଓ ଗଦାଧର ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ ।

## ପିଏମଶ୍ରୀ ବାପୁଜୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କର୍ଲାମୁଣ୍ଡା, ୧୯ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡାବ୍ଲକ ରିଷିଡାସ୍ଥିତ ପିଏମଶ୍ରୀ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଦୁଇଦିନ ଧରି ଚାଲିଥିବା ଉତ୍ସବରେ ପ୍ରଥମ ଦିନ କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ ମୁଖ୍ୟଅତିଥି ଜିଲ୍ଲାପରିଷଦ ସଭ୍ୟ ମହେନ୍ଦ୍ର ରଣା, ସ୍ଥାନୀୟ ସରପଞ୍ଚ ସେବତୀ ରଣା, ସମିତିସଭ୍ୟ ନିମାଇଁ ଚରଣ ବେହେରା, ଏସଏମସି ସଭାପତି ସଚ୍ଚିଦାନନ୍ଦ ନାଏକ ସମ୍ମାନିତ ଅତିଥି ଭାବର ଯୋଗଦେଇଥିବାବେଳେ ପ୍ରଧାନଶିକ୍ଷୟତ୍ରୀ ଦିପ୍ତିମୟୀ ଦୋରା ଅଧ୍ୟକ୍ଷତା କରିଥିଲେ । ପରେ ସିନିୟର, ଜୁନିୟର, ସବଜୁନିୟର, ବାଳବାଟିକା ବିଭାଗରେ ଦୌଡ଼, ଲମ୍ବାଡିଆଁ, ଉଚ୍ଚଡିଆଁ ଥ୍ରୋ, ମ୍ୟୁଜିକଚେୟାର, ଆଦି ପ୍ରତିଯୋଗିତା ହୋଇଥିଲା ।ବାଳକ ସିନିୟର ବିଭାଗ ରେ ହରିଶ୍ଚନ୍ଦ୍ର ପୁଟା ବାଳିକା ବିବାଗରେ ଦିପ୍ତିମୟୀ ରଣା ଚମ୍ପିୟାନ ହୋଇଥିବାବେଳେ ଜୁନିୟର ବିବାଗ ବାଳକ ବିଭାଗରେ ବାପୁନ ପଧାନୀ ଓ ବାଳିକା ବିଭାଗରେ ଡୋଳେଶ୍ୱରୀ ରଣା ଚାମ୍ପିଅନ ହୋଇଥିଲେ । ପ୍ରତିଯୋଗିତା ଗୁଡିକୁ କ୍ରୀଡା ଶିକ୍ଷକ ମ୍ୟାନେଜର ହରିଜନ, ଉମାଶଙ୍କର ମାଝୀ, ପ୍ରଶାନ୍ତ ସାହୁ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡା ମୁଖ୍ୟଅତିଥି, ଗୋଷ୍ଠୀ ପ୍ରାଣିଚିକିତ୍ସାଧିକାରୀ କେଦାରନାଥ ଖମାରି ମୁଖ୍ୟବକ୍ତା, ଏସଏମସି ସଭାପତି ସଚ୍ଚିଦାନନ୍ଦ ନାଏକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ଦିପ୍ତିମୟୀ ଦୋରା ଅଧ୍ୟକ୍ଷତା କରିଥିଲେ । ସହକାରୀ ଶିକ୍ଷକ ସାଗର ରଣା, ମୁଖିରାମ କାମ୍ପ, ମନୋଜ ସୁନା, ରାଜେଶ ପାତ୍ର, ମନୋରଞ୍ଜନ ନାୟକ, ପ୍ରଶାନ୍ତ ବଗର୍ତ୍ତୀ, ସୁଶାନ୍ତ ସେଠ, ନୂତନ ନନ୍ଦ, ନନ୍ଦିନୀ ଜାନି, ଅଭିମନ୍ୟୁ ରଣା, ଚନ୍ଦ୍ରକାନ୍ତି ସୁନା, ହେମନ୍ତ ସାହୁ ଅହଲ୍ୟା ରଣା, ଚୂଳେଶ୍ୱର ସାହୁ, ରୋହିତ କୁମାର ସାହୁ, ପିତାମ୍ବର ମାଝୀ ପ୍ରମୁଖ ସହଯୋଗ କରିଥିଲେ ।



# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କଟକ/ସାଲେପୁର,୧୯ ।୧୨(ସମିସ): ଜଣେ ୭ବର୍ଷର ନାବାଳିକା ସହ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ସାଲେପୁର ଥାନା ଗୁହାଳିପୁର ଗ୍ରାମର ସେକ ମୋତିନ(୨୧)କୁ ପୋକ୍ସୋ ଆଇନର ଧାରା-୬ ଅନୁସାରେ କଟକ ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏଥିସହ ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବାକୁ ପଡ଼ିବ ବୋଲି ଅଦାଲତ ପ୍ରକାଶିତ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ ଗତ ୨୦୨୪ ଅଗଷ୍ଟ ୪ତାରିଖ ଉକ୍ତ ନାବାଳିକା ଅପରାହ୍ଣ ସମୟରେ ନିଜ ଘରଠାରୁ ଅଳ୍ପ ଦୂରକୁ କ୍ଷୀର ଆଣିବାକୁ ଯାଇଥିବାବେଳେ ଝିପି ଝିପି ବର୍ଷାରେ ଏକୁଟିଆ ଥିବାର ସୁଯୋଗ ନେଇ ମାମୁ ଘରେ ରହୁଥିବା ଗୁଆଳିପୁର ଗ୍ରାମର ସେକ୍ ମୋତିନ୍ ତାକୁ ନିକଟସ୍ଥ ସ୍କୁଲ ପଛକୁ ଡାକିନେଇ ଦୁଷ୍କର୍ମ କରିଥିଲା । ଏହାନେଇ ସାଲେପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ତତ୍କାଳୀନ ଥାନା ଅଧିକାରୀ ମନୋଜ ସ୍ୱାଇଁଙ୍କ ନେତୃତ୍ୱରେ ମହିଳା ସବ୍‌ଇନସ୍ପେକ୍ଟର ଶ୍ରଦ୍ଧାଞ୍ଜଳି ସେନାପତି ଏହି ଘଟଣାର ତଦନ୍ତ କରିବା ସହ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ୧୨ଜଣ ସାକ୍ଷୀ ଓ ୩୭ଟି ପ୍ରାମାଣିକ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ସେକ୍ ମୋତିନ୍‌କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ଏହି ମାମଲାକୁ ପରିଚାଳନା କରୁଥିଲେ ।

# ନାହାଳପୁର: ପାଣି ପାଇଁ ହନ୍ତସନ୍ତ ୩୦୦ ପରିବାର

କଣ୍ଟାପଡ଼ା,୧୯ ।୧୨(ସମିସ): କଣ୍ଟାପଡା ବ୍ଲକ ନାହାଳପୁର ପଞ୍ଚାୟତରେ ପାଣି ମୋଟର ପୋଡ଼ିଯିବାରୁ ୩ ଦିନ ହେଲା ପିଇବା ପାଣି ପାଇଁ ୩୦୦ରୁ ଊର୍ଦ୍ଧ୍ୱ ପରିବାରର ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ହନ୍ତସନ୍ତ ହେଉଛନ୍ତି । ଏ ବିଷୟରେ କଣ୍ଟାପଡା ବ୍ଲକ୍ ବିଭାଗୀୟ ଯନ୍ତ୍ରୀଙ୍କୁ ଆଜି ଶୁକ୍ରବାର ଅପରାହ୍ନରେ ପଚାରିବାରୁ ଆସନ୍ତା କାଲି ମୋଟର ଲାଗିବ । ଦୁଇ ତିନି ଦିନ ନଳକୂପ ମାରି ପିଇବା ପାଣି କ'ଣ ଆଣି ପାରିବେ ନାହିଁ ବୋଲି ଅଜବ ଯୁକ୍ତି କରିଥିଲେ ।

# ଯୌତୁକ ପାଇଁ ବଧୂ ହତ୍ୟା; ଅଭିଯୁକ୍ତ ସ୍ୱାମୀ ଗିରଫ

ନେମାଳ,୧୯ ।୧୨(ସମିସ): ନେମାଳ ଥାନା ପଡ଼ା ମାଣିକପୁର ଗ୍ରାମରେ ଜଣେ ନବବିବାହିତା ମହିଳାଙ୍କ ମୃତ୍ୟୁ ଘଟଣାକୁ ନେଇ କନ୍ୟା ପରିବାର ପକ୍ଷରୁ ନେମାଳ ଥାନାରେ ଏକ ହତ୍ୟା ଅଭିଯୋଗ କରାଯାଇଛି । ଝିଅର ମା' ହେମଲତା ନେମାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ଲାଗି କଟକ ପଠାଇଛି । ପୁଲିସ ସାଇଣ୍ଟିଫିକ ଟିମ ସହିତ ତଦନ୍ତ ଚଳାଇବା ସହ ଥାନା କେସ୍ ୨୬୦/୨୦୨୫ରେ ଏକ ମାମଲା କରି ଶ୍ରୀନିବାସକୁ ଗିରଫ କରି କୋର୍ଟଚାଲାଣ କରିଛି । ନେମାଳ ପଞ୍ଚାୟତ ମାଳିଗାଁ ଗ୍ରାମର ପ୍ରେମାନନ୍ଦ ସାହୁ ଓ ହେମଲତା ସାହୁଙ୍କ ଝିଅ ସ୍ଥିତିପ୍ରଜ୍ଞା ସାହୁଙ୍କୁ ପଡା ମାଣିକପୁର ଗ୍ରାମର ଗଣେଶ୍ୱର ନାଥଙ୍କ ପୁଅ ଶ୍ରୀନିବାସ ନାଥ ଗତ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରେମବିବାହ କରିଥିଲେ । ହେଲେ ବିବାହ ପରେ ବାପଘରୁ ଅଧିକ ଟଙ୍କା ଓ ଜମି ଆଣିବା ଲାଗି ଝିଅକୁ ଶଶୁର, ଶାଶୂ ଓ ଜ୍ୱାଇଁ ମିଶି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଝିଅ ପରିବାର ପକ୍ଷରୁ ପୁଲିସରେ ଅଭିଯୋଗ ହୋଇଛି । ଗତ ୧୮ ତାରିଖ ରାତି ୯ଟାରେ ଶଶୁର ଘର ଲୋକଙ୍କଠାରୁ 'ଝିଅ ରଶି ଲଗାଇ ଦେଇଛି ଆମେ ତାକୁ ନିଶ୍ଚିନ୍ତକୋଇଲି ମେଡିକାଲକୁ ନେଇଆସିଛୁ ତୁମେ ତୁରନ୍ତ ଆସି ପହଞ୍ଚ' ବୋଲି ଶୁଣିବା ପରେ ହେମଲତା ଏବଂ ପରିବାର ଲୋକ ନିଶ୍ଚିତକୋଇଲି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଝିଅର ମୃତ୍ୟୁ ହୋଇଯାଇଥିବା ଜାଣିଥିଲେ ।

# ବିକ୍ରମ ଦାଶ ବିଏସ୍ଏନ୍ଏଲ୍ ପରାମର୍ଶଦାତା କମିଟି ସଦସ୍ୟ



ତିଗିରିଆ,୧୯ ।୧୨(ସମିସ): ତିଗିରିଆ ଅଞ୍ଚଳର ବରିଷ୍ଠ ଆଇନଜୀବୀ ତଥା ବିଜେପି ଦଳର ପୂର୍ବତନ ବିଧାୟକ ପ୍ରାର୍ଥୀ ବିକ୍ରମ କେଶରୀ ଦାଶଙ୍କୁ ଭାରତ ସଞ୍ଚାର ନିଗମର କଟକ ବ୍ୟବସାୟିକ କ୍ଷେତ୍ରର ପରାମର୍ଶଦାତା କମିଟିର ସଦସ୍ୟ ରୂପେ ମନୋନୀତ କରାଯାଇଥିବାର ସୂଚନା ମିଳିଛି । ବିଏସଏନଏଲ କଟକ ମୁଖ୍ୟାଳୟ ଚିଠି ନମ୍ବର ପି-୩୬/ଟିଏସି/ ୭୭ ଦ୍ୱାରା ଶ୍ରୀ ଦାଶଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିବାର ଜଣାପଡିଛି । ଶ୍ରୀ ଦାଶଙ୍କୁ ଭାରତ ସଂଚାର ନିଗମର କଟକ ବ୍ୟବସାୟିକ କ୍ଷେତ୍ରର ପରାମର୍ଶଦାତା କମିଟିର ସଦସ୍ୟ ରୁପେ ମନୋନୀତ କରାଯିବା ପରେ ତିଗିରିଆ ଅଞ୍ଚଳର ବୁଦ୍ଧିଜୀବିଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି ।


# ପୂର୍ବତନ ବିଧାୟକ ପ୍ରଭାତଙ୍କ ବାସଭବନରେ ସତ୍ୟାନନ୍ଦ ମହାରାଜ



କଟକ,୧୯ ।୧୨(ସମିସ): ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ମା' ଏବଂ ବିଧାୟକ ସୌଭିକ ବିଶ୍ୱାଳଙ୍କ ଜେଜେ ମା' ସ୍ୱର୍ଗତ କ୍ଷୀରପ୍ରଭା ବିଶ୍ୱାଳଙ୍କ ବିୟୋଗ ଖବର ପାଇ ସଦଗୁରୁ ବାବା ଶ୍ରୀ ବୈକୁଣ୍ଠ ନାଥଙ୍କ ଶିଷ୍ୟ ବାବା ସତ୍ୟାନନ୍ଦ ଦାସ ମହାରାଜ ବିଧାୟକଙ୍କ ମହାନଦୀବିହାରସ୍ଥିତ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ଭେଟିଥିଲେ । ଏହି ଅବସରରେ ପୂର୍ବତନ ବିଧାୟକ ଡ. ବିଶ୍ୱାଳ ଏବଂ ସହଧର୍ମିଣୀ ଲକ୍ଷ୍ମୀ ବିଳାସିନୀ ବିଶ୍ୱାଳ ମହାରାଜଙ୍କ ପଦ ପ୍ରାଖ୍ୟାଳନ କରି ଗୃହକୁ ପାଛୋଟି ନେଇଥିଲେ । ମହାରାଜ ଶୋକସନ୍ତପ୍ତ ବିଶ୍ୱାଳ ଦମ୍ପତିଙ୍କ ସହ କିଛି ସମୟ ଆଲୋଚନା କରିଥିଲେ । ଜଗନ୍ନାଥପ୍ରେମୀ ପୂର୍ଣ୍ଣଚନ୍ଦ୍ର ସାହୁ, ବୈକୁଣ୍ଠବିହାରୀ ମୁଦୁଲି ଏବଂ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

# ବିଦ୍ୟାଳୟ ଜମିରେ ମହାବିଦ୍ୟାଳୟର ଗୃହ ନିର୍ମାଣ ଅଭିଯୋଗ

ଭଦ୍ରେଶ୍ୱର,୧୯ ।୧୨(ସମିସ)



**ବିବାଦରେ ଅଧ୍ୟକ୍ଷଙ୍କ ଭୂମିକା**

ବିଦ୍ୟାଳୟର ଜମିରେ ମହାବିଦ୍ୟାଳୟ ତରଫରୁ ଜୋରଜବରଦସ୍ତ ଗୃହ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି । ଏହାର ତଦନ୍ତ ଦାବି ହୋଇଛି । ମାହାଙ୍ଗା ବ୍ଲକ୍ ଏରକଣା ପୁଷ୍ପଗିରି ମହାବିଦ୍ୟାଳୟ ପରିସରକୁ ଲାଗି ସ୍ଥାନୀୟ ରାମଚଣ୍ଡି ପ୍ରାଥମିକ ବିଦ୍ୟାଳୟ ରହିଛି । ଏହି ବିଦ୍ୟାଳୟର ଏକ ଜମିକୁ ଦୀର୍ଘ ବର୍ଷ ହେଲା ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ଅକ୍ତିଆରରେ ରଖିଥିବାର ଅଭିଯୋଗ ହୋଇଛି । ଏହି ଜମିଟି ଗୋକନ ମୌଜାର ଖାତା ନଂ ୮୬୪ ପ୍ଲଟ ନଂ ୧୫୮୭ ରହିଥିବାର ଅଭିଯୋଗ ହୋଇଛି । ଏହି ବିବାଦୀୟ ଜମିରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ୩୦ ଲକ୍ଷ ଟଙ୍କା ବ୍ୟୟବରାଦରେ ଏକ ସ୍ଥାୟୀ ଗୃହ ନିର୍ମାଣ କରୁଥିବାର ଅଭିଯୋଗ ହୋଇଛି । ମହାବିଦ୍ୟାଳୟ ପକ୍ଷରୁ ଏପରି ଗୃହ ନିର୍ମାଣକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରୁଥିଲେ ମଧ୍ୟ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁ ନ ଥିବାର ସାଧାରଣରେ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସ୍ଥାନୀୟ ଲୋକେ ମାହାଙ୍ଗା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ବେଆଇନ ନିର୍ମାଣ କାର୍ଯ୍ୟ ଦ୍ୱାରା ବିଦ୍ୟାଳୟର ଭବିଷ୍ୟତ ସମ୍ପ୍ରସାରଣ ଉପରେ ବାଧା ଉପୁଜିବ ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି । ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିବେଶ ଓ ବିଦ୍ୟାଳୟର ପ୍ରଭୂତ କ୍ଷତି ହେବ ବୋଲି ଅଭିଭାବକମାନେ ମତ ବ୍ୟକ୍ତ କରିଛନ୍ତି । ତେବେ ଏହି ଘଟଣାକୁ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ବିବାଦ ଘେରରେ ଫସିଥିବା କୁହାଯାଉଛି ।

## ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର

# ଦରମା ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ

କଟକ,୧୯ ।୧୨(ସମିସ): ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଆଟେଣ୍ଡାଣ୍ଟଙ୍କ ଧାରଣାକୁ ନେଇ ଶୁକ୍ରବାର ସ୍ଥିତି ସଙ୍ଗୀନ ହୋଇପଡ଼ିଥିଲା । ଆଟେଣ୍ଡାଣ୍ଟଙ୍କ ସହିତ ହାଉସକିପିଂ କର୍ମଚାରୀ ଧାରଣାରେ ସାମିଲ ହେବା ଫଳରେ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ଫଳରେ ଠିକା ସଂସ୍ଥା କ୍ୱେସ କର୍ପ ଲିମିଟେଡ୍ ବାଧ୍ୟ ହୋଇ ଶୁକ୍ରବାର ସନ୍ଧ୍ୟାରେ ସମସ୍ତ ଠିକା କର୍ମଚାରୀଙ୍କ ବକେୟା ଦରମା ଟଙ୍କା ଜମା କରିଥିଲା । ଯାହାଫଳରେ କର୍ମଚାରୀମାନେ ଆନ୍ଦୋଳନରୁ ଓହରିବା ସହିତ କାର୍ଯ୍ୟରେ ଯୋଗ ଦେଇଛନ୍ତି । ପ୍ରକାଶଥାଉକି, କର୍କଟ କେନ୍ଦ୍ରରେ କ୍ୱେସ୍ କର୍ପ ଲିମିଟେଡ୍ ନାମକ ଠିକା ସଂସ୍ଥା ଅଧୀନରେ ମୋଟ ୧୬୪ ଜଣ ଆଟେଣ୍ଡାଣ୍ଟ ନିୟୋଜିତ ହୋଇଛନ୍ତି । ମାସକୁ ଏମାନେ ୧୧ ହଜାର ୬୧୫ ଟଙ୍କା ଦରମା ପାଉଛନ୍ତି । ତେବେ ନଭେମ୍ବର ୧୦ ତାରିଖରେ ଶେଷ ଥର ଦରମା ମିଳିଥିଲା । ଚଳିତ ମାସ ୧୭ ତାରିଖ ସୁଦ୍ଧା ଦରମା ଟଙ୍କା ନମିଳିବାରୁ ସମସ୍ତ ଆଟେଣ୍ଡାଣ୍ଟ କାର୍ଯ୍ୟବନ୍ଦ ଡକରା ଦେଇ ଧାରଣାରେ ବସିଥିଲେ । କ୍ୱେସ୍ ମ୍ୟାନେଜର ୧୮ ତାରିଖ ସୁଦ୍ଧା ଦରମା ଟଙ୍କା ମିଳିବା ନେଇ ଲିଖିତ ଆକାରରେ ଜଣାଇଥିଲେ । ୧୭ ତାରିଖରେ ଆଟେଣ୍ଡାଣ୍ଟମାନେ ଧାରଣାରୁ ଓହରିଯାଇଥିଲେ; କିନ୍ତୁ କ୍ୱେସ୍ ମ୍ୟାନେଜରଙ୍କ ପ୍ରତିଶ୍ରୁତି ମୁତାବକ ୧୮ ତାରିଖରେ ଟଙ୍କା ନଆସିବାରୁ ରାତି ୮ଟା ପରଠାରୁ ଧାରଣାରେ ବସିଥିଲେ । ଶୁକ୍ରବାର ସନ୍ଧ୍ୟା ୫ଟା ବେଳକୁ କ୍ୱେସ୍ କର୍ପ ଲିମିଟେଡ ପକ୍ଷରୁ ଆଟେଣ୍ଡାଣ୍ଟ, ହାଉସ କିପିଂ, ଟେକ୍ନିସିଆନଙ୍କ ବକେୟା ଟଙ୍କା ଦିଆଯାଇଛି । ୫ଟା ୧୫ରେ ସମସ୍ତ କର୍ମଚାରୀ ଧାରଣାରୁ ଓହରିଥିବା ସୂଚନା ମିଳିଛି ।

# 'ଜଭାଥନ୍' ଉଦ୍‌ଯାପିତ

କଟକ,୧୯ ।୧୨(ସମିସ): ସତ୍ୟବ୍ରତ ଷ୍ଟାଡିୟମରେ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ମହୋତ୍ସବ ''ଜଭାଥନ' ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ସମୂହର ନିର୍ଦ୍ଦେଶକ ଡ ପ୍ରଭୁଚରଣ ମହାନ୍ତି । ସେହିପରି ବିଦ୍ୟାଳୟର ଅଧ୍ୟକ୍ଷ ଡ ପ୍ରିୟଦର୍ଶୀ ନାୟକ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ୭୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି କ୍ରୀଡା ପ୍ରତିଯୋଗିତାରେ ଯୋଗଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ୩୦୦ ପ୍ରତିଯୋଗୀ କୃତିତ୍ୱ ଲାଭ କରିପାରିଛନ୍ତି । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଉଦଯାପନୀ ଉତ୍ସବରେ ଏକ ଉଦ୍ଦୀପନା ମୂଳକ ସଙ୍ଗୀତ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଚାରିଟି ଗୃହ ଗାନ୍ଧୀ, ଟେରେସା, କଲାମ,ସେକ୍ସପିୟର ଗୃହ ମଧ୍ୟରୁ ଗାନ୍ଧୀ ଗୃହ ଚାମ୍ପିଅନ ହୋଇଥିଲା ବେଳେ ସେକ୍ସପିୟର ଗୃହ ରନର୍ସଅପ୍ ହୋଇଥିଲେ । ଜାଭାଥନରେ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଗ୍ରୁପ ଡି ଷ୍ଟାଫଙ୍କୁ ନେଇ ପୃଥକ ଭାବେ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ବିଦ୍ୟାଳୟ ସମୂହର ବାର୍ଷିକ କ୍ରୀଡ଼ା ଉତ୍ସବ

ମାହାଙ୍ଗା,୧୯ ।୧୨(ସମିସ): ମାହାଙ୍ଗା ବ୍ଲକ ପନ୍ଦର ବାଟିଆ ବିଦ୍ୟାଳୟ ସମୂହର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ପରୀକ୍ଷିତ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବରେ ତୁଳସୀପୁର କ୍ଲଷ୍ଟରର ସିଆର୍‌ସିସି ବୈଲୋଚନ ପରିଡ଼ା ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଧର ପାଳ ମହୋଦୟ ଯୋଗଦାନ କରିଥିଲେ । ଦ୍ୱିତୀୟ ଦିବସରେ ମାହାଙ୍ଗା ମଣ୍ଡଳ ସହ ଶିକ୍ଷା ଅଧିକାରୀ ସୋମନାଥ ରାମ କ୍ରୀଡା ପତାକା ଅବତରଣ କରିଥିଲେ । ଏହି ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସ୍ୱାଇଁ, କୁଳମଣି ମହାରଣା ଯୋଗ ଦେଇଥିଲେ । ବିଦ୍ୟାଳୟର କ୍ରୀଡ଼ା ସଂପାଦକ ପ୍ରଦୀପ୍ତ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ଲେଜିମ୍ ଡ୍ୟାନ୍ସ, ଯୋଗ, ପିରାମିଡ୍, ବାମ୍ବୋ ଏକ୍ସରସାଇଜ କରାଯାଇଥିଲା । ବିଦ୍ୟାଳୟ ସମୂହର ଶିକ୍ଷକ ସୁଶାନ୍ତ ସାହୁ, ଭରତ ଦାସ, ସନ୍ତୋଷ ଷଡଙ୍ଗୀ, ବନବିହାରୀ ରାଉତ, କବିତା ଖୁଣ୍ଟିଆ, ଅଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ମାହୁନ୍ତ, ଶୁଭଶ୍ରୀ ନାୟକ, ଉପେନ୍ଦ୍ର ସାମଲ, ଚନ୍ଦ୍ରଶେଖର



ନାୟକ, ହିମାଂଶୁ ପାଳଙ୍କ ସହଯୋଗ କରିଥିଲେ । ପୁଅମାନଙ୍କ ମଧ୍ୟରେ ଦଶମ ଶ୍ରେଣୀର ରାହୁଲ ଦାସ, ଝିଅ ମାନଙ୍କ ମଧ୍ୟରେ ନବମ ଶ୍ରେଣୀର ଚିନ୍ମୟୀ ସାହୁ ଚାମ୍ପିଅନ ହୋଇଛନ୍ତି । ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷୀକେଶ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

# ସେଣ୍ଟ ଜାଭିୟର୍ସରେ କ୍ୟାରୋଲ୍ ପ୍ରତିଯୋଗିତା




କଟକ,୧୯ ।୧୨(ସମିସ): ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ବିଦ୍ୟାଳୟ ପ୍ରାଙ୍ଗଣରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଖ୍ରୀଷ୍ଟମାସ ଉତ୍ସବ ପାଳନ ଉପଲକ୍ଷେ କ୍ୟାରୋଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଚାରୋଟି ହାଉସ୍ ଆଇନ୍ ଷ୍ଟାଇନ, ନିଉଟନ, ଗାଲିଲିଓ ଓ କଲାମର ଛାତ୍ରଛାତ୍ରୀମାନେ ବିଚାରକମଣ୍ଡଳୀଙ୍କ ସମ୍ମୁଖରେ କ୍ୟାରୋଲ ପରିବେଷଣ କରିଥିଲେ । ବିଚାକର ମଣ୍ଡଳୀଙ୍କ ମୂଲ୍ୟାଙ୍କନ ଅନୁଯାୟୀ ଗାଲିଲିଓ ହାଉସ୍ (ପ୍ରଥମ) ସ୍ଥାନ ଅଧିକାର କରିଥିବା ସ୍ଥଳେ ଆଇନ୍‌ଷ୍ଟାଇନ୍ ହାଉସ ରନର୍ସଅପ୍ ହୋଇଥିଲେ ।

# ଏସ୍‌ସିବିରେ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ



କଟକ,୧୯ ।୧୨(ସମିସ): କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ବଡ଼ ମେଡିକାଲରେ ରୋଗୀଙ୍କୁ ସୁବିଧାରେ ଜରୁରୀ ଚିକିତ୍ସା ପ୍ରଦାନ ନିମନ୍ତେ ସ୍ୱାସ୍ଥ୍ୟ ବିକାଶ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ରୋଗୀଙ୍କ ଚିକିତ୍ସା ସୁବ୍ୟବସ୍ଥିତ କରିବା ନିମନ୍ତେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁରୁତ୍ୱାରୋପ କରିଛନ୍ତି । ରୋଗୀଙ୍କୁ ସୁବିଧାରେ ଜରୁରୀ ଓ ଅତ୍ୟାଧୁନିକ ଚିକିତ୍ସା ସେବା ଦୃଷ୍ଟିରୁ ବଡ଼ ମେଡିକାଲ ପରିସରରେ ସ୍ୱଚ୍ଛତା ଅବଲମ୍ବନ, ଆବଶ୍ୟକ ଚିକିତ୍ସା ସରଞ୍ଜାମ କ୍ରୟ ଏବଂ ତାହାର ରକ୍ଷଣାବେକ୍ଷଣ, ଅଗ୍ନି ପ୍ରତିରୋଧକ ବ୍ୟବସ୍ଥା ଆଦି ଉପରେ ବୈଠକରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା । ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିକାଶ ସମିତି ପକ୍ଷରୁ ଏକ ଉପକମିଟି ଗଠନ କରାଯାଇ ବଡ଼ ମେଡିକାଲରେ ଆବଶ୍ୟକ ମରାମତି ଓ ନିର୍ମାଣ କାର୍ଯ୍ୟର ତଦାରଖ ଆଦି ସମ୍ପୂର୍ଣ୍ଣ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି । କଟକ ମହାନଗର ନିଗମର ଆୟୁକ୍ତ କିରଣଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଡ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ଏସ୍‌ସିବି ମେଡିକାଲର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

# ସୋସାଇଟି ସଂପାଦକଙ୍କୁ ବିଧାୟକଙ୍କ ତାଗିଦ୍




ବଡମ୍ବା,୧୯ ।୧୨(ସମିସ): ବଡମ୍ବା ଓ ନରସିଂହପୁର ବ୍ଲକର ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିର ସଂପାଦକଙ୍କୁ ନେଇ ବଡମ୍ବା ପଞ୍ଚାୟତସମିତି କାର୍ଯ୍ୟାଳୟରେ ଧାନ ମଣ୍ଡିର ଶୁଭାରମ୍ଭ ପୂର୍ବରୁ ଏକ ପ୍ରସ୍ତୁତି ବୈଠକ ପଞ୍ଚାୟତସମିତି ଅଧ୍ୟକ୍ଷ ରଘୁପତି ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବଡମ୍ବା ବିଧାୟକ ବିଜୟ କୁମାର ଦଳ ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ବଡମ୍ବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ଦାସ, ଉଭୟ ବ୍ଲକର ପ୍ରଶାସନିକ ଅଧିକାରୀ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ । ଏଣିକି ଅଯୋଗ୍ୟ ହିତାଧିକାରୀଙ୍କ ନାଁରେ ଉଠିପାରିବନି ଧାନ, ଚାଷୀ ହଇରାଣ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାୟକ ଶ୍ରୀ ଦଳବେହେରା ସମ୍ପାଦକମାନଙ୍କୁ ତାଗିଦ କରିଥିଲେ । ସେହିପରି ସୋସାଇଟି ସଂପାଦକ ରାଜନୀତି କରିବା କିମ୍ବା ଚାଷୀଙ୍କୁ ଧମକ ଦେବା ବନ୍ଦ କରିବାକୁ ସିଧା ବିଧାୟକଙ୍କ ନିର୍ଦ୍ଦେଶ ରହିଛି । ଚାଷୀଙ୍କ ନାମରେ ଟୋକନ ଆସିବା ପରେ ଚାଷୀଙ୍କୁ ଅବଗତ କରିବା ସହ ସାର୍ବଜନୀନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ମିଲରମାନେ ସଠିକ ଢଙ୍ଗରେ ଧାନ ନେବେ ଯେପରି ଚାଷୀ ହଇରାଣ ନ ହେବେ ସେଥିପ୍ରତି ତାଗିଦ କରିଛନ୍ତି ।

# ଏସ୍‌ଡିପିଓ କାର୍ଯ୍ୟାଳୟ ପରିସରରୁ ଜବରଦଖଲ ଉଚ୍ଛେଦ

ସାଲେପୁର,୧୯ ।୧୨(ସମିସ)



ସାଲେପୁର ତହସିଲ ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସାଲେପୁର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ସାଲେପୁର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଆଗରେ ଥିବା ସରକାରୀ ଜାଗାରେ ବର୍ଷ ବର୍ଷ ଧରି ବହୁ ଭୂମିହୀନ ଗରିବ ପରିବାର ଘର କରି ରହି ନିଜର ପରିବାର ବହୁ କଷ୍ଟରେ ପ୍ରତିପୋଷଣ କରିଆସୁଥିଲେ । ଏହି ସ୍ଥାନରୁ ଜବରଦଖଲ ଉଚ୍ଛେଦ ପାଇଁ ତହସିଲ ପ୍ରଶାସନ ପକ୍ଷରୁ ତାଙ୍କୁ ଏକାଧିକ ବାର ନୋଟିସ୍ କରାଯାଇଥିବାବେଳେ ଆଜି ପୁଲିସ ଉପସ୍ଥିତିରେ ଜେସିବି ମାଧ୍ୟମରେ ଜବରଦଖଲରେ ଥିବା ଘର ଓ ବ୍ୟବସାୟ ପ୍ରତିଷ୍ଠାନକୁ ଭାଙ୍ଗି ଉଚ୍ଛେଦ କରାଯାଇଥିଲା । ଉଚ୍ଛେଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବାବେଳେ କେତେକ ଜବରଦଖଲକାରୀ ଉଚ୍ଛେଦ ସମୟରେ ଆମ ଘର ଭାଙ୍ଗିଦେଲେ ଆମେ କେଉଁଠି ରହିବୁ, ଆମକୁ ରହିବା ପାଇଁ ସ୍ଥାନ ଦିଆଯାଉ ବୋଲି ପ୍ରଶାସନ ନିକଟରେ ଆକୁଳ ନିବେଦନ କରୁଥିବାର ଚିତ୍ର ଦେଖିବାକୁ ମିଳିଥିଲା । ଅପରପକ୍ଷରେ, ତହସିଲ ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଯେଉଁ ସବୁ ଜବରଦଖଲ ସ୍ଥାନକୁ ଉଚ୍ଛେଦ ପାଇଁ ନୋଟିସ୍ କରାଗଲା ସେଥିମଧ୍ୟରୁ ବହୁ ସ୍ଥାନକୁ ଉଚ୍ଛେଦ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ସେଠାରେ ଥିବା କେତେକ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନକୁ ଆଜି ଉଚ୍ଛେଦ ନ କରିବା ପଛରେ ରାଜନୈତିକ ଚାପ ଥିବା ଶୁଣାଯାଉଛି । ଏ ସଂପର୍କରେ ନୋଟିସ ହୋଇଥିବା ସ୍ଥାନକୁ କ'ଣ ପାଇଁ ଉଚ୍ଛେଦ କରାଯାଇନାହିଁ ବୋଲି ତହସିଲଦାର ଜୟନ୍ତ କୁମାର ଜୟସିଂହଙ୍କୁ ପଚାରିବାରୁ କହିଥିଲେ, ଜବରଦଖଲ ଥିବା ସ୍ଥାନ ପଛପଟେ ଆରଏମ୍‌ସିର ଏକ ବିଶାଳ ଗୋଦାମ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଏକ ସଙ୍ଗେ ଉଚ୍ଛେଦ କରିବା ସହ ସମ୍ମୁଖ ଭାଗରେ ଥିବା ଜବରଦଖଲ ଗୃହଗୁଡିକୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁମତି ମଗାଯାଇଛି । ୭ ଦିନ ମଧ୍ୟରେ ବାକିଥିବା ଜବରଦଖଲ ସ୍ଥାନଗୁଡିକ ଉଚ୍ଛେଦ କରାଯିବ ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଜମୁଛି ଆଠଗଡ଼ ମହୋତ୍ସବ




ଆଠଗଡ଼,୧୯ ।୧୨(ସମିସ): ଆଠଗଡ଼ ମହୋତ୍ସବ-୨୦୨୫ ଏବେ ଦ୍ୱିତୀୟ ଦିନରେ ପହଞ୍ଚିଛି । ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବର ଦ୍ୱିତୀୟ ଦିବସରେ ବିଜେପି ନେତା ଅଭୟ କୁମାର ବାରିକଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ସମ୍ମାନିତ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବାଙ୍କୀର ବିଜେପି ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ ଏବଂ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ । ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ଓ ମନୋରଞ୍ଜନଧର୍ମୀ ହୋଇଥିଲା । ପ୍ରଥମେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସୁନ୍ଦର ନୃତ୍ୟ ପରିବେଷିତ ହୋଇଥିବା ବେଳେ ପରେ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ନାଭିଆ ଏବଂ ଏଡି ଇଭେଣ୍ଟସର ସାଥୀ କଳାକାରମାନେ ନିଜର ସଙ୍ଗୀତ ମାଧ୍ୟମରେ ରଙ୍ଗାରଙ୍ଗ ପରିବେଶ ସୃଷ୍ଟି କରିଥିଲେ । ହଜାର ହଜାର ଦର୍ଶକ ସଙ୍ଗୀତର ମଜା ନେବା ସହ କଳାକାରଙ୍କୁ ଉତ୍ସାହିତ କରିଥିଲେ । ଆଠଗଡ଼ ମହୋତ୍ସବ ପାଇଁ ପୂରା ସହରରେ ଏକ ଉତ୍ସବର ପରିବେଶ ସୃଷ୍ଟି ହୋଇଛି ।

● ମୁଖ୍ୟମନ୍ତ୍ରୀଙ୍କ ଗ୍ରେଟର୍ ବ୍ରହ୍ମପୁର ଘୋଷାଣା

# ବିଭିନ୍ନ ଅଞ୍ଚଳ ମିଶ୍ରଣ ନେଇ ବିଜ୍ଞପ୍ତି ପ୍ରକାଶ ଦାବି

ବ୍ରହ୍ମପୁର,୧୯।୧୨(ସମିସ): ବ୍ରହ୍ମପୁର ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗ୍ରେଟର ବ୍ରହ୍ମପୁର ନିର୍ମାଣ କରିବାକୁ ଘୋଷଣା କରିଥିଲେ। ଏହାକୁ ନେଇ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସ୍ୱାଗତ କରିବା ସହ ଏଥିନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛି। ଏହାକୁ ନେଇ କମିଟି ପକ୍ଷରୁ ଦୀର୍ଘ ୧୨ବର୍ଷ ଧରି ଦାବି କରି ଆସିବା ସହ ଉଚ୍ଚ ନ୍ୟାୟାଳୟର ମଧ୍ୟ ଆଶ୍ରୟ ନେଇଛି। କିନ୍ତୁ ନିକଟରେ ପ୍ରାଶାସନିକ ସ୍ତରରେ ଏନେଇ ପଦକ୍ଷେପ ନିଆଯାଇଥିଲେ ହେଁ ବ୍ରହ୍ମପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳ ମିଶ୍ରଣ ନେଇ ଏପର୍ଯ୍ୟନ୍ତ ବିଜ୍ଞପ୍ତି ପ୍ରକାଶ ପାଇନଥିବା କମିଟି ଅଭିଯୋଗ କରିଛି। ମହାନଗର ନିଗମରେ ସାମିଲ ହେବା ନିମନ୍ତେ ୧୪ଟି ପଞ୍ଚାୟତ ନିଜର ଇଚ୍ଛାପତ୍ର ଦୀର୍ଘ ଦିନରୁ ପ୍ରଶାସନ ନିକଟରେ ଦାଖଲ କରିସାରିଛନ୍ତି। ସେହିପରି ଜିଲ୍ଲା ପ୍ରଶାସନ ଉକ୍ତ ୧୪ଟି ପଞ୍ଚାୟତକୁ ସାମିଲ କରିବା ନେଇ 'ସି ଫର୍ମାଟ' ଅନୁସାରେ ଯାବତୀୟ ଆନୁଷଙ୍ଗିକ ପ୍ରକ୍ରିୟା ପୂରଣ କରି ରାଜ୍ୟ ସରକାରଙ୍କ ସ୍ୱୀକୃତି ଏବଂ ଅନୁମୋଦନ ନିମନ୍ତେ ପଠାଇ ସାରିଛନ୍ତି। ରାଜ୍ୟ ସରକାର ଏଥିରେ ମୋହର ମାରିଲେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ଆଇନଗତ ଓ ବୈଧାନିକ ରୂପ ନେଇପାରିବ। କିନ୍ତୁ ବିଡ଼ମ୍ବନାର ବିଷୟ ହେଲା ଖୋଦ୍ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ବ୍ୟକ୍ତିଗତ ଆଗ୍ରହ ସତ୍ତ୍ୱେ ଗୃହ ଓ ନଗର ଉନ୍ନୟନ ବିଭାଗ ଏହା ଉପରେ ଅଦ୍ୟାବଧି କୌଣସି ନିଷ୍ପତ୍ତି ନେବାରେ ଅସମର୍ଥ ରହିଛି। ଏବଂ ଅମଲାତନ୍ତ୍ରଙ୍କ ଉଦାସୀନତାର ଶିକାର ହୋଇଥିବା କମିଟି ଅଭିଯୋଗ କରିଛି। ୨୦୨୬ମସିହାରେ ଆଗାମୀ ଜନଗଣନା ପକ୍ରିୟା ଆରମ୍ଭ ହେବାକୁ ଥିବାରୁ ଯେକୌଣସି ଅଞ୍ଚଳର ସୀମା ପରିବର୍ତ୍ତନ କରିବାକୁ ହେଲେ ସେଥିପାଇଁ ଡିସେମ୍ବର ୩୧ତାରିଖ ହେଉଛି ଶେଷ ତାରିଖ। ଏଣୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଏହାକୁ କାର୍ଯ୍ୟକାରୀ କରିବାକୁ ହେବ। ନଚେତ ଏହା ଉପରେ ପ୍ରତିବନ୍ଧକ ଲାଗିଯିବ। ଏବଂ ୨୦୨୭ ମସିହା ଜନଗଣନା ପରେ ହିଁ ପୁଣି ପକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିବ। ଯାହା ଅତି ଦୂରୁହ ଓ କଠିନ ବ୍ୟାପାର କାରଣ ସେତେବେଳକୁ ଅନେକ ଆଇନଗତ ଓ ପ୍ରାଶାସନିକ ଜଟିଳତା ସୃଷ୍ଟି ହେବାର ଆଶଙ୍କା ରହିଛି। ମିଶ୍ରଣ ନେଇ ବିଜ୍ଞପ୍ତି ପ୍ରକାଶ ନକରି ଡିପିଆର ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେବାର କିଛି ଅର୍ଥ ନୁହେଁ ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଅଭିଯୋଗ କରିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ କେବଳ ରାଜନୈତିକ ବୟାନବାଜି ଓ ଘୋଷଣାରେ ଏହାକୁ ସୀମିତ ନରଖି ବରଂ ବିଭାଗ ଠାରୁ ଏହି ପ୍ରସଙ୍ଗରେ ଅତି ଗୁରୁତର ଓ ଗମ୍ଭୀରତାର ସହ ନେଇ ସମୀକ୍ଷା କରି ଡିସେମ୍ବର ୩୧ ପୂର୍ବରୁ ଏନେଇ ବିଜ୍ଞପ୍ତି ଜାରି କରିବାକୁ ନିର୍ଦ୍ଦେଶ ଦେବାକୁ କମିଟି ଦାବି କରିଛି। ଏହାହେଲେ ବ୍ରହ୍ମପୁର ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା ଓ ପ୍ରତିବଦ୍ଧତା ସ୍ପଷ୍ଟ ହେବ। ସରକାର ଏହାକୁ ଗମ୍ଭୀରତାର ସହ ବିଚାରକୁ ନେଇ ବ୍ରହ୍ମପୁର ବାସୀଙ୍କୁ ନୂତନ ବର୍ଷର ଭେଟି ସ୍ୱରୁପ ଦେବେ ବୋଲି କମିଟି ଆଶା ରଖିଛି।

■ ସାମନ୍ତରାୟ ଏକାଡେମୀର ସଫଳତା

# ରାଜ୍ୟସ୍ତରୀୟ ବାୟୁସେନା ନିଯୁକ୍ତି ରାଲିରେ ପ୍ରଶାନ୍ତ ଓ ଅଂଶୀତା ପ୍ରଥମ

ବ୍ରହ୍ମପୁର,୧୯ ।୧୨(ସମିସ): ବ୍ରହ୍ମପୁରର ସାମନ୍ତରା ଏକାଡ଼େମୀ ପୂର୍ବ ଗୌରବ ବଜାୟ ରଖିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏଠାକାର ଛାତ୍ରଛାତ୍ରୀ ସେମାନଙ୍କ ପାରଦର୍ଶିତା ଦେଖାଇଛନ୍ତି। ରାଜ୍ୟସ୍ତରରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ଏଠାକାର ବିଦ୍ୟାର୍ଥୀ ପ୍ରଥମ ସ୍ଥାନ ଅଧିକାର କରି ପୁଣି ଗୌରବାନ୍ୱିତ କରିଛନ୍ତି। ନିକଟରେ ବାରିପଦାରେ









ଅନୁଷ୍ଠିତ ଭାରତୀୟ ବାୟୁସେନା ରାଲିରେ ସାମନ୍ତରାୟ ଏକାଡେମୀର ଛାତ୍ର ପ୍ରଶାନ୍ତ ପ୍ରଧାନ ଓ ଛାତ୍ରୀ ମାନଙ୍କ ମଧ୍ୟରେ ଅଂଶୀତା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସାମନ୍ତରାୟ ଏକାଡ଼େମୀର ୨୮ ଜଣ ଛାତ୍ରଛାତ୍ରୀ ଭାରତୀୟ ବାୟୁସେନାରେ ମନୋନୀତ ହୋଇଥିବା ବେଳେ, ୩୦ଜଣ ଛାତ୍ର ଭାରତୀୟ ସ୍ଥଳସେନା ପାଇଁ ମନୋନୀତ ହୋଇଛନ୍ତି। ଏହି ପରିପେକ୍ଷୀରେ ଏକାଡେମୀରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ଡାକ୍ତର ଲଳିତ ମୋହନ ସାମନ୍ତରାୟ ମନୋନୀତ ଛାତ୍ରଛାତ୍ରୀଙ୍କୁ ସଫଳତାର ସହ ପ୍ରଶିକ୍ଷଣ ସମ୍ପାଦନ କରି ପିତା ମାତା ଓ ଏକାଡେମୀର ନାଁ ରଖିବାକୁ ପ୍ରେରଣା ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ସମସ୍ତ ଅଭିଭାବକଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ପ୍ରୟାସରତ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରି ସଫଳ ହେବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ଉପଦେଷ୍ଟା ଗୋକୁଳନନ୍ଦ ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ସଫଳତା କାମନା କରିବା ସହ ଉତ୍ସାହିତ କରିଥିଲେ।

ନିଷ୍ଟ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ

# ଜଟିଳତାକୁ ସାମ୍ନା କରି ଭବିଷ୍ୟତ ଗଢ଼: ରାଜ୍ୟପାଳ




ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା,୧୯ ।୧୨(ସମିସ): ଗୋଳନ୍ଥରା ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହ ଅନୁଷ୍ଠିତ

## ୫ ଜଣଙ୍କୁ ସ୍ୱର୍ଣ୍ଣ, ୩ ଜଣଙ୍କୁ ରୌପ୍ୟ ପଦକ ପ୍ରଦାନ

ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ୫ ଜଣଙ୍କୁ ସ୍ୱର୍ଣ୍ଣ, ୩ ଜଣଙ୍କୁ ରୌପ୍ୟ ପଦକ ସମେତ ସମୁଦାୟ ୩୩୫ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ତଥା ନିଷ୍ଟ ବିଶ୍ୱବିଦ୍ୟାଳୟର ପରିଦର୍ଶକ ଡ଼. ହରିବାବୁ କମ୍ଭମପାଟି ଅଧ୍ୟକ୍ଷତା କରିଥିଲେ। ରାଜ୍ୟପାଳ ଯୁବପିଢ଼ି କିପରି ନିଜ ଜୀବନରେ ଆସୁଥିବା ଜଟିଳତାର ସମ୍ମୁଖୀନ କରିବା ସହିତ ଭବିଷ୍ୟତ ପଥରେ ଅଗ୍ରସର ହେବେ ସେନେଇ ପରାମର୍ଶ ଦେଇଥିଲେ। ବୈଷୟିକ ଛାତ୍ରଛାତ୍ରୀଙ୍କ କ୍ୟାରିଅର ଗଠନ ଦିଗରେ ନିଷ୍ଟ ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋକପାତ କରିଥିଲେ। ଏଆଇସିଟିଇ ଉପାଧ୍ୟକ୍ଷ ତଥା ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ମୁଖ୍ୟ ନବସୃଜନ ଅଧିକାରୀ ଡକ୍ଟର ଅଭୟ ଜେରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଚାକିରି ପରିସ୍ଥିତିରେ ଛାତ୍ରଛାତ୍ରୀମାନେ ଜୀବନ ଶିକ୍ଷା ପାଇଁ କିପରି ପ୍ରସ୍ତୁତ ହେବା ଉଚିତ ସେ ଉପରେ ଗୁରୁତ୍ୱ ଦେଇଥିଲେ। ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ଡକ୍ଟର ସୁକାନ୍ତ କେ. ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଉଭୟ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାରେ ସେମାନଙ୍କର ସଫଳତା ଉପରେ ବିବରଣୀ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରିୟଦର୍ଶନ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ ଗଭର୍ଣ୍ଣିଂ ମେମ୍ବର ନିଷ୍ଟ ବିଶ୍ୱବିଦ୍ୟାଳୟର ଉପ-ସଭାପତି ସଞ୍ଜିତା ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଡ଼. ପ୍ରଦୋଷ ବଂଶଲ, ଏକାଡେମିକ ଡିନ୍ ପି. ରାଜେଶ କୁମାର, ଡ଼. ବିଷ୍ଣୁପ୍ରସାଦ ନନ୍ଦ, ବିମଳ ମିଶ୍ର, ପରାମର୍ଶଦାତା ମଣ୍ଡଳୀ ଇଂ ଅରୁଣ ରଥ, ଇଂ ପ୍ରଭାକର ସ୍ୱାଇଁ, ଏକାଡେମିକ୍ କାଉନସିଲ୍ ସଦସ୍ୟ ଡ଼. ସୁକାନ୍ତ କୁମାର ତ୍ରିପାଠୀ, ଡ଼. ସୀମାଞ୍ଚଳ ପାଣିଗ୍ରାହୀ ଯୋଗ ଦେଇଥିଲେ। କୁଳସଚିବ ଡ. ବିଷ୍ଣୁଙ୍କର ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଡ. ମାନସ ରଞ୍ଜନ ପାତ୍ର, ଡ଼. ସ୍ୱାଧୀନ ମିଶ୍ର, ଡ଼. ପ୍ରୀତି ରଞ୍ଜନ ସାହୁ, ଡ଼. ବ୍ରଜ କିଶୋର ମିଶ୍ର, ଡ଼. ବରଦା ପ୍ରସାଦ ସେଠି, ଡ. ସସ୍ମିତା ପାଢ଼ୀ, ଡ. ରତିକାନ୍ତ ନାୟକ, ଡ଼. ହରିକୃଷ୍ଣ ଗନ୍ତାୟତ, ଡ଼. ଗାୟତ୍ରୀ ପଣ୍ଡା, ମିନାକ୍ଷୀ ଦାଶ, ଡ଼. ସରିତା ସାହୁ, ପ୍ରଜ୍ଞା ସାମନ୍ତ, ଆକାଙ୍କ୍ଷ୍ୟା ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ। ଶ୍ୱେତା ସୁମନ, ଏବଂ ସୌମ୍ୟ ମିଶ୍ର ସଂଚାଳନ କରିଥିବା ବେଳେ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଡ. ଗର୍ଦ୍ଧନ ନାଥଲାଲ ପଟେଲ, ସୁବ୍ରତ ତ୍ରିପାଠୀଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।

# ଘୋଷଣାରେ ସୀମିତ ନଗର ଶିକ୍ଷାଧିକାରୀ କାର୍ଯ୍ୟାଳୟ




## ସାଢ଼େ ୩ ବର୍ଷରେ ମଧ୍ୟ ସ୍ପଷ୍ଟ ହେଉନି ରୂପରେଖ

ବ୍ରହ୍ମପୁର,୧୯।୧୨(ସମିସ): ସହର ତଥା ସହର ଉପକଣ୍ଠରେ ଥିବା ବିଭିନ୍ନ ବିଦ୍ୟାଳୟର କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀଙ୍କୁ ଉତ୍ତମ ସେବା ପ୍ରଦାନ ନିମନ୍ତେ ବ୍ରହ୍ମପୁରରେ ନଗର ଶିକ୍ଷାଧିକାରୀ ତଥା ସିଟି ଏଜୁକେସନ ଅଫିସ(ସିଇଓ) ଖୋଲିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଗତ ୨୦୨୨ ଜୁଲାଇ ୨ତାରିଖରେ(ଚିଠି ନଂ ୧୪୦୨୨)ରେ ଏନେଇ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଥିଲା। ବ୍ରହ୍ମପୁର ମହାନଗର ନିଗମ ସମେତ ଅନ୍ୟ ୪ଟି ମହାନଗର ନିଗମରେ ଏହି କାର୍ଯ୍ୟାଳୟ ଖୋଲିବାକୁ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। କିନ୍ତୁ ଇତିମଧ୍ୟରେ ଘୋଷଣାର ପ୍ରାୟ ଦୀର୍ଘ ସାଢ଼େ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ବ୍ରହ୍ମପୁର ସହରରେ ସିଟି ଏଜୁକେସନ ଅଫିସ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଯାହାକୁ ନେଇ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସହରରେ ନଗର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇନଥିବାରୁ ବ୍ରହ୍ମପୁର ସମେତ ଉପକଣ୍ଠ ଅଞ୍ଚଳର ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ଏପରିକି ଅଭିଭାବକଙ୍କୁ ବିଭିନ୍ନ ସମୟରେ ଛୋଟମୋଟ କାମ ପାଇଁ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡିବାକୁ ପଡୁଛି। ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସହରର ଠାରୁ ଦୂରରେ ରହିଥିବା ବେଳେ ୧୬ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି ଯିବାକୁ ପଡିଥାଏ। ଫଳରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି। ୨୦୧୩ମସିହାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୁନର୍ବିନ୍ୟାସ ପରେ ସିଆଇ ପଦବୀ ଉଚ୍ଛେଦ କରାଯାଇଥିଲା। ଗଞ୍ଜାମ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଶାଖା କାର୍ଯ୍ୟାଳୟ ଖୋଲାଯାଇଥିଲା। ବର୍ତ୍ତମାନ ଜଣେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ନଗର ଶିକ୍ଷାଧିକାରୀ ଦାୟିତ୍ୱରେ ଅଛନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ କାର୍ଯ୍ୟାବଳୀର ସ୍ପଷ୍ଟ ନିର୍ଦ୍ଦେଶନାମା ଆସିନଥିବାରୁ ଉକ୍ତ କାର୍ଯ୍ୟାଳୟଟି ନିଷ୍କ୍ରିୟ ହୋଇ ପଡ଼ିରହିଛି। ଅନ୍ୟପକ୍ଷରେ ସହରରେ ସିଟି ଏଜୁକେସନ ଅଫିସ ଘୋଷଣାକୁ ସାଢ଼େ ୩ବର୍ଷରୁ ଅଧିକ ସମୟ ବିତିଯାଇଥିବା ବେଳେ ଏପର୍ଯ୍ୟନ୍ତ ଏହାର ରୂପରେଖ ସ୍ପଷ୍ଟ ହୋଇପାରି ନାହିଁ। ତେଣୁ ସହରରେ ଖୁବଶୀଘ୍ର ସିଟି ଏଜୁକେସନ ଅଫିସ ଖୋଲିବାକୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ସହ ଅନୁବନ୍ଧିତ ବ୍ରହ୍ମପୁର ମହାନଗର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବି ହୋଇଛି। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି ବିଭାଗ ନିର୍ଦ୍ଦେଶ ଅନୁଯାୟୀ ସିଟି ଏଜୁକେସନ ଅଫିସର ଭାବେ ଜଣେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ କାର୍ଯ୍ୟାଳୟ କାର୍ଯ୍ୟକାରୀ କରିବା ନିମନ୍ତେ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ନିର୍ଦ୍ଦେଶନାମା ଆସିନଥିବା ସେ କହିଛନ୍ତି।

# ପୋଖରୀରେ ବୁଡ଼ି ଯୁବକ ମୃତ

ଆସିକା,୧୯ ।୧୨(ସମିସ): ଆସିକା ଥାନା ଅନ୍ତର୍ଗତ ସାହସପୁର ଗ୍ରାମ ପଞ୍ଚାୟତର ସାହସପୁର ଗାଁର ଶୁଣ୍ଠୀବନ୍ଧକୁ ଶୌଚ ହେବାକୁ ଯାଇଥିବା ଟୁନା ବେହେରା (୪୫) ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଟୁନା ଶୁକ୍ରବାର ସନ୍ଧ୍ୟାରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଫେରି ନ ଥିଲେ। ଅଗ୍ନିଶମ ବାହିନୀ ଟୁନାକୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ପରଲୋକରେ କିରଣବାଳା ମିଶ୍ର



ବ୍ରହ୍ମପୁର,୧୯ ।୧୨(ସମିସ): ନାଟ୍ୟକାର ତଥା ସୁଲେଖିକା କିରଣବାଳା ମିଶ୍ରଙ୍କ ବିୟୋଗ ଘଟିଛି। ଦିଲ୍ଲୀରେ ସେ ମୃତ୍ୟୁବରଣ କରିଥିବା ଖବର ମିଳିବା ପରେ ଗଞ୍ଜାମ ଜିଲ୍ଲାର କଳାକାରଙ୍କ ମହଲରେ ଶୋକର ଛାୟା

## କଳାକାର ମହଲରେ ଶୋକ

ଖେଳିଯାଇଛି। ଏନେଇ ବ୍ରହ୍ମପୁର କଳାକାର ଏକତା ମଞ୍ଚ ତରଫରୁ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକଟ କରାଯାଇଥିବା ବେଳେ ସଭାପତି ଅନିଲ ପାତ୍ର ଓ ସମ୍ପାଦକ ରାଜଗୋପାଳ ପାଢ଼ୀ ତାଙ୍କ ବିୟୋଗ କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ତାଙ୍କ ପିଲାମାନେ ଆମେରିକାରେ ରହୁଥିବାରୁ ସେ ବେଶ କିଛିମାସ ହେବ ସେଠାରେ ରହି ଅଳ୍ପଦିନ ତଳେ ଦିଲ୍ଲୀରେ ଥିବା ପୁଅ ପାଖକୁ ଆସିଥିଲେ। ଶୁକ୍ରବାର ସକାଳୁ ହଠାତ ଛାତିରେ ଯନ୍ତ୍ରଣା ହେବାରୁ ମେଡ଼ିକାଲ ନିଆଯିବାବେଳେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏନେଇ ନାଟ୍ୟସଂଘର ଉପସଭାପତି ଭବାନୀ ଶଙ୍କର ମିଶ୍ର, ନାଟ୍ୟକାର ରାମେଶ ମହାରଣା, ମଦନ ମିଶ୍ର, ଏନ. ରାମବାବୁ, ସତ୍ୟ ମହାରଣା, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ରାମଚନ୍ଦ୍ର ସାସମଲ, ବିଚିତ୍ରାନନ୍ଦ ବେବର୍ତ୍ତା, କୈଳାସ ପାଣିଗ୍ରାହୀ, ଗୋକୁଳ ପଣ୍ଡା, ଲିଙ୍ଗରାଜ ନାହାକ, ସୁନିଲ ସ୍ୱାଇଁ ଓ ନବୀନ ହୋତା ପ୍ରମୁଖଙ୍କ ସହ ଅନେକ ଶୋକପ୍ରକଟ କରି ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଧରାକୋଟ,୧୯ ।୧୨(ସମିସ): ଧରାକୋଟ ଥାନା ଅନ୍ତର୍ଗତ ସୁନାପଲି ଗ୍ରାମର ପହଲି ସାହୁ(୫୦) ଗତ ତିନି ଦିନ ପୂର୍ବରୁ ନିଖୋଜ ଥିଲେ। ଶୁକ୍ରବାର ସକାଳୁ ତାଙ୍କ ଶବ ନିକଟସ୍ଥ ଋଷିକୁଲ୍ୟା ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଧରାକୋଟ ଥାନା ଓ ଦମକଳ ବାହିନୀକୁ ସ୍ଥାନୀୟ ଲୋକେ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଆଗ୍ନିକ ମାନେ ନଦୀ ଭିତରୁ ତାଙ୍କ ଶବ ଉଦ୍ଧାର କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ କରୁଛି।

# ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି ଟ୍ରାଫିକ୍ ଥାନା

ବ୍ରହ୍ମପୁର,୧୯।୧୨(ସମିସ): ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି ଖୋଦ୍ ଟ୍ରାଫିକ ଥାନା। ଏହା ଶୁଣିବାକୁ ଅଦ୍ଭୁଆ ଲାଗୁଥିଲେ ହେଁ ନିରାଟ ସତ୍ୟ। ଆଉ ଏଭଳି ଘଟଣା ଦେଖିବାକୁ ମିଳୁଛି ଖୋଦ୍ ବ୍ରହ୍ମପୁର ସହରରେ। ଟ୍ରାଫିକ ନିୟନ୍ତ୍ରଣ ଓ ଟ୍ରାଫିକ ସମସ୍ୟାର



ସମାଧାନ ଯଦିଓ ଟ୍ରାଫିକ ଥାନାର ଦାୟିତ୍ୱ ହେଲେ ଏକ୍ଷେତ୍ରରେ କାହାକୁ ବା କିଏ କହିବ ତାକୁ ନେଇ ଉଠିଛି ପ୍ରଶ୍ନ। ବ୍ରହ୍ମପୁର ସହରର ପୁରୁଣା ବସ୍‌ଷ୍ଟାଣ୍ଡ ଛକ ଉପରେ ଠିଆ ହୋଇଛି ଟ୍ରାଫିକ ଥାନା। ଥାନା ପକ୍ଷରୁ ବିଭିନ୍ନ ସମୟରେ ଜବତ ଯାନବାହାନକୁ ରଖିବାକୁ ସ୍ଥାନାଭାବ କାରଣରୁ ରାସ୍ତା ଉପରେ ରଖାଯାଉଛି। ଅପରପକ୍ଷେ ଟ୍ରାଫିକ ଥାନାର ସ୍ୱତନ୍ତ୍ର କ୍ୟାମ୍ପସ ନଥିବା ବେଳେ ଥାନାର ସମସ୍ତ ପିସିଆର ଭ୍ୟାନ ସହିତ ଇନ୍ସପେକ୍ଟର ଓ ଡିଏସ୍‌ପିଙ୍କ ଗାଡି ମଧ୍ୟ ରହୁଛି ରାସ୍ତା ଉପରେ। ସର୍ବସାଧାରଣଙ୍କ ଯାତାୟତ ନିମନ୍ତେ ଉଦ୍ଦିଷ୍ଟ ରାସ୍ତା ଉପରେ ଟ୍ରାଫିକ ଥାନା ଏବଂ ଥାନା ଅଧିନରେ ଥିବା ଯାନବାହାନ ରହିବା ଫଳରେ ବିଏମସି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପେଭର ବ୍ଲକ ରାସ୍ତା ଟ୍ରାଫିକ ଥାନାର ଅକ୍ତିଆରରେ ରହିଛି। ଏପରିକି ରାସ୍ତାର ଶତକଡା ୫୦ପ୍ରତିଶତ ଅବରୋଧ ହୋଇ ରହିବା ଫଳରେ ଲୋକଙ୍କ ଯାତାୟତରେ ଅସୁବିଧା ସହିତ ଜଟିଳ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଯାହାକୁ ନେଇ ପୂର୍ବରୁ ମଧ୍ୟ ରାସ୍ତା ଉପରୁ ଥାନାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ

● ସର୍ବସାଧାରଣ ରାସ୍ତାକୁ ଅବରୋଧ କରୁଛି ଟ୍ରାଫିକ୍ ଥାନା ଓ ଯାନବାହାନ
● ଅବ୍ୟବହୃତ ପୁରୁଣା ଗୋଷାଣିନୂଆଗାଁ ଥାନାକୁ ସ୍ଥାନାନ୍ତର ପାଇଁ ପ୍ରସ୍ତାବ
● ଯୁଗ୍ମ କମିଟି ବୈଠକରେ ଏସ୍‌ପିଙ୍କ ସହ ଆଲୋଚନା ପରେ ନିଆଯିବ ପଦକ୍ଷେପ: କମିସନର

ବିଭିନ୍ନ ମହଲରୁ ଦାବି ହୋଇଆସିଛି। ଟ୍ରାଫିକ ଥାନାକୁ ଗୋଷାଣିନୂଆଗାଁ ସ୍ଥିତି ପୁରୁଣା ତଥା ଅବ୍ୟବହୃତ ହୋଇ ପଡ଼ିରହିଥିବା କୋଠାକୁ ସ୍ଥାନାନ୍ତର କରିବାକୁ ବରିଷ୍ଠ ଆଇନଜୀବୀ ମନୋଜ ପଟ୍ଟନାୟକ ମଧ୍ୟ ଦାବି କରିବା ସହ ପ୍ରସ୍ତାବ ଦେଇଥିଲେ। ତେବେ ବିଭିନ୍ନ କାରଣରୁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ ଫଳରେ ସମସ୍ୟା ଯେଉଁଠି ଥିଲା ସେଇଠି ରହିଛି।

ଏନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ସେ କହିଛନ୍ତି, ପୂର୍ବରୁ ଟ୍ରାଫିକ ଥାନାକୁ ଅନ୍ୟତ୍ର ଅର୍ଥାତ୍ ପୁରୁଣା ଗୋଷାଣିନୂଆଗାଁ ଥାନା କୋଠାକୁ ସ୍ଥାନାନ୍ତର ପାଇଁ ଯୋଜନା ରହିଥିଲା। ତେବେ ବର୍ତ୍ତମାନ ପରିସ୍ଥିତିରେ ତାହା ସମ୍ଭବପର ନୁହେଁ। କାରଣ ଟାଉନ ଥାନା ପରିସରରେ ନୂତନ ଟାଉନ ଥାନାର କୋଠା ନିର୍ମାଣ ହେବ। ଏହାର ନିର୍ମାଣ କାର୍ଯ୍ୟ ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନ କରିବାକୁ ଥିବା ବେଳେ ଏଥିପାଇଁ ପ୍ରାୟ ଦେଢବର୍ଷ ସମୟ ଲାଗିଯିବ। ଏହି ସମୟରେ ଟାଉନ ଥାନାକୁ ଗୋଷାଣିନୂଆଗାଁ ଥାନାର ପୁରୁଣା କୋଠାକୁ ସାମୟିକ ବା ଅସ୍ଥାୟୀ ଭାବେ ସ୍ଥାନାନ୍ତର କରିବାର ଯୋଜନା ରହିଛି। ଏଣୁ ଟ୍ରାଫିକ ଥାନାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବର୍ତ୍ତମାନ ପରିସ୍ଥିତିରେ ସେଭଳି ଯୋଜନା କିମ୍ବା ବିକଳ୍ପ ବ୍ୟବସ୍ଥା ନଥିବା ସେ ସ୍ପଷ୍ଟ କରିଛନ୍ତି। ପୁରୁଣା ବୈଦ୍ୟନାଥପୁର ଥାନା କୋଠାର ଅବସ୍ଥା ଅତ୍ୟନ୍ତ ଖରାପ ଥିବାରୁ ସେଠାକୁ ଟ୍ରାଫିକ ଥାନା ସ୍ଥାନାନ୍ତର ସମ୍ଭବପର ନୁହେଁ। ଏଣୁ ନୂତନ ଟ୍ରାଫିକ ଥାନା ଅଥବା ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ଯଦିଓ ଜରୁରୀ ତେବେ ବର୍ତ୍ତମାନ ପରିସ୍ଥିତିରେ ସମ୍ଭବପର ନୁହେଁ।

ଟ୍ରାଫିକ ଥାନା ଦ୍ୱାରା ରାସ୍ତା ଅବରୋଧ ଯୋଗୁ ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ ବିଏମସି କମିସନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେ କହିଛନ୍ତି ଯେ, ଏଭଳି ଅଭିଯୋଗ ତାଙ୍କ ନିକଟରେ ପହଞ୍ଚିଛି। ତେବେ ଆଗାମୀ ଯୁଗ୍ମ କମିଟି ବୈଠକରେ ବ୍ରହ୍ମପୁର ଏସ୍‌ପିଙ୍କ ସହିତ ଆଲୋଚନା ପରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଆଧ୍ୟାତ୍ମିକ ବକ୍ତୃତା



ବ୍ରହ୍ମପୁର,୧୯ ।୧୨(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବହୁବିଧ ପାଠ୍ୟକ୍ରମ (ଏମଡିସି) ଛାତ୍ରଛାତ୍ରୀଙ୍କ ନିମନ୍ତେ 'ଭାଗବତ ଗୀତା ଜ୍ଞାନ ଯୋଗ ଓ ବୁଦ୍ଧିଯୋଗ' ଶୀର୍ଷକ ଆଧ୍ୟାତ୍ମିକତା ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦର୍ଶନ ବିଭାଗ ମୁଖ୍ୟ ଡ. ଯତୀନ ବିଷୋୟୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ତଥା ବିଷୟ ବିଶାରଦ ଭାବରେ ଯୋଗ ଦେଇଥିଲେ ସହାୟତା କେନ୍ଦ୍ର, ବ୍ରହ୍ମପୁରର ପ୍ରେରଣାଦାୟୀ ପ୍ରବକ୍ତା ପ୍ରଫେସର କିରଣ କୁମାର। ସେ ନିଜ ବକ୍ତବ୍ୟରେ ଭାଗବତ ଗୀତା ଜ୍ଞାନ ଯୋଗ ଓ ବୁଦ୍ଧି ଯୋଗର ବ୍ୟାଖ୍ୟା କରିବା ସହ ବିଭିନ୍ନ ଉଦାହରଣ ଦେଇ ଅତି ସରଳ ଓ ଚିତ୍ତାକର୍ଷକ ଭାବରେ ଉଲ୍ଲେଖ କରିଥିଲେ।

# ମାଉଜର ଦେଖାଇ ଯୁବକଙ୍କୁ ଆକ୍ରମଣ

ବ୍ରହ୍ମପୁର,୧୯ ।୧୨(ସମିସ): ସଦର ଥାନା ଅନ୍ତର୍ଗତ ଅଲାରିଗଡ ସ୍ଥିତ ଏକ କୁକୁଡାଫାର୍ମରେ ଜଣେ ଯୁବକଙ୍କୁ ମାଉଜର ଦେଖାଇ ଖଣ୍ଡା ଓ କାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ପ୍ରକାରେ, ଅଲାରିଗଡର ଟୁଲୁ ଜେନା ନିଜର ୨ ସହଯୋଗୀଙ୍କ ସହ କୁକୁଡ଼ା ଫାର୍ମରେ ଥିଲେ। ଏହି ସମୟରେ ଲିପୁନ ବିଷୋୟୀ ଫୋନ୍ କରି ଟୁଲୁଙ୍କୁ ଠିକଣା ପଚାରିଥିଲେ। ସେ ଠିକଣା କହିବା ପରେ ଲିପୁନ ଓ ତାଙ୍କର ୩ରୁ ୪ଜଣ ସହଯୋଗୀ କୁକୁଡ଼ା ଫାର୍ମରେ ପହଞ୍ଚି ଟୁଲୁଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ କାତି ଓ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ଟୁଲୁଙ୍କ ଚିତ୍କାର ଶୁଣି ଫାର୍ମରେ ପୂର୍ବରୁ ଉପସ୍ଥିତ ୨ଜଣ ସହଯୋଗୀ ଘଟଣା ସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ଟୁଲୁଙ୍କୁ ଏକ ବୁଦାମୂଳେ ଫିଙ୍ଗି ପଳାଇଥିଲେ। ପରେ ଟୁଲୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା।



# ଶ୍ରୀକ୍ଷେତ୍ର ସିଟି

୧୯/୧୨/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୦୪,୨୧୮/- ସୁନା: ୦୧.୦୫୦ ଗ୍ରାମ୍ ରୁପା: ୫୦.୦୦୦ ଗ୍ରାମ୍



## ଜିଲ୍ଲାରେ କଡ଼ା ସୁରକ୍ଷା

ପୁରୀ,୧୯।୧୨(ସମିସ): ପାଖେଇ ଆସୁଛି ବଡ଼ଦିନ ଓ ନୂଆବର୍ଷ। ବିଶେଷକରି ପୁରୀରେ ନୂଆବର୍ଷ ପାଳନ ଲାଗି ହଜାର ହଜାର ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ହେବା ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ସାର୍ବଜନୀନ ସୁରକ୍ଷା, ଆଇନ ଶୃଙ୍ଖଳା ବଜାୟ ରଖିବା, ଅପରାଧ ନିୟନ୍ତ୍ରଣ ଓ ଅପ୍ରୀତିକର ଘଟଣା ପ୍ରତିରୋଧ ନିମନ୍ତେ ପୁରୀ ପୁଲିସ ପକ୍ଷରୁ ସମଗ୍ର ଜିଲ୍ଲାରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୁରୀ ସହର ସହିତ ସମସ୍ତ ଥାନା ଅଞ୍ଚଳ, ପର୍ଯ୍ୟଟନସ୍ଥଳ, ସମୁଦ୍ରତଟ, ଭିଡ଼ ହେବାର ସମ୍ଭାବନା ଥିବା ସ୍ଥାନ, ହୋଟେଲ, ଲଜ୍, ଧର୍ମଶାଳା, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ ଓ ମୁଖ୍ୟ ସଡ଼କ ମାର୍ଗରେ ବିଶେଷ ପୁଲିସ ବ୍ୟବସ୍ଥା



ମୁତୟନ କରାଯାଇଛି। ପୁରୀ ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ତଥା ଶ୍ରୀମନ୍ଦିର, ସମୁଦ୍ରକୂଳ, ସାତପଡ଼ା, କୋଣାର୍କ, ରାମଚଣ୍ଡୀ ମନ୍ଦିର, ବଳିହାରୀଚଣ୍ଡୀ ମନ୍ଦିର, ବିଶ୍ୱନାଥ ମୁଣ୍ଡିଆ, ରଘୁରାଜପୁର, ଜାହାନିଆ ପୀର ସମେତ ଅନ୍ୟ ସ୍ଥାନ, ପ୍ରବେଶ ଓ ପ୍ରସ୍ଥାନ ପଥ, ସୀମାନ୍ତ ଅଞ୍ଚଳ, ସମୁଦ୍ରତଟ ନିକଟ ଏବଂ ସହରର ମୁଖ୍ୟ ଛକଗୁଡ଼ିକରେ ନିୟମିତ ଓ ଆକସ୍ମିକ ନାକାବନ୍ଦୀ କରାଯାଉଛି। ଏଥିସହିତ ସମସ୍ତ ପ୍ରକାର ଯାନବାହନର ଗଭୀର ଯାଞ୍ଚ, ଡକ୍ୟୁମେଣ୍ଟ ଭେରିଫିକେଶନ, ହେଲମେଟ୍, ସିଟ୍‌ବେଲ୍ଟ, ମଦ୍ୟପାନ କରି ଗାଡ଼ି ଚାଳନା ଓ ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ ଉପରେ କଡା ନଜର ରଖାଯାଉଛି। ସହର ଓ ଗ୍ରାମାଞ୍ଚଳରେ ଫୁଟ୍ ପାଟ୍ରୋଲିଂ, ମୋବାଇଲ୍ ପାଟ୍ରୋଲିଂ ଓ ନାଇଟ୍ ପାଟ୍ରୋଲିଂ ବଢ଼ାଯାଇଛି। ସନ୍ଦେହଜନକ ବ୍ୟକ୍ତି ଓ ଗତିବିଧି ଉପରେ କଡା ନଜର ରଖାଯାଉଛି। ସିସିଟିଭି କ୍ୟାମେରା ଓ ଅନ୍ୟାନ୍ୟ ପ୍ରଯୁକ୍ତିଗତ ସାଧନ ମାଧ୍ୟମରେ ସ୍ଥାୟୀ ଓ ଚଳନ୍ତା ନିରୀକ୍ଷଣ କରାଯାଉଛି। ଅନ୍ୟପକ୍ଷରେ ସମସ୍ତ ନାଗରିକ, ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ଯାଞ୍ଚ ସମୟରେ ପୁଲିସକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଏସ୍‌ପି ପ୍ରତୀକ୍ ସିଂ ଆହ୍ୱାନ ଦେଇଛନ୍ତି। ସେହିପରି ଆବଶ୍ୟକ ଡକ୍ୟୁମେଣ୍ଟ ସହ ଯାତ୍ରା କରନ୍ତୁ ଓ ଟ୍ରାଫିକ୍ ନିୟମ ମାନନ୍ତୁ। କୌଣସି ସନ୍ଦେହଜନକ କାର୍ଯ୍ୟକଳାପ କିମ୍ବା ବ୍ୟକ୍ତି ବିଶେଷଙ୍କ ସମ୍ପର୍କରେ ସଙ୍ଗେ ସଙ୍ଗେ ନିକଟସ୍ଥ ଥାନା କିମ୍ବା ୧୧୨କୁ ସୂଚନା ଦେବାକୁ ଅନୁରୋଧ କରିଛନ୍ତି।

### ବଡ଼ଦିନ, ନୂଆବର୍ଷ ପାଇଁ ପର୍ଯ୍ୟଟକଙ୍କ ଭିଡ଼

## ବୁକିଂ ପାଇଁ ହୋଟେଲରେ ମିଳୁନି ରୁମ୍

ପୁରୀ,୧୯।୧୨(ସମିସ): ପାଖେଇ ଆସୁଛି ବଡ଼ଦିନ ଓ ନୂଆବର୍ଷ। ବିଶେଷକରି ନୂଆ ବର୍ଷକୁ ଧୁମଧାମ୍‌ରେ ସେଲିବ୍ରେସନ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ପ୍ରସ୍ତୁତି କଲେଣି। ବିଶେଷକରି ପୁରୀରେ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ଭାରତର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ପୁରୁଣା ବର୍ଷକୁ ବିଦାୟ ସହିତ ନୂଆବର୍ଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେବା ପ୍ରତିବର୍ଷ ପୁରୀକୁ ହଜାର ହଜାର ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ନୂଆବର୍ଷକୁ ଆଖି ଆଗରେ ରଖି ପୁରୀରେ ଥିବା ହୋଟଲେଗୁଡ଼ିକର ଆଗ୍ରୀମ ବୁକିଂ ବହୁ ପୂର୍ବରୁ ଆରମ୍ଭ ହୋଇଛି। ପାଖାପାଖି ୯୦ରୁ ୯୫ ପ୍ରତିଶତ ରୁମ୍ ଅନଲାଇନ୍‌ରେ ବୁକିଂ ହୋଇସାରିଛି। ନୂଆବର୍ଷ ପାଇଁ ପୁରୀକୁ ଆସିବାକୁ ଚାହୁଁଥିବା ପର୍ଯ୍ୟଟକ ଅନ୍‌ଲାଇନରେ ରୁମ୍ ବୁକିଂ କରିବାକୁ ଚାହୁଁଥିଲେ ହେଁ ସେମାନଙ୍କୁ ରୁମ୍ ମିଳୁନାହିଁ।



ଆଉ ପାଞ୍ଚ ଦିନ ପରେ ବଡ଼ଦିନ। ଅଧିକାଂଶ ପର୍ଯ୍ୟଟକ ପୁରୀକୁ ବଡ଼ଦିନ ପୂର୍ବରୁ ଆସି ନୂଆବର୍ଷ କଟାଇ ଫେରିଥାନ୍ତି। ବଡ଼ଦିନ ସାଙ୍ଗକୁ ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ ଅଧିକାଂଶ ପୁରୀକୁ ପସନ୍ଦ କରିଥାନ୍ତି। ପ୍ରମୁଖ କାରଣ ହେଉଛି ଏଠାରେ ସୁନ୍ଦର ଏବଂ ମନୋରମ ବେଳାଭୂମି ସାଙ୍ଗକୁ ମହାପ୍ରଭୁଙ୍କୁ ଦର୍ଶନ କରିବାର ସୁଯୋଗ ରହିଛି। ଏଥିପାଇଁ ପୁରୀରେ ନୂଆବର୍ଷ କଟାଇବାକୁ ଚାହୁଁଥିବା ପର୍ଯ୍ୟଟକ ଢେର୍ ଆଗରୁ ହୋଟେଲରେ ରୁମ୍ ବୁକ୍ କରିସାରିଛନ୍ତି। ଏବେ ସହରର ପ୍ରମୁଖ ହୋଟେଲ, ଲଜିଂ ପ୍ରାୟ ଫୁଲ୍ ହୋଇଗଲାଣି। ଆଗୁଆ ମଧ୍ୟ ଅନେକ ବୁକିଂ କରିସାରିଛନ୍ତି। ସୂଚନା ଅନୁଯାୟୀ, ପୁରୀରେ ହୋଟେଲ, ଲଜିଂ, ହଲିଡେହୋମ୍ ଆଦି ମିଶିଲେ ୮୦୦ରୁ ଅଧିକ ରହିଛି। ଏତଦ୍‌ବ୍ୟତୀତ ଧର୍ମଶାଳା, ମଠରେ ମଧ୍ୟ କିଛି ଲୋକେ ରହିଥାନ୍ତି। ଏଥିମଧ୍ୟରୁ ବଡ଼ ବଡ଼ ହୋଟେଲଗୁଡିକରେ ରୁମ୍ ବୁକ୍ ପାଇଁ ଅନ୍‌ଲାଇନ ବ୍ୟବସ୍ଥା ରହିଥିବାବେଳେ କିଛି ହୋଟେଲ ଏବଂ ଲଜିଂରେ ସ୍ୱଟ୍ ବୁକିଂ ସୁବିଧା ରହିଛି। ବଡ଼ ବଡ଼ ହୋଟେଲଗୁଡିକରେ ସାଧାରଣ ଦିନରେ ପର୍ଯ୍ୟଟକଙ୍କୁ କିଛିଟା ରିହାତି ମିଳିଥାଏ। ଛୋଟ ଛୋଟ ହୋଟେଲରେ କମ୍ ମୂଲ୍ୟ ଦେଇ ରହିବାର ସୁଯୋଗ ମିଳିଥାଏ। ହେଲେ ପୁରୀକୁ ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଥିବା ବେଳେ ବଡ଼ଦିନ ଓ ନୂଆବର୍ଷ ପାଇଁ ପ୍ରାୟତଃ ସମସ୍ତ ହୋଟେଲ, ଲଜିଂରେ ରୁମ୍ ପ୍ୟାକ୍ ହୋଇଗଲାଣି। ଏବେ ଭଡ଼ା ଅଧିକ ଦେବାକୁ ଚାହିଁଲେ ବି ହୋଟେଲ, ଲଜ୍‌ରେ ରୁମ୍ ମିଳୁନାହିଁ। ପୁରୀରେ ରହିବାକୁ ନେଇ ପର୍ଯ୍ୟଟକଙ୍କ ଚିନ୍ତା ବଢିଛି। ଶ୍ରଦ୍ଧାଳୁ, ପର୍ଯ୍ୟଟକ ମଠ ଓ ଧର୍ମଶାଳା ଆଡକୁ ମୁହାଁଉଥିବା ବେଳେ ସେଠାରେ ବି ଆଗୁଆ ବୁକ୍ ରହିଛି। ଚଳିତବର୍ଷ ବଡ଼ଦିନ ଏବଂ ନୂଆବର୍ଷ ପାଇଁ ପୁରୀକୁ ଅଧିକ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଆସିବା ସମ୍ଭାବନା ରହିଛି। ଜିରୋନାଇଟ୍ ସେଲିବ୍ରେଶନ ଏବଂ ମହାପ୍ରଭୁଙ୍କୁ ଦର୍ଶନ କରି ନୂଆବର୍ଷ ଆରମ୍ଭ କରିବାକୁ ସମସ୍ତେ ଇଚ୍ଛା କରିଥାନ୍ତି। ଫଳରେ ୩/୪ ମାସ ପୂର୍ବରୁ ବହୁ ଭକ୍ତ, ପର୍ଯ୍ୟଟକ ଅନ୍‌ଲାଇନରେ ହୋଟେଲ, ଲଜିଂରେ ରୁମ୍ ବୁକ୍ କରିସାରିଛନ୍ତି। ଫଳରେ ଏବେ ପୁରୀର ବଡ଼ ବଡ଼ ହୋଟେଲ ଏବଂ ଲଜିଂ ପ୍ରାୟତ ପ୍ୟାକ୍ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଶାସନର ଭକ୍ତ ନିବାସରେ ମଧ୍ୟ ରୁମ୍ ନାହିଁ। ଅନ୍ୟପକ୍ଷରେ କିଛି ହୋଟେଲ ଏବଂ ଲଜିଂରେ ରୁମ୍ ଥିଲେ ମଧ୍ୟ ଏହାକୁ ଦିଆଯାଉ ନାହିଁ। ଆଉ ରୁମ୍ ନାହିଁ ବୋଲି କୁହାଯାଉଛି। ସେମାନେ ସ୍ୱଟ୍‌ରେ ଅଧିକ ଭଡ଼ାରେ ଏହାକୁ ଦେବା ପାଇଁ ଏଭଳି କରୁଥିବା ମଧ୍ୟ ଅଭିଯୋଗ ଶୁଣିବାକୁ ମିଳୁଛି।

ଅନ୍ୟପକ୍ଷରେ ବଡ଼ଦିନ ଏବଂ ନୂଆବର୍ଷକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପ୍ରସ୍ତୁତ ରହିଛି। ହୋଟେଲରେ ରହୁଥିବା ପ୍ରତ୍ୟେକ ଯାତ୍ରୀଙ୍କ ସଠିକ୍ ପରିଚୟ ପତ୍ର ରଖିବା ପାଇଁ ହୋଟେଲ ଆସୋସିଏଶନ ସହିତ ଆଲୋଚନା କରାଯାଇଛି। ଅନ୍‌ଲାଇନରେ ହୋଟେଲ ବୁକିଂ ବେଳେ ପର୍ଯ୍ୟଟକ ଯେଭଳି ସାଇବର ଠକେଇର ଶିକାର ନ ହୁଅନ୍ତି ସେ ନେଇ ସମସ୍ତ ହୋଟେଲ ସତର୍କ ରହିବା ସହିତ ନିଜର ହୋଟେଲ ୱେବସାଇଟକୁ ନିୟମିତ ଯାଞ୍ଚ କରିବାକୁ ପୁଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଫୋକସ ରଖାଯାଇଛି। ପୁଲିସ ପକ୍ଷରୁ ୬୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ମାର୍କେଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ଼ ପ୍ରସ୍ତୁତ ହେଉଛି। ୬ଟି କ୍ୱିକ ରେସ୍ପନ୍ସ ଟିମ୍, ଫାୟାର ରେସିକ୍ୟୁ ଟିମ୍ ସହିତ ପ୍ରସ୍ତୁତ ରଖାଯାଇଛି। ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଳାଭୂମିରେ ବୁଲାବୁଲି କରିଥାନ୍ତି। ତେଣୁ ପୁଲିସ ପକ୍ଷରୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

### ଶିଶୁ ରାଷ୍ଟ୍ରର ଅମୂଲ୍ୟ ସମ୍ପଦ

## 'ଶ୍ରମିକ ନୁହେଁ ସମୃଦ୍ଧି ପଥରେ ଶିଶୁଙ୍କୁ ନେବା'

ପୁରୀ,୧୯।୧୨(ସମିସ): ବାଲ୍ୟ ବିବାହକୁ ନା କରି ବେକରେ ମଙ୍ଗଳ ସୂତ୍ର ନୁହେଁ ଉପଯୁକ୍ତ ଶିକ୍ଷା ଲାଭ କରି ଦେଶର ବିକାଶର ସୂତ୍ରଧର ସାଜିବାକୁ ଆହ୍ୱାନ ଦେଇଛନ୍ତି ରାଜ୍ୟ ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା ବବିତାପାତ୍ର। ଟାଉନହଲ୍‌ଠାରେ ତିନିଦିନିଆ ନାନୋ ଇଣ୍ଟରନ୍ୟାଶନାଲ ଚିଲଡ୍ରେନ ଫିଲ୍ମ ଫେଷ୍ଟିଭାଲ ଅନ୍ ଚାଇଲ୍ଡ ରାଇଟ୍ ବା ଶିଶୁ ଅଧିକାର ସମ୍ପର୍କରେ ନାନୋ ଆନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ମହୋତ୍ସବର ଶୁକ୍ରବାର ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର କହିଥିଲେ ଯେ, ପ୍ରତ୍ୟେକ ଶିଶୁ ଅମୃତର ସନ୍ତାନ। ସେମାନଙ୍କର ଏକ ସୁନ୍ଦର ଭବିଷ୍ୟତ ଅଛି। ସେମାନେ ଆମ ରାଷ୍ଟ୍ରର ଅମୂଲ୍ୟ ସମ୍ପଦ। ସେମାନଙ୍କୁ ଆମେ ସୁରକ୍ଷା ଦେବା, ସେମାନଙ୍କ ପ୍ରତିଭା ବିକାଶରେ ସହାୟକ ହେବା ଆମର କର୍ତ୍ତବ୍ୟ ଓ ଦାୟିତ୍ୱ। ସେମାନଙ୍କ ସୁରକ୍ଷା ଓ ଭବିଷ୍ୟତ ପାଇଁ ଆଇନରେ ଅନେକ ପ୍ରାବଧାନ ରହିଛି। ବାଲ୍ୟ ବିବାହ ହଟାଇ, ଶିଶୁ ଶ୍ରମିକ ଦୂରେଇ ଆମେ ସେମାନଙ୍କୁ ପ୍ରଗତି ପଥରେ ନେବା ପାଇଁ ଶ୍ରୀମତୀ ପାତ୍ର ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ଅଧିକାର ଆୟୋଗର ସଦସ୍ୟ କଳ୍ପନା ଲେଙ୍କା, କସ୍ତୁରୀ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଟାଉନ ଥାନା ଆଇଆଇସି ଗୋକୁଳ ଦାସ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ପ୍ରାକ୍ତନ ନଗରପାଳ ଗୌରହରି ପ୍ରଧାନ, ନାରାୟଣ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିବା ସହ ଶିଶୁ ଚଳଚ୍ଚିତ୍ର ମାଧ୍ୟମରେ ପିଲାଙ୍କ ବୌଦ୍ଧିକ ଓ ମାନସିକ ବିକାଶ ବୁଦ୍ଧିମନ୍ତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଆୟୋଜକ ସଞ୍ଜୀବ କୁମାର ରଥଶର୍ମା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ତିନିଦିନ ମଧ୍ୟରେ ପ୍ରାୟ ତିନି ହଜାରରୁ ଊର୍ଦ୍ଧ୍ୱ ପିଲା ୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷଣୀୟ ଶିଶୁ ଚଳଚ୍ଚିତ୍ର ଦେଖିଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସଙ୍ଗଠନ ହାପିନେସ୍ ଫାଉଣ୍ଡେଶନର ସ୍ୱେଚ୍ଛାସେବୀମାନେ ଶୃଙ୍ଖଳା ରକ୍ଷା ଓ ପିଲାମାନଙ୍କୁ ସହଯୋଗ କରିଥିଲେ।

## ଗଣିତ ପ୍ରଦର୍ଶନୀ ଉଦ୍‌ଘାଟିତ

ପୁରୀ,୧୯।୧୨(ସମିସ): ସ୍ଥାନୀୟ ବ୍ଲେସେଡ୍ ସାକ୍ରାମେଣ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇଦିନିଆ ଗଣିତ ପ୍ରଦର୍ଶନୀ ହାଇପରିୟନ୍-୨୦୨୫ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ରୂପେ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ମିତା ସାହୁ, ସମ୍ମାନିତ ଅତିଥି ରୂପେ ସିଷ୍ଟର ଆଡୋରସର, ମୁଖ୍ୟ ସିଷ୍ଟର ମ୍ୟାରୀ ରୋଜ ଓ ବିଦ୍ୟାଳୟର ପ୍ରିନ୍ସିପାଲ ସିଷ୍ଟର ମ୍ୟାରୀ ଜର୍ଜଙ୍କ ଉପସ୍ଥିତିରେ ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ୭ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ୨୪୦ରୁ ଊର୍ଦ୍ଧ୍ୱ ଆକର୍ଷଣୀୟ ଗଣିତ ପ୍ରକଳ୍ପ ଗୁଡିକୁ ଅତିଥି ଓ ଅଭିଭାବକମାନେ ବୁଲି ଦେଖିବା ସହ ବହୁତ ଉଚ୍ଚକୋଟିର ହୋଇଥିବା କହି ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ଏକ ମିନି ବଜାରକୁ ଅଭିଭାବକମାନେ ଉପଭୋଗ କରିଥିଲେ। ଏହି ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହେବ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଶୃଙ୍ଖଳାର ସହ ପରିଚାଳିତ ହୋଇଛି।

## ଶ୍ରୀସଦାଶିବ ପରିସରରେ 'ଯୁବଶକ୍ତିର ଭୂମିକା' ଆଲୋଚନା

ପୁରୀ,୧୯।୧୨(ସମିସ): କେନ୍ଦ୍ର ସରକାରର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ସଚିବଙ୍କ ଦ୍ୱାରା ଏନଏସ୍‌ଏସ୍ ଓ ମୋ ଭାରତଙ୍କ ସହ ଆନ୍ତର୍କ୍ରିୟା କାର୍ଯ୍ୟକ୍ରମ ଶୁକ୍ରବାର ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ନିର୍ଦ୍ଦେଶକ, ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଭାରତ ସରକାର ସୁଶ୍ରୀ ସରିତା ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗର ନିର୍ଦ୍ଦେଶକ ରମେଶ ବର୍ମା, ସଚିବ ଡ. ପଲ୍ଲବୀ ଜୈନ ପ୍ରମୁଖ ଯୋଗଦେଇ ଭାରତୀୟ ଯୁବ ଶକ୍ତିର ଭୂମିକା ରାଜ୍ୟରେ କ'ଣ ରହିଛି ଏବଂ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ଭୂମିକା ସମ୍ପର୍କରେ ଚର୍ଚ୍ଚା କରିଥିଲେ। ଏଥିସହ ନାରୀ ଶିକ୍ଷା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ପରିଶେଷରେ ରାଜ୍ୟ ନିର୍ଦ୍ଦେଶକ ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଭାରତ ସରକାର ଶିବାଜୀ ଖରାତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିସରର ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଭାରତ ସରକାରଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଜିତ କୁମାର।




## ଦାଦାବଟି ଆଦାୟ ବେଳେ ମାଡ଼ିବସିଲା ପୁଲିସ

ପୁରୀ,୧୯।୧୨(ସମିସ): ଦାଦାବଟି ଆଦାୟ ବେଳେ ଅଭିଯୁକ୍ତକୁ ମାଡିବସିଲା କୁମ୍ଭାରପଡ଼ା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲିଉପର ରାମଚଣ୍ଡୀ ସାହିରେ ରହୁଥିବା ପୁରୀ ସଦର ଥାନା ଛଇତନାର ଦିଲ୍ଲୀପ କୁମାର ମଲ୍ଲିକ। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ଦିଲ୍ଲୀପ ବଡ଼ଶଙ୍ଖ ପରିବାର ମାର୍କେଟରେ ବ୍ୟବସାୟୀଙ୍କୁ ଭୟଭୀତ କରାଇ ଦାଦାବଟି ଆଦାୟ କରୁଥିଲେ। ଏ ସଂକ୍ରାନ୍ତରେ କୁମ୍ଭାରପଡ଼ା ଥାନା ପୁଲିସ ଖବର ପାଇବା ପରେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚିଥିଲା। ସେତେବେଳେ ଦିଲ୍ଲୀପ ଏକ ଛୁରୀ ଦେଖାଇ ବ୍ୟବସାୟୀଙ୍କୁ ଗାଳିମନ୍ଦ କରିବା ସହ ଦାଦାବଟି ଆଦାୟ କରୁଥିଲେ। ପୁଲିସକୁ ଦେଖିବା ପରେ ସେ ଆହୁରି ଉତ୍‌କ୍ଷିପ୍ତ ହୋଇପଡିଥିଲେ। ପୁଲିସକୁ ମଧ୍ୟ ଛୁରୀ ଦେଖାଇ ଗାଳିମନ୍ଦ କରିଥିଲେ। ପରେ ପୁଲିସ ତାକୁ କାବୁ କରିଥିଲା। ଅଭିଯୁକ୍ତ ଦିଲ୍ଲୀପ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୬ଟି ମାମଲା ଥିବା ପୁଲିସ କହିଛି।

### ଉତ୍କଳମଣି ସେବା ସମ୍ମାନ ପ୍ରଦାନ ସମାରୋହ

## 'ସମର୍ପଣ ଭାବ ନ ରହିଲେ ସେବାକୁ ପୂର୍ଣ୍ଣତା ମିଳେନାହିଁ'

ପୁରୀ, ୧୯।୧୨ (ସମିସ): ଓଡ଼ିଶା ସ୍ୱେଚ୍ଛାସେବୀ ମହାସଂଘ ଆନୁକୁଲ୍ୟରେ ଆୟୋଜିତ ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଘ ପକ୍ଷରୁ ବିକଶିତ ଓଡ଼ିଶା-୨୦୩୬ ଭିଜନ୍ ଏବଂ ରାଜ୍ୟସ୍ତରୀୟ ଉତ୍କଳମଣି ସେବା ସମ୍ମାନ ପ୍ରଦାନ ସମାରୋହ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ସଂଘର ଅଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ହରିହର କାନୁନଗୋ, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୁରୀ ବାର୍ ଆସୋସିଏଶନର ପୂର୍ବତନ ସଭାପତି ବିଜୟ କୁମାର ମିଶ୍ର, କ୍ୟାପଟେନ୍ ସଞ୍ଜୀବ କୁମାର ମୁଦୁଲି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ଡ. ସଂଗ୍ରାମ କେଶରୀ ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ମାନବ ସେବା ହିଁ ମାଧବ ସେବା। ସେବାରେ ଆନନ୍ଦ ଥାଏ।



ଦେବା ହିଁ ସେବା। ନେବା କେବେ ସେବା ହୋଇ ନ ପାରେ। ସେବା ସବୁବେଳେ ସମର୍ପିତ। ସମର୍ପଣ ଭାବ ନ ରହିଲେ ସେବାକୁ ପୂର୍ଣ୍ଣତା ମିଳେନାହିଁ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ସଂଘର ମୁଖ୍ୟ ଉପଦେଷ୍ଟା ଅମରବର ବିଶ୍ୱାଳ, ଚାନ୍ଦମଣି ଦେଇ, ପ୍ରଧାନ ଧୀରେନ୍ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦିକା ସନ୍ଧ୍ୟାରାଣୀ ରଥ ବିବରଣୀ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଓଡିଶାର ବିଭିନ୍ନ ସ୍ଥାନରୁ ଆସିଥିବା ସ୍ୱେଚ୍ଛାସେବୀ ଓ ସଂଗଠନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ସଂଗଠକ ଲକ୍ଷ୍ମୀ ନାରାୟଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୃଷ୍ଣ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ଏବଂ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରମେଶ ଚନ୍ଦ୍ର ମହାନ୍ତି, ସୌମ୍ୟ ମିଶ୍ର, ଲାଲା ଅନନ୍ତ କୁମାର ସିଂହଙ୍କ ସମେତ ସଂଘର ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାରେ ସୁଶାସନ ସପ୍ତାହ

ପୁରୀ,୧୯।୧୨(ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ଡିସେମ୍ବର ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ସୁଶାସନ ସପ୍ତାହ ପାଳନ ହେବ। ପୁରୀ ଜିଲ୍ଲାରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ଶୁକ୍ରବାରଠାରୁ ସମସ୍ତ ବ୍ଲକ, ତହସିଲ ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ ସୁଶାସନ ସପ୍ତାହ ପାଳିତ ହୋଇଛି। ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ




ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ ସହ ଉପଯୁକ୍ତ ହିତାଧିକାରୀଙ୍କୁ ନିୟମ ଅନୁସାରେ ସାମିଲ କରାଯାଉଛି। ଏହି ସପ୍ତାହ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଅଧିକାରୀମାନେ ଜନ ସାଧାରଣଙ୍କୁ ଅବଗତ ଓ ସଚେତନ କରାଇଛନ୍ତି। କାକଟପୁର ବ୍ଲକ ବିଭୂତିପୁରର ଭିନ୍ନକ୍ଷମ ବ୍ୟକ୍ତି ସୁରେଶ କୁମାର ସାହୁ ନିଜେ ପାଇଥିବା ସରକାରୀ ଯୋଜନା ସମ୍ପର୍କରେ କୁହନ୍ତି ଯେ, ଭିନ୍ନକ୍ଷମ ବ୍ୟକ୍ତି ଭାବେ ସେ ମଧୁବାବୁ ଭିନ୍ନକ୍ଷମ ସହାୟତା ପାଉଥିବା ବେଳେ ଟ୍ରାଇସାଇକେଲ ମଧ୍ୟ ପାଇଛନ୍ତି। ସେହିପରି ଜଣେ ଭିନ୍ନକ୍ଷମ ସକ୍ଷମଙ୍କୁ ବିବାହ କରି ସରକାରୀ ଯୋଜନା ଅନୁଯାୟୀ ୨ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ମଧ୍ୟ ପାଇଛନ୍ତି। ଏଥିପାଇଁ ସେ ପ୍ରଶାସନ ଓ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। କାକଟପୁର ବ୍ଲକର ଅନ୍ୟତମ ଭିନ୍ନକ୍ଷମ ମାନସ କୁମାର ନାୟକ ମଧ୍ୟ ଭିନ୍ନକ୍ଷମ ସହାୟତା ପାଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ସେହିପରି ଅନ୍ୟ ହିତାଧିକାରୀ ମାନେ ସରକାରୀ ଯୋଜନାରେ ସୁବିଧା ପାଇ ନିଜ ପରିବାରର ଆର୍ଥିକ ସ୍ଥିତି ମଜବୁତ କରିଛନ୍ତି ବୋଲି ସୂଚନା ଦେଇଛନ୍ତି।

## ରକ୍ତଦାନ ହେଉଛି ମହାଦାନ: ଏସ୍‌ପି

ପୁରୀ,୧୯।୧୨(ସମିସ): ସ୍ଥାନୀୟ ସଦ୍‌ଭାବନା ଗୃହରେ ସମୁଦ୍ର କୂଳ ଥାନା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏସ୍‌ପି ପ୍ରତୀକ୍ ସିଂ ଉଦ୍‌ଘାଟନ କରିଥିଲେ। ଏଥିରେ ସାଧାରଣ ଜନତା, ପୁଲିସ କର୍ମଚାରୀ, ସାମାଜିକ ସଙ୍ଗଠନ ସଦସ୍ୟ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୧୦୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ଏସ୍‌ପି ଶ୍ରୀ ସିଂ କହିଥିଲେ ଯେ, ରକ୍ତଦାନ ମହାଦାନ ଅଟେ। ଏହାଦ୍ୱାରା ଅନେକ ମୂଲ୍ୟବାନ ଜୀବନକୁ ବଞ୍ଚାଇ ହେବ। ପୁଲିସ କେବଳ ଆଇନ ଶୃଙ୍ଖଳା ରକ୍ଷାରେ ସୀମିତ ନୁହେଁ, ସାମାଜିକ ଦାୟିତ୍ୱ ପାଳନ ଓ ମାନବିକ ସେବାରେ ମଧ୍ୟ ସକ୍ରିୟଭାବେ ଅଂଶଗ୍ରହଣ କରୁଛି। ଭବିଷ୍ୟତରେ ଏଭଳି କାର୍ଯ୍ୟକ୍ରମ ଅଧିକ ପରିମାଣରେ ଆୟୋଜନ କରାଯିବ ବୋଲି କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ଟାଉନ ଆଇଆଇସି ଗୋକୁଳ ରଞ୍ଜନ ଦାସ, ସମୁଦ୍ରକୂଳ ଆଇଆଇସି ମାନସ ଚକ୍ର, ସିଂହଦ୍ୱାର ଆଇଆଇସି ଶ୍ୱେତପଦ୍ମା ଦାଶ, ବଳିଆପଣ୍ଡା ଆଇଆଇସି ସଙ୍ଗୀତା ଦାଶ ଓ ତାଳବଣିଆ ଆଇଆଇସି ଗୀତାଞ୍ଜଳି ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ରକ୍ତଦାତା, ସହଯୋଗୀ ସଂଗଠନ ଓ ଚିକିତ୍ସକ ଦଳଙ୍କୁ ପୁରୀ ପୁଲିସ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା।



### ୧୦୪ ୟୁନିଟ୍ ରକ୍ତ ସଂଗ୍ରହ



# ପାଟଣାଗଡ଼ ବସ୍‌ଷ୍ଟାଣ୍ଡରୁ ୬ ଦାଦନ ଶ୍ରମିକ ଉଦ୍ଧାର

ପାଟଣାଗଡ,୧୯ । ୧୨(ସମିସ): ସ୍ଥାନୀୟ ବସଷ୍ଟାଣ୍ଡରେ ଏକ ଘରୋଇ ବସ୍‌ରୁ ବେଆଇନ ଭାବେ ବ୍ରହ୍ମପୁର ଚାଲାଣ ହେବାକୁ ଥିବା ୬ ଜଣ ଦାଦନ ଶ୍ରମିକଙ୍କୁ ପାଟଣାଗଡ଼ ପୁଲିସ ଉଦ୍ଧାର କରିଛି । ଏହାସହ ବେଲପଡା ଥାନା ତେନ୍ତୁଲିମୁଣ୍ଡା ଗାଁର ଦାଦନ ସର୍ଦ୍ଦାର ମାଧବ ବଛା (୩୧)କୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି ।




ପ୍ରତିଦିନ ପଦ୍ମପୁରରୁ ପାଟଣାଗଡ଼ ଦେଇ ବ୍ରହ୍ମପୁର ଯାଉଥିବା ବଡ଼ ପଣ୍ଡା ବସ୍ (ଓଡି ୧୭ ଜି ୯୨୪୪)ରେ ଲୁହାସିଂହା ଛକ, ଜୁରିଆ ବସଷ୍ଟାଣ୍ଡ, ଚିଟକାମାଲ ଛକ, ବାଞ୍ଜିଝାଳ ଛକ, ପାଢେଲ ବସ୍‌ଷ୍ଟାଣ୍ଡ, ଗଞ୍ଜାଉଡ଼ାର ଛକ, ପାଟଣାଗଡ଼ ବସ୍‌ଷ୍ଟାଣ୍ଡ, ରାମପୁର ପେଟ୍ରୋଲ ପମ୍ପ ଛକ, ଭଇଁସା ବସ୍‌ଷ୍ଟାଣ୍ଡ, ଧବଳପଡା ବସ୍‌ଷ୍ଟାଣ୍ଡ, ବାନ୍ଧନଭାଡ଼ି ବସଷ୍ଟାଣ୍ଡ ଆଦି ସ୍ଥାନରୁ ଦୈନନ୍ଦିନ ବେଆଇନ ଭାବେ ବ୍ରହ୍ମପୁର ଓ ଆନ୍ଧ୍ର ଅଞ୍ଚଳକୁ ଦାଦନ ଚାଲାଣ ହେଉଛି ।

# ବଲାଙ୍ଗିରରେ ଦାଦନ ଉଦ୍ଧାର ପ୍ରହସନ
# ଧରିଲା ପୁଲିସ, ଛାଡିଦେଲା ଶ୍ରମ ବିଭାଗ

**ବଲାଙ୍ଗିର,୧୯ ।୧୨(ସମିସ)**

ବଲାଙ୍ଗିର ଜିଲ୍ଲାରେ ଦାଦନ ଚାଲାଣର ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି । ବେଆଇନ ଭାବେ ଚାଲାଣ ସନ୍ଦେହରେ ପୁଲିସ ଏକ ଘରୋଇ ବସରୁ ୩୩ ଜଣଙ୍କୁ ଉଦ୍ଧାର କରି ପଚରାଉଚୁରା କରିଥିଲା; କିନ୍ତୁ ସେମାନେ ନିଜ ଇଚ୍ଛାରେ ଯାଉଥିବା କହି ସମସ୍ତଙ୍କୁ ଶ୍ରମ ବିଭାଗ ଛାଡିଦେଲା । ତେବେ ଯଦି ସେମାନେ ସ୍ୱଇଚ୍ଛାରେ ଯାଉଥିଲେ ତେବେ ସେମାନେ ନିଜ ପଞ୍ଚାୟତରେ ପଞ୍ଜିକରଣ କରିଛନ୍ତି ନା ନାହିଁ, ଯଦି କରିଛନ୍ତି ତେବେ ସେମାନେ କେଉଁ ସ୍ଥାନକୁ ଯାଉଛନ୍ତି, କେଉଁ କାମରେ ନିୟୋଜିତ ହେବେ ସେ ତଥ୍ୟ ପ୍ରଦାନ କରିବା କଥା । କିନ୍ତୁ ଯାଉଥିବା ଶ୍ରମିକମାନେ କେଉଁ ସ୍ଥାନକୁ ଯାଉଛନ୍ତି ସେନେଇ ସ୍ପଷ୍ଟ କହିପାରୁ ନ ଥିବା ବେଳେ କେମିତି ଶ୍ରମ ବିଭାଗ ଶ୍ରମିକଙ୍କୁ ଯିବା ପାଇଁ ଛାଡିଦେଲା ତାହା ସବୁଠାରୁ ବଡ ପ୍ରଶ୍ନ ହୋଇରହିଛି ।

ବଲାଙ୍ଗିର ଜିଲ୍ଲାରୁ ପ୍ରତିବର୍ଷ ହଜାର ହଜାର ଶ୍ରମିକ ବେଆଇନ ଭାବେ ରାଜ୍ୟ ବାହାରକୁ କାମ କରିବା ପାଇଁ ଯାଇଥାନ୍ତି । ପ୍ରାୟତଃ ବଲାଙ୍ଗିର ଜିଲ୍ଲାରୁ ଆନ୍ଧ୍ର, ତେଲେଙ୍ଗାନା, ତାମିଲନାଡୁକୁ ଯାଉଥିବା ବେଳେ ଏହାକୁ ରୋକିବା ପାଇଁ ଉଭୟ ପୁଲିସ ଓ ପ୍ରଶାସନ ମିଳିତ ଭାବେ ଚଢଉ କରି ଶ୍ରମିକଙ୍କୁ ଉଦ୍ଧାର କରନ୍ତି ଓ ଘରକୁ ପଠାଇବାର ବ୍ୟବସ୍ଥା କରିଥାନ୍ତି । ଜିଲ୍ଲାରେ ଏହା ଏକ ଚିରାଚରିତ ପ୍ରକ୍ରିୟା । ତେବେ ଏହି ପ୍ରକ୍ରିୟା ଉଭୟ ପୁଲିସ, ପ୍ରଶାସନ ଓ ଦାଦନ ସର୍ଦ୍ଦାରଙ୍କ ଜାଣତରେ ଚାଲୁଥିବା ବେଳେ ଅନେକ ସମୟରେ ଶ୍ରମିକଙ୍କୁ ସର୍ଦ୍ଦାରମାନେ ଭିନ୍ନ ଭିନ୍ନ ଉପାୟରେ ଚାଲାଣ କରିଥାନ୍ତି । ସିଧାସଳଖ ସେମାନଙ୍କୁ ଚାଲାଣ କରିବା ବଦଳରେ କିଛି ସର୍ଦ୍ଦାର ରାସ୍ତା ବଦଳାଇ ଚାଲାନ କରୁଥିବା ଅଭିଯୋଗ ହୋଇଆସୁଛି । ଏପରିକି ପୁଲିସ ଓ ପ୍ରଶାସନ ଆଖିରେ ଧୂଳି ଦେଇ ଏହି ଚାଲାଣ କରୁଥିବା ବେଳେ

- ସ୍ୱଇଚ୍ଛା ବୟାନ ଶୁଣି ତରଳିଗଲା ଶ୍ରମ ବିଭାଗ
- ବଲାଙ୍ଗିରରୁ ଆନ୍ଧ୍ର ଭାୟା ବ୍ରହ୍ମପୁର

ଏହାର ଏକ ଉଦାହରଣ ସାମ୍ନାକୁ ଆସିଛି । ବଲାଙ୍ଗିର ସଦର ଥାନା ଅଞ୍ଚଳରୁ ଗୁରୁବାର ରାତିରେ କଣ୍ଟାବାଞ୍ଜି ଅଞ୍ଚଳର କିଛି ଶ୍ରମିକ ବ୍ରହ୍ମପୁର ଯାଉଥିଲେ । ବଡପଣ୍ଡା ବସ୍‌ରେ ଚାଲାଣ କରାଯାଉଥିବା ପୁଲିସ ସୂଚନା ପାଇଥିଲା । ସୂଚନା ପାଇବା ପରେ ସଦର ପୁଲିସର ଏକ ଟିମ୍ ବସ୍ ଅଟକାଇ ଛୋଟ ଶିଶୁ, ମହିଳା, ଯୁବତୀଙ୍କୁ ମିଶାଇ ପ୍ରାୟ ୩୩ ଜଣଙ୍କୁ ଅଟକ ରଖିଥିଲା । ସେମାନେ ସମସ୍ତେ ବ୍ରହ୍ମପୁର ଯାଉଥିବା କହୁଥିବା ବେଳେ ତାଙ୍କର କେହି ସର୍ଦ୍ଦାର ନ ଥିବା କହିଥିଲେ । ତେବେ ବ୍ରହ୍ମପୁରର କେଉଁ ସ୍ଥାନକୁ ଯାଉଛନ୍ତି ସେନେଇ ସ୍ପଷ୍ଟ ସୂଚନା ଦେଇପାରୁ ନ ଥିବା ବେଳେ ମହିଳାମାନେ ଏକାକି ଶିଶୁମାନଙ୍କୁ ନେଇ ଯାଉଥିବା ଦେଖିବାକୁ ମିଳିଥିଲା । ସେମାନେ ବ୍ରହ୍ମପୁରରେ ଓହ୍ଲାଇ ଆଉ ଏକ ସ୍ଥାନକୁ ଯିବେ ବୋଲି କହୁଥିବା ବେଳେ ଆଲୋଚନା ସମୟରେ ହିଁ ସେମାନଙ୍କୁ ଚାଲାଣ କରାଯାଉଥିବା ସନ୍ଦେହ ଜାତ ହୋଇଥିଲା; କିନ୍ତୁ ସେମାନେ ସବୁ ନିଜ ଇଚ୍ଛାରେ ଯାଉଥିବା ଏକ ସ୍ୱରରେ କହୁଥିବା ଦେଖିବାକୁ ମିଳିଥିଲା । ଏନେଇ ଶ୍ରମ ବିଭାଗ ଅଧିକାରୀ ଥାନାରେ ପହଞ୍ଚି ଆଲୋଚନା କରିବା ପରେ ସେମାନେ ନିଜ ଇଚ୍ଛାରେ ଯାଉଥିବା କହିବାରୁ ସମସ୍ତଙ୍କୁ ଛାଡିଦେବାକୁ କହିଥିଲେ । ଏହାଫଳରେ ପୁଲିସ ସମସ୍ତଙ୍କୁ ଛାଡିଦେଇଥିବା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି । ତେବେ ଯଦି ଶ୍ରମିକମାନେ ନିଜ ଇଚ୍ଛାରେ ଯାଉଥିଲେ ତେବେ ସେମାନେ ସ୍ଥାନୀୟ ପଞ୍ଚାୟତରେ ପଞ୍ଜିକରଣ କରିଛନ୍ତି କି ନାହିଁ ତାହା ସବୁଠାରୁ ବଡ ପ୍ରଶ୍ନ । ମିଳିଥିବା ସୂଚନା ଅନୁସାରେ ଏହି ଶ୍ରମିକମାନେ ବ୍ରହ୍ମପୁର ଦେଇ ଆନ୍ଧ୍ରକୁ ଯିବାର ଯୋଜନା ରହିଥିଲା । ଏହି ରାସ୍ତା ସର୍ଦ୍ଦାରମାନଙ୍କ ପାଇଁ ସୁରକ୍ଷା ରାସ୍ତା ସାଜିଥିବାରୁ ପ୍ରତିବର୍ଷ ଅନେକ ଶ୍ରମିକ ବ୍ରହ୍ମପୁର ଦେଇ ଆନ୍ଧ୍ରକୁ କାମ କରିବାକୁ ଯାଉଥିବାର ଉଦାହରଣ ମଧ୍ୟ ରହିଛି । ତେବେ ଗୋଟିଏ ପଟେ ପୁଲିସ ଶ୍ରମିକମାନଙ୍କୁ ଉଦ୍ଧାର କଲା; କିନ୍ତୁ ଶ୍ରମ ବିଭାଗ ସେମାନଙ୍କୁ ଛାଡିଦେବା ଘଟଣା ଜିଲ୍ଲାରେ ଦାଦନ ଉଦ୍ଧାର ଅଭିଯାନ କିଭଳି ଚାଲିଛି ତାହା ସ୍ପଷ୍ଟ ହୋଇଛି ।

# ମାଁ ସାହାଜି ଯୁବକ ସଂଘ ରୌପ୍ୟ ଜୟନ୍ତୀ ସମାରୋହ



ବଙ୍ଗୋମୁଣ୍ଡା,୧୯ ।୧୨(ସମିସ): କପିଲାଭଟା ମାଁ ସାହାଜି ଯୁବକ ସଂଘର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମାଁ ସାହାଜିକଟେନଙ୍କ ପୀଠରୁ ମଶାଲ ଆଣି କାର୍ଯ୍ୟକ୍ରମ ସ୍ଥଳରେ ସ୍ଥାପନ କରାଯାଇଥିଲା । ମାଁ ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପୁରନ୍ଦର ବାଗ, କଣ୍ଟାବାଞ୍ଜି ବୈଷୟିକ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ତଥା ବିଶିଷ୍ଟ ଲେଖକ ସଞ୍ଜୟ ମିଶ୍ର, ବଙ୍ଗୋମୁଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି ଅଜିତ କୁମାର ଯୋଶୀ, ବଙ୍ଗୋମୁଣ୍ଡା ବିଜେପି ମଣ୍ଡଳ ସଭାପତି ପବିତ୍ର ପୋଡ଼, କପିଲାଭଟା ସରପଞ୍ଚ ତୁଳସେ ଭୋଇ, ସମିତି ସଭ୍ୟ କେଦାର ଭୋଇ, ବଲାଙ୍ଗୀର ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ଉପ ସଭାପତି ଅଶୋକ ନାରାୟଣ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଗାଁ,ସମାଜ ଓ ଦେଶ ଗଠନ କରିବାରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା । ସମ୍ପାଦକ ହୁଲେଶ୍ୱର ହଂସ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ଏହି ଅବସରରେ କପିଲାଭଟା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ ବାରିକ, କପିଲାଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଟଙ୍କଧର ବିଶ୍ୱାଳ, କପିଲାଭଟା ଅଙ୍ଗନବାଡ଼ି କର୍ମୀ ପ୍ରିୟା ବାଗ, କପିଲାଭଟା ଆଶା କର୍ମୀ ସଂଗୀତା ବନଛୋର, କପିଲାଭଟାର ଏମବିକେ ଭୁଜଙ୍ଗିନୀ ହଂସ, କପିଲାଭଟା ଗ୍ରାମର ସିଆରପି ଇନ୍ଦୁମତି ହଂସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାପତି ଜିତାମିତ୍ର ବିଶି ସଭାପତିତ୍ୱ କରିଥିଲେ । ସୁନୀଲ ବିଶି, ଅଶୋକ ବିଶି, ପରମାନନ୍ଦ ଛତ୍ରିଆ, ରଜତ ବିଶି, ବିକାଶ ହଂସ, ଦେବାଶିଷ ବିଶି, ଶୁଭାଶିଷ ବିଶି, ଚନ୍ଦ୍ରଶେଖର ବିଶି, ସମୀର ବିଶି, ରଶ୍ମିରଞ୍ଜନ ହଂସ, ଲୋକନାଥ ହଂସ, ଯଶପାଲ ହଂସ, ରଞ୍ଜନ ହଂସ, ସୁରେନ୍ଦ୍ର ବିଶି ପ୍ରମୁଖ ସହଯୋଗ କରିଥିଲେ ।

# କଣ୍ଟାବାଞ୍ଜି ମାଟିର ମହୋତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତା ନେଇ ପ୍ରସ୍ତୁତି

କଣ୍ଟାବାଞ୍ଜି,୧୯ ।୧୨(ସମିସ): ସ୍ଥାନୀୟ ରେଳବାଇ ଖେଳ ପଡ଼ିଆରେ ଜାନୁଆରୀ ୯ରୁ ୩ ଦିନ ଧରି କଣ୍ଟାବାଞ୍ଜି ମାଟିର ମହୋତ୍ସବ ଆୟୋଜିତ ହେବ । ଏଥିପାଇଁ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଏବଂ ଏସଏଚ୍‌ଜି ମହିଳାଙ୍କ ମଧ୍ୟରେ ରଙ୍ଗୋଲି, ରାମ୍ପ ସୋ, ହୁଳହୁଳି, ଶଙ୍ଖ ଫୁଙ୍କା, ମେହେନ୍ଦି, କୁଇଜ୍ ଆଦି ଅନେକ ଆୟୋଜିତ ହେବ । ତେଣୁ କଣ୍ଟାବାଞ୍ଜି ସହରର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ଏସଏଚ୍‌ଜି ମହିଳାଙ୍କୁ ନେଇ ଶୁକ୍ରବାର କଣ୍ଟାବାଞ୍ଜି ହରି ଭବନରେ ଏକ ପ୍ରସ୍ତୁତି ବୈଠକ ବସିଥିଲା । ମାଟିର ମହୋତ୍ସବ କମିଟି ସଭାପତି ବ୍ରଜଶ୍ୟାମ ଗୁରୁ ଏଥିରେ ସଭାପତିତ୍ୱ କରିଥିଲେ । ଏଥିରେ କଣ୍ଟାବାଞ୍ଜି ମାଟିର ମହୋତ୍ସବ କମିଟି ସାଧାରଣ ସମ୍ପାଦକ ବେଦବ୍ୟାସ ନାଗ, କୋଷାଧ୍ୟକ୍ଷ ସନ୍ତୋଷ ଅଗ୍ରୱାଲ, ସିଆରସିସି ମେମ୍ବର ରାଜେନ୍ଦ୍ର ଅଗ୍ରୱାଲ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରାଜେଶ୍ୱରୀ ତ୍ରିପାଠୀ, କଣ୍ଟାବାଞ୍ଜି କେଭି କଲେଜ ପ୍ରାଧ୍ୟାପକ ଯଶୋବନ୍ତ ନାରାୟଣ ମିଶ୍ର, ମାରୱାଡ଼ି ଯୁବା ମଞ୍ଚ ଜାଗୃତି ଶାଖାର ଚଞ୍ଚଳ ବଂଶଲ, ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମିଳନୀ ସଭାପତି ସନ୍ତୋଷୀ ଜୈନ, ସମ୍ପାଦିକା ପୁନମ୍ ଖଣ୍ଡେଲୱାଲ,ଏସଏଚ୍‌ଜି ଗ୍ରୁପରୁ ବବିତା ବେହେରା ପ୍ରମୁଖ ମଞ୍ଚାସୀନ ଥିବଲେ । ମାଟିର ମହୋତ୍ସବ କମିଟି ପ୍ରଚାର ଦାୟିତ୍ୱରେ ଥିବା ରୋହନ କୁମାର ମହତ, ସହ ସମ୍ପାଦକ ରାଜୁ ବାରିକ, କାର୍ଯ୍ୟକାରୀ ସଦସ୍ୟ ମୋହନ ସୁନା, ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସହ ସମ୍ପାଦକ ଦିନେଶ ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ ।




# ରାଜେନ୍ଦ୍ର ନଗର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
# କଣ୍ଟାବାଞ୍ଜି ପ୍ରଭାତ କ୍ଲବ୍ ଚାମ୍ପିଅନ



କଣ୍ଟାବାଞ୍ଜି,୧୯ ।୧୨(ସମିସ): କଣ୍ଟାବାଞ୍ଜି ରାଜେନ୍ଦ୍ର ନଗର ଫୁଟବଲ୍ କ୍ଲବ୍ ଦ୍ୱାରା ଆୟୋଜିତ ସପ୍ତମ ରାଜେନ୍ଦ୍ର ନଗର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଙ୍ଗୋମୁଣ୍ଡା ସରପଞ୍ଚ ସଂଘ ସଭାପତି ଅଜିତ ଯୋଶୀ ଏବଂ ସମ୍ମାନୀତ ଅତିଥି ଭାବେ ପ୍ରଦୀପ ଖଣ୍ଡେଲୱାଲ ଯୋଗ ଦେଇଥିଲେ । ଫାଇନାଲ ପ୍ରତିଯୋଗିତା ପ୍ରଭାବ କ୍ଲବ୍ କଣ୍ଟାବାଞ୍ଜି ଓ ସଲଣ୍ଡି ଫୁଟବଲ ଟିମ୍ ଧରେ ହୋଇଥିଲା । ପ୍ରଭାବ କ୍ଲବ୍ ବିଜୟୀ ହୋଇଛି । ଜଗନ୍ନାଥ ପଟେଲ, ଅଜୟ ପଟେଲ, କୃଷ୍ଣ ଜାଲ, ବିଦ୍ୟା ପୁଟେଲ, ଡବ୍ଲୁ ହାତୀ, ସୁଶାନ୍ତ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

- ବିଦ୍ୟୁତ୍ ତାର ଚୋରି ରାକେଟର ପର୍ଦ୍ଦାଫାସ
# ୭ ଅଭିଯୁକ୍ତଙ୍କ ସହ ଫ୍ୟାକ୍ଟ୍ରି ମାଲିକ ଗିରଫ, ବିଭିନ୍ନ ସାମଗ୍ରୀ ଜବତ



ପାଟଣାଗଡ଼,୧୯ ।୧୨(ସମିସ): ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବିଦ୍ୟୁତ ତାର ଚୋରି କରି କଣ୍ଟାବାଞ୍ଜିର ଏକ ଆଲୁମିନିୟମ ଫ୍ୟାକ୍ଟ୍ରିରେ ବିକ୍ରି କରିଥିବା ୭ ଜଣ ଅଭିଯୁକ୍ତ ଓ ଚୋରି ତାର କିଣିଥିବା ଫ୍ୟାକ୍ଟ୍ରିର ମାଲିକକୁ ଖପ୍ରାଖୋଲ ପୁଲିସ ଗିରଫ କରଛି । ଚୋରା ଆଲୁମିନିୟମ ତାରରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଜବତ ହୋଇଛି । ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସଦାନନ୍ଦ ପୁଝାରୀ ଏହି ସୂଚନା ଦେଇଛନ୍ତି । ତେବେ ଗିରଫ ଅଭିଯୁକ୍ତମାନେ ହେଲେ କଣ୍ଟାବାଞ୍ଜିର ଅଶୋକ ମଲ୍ଲିକ (୩୧), ନୃପ ବଗର୍ତ୍ତୀ (୨୫), ପ୍ରଶାନ୍ତ ବଗର୍ତ୍ତୀ (୨୭), ମୁକେଶ ନାଏକ (୨୬), ବେଲପଡା ଥାନା ବିଚ୍ଛୁବାହାଲି ଗ୍ରାମର ରୋହିତ କୁମ୍ଭାର (୨୩), ଭରତ କୁମ୍ଭାର (୨୪), ଉଡିଙ୍ଗ ଗ୍ରାମର ସଞ୍ଜୟ ତାଣ୍ଡି (୨୬) ଏବଂ କଣ୍ଟାବାଞ୍ଜି ଆମପଡାରେ ଥିବା ଆଲୁନିୟମ ଫ୍ୟାକ୍ଟ୍ରିର ମାଲିକ ପ୍ରକାଶ ବେହେରା (୨୮) । ଏଥିସହ ଚୋରି ବିଦ୍ୟୁତ୍ ତାର ବିକ୍ରି ପରେ ସେଥିରେ ଫ୍ୟାକ୍ଟ୍ରିରେ ପ୍ରସ୍ତୁତ ବିଭିନ୍ନ ଆଲୁମିନିୟମ ସାମଗ୍ରୀ, ଗୋଟିଏ ବଣ୍ଡଲ ୧୧ କେଭି ବିଦ୍ୟୁତ ତାର, ସ୍କ୍ରୁ ଡ୍ରାଇଭର, ଆରି କଟର, ରେଞ୍ଚି, ୧୫୮୫୦ ଟଙ୍କା, ୮ ଟି ମୋବାଇଲ, ୩ଟି ବାଇକ, ଗୋଟିଏ ଟାଟା ଏସିଇ (ଓଡି ୦୩ ଏଏକ୍ସ ୫୦୧୯) ଜବତ କରାଯାଇଛି ।

# ବେଲପଡ଼ା କଲେଜରେ ବାଲ୍ୟବିବାହ ମୁକ୍ତ ଭାରତ କାର୍ଯ୍ୟକ୍ରମ




ବେଲପଡା,୧୯ ।୧୨(ସମିସ): ବେଲପଡ଼ା କଲେଜରେ ବାଲ୍ୟବିବାହ ମୁକ୍ତ ଭାରତ କାର୍ଯ୍ୟକ୍ରମ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟୁତ ପ୍ରଭା ନାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଲ୍ୟ ବିବାହର କୁପରିଣାମ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ଏଭଳି ପ୍ରଥାର ସମୂଳେ ବିନାଶ କରିବାକୁ ପରାମର୍ଶ ଦେଇଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ମନୋଜ ମହାଖୁଡ଼ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବାଲ୍ୟ ବିବାହର ସାମାଜିକ ପ୍ରଭାବ ଉପରେ କହିଥିଲେ । ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ସଭାପତିତ୍ୱ କରିଥିଲେ । ଅଧ୍ୟାପକ ଅମୀୟ ବାବୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡକ୍ଟର ଗଙ୍ଗାଧର ଦେହେରୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହା ଉପରେ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଲିପ୍ସା ରଣା, ସରିତା ବାରିକ, ପ୍ରତାପ ମହାନନ୍ଦ, ଲୋକେଶ ଚନ୍ଦ୍ର ବାଗ ପରିଚାଳନା କରିଥିଲେ ।

- ଲୋଇସିଂହା ଗହଣା ଦୋକାନ ଚୋରି ଘଟଣା
# ୨ ଦିନ ପରେ ବି ପୁଲିସ ହାତ ଖାଲି

ବଲାଙ୍ଗିର,୧୯ ।୧୨(ସମିସ): ଲୋଇସିଂହା ଥାନା ନିକଟସ୍ଥ ଏକ ଗହଣା ଦୋକାନରୁ ଲକ୍ଷ ଲକ୍ଷ ଟଙ୍କାର ରୂପା ସାମଗ୍ରୀ ଚୋରି ଘଟଣାର ଦୁଇ ଦିନ ପରେ ବି ପୁଲିସ ହାତ ଖାଲି ରହିଛି । ଥାନାରୁ ମାତ୍ର ଦୁଇରୁ ତିନି ଶହ ମିଟର ଦୂରରେ ଥିବା ଦୋକାନରୁ ଏଭଳି ବଡ ଧରଣର ଚୋରି ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିବା ସହ ସେମାନେ ନିଜକୁ ଅସୁରକ୍ଷିତ ମଣୁଥିବା ଅଭିଯୋଗ କରିଛନ୍ତି । ଏମିତିରେ ପୁଲିସ ଏହି ମାମଲାରେ କେବେ ଚୋରଙ୍କୁ ଧରିବ ଓ ଚୋରି ସାମଗ୍ରୀ ଉଦ୍ଧାର କରିବ ତାହା ଦେଖିବା କଥା । ବୁଧବାର ରାତି ପ୍ରାୟ ଦେଢଟାରେ ଲୋଇସିଂହା ବସଷ୍ଟାଣ୍ଡ ତଥା ଥାନାରୁ ମାତ୍ର ଦୁଇ ଶହରୁ ତିନି ଶହ ମିଟରରେ ଥିବା ଏକ ଗହଣା ଦୋକାନରେ ଚୋରି ହୋଇଥିଲା । ଦୋକାନ ସଟର କାଟି ଦୁଇ ଜଣ ଚୋର ଭିତରେ ପଶି ରୂପା ଓ ସୁନା ସାମଗ୍ରୀ ଚୋରି କରୁଥିବା ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି । ସେମାନେ ସ୍ଥାନୀୟ ଭାଷାରେ କଥା ହେଉଥିବା ମଧ୍ୟ ଜଣାପଡିଛି । ଚୋରି ବିଷୟରେ ଖବର ପାଇ ପୁଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲା । ଏସଡିପିଓ ମଧ୍ୟ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିଲେ । ଏହି ଚୋରି ଘଟଣାରେ ସଂପୃକ୍ତ ବ୍ୟବସାୟୀ ପ୍ରାୟ ୪୦ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ପ୍ରାଥମିକ ପର୍ଯ୍ୟାୟରେ ଅଭିଯୋଗ କରିଥଛନ୍ତି । ତେବେ ଏହି ଘଟଣାର ପ୍ରାୟ ଦୁଇ ଦିନ ବିତିଯାଇଥିବା ବେଳେ ଏଯାଏଁ ଏହି ଘଟଣାରେ ପୁଲିସକୁ କୌଣସି ସୁରାକ ମିଳିନି । କେବଳ ବ୍ୟବସାୟୀଙ୍କ ଅଭିଯୋଗକୁ ନେଇ ମାମଲା ରୁଜୁ କରି ପୁଲିସ ଚୁପ୍ ।

# ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ଶପଥପାଠ



ଲୋଇସିଂହା,୧୯ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ମହାବିଦ୍ୟାଳୟରେ ଶୁକ୍ରବାର ଆତ୍ମନିର୍ଭରଶୀଳ ଭାରତ ଦିବସ ପାଳିତ ହୋଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୁଦେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ସାମୂହିକ ସ୍ୱଦେଶୀ ଶପଥପାଠ କରିଥିଲେ । ଅଧ୍ୟାପକ ଅବିନାଶ ସାହୁ ସମସ୍ତଙ୍କୁ ଶପଥପାଠ କରାଇ ଥିଲେ । ପ୍ରାଧ୍ୟାପକ ଦୟାନିଧି ସାହୁ ଆତ୍ମନିର୍ଭର ଭାରତ ଉପରେ ଉଦ୍‌ବୋଧନ ଦେଇଥିଲେ । ଅଧ୍ୟାପକ ଡ. ଜଳଧର ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୨୫ରେ ଦିବ୍ୟ ଜ୍ୟୋତି ଜାଗୃତି ସଂସ୍ଥାନ ଦ୍ୱାରା ଶିବକଥା




ଟିଟିଲାଗଡ,୧୯ ।୧୨(ସମିସ): ସ୍ଥାନୀୟ ଗୋବିନ୍ଦ ବାଟିକାରେ ଡିସେମ୍ବର ୨୫ରୁ ୩୧ ପର୍ଯ୍ୟନ୍ତ ଦିବ୍ୟ ଜ୍ୟୋତି ଜାଗୃତି ସଂସ୍ଥାନ ଦ୍ୱାରା ଶିବକଥା ଆୟୋଜିତ ହେବ । ଏକ ସାମ୍ବାଦିକ ସମ୍ମିଳନୀରେ ସ୍ୱାମୀ ନରେଶା ନନ୍ଦ, ନିବେଦିତା ଭାରତୀ, କମିଟି ସଦସ୍ୟ ଉମା ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି । ପ୍ରତ୍ୟେକ ଦିନ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ଯାଏଁ ଏହା ଅନୁଷ୍ଠିତ ହେବ ।

# ସମିତି ବୈଠକକୁ ନେଇ ବିବାଦରେ ଆଗଲପୁର ବ୍ଲକ୍ ପ୍ରଶାସନ

ଲୋଇସିଂହା,୧୯ । ୧୨(ସମିସ): ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ୍ ପ୍ରଶାସନ ପଞ୍ଚାୟତ ସମିତି ସାଧାରଣ ବୈଠକକୁ ନେଇ ବିବାଦ ମୁଣ୍ଡାଇଛି । ଆଗଲପୁର ପଞ୍ଚାୟତ ସମିତି ବୈଠକ ଲାଗି ଶୁକ୍ରବାର ଧାର୍ଯ୍ୟ ହୋଇଥିଲା; ହେଲେ ବିଧାନସଭା କିମ୍ବା ଲୋକସଭା ଅଧିବେଶନ ଚାଲିଥିବାବେଳେ ପଞ୍ଚାୟତ ସମିତି କିମ୍ବା ଜିଲା ପରିଷଦ ବୈଠକ ଡକାଯାଇ ପାରିବ ନାହିଁ । ଓଡିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୨୦୦୯ରେ ଏ ନେଇ ଏକ ନିର୍ଦ୍ଦେଶ ଜାରି କରାଯାଇଛି । ବର୍ତ୍ତମାନ ଲୋକସଭା ଅଧିବେଶନ ଚାଲିଛି । ଏହି କାରଣରୁ ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶକୁ ଅବମାନନା କରି ଆଗଲପୁର ବ୍ଲକ୍ ପ୍ରଶସନ ପଞ୍ଚାୟତ ସିମିତ ବୈଠକ ଡାକିଥିବାରୁ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ କ୍ଷୋଭ ପ୍ରକାଶ କରିଛନ୍ତି । ସେ ଏହାର ପୁନର୍ବିଚାର ପାଇଁ ଡିସେମ୍ବର ୧୮ରେ ବ୍ଲକ ପ୍ରଶାସନକୁ ଏନେଇ ଏକ ଚିଠି କରିଛନ୍ତି । ଏହାପରେ ବ୍ଲକ୍ ପ୍ରଶସନ ପକ୍ଷରୁ ରାତି ଅଧିଆ ପଞ୍ଚାୟତ ସମିତି ବୈଠକ ବାତିଲ କରାଯାଇଛି । ବ୍ଲକ୍ ପ୍ରଶାସନ ପକ୍ଷରୁ ଡିସେମ୍ବର ୨୩ ତାରିଖରେ ବୈଠକ ପାଇଁ ପୁନଃ ତାରିଖ ନିର୍ଦ୍ଧାରଣ ହୋଇଛି । ଏ ନେଇ ବଲାଙ୍ଗୀର ଏମପି, ଲୋଇସିଂହା ବିଧାୟକ, ଜିଲାପରିଷଦ ଅଧ୍ୟକ୍ଷା, ବ୍ଲକ ଅଧ୍ୟକ୍ଷା, ସରପଞ୍ଚ, ସମିତିସଭ୍ୟଙ୍କୁ ଜଣାଇ ଦିଆଯାଇଛି ।



### କେନାଲ ଖୋଳାକୁ ନେଇ ଅମୁନି ଆରୋପ-ପ୍ରତ୍ୟାରୋପ

# ‘ହୀନ ମନ୍ତବ୍ୟରୁ ଦୂରେଇ ବିକାଶକୁ ଗୁରୁତ୍ୱ ଦିଅନ୍ତୁ ବିଧାୟିକା’

ବ୍ରହ୍ମଗିରି, ୧୯।୧୨(ସମିସ)



ବ୍ରହ୍ମଗିରି ବ୍ଲକ କୁସୁବେଣ୍ଟି ପଞ୍ଚାୟତ ହରିଦାସ ଗ୍ରାମବାସୀଙ୍କ ବେଆଇନ ଗିରଫଦାରୀ ଓ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ବ୍ରହ୍ମଗିରି ଥାନା ପରିସରରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଅହୋରାତ୍ର ଧାରଣା ଦେଇଥିଲେ। ଏହା ସହିତ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବ୍ରହ୍ମଗିରି ଥାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ବିଶାଳ ଗଣଧାରଣା ଦିଆଯାଇଥିଲା। ହେଲେ ଏହାକୁ ନେଇ ବ୍ରହ୍ମଗିରି ବ୍ଲକ ବିଜେପି ତଥା ବ୍ରହ୍ମଗିରି ବିଧାୟିକାଙ୍କ ପକ୍ଷରୁ ସଞ୍ଜୟ ଦାସବର୍ମାଙ୍କ ବିରୋଧରେ ପ୍ରତିବାଦ କରାଯାଇ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଏଥିରେ ବ୍ରହ୍ମଗିରିର ବିକାଶରେ ଶ୍ରୀ ଦାସବର୍ମା ବାଧକ ହେଉଛନ୍ତି ବୋଲି କୁହାଯାଇଥିଲା। ଏପରିକି ସଭାରେ କିଛି ଅସାମାଜିକ ବ୍ୟକ୍ତି ଗଣମାଧ୍ୟମରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଯାହାକୁ ନେଇ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବ୍ରହ୍ମଗିରି ଦାସରଥି ପ୍ୟାଲେସ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ପ୍ରତିବାଦ କରାଯାଇଛି। ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ବ୍ରହ୍ମଗିରି ବ୍ଲକ ବସଷ୍ଟାଣ୍ଡ ଠାରେ ଆୟୋଜିତ ସଭାରେ ଏବଂ ସୋସିଆଲ ମିଡିଆରେ କିଛି ବ୍ୟକ୍ତି ବିଧାୟିକାଙ୍କ

## ବିଜୁ ଜନତା ଦଳର ସାମ୍ବାଦିକ ସମ୍ମିଳନୀ

ପ୍ରରୋଚନାରେ ବ୍ରହ୍ମଗିରିର ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଛନ୍ତି। ଏହାସହ କଟୁ ଭାଷାରେ ସମାଲୋଚନା କରିଛନ୍ତି। ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ ଏହାକୁ ଦୃଢ଼ ନିନ୍ଦା କରି କହିଛନ୍ତି ଯେ ଯଦି ଆଗକୁ ବ୍ରହ୍ମଗିରି ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀଙ୍କ କିଛି ବି ଅଘଟଣ ଘଟେ ଆମେ ସେହି ଅସାମାଜିକ ବ୍ୟକ୍ତି ବିଶେଷଙ୍କୁ ପ୍ରଥମେ ଦାୟୀ କରିବୁ। ଏଭଳି ନିନ୍ଦନୀୟ ମନ୍ତବ୍ୟ ଦେଇଥିବା ଅସାମାଜିକ ବ୍ୟକ୍ତି ଏବଂ ବିଧାୟିକାଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅବଗତ କରାଇବୁ ବୋଲି କହିଛନ୍ତି। ବ୍ରହ୍ମଗିରିର ବିଧାୟିକା ସାମ୍ବାଦିକ ସମ୍ମିଳନୀ କରି ଯେଉଁ ମନ୍ତବ୍ୟ ଦେଇଥିଲେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କୁ ଆକ୍ଷେପ କରି ସେହି ମନ୍ତବ୍ୟକୁ ନେଇ ବ୍ରହ୍ମଗିରି ବ୍ଲକ ଚାଷୀ ନେତା ତଥା ଭଗବାନ ନାୟକ କହିଛନ୍ତି ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ବ୍ରହ୍ମଗିରିରେ ଯେଉଁ ବିକାଶ ପର୍ବ ଆରମ୍ଭ ହୋଇଥିଲା ତାହା ଏବେ ବନ୍ଦ ହୋଇଯାଇଛି। ଶ୍ରୀ ନାୟକ ଆହୁରି କହିଛନ୍ତି ଯେ ବର୍ତ୍ତମାନର ବିଧାୟିକାଙ୍କ ବାପା ୧୫ ବର୍ଷ, ଦାଦା ୫ ବର୍ଷ, ଆଉ ସେ ନିଜେ ୨ ବର୍ଷ ବ୍ରହ୍ମଗିରିରେ ବିଧାୟକ ଅଛନ୍ତି। ୨୨ ବର୍ଷ ତାଙ୍କ ପରିବାର ବର୍ଗଙ୍କୁ ବ୍ରହ୍ମଗିରିବାସୀ ଆଶୀର୍ବାଦ ଦେଇଛନ୍ତି। ତେବେ ଏହି ୨୨ ବର୍ଷ ଭିତରେ ସେ ବ୍ରହ୍ମଗିରି ଜନସାଧାରଣଙ୍କ ପାଇଁ କଣ କରିଛନ୍ତି ତାହାର ଜବାବ ଦିଅନ୍ତୁ। ତାଙ୍କ ବାପା ବିଧାୟକ ଥିଲା ବେଳେ ବିକାଶ ନ କରି ଗାଁ ଗାଁ ରେ ଗଣ୍ଡଗୋଳ ଲଗାଉଥିଲେ। ବର୍ତ୍ତମାନ ବିଧାୟିକା ଏହି ପନ୍ଥା ଆପଣାଉଛନ୍ତି। ଶେଷରେ ଶ୍ରୀ ନାୟକ କହିଛନ୍ତି ଏଭଳି ହୀନ ମନ୍ତବ୍ୟରୁ ବିଧାୟିକା ଦୂରେଇ ରୁହନ୍ତୁ। ବ୍ରହ୍ମଗିରିରେ ବିକାଶକୁ ଗୁରୁତ୍ୱ ଦିଅନ୍ତୁ। ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ ସାମ୍ବାଦିକ ସମ୍ମିଳନୀ ଦ୍ୱାରା କୁସୁବେଣ୍ଟି ଏବଂ ହରିଦାସ ଗ୍ରାମର ଗ୍ରାମବାସୀଙ୍କୁ ଆହ୍ୱାନ ଦେଇ ଦୁଇ ଗ୍ରାମର ବାସିନ୍ଦାଙ୍କ ସହମତିରେ ଏହି ସମସ୍ୟା ସମାଧାନ କରି କେନାଲ କାର୍ଯ୍ୟ ଖନନ କରିବାକୁ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନାବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ବିଜେଡି ନାରୀ ନେତ୍ରୀ ମାନସୀ ହରିଚନ୍ଦନ ଉଚଗ ନେତା ଭୀମସେନ ସ୍ୱାଇଁ, କୁସୁବେଣ୍ଟି ସରପଞ୍ଚ ରାଧାକାନ୍ତ ସାହୁ, ସମିତି ସଭ୍ୟ ବୃନ୍ଦାବନ ଦଳେଇ, ଚାପମାଣିକ ସରପଞ୍ଚ ଅମୂଲ୍ୟ ଜେନା, ବ୍ରହ୍ମଗିରି ସରପଞ୍ଚ ନନ୍ଦକିଶୋର ବିଶ୍ୱାଳ ଏବଂ ବ୍ରାହ୍ମଣିଆ ସରପଞ୍ଚ ନିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମହତ୍ୟା ଉଦ୍ୟମ କରି ଛାତ୍ର ଗୁରୁତର

ଗମ୍ଭାରୀପଦା, ୧୯।୧୨(ସମିସ): କାକଟପୁର ବ୍ଲକ ଅଞ୍ଚଳରେ ଥିବା ଏକ ଘରୋଇ ବିଦ୍ୟାଳୟର ଜଣେ ଛାତ୍ର ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଥିବା ଜଣାପଡ଼ିଛି। ସେ ଗଳାରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ସନ୍ଦେହ କରାଯାଉଛି। କାକଟପୁର ବାଙ୍ଗୁରୀ ଗାଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ଜଣେ ଛାତ୍ର ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଥିଲେ। ତାଙ୍କ ସହ କୌଣସି ପରିବାର ଲୋକ ନଥିବାବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ପାଖରେ ଥିଲେ। ଚିକିତ୍ସା କରୁଥିବା ଡାକ୍ତର ସମରଜିତ ମଲ୍ଲିକଙ୍କ କହିବା ମୁତାବକ ଉକ୍ତ ଛାତ୍ର ଜଣଙ୍କ ଗୁରୁତର ଅବସ୍ଥାରେ ଆସିଥିଲେ କିନ୍ତୁ ତାର ନିଜର ଲୋକ ଏଠି ନଥିଲେ ଆଉ ଉକ୍ତ ଛାତ୍ରଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ଆମେ ପ୍ରାଥମିକ ଚିକିତ୍ସା କରାଇ ସଙ୍ଗେ ସଙ୍ଗେ ପୁରୀ ସ୍ଥାନାନ୍ତର କରିଥିଲୁ। ଡାକ୍ତରଙ୍କ ସୂଚନା ମୁତାବକ ବେକରେ ରଶି ଲଗାଇବା ଯୋଗୁଁ ଗୁରୁତର ହୋଇଥିବା ଜଣାପଡ଼ିଛି।

## ପୋଡ଼ିହୋଇ ନବବଧୂଙ୍କ ମୃତ୍ୟୁ; ସ୍ୱାମୀ, ଶାଶୂ ଅଟକ

କଣାସ, ୧୯।୧୨(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ ଗୋପୀନାଥପୁର ଗ୍ରାମପଞ୍ଚାୟତ କଳାପଦର ଗ୍ରାମର ଅଛବ ସାହୁଙ୍କ କନ୍ୟା ସୁଜତା ସାହୁଙ୍କୁ ତା’ର ଶାଶୂ ଘର ଲୋକେ ପେଟ୍ରୋଲ ଢାଳି ପୋଡ଼ି ମାରି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ସୁଜାତାଙ୍କ ସ୍ୱାମୀ ଓ ଶାଶୂଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ସୁଜାତାଙ୍କ ମା’ କମଳନୀ ସାହୁ ଗଡ଼ିଶାଗୋଦା ଥାନାରେ ଏ ନେଇ ଅଭିଯୋଗ କରିବା ପରେ ଆଇଆଇସି ସୁଧୀର କୁମାର ଦାସ ସୁଜାତାଙ୍କ ଶାଶୂଘର ତଇଲା ଗ୍ରାମରେ ପହଞ୍ଚି ତଦନ୍ତ କରିଛନ୍ତି। ଖବର ପାଇ ପ୍ରଥମେ ପୁଲିସ ତଇଲାରେ ପହଞ୍ଚି ସୁଜାତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଭୁବନେଶ୍ୱର ଓ ପରେ କଟକ ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗଡ଼ିଶାଗୋଦା ଥାନାରେ କେସ ନମ୍ବର ୨୦୨ /୨୦୨୫ରେ ମକଦ୍ଦମା ରୁଜୁ କରି ସୁଜାତାଙ୍କ ସ୍ୱାମୀ ସୁଜିତ ମାଝୀ ଓ ଶାଶୂଙ୍କୁ ପୁଲିସ ଅଟକ ରଖିଛି। ଅନ୍ୟପକ୍ଷରେ ମଙ୍ଗଳାବାଗ ଥାନା ପୁଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଆସନ୍ତା କାଲି ସୁଜାତାଙ୍କ ଶବକୁ କଟକଠାରେ ବ୍ୟବଚ୍ଛେଦ କରାଯିବ। ଅଛବ ସାହୁଙ୍କ କନ୍ୟା ସୁଜାତା ସାହୁ ୬ ମାସ ତଳେ ଅନନ୍ତ ମାଝୀଙ୍କ ସାନପୁଅ ସୁଜିତ ମାଝୀଙ୍କୁ ବିବାହ କରିଥିଲେ।

## ମଦ ଦୋକାନକୁ ଦଳିତ ସଂଗଠନର ବିରୋଧ

ପିପିଲି, ୧୯।୧୨(ସମିସ): ପିପିଲିରେ ନୂଆ ମଦ ଦୋକାନ ଖୋଲିବାକୁ ବିରୋଧ କରିଛି ଦଳିତ ସଂଗଠନ। ଏଠାରେ ମଦ ବାର ଖୋଲିବା ମାମଲା ବିଚାରାଧୀନ ଥିବାବେଳେ ବାର ଖୋଲିବା ନେଇ ପ୍ରସ୍ତୁତି ଜୋରଦାର ଚାଲିଥିବା ନେଇ ଅଲ ଇଣ୍ଡିଆ ମୂଳ ନିବାସୀ ସଂଗଠନର ରାଜ୍ୟ ସଭାପତି ବିଜୟ ସେଠୀ ପୁରୀ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ପିପିଲି ତହସିଲଦାରଙ୍କ ପାଖରେ ଅଭିଯୋଗ କରିଛନ୍ତି। ନୂଆ ମଦ ବାରକୁ ଦଳିତ ସଂଗଠନ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ପିପିଲି ଏନଏସି ଅନ୍ତର୍ଗତ ପିପିଲି ଶାସନ ମୌଜାର ୧ନଂ ୱାର୍ଡ଼ ଅଞ୍ଚଳରେ ଏହି ମଦ ଦୋକାନ ଖୋଲାଯିବ ବୋଲି ଚର୍ଚ୍ଚା ହେବା ପରେ ଏଭଳି ବିରୋଧ ହୋଇଛି। ନୂଆ ବର୍ଷ ପୂର୍ବରୁ ଏହା ଖୋଲିବ ବୋଲି ସମସ୍ତ ପ୍ରସ୍ତୁତି ଚାଲିଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ପିଆଇଏଲ କେସ ନଂ-୫୬୮୨/୨୦୨୫ ବିଚାରାନ ଥିବାବେଳେ ଏବେ ଅତି ତରବରିଆଭାବେ ମଦ ଦୋକାନ ଖୋଲାଯିବା ପାଇଁ ପ୍ରସ୍ତୁତି ଚାଲିବାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ସେଠାରେ ମଦ ଦୋକାନ ଖୋଲେ ତେବେ ଅଲ ଇଣ୍ଡିଆ ମୂଳ ନିବାସୀ ସଂଗଠନର ଶତାଧିକ ମହିଳାଙ୍କ ସହ ଏକ ପଦଯାତ୍ରା ପିପିଲିରୁ ଭୁବନେଶ୍ୱର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ବାସଭବନ ପର୍ଯ୍ୟନ୍ତ ଯିବ ବୋଲି ଶ୍ରୀ ସେଠୀ କହିଛନ୍ତି।

## ‘ପ୍ରୟାସ’ ପରିବାରର ବନ୍ଧୁ ମିଳନ



ସାକ୍ଷୀଗୋପାଳ, ୧୯।୧୨(ସମିସ): ପୁରୀ ଜିଲ୍ଲା ସତ୍ୟବାଦୀ ଅନ୍ତର୍ଗତ ପଟ୍ଟନାୟିକିଆସ୍ଥିତ ମା’ ଚଣ୍ଡୀ ମନ୍ଦିର ପରିସରରେ ‘ପ୍ରୟାସ’ ପରିବାର ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ‘ପ୍ରୟାସ’ ପରିବାରର ସଭାପତି କୃଷ୍ଣଚନ୍ଦ୍ର ଜଗଦ୍ଦେବଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସାଧାରଣ ସମ୍ପାଦକ କାମାକ୍ଷା ପ୍ରସାଦ ପ୍ରଧାନ ଯୋଗ ଦେଇଥିଲେ। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ୨୪ଟି ପାଞ୍ଚାୟତରୁ ଶତାଧିକ ସଭ୍ୟ ଯୋଗ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବନ୍ଧୁମିଳନ ଆୟୋଜିତ ହୋଇଥିଲା। ଏହି ଅବସରରେ ପରିବାର ପକ୍ଷରୁ ସତ୍ୟବାଦୀ ବ୍ଲକର ନୂତନ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ବ୍ଲକ ସଭାପତି ରୂପେ ପ୍ରାଚୁର୍ଯ୍ୟ ହୋତା, ଉପ ସଭାପତି ରମେଶ ମାଝୀ, ସମ୍ପାଦକ ନରେନ୍ଦ୍ର ପ୍ରଧାନ, ମହିଳା ମୋର୍ଚ୍ଚା ସମ୍ପାଦିକା ଚିନ୍ମୟୀ ରଥ, ଲକ୍ଷ୍ମଣ ବେହେରା, କାର୍ଯ୍ୟକାରୀ କମିଟିର କୋଷାଧ୍ୟକ୍ଷ ଗଙ୍ଗାଧର ଛାଟୋଇ, ପ୍ରଚାର କମିଟିର ଅଧ୍ୟକ୍ଷ ସଞ୍ଜୟ ସାହୁ, ୩୧ ଜୋନ୍ ସମ୍ପାଦକ ଟୁଲୁ ମହାପାତ୍ର, ୩୧ ଜୋନ ସଭାପତି ରୂପେ ମନୋନୀତ ହୋଇଥିଲେ। ଏହି ବନ୍ଧୁ ମିଳନରେ ବିଶ୍ୱଜିତ ବଡ଼ଜେନା, ଦିବାକର ସ୍ୱାଇଁ, ଭାସ୍କର ଜେନା, ଗାନ୍ଧୀ ବିଶ୍ୱାଳ, ଶ୍ରୀନିବାସ ପାତ୍ର ଓ ଦିଲ୍ଲୀପ ବିଶ୍ୱାଳଙ୍କ ସମେତ ପ୍ରୟାସ ପରିବାରର ଆଗଧାଡ଼ିର କର୍ମୀ ଯୋଗ ଦେଇଥିଲେ।

## ସାନସୀମା ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ, ୧୯।୧୨(ସମିସ): କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ପଞ୍ଚାୟତ ଓରାସ୍ଥିତ ସାନସୀମା ନୋଡାଲ ଉଚ୍ଚ ବିଦ୍ୟାଳୟର ୪୩ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜ କିଶୋର ତରେଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଏବିଇଓ ସିଦ୍ଧେଶ୍ୱର କରଣ, ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ, ସମିତି ସଭ୍ୟ ଲଳିତ କୁମାର ତରେଇ, ମୋ ସ୍କୁଲ ପରିଚାଳନା କମିଟି ସଭାପତି ଅଧ୍ୟାପକ ମଧୁସୂଦନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ତରେଇ, ମୋ ସ୍କୁଲ ଉପଦେଷ୍ଟା ସଭ୍ୟ ରମେଶ ଚନ୍ଦ୍ର ତରେଇ, ହରିହର ଦାଶ, ବିକ୍ରମ କୁମାର ତରେଇ ଦିଗମ୍ବର ତରେଇ, ଓରା ଗ୍ରାମ୍ୟ କମିଟି ସମ୍ପାଦକ ବୁଲାମଣି ତରେଇ ପ୍ରମୁଖ ଯୋଗ




ଦେଇଥିଲେ। ସେହିପରି ଅବସରପ୍ରାପ୍ତ ଶିକ୍ଷକ ବିପ୍ରବର ତରେଇ, ସେବା ନିବୃତ ସଂସ୍କୃତ ଶିକ୍ଷକ ରବିନାରାୟଣ ପଣ୍ଡା ଓ ସନ୍ତୋଷ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଶଙ୍କର୍ଷଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସହକାରୀ ଶିକ୍ଷକ ପ୍ରଭାତ ବାରିକୀ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳ ଶିକ୍ଷକ ଅଜିତ କୁମାର ବାରିକୀ, ଶିକ୍ଷକ ପ୍ରସନ ଜିତ ଜେନା, ବିଚିତ୍ରା ନନ୍ଦ ତରେଇ, ନବକିଶୋର ବାରିକୀ ମାଖନ ସାହୁ, ଶିକ୍ଷୟିତ୍ରୀ ଶୁଭସ୍ମିତା ନାୟକ, ପିଙ୍କି ପଲେଇ, ପ୍ରିୟ ଦର୍ଶିନୀ ପୃଷ୍ଟି, ରାନୁ ତରେଇ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ

ଚାରିଛକ, ୧୯।୧୨(ସମିସ): ନିମାପଡ଼ା ବ୍ଲକ କଳାପାଞ୍ଚଣ ପଞ୍ଚାୟତ ଷଣ୍ଢପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ



ଚିନ୍ମୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜେନା, ସମିତିସଭ୍ୟା ସସ୍ମିତା ପାତ୍ର, ସୁଶାନ୍ତ କୁମାର ଦାଶ, ଗୀତାଞ୍ଜଳି ନାୟକ, ପ୍ରୀତିଛନ୍ଦା ଖୁଣ୍ଟିଆ, ପ୍ରକାଶ ଚନ୍ଦ୍ର ସେଠୀ, ଶିକ୍ଷକ ବିଦ୍ୟାଧର ସ୍ୱାଇଁ, ତଅପୋଇ ଦେଇ, ରିଙ୍କିନା ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚରଣ କୁମାର ସାହୁ, ୱାର୍ଡସଭ୍ୟ ପ୍ରମୋଦ ସାହୁ ଓ ସୁବାସ ଚନ୍ଦ୍ର ସେଠୀଙ୍କ ସମେତ ଗ୍ରାମ ମୁରବୀ ବସନ୍ତ କୁମାର ସାହୁ, ଅମରେଶ୍ୱର ନାୟକ, ସୁବାସ ଚନ୍ଦ୍ର ସାହୁ, ଜିତେନ୍ଦ୍ର ସାହୁଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମର ଲୋକମାନେ ଯୋଗ ଦେଇଥିଲେ। ଏହି ଅବସରରେ ପୁରାନତ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ ସହ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ପ୍ରଭାତ ସାହୁ ଓ ବଳରାମ ବେହେରାଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ତ୍ରିଲୋଚନପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କଣାସ, ୧୯।୧୨(ସମିସ): କଣାସ ବ୍ଲକ ତ୍ରିଲୋଚନପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପରିସରରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ରଥଙ୍କ ଅଧ୍ୟକ୍ଷତାରେ ବାର୍ଷିକ ପୁରସ୍କାର ବିତରଣୀ ସଭାରେ କଣାସ ବ୍ଲକ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ସହ ଶିକ୍ଷା ଅଧିକାରୀ ପ୍ରଫୁଲ କୁମାର ବେହେରା,



ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଦାସ, ସିଆର୍‌ସିସି ଭୂପତିଭୂଷଣ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଗୁଣନିଧି ପାତ୍ର, ନାଏବ ସରପଞ୍ଚ ବସନ୍ତ କୁମାର ଆଚାର୍ଯ୍ୟ, ପ୍ରାକ୍ତନ ସହ ଶିକ୍ଷା ଅଧିକାରୀ ଶ୍ୟାମସୁନ୍ଦର ଦାସ, ଶିକ୍ଷାବିତ କେଶବ ଚନ୍ଦ୍ର ଦାସ, ବିଦ୍ୟାଳୟ ସମିତିର ଅଧ୍ୟକ୍ଷ ସଂଗ୍ରାମ କେଶରୀ ବରାଳ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପାଚିକା ଓ ସହାୟକା, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅଜୟ କୁମାର ପରିଡ଼ାଙ୍କ ସଂଯୋଜନା ଓ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପିଏମ୍‌ଶ୍ରୀ ଉତ୍ସବ

ବଲଙ୍ଗା, ୧୯।୧୨(ସମିସ): ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ବଲଙ୍ଗା ଠାରେ ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ନିମାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଏଲିଜା ବେହେରା ସ୍ୱାଗତ ଭାଷଣ ରଖିଥିଲେ। ସ୍ଥାନୀୟ ସରପଞ୍ଚ ଅଞ୍ଜଳି ପ୍ରଧାନ ବିଦ୍ୟାଳୟର ବିକାଶଧାରା, ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସରକାରଙ୍କ ପିଏମ୍‌ଶ୍ରୀ ଯୋଜନା ବିଷୟରେ




ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଜେନି, ଦହିଜଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା, ନାଗବସ୍ତ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା, ଏସଏସପି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଧର ସିଠ, ଏଲ୍‌ଏନ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ରସେନ ବାରିକ, ଓଏଫଏସ୍ ଓଡ଼ିଶା ଟପର ରାଜେନ୍ଦ୍ର କୁମାର ଓଝା, ବିଦ୍ୟାଳୟ କମିଟି ସଭାପତି ସୁବାସ କୁମାର ଶତପଥୀ ଯୋଗଦେଇ ଏନଇ. ପି ୨୦୨୦ ବିଷୟରେ ଆଲୋଚନା କରିଥିଲେ। ପରେ ପାରମ୍ପରିକ ଖାଦ୍ୟ, ବିଜ୍ଞାନ ପ୍ରକଳ୍ପ, ସାହିତ୍ୟ ସୃଜନୀ ପତ୍ରିକା ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ମାନସ କୁମାର ସେଠୀ, ରେଶମା ରଥ, ପଞ୍ଚାନନ ବରାଳ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସାକ୍ଷୀଗୋପାଳ କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ



ସାକ୍ଷୀଗୋପାଳ, ୧୯।୧୨(ସମିସ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳ ଖେଳ ପଡ଼ିଆରେ ଦୁଇଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ଏହି ସ୍ୱତନ୍ତ୍ର କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ କରିଥିଲେ। କଲେଜ ଆଥଲେଟିକ୍ ସଭାପତି ପ୍ରଫେସର. ଜିତେନ୍ କୁମାର ଦାସ ଦେଶ ବିଦେଶରେ କ୍ରୀଡ଼ାର ଭୂମିକା ଏବଂ ଏସିଆନ କ୍ରୀଡ଼ାରେ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ସଫଳତା ବିଷୟରେ ଉଦ୍‌ବୋଧନ ଦେଇଥିଲେ।

## ସମାଜସେବୀ ନାରାୟଣ ନାୟକଙ୍କ ପରଲୋକ



ଚାରିଛକ, ୧୯।୧୨ (ସମିସ): ଚାରିଛକସ୍ଥିତ ଭୋଦର ପଞ୍ଚାୟତ ନୂଆଗାଁ ଗ୍ରାମର ବିଶିଷ୍ଟ ସମାଜସେବୀ ନାରାୟଣ ନାୟକ(୬୫)ଙ୍କ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଭାଇ ପରମାନନ୍ଦ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ନାୟକ(ବଙ୍କୁ), ଶିଶିର କୁମାର ନାୟକ, ପୁତ୍ର ରାଧାକାନ୍ତ ନାୟକ, ରମାକାନ୍ତ ନାୟକ, ସୁପ୍ରଭାତ ନାୟକ, ନଳୀନକାନ୍ତ ନାୟକ, ଭଣଜା ବୁଲୁ ନାୟକଙ୍କ ସମେତ ସମସ୍ତ ପରିବାରବର୍ଗ ଉପସ୍ଥିତଥିଲେ। ଶ୍ରୀନାୟକଙ୍କ ବିୟୋଗ ଖବର ଶୁଣି ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୋକବ୍ୟକ୍ତ କରିଥିଲେ। ଏଥିସହ ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା, ଭାଜପା ପଞ୍ଚାୟତ ସଭାପତି କୃଷ୍ଣଚନ୍ଦ୍ର ନାୟକ, ସମାଜସେବୀ ପ୍ରଶାନ୍ତ ବେହେରା ପ୍ରମୁଖ ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ଶିକ୍ଷକ ପଦ ପୂରଣ ଦାବି

# ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ ଅଭିଭାବକ

ଚାରିଛକ, ୧୯।୧୨ (ସମିସ): ନିମାପଡ଼ା ବ୍ଲକ ଛଣିଜଙ୍ଗ ପଞ୍ଚାୟତ ଅଳକୁଣ୍ଡ ପଞ୍ଚାୟତ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ଏବଂ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଦାବିକରି ୩ ଦିନଧରି ବିଦ୍ୟାଳୟ ସମ୍ମୁଖରେ ପୂର୍ବତନ ସରପଞ୍ଚ ବଟକୃଷ୍ଣ ସ୍ୱାଇଁଙ୍କ ନେତୃତ୍ୱରେ ଦିଆଯାଇଥିବା ଧାରଣା ଆଜି ପ୍ରତ୍ୟାହୃତ ହୋଇଛି। ଏଥିରେ ଦୁର୍ଯ୍ୟୋଧନ ବାରିକ, ସମିତିସଭ୍ୟା ଲକିବାଳା ନାୟକ, ବଳରାମ ନାୟକ,



ପରିଚାଳନା କମିଟି ସଭାପତି ସୁବାଷ ଚନ୍ଦ୍ର ବାରିକ, ସଭ୍ୟ ବିମ୍ବାଧର ନାୟକ, ସୁଧୀର ନାୟକ, କୃଷ୍ଣଚନ୍ଦ୍ର ବେହେରା, ଲିଙ୍ଗରାଜ ନାୟକ, ବିପିନ ପ୍ରଧାନ, ସର୍ବେଶ୍ୱର ନାୟକ, ସୁଶୀଲ ପ୍ରଧାନ, ସୁବାସ ମଲ୍ଲିକ, ଅଶୋକ ମହାପାତ୍ରଙ୍କ ସମେତ ଶତାଧିକ ଲୋକ ସାମିଲ୍ ହୋଇଥିଲେ। ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଧାରଣାସ୍ଥଳରେ ସ୍ଥାନୀୟ ଅତିରିକ୍ତ ମଣ୍ଡଳଶିକ୍ଷାଧିକାରୀ ସୁଦର୍ଶନ ଭୋଇ ଓ ସିଆରସିସି ମିସ୍କିନ ଖାଁ ପହଞ୍ଚି ଧାରଣାସ୍ଥଳରେ ବସିଥିବା ଲୋକମାନଙ୍କୁ ବୁଝାଶୁଝା କରିବା ପରେ ପୁରୀଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଟେଲିଫୋନ ଜରିଆରେ ଆଲୋଚନା କରିବାପରେ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀଙ୍କୁ ତାଙ୍କ ଦାୟିତ୍ୱରୁ ଅନ୍ତର କରାଯିବା ସହ ଅନ୍ୟ ଜଣଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯିବ ଓ ଖାଲିଥିବା ସମସ୍ତ ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଅବ୍ୟବସ୍ଥାରେ ଗୋପ କଲେଜ

# ୧୬ ବର୍ଷଧରି ନାହାନ୍ତି ସ୍ଥାୟୀ ଅଧ୍ୟକ୍ଷ

ଗୋପ, ୧୯।୧୨(ସମିସ)



### କମୁଛି ପାସ୍ ହାର; ମୁହଁମୋଡୁଛନ୍ତି ଅଭିଭାବକ

ଗୋପ କଲେଜରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏହି କଲେଜରେ ଦୀର୍ଘ ୧୬ ବର୍ଷ ଧରି ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି। ପୂର୍ବରୁ ଗୋପ କଲେଜ ବେଶ ସୁନାମ ଅର୍ଜନ କରିଥିବା ବେଳେ ଏବେ ଗାରିମା ହରାଉଥିବା ଅଞ୍ଚଳବାସୀ ଭିଯୋଗ କରୁଛନ୍ତି। ଏହି କଲେଜରେ ଥିବା ଅନୁମୋଦନ ସିଟରେ ସମ୍ପୂର୍ଣ୍ଣ ନାମଲେଖା ମଧ୍ୟ ହୋଇ ପାରୁନାହିଁ। କଲେଜରେ ଠିକ୍ ଭାବେ ପାଠ ପଢ଼ା ନହେବାରୁ ପାସ ହାର ନିମ୍ନଗାମୀ ହେବାରେ ଲାଗିଛି। ଫଳରେ ଅଭିଭାବକ ଛାତ୍ରଛାତ୍ରୀଙ୍କୁ କଲେଜରେ ନାମ ଲେଖାଇବା ପାଇଁ ଅମଙ୍ଗ ହେଉଛନ୍ତି। ସ୍ଥାୟୀ ଅଧ୍ୟକ୍ଷ ୨୦୦୯ ମସିହାଠାରୁ ନ ଥିବାବେଳେ ବରିଷ୍ଠ ଅଧ୍ୟାପକ କିମ୍ବା ଅଧ୍ୟାପିକା ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛନ୍ତି। ଅଧ୍ୟାପକ ଅଧ୍ୟାପିକା ନିଜ ମନ ମୁତାବକ କଲେଜ ଆସୁଥିବା ମଧ୍ୟ ଅଭିଯୋଗ ହେଉଛି। ସେହିପରି କଲେଜରେ ବାର୍ଷିକ ଉତ୍ସବ ହୋଇନାହିଁ ବୋଲି ଅଭିଯୋଗ ହୋଇଛି। ଚଳିତ ବର୍ଷ +୩ ଆଇନ ବିଭାଗରେ କୌଣସି ଛାତ୍ରଛାତ୍ରୀ ନାମ ଲେଖାଇ ନଥିବା ବେଳେ ଦୁଇଜଣ ଅଧ୍ୟାପକ ବସି ବସି ସରକାରୀ ତାହବିଲରୁ ମାସିକ ଲକ୍ଷାଧିକ ଟଙ୍କା ଦରମା ନେଉଛନ୍ତି। ସ୍ଥାୟୀ ଅଧ୍ୟକ୍ଷ ନଥିବା ଯୋଗୁଁ +୩ ଶ୍ରେଣୀର କୌଣସି ବିଭାଗର ସେମିନାର ହେଉନଥିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରତି ଉତ୍ସାହ କମିବାରେ ଲାଗିଛି। କଲେଜ କର୍ତ୍ତୃପକ୍ଷ ମାଗାଜିନ୍ ଓ କ୍ୟାଲେଣ୍ଡର ଲାଗି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଇନଥିବା ଅଭିଯୋଗ ହୋଇଛି। ସେହିପରି ଚଳିତ ବର୍ଷ କ୍ରୀଡ଼ା ପ୍ରତିଯୋଗିତା କିମ୍ବା ବର୍ଷିକ ଉତ୍ସବ କରାଯାଇ ନାହିଁ। ଦାୟିତ୍ୱରେ ଥିବା ଅଧ୍ୟକ୍ଷା ନିକଟରେ ଅବସର ନେବାକୁ ଥିବାବେଳେ ଏହି ପଦବୀରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରାଯିବାକୁ ସାଧାରଣରେ ଦାବି ହୋଇଛି। ଯଦି ଏହି ସ୍ଥାନରେ ବରିଷ୍ଠ ଅଧ୍ୟାପକ କିମ୍ବା ଅଧ୍ୟାପିକାଙ୍କୁ ଦାୟିତ୍ୱ ଦିଆଯାଏ ତେବେ ଗୋପ ମହାବିଦ୍ୟାଳୟ ଆହୁରି ନିମ୍ନଗାମୀ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ପର୍ଯ୍ୟଟନସ୍ଥଳୀ ତାଲିକାରେ ଚାନ୍ଦିପୁର

# ବେଳାଭୂମିକୁ ବୁଲିବାକୁ ଆସି ପର୍ଯ୍ୟଟକ ନିରାଶ





ବାଲେଶ୍ୱର, ୧୯।୧୨(ସମିସ)

- ଦିନକୁ ୫୦୦ରୁ ଅଧିକ ପର୍ଯ୍ୟଟକ ଆସୁଛନ୍ତି
- କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଥିବା ମେରାଇନ ଡ୍ରାଇଭ୍ ନଷ୍ଟ
- ଧସିଗଲାଣି ପେଭର୍ ବ୍ଲକ, ବଡ଼ ବଡ ଗର୍ତ୍ତ ସୃଷ୍ଟି
- ପେଭର୍ ବ୍ଲକରେ ବଢ଼ିଲାଣି ଘାସ, ଚରୁଛନ୍ତି ଗୋରୁଛେଳି

ଦିନକୁ ୫୦୦ରୁ ଅଧିକ ପର୍ଯ୍ୟଟକ ଆସୁଥିବା ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ତାଲିକା ମଧ୍ୟରେ ଚାନ୍ଦିପୁର ରହିଛି। ଏ ନେଇ ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ତଥ୍ୟ ମଧ୍ୟ ଉପସ୍ଥାପନ କରିଥିଲେ। ଏହାର ପ୍ରକୃତ ଚିତ୍ର କିଛି ଭିନ୍ନ। କାରଣ ଚାନ୍ଦିପୁର ବେଳାଭୂମିକୁ ଯିବାକୁ କେହି ପସନ୍ଦ କରୁନାହାନ୍ତି। ଯଦି କେହି ବି ଯାଉଛନ୍ତି, ତେବେ ସେଠାରେ ଦେଖିବା ଓ ବୁଲିବା ଭଳି ଆଉ କିଛି ବି ନାହିଁ। ଚାନ୍ଦିପୁର ବେଳାଭୂମିକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ ସବୁଠୁ ଅଣଦେଖା କରାଯାଇଛି କହିଲେ ମଧ୍ୟ ଭୁଲ ହେବ ନାହିଁ। ଯେଉଁଠି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ମେରାଇନ ଡ୍ରାଇଭ୍, ସେସବୁ ଧସିକି ମାଟିରେ ମିଶିଲାଣି। ଚାନ୍ଦିପୁର ଭଳି ପର୍ଯ୍ୟଟନ ସ୍ଥଳୀର ବିକାଶ ହେବା ଜାଗାରେ ବିନାଶ ହେବାରେ ଲାଗିଛି।

ସୂଚନା ମୁତାବକ, ଆରମ୍ଭ ହୋଇଯାଇଛି ପର୍ଯ୍ୟଟନ ଋତୁ। ଆରମ୍ଭ ହୋଇଯାଇଛି ବୁଲାବୁଲି ଓ ପିକନିକ୍। ନୂଆବର୍ଷ, ବଡ଼ଦିନକୁ ଦୃଷ୍ଟିରେ ରଖି ଏବେଠୁ ଯୋଜନା ଆରମ୍ଭ ହୋଇଗଲାଣି। ତେବେ ଦିନେ ଚାନ୍ଦିପୁର ବେଳାଭୂମିରେ ବୁଲାବୁଲି ଓ ପିକନିକ୍ ପାଇଁ ଭିଡ ଜମୁଥିଲା। ଏବେ ସେଠାରେ କେବଳ ଗୋରୁ, ଛେଳି କରୁଛନ୍ତି। ପର୍ଯ୍ୟଟକ ଯାଉଛନ୍ତି ହେଲେ କିଛି ଦେଖିବାକୁ ପାଉନାହାନ୍ତି। ଅନ୍ୟପକ୍ଷରେ ଓଡ଼ିଶାରେ ଦିନକୁ ୫୦୦ରୁ ଅଧିକ ଟୁରିଷ୍ଟ ଆସୁଥିବା ପର୍ଯ୍ୟଟନ ସ୍ଥଳୀ ବା ସ୍ପଟ୍ ବାବଦରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନସଭାରେ ତଥ୍ୟ ଉପସ୍ଥାପନ କରିଥିଲେ। ସେଥିରେ ବାଲେଶ୍ୱର ଜିଲ୍ଲାର ୯ଟି ପର୍ଯ୍ୟଟନ ସ୍ଥଳୀ ଚାନ୍ଦିପୁର ସମେତ ବଳରାମଗଡ଼ି, ଚନ୍ଦନେଶ୍ୱର, ପଞ୍ଚଲିଙ୍ଗେଶ୍ୱର, ରେମୁଣା, ତାଳସାରି ଓ ବାଲେଶ୍ୱର ସଦର ସ୍ଥାନିତ ହୋଇଛି। ସବୁଠୁ ବଡ଼ କଥା ହେଉଛି ଚାନ୍ଦିପୁର ବେଳାଭୂମି ଅବସ୍ଥା ଦେଖିଲେ ଲାଗୁନାହିଁ ଯେ ସେଠାକୁ ବର୍ତ୍ତମାନ ଦିନକୁ ପାଞ୍ଚଜଣ ପର୍ଯ୍ୟଟକ ବୁଲିବାକୁ ଯାଉଥିବେ। କାରଣ ଚାନ୍ଦିପୁର ବେଳାଭୂମି ଏବେ ଅବହେଳିତ ହୋଇପଡ଼ିଛି। ପୂର୍ବରୁ ଯାହାବି ବିକାଶମୂଳକ କାମ ହୋଇଥିଲା, ସେସବୁ ଏବେ ମାଟିରେ ମିଶିବାକୁ ବସିଲାଣି।

ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ୨୦୨୦ରେ ଜଳସେଚନ ବିଭାଗ ପକ୍ଷରୁ ୩ କୋଟି ଟଙ୍କା ବ୍ୟୟରେ କାମ ଆରମ୍ଭ ହୋଇଥିଲା। ଯେଉଁଥିରେ ତଟ ସୁରକ୍ଷା ଓ ବେଳାଭୂମି ସୌନ୍ଦର୍ଯ୍ୟକରଣ କାମରେ ଦୁଇ କିଲୋମିଟର ପର୍ଯ୍ୟନ୍ତ ପଥରବନ୍ଧ ସହ ପେଭର୍ ବ୍ଲକ ପକାଯାଇ ମେରାଇନ୍ ଡ୍ରାଇଭ୍ ନିର୍ମାଣ ହେଲା। ବସିବା ପାଇଁ ସିମେଣ୍ଟ ଚେୟାର ପକାଯାଇଥିଲା। ଏ ସମସ୍ତ କାମ ଅର୍ଦ୍ଧନିର୍ମିତ ହୋଇରହିଲା। କାମ ନିମ୍ନମାନର ହୋଇଥିବା ଯୋଗୁଁ ସେସବୁ ପରେ ଧସିଯାଇଥିଲା। ପରବର୍ତ୍ତୀ ସମୟରେ ସେସବୁ କାମ କରାଯିବ କହି ଏଯାଏଁ ହୋଇନାହିଁ। ପରେ ସେଠାରେ ମାଟି ଧସି ଗାତ ହୋଇଯିବା ସହ ପେଭର୍ ବ୍ଲକ ଖସିଯାଇଛି। ଯାହାର ଅବସ୍ଥା ଏବେ କିଛି ଠିକ୍ ନାହିଁ। ଲୋକେ ଚାନ୍ଦିପୁର ବେଳାଭୂମି ଯିବାକୁ ପସନ୍ଦ କରୁନାହାନ୍ତି। ସେହିପରି ବାତ୍ୟା ୟସ୍ ସମୟରେ ଚାନ୍ଦିପୁର ବେଳାଭୂମିର କଂକ୍ରିଟ ପାହାଚ ଭାଙ୍ଗିଯାଇଥିଲା। ଯାହା ଏ ପର୍ଯ୍ୟନ୍ତ ସେମିତି ଭଙ୍ଗା ଅବସ୍ଥାରେ ପଡ଼ିଛି। ଚାନ୍ଦିପୁର ବେଳାଭୂମିର ଅଧୁରା କାମ ସହ ପାହାଚ କାମ ଆରମ୍ଭ ହେବ ବୋଲି ସୂଚନା ମିଳିଥିଲା। ଏଥିପାଇଁ ଟେଣ୍ଡର ମଧ୍ୟ ହୋଇସାରିଛି। ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି ଜଳସେଚନ ବିଭାଗ ପକ୍ଷରୁ କିଛି ମାସ ପୂର୍ବରୁ ସୂଚନା ମିଳିଥିଲା। ପୂର୍ବରୁ ନିର୍ମାଣ ହୋଇଥିବା ମେରାଇନ ଡ୍ରାଇଭରେ ଡ୍ରେନ୍ ବ୍ୟବସ୍ଥା ନାହିଁ। କାମ ଅସମ୍ପୂର୍ଣ୍ଣ ହୋଇପଡ଼ିଛି। ଏସବୁ କାମ କେବେ ଶେଷ ହେବ ଓ କେବେ ଚାନ୍ଦିପୁର ବେଳାଭୂମିର ଚମକ ଫେରିବ, ତାହାକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। କାରଣ ବର୍ଷକୁ ବର୍ଷ ବେଳାଭୂମିର ବିକାଶ ହେବା ପରିବର୍ତ୍ତେ ଏହା ଅବହେଳିତ ହୋଇପଡୁଛି। ପର୍ଯ୍ୟଟକ ଚାନ୍ଦିପୁରକୁ ଆସି କିଛି ବି ଦେଖିବାକୁ ପାଉନାହାନ୍ତି। ନିରାଶ ହୋଇ ଫେରୁଛନ୍ତି।

## ବସ୍ତା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ପେନ୍‌ସନ୍ ଦିବସ

ରୂପସା, ୧୯।୧୨ (ସମିସ): ବସ୍ତା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପେନସନ ଦିବସ ପାଳିତ ହୋଇଛି। ସଂଘର ସଭାପତି ଶିଶିର କୁମାର ରଥ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଦିବସର ଲକ୍ଷ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ପ୍ରଥମେ ସଂଘର ସଦସ୍ୟ ବନମାଳୀ ଦାସଙ୍କ ଦେହାନ୍ତ ପାଇଁ ପ୍ରସ୍ତାବ ଆଗତ ହୋଇ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଗଗନ ବିହାରୀ ଜେନା ସଂଘର କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ସମ୍ପାଦକ କୁମୁଦ ରଞ୍ଜନ ଗିରି ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଶଙ୍କର କୁମାର କର, ଜଗନ୍ନାଥ ମାଝୀ, ଅଚ୍ୟୁତ ଗୋଛାୟତ, ସଂଗଠନ ସମ୍ପାଦକ ଶ୍ରୀପତି ଚରଣ ପାତ୍ର, କମଳ କାନ୍ତ ବେହେରା, ମଧୁସୂଦନ ସାହୁ, ହରେକୃଷ୍ଣ ବେହେରା, ଅଚ୍ୟୁତାନନ୍ଦ ଗିରି, ସୀତାକାନ୍ତ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଳୟ ନନ୍ଦ, ଅରୁଣ କୁମାର ଦାସ, ବନ୍ଦନା ପାଳ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ସହସମ୍ପାଦକ ଜୟକୃଷ୍ଣ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

ଖଇରା, ୧୯।୧୨ (ସମିସ): ଖଇରା ବଜାର ନଟାପଡ଼ା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଗୁରୁବାର ଦିନ ଉଦ୍‌ଯାପିତ ହୋଇ ଯାଇଛି। ବୁଧବାର ସକାଳେ ତାରିଣୀମନ୍ଦିରରୁ କ୍ରୀଡ଼ା ଜ୍ୟୋତି ବାହାରିଥିଲା। ପ୍ରଧାନଚାର୍ଯ୍ୟ ଶଶିକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ କ୍ରୀଡ଼ାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଷଡାନନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡାଜ୍ୟୋତି ସ୍ଥାପନା କରିଥିଲେ। ଶୁଭଲକ୍ଷ୍ମୀ ପ୍ରଧାନ ପିଲାମାନଙ୍କୁ ଶପଥ ପାଠ କରାଇଥିଲେ। ଉଦୟରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ବାଳକ ବାଳିକା ବିଭାଗରେ ପିଲାମାନଙ୍କ ମଧ୍ୟରେ ଗୋଳାଫିଙ୍ଗା, ଲମ୍ବଡିଆଁ, ସ୍କିପିଂ, ଆଳୁ ଚାମଚ, ଛୁଞ୍ଚିସୂତା, ଧିର ସାଇକେଲ ଚାଳନା, ଜିଲାପି ଦୌଡ ଇତ୍ୟାଦି ପ୍ରତିଯୋଗିତା ରେ କୃତକାର୍ଯ୍ୟ ପିଲାମାନଙ୍କୁ ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ। ଗୁରୁଜୀ ବଳରାମ ଲେଙ୍କା, ପ୍ରଭାକର ଓଝା, ସୁବ୍ରତ ସାହୁ, ମିତା ପାତ୍ର, ପ୍ରଜ୍ଞାପାରମିତା ପ୍ରଧାନ, ସ୍ମୃତି ପ୍ରଧାନ, ରଶ୍ମିପ୍ରଭା ଲେଙ୍କା, ବାସନ୍ତୀ ମହାପାତ୍ର, ବବିତା ପାଣିଗ୍ରାହୀ, ମଧୁସ୍ମିତା ଜେନା, ଅହଲ୍ୟା ପାଣି କ୍ରୀଡ଼ା ପରିଚାଳନା କରିଥିଲେ।

## ଦୁଇଦିନିଆ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଔପଦା, ୧୯।୧୨(ସମିସ): ଔପଦା ବ୍ଲକ ଗଡ଼ସାହି ପଞ୍ଚାୟତ ପଣ୍ଡୁଆ ଠାରେ ମା ବୁଢୀ କାଳନ୍ଦ୍ରୀ ଯୁବକ ସଙ୍ଘ ପକ୍ଷରୁ ହେଉଥିବା ଦୁଇଦିନିଆ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ପ୍ରଥମ ଦିନରେ ୮ଟି ଦଳ ଫୁଟବଲ ଖେଳରେ ଭାଗ ନେଇଥିବା ବେଳେ ଫାଇନାଲ କୁ ବଜରଙ୍ଗୀ ଏଫ ସି ମୟୂରଭଞ୍ଜ ଦଳ ଉତ୍ତୀର୍ଣ୍ଣ ହୋଇଥିଲା। ଉଦଯାପିତ ଦିବସରେ ନାମୀ ଦାମୀ ୮ ଟି ଦଳଭାଗ ନେଇଥିବା ବେଳେ ଫାଇନାଲକୁ ସିଧୁ କାଁହୁ ଏଫ ସି ହଳଦୀପଦା ଦଳ ଉତ୍ତୀର୍ଣ୍ଣ ହୋଇଥିଲା। ଫାଇନାଲରେ ବଜରଙ୍ଗୀ ଏଫସି ମୟୁରଭଞ୍ଜ ଏବଂ ସିଧୁ କାଁହୁ ଏଫ ସି ହଳଦୀପଦା ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଖେଳ ହୋଇ ଅମୀମାଂସିତ ରହିଥିବାରୁ ପେନାଲଟି ସ୍କୋର ରେ ୧/୦ ଗୋଲରେ ହଳଦୀପଦା ଦଳ ବିଜୟୀ ହାସଲ କରିଥିଲେ। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ପ୍ରଧାନ, ପର୍ଶୁରାମ ଲେଙ୍କା, ଶିକ୍ଷାବିତି ପିତାମ୍ବର ବାରିକ, ଯୋଗ ଦେଇଥିଲେ। ଯୁବକସଙ୍ଘର ସଭାପତି ବାସୁଦେବ ସିଂ ଓ ସମ୍ପାଦକ ଗୟାଧର ମଲ୍ଲିକ ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ବାଗୁଡ଼ି ହାଇସ୍କୁଲର ବାର୍ଷିକ ଉତ୍ସବ



ସୋର, ୧୯।୧୨(ସମିସ): ସୋର ବ୍ଲକ ଅନ୍ତର୍ଗତ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ନୋଡାଲ ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।

ମୁଖ୍ୟଅତିଥି ସରପଞ୍ଚ ଗଦାଧର ମହାପାତ୍ର ଓ ମୁଖ୍ୟବକ୍ତା ଶିକ୍ଷାବିତ୍ ସୁଶାନ୍ତ ମହାପାତ୍ର ଯୋଗଦେଇ ସାମ୍ପ୍ରତିକ ସମାଜରେ ଶୃଙ୍ଖଳା ଓ ନୈତିକତାପୂର୍ଣ୍ଣ ଶିକ୍ଷା ଛାତ୍ରଛାତ୍ରୀଙ୍କ ଭୂଷଣ ହେବା ଉଚିତ୍ ବୋଲି ମତ ରଖିଥିଲେ। ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ତଥା ସମାଜସେବୀ ଜ୍ୟୋତିର୍ମୟୀ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ଡାକ୍ତର ଗିତିକୃଷ୍ଣ ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ ଜେନା, ପ୍ରଧାନଶିକ୍ଷକ ଗୋପୀନାଥ ରାଉତ ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ରମାକାନ୍ତ ଭୋଳ, ପ୍ରାକ୍ତନ ସରପଞ୍ଚ ଗଜେନ୍ଦ୍ର ନାୟକ ଯୋଗଦେଇ ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନ ପଦ୍ଧତି ପୂର୍ବାପେକ୍ଷା ଅଧିକ ଶାଣିତ ତଥା ଜୀବନ କୌଶଳ ପାରଙ୍ଗମ ପାଇଁ ଏହା ଅଧିକ ଉପାଦେୟ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ମମତା ସାହୁ ଓ ଲୋପାମୁଦ୍ରା ଗିରି ଅତିଥିଙ୍କୁ ମଞ୍ଚ ଆହ୍ୱାନ ଓ ପରିଚୟ ପ୍ରଦାନ କରିଥଲେ। ଶିକ୍ଷକ ରଘୁନାଥ ସାହୁ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଜୟସ୍ମୀତା ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ବିଦ୍ୟାଳୟ ପକ୍ଷରୁ ସଙ୍ଗୀତ ଓ ନୃତ୍ୟଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାଟକ ମଞ୍ଚସ୍ଥ ହୋଇଥିଲା। କ୍ରୀଡ଼ା ଶିକ୍ଷକ ରାମଦୁଲାଲ ମାର୍ଣ୍ଡି, ଶିକ୍ଷକ ଅକ୍ଷୟ ଜେନା, ଭଞ୍ଜନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଔପଦା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଔପଦା, ୧୯।୧୨(ସମିସ): ଔପଦା ବ୍ଲକ ମୁଖ୍ୟାଳୟରେ ଅବସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ଦାସ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିସି ବିସ୍ୱା ପାତ୍ର, ମୁଖ୍ୟବକ୍ତା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଔପଦାର ଆଲୁମିନି ସଭାପତି ଡକ୍ଟର ହର ପ୍ରସାଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ଆଲୁମିନ ସଦସ୍ୟ ଶୁଭେନ୍ଦୁ ପଣ୍ଡା, ସିଆରସିସି ହରେକୃଷ୍ଣ ଦାସ, ଏବିଓ ରତ୍ନାକର ଦାସ, ପ୍ରାକ୍ତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷେତ୍ର ମୋହନ କର, ପରିଚାଳନା କମିଟି ସଭାପତି ରତ୍ନାକର ସେଠୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ସୁଶାନ୍ତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ଆହ୍ୱାନ କରିଥିଲେ। ଶିକ୍ଷୟତ୍ରୀ ବନ୍ଦନା ନାଇକି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଅରୁଣ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବାଞ୍ଛାନିଧି ସ୍ମାରକୀ, ଉଷାରାଣୀ ସ୍ମାରକୀ, ଉପେନ୍ଦ୍ର ସ୍ମାରକୀ ଓ ଅମ୍ବିକା ସ୍ମାରକୀ ପକ୍ଷରୁ ଅର୍ଥ ରାଶି ପ୍ରଦାନ କରାଯାଇଛି।

## ରଜନୀକାନ୍ତ ଏକାଡେମୀରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଚନ୍ଦନେଶ୍ୱର, ୧୯।୧୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତର ରଜନୀକାନ୍ତ ଏକାଡେମୀ ଓ ବିଏମ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବକୁ ପଞ୍ଚାୟତର ସମିତି ସଭ୍ୟ ବିଶ୍ୱନାଥ ଗିରି ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ତଥା ରଜନୀକାନ୍ତ ଏକାଡେମୀର ପରିଚାଳନା କମିଟିର ସଭାପତି ପ୍ରଦୀପ ବେହେରା, ବିଶିଷ୍ଟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସୁବର୍ଣ୍ଣରେଖା ସେବା ସମବାୟ ସମିତିର ସଭାପତି ନନ୍ଦଦୁଲାଲ ବେଜ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ପରିଡ଼ା, ବିଶିଷ୍ଟ ଅତିଥି ଭାବେ ବିଏମ ନୋଡାଲ ଉ:ପ୍ରା:ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ବଂଶୀଧର ମଣ୍ଡଳ, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦେବ କୁମାର ପାତ୍ର, ପୂର୍ଣ୍ଣ ଚନ୍ଦ୍ର ଜେନା, ଲିପିକା କର, ସସ୍ମିତା ସେନାପତି, ମାମିରାଣୀ ସେନାପତି, ସଭା ମୁଖ୍ୟ ରଜନୀକାନ୍ତ ଏକାଡେମୀର ପ୍ରଧାନ ଶିକ୍ଷକ ଗଙ୍ଗାଧର ଜେନା ପ୍ରମୁଖ ଯୋଗ ଦେଇ କ୍ରୀଡା ପିଲାମାନଙ୍କ ଜୀବନକୁ ଶୃଙ୍ଖଳିତ କରିବା ସହିତ ପାଠ ମନଯୋଗ କରାଏ ବୋଲି ମତବ୍ୟକ୍ତ କରିଥିଲେ। ବିଏମ ନୋଡାଲ ଉ:ପ୍ରା:ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଙ୍ଗଳ ସିଂ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶିକ୍ଷକ ଚନ୍ଦନ କୁମାର ଜେନା ବେଦ ପାଠ, ଶିକ୍ଷକ ସୌମ୍ୟଦୀପ ସାହୁ ମଞ୍ଚ ଆହ୍ୱାନ ଓ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ହରେକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ବିଭିନ୍ନ ସ୍କୁଲରେ ବାର୍ଷିକ କ୍ରୀଡ଼ା

# ଖେଳକୁଦ କଲେ ଶାରୀରିକ ଓ ମାନସିକ ଅଭିବୃଦ୍ଧି ହୁଏ





ଭୋଗରାଇ, ୧୯ ।୧୨(ସମିସ)

ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଶିକ୍ଷାକେନ୍ଦ୍ରର ପ୍ରଧାନ ଉତ୍ତମ କୁମାର ଦତ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ଶିକ୍ଷା କେନ୍ଦ୍ରର ସଭାପତି ସୁଶାନ୍ତ ମହାନ୍ତି, ମୁଖ୍ୟବକ୍ତା ଶିକ୍ଷା କେନ୍ଦ୍ରର ସମ୍ପାଦକ ଜୟନ୍ତ ତୋଳା, ଖେଳକୁଦ କଲେ ସେମାନଙ୍କ ଶାରୀରିକ ଓ ମାନସିକ ଅଭିବୃଦ୍ଧି ହୋଇଥାଏ ବୋଲି କହିଥିଲେ। ଶିକ୍ଷା କେନ୍ଦ୍ରର ଗୁରୁମା ମମିତା ବେହେରା, ସନ୍ଧ୍ୟାରାଣୀ ପରିଡ଼ା, ରଶ୍ମିତା ପାତ୍ର, ଭବାନି ପରାମାଣିକ, ବନ୍ଦିତା ପ୍ରଧାନ ସହୋଯୋଗ କରିଥିଲେ। ଗୁରୁମା ମମିତା ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

**ଭୋଗରାଇ:** ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ସ୍ଥିତ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଇଓ ନିହାର ରଞ୍ଜନ ଦାସ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅସିତ କୁମାର ଗିରି, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀପକ କୁମାର ଗାରୁ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଗୋବର୍ଦ୍ଧନ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କୃଷ୍ଣାରାଣୀ ବେହେରା ବେଦପାଠ ପଢ଼ିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଗୌରହରି ସାଁ, ମଧୁସୂଦନ ସାହୁ, ଭବାନୀଶଙ୍କର ପ୍ରଧାନ, ଗୌତମ କୁମାର ସାମଲ, ବିକ୍ରମ କୁମାର ଭଞ୍ଜ, ଅଶୋକ କୁମାର ସାହୁ, ଶିକ୍ଷୟିତ୍ରୀ ଉର୍ମିଳା କାମିଲା, ମଧୁସ୍ମିତା ବେହେରା, ବେବିରାଣି ପାତ୍ର, ସସ୍ମିତା ସିଂହ, ଜୟନ୍ତୀ ବେହେରା, ବିଦ୍ୟୁତପ୍ରଭା ନନ୍ଦୀ, ଆରତୀ ନାୟକ, ରଜାଲିନ ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ଜଳେଶ୍ୱର ବ୍ଲକ :** ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନସ୍ଥ ଶାସନବାଡ ଗ୍ରାମର ସିଦ୍ଧେଶ୍ୱର ହାଇସ୍କୁଲର ୨୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଅଧ୍ୟକ୍ଷ ଶିକ୍ଷାବିତ୍ ଡ. ଅଜିତ କୁମାର ମହାନ୍ତି, ହରମୋହନ ମହାନ୍ତ, ଚନ୍ଦନ କୁମାର ଦାସ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ହରିଶଙ୍କର ମହାନ୍ତି, କ୍ରୀଡ଼ା ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ମଞ୍ଚ ଆମନ୍ତ୍ରଣ, ଅତିଥି ପରିଚୟ ଓ ପୁରାଖେଳକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ମନୋରଞ୍ଜନ ଗିରି, ଚିତ୍ତରଞ୍ଜନ ଜେନା, ମାନସ କୁମାର ଦାସ, ସୁବ୍ରତ କୁମାର ବାରିକ, ରାଜିବ ନାରାୟଣ କର, କୃଷ୍ଣଚନ୍ଦ୍ର ଜେନା, ଶାନ୍ତନୁ କୁମାର ମହାନ୍ତି, ସିଦ୍ଧେଶ୍ୱର ଦାସ, ଶୟନ କୁମାର ରାଉଳ, ଦାମୋଦର ମହାନ୍ତି, ଝାଡେଶ୍ୱର ରାଉଳ ସହଯୋଗ କରିଥିଲେ।

## କୁଡେଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକୀ କ୍ରୀଡ଼ା



ସୋର, ୧୯।୧୨(ସମିସ): ସୋର ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତ ଅନ୍ତର୍ଗତ କୁଡେଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଅଧ୍ୟକ୍ଷ କରୁଣାକର ସାହୁ କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ସଟପୁଟ, ଡିସକସ, ଜାଭେଲିନ ଥ୍ରୋ, ବ୍ୟାଡ଼ମିଣ୍ଟନ, ମ୍ୟୁଜିକ ଚେୟାର, କବାଡି, ସ୍କିପିଂ, ଲମ୍ବଡିଆଁ, ଉଚ୍ଚଡିଆଁ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଅଧ୍ୟାପକ ମାନସ ବେହେରା, ଅଧ୍ୟାପକ ନିଗମାନନ୍ଦ ବେହେରା, ବିଷ୍ଣୁମୋହନ ସେଠୀ ଓ ସୁରେନ୍ଦ୍ର ନାଥ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ସୁଶାନ୍ତ ପୃଷ୍ଟି ଖେଳ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ସାହୁ ସୂଚନା ଦେଇଥିଲେ।



ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ
ODISHA ELECTRICITY REGULATORY COMMISSION
Together, Let us light up our lives
ବିଦ୍ୟୁତ ନିୟାମକ ଭବନ, ପ୍ଲଟ୍ ନଂ.: ୪, ଚୁନୁକୋଳି, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ଟେଲିଫୋନ ନଂ.: ୨୭୨୧୦୪୮
Email: oerc@odisha.gov.in / orierc@gmail.com, Website: www.orierc.org

ସର୍ବସାଧାରଣ ବିଜ୍ଞପ୍ତି
କେସ୍ ନଂ.: ୧୨୬/୨୦୨୫

**ବିଷୟ: ଏଚ୍‌ଟି/ଇଏଚ୍‌ଟି ଉପଭୋକ୍ତାମାନଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଓପନ ଆକ୍ସେସ (Open Access) ଶୁଳ୍କ ଏବଂ ସରଚାର୍ଜର ଅନୁମୋଦନ ପାଇଁ ଟିପିଏନଓଡିଏଲ୍‌ର ଏକ ଆବେଦନ।**

ମେସର୍ସ ଟିପି ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (TPNODL), ବିଦ୍ୟୁତ ଅଧିନିୟମ, ୨୦୦୩ ର ଧାରା ୪୨ ଏବଂ ଓଇଆରସି (ଅନ୍ତଃ-ରାଜ୍ୟ ଓପନ ଆକ୍ସେସର ସର୍ତ୍ତାବଳୀ) ବିନିୟମାବଳୀ, ୨୦୨୦ ଅନୁଯାୟୀ ରାଜ୍ୟ ଭିତରେ ସାଧାରଣ ବିତରଣ ବ୍ୟବସ୍ଥା ବ୍ୟବହାର କରୁଥିବା HT ଏବଂ EHT ଓପନ ଆକ୍ସେସ ଉପଭୋକ୍ତାମାନଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଓପନ ଆକ୍ସେସ ଶୁଳ୍କର ଅନୁମୋଦନ ପାଇଁ ଏକ ଆବେଦନ ଦାଖଲ କରିଛି।

ଉପରୋକ୍ତ ଆବେଦନର ନକଲ କମିଶନଙ୍କ ୱେବସାଇଟ୍ (www.orierc.org) କିମ୍ବା ଲାଇସେନ୍ସପ୍ରାପ୍ତ ସଂସ୍ଥାର ୱେବସାଇଟ୍ (www.tpnodl.com) ରୁ ଡାଉନଲୋଡ୍ କରାଯାଇପାରିବ କିମ୍ବା କମିଶନଙ୍କ କାର୍ଯ୍ୟାଳୟରୁ ୧୦୦ ଟଙ୍କା (ଏକ ଶହ ଟଙ୍କା) ମୂଲ୍ୟ ଦେଇ ଫଟୋକପି ପ୍ରାପ୍ତ କରାଯାଇପାରିବ। କମିଶନ ଏହି ବିଷୟକୁ କେସ୍ ନମ୍ବର ୧୨୪/୨୦୨୫ ରେ ଆବେଦନକାରୀଙ୍କ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ARR ଏବଂ RST ଆବେଦନ ସହିତ ଏକ ସାର୍ବଜନୀନ ଶୁଣାଣି ମାଧ୍ୟମରେ ସମାଧାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶୁଣାଣିର ତାରିଖ ଏବଂ ସ୍ଥାନ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ।

ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନ/ସଂଗଠନ ସେମାନଙ୍କର ମତାମତ/ପରାମର୍ଶ/ଆପତ୍ତି ସତ୍ୟପାଠ ସହ ୧୬.୦୧.୨୦୨୬ ସୁଦ୍ଧା କମିଶନଙ୍କ ନିକଟରେ ଦାଖଲ କରିପାରିବେ ଏବଂ ଏହାର ଏକ ନକଲ ଆବେଦନକାରୀ ଟିପିଏନଓଡିଏଲ୍ କୁ ପ୍ରଦାନ କରିବେ। ଟିପିଏନଓଡିଏଲ୍ ଏହି ଆପତ୍ତି/ପରାମର୍ଶର ଜବାବ ତା.୨୭.୦୧.୨୦୨୬ ରିଖ ସୁଦ୍ଧା ସମ୍ପୃକ୍ତ ବ୍ୟକ୍ତି/ସଂସ୍ଥାଙ୍କୁ ଏକ ନକଲ ପ୍ରଦାନ ସହ ଦାଖଲ କରିବ।

ତା.୧୭.୧୨.୨୦୨୫
କମିଶନଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା/- ସଚିବ

### ଉଦ୍‌ଘାଟନ ୨ ବର୍ଷ ପରେ ବି ଆବଣ୍ଟନ ହେଉନି ମାର୍କେଟ କମ୍ପ୍ଲେକ୍ସ

# ମାଛପେଟି ରଖି ମତ୍ସ୍ୟଜୀବୀଙ୍କ ରାସ୍ତାରୋକ

ରମ୍ଭା, ୧୯ ।୧୨(ସମିସ)



ସ୍ଥାନୀୟ ଏନ୍‌ଏସିରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ଦୁଇ ବର୍ଷ ବିତିଗଲାଣି। ହେଲେ ତାହା ମତ୍ସ୍ୟଜୀବୀଙ୍କୁ ଆବଣ୍ଟନ ହୋଇନି। ଏହାର ପ୍ରତିବାଦରେ ମତ୍ସ୍ୟଜୀବୀ ମାନେ ଶୁକ୍ରବାର ରମ୍ଭା ଏନ୍‌ଏସି ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଆନ୍ଦୋଳନ ସ୍ଥଳକୁ ଖଲ୍ଲିକୋଟ ତହସିଲଦାର ଡ଼. ମଲେଶ୍ୱ ପାତ୍ର, ଏକ୍‌ଜିକ୍ୟୁଟିଭ ଅଫିସର ଆଶାଲତା ରଚମାଳା ଓ ପୁଲିସ ଆସି ବୁଝାସୁଝା କରିବା ପରେ ସହରର ମୁଖ୍ୟ ରାସ୍ତାରୁ ମତ୍ସ୍ୟଜୀବୀମାନେ ହଟିଥିଲେ। ସୂଚନାଯୋଗ୍ୟ ରାଜା ରାମଚନ୍ଦ୍ର ଦେଓ ୧୯୪୦ ମସିହାରେ ମାଛ ମାର୍କେଟ ପାଇଁ ଜାଗା ପ୍ରଦାନ କରିଥିଲେ ବୋଲି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଠାରୁ ପ୍ରକାଶ। ମାଛ ବ୍ୟବସାୟୀ ମାନେ ଏନ୍‌ଏସିକୁ ମଧ କର ଟଙ୍କା ଦେଇ ଆସୁଥିଲେ। ସେହି ମାଛ ବଜାରରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ସରକାରଙ୍କ ପକ୍ଷରୁ ପ୍ରାୟ ୩ କୋଟି ଟଙ୍କା ଅନୁମୋଦନ ହୋଇଥିଲା। ମତ୍ସ୍ୟଜୀବୀ ବ୍ୟବସାୟୀମାନଙ୍କ ଉକ୍ତ ସ୍ଥାନ ଖାଲି କରିବା ପାଇଁ ତତ୍କାଳୀନ ଏନଏସି ଅଧିକାରୀ ସ୍ୱପ୍ନାରାଣୀ ପାଢ଼ୀ ନୋଟିସ ଜାରି କରିଥିଲେ। କିନ୍ତୁ ମତ୍ସ୍ୟଜୀବୀ ବ୍ୟବସାୟୀମାନେ ଏନଏସି ସହିତ ଏକ ଚୁକ୍ତିନାମା କରିଥିଲେ। ଚୁକ୍ତିନାମା ଅନୁସାରେ ମତ୍ସ୍ୟଜୀବୀମାନେ ୨୦ ହଜାର ଟଙ୍କା ମଧ ଜମା କରିଥିଲେ। କିନ୍ତୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇ ଉଦ୍‌ଘାଟନକୁ ଦୁଇ ବର୍ଷ ବିତିଯାଇଥିଲେ ମଧ କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ। ଅପେକ୍ଷା, ସାକ୍ଷାତ, ଲିଖିତ ଓ ନିବେଦନ କରି କରି ଥକି ଗଲେ ମତ୍ସ୍ୟଜୀବୀ। ତେଣୁ ସହରର ବିଭିନ୍ନ ରାସ୍ତା ପାର୍ଶ୍ୱରେ ମତ୍ସ୍ୟଜୀବୀମାନେ ବ୍ୟବସାୟ କରିବାକୁ ଆରମ୍ଭ କରିଲେ। ସହରର ଯାତ୍ରୀ ବିଶ୍ରାମଗାର ପଛପଟେ ତଥା ନାଳ ନର୍ଦ୍ଦମା ଓ ଅଳିଆ ଆବର୍ଜନା ନିକଟରେ ଖଣ୍ଡିଏ ଖାଲି ସ୍ଥାନ ଦେଖି ମାଛ ବିକ୍ରି କରୁଥିଲେ। କିନ୍ତୁ ସେମାନେ ଦୁର୍ଗନ୍ଧରେ ବ୍ୟବସାୟ କରୁଥିବା ବେଳେ ସରୀସୃପଙ୍କ ଦୌରାତ୍ମ୍ୟ ଯୋଗୁଁ ମାଛ ବ୍ୟବସାୟ ପାଇଁ ଉପଯୁକ୍ତ ସ୍ଥାନ ନୁହେଁ ବୋଲି ପ୍ରତିବାଦ କରିଥିଲେ। ତେବେ ବ୍ୟବସାୟୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏନ୍‌ଏସି ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ରମ୍ଭା ସହରର ମତ୍ସ୍ୟ ବ୍ୟବସାୟୀ ଅଜିତ କୁମାର ବେହେରା, ଶିବାଜୀ ବେହେରା, ଦୁଲଣା ଦାସ, ବଳମଣୀ ବେହେରା, ପ୍ରଶ୍ନ ବେହେରା, ଜୟ ଶଙ୍କର ବେହେରା, ଯମୁନା ବେହେରା, କାଳିଆ ବେହେରା ପ୍ରମୁଖ କହିଛନ୍ତି।

## ମଡେଲ ସ୍କୁଲ ପରିଦର୍ଶନ କଲେ ଆମେରିକାନ୍ ଟିମ୍



**ଖଲ୍ଲିକୋଟ, ୧୯ ।୧୨(ସମିସ):** ଗ୍ରାମାଞ୍ଚଳ ଶିକ୍ଷାକୁ ଦେଖୁଛି ଆମେରିକା। ଖଲ୍ଲିକୋଟ ବ୍ଲକରେ ୟୁନାଇଟେଡ଼ ଷ୍ଟେଟ୍ସ ଅଫ ଆମେରିକାରୁ ଦୁଇଟି ସ୍ୱତନ୍ତ୍ର ପ୍ରତିନିଧି ଦଳ ସହ ନିପୁନ ସେଲ ସଦସ୍ୟ ଅମର୍ଜିତ ଆସି ଖଲ୍ଲିକୋଟ ବ୍ଲକର ଦୁଇଟି ଏଫ୍‌ଏଲ୍‌ଏନ ମଡେଲ ସ୍କୁଲ ପରିଦର୍ଶନ କରିବା ସହ ପିଲାଙ୍କ ସହ କଥା ହୋଇ ଶିକ୍ଷାର ଉନ୍ନତି ଦିଗରେ ପଚାରି ବୁଝିଛନ୍ତି। ଗୋଟିଏ ଟିମ୍ ମାଣିକ୍ୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ସେଠାରେ ଏଫ୍‌ଏଲ୍‌ଏନ୍ ଶିକ୍ଷାକୁ ଦେଖିବା ସହ ଛାତ୍ରଛାତ୍ରୀଙ୍କ ପଢ଼ିବା ବିକାଶକୁ ଦେଖି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ଆଉ ଗୋଟିଏ ଟିମ ପଣ୍ଡିତ ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ସେଠାରେ ଏଫଏଲଏନ କୋଠରୀରେ ଶିକ୍ଷଣ ସାମଗ୍ରୀ ଦେଖିବା ସହ 'ଆସ ପଢ଼ିବା, ଗଢିବା' ଓଡ଼ିଶା ଉପରେ ପିଲାଙ୍କ ବିକାଶକୁ ପରିଲକ୍ଷିତ କରିଥିଲେ। କେନ୍ଦ୍ର ସରକାର ଲାଗୁ କରିଥିବା ଜାତୀୟ ଶିକ୍ଷାନୀତି କିଭଳି ପରିଚାଳିତ ହେଉଛି ତାହା ଅନୁଧ୍ୟାନ କରିଥିଲେ। ପରେ ଖଲ୍ଲିକୋଟ ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଏକ ବୈଠକରେ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

## କଂଗ୍ରେସର ମଶାଲ ଶୋଭାଯାତ୍ରା



**ଆସିକା, ୧୯ ।୧୨(ସମିସ):** ନ୍ୟାସନାଲ ହେରାଲ୍ଡ ମିଛ ମାମଲାରେ ଦଳର ନେତ୍ରୀ ସୋନିଆ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ କରାଯାଇଥିବା ମାମଲାକୁ ଅଦାଲତ ଖାରଜ କରିବା ପରେ କଂଗ୍ରେସ ପକ୍ଷରୁ ବିଜେପି ବିରୋଧରେ ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା ଆୟୋଜନ କରାଯାଉଛି। ଜିଲ୍ଲା କଂଗ୍ରେସ ପଶ୍ଚିମ ଭାଗ ପକ୍ଷରୁ ଆସିକା କାର୍ଯ୍ୟାଳୟ ଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବସ୍‌ଷ୍ଟାଣ୍ଡ ଠାରେ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ରାଜ୍ୟ କଂଗ୍ରେସର ନିର୍ଦ୍ଦେଶ କ୍ରମେ ଜିଲ୍ଲା କଂଗ୍ରେସ ପଶ୍ଚିମ ଭାଗର ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ଆହ୍ୱାନରେ ଦଳୀୟ କର୍ମୀ ଏକତ୍ରିତ ହୋଇ ଆସିକା କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ବିଜେପି ବିରୋଧୀ ସ୍ଲୋଗାନ ଦେଇଥିଲେ। ଶୋଭାଯାତ୍ରାରେ ଖଲ୍ଲିକୋଟ କଂଗ୍ରେସର ବିଧାୟକ ପ୍ରାର୍ଥୀ ଚିତ୍ରସେନ ବେହେରା, କଂଗ୍ରେସ ଯୁବନେତା ଶିବରାମ ପ୍ରଧାନ, ଆକାଶ ସେଠୀ, ଦୀପକ ଭୂୟାଁ, ଜିତେନ୍ଦ୍ର ନାହାକ, ବିକାଶ ସେଠୀ, ହରିହର ସେଠୀ, ହର୍ଷ ରାଉତଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ଗଞ୍ଜାମ, ୧୯ ।୧୨(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତର ପାଣିବନ୍ଧ ଗ୍ରାମ୍ୟ କମିଟି ଏବଂ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ମମତା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ସମାଜସେବୀ ଦୁର୍ଯ୍ୟୋଧନ ସାହୁ (ଟୁନା) ତତ୍ତ୍ୱାବଧାନରେ ପଣିବନ୍ଧ ଗ୍ରାମ୍ୟ କମିଟି ର ୟୁ. ରାଜେନ୍ଦ୍ର, ଲିଙ୍ଗରାଜ ମହାପାତ୍ର, ୟୁ. ଶ୍ୟାମ, ସମାଜସେବୀ ସୁଦାମ ବେହେରା, ପ୍ରଭାତ ସେଠି, ଏବଂ ପଣିବନ୍ଧର ସମସ୍ତ କମିଟି ମେମ୍ବର ଉପସ୍ଥିତ ରହିଥିଲେ। ୫୫ ଜଣ ଡ୍ରାଇଭରଙ୍କର ଚକ୍ଷୁ ପରୀକ୍ଷା କରାଯାଇ ୧୫ଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ୮ ଜଣଙ୍କୁ ମୋତିଆବିନ୍ଦୁ ଚିହ୍ନଟ କରାଯାଇ ୯ ଜଣଙ୍କର ରେଟିନା ପରୀକ୍ଷା କରାଯାଇଥିଲା। ଶଙ୍କର ଚକ୍ଷୁ ଚିକିତ୍ସାଳୟ କର୍ମଚାରୀ ନଳିନୀ କାନ୍ତ ରାଉତ (କ୍ୟାମ୍ପ ମ୍ୟାନେଜର), ଲକ୍ଷ୍ମୀପ୍ରିୟା ଦାସ (ଚିଫ ଅପଟୋମେଟ୍ରିଷ୍ଟ), ସୁନିତା ମଣ୍ଡଳ, ମିସ ସ୍ନେହଲତା ସ୍ୱାଇଁ, ଅମ୍ବିକା, ଶ୍ରାବଣୀ, ପାୟଲ ଗୌଡ଼(ଚକ୍ଷୁ ଟେକ୍ନିସିଆନ), ବଇରୀ ରଞ୍ଜନ ସାହୁ, ଜଗନ୍ନାଥ ବିଶ୍ୱାଳ ଶିବିର ପରିଚାଳନା କରିଥିଲେ।

## ମେଡିକାଲ କୋଠା କାର୍ଯ୍ୟ ତଦାରଖ କଲେ ସିସିଇ



**କବିସୂର୍ଯ୍ୟନଗର, ୧୯ ।୧୨(ସମିସ):** ମୁଖ୍ୟ ଫାଟକ ପରିବର୍ତ୍ତନ ପାଇଁ ଚାଲିଥିବା ମସୁଧା ଶେଷରେ ଫସର ଫାଟିଛି। ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରିବା ସହ ଯଥା ସ୍ଥାନରେ ରଖିବାକୁ ଦାବି କରିଛନ୍ତି। ଦାବିକୁ ଅଧିକାରୀ ଗ୍ରହଣ କରିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଏହା ସହ ମାଷ୍ଟର ପ୍ଲାନ ଏକ ପ୍ଲାନିଂ ମ୍ୟାପର ଫ୍ଲେକ୍ସ ମେଡିକାଲ ପରିସରରେ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଲୋକଙ୍କ ଦାବିକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରାଯିବା ସହ ପାର୍କିଂ ଆଗରେ ରଖିବାକୁ ନିଶ୍ଚିତ କରିଥିଲେ।

ଶୁକ୍ରବାର ଏକ କମିଟି ମେଡିକାଲ କୋଠାର କାର୍ଯ୍ୟ ତଦାରଖ, ଅଗ୍ରଗତି ସମ୍ପର୍କରେ ଜାଣିବାକୁ ଆସିଥିଲେ। ଏଥିରେ ଜେଇ ଜ୍ୟୋତ୍ସ୍ନାରାଣୀ ଦେହୁରୀ, ଏସଇ ସତ୍ୟରଞ୍ଜନ ପରିଡ଼ା, ସିସିଇ ନିହାର ରଞ୍ଜନ ବେହେରା ପ୍ରମୁଖ ସାମିଲ ଥିଲେ।

## ମୁଣ୍ଡମରାଇ କଲେଜର ବାର୍ଷିକ ଉତ୍ସବ

**ଧରାକୋଟ, ୧୯ ।୧୨(ସମିସ):** ମୁଣ୍ଡମରାଇ ସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୨ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧକ୍ଷ ଦିଗାମ୍ବର ବିଷୋୟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଡିଓ ସଂଗ୍ରାମ କେଶରୀ ଜେନା, ମୁଖ୍ୟବକ୍ତା ଭାବେ ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନୀତ ଅତିଥି ଭାବେ ଧରାକୋଟ ଡିଗ୍ରୀ କଲେଜ ଅଧକ୍ଷ ଡ. ସୁଜିତ କୁମାର ପଣ୍ଡା, ଧରାକୋଟ କଲେଜ ଅଧକ୍ଷ ଅକ୍ଷୟ ପଟ୍ଟନାୟକ, ସମାଜସେବୀ ଆନନ୍ଦ ରାଓ ସୁବୁଦ୍ଧି, ରାଜନୀତି ବିଜ୍ଞାନ ଅଧ୍ୟାପକ ଦୁର୍ଗାପ୍ରସାଦ ଆଚାରି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ, କର୍ତ୍ତବ୍ୟ ପରାୟଣ ଓ ପରିଶ୍ରମୀ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଜଗନ୍ନାଥ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧକ୍ଷ ଦିଗାମ୍ବର ବିଷୋୟୀ ବିବରଣୀ ପାଠରେ ବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ପ୍ରକାଶ କରିବା ପରେ ବିଡିଓ ସଂଗ୍ରାମ କେଶରୀ ଜେନା ଆସନ୍ତା ୨ମାସରେ ସମସ୍ତ ଦାବି ପୂରଣ କରାଯିବ ବୋଲି ଘୋଷଣା କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ପଟ୍ଟଯୋଶୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




## ଚାଷୀ ସଚେତନତା ଶିବିର

**ଧରାକୋଟ, ୧୯ ।୧୨(ସମିସ):** ଧରାକୋଟ ପଞ୍ଚାୟତ ଅନ୍ତର୍ଗତ ଜାନିବିଲି ସ୍ଥିତ ଆର୍‌ଏମ୍‌ସି ଗୋଦାମ ପରିସରରେ ଅଞ୍ଚଳର ଚାଷୀ ମାନଙ୍କୁ ନେଇ ଅମଳ ଧାନକୁ ସହଜ ଓ ସୁବିଧାରେ ମଣ୍ଡିରେ ବିକ୍ରି ପାଇଁ ଏକ ଚାଷୀ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ରାଜସ୍ୱ ନୀରିକ୍ଷକ ରବୀନ୍ଦ୍ର ଗୌଡ଼, ଲଖଣ ନାୟକ, ଗ୍ରାମ୍ୟ କୃଷି କର୍ମଚାରୀ ସୁନିଲ ଆଚାର୍ଯ୍ୟ, ହରିପୁର ସେବା ସମବାୟ ସଭାପତି ରାମଚନ୍ଦ୍ର ବିଷୋୟୀ, ମୁଣ୍ଡମରାଇ ସଭାପତି ରାଜେନ୍ଦ୍ର ଗୌଡ଼, ଜଗମୋହନ ସଭାପତି ରାଜେନ୍ଦ୍ର ରାଉତ, ବରଡାବିଲି ସଭାପତି ରବୀନ୍ଦ୍ର ମୋହନ ଗୌଡ଼, ବରିଷ୍ଠ ଚାଷୀ ହିନେନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସିନ ରହିଥିଲେ। ଏହି ଶିବିରରେ ଏଫ୍‌ଏକ୍ୟୁ ମାନର ଧାନ ସଂଗ୍ରହ ଉପରେ ଆଲୋଚନା ହୋଇଥିଲା। ଚାଷୀ ମାନଙ୍କ ପକ୍ଷରୁ ସୂତା ଅଖାରେ ଧାନ ସଂଗ୍ରହ ବନ୍ଦ କରିବା, ଦୁଇଟି ଅଖା ଗୋଟିଏ ଥରରେ ଓଜନ କରିବା, ଟୋକନ ଶୀଘ୍ର ପ୍ରଦାନ କରିବା, ମଣ୍ଡି ଶୀଘ୍ର ଖୋଲିବା, ସାଟେଲାଇଟ ସର୍ଭେ ବନ୍ଦ କରିବା ଓ କଟ୍‌ନୀ ଛଟ୍‌ନୀ ବନ୍ଦ କରିବା ପାଇଁ ଚାଷୀମାନେ ଦାବି କରିଥିଲେ। ସମ୍ପ୍ରତି ସରକାର ସୂତା ଅଖାରେ ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବା ବେଳେ ବଜାରରେ ଏହାର ଅଭାବ ରହିଥିବାରୁ ଚାଷୀ ମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

## ଘୋଡ଼ାହାଡ଼ ପାଣି ପଞ୍ଚାୟତ ବୈଠକ

**ଦିଗପହଣ୍ଡି, ୧୯ ।୧୨(ସମିସ):** ଦିଗପହଣ୍ଡି ସ୍ଥିତ ଘୋଡାହାଡ ପାଣି ପଞ୍ଚାୟତ ଶୀର୍ଷ କମିଟି ପକ୍ଷରୁ ଚଳିତ ବର୍ଷ ରବି ଫସଲ ଚାଷ ସମ୍ବନ୍ଧୀୟ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୀର୍ଷ କମିଟି ସଭାପତି ରମେଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜଳସମ୍ପଦ ବିଭାଗ ଉପ ନିର୍ବାହୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ, ସହକାରୀ ଯନ୍ତ୍ରୀ ଇଂ. କ୍ଷୀରୋଦ ବେହେରା, ଇଂ. କିଶୋର ଚନ୍ଦ୍ର ପାତ୍ରଙ୍କ ସମେତ ୨୧ଟି ପାଣି ପଞ୍ଚାୟତର ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ଓ ଚାଷୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ଘୋଡାହାଡ ଡ୍ୟାମ ସେଚାଞ୍ଚଳର ୧୨୦୦ ହେକ୍ଟର ଚାଷଜମିରେ ରବି ଫସଲ ନିମନ୍ତେ ଜଳସେଚନ ବିଭାଗ ପକ୍ଷରୁ ଚାଷ ଜମିକୁ ପାଣି ଯୋଗାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତେବେ ଚଳିତବର୍ଷ ଚିନାବାଦାମ ଓ ଆଖୁ ଚାଷ ପାଇଁ ବହୁ ସଂଖ୍ୟକ ଚାଷୀ ଇଚ୍ଛା ପ୍ରକାଶ କରିଥିବାରୁ ଡ୍ୟାମରୁ ପର୍ଯ୍ୟାପ୍ତ ପରିମାଣରେ ପାଣି ଛାଡ଼ାଯିବା ନେଇ ବୈଠକରେ ମତପ୍ରକାଶ କରିଥିଲେ। ଶୁକ୍ରବାର ସୁଦ୍ଧା ଘୋଡାହାଡ ଜଳଭଣ୍ଡାରରେ ୧୧୭.୬୮ ମିଟର ତଥା ୯୯.୦୮ ପ୍ରତିଶତ ଜଳ ଗଚ୍ଛିତ ଅଛି ବୋଲି ଉପ ନିର୍ବାହୀ ଯନ୍ତ୍ରୀ କହିଥିଲେ। ବୈଠକରେ ପୂର୍ବତନ ସରପଞ୍ଚ ତଥା ପାଣି ପଞ୍ଚାୟତ ଶୀର୍ଷ କମିଟି ପୂର୍ବତନ ସଭାପତି ବିଦ୍ୟାଧର ମହାପାତ୍ର, ପାଣି ପଞ୍ଚାୟତ ନିରଞ୍ଜନ ପାଣିଗ୍ରାହୀ, ନକୁଳ ପ୍ରଧାନ, ଦିବାକର ପାତ୍ର, ଭୂଷଣ ପ୍ରଧାନ, ସୀତାରାମ ପାତ୍ର, କୁନା ପ୍ରଧାନ ସମେତ ବହୁ ଚାଷୀ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଘୋଡ଼ାହାଡ଼ ଜଳସେଚନ କାର୍ଯ୍ୟାଳୟ କର୍ମଚାରୀ ପ୍ରଦୀପ କୁମାର ମହାନ୍ତିଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହାୟତା କରିଥିଲେ।

### ଜିଲ୍ଲା ଆପାତକାଳୀନ ବୈଠକ

## ଶିଳ୍ପାଞ୍ଚଳବାସୀଙ୍କ ସୁରକ୍ଷାକୁ ଗୁରୁତ୍ୱ



**ଛତ୍ରପୁର, ୧୯ ।୧୨(ସମିସ):** ଗଞ୍ଜାମ ଜିଲ୍ଲାରେ ଥିବା ସମସ୍ତ ଇଣ୍ଡଷ୍ଟ୍ରି (କମ୍ପାନୀ) ଗୁଡିକରେ ସୁରକ୍ଷା ଏବଂ ଆଖପାଖ ଅଞ୍ଚଳବାସୀଙ୍କ ସୁରକ୍ଷାକୁ ନେଇ ଶୁକ୍ରବାର ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧକ୍ଷତାରେ ଜିଲ୍ଲା ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡଷ୍ଟ୍ରି ଗୁଡିକ ବର୍ଷକୁ ଦୁଇ ଥର ମକ୍‌ଡ୍ରିଲ ସହିତ ଜିଲ୍ଲାସ୍ତରୀୟ ଅଧିକାରୀ ଅଚାନକ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଇଣ୍ଡଷ୍ଟ୍ରି ଗୁଡିକର ସୁରକ୍ଷା ସହିତ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ସେ କହିଥିଲେ। ସୁରକ୍ଷା ନିମନ୍ତେ କଣ କଣ ବ୍ୟବସ୍ଥା ରହିଛି। କଣ କଣ ସାମଗ୍ରୀ ତାହାର ସମସ୍ତ ରିପୋର୍ଟ ଜିଲ୍ଲାସ୍ତରୀୟ କମିଟିକୁ ପଠାଇବାକୁ କୁହାଯାଇଛି। ଆଗାମୀ ଦୁର୍ଘଟଣାର ପୂର୍ବ ପ୍ରସ୍ତୁତି ଏବଂ ଦୁର୍ଘଟଣା ଘଟିଲେ କେମିତି ମୁକାବିଲା କରାଯିବ ତାହାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। କେମିକାଲ ଟ୍ୟାଙ୍କର ଗୁଡିକ ବିଭିନ୍ନ ଫ୍ୟାକ୍ଟ୍ରିକୁ ଗମନାଗମନବେଳେ ତାହାର ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ମଧ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଗ୍ରାସୀମ ଇଣ୍ଡଷ୍ଟ୍ରି, ଟାଟା ଷ୍ଟିଲ, ଆଇଓସିଏଲ୍, ଗୋପାଳପୁର ପୋର୍ଟ, ଆସିକା ଚିନି ଫ୍ୟାକ୍ଟ୍ରି ଓ ସରାଫ ଟିଟାନିୟମ ଲିମିଟେଡ଼ କମ୍ପାନୀ ପକ୍ଷରୁ କ'ଣ କ'ଣ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ଯୋଜନା ଏବଂ ପ୍ରସ୍ତୁତ କରାଯାଇ ତାହାର ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାର ସମସ୍ତ ବ୍ୟବସ୍ଥାର ତଦାରଖ ନିମନ୍ତେ ଜିଲ୍ଲାସ୍ତରୀୟ କମିଟି ଗଠନ ହୋଇଛି। ଏହି କମିଟି ବିଭିନ୍ନ କାର୍ଯ୍ୟ କରିବ। ବୈଠକରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ) ଦେବଦତ୍ତ ପଣ୍ଡା, ଡେପୁଟି କଲେକ୍ଟର (ଜରୁରୀ କାଳୀନ) ଅଭିଷେକ ସାହୁ, ଫ୍ୟାକ୍ଟ୍ରି ଏଣ୍ଡ ବଏଲର ଆସିଷ୍ଟାଣ୍ଟ ଡାଇରେକ୍ଟର ରଞ୍ଜିତ ନାୟକ, ଓସଡମାର ଜିଲ୍ଲା ପରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ, ଛତ୍ରପୁର ଶ୍ରମ ଅଧିକାରୀ ବର୍ଷାରାଣୀ ଜେନା ଓ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଜୟ କୁମାର କରଙ୍କ ସମେତ ଫାୟାର, ଓଡ୍ରାଫ, ଏନଡିଆରଏଫର ଅଧିକାରୀ, ଜିଲ୍ଲାସ୍ତରୀୟ କମିଟିର ସମସ୍ତ ସଭ୍ୟ ଏବଂ କମ୍ପାନୀ ଗୁଡିକର ବରିଷ୍ଠ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

## କବିସୂର୍ଯ୍ୟନଗର ପ୍ରେସ୍ କ୍ଲବର ବାର୍ଷିକୋତ୍ସବ

**କବିସୂର୍ଯ୍ୟନଗର, ୧୯ ।୧୨(ସମିସ):** କବିସୂର୍ଯ୍ୟନଗର ପ୍ରେସ୍ କ୍ଲବର ୧୯ତମ ବାର୍ଷିକୋତ୍ସବ କନକ ମଞ୍ଜରୀ ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବର ବାର୍ଷିକୋତ୍ସବରେ ସଭାପତି ସମରଜିତ୍ ମହାନ୍ତି ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସତ୍ପେଶ୍ୱର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ସହିତ ସମ୍ପାଦକୀୟ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ନଗରପାଳ ମନୋରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ବିଇଓ ଅଭିମନ୍ୟୁ ସାହୁ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ ଯୋଗୀ ଚରଣ ମିଶ୍ର, ମୁଖ୍ୟବକ୍ତା ଭାବରେ ସମଦୃଷ୍ଟିର କାର୍ଯ୍ୟନିର୍ବାହୀ ସମ୍ପାଦକ ବିଘ୍ନେଶ୍ୱର ସାହୁ, ସମ୍ମାନିତ ବକ୍ତା ଭାବରେ ତ୍ରିଧାରା ସାହିତ୍ୟ ସଂସଦର ସମ୍ପାଦକ ଡକ୍ଟର ଲକ୍ଷ୍ମୀନାରାୟଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ। 'ଦୁର୍ନୀତି ହିଁ ବିକାଶର ବାଧକ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସରକାର ଓ ପ୍ରଶାସନର ଚର୍ତୁପାର୍ଶ୍ୱରେ ଦୁର୍ନୀତିର ବଳୟ ଏତେ ମାତ୍ରରେ ବଢ଼ିଛି ଯେ, ତାକୁ ନିୟନ୍ତ୍ରଣ କରିବା ବଡ଼ କାଠିକର ପାଠ। ସାମ୍ବାଦିକ ମାନେ ଦୁର୍ନୀତି ବିରୋଧରେ ଖବର ପ୍ରସାରଣ କରିବା ଓ ସାମାଜିକ କର୍ମୀ ମାନେ ଦୁର୍ନୀତିର ଉଜାଗର କରିବା ଦ୍ୱାରା ବିଭିନ୍ନ ସମୟରେ ସେମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ଆକ୍ରମଣ ହେଉଛି। ଆର୍‌ଟିଆଇ ଆଇନକୁ ମଧ ସଂକୁଚିତ କରାଗଲାଣି। ଦୁର୍ନୀତିକୁ ହଟାଇବାକୁ ହେଲେ ସାଧାରଣ ନାଗରିକ ମାନଙ୍କ ମାନସିକ ସ୍ତରରେ ପରିବର୍ତ୍ତନ ଆସିବା ସହିତ ସଚେତନ ହେଲେ କେତେକାଂଶରେ ଦୁର୍ନୀତି ହଟିପାରିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବର ଉପସଭାପତି ସରୋଜ କୁମାର ମିଶ୍ର, ସାମ୍ବାଦିକ ଉମା ଚରଣ ପଟ୍ଟନାୟକ, ସାମ୍ବାଦିକ ବିବେକାନନ୍ଦ ସାହୁ, ସାମ୍ବାଦିକ ସୁଶାନ୍ତ କୁମାର ପଟ୍ଟନାୟକ, ସାମ୍ବାଦିକ ସନ୍ତୋଷ କୁମାର ପଣ୍ଡା, ସାମ୍ବାଦିକ ଟି. ଶରତ କୁମାର ସୁବୁଦ୍ଧି, ସାମ୍ବାଦିକ ସୂର୍ଯ୍ୟନାରାୟଣ ବଡୁ, ଗୁଲସନ କୁମାର କର, ରଞ୍ଜିତ କୁମାର ପୋଲେଇ, ପିପିଟି ସଭାପତି ଦେବସ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।




### କାଳ ସାଜିଛି ବିଦେଶୀ ମଦ କମ୍ପାନୀ

## ଘରେ ପଶୁଛି କଳାଧୂଆଁ; ଧୂଳିରେ ଆକ୍ରାମାକ୍ରା ଲୋକେ

ଖଲ୍ଲିକୋଟ, ୧୯ ।୧୨(ସମିସ)



ଘର ଭିତରେ, ବାହାରେ ଯେଉଁଆଡ଼େ ଦେଖିବ ପଡ଼ିଛି କଳା ଧୂଆଁର ଆସ୍ତରଣ ଓ ଧୂଳି ଗୁଣ୍ଡ। ଏହି ଧୂଳି ଗୁଣ୍ଡ ଚିଲିକା ଡିଷ୍ଟଲାରୀ ପ୍ରାଇଭେଟ୍ ଲିମିଟେଡ଼ ନାମକ ବିଦେଶୀ ମଦ କମ୍ପାନୀରୁ ବାହାରୁଥିବା କଳାଧୂଆଁ ସହ ଉଡି ଆସୁଥିବା ଧୂଳି ଗୁଣ୍ଡ ବା ପାଉଁଶ। ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କନକା ଗ୍ରାମରେ ୨/୩ ବର୍ଷ ତଳେ ମଦ କମ୍ପାନୀ କରିବା ପାଇଁ ଲୋକଙ୍କ ଠାରୁ ଜମି କିଣିଥିଲା କମ୍ପାନୀ। ଜନଶୁଣାଣି କରି କମ୍ପାନୀ ପାଇଁ ଅନୁମୋଦନ ବି ମିଳିଗଲା। ଅନୁମୋଦନ ପରେ ଏବେ ୩ ମାସ ହେଲା କାର୍ଯ୍ୟକ୍ଷମ ହୋଇଛି। କମ୍ପାନୀ କାର୍ଯ୍ୟକ୍ଷମ ହେଲା କିନ୍ତୁ ସ୍ଥାନୀୟ ଲୋକଙ୍କ ସମସ୍ୟା ବଢ଼ିଗଲା। କାରଣ କମ୍ପାନୀ ଆରମ୍ଭ ହେବା ଦିନ ଠାରୁ କମ୍ପାନୀରୁ ନିର୍ଗତ ଧୂଆଁ ଲୋକଙ୍କୁ କଳବଳ କରୁଛି। ଧୂଆଁରେ ଉଡ଼ି ଆସୁଥିବା ପାଉଁଶ ଘର ଭିତରେ ପଶୁଥିବା ବେଳେ ପିଇବା ପାଣି, କୂଅ, ଖାଇବା ପାଇଁ ରୋଷେଇ କରାଯାଇଥିବା ଖାଦ୍ୟ, ପୋଖରୀ ଓ ଧାନ ଜମିକୁ ନଷ୍ଟ କରୁଥିବା ଗ୍ରାମର ଭାରତୀ ନାହାକ, ଅନୁସୂୟା ନାହାକ ଅଭିଯୋଗ କରିଛନ୍ତି। କୂଅ ଓ ଖାଦ୍ୟ ସାମଗ୍ରୀ ଘୋଡେଇ କି ରଖୁଛନ୍ତି ଲୋକେ। ଧୂଆଁରେ ଉଡି ଆସୁଥିବା ପାଉଁଶ ଶ୍ୱାସକ୍ରିୟାରେ ଶରୀର ଭିତରକୁ ଯାଉଥିବା କହିଛନ୍ତି। ଯାହାଫଳରେ ଆଗାମୀ ଦିନରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ବଢ଼ିବା ନେଇ ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ଏହି ଗୋଟିଏ ଗାଁ ନୁହେଁ କମ୍ପାନୀ ଆଖ ପାଖରେ ଥିବା ୪ରୁ ୫ ଖଣ୍ଡ ଗ୍ରାମକୁ ଏହି ଧୂଆଁ ଯାଉଥିବା ଅଭିଯୋଗ ହୋଇଛି। ଖାଲି ଧୂଳି ଗୁଣ୍ଡ ନୁହେଁ କମ୍ପାନୀରୁ ବାହାରୁଥିବା ଦୁର୍ଗନ୍ଧ ଓ ବିକଟାଳ ଶବ୍ଦ ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି। ଲୋକ କହିଛନ୍ତି କେବେ ଜନ ଶୁଣାଣି ହୋଇଥିଲା ଆମେ ଜାଣିନୁ ଓ ଆମକୁ କମ୍ପାନୀ ହେବା ନେଇ କେହି କହି ନାହାନ୍ତି। କିଏ ଓ କେମିତି ଏଠାରେ ମଦ ତିଆରି କମ୍ପାନୀ କରିବାକୁ ଅନୁମତି ପ୍ରଦାନ କଲା ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। କମ୍ପାନୀ ଆରମ୍ଭ ହେବା ଦିନଠାରୁ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳ କମିବା, କୂଅ, ପୋଖରୀ ପାଣି ଦୂଷିତ ହେବାରେ ଲାଗିଛି। କମ୍ପାନୀ ଚାଲିବାର କେବଳ ୩ ମାସରେ ଲୋକଙ୍କ ସମସ୍ୟା ବଢ଼ିଥିବା ବେଳେ ଏଠାରେ ଲୋକ କେମିତି ବସବାସ କରିବେ ସେନେଇ ଚିନ୍ତାରେ ପଡ଼ି ଯାଇଛନ୍ତି। ତେଣୁ ଏଠାରେ କମ୍ପାନୀ ବନ୍ଦ କରାଯାଉ ନଚେତ ସେମାନଙ୍କୁ ଅନ୍ୟତ୍ର ଥଇଥାନ କରାଯାଉ ବୋଲି ଖୁନୁ ନାହକ, ପାଣ୍ଡବ ନାହକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ଷଣ୍ଢ ଆକ୍ରମଣରେ ବୃଦ୍ଧ ଗୁରୁତର

**ବାରିକପୁର, ୧୯।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢ଼ୋଠାରେ ଷଣ୍ଢ ଆକ୍ରମଣ ଯୋଗୁଁ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ପ୍ରାପ୍ତ ସୂଚନା ମୁତାବକ ଗତ ଗୁରୁବାର ଅପରାହ୍ନରେ ଗ୍ରାମର କପିଳ ଧଳ ଚାଷ ଜମିରୁ ଫେରୁଥିବା ବେଳେ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଚାଷୀ ଜଣଙ୍କୁ ପରିବାର ବର୍ଗ ଯାଜପୁର ମେଡିକାଲ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ତାଙ୍କର ଡାହାଣ ଗୋଡ଼ ଏବଂ ଜଙ୍ଘରେ ଆଘାତ ଲାଗିଛି।

## ୨ ବାଲି ବୋଝେଇ ହାଇୱା ଜବତ

**ବନ୍ତ/ଆଗରପଡ଼ା, ୧୯।୧୨(ସମିସ):** ବୈତରଣୀ ନଦୀ ଘାଟରୁ ବାଲି ବୋଝେଇ କରି ୨ଟି ହାଇୱା ଆଗରପଡ଼ା ରାସ୍ତାରେ ଦ୍ରୁତ ଗତିରେ ଯାଉଥିଲା। ଏଥିରେ ସନ୍ଦେହ ହେବାରୁ ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନା ହାଇୱା ୨ଟି ଅଟକାଇ ଯାଞ୍ଚ କରିଥିଲେ। ମାତ୍ର ଆବଶ୍ୟକୀୟ କାଗଜପତ୍ର ନ ଥିବାରୁ ଥାନା କେସ୍ ନଂ ୧୩୩/୨୫ରେ ଏକ ମାମଲା ରୁଜ୍ଜୁ କରି ସମ୍ପୃକ୍ତ ୨ଟି ହାଇୱା ନଂ ଓଡି-୦୧- ଏଜେଡ-୮୦୬୨ ଓ ଓଡି୩୫-୨୪୬୯କୁ ପୋଲିସ୍ ଜବତ୍ କରିଥିବାର ଜଣାପଡ଼ିଛି।

## ପାଟୁଳିରେ ଜନଶୁଣାଣି ଶିବିର



**ଭଣ୍ଡାରିପୋଖରୀ, ୧୯।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ପାଟୁଳି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଗ୍ରଗତିରେ ଅନ୍ତରାୟ ସୃଷ୍ଟି କରିଥିବା ବିଭିନ୍ନ ସମସ୍ୟା ବିଶେଷ କରି ଜମିଜମା ସମସ୍ୟାର ଜନଶୁଣାଣି ଶୁକ୍ରବାର ବିଡିଓ ଦେବଦତ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତହସିଲଦାର ରୋଜାଲିନ ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ମଙ୍ଗଳ ଅଧିକାରୀ ସୁଜନ ଚନ୍ଦ, ସରପଞ୍ଚ ପ୍ରତିନିଧି ନିଳାମ୍ବର ରାଉତ, ସମିତି ସଭ୍ୟ ଗୁରୁପ୍ରସାଦ ଗିରି, ପର୍ଶୁରାମ ପରିଡ଼ା, ମଧୁସୂଦନ ଦତ୍ତ, ଅଭୟ ବେହେରା ପ୍ରମୁଖ ଯୋଗଦେଇ ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଗ୍ରଗତିରେ ବାଧକ ସାଜିଥିବା ବିଭିନ୍ନ କାରଣ ଓ ତାହାର ନିରାକରଣ ସମ୍ପର୍କରେ ହିତାଧିକାରୀଙ୍କ ମତାମତ ଗ୍ରହଣ କରିଥିଲେ। ମାତ୍ର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଜନଶୁଣାଣି ସଫଳ ହୋଇ ପାରିନଥିଲା।

## ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମଶାଲ ଶୋଭାଯାତ୍ରା




**ଭଦ୍ରକ, ୧୯ ।୧୨(ସମିସ):** ନ୍ୟାସନାଲ ହେରାଲଡ୍ ମିଛ ମାମଲାରେ କଂଗ୍ରେସର ନୈତିକ ବିଜୟ ଘଟିଥିବାବେଳେ ମିଛ ମାମଲାକୁ ବିରୋଧ କରି ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପାର୍ଟି କାର୍ଯ୍ୟାଳୟରୁ ଏକ ମଶାଲ ଶୋଭାଯାତ୍ରା ବାହାରିଥିଲା। ଏଥିସହ ସହର ମଧ୍ୟରେ ଥିବା ରାଜଘାଟ ଛକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ପିସିସି ଅନୁସୂଚିତ ଜାତି ବିଭାଗ ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ବରିଷ୍ଠ ନେତା ଅବଦୁଲ ମୋକିତ ଖାଁ, ପୀତବାସ ଧଳ, ରାଜ୍ୟ ସାଧାରଣ ସମ୍ପାଦକ ହରିହର ମଣ୍ଡଳ, ରାଜ୍ୟ ସମ୍ପାଦକ ରଞ୍ଜନ ଜେନା, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, ଯୁବନେତା ବଳରାମ ରାଉତ, ଇଲିଆସ ଖାଁ, ଲାଲୁ ଖାଁ, ହସିନା ଖାତୁନ, ଦୀନବନ୍ଧୁ ଦାସ, ହାଡ଼ିବନ୍ଧୁ ବିଶ୍ୱାଳ, ସେକ୍ ତୁବାରକ, ଶମ୍ଭୁନାଥ ପତି, ମାୟାଧର ରାଉଳ, ଟନି ଅଲି ପ୍ରମୁଖ ଦଳୀୟ ନେତା ଓ କର୍ମୀ ମାନେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ହାଏ ହାଏ, ଗୃହ ମନ୍ତ୍ରୀ ହାଏ ହାଏ, ବିଜେପି ସରକାର ଡାଉନ ଡାଉନ ସ୍ଲୋଗାନ ଦେଇ ରାଜଘାଟ ଛକ ଠାରେ ପହଞ୍ଚି ନାରାବାଜି ସହ କୁଶପୁତ୍ତଳିକା ଦାହ କରିଥିଲେ।

## 'ସମଗ୍ର ମାନବୀୟ ବିକାଶରେ କ୍ରୀଡ଼ା ସଂଯୋଗ ସେତୁ'

**ଆସୁରାଳି, ୧୯ ।୧୨(ସମିସ):** ସମଗ୍ର ମାନବୀୟ ବିକାଶରେ କ୍ରୀଡ଼ା ସଂଯୋଗ ସେତୁ ଭଳି କାର୍ଯ୍ୟ କରିଥାଏ। ଶାରୀରିକ ବିକାଶରେ କ୍ରୀଡ଼ା ମୁଖ୍ୟ ଭୂମିକା ଗ୍ରହଣ କରେ ଏବଂ ଉତ୍ତମ କ୍ରୀଡ଼ା ନୈପୁଣ୍ୟତା ଗୋଟିଏ ଜାତିର ପରିଚୟ ସୃଷ୍ଟି କରିଥାଏ ବୋଲି ଗୋପବନ୍ଧୁ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ମଦନ ମୋହନ ସାମନ୍ତରାଙ୍କ ସଂଯୋଜନାରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କଳ୍ପତରୁ ସାମଲ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପରମାନନ୍ଦ ନାୟକ, ସମ୍ମାନିତ ଅତିଥିଭାବେ ପଙ୍ଗଟା ଶିକ୍ଷା ସାଧନ ସଂଯୋଜକ ଅଜୟ ମଲ୍ଲିକ, ପ୍ରଧାନ ଶିକ୍ଷକ ବିକ୍ରମ ପଣ୍ଡା ଏବଂ ଶିକ୍ଷାବିତ ବ୍ରହ୍ମାନନ୍ଦ ନାୟକ ଧୂଷୁରୀ ପ୍ରେସୟୁନିଅନ ସଭାପତି ସନ୍ତୋଷ ଦାସ ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷକ ସଞ୍ଜୟ ଅଗସ୍ତି ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶିକ୍ଷୟିତ୍ରୀ ଚିନ୍ମୟୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶୁଭସ୍ମିତା ଦାସ, ମନୋରମା ମଲ୍ଲିକ, ରୁପାଲି ରାଉତରାୟ, ଅଭିଲିପ୍ସା ପଣ୍ଡା, ସୁଷମା କୁମାରୀ ନାୟକ ଏବଂ ପଦ୍ମାବତୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।



# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ବାରମ୍ବାର ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ**

**ବନ୍ତ/ଆଗରପଡ଼ା, ୧୯।୧୨(ସମିସ)**

ବନ୍ତ ବ୍ଲକ ଆଗରପଡ଼ା ବିଦ୍ୟୁତ୍ ବିଭାଗ ଅଧୀନ କାଦବରାଙ୍ଗ ଗ୍ରାମପଞ୍ଚାୟତର ବନ୍ତଲା ଗ୍ରାମର ଅଙ୍ଗନବାଡ଼ି, ଖେଳପଡ଼ିଆ ଓ ଶିବ ମନ୍ଦିର ନିକଟରେ ବିପଦସଂକୁଳ ଏବଂ ଅସୁରକ୍ଷିତ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଛି। ମଣିଷ ଏବଂ ଗାଈଗୋରୁଙ୍କ ସମେତ କୁନିକୁନି ପିଲାଙ୍କ ପାଇଁ ଏହା ବିପଦ ସାଜିଛି। ତେଣୁ ଉକ୍ତ ଟ୍ରାନ୍ସଫର୍ମରର ସୁରକ୍ଷା ପାଇଁ ଏହାର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରିବାକୁ ବନ୍ତଲାବାସୀଙ୍କ ପକ୍ଷରୁ ଦାବି ହେଉଥିବାବେଳେ ଏ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ।

ଏହି ସମସ୍ୟା ସମ୍ପର୍କରେ ଗତ ୨୩ ତାରିଖରେ 'ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର' ଶୀର୍ଷକରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶକୁ ଇତିମଧ୍ୟରେ ମାସେ ବିତିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସେହିପରି ବନ୍ତ ବ୍ଲକ ମଙ୍ଗୁଳିସ୍ଥିତ ବ୍ରାହ୍ମଣସାହିରେ ଥିବା ୬୩ କେଭି ବିଦ୍ୟୁତ ସବ୍‌ଷ୍ଟେସନଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ବହୁ ବର୍ଷ ପୂର୍ବେ ଏକ ସିମେଣ୍ଟ ଖୁଣ୍ଟରେ ତିଆରି ହୋଇଥିଲା। ବର୍ଷା, ପବନରେ ଷ୍ଟ୍ରକଚରଟି ଦୋହଲୁଥିବାରୁ ଜନଜୀବନ ପ୍ରତି ବିପଦ ରହୁଛି। ଏହାର ଏୟାର ବ୍ରେକ ସୁଇଚ ଠିକ ଭାବେ କାର୍ଯ୍ୟ କରୁନାହିଁ। ବହୁ ସମୟରେ ଉପଭୋକ୍ତା ବିଜୁଳି ପାଇବାରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ଏହି ସବ୍‌ଷ୍ଟେସନଟି ଢଳି ରହିଥିବାରୁ କର୍ମଚାରୀଙ୍କ ସହ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ପୁରୁଣା ସିମେଣ୍ଟ ଖୁଣ୍ଟକୁ ପରିବର୍ତ୍ତନ କରି ଲୁହା ଖୁଣ୍ଟ ବସାଇବା ସହ ଏବି ସୁଇଚ୍ ମରାମତି କରିବା ଲାଗି ଗ୍ରାମର ନାରାୟଣ ଦାସ, ସୁଶାନ୍ତ କୁମାର ପତି, ପ୍ରଶାନ୍ତ ପତି, ଚନ୍ଦନ ପତି, ଆନନ୍ଦ କର, ବିନୋଦ କର, ବିଙ୍ଗ ପତି, ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ସମେତ ବହୁ ଉପଭୋକ୍ତା ବାଲେଶ୍ୱର ଟିପିଏନ୍‌ଓଡିଏଲ୍ ପରିଚାଳନା ନିର୍ଦ୍ଦେଶକ, ଭଦ୍ରକ ଅଧୀକ୍ଷଣ ଯନ୍ତ୍ରୀ ଓ ବନ୍ତ ସହକାରୀ କାର୍ଯ୍ୟ ନିର୍ବାହୀ ପରିଚାଳକଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଇତି ମଧ୍ୟରେ ୧ମାସରୁ ଅଧିକ ସମୟ ବିତି ଯିବା ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।



## ଘର ଉପରେ ଚଢ଼ିଗଲା ଟ୍ରାକ୍ଟର, ମହିଳା ଗୁରୁତର

**ଭଦ୍ରକ, ୧୯ ।୧୨(ସମିସ):** ଘର ଉପରେ ଟ୍ରାକ୍ଟର ମାଡ଼ିଯିବା ଯୋଗୁଁ ଜଣେ ମହିଳା ଗୁରୁତର ହୋଇଛନ୍ତି। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ବାଲିଗାଁ ୧୧ ନମ୍ବର ୱାର୍ଡରେ। ଗ୍ରାମର ବାସନ୍ତୀ ଦାସଙ୍କ ଘର ଉପରକୁ ଟ୍ରାକ୍ଟର ମାଡ଼ି ଯାଇ ଥିଲା। ସେ ଗୁରୁବାର ଘର ଲିପୁଥିବା ବେଳେ ଟ୍ରାକ୍ଟରଟି ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇ ଚାଳ ଘର ଉପରେ ମାଡ଼ି ଯାଇଥିଲା। କିଛି ସମୟ ଖୋଜାଖୋଜି ପରେ ଚାଳଘର କୁଟା ମଧ୍ୟରୁ ବାସନ୍ତୀଙ୍କୁ ଉଦ୍ଧାର କରାଯାଇ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ବାସନ୍ତୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଟ୍ରାକ୍ଟରକୁ ପୁଲିସ ଜବତ କରିଥିବା ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ ପରିବେଶ ପ୍ରଦର୍ଶନରେ ଦେବଯାନୀ ପ୍ରଥମ



**ଭଦ୍ରକ, ୧୯ ।୧୨(ସମିସ):** ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ଥିବା ସିଇଏସ୍ ବିଭାଗ ପକ୍ଷରୁ ବିଦ୍ୟାଳୟସ୍ତରରେ ଥିବା ଇକୋ କ୍ଲବଗୁଡ଼ିକର ପରିବେଶ ସୁରକ୍ଷା ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠ କଇଥକୋଲାର ଛାତ୍ରୀ ଦେବଯାନୀ ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟକୁ ମନୋନୀତ ହୋଇଛନ୍ତି। ଭଦ୍ରକ ଜିଲ୍ଲାସ୍କୁଲ ପରିସରରେ ଆୟୋଜିତ ଉତ୍ସବରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଉଦ୍‌ଘାଟନ କରିଥିଲେ। ପରେ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ରାଜ୍ୟ ପରିବେଶ ସଚେତନତା ବିଭାଗର ରାଜ୍ୟ ନୋଡାଲ ଅଫିସର ପ୍ରଭାତ ମୋହନ ଦାଶ ଯୋଗଦେଇ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଓଡ଼ିଶାର ଛାତ୍ରଛାତ୍ରୀ କିପରି ଆଜି ଭାରତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିପାରିଛନ୍ତି ସେ ସମ୍ପର୍କରେ କହିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ତୃପ୍ତିମୟୀ ପାତ୍ର, ଜିଲ୍ଲା ବିଜ୍ଞାନ ସଂଯୋଜିକା ହିମାଦ୍ରୀ ନନ୍ଦିନୀ ବିଶ୍ୱାଳ, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଜିଲ୍ଲା ସ୍କୁଲ ପ୍ରଧାନ ଶିକ୍ଷକ ପାନାମଣି ବେସରା ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅପରାହ୍ଣରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସିଆର୍‌ଏସ୍ ହାଇସ୍କୁଲର ଛାତ୍ର ସ୍ଥିତପ୍ରଜ୍ଞ ସାହୁଙ୍କ ସମେତ ଆଜିର ପ୍ରତିଯୋଗିତାରେ ଭାଗନେଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଦେବଯାନୀ ମହାପାତ୍ର କଇଥଖୋଲା ହାଇସ୍କୁଲ ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ବନ୍ଧଗାଁ ନୋଡାଲ ହାଇସ୍କୁଲର ହରପ୍ରିୟା ରାଉତ ଓ ତୃତୀୟ ଲଲାଜୀ ହାଇସ୍କୁଲ ସାହାଡ଼ାର ତୁଳସୀ ନାୟକ ପୁରସ୍କୃତ ହୋଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମକୁ ଜିଲ୍ଲାର ପ୍ରଧାନ ଶିକ୍ଷକ ଅକ୍ଷୟ ହୋତା, ସମରେନ୍ଦ୍ର ନାଥ ମିଶ୍ର ଭୀମସେନ ପରିଡ଼ା, ଉମେଶ ଚନ୍ଦ୍ର ମାଝୀ, ବିଜୟ କୁମାର ମିଶ୍ର, ନରେନ୍ଦ୍ର ସାହୁ, ଜିତେନ୍ଦ୍ର ନାୟକ, ଅଜୟ କୁମାର ନନ୍ଦ, ଚାରୁଲତା ମହାପାତ୍ର, ଶିକ୍ଷକ ଅକ୍ଷୟ ସେଠୀ, ମିଲି ପରିଡ଼ା, ସୁବାସିନୀ ମିଶ୍ରଙ୍କ ସମେତ ବିଭିନ୍ନ ବ୍ଲକର ବିଜ୍ଞାନ ସଂଯୋଜକ ଶଶୀଶେଖର କରଶର୍ମା, ରବୀନ୍ଦ୍ର ମହାରଣା, ଅମୂଲ୍ୟ ରାଉତ, ବୈକୁଣ୍ଠ ବିଶ୍ୱାଳ, ରଶ୍ମୀରେଖା ସୂତାର ପ୍ରମୁଖ ଆୟୋଜନରେ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ଲିପି ରେଖା ବେହେରା ସଞ୍ଚାଳନରେ ସହଯୋଗ କରିଥିଲେ।

## ଶୁକଦେବଜେନା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



**ଭଣ୍ଡାରିପୋଖରୀ, ୧୯।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ଶୁକଦେବଜେନା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଭଗବାନ ପ୍ରଧାନଙ୍କ ପୌରୋହିତ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅନିଲ କୁମାର ଦାଶ ମୁଖ୍ୟଅତିଥି, କବି ଓ ସାହିତ୍ୟିକ ମମିତାରାଣୀ ମିଶ୍ର ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ, ମଣିନାଥପୁର ଏନ.କେ.ପି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସମୀର କୁମାର ଚୌଧୁରୀ, ବିଦ୍ୟାଳୟ ପୁରାତନଛାତ୍ର ସଂସଦ ସଭାପତି ସଞ୍ଜିବ କୁମାର ପରିଡ଼ା ଓ ସମାଜସେବୀ ରବୀନ୍ଦ୍ର କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଶିକ୍ଷାଦାନ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଶିକ୍ଷା ଆବଶ୍ୟକତା ପୂରଣରେ ସହାୟକ ହୋଇଛି ବୋଲି ମତ ପ୍ରକାଶ କରିଥିଲେ। ଏହ ଅବସରରେ ବିଦ୍ୟାଳୟର ଶୈକ୍ଷିକ, ସହଶୈକ୍ଷିକ ଓ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଗତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଥିବା ସ୍ଥାନୀୟ ଅଞ୍ଚଳର ରୂପେଶ କୁମାର ରାଉତ ଓ କୁମାର ଅଭିଷେକ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ବନମାଳି ସିଂ ଅତିଥି ପରିଚୟ, ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ନାୟକ ଶ୍ଳୋକ ଆବୃତ୍ତି ଓ ଶିକ୍ଷକ ଓମପ୍ରକାଶ ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଉତ୍ସବ ପରିଚାଳନା କରିଥିଲେ।

## ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

### ଆଗରପଡ଼ା ବାଳିକା ହାଇସ୍କୁଲ



**ବନ୍ତ/ଆଗରପଡ଼ା, ୧୯।୧୨(ସମିସ):** ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧିନସ୍ଥ ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ସରପଞ୍ଚ ପ୍ରକାଶ ବିଶ୍ୱାଳ, ସିଆରସିସି ନିରଞ୍ଜନ ଖିଲାର, ଏସଏମସି ସଭାପତି ବର୍ଷାରାଣୀ ମଲ୍ଲିକ, ଉପସଭାପତି ଦୋଳଗୋବିନ୍ଦ ନାଥ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଅଜିତ ରାଉଳ ସ୍ୱାଗତ ଭାଷଣ ଓ ଶିକ୍ଷକ ବିରେନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଶିକ୍ଷୟିତ୍ରୀ ବିଦ୍ୟୁତଲତା ଦାସଙ୍କ ତତ୍ତ୍ୱାବଧାନରେ ବ୍ୟାଡ଼ମିଣ୍ଟନ, ଦୌଡ଼, ଗଣିତ ଦୌଡ଼, ସଟପୁଟ, ଡିସକସ ଥ୍ରୋ, ବସ୍ତା ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ ଆଦି ପ୍ରତିଯୋଗିତାରେ ଛାତ୍ରୀମାନେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ।

### ତେଲନଟି ବିଦ୍ୟାଳୟ



ଚାରିଗାଁ ଗ୍ରାମ ପଞ୍ଚାୟତ ତେଲନଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରିଗାଁ ପଞ୍ଚାୟତର ସମିତି ସଭ୍ୟ ଧରଣୀଧର କର ଅତିଥି ଭାବେ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଚାରିଗାଁ ଗ୍ରାମ ପଂଯତର ସମିତି ସଭ୍ୟ ଧରଣୀଧର କର ଯୋଗଦେଇ ପିଲାମାନଙ୍କର ଶାରୀରିକ ଓ ମାନସିକ ବିକାଶରେ କ୍ରୀଡାର ଭୂମିକା ରହିଥିବା ପ୍ରକାଶ କରିବା ସହିତ ପ୍ରତ୍ୟେକ ଶିଶୁ ଭିତରେ ଥିବା ପ୍ରତିଭାର ବିକାଶ ନିମିତ୍ତ ସୁଯୋଗ ସୃଷ୍ଟି କରିବା ଆବଶ୍ୟକତା ରହିଥିବା ଏବଂ କ୍ରୀଡ଼ା ଉତ୍ସବ ସେଥି ମଧ୍ୟରୁ ଗୋଟିଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ଶୁଭଲକ୍ଷ୍ମୀ ନାୟକ, ସଭ୍ୟା ଅନସୂୟା ସେଠୀ, ରାଣୀଲତା ଦଳାଇ ସହକାରୀ ଶିକ୍ଷକ ଭଗବାନ ସାହୁ, କିଶୋର କୁମାର ମାହାନ୍ତି, ମୃତ୍ୟୁଞ୍ଜୟ ଭୋଳ, ତପନ କୁମାର ବିଶ୍ୱାସ, ଶିକ୍ଷୟିତ୍ରୀ କନକଲତା ନାୟକ, ମୋନାଲିସା ଯେନା, ଅନ୍ନପୂର୍ଣ୍ଣା ଦାସ, କ୍ରୀଡ଼ା ଶିକ୍ଷକ ସୌମ୍ୟ ରଞ୍ଜନ ତ୍ରିପାଠୀ, ୱାର୍ଡ ସଭ୍ୟ ଶଙ୍କର୍ଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଜଗନ୍ନାଥ ଉଚ୍ଚବିଦ୍ୟାଳୟ



ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗୁଡ଼ିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷୟିତ୍ରୀ ବିକଶି ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କ୍ରୀଡ଼ାରେ ସଟ୍‌ପୁଟ୍, ଡିସକସ୍ ଥ୍ରୋ, ଲମ୍ବଡିଆଁ, ଉଚ୍ଚଡିଆଁ, ଗଣିତ ଦୌଡ଼ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ କ୍ରୀଡ଼ା ପତାକା ଅନାବରଣ କରି ଉଦ୍‌ଯାପନ ଘୋଷଣା କରିଥିଲେ। ଶିକ୍ଷୟିତ୍ରୀ ଲିଜା ଦାସ, ଦୀପିକା ସାହୁ, ସସ୍ମିତା ସାମନ୍ତ, ଶିକ୍ଷକ ପ୍ରଶାନ୍ତ ଖିଲାର ଓ ଦେବେନ୍ଦ୍ରନାଥ ପାଣି କ୍ରୀଡ଼ା ଉତ୍‌ସବ ପରିଚାଳନା କରିଥିଲେ।

# ମତୋ ଦେଶ ମେଳଣ ପାଇଁ ପ୍ରସ୍ତୁତି ବୈଠକ



**ଭଦ୍ରକ, ୧୯ ।୧୨(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ମତୋ ଦେଶ ମେଳଣ ୨୦୨୬ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ସନ୍ଧ୍ୟାରେ ମତୋ ଗ୍ରାମପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମେଳଣ କମିଟି ସଭ୍ୟ, ସେବାୟତ, ସ୍ଥାନୀୟ ଲୋକ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ୧୮୦୩ ମସିହାରେ କନିକା ରାଜା ଏହି ମେଳଣ ଆରମ୍ଭ କରିଥିବା ବେଳେ ଦୋଳ ପୂର୍ଣ୍ଣମୀ ପୂର୍ବଦିନ ରାତିରେ ଚାନ୍ଦବାଲି ବ୍ଲକର ବିଭିନ୍ନ ଗ୍ରାମରୁ ପ୍ରାୟ ୧୫୦ଟି ବିମାନରେ ଦେବତାଙ୍କୁ ମେଳଣ ପଡ଼ିଆକୁ ଶୋଭାଯାତ୍ରାରେ ଅଣାଯାଏ। ଆଗାମୀ ଦୋଳ ପୂର୍ଣ୍ଣମୀ ଦିନ କେତୁଗ୍ରସ୍ତ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ମେଳଣ ପଡ଼ିଆକୁ ଆସୁଥିବା ଦେବତାଙ୍କ ନୀତିକାନ୍ତିରେ କେତେକ ପରିବର୍ତ୍ତନ କରାଯିବା କଥା ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ମାର୍ଚ୍ଚ ୨ ତାରିଖ ସୋମବାର ରାତ୍ର ୨ଟା ୩୦ ମିନିଟ୍ ମଧ୍ୟରେ ସମସ୍ତ ଦେବତାଙ୍କ ବିମାନ ମେଳଣ ପଡ଼ିଆରେ ପ୍ରବେଶ କରିବେ। ଏ ନେଇ ମେଳଣକୁ ଆସୁଥିବା ଠାକୁରଙ୍କ ପାଇଁ ସମୟ ନିର୍ଘଣ୍ଟ ହୋଇଛି। ବଳଭଦ୍ରପୁର ଶାସନର ଦେବତା ଗୋପୀନାଥଜିଉ ସୋମବାର ରାତ୍ର ୧୧ ଘଟିକା, ପରମାନନ୍ଦପୁରର ଦେବତାତ୍ରୟ ରାଧାମୋହନଜିଉ, ନୃସିଂହ ଜୀଉ ଓ ଗୋପାଳଜିଉ ରାତ୍ର ୧୧ଟା ୩୦ ମିନିଟ୍, ବଷାଖଣ୍ଡର ନିତାଇ ଚୈତନ୍ୟ ରାତ୍ର ୧୧ଟା ୪୫ ମିନିଟ୍, ମାଳବାଡର ଚୈତନ୍ୟ ମହାପ୍ରଭୁ ରାତ୍ର ୧୨ଟା, ମୃଗନୟନୀର ଗୋପାଳଜିଉ ରାତ୍ର ୧୨ଟା, ପାଟଣାସାହିର ରାଧାକୃଷ୍ଣ ଜୀଉ ରାତ୍ର ୧୨ଟା ୩୦ ମିନିଟ୍, ଗୌଡୁଣୀପୋଖରୀର ଦେବତା ରାତ୍ର ୧୨ଟା ୪୫ ମିନିଟ୍, ମତୋ ଦକ୍ଷିଣସାହିର ଗୋପାଳ ଜୀଉ (ଥାନପତି) ରାତ୍ର ୧ଘଟିକା, ବଣିଆସାହିର ଜଟିଆ ଠାକୁର ରାତ୍ର ୨ଟା ୩୦ ମିନିଟ୍ ସମୟରେ ନିଜର ପାରମ୍ପରିକ ଶୋଭାଯାତ୍ରାରେ ମେଳଣ ପଡ଼ିଆରେ ପ୍ରବେଶ କରିବେ। ଚନ୍ଦ୍ର ଗ୍ରହଣର ପାକ ଓ ଦେବନୀତି ନିଷିଦ୍ଧ ପାଇଁ ମେଳଣ ପଡ଼ିଆରେ ଦେବତାଙ୍କୁ ଅବିର ଓ ନୈବେଦ୍ୟ ଅର୍ପଣ ମଙ୍ଗଳବାର ରାତ୍ର ୭ଟା ପର୍ଯ୍ୟନ୍ତ ବନ୍ଦ ରହିବ। ରାତ୍ର ୮ଟିକା ସମୟରେ ଭୋଗଲାଗି ହେବ। ନୂତନ କାର୍ଯ୍ୟନିର୍ଘଣ୍ଟକୁ ସେବାୟତମାନେ ମାନିବା ସହିତ ମେଳଣ କମିଟିକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

ଏହି ବୈଠକରେ ଉମାକାନ୍ତ ସାମଲ, ମୁରଲୀଧର ମହାନ୍ତି, ଭକ୍ତହରି ରଥ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଚିତରଞ୍ଜନ ସାହୁ, ରଞ୍ଜନ ନାୟକ, ପ୍ରଦୀପ ପଲାଇ, ଅଭୟ ସାହୁ, ବୈଷ୍ଣବ ସାହୁ, ସୁଦର୍ଶନ ନାୟକ, ବାନାମ୍ବର ନାୟକ, ପୟୋଧର ସ୍ୱାଇଁ, ସୁରେନ୍ଦ୍ର ମହାପାତ୍ର, ଶଶିକାନ୍ତ ମିଶ୍ର, ପ୍ରଣବ ବଳ, ଭାଗୀରଥି ନାୟକ, ଗୋଲକ ସାହୁ, ମୁକ୍ତିକାନ୍ତ ସେଠୀ, ଯଦୁମଣି ନାୟକ, ଉଦ୍ଧବ ଚରଣ ପଣ୍ଡା, ରଞ୍ଜନ ସାମଲ, ବାବାଜୀ ବାରିକ, ରମେଶ ନାୟକ, ସୁବାସ ତ୍ରିପାଠୀ, କୁମୁଦ ସେନାପତି, ଭୀମସେନ ସାହୁ, ହରିହର ରଥ, ବୁଦ୍ଧିରାମ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

**ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ**
**ODISHA ELECTRICITY REGULATORY COMMISSION**
Together, Let us light up our lives
ବିଦ୍ୟୁତ ନିୟାମକ ଭବନ, ପ୍ଲଟ୍ ନଂ.: ୪, ଚୁନୁକୋଳି, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ଟେଲିଫୋନ ନଂ.: ୨୭୨୧୦୪୮
Email: oerc@odisha.gov.in / orierc@gmail.com, Website: www.orierc.org

**ସର୍ବସାଧାରଣ ବିଜ୍ଞପ୍ତି**
କେସ୍ ନଂ.: ୧୨୬/୨୦୨୫

**ବିଷୟ: ଏଚ୍‌ଟି/ଇଏଚ୍‌ଟି ଉପଭୋକ୍ତାମାନଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଓପନ ଆକ୍ସେସ (Open Access) ଶୁଳ୍କ ଏବଂ ସରଚାର୍ଜର ଅନୁମୋଦନ ପାଇଁ ଟିପିଏନଓଡିଏଲ୍‌ର ଏକ ଆବେଦନ।**

ମେସର୍ସ ଟିପି ନର୍ଦ୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (TPNODL), ବିଦ୍ୟୁତ ଅଧିନିୟମ, ୨୦୦୩ ର ଧାରା ୪୨ ଏବଂ ଓଇଆରସି (ଅନ୍ତଃ-ରାଜ୍ୟ ଓପନ ଆକ୍ସେସର ସର୍ତ୍ତାବଳୀ) ବିନିୟମାବଳୀ, ୨୦୨୦ ଅନୁଯାୟୀ ରାଜ୍ୟ ଭିତରେ ସାଧାରଣ ବିତରଣ ବ୍ୟବସ୍ଥା ବ୍ୟବହାର କରୁଥିବା HT ଏବଂ EHT ଓପନ ଆକ୍ସେସ ଉପଭୋକ୍ତାମାନଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଓପନ ଆକ୍ସେସ ଶୁଳ୍କର ଅନୁମୋଦନ ପାଇଁ ଏକ ଆବେଦନ ଦାଖଲ କରିଛି।

ଉପରୋକ୍ତ ଆବେଦନର ନକଲ କମିଶନଙ୍କ ୱେବସାଇଟ୍ (www.orierc.org) କିମ୍ବା ଲାଇସେନ୍ସପ୍ରାପ୍ତ ସଂସ୍ଥାର ୱେବସାଇଟ୍ (www.tpnodl.com) ରୁ ଡାଉନଲୋଡ୍ କରାଯାଇପାରିବ କିମ୍ବା କମିଶନଙ୍କ କାର୍ଯ୍ୟାଳୟରୁ ୧୦୦ ଟଙ୍କା (ଏକ ଶହ ଟଙ୍କା) ମୂଲ୍ୟ ଦେଇ ଫଟୋକପି ପ୍ରାପ୍ତ କରାଯାଇପାରିବ। କମିଶନ ଏହି ବିଷୟକୁ କେସ୍ ନମ୍ବର ୧୨୪/୨୦୨୫ ରେ ଆବେଦନକାରୀଙ୍କ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ARR ଏବଂ RST ଆବେଦନ ସହିତ ଏକ ସାର୍ବଜନୀନ ଶୁଣାଣି ମାଧ୍ୟମରେ ସମାଧାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶୁଣାଣିର ତାରିଖ ଏବଂ ସ୍ଥାନ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ।

ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନ/ସଂଗଠନ ସେମାନଙ୍କର ମତାମତ/ପରାମର୍ଶ/ଆପତ୍ତି ସତ୍ୟପାଠ ସହ ୧୬.୦୧.୨୦୨୬ ସୁଦ୍ଧା କମିଶନଙ୍କ ନିକଟରେ ଦାଖଲ କରିପାରିବେ ଏବଂ ଏହାର ଏକ ନକଲ ଆବେଦନକାରୀ ଟିପିଏନଓଡିଏଲ୍ କୁ ପ୍ରଦାନ କରିବେ। ଟିପିଏନଓଡିଏଲ୍ ଏହି ଆପତ୍ତି/ପରାମର୍ଶର ଜବାବ ତା.୨୭.୦୧.୨୦୨୬ ରିଖ ସୁଦ୍ଧା ସମ୍ପୃକ୍ତ ବ୍ୟକ୍ତି/ସଂସ୍ଥାଙ୍କୁ ଏକ ନକଲ ପ୍ରଦାନ ସହ ଦାଖଲ କରିବ।

ତା.୧୭.୧୨.୨୦୨୫

କମିଶନଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା/- ସଚିବ

● ଯାତ୍ରାରେ ଅଶ୍ଳୀଳତାକୁ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

## ଦୀର୍ଘ ମାସ ପରେ ବି କୌଣସି ପଦକ୍ଷେପ ନାହିଁ

**ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ଆମରଣ ଅନଶନ ଚେତାବନୀ**

ବାଲେଶ୍ୱର, ୧୯ ।୧୨(ସମିସ): ସାମାଜିକ ସଂଗଠନ ଇଶ୍ୱର କୃପା ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସରକାରୀ ଦଳର ଉପ ମୁଖ୍ୟସଚେତକ ତଥା ରେମୁଣା ବିଧାୟକଙ୍କ ସହଯୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ବର୍ତ୍ତମାନ ସମୟରେ ବିଭିନ୍ନ ଯାତ୍ରା ପାର୍ଟିରେ ଅଶ୍ଲୀଳତା ପ୍ରଦର୍ଶନ ହେଉଥିବାରୁ ସମାଜ ଉପରେ କୁ-ପ୍ରଭାବ ପଡ଼ିବା ସହିତ ଓଡ଼ିଆ ଅସ୍ମିତା ବିପଦରେ ପଡ଼ିଛି। ଏଥିସହିତ ସାମାଜିକ ଗଣମାଧ୍ୟମରେ ବୃଦ୍ଧି ପାଉଥିବା ନଗ୍ନତା ଓ ଅଶ୍ଳୀଳତାକୁ ଉପରେ କଟକଣା ପାଇଁ ସରକାର ତୁରନ୍ତ ପଦେକ୍ଷପ ଗ୍ରହଣ କରନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ହେଲେ ଦୀର୍ଘ ମାସ ବିତିଯାଇଥିଲେ ବି ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଟ୍ରଷ୍ଟ ସଦସ୍ୟମାନେ ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଉଲଗ୍ନ ସହ ଅତି ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି, ଯାହାଫଳରେ ସେମାନଙ୍କ କୁପ୍ରଭାବ କମଳମତି ଶିଶୁଙ୍କ ଉପରେ ପଡୁଛି। ଏବାବଦରେ ଟ୍ରଷ୍ଟ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲା। ହେଲେ ସେମାନଙ୍କ ପ୍ରତି କୌଣସି ପଦକ୍ଷେପ ନିଆଯାଉନାହିଁ। ସେହିପରି ମହିଳା ତଥା ନାରୀ ମାନଙ୍କ ଦୌରାତ୍ମ ବଢ଼ି ଚାଲିଛି। ସରକାର କିମ୍ବା ଜିଲ୍ଲା ପ୍ରଶାସନ ଯଦି ଏଥିପ୍ରତି ତୁରନ୍ତ ପଦକ୍ଷେପ ନନିଅନ୍ତି ତେବେ ଆସନ୍ତା ୧୬ ତାରିଖ ଟ୍ରଷ୍ଟ ପକ୍ଷରୁ ରାଜଭବନ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଲୋକନାଥ ପିରି, ଅମିତା ପିରି ସଭାପତି, ସରୋଜ କୁମାର ସାହୁ, ଶକ୍ତି ଦାସ, ମଞ୍ଜୁ ଦାସ ପ୍ରମୁଖ ମତପ୍ରକାଶ କରିଛନ୍ତି।

**ରାସାୟନିକ ଦୁର୍ଘଟଣା ପ୍ରସ୍ତୁତି ସମୀକ୍ଷା ପାଇଁ ଆପାତକାଳୀନ ବୈଠକ**

# ଔଦ୍ୟୋଗିକ ବିପଦ ଓ ପ୍ରମୁଖ ଶିଳ୍ପର ଅନ୍‌ସାଇଟ୍ ଏମର୍ଜେନ୍ସି ପ୍ଲାନ୍ ସମୀକ୍ଷା

ବାଲେଶ୍ୱର, ୧୯ ।୧୨(ସମିସ)



ରସାୟନିକ ଦୁର୍ଘଟଣା (ଜରୁରୀ ପରିକଳ୍ପନା, ପ୍ରସ୍ତୁତି ଓ ପ୍ରତିକ୍ରିୟା) ନିୟମାବଳୀ, ୧୯୯୬ ର ନିୟମ ୮ ଅନୁସାରେ ଅତିରିକ୍ତ ଜିଲ୍ଲାପାଳଙ୍କ (ରେଭେନ୍ୟୁ) ଅଧ୍ୟକ୍ଷତାରେ ଜିଲ୍ଲା ସଂକଟ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ସମ୍ଭାବ୍ୟ ରସାୟନିକ ଦୁର୍ଘଟଣା ସମ୍ପର୍କିତ ଜରୁରୀ ପରିକଳ୍ପନା, ପ୍ରସ୍ତୁତି ଓ ପ୍ରତିକ୍ରିୟା ବ୍ୟବସ୍ଥାର ସ୍ଥିତି ସମୀକ୍ଷା କରିବା ନିମନ୍ତେ ଏହି ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ଚାରିସ୍ତରୀୟ ସଂକଟ ଗୋଷ୍ଠୀ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଅଫ୍-ସାଇଟ୍ ଏମର୍ଜେନ୍ସି ପ୍ଲାନ୍ ପ୍ରସ୍ତୁତି ଓ ନିୟମିତ ସମୀକ୍ଷା ଏବଂ ପୂର୍ବ-ଦୁର୍ଘଟଣା, ଦୁର୍ଘଟଣା ସମୟ ଓ ଦୁର୍ଘଟଣା ପରବର୍ତ୍ତୀ ସମ୍ପୂର୍ଣ୍ଣ ପ୍ରତିକ୍ରିୟା ଯୋଜନା ପ୍ରସ୍ତୁତି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ରସାୟନିକ ଦୁର୍ଘଟଣାରୁ ସୃଷ୍ଟି ହେବାକୁ ଥିବା ବିପଦକୁ କମେଇବା ପାଇଁ ସମନ୍ୱିତ ପ୍ରସ୍ତୁତି, କାର୍ଯ୍ୟକାରୀ ଅନ୍ତର୍ବିଭାଗୀୟ ସହଯୋଗ ଓ ନିୟମିତ ମକ୍‌ଡ୍ରିଲ୍ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାରେ ଥିବା ସମ୍ଭାବ୍ୟ ଔଦ୍ୟୋଗିକ ବିପଦ ଓ ପ୍ରମୁଖ ଶିଳ୍ପଗୁଡ଼ିକର ଅନ୍-ସାଇଟ୍ ଏମର୍ଜେନ୍ସି ପ୍ଲାନ୍ ବିଷୟରେ ମଧ୍ୟ ସମୀକ୍ଷା କରାଯାଇଥିଲା। ଇଣ୍ଡେନ୍ ବଟଲିଂ ପ୍ଲାଣ୍ଟ, ଆଇଓସିଏଲ୍ ବାଲେଶ୍ୱର ଟର୍ମିନାଲ୍, ବିପିସିଏଲ୍ ବାଲେଶ୍ୱର ଟର୍ମିନାଲ୍ ଓ ହାଇଲ୍ୟାଣ୍ଡ ଏଗ୍ରୋ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିନିଧିମାନେ ସୁରକ୍ଷା ବ୍ୟବସ୍ଥା, ଜରୁରୀ ପ୍ରସ୍ତୁତି ପ୍ରୋଟୋକଲ୍ ଓ ପ୍ରତିକ୍ରିୟା କ୍ଷମତା ସମ୍ପର୍କରେ ପିପିଟି ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରେଭେନ୍ୟୁ) ରସାୟନିକ ଜରୁରୀ ପରିସ୍ଥିତି ସମୟରେ ଶୀଘ୍ର ଓ କାର୍ଯ୍ୟକାରୀ ପ୍ରତିକ୍ରିୟା ନିଶ୍ଚିତ କରିବା ପାଇଁ ଆଇନଗତ ସୁରକ୍ଷା ନିୟମାବଳୀର କଠୋର ପାଳନ, ଏମର୍ଜେନ୍ସି ପ୍ଲାନ୍‌ର ନିୟମିତ ସମୀକ୍ଷା ଓ ଜିଲ୍ଲା ପ୍ରଶାସନ, ଶିଳ୍ପ ଏବଂ ଜରୁରୀ ସେବାଗୁଡ଼ିକ ମଧ୍ୟରେ ଘନିଷ୍ଠ, ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଭିନ୍ନ ଲାଇନ୍ ବିଭାଗ, ଜରୁରୀ ସେବା ସଂସ୍ଥା ଓ ସମ୍ପୃକ୍ତ ଶିଳ୍ପଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଡିକିଭାଙ୍ଗି ୯୯ ହଜାର ଟଙ୍କା ଲୁଟ୍



ଜଳେଶ୍ୱର, ୧୯ ।୧୨(ସମିସ): ଦିନ ଦ୍ୱିପ୍ରହରରେ ବାଇକ୍ ଡିକି ଭାଙ୍ଗି ୯୯ ହଜାର ଟଙ୍କା ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। ପଶ୍ଚିମବଙ୍ଗର କୁସୁମା ଗ୍ରାମନିବାସୀ ଶୁଭେନ୍ଦୁ ଦାସ ନୂଆବଜାରସ୍ଥିତ ୟୁନିୟନ ବ୍ୟାଙ୍କରୁ ୯୯ ହଜାର ଟଙ୍କା ଉଠାଇ ନିଜ ବାଇକ୍‌ରେ ଥିବା ଡିକିରେ ରଖିଥିଲେ। ସେଠାରୁ ବାଇପାସ୍‌ସ୍ଥିତ ଜନଔଷଧିକେନ୍ଦ୍ରରୁ ଔଷଧ ନେବାବେଳେ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ସମସ୍ତ ୯୯ ହଜାର ଟଙ୍କା ଲୁଟିନେଇଥିଲେ। ସିସି କ୍ୟାମେରା ଭିଡିଓ ଫୁଟେଜ୍ ସହ ଜଳେଶ୍ୱର ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ୍ ଅନୁସନ୍ଧାନ ଚଳାଇଥିବା ଜଣାଯାଇଛି।

## ୨୨ରେ କଂଗ୍ରେସର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

ବାଲେଶ୍ୱର, ୧୯ ।୧୨(ସମିସ): ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାରୁ ମହାତ୍ମାଗାନ୍ଧୀଙ୍କ ନାମକୁ ହଟାଇବା ପାଇଁ କେନ୍ଦ୍ରର ବିଜେପି ସରକାର ଯେଉଁ ହୀନଚକ୍ରାନ୍ତ କରିଛନ୍ତି, ଏହାକୁ ଭାରତୀୟ ଜାତୀୟ କଂଗ୍ରେସ ତୀବ୍ରବିରୋଧ କରୁଛି। ଏହାର ପ୍ରତିବାଦରେ ଆସନ୍ତା ୨୨ ତାରିଖରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ସିନେମା ଛକଠାରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିତଳେ ଧାରଣା ଦିଆଯିବା ସହ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ଏହି ସମାବେଶରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ସହରାଞ୍ଚଳର ବହୁ ସଂଖ୍ୟାରେ କଂଗ୍ରେସ କର୍ମୀଙ୍କୁ ଯୋଗ ଦେବାକୁ ଶ୍ରୀ ଦାସ ଅନୁରୋଧ କରିଛନ୍ତି।

## କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ନାରାବାଜି

ବାଲେଶ୍ୱର, ୧୯ ।୧୨(ସମିସ): ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ କିଶ ପୁତ୍ତଳିକା ଦାହ କରାଯାଇଛି। କଂଗ୍ରେସ କର୍ମୀମାନେ ଆଇଟିଆଇରୁ ମଶାଲ ଶୋଭାଯାତ୍ରାରେ ବାହାରି ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ନରେନ୍ଦ୍ର ମୋଦୀ, ଅମିତ୍ ଶାହା ଓ ବିଜେପି ବିରୋଧରେ ନାରାବାଜି କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସଦର ଯୁବନେତା ସରୋଜ ଲେଙ୍କା, ବିଦ୍ୟାଧର ମହାନ୍ତି, ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ତରୁଣ ଦାସ, କହ୍ନେଇ ବେହେରା, ନିରଞ୍ଜନ ବେହେରା, କୃଷକ ନେତା ଅରୁଣ ଜେନା, ଅଜଗର ଅଲ୍ଲୀ, ନାରୀ ନେତ୍ରୀ ଜ୍ୟୋତ୍ସ୍ନା ସେନାପତିଙ୍କ ସମେତ ବହୁ ଦଳୀୟ ନେତା ସାମିଲ ହୋଇଥିଲେ।

## ୟୁନିଫେଷ୍ଟ ୨୦୨୫-୨୬ ପ୍ରସ୍ତୁତି ଓ ଲୋଗୋ ଉନ୍ମୋଚିତ

ବାଲେଶ୍ୱର, ୧୯ ।୧୨(ସମିସ): ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଦ୍ୱାରା ପ୍ରୋତ୍ସାହିତ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ୩୯ତମ ଇଣ୍ଟର-ୟୁନିଭର୍ସିଟି ପୂର୍ବ ଜୋନ୍ ଯୁବ ଉତ୍ସବ 'ୟୁନିଫେଷ୍ଟ ୨୦୨୫୨୬ - ଉତ୍ସାହ' ପାଇଁ ପ୍ରସ୍ତୁତି ସଭା ସହିତ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକଟି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳ ସଚିବ କୁକୁମୀନା ଦାସ ଏବଂ ଉତ୍ସବ ପରିଚାଳନା ପାଇଁ ଗଠିତ ବିଭିନ୍ନ କମିଟିର ସଦସ୍ୟମାନେ ଏଥିରେ ଉପସ୍ଥିତ ଥିଲେ। ବୈଷୟିକ ଆଲୋଚନା ସହ ଉତ୍ସବର ସୁଚାରୁ ଆୟୋଜନ ସମ୍ପର୍କରେ ବିଭିନ୍ନ ପ୍ରସଂଗ ଉପରେ ଧ୍ୟାନ ଦିଆଯାଇଥିଲା। ୩୯ତମ ଏଆଇୟୁ ଇଣ୍ଟର-ୟୁନିଭର୍ସିଟି ପୂର୍ବ ଜୋନ୍ ଯୁବ ଉତ୍ସବ - 'ଉତ୍ସାହ', ୨୭ ଜାନୁଆରୀ ୨୦୨୬ ଠାରୁ ୩୧ ଜାନୁଆରୀ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ବ୍ୟାସବିହାର କ୍ୟାମ୍ପସ ଠାରେ ଅନୁଷ୍ଠିତ ହେବ। ସଙ୍ଗୀତ, ନୃତ୍ୟ, ସାହିତ୍ୟ, ନାଟ୍ୟ ଓ ଫାଇନ୍ ଆର୍ଟସ୍ ଶ୍ରେଣୀର ୩୦ ଟି ପ୍ରତିଯୋଗିତା ପାଇଁ ଛାତ୍ରଛାତ୍ରୀଙ୍କ ଅନଲାଇନ୍ ପଞ୍ଜିକରଣ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଯୁବ ଉତ୍ସବକୁ ସ୍ମରଣୀୟ ଓ ସଫଳ କରିବା ପାଇଁ ସର୍ବୋତ୍ତମ ପ୍ରୟାସ ନିଆଯାଇଥିବା ପ୍ରକାଶ କରାଯାଇଛି।

## ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଟାଉନ ଥାନାଧିକାରୀଙ୍କୁ ଦାବିପତ୍ର



ବାଲେଶ୍ୱର, ୧୯ ।୧୨(ସମିସ): ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସୁରେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଟାଉନ୍ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ୧୧ ତାରିଖ ଦିନ ହାଜିନାସିରୁଦ୍ଦିନ୍ ସ୍କୁଲ୍‌ର ଗଣିତ ଶିକ୍ଷକ ସେକ୍ ରେହାନ୍ ସେହି ସ୍କୁଲ୍‌ର ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ସହିତ ଯୌନ କେଲେଙ୍କାରୀରେ ଲିପ୍ତଥିଲେ ଏବଂ ୧୩ ତାରିଖରେ ଅଭିଭାବକ ପ୍ରଧାନଶିକ୍ଷକ ଓ ଅଭିଯୁକ୍ତ ଶିକ୍ଷକଙ୍କୁ ପଚାରିବାରୁ ସେମାନେ ଅଭିଭାବକଙ୍କୁ ଓଲଟା ପ୍ରଶ୍ନ ପଚାରିଲେ। ଇତିମଧ୍ୟରେ ଅଭିଯୁକ୍ତ ଶିକ୍ଷକ ସ୍କୁଲରୁ ଚମ୍ପଟ ମାରିଛନ୍ତି। ଅଭିଭାବକ ଓ ତାଙ୍କ ନିକଟତମ ଲୋକମାନେ ଏନେଇ ଟାଉନ୍ ଥାନାରେ ଏକ ଏତାଲା ଦେଇଛନ୍ତି। ଗାନ୍ଧୀଶାନ୍ତି ପ୍ରତିଷ୍ଠାନର ଆବାହକ ମହମ୍ମଦ ଇସଲାମ, ପ୍ରତିମା ପଣ୍ଡା, ମିନତୀ ସେଠୀ, ସକିଲା ବାନୋ, ସଂଯୁକ୍ତା ବେହେରା, ଅଜଗର ଅଲ୍ଲୀ ପ୍ରମୁଖ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଜନ୍ତୁ ଶିକାର ଅଭିଯୋଗରେ ପୁଣି ୪ ଗିରଫ



ନୀଳଗିରି, ୧୯ ।୧୨(ସମିସ): କିଛିଦିନଧରି ବିଭାଗୀୟ ଅଧିକାରୀଙ୍କ ତତ୍ପରତା ଫଳରେ ଶିକାରୀଙ୍କୁ ଧରପଗଡ଼ କରିବାରେ କିଛିଟା ସଫଳତା ମିଳିଛି। କିଛିଦିନ ପୂର୍ବରୁ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧୀନରୁ ଗୋଟିଏ ଗୁରାଣ୍ଡି ଏବଂ ଗୋଟିଏ ଝିଙ୍କ ଶିକାରୀ ଶିକାର କରି ଆଣିବା ସମୟରେ ବନବିଭାଗ ଦ୍ୱାରା ଗିରଫ ପରେ ଏହି ରାକେଟରେ ସମ୍ପୃକ୍ତ ଶିକାରୀଙ୍କୁ ଗୋଟିଏ ପରେ ଗୋଟିଏ ଶିକାରୀଙ୍କ କାବୁକରି ଗିରଫ କରିଛି ବିଭାଗ। ପୂର୍ବରୁ ୯ଜଣ ଶିକାରୀଙ୍କୁ ଏହି ଘଟଣାରେ ଗିରଫ କରାଯାଇଥିବା ବେଳେ ଆଜି ପୁଣି ୪ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୧୦ଟି ବଜ୍ରକାପ୍ତା କାତି ଜବତ କରିଛି। ଏହି ଘଟଣାରେ ମୋଟ ୧୩ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ବନବିଭାଗ। ଜଙ୍ଗଲିଜନ୍ତୁ ଶିକାର, ଚମଡା, ନଖ, ହାତୀଦାନ୍ତ ଚୋରାଚାଲାଣ ସହିତ ମୃତହାତୀର ଦେହାବଶେଷ ସଂଗ୍ରହକରି ନକଲି ହାତୀଦାନ୍ତ ତିଆରିକରି ବାହାରକୁ ଉଚ୍ଚଦରରେ ଚାଲାଣ କରିବା ଆଦି ବିଭିନ୍ନ ଘଟଣାରେ ନୀଳଗିରି ଅଭୟାରଣ୍ୟ ସଂଲଗ୍ନ ଶିକାରୀଙ୍କ ସମେତ ସୋର, ବାଗୁଡ଼ି, ଔପଦା ଅଞ୍ଚଳର ଏହି ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି ବନବିଭାଗ।

## ଉର୍ଦ୍ଦୁ ଶିକ୍ଷକଙ୍କ ତିନିଦିନିଆ କର୍ମଶାଳା ଉଦ୍‌ଯାପିତ



ବାଲେଶ୍ୱର, ୧୯ ।୧୨(ସମିସ): ତିନି ଦିନ ଧରି ସ୍ଥାନୀୟ ଷ୍ଟେସନ କ୍ଲବ୍‌ରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ 'ଉର୍ଦ୍ଦୁ ଶିକ୍ଷକ ମାନଙ୍କ ଶିକ୍ଷାଦାନ ଆଭିମୁଖୀ କରଣ' ଶୀର୍ଷକ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଯୁବ ସମାଜସେବୀ ସୟଦ ସଲିମ ରାଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏକାଡେମୀ ରାଜ୍ୟ ଉପସଭାପତି ନସିଫ ମଞ୍ଜର ହସନ, ରିସୋର୍ସ ପର୍ସନ ଭାବେ ହାଇଦ୍ରାବାଦ ସ୍ଥିତ ଆଜାଦ ଉର୍ଦ୍ଦୁ ବିଶ୍ୱ ବିଦ୍ୟାଳୟ ବରିଷ୍ଠ ପ୍ରାଧ୍ୟାପକ ଡ. ମିସବାଉଲ ଅନସର, ତେଲେଙ୍ଗାନା ରାଜ୍ୟ ଅବସରପ୍ରାପ୍ତ ପ୍ରଫେସର ଅହମ୍ମଦ ବଦର, ଡ.ଅବଦୁଲ ମୈଜ ପ୍ରମୁଖ ବିଦ୍ୟାଳୟରେ ଏଆଇ ଟେକ୍ନୋଲୋଜି ବ୍ୟବହାର ସମ୍ପର୍କରେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ବିଦ୍ୟାଳୟରେ ୨୦୨୦ ଜାତୀୟ ଶିକ୍ଷା ନୀତି କିଭଳି ଉପଯୋଗୀ କରାଇବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବୁଝାଇଥିଲେ। ଓଡ଼ିଶା ଉର୍ଦ୍ଦୁ ଏକାଡେମି କନିଷ୍ଠ ସହାୟକ ଶେଖ ତନଭିର ରବାନୀ ପରିଚାଳନା କରିଥିଲେ। ଶିକ୍ଷକ ସାୟାଦ ନସୀମ ଆହେମଦ ଧନ୍ୟବାଦ ଦେଇଥିଲେ। ଏହି କର୍ମଶାଳାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଉର୍ଦ୍ଦୁ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

● ବାଲେଶ୍ୱର ଷ୍ଟେସନରେ ଟିକଟ ଯାଞ୍ଚ

## ୩୨ ହଜାର ଟଙ୍କା ଜରିମାନା ଆଦାୟ



ବାଲେଶ୍ୱର, ୧୯ ।୧୨(ସମିସ): ଓଡ଼ିଶା/ଖୋର୍ଦ୍ଧା ରୋଡ୍ ସ୍ୱତନ୍ତ୍ର ରେଳ ମାଜିଷ୍ଟ୍ରେଟ୍ ରାକେଶ ବେହେରାଙ୍କ ତତ୍ତ୍ୱାବଧାନରେ ଏକ କେନ୍ଦ୍ରିତ ମାଜିଷ୍ଟ୍ରେଟ୍ ଟିକେଟ୍ ଯାଞ୍ଚ ଅଭିଯାନ ବାଲେଶ୍ୱର ରେଳ ଷ୍ଟେସନରେ କରାଯାଇଥିଲା। ଏହି ସ୍ୱତନ୍ତ୍ର ଯାଞ୍ଚର ଲକ୍ଷ୍ୟ ଥିଲା ଟିକେଟ୍ ବିନା ଯାତ୍ରାକୁ ରୋକିବା ଏବଂ ସୁରକ୍ଷିତ ଓ ଅଧିକ ଶୃଙ୍ଖଳିତ ଯାତ୍ରୀ ପରିବହନ ପାଇଁ ରେଳ ନିୟମର କଡ଼ା ପାଳନ ସୁନିଶ୍ଚିତ କରିବା। ଏହି ଯାଞ୍ଚ ସମୟରେ ଅଧିକାରୀମାନେ ବିନା ଟିକେଟ୍ ଯାତ୍ରୀ ଏବଂ ଅନିୟମିତ ଟିକେଟ୍ ଧାରକଙ୍କ ସହିତ ଜଡ଼ିତ ମୋଟ ୧୧୯ଟି ମାମଲା ଚିହ୍ନଟ କରିଥିଲେ। ସେମାନଙ୍କଠାରୁ ୩୨ ହଜାର ୧୭୫ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ରେଳ ନିୟମ ପାଳନ ସୁନିଶ୍ଚିତ କରିବା ଏବଂ ଯାତ୍ରୀମାନଙ୍କ ମଧ୍ୟରେ ନିରପେକ୍ଷ ଯାତ୍ରା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଏପରି ସ୍ୱତନ୍ତ୍ର ଯାଞ୍ଚ ନିୟମିତ ଭାବରେ କରାଯାଉଛି। ଅସୁବିଧା ଏବଂ ଜରିମାନା ଏଡାଇବା ପାଇଁ ଯାତ୍ରୀମାନଙ୍କୁ ଉପଯୁକ୍ତ ଟିକେଟ୍ ଏବଂ ବୈଧ କର୍ତ୍ତୃପକ୍ଷ ସହିତ ଯାତ୍ରା କରିବାକୁ ପରାମର୍ଶ ଦିଆଯାଇଛି।

**ବାଗୁଡ଼ି ସର୍ବଭାରତୀୟ ମହାବୀର କପ୍ କ୍ରିକେଟ୍ ଉଦ୍‌ଘାଟିତ**

## ଗଞ୍ଜାମର ୟୁନାଇଟେଡ୍ ଇଲେଭେନ ବିଜୟୀ



ସୋର, ୧୯ ।୧୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ପଡ଼ିଆରେ ମହାବୀର କ୍ଲବ୍ ଆନୁକୂଲ୍ୟରେ ୨୭ତମ ସର୍ବଭାରତୀୟ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ଗଦାଧର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୟାଧର ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମହାବୀର କ୍ଲବର ପ୍ରାକ୍ତନ ସଭାପତି ଅଖିଳରାମ ଜେନା କ୍ରୀଡ଼ା ପତାକା ଉତ୍ତୋଳନ କରିବା ପରେ ଉଦ୍‌ଘାଟନ କରାଯାଇଥିଲା। ସମାଜସେବୀ ପବିତ୍ର ମହାପାତ୍ର ଯୋଗଦେଇ ପିଞ୍ଜରା ବଦ୍ଧ ପକ୍ଷୀକୁ ମୁକ୍ତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ 'ୟୁ ଆଣ୍ଡ ମି' ବାଲେଶ୍ୱର ଏବଂ ୟୁନାଇଟେଡ୍ ଇଲେଭେନ ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୭. ୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଗଞ୍ଜାମ ୯.୫ ଓଭରରେ ୧ ଟି ଉଇକେଟ ହରାଇ ୧୦୪ ରନ୍ କରି ବିଜୟୀ ହୋଇଥିଲା। ଦଳର ବ୍ୟାଟ୍ସମ୍ୟାନ କେ. ଈଶ୍ୱର ପ୍ରସାଦ ୩୬ ବଲ୍ ଖେଳି ୬୬ ରନ ସଂଗ୍ରହ କରିଥିଲେ। ଗଞ୍ଜାମ ବୋଲର ଅବଦୁଲ ଏମ୍ ଖାନ ୪.୩ ଓଭର ବୋଲିଂ କରି ୧୦ ରନ ଦେଇ ୪ ଉଇକେଟ ଦଖଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁକ୍ତିକାନ୍ତ ନାୟକ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଏବଂ କେ.ଈଶ୍ୱର ପ୍ରସାଦଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ଓସିଏ ଲେବୁଲ ଅମ୍ପାୟର ରଞ୍ଜନ ମହାନ୍ତି ଏବଂ ଲଲାଟ କେଶରୀ ନନ୍ଦ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଯଦୁନାଥ ଜେନା ଏବଂ ବାସୁଦେବ ଜେନା କାର୍ଯ୍ୟ ତୁଲାଇ ଥିବାବେଳେ ସ୍କୋରର ଥିଲେ ବିଶ୍ୱନାଥ ଜେନା, ରାଜେଶ ଜେନା, ପ୍ରତାପ ମଲ୍ଲିକ। ଏହି ମ୍ୟାଚକୁ ମାନସ କୁମାର ବେହେରା, ସତ୍ୟବ୍ରତ ଶଙ୍ଖୁଆ, ଶ୍ରୀକାନ୍ତ ମଲ୍ଲିକ, ସନାତନ ବାରିକ, ଉତ୍ତମ କୁମାର ବେହେରା, ପ୍ରଶାନ୍ତ ଜେନା, ମାନସ ଜେନା, ହିମାଂଶୁ ବେହେରା, ରାଜ କିଶୋର ଦେ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ଜାତୀୟ ରାଜପଥରେ ବଢୁଛି ବେଆଇନ ଭାରୀଯାନ ପାର୍କିଂ**

# ୮ ଗାଡ଼ି ଗଣେଶ୍ୱରପୁର ସ୍ଥାନାନ୍ତର

ବାଲେଶ୍ୱର, ୧୯ ।୧୨(ସମିସ): ଜାତୀୟ ରାଜପଥରେ ଅନଧିକୃତ ଭାବେ ବଢ଼ିଚାଲିଛି ଗାଡ଼ି ପାର୍କିଂ। ବିଶେଷକରି ଭାରୀଯାନ ଗୁଡ଼ିକ ରାସ୍ତାର ଦୁଇ ପାର୍ଶ୍ୱରେ ଛିଡ଼ା ହୋଇ ରହୁଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଚେୟରମ୍ୟାନ, ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶାନୁସାରେ ରେମୁଣା ଗୋଲେଇ ନିକଟସ୍ଥ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଅନଧିକୃତ ଭାବେ ପାର୍କ କରାଯାଇଥିବା ଭାରୀ ଓ ପରିତ୍ୟକ୍ତ ଯାନବାହନଗୁଡ଼ିକୁ ହଟାଇବା ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଯାତାୟାତ ଜାମ, ଯାତ୍ରୀମାନଙ୍କ ଅସୁବିଧା ଏଡାଇବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ସେହି ଅନୁଯାୟୀ ଗୁରୁବାର ସମ୍ପୃକ୍ତ ଅଞ୍ଚଳରେ ସତର୍କବାଣୀ ପ୍ରଚାର କରାଯାଇ, ଅନଧିକୃତ ଭାବେ ପାର୍କ କରାଯାଇଥିବା ଯାନବାହନଗୁଡ଼ିକୁ ତୁରନ୍ତ ହଟାଇବାକୁ ଗାଡ଼ି ମାଲିକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶୁକ୍ରବାର ପୁଲିସ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଅନଧିକୃତ ଭାବେ ପାର୍କ କରାଯାଇଥିବା ୮ ଟି ଯାନବାହନ ହଟାଇ ଗଣେଶ୍ୱରପୁର ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତରିତ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ସମୟରେ ଆର୍‌ଟିଓ ଶ୍ୟାମଲେନ୍ଦୁ ରାଉତ, ଟ୍ରାଫିକ ଇନ୍ସପେକ୍ଟର ସମରେନ୍ଦ୍ର ମହାପାତ୍ର, ଆତିରିକ୍ତ ଆରଟିଓ ଏନ୍‌ଫୋର୍ସମେଣ୍ଟ ସାବିତ୍ରୀ ହେମ୍ବ୍ରମ, କନିଷ୍ଠ ଏମ୍‌ଭିଆଇ ଦିନେଶ ରଞ୍ଜନ ବେହେରା ଓ ଦେବସ୍ମିତା ନାୟକ ଏବଂ ଡିଏସପି ଗୋବିନ୍ଦ ଚନ୍ଦ୍ର ବେହେରା, ଡିଏସପି ନିର୍ମଳା ଗୋଛାୟତ, ଆଲୋକ କୁମାର ବେହେରା ଓ ରେମୁଣା ଥାନାର ଥାନା ଅଧିକାରୀ ସସ୍ମିତା ମଲିକ ଉପସ୍ଥିତ ଥିଲେ।






# ନଗର ଉନ୍ନୟନ ମନ୍ତ୍ରୀଙ୍କ ସେମିଳିଗୁଡା ଗସ୍ତ



ସେମିଳିଗୁଡା/ସୁନାବେଡ଼ା, ୧୯।୧୨ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଓ ସୁନାବେଡ଼ା ଅଞ୍ଚଳକୁ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶୁକ୍ରବାର ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯର ସମୀକ୍ଷା କରିଥିଲେ। ମନ୍ତ୍ରୀ କୃଷ୍ଣଚନ୍ଦ୍ର ଗୁରୁବାର 'ପରବ' ଆରମ୍ଭରେ ଯୋଗ ଦେଇଥିଲେ। ପରେ ଆଜି କୋରାପୁଟ ଓ ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ପରିଦର୍ଶନ କରିଥିଲେ। ସୁନାବେଡ଼ା ପୌର ପରିଷଦ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଯୋଗ ଦେଇ ଉନ୍ନୟନ ମୂଳକ କାର୍ଯ କିପରି ଚାଲୁଛି ତାହା ଉପରେ ଆଲୋଚନା କରିଛନ୍ତି। ବୈଠକରେ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ , ଏସ୍‌ପି ରୋହିତ ବର୍ମା, କୋରାପୁଟ ବିଧାୟକ ରଘୁରାମ ମାଛ, ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ଯୋଗ ଦେଇଥିଲେ। ପରେ ମନ୍ତ୍ରୀ ଆହାର କେନ୍ଦ୍ର ପରିଦର୍ଶନ କରି କେନ୍ଦ୍ର କାର୍ଯ୍ୟକୁ ତଦାରଖ କରିଥିଲେ। ବିଜୁ ପଟ୍ଟନାୟକ ହାଟ, ନୂତନ ଅଡିଟୋରିୟମ୍, କରିଥିଲେ। ଶୀତ ଆଶ୍ରୟ ସ୍ଥଳୀ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଗସ୍ତ ସମୟରେ ନେତା ସୁମନ୍ତ କୁମାର ପ୍ରଧାନ, ନେତା କର୍ମୀ ଯୋଗ ଦେଇଥିଲେ।

# 'ଆହାର' କେନ୍ଦ୍ରରେ ଖାଇଲେ ମନ୍ତ୍ରୀ




ସୁନାବେଡ଼ା,୧୯।୧୨(ସମିସ): ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନିଜେ 'ଆହାର' କେନ୍ଦ୍ରରେ ପହଞ୍ଚି ନିଜେ ଖାଇ ଏହାର ଗୁଣବତ୍ତା ପରୀକ୍ଷା କରିଛନ୍ତି। କୋରାପୁଟ ସୁନାବେଡ଼ା ଜାତୀୟରାଜପଥ ପାଶ୍ୱର୍ରେ ଥିବା 'ଆହାର' କେନ୍ଦ୍ରରେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସହିତ କୋରାପୁଟ ବିଧାୟକ ରଘୁରାମ ମାଛ , ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, କୋରାପୁଟ ଏସ ପି ରୋହିତ ବର୍ମା ମଧ୍ୟ ରହିଥିଲେ। ଆହାର କେନ୍ଦ୍ରରେ ଭାତ, ଡାଲମା ଓ ଆଚାର ଖାଇଛନ୍ତି ମନ୍ତ୍ରୀ। କୋରାପୁଟ ଗସ୍ତରେ ଅଛନ୍ତି ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର। ଗତକାଲି ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳାକୁ -୨୦୨୫ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।ଆଜି ସକାଳୁ କୋରାପୁଟ ସୁନାବେଡ଼ା ପୌର ପରିଷଦ ଦ୍ୱାରା କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ପରିଦର୍ଶନ କରିବା ସହ ତଦାରଖ କରିଥିଲେ। ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଗସ୍ତ ସମୟରେ ସୁନାବେଡ଼ା ପୌର ପରିଷଦର ଅଧ୍ୟକ୍ଷ ଡ଼ଃ ରାଜେନ୍ଦ୍ର କୁମାର ପାତ୍ର, ନିର୍ବାହୀ ଅଧିକାରୀ ସୁଜିତ ଚୌଧୁରୀ , ଜେଇ ଓ କାଉନସିଲର ମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ସେମିଳିଗୁଡା ମହାବିଦ୍ୟାଳୟରେ ଆଲୋଚନାଚକ୍ର



ସେମିଳିଗୁଡା:୧୯।୧୨(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ମହାବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନା ପକ୍ଷରୁ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। "ଆତ୍ମନିର୍ଭର ଭାରତ" ଶୀର୍ଷକ ଏହି ଆଲୋଚନା ଚକ୍ରରେ ରାଜ୍ୟ ସ୍ୱଦେଶୀ ମଞ୍ଚର ସହ-ସଂଯୋଜକ ମନୋରଞ୍ଜନ ରାଉତରାୟ ମୁଖ୍ୟବକ୍ତା ଭାବେ ଉଦ୍‌ବୋଧନ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ ଝାନ୍ସୀ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ରାଷ୍ଟ୍ରୀୟ ସେବା ଯୋଜନାର ୟୁନିଟ୍ ଲିଡର୍ ଡ. ରମେଶ ମଲ୍ଲିକ୍ ଏବଂ ସ୍ନିଗ୍ଧା ପଟ୍ଟନାୟକ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ରାଉତରାୟ ସ୍ୱଦେଶୀ ଆନ୍ଦୋଳନର ଐତିହାସିକ ପୃଷ୍ଠଭୂମି ବୁଝାଇ ଦେଇ କହିଲେ ଯେ, ଆତ୍ମନିର୍ଭର ଭାରତ କେବଳ ଏକ ଅର୍ଥନୈତିକ ଧାର୍ଯ୍ୟ ନୁହେଁ, ଏହା ଏକ ରାଷ୍ଟ୍ରୀୟ ମାନସିକତା। ସ୍ଥାନୀୟ ଉତ୍ପାଦକୁ ପ୍ରାଥମିକତା ଦେବା, କୁଟୀର,କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ସଶକ୍ତ କରିବା ହିଁ ଏହାର ମୂଳମନ୍ତ୍ର ହେବା ଉଚିତ୍। ତାଙ୍କ ବକ୍ତବ୍ୟରେ ଯୁବପିଢ଼ିକୁ ସ୍ୱାଭିମାନୀ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନଙ୍କ ମଧ୍ୟରେ ଡ ବିଦ୍ୟୁତ୍ ପ୍ରଭା ରାଉତ, ବାସନ୍ତି ଶ୍ରୀ, ରତ୍ନମଣି କହଁର, ନିରଞ୍ଜନ ପୋଡ଼, ରୋନାଲୀ ନାୟକ, ଲକ୍ଷ୍ମୀପ୍ରିୟା ଖରା, ଦୀଗେଶ୍ୱରୀ ଶିଖା, ସଂଗୀତ ପଣ୍ଡା ଏବଂ ଏହା ବିଶାଳ ନାୟକ ଯୋଗ ଦେଇଥିଲେ। ଅଧ୍ୟକ୍ଷା ଡ଼ ଝାନ୍ସୀ ସିଂହ କହିଲେ ଯେ ଶିକ୍ଷା ଅନୁଷ୍ଠାନଗୁଡ଼ିକ ଆ୍ନିର୍ଭର ଭାରତର କଳ୍ପନାକୁ ବାସ୍ତବରେ ପରିଣତ କରିବାର ମୂଳ କେନ୍ଦ୍ର। ଏଥିପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସେମାନଙ୍କୁ ଦକ୍ଷତା ପ୍ରଦାନ କରିବା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ପାଇଁ ପ୍ରେରଣା ଦେବା ଜରୁରୀ। ସଭା ଶେଷରେ ରାଷ୍ଟ୍ରୀୟସେବା ଯୋଜନାର କାର୍ଯକ୍ରମ ଅଧିକାରୀ ସ୍ନିଗ୍ଧ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଟିଆରେ ରାଜସ୍ୱ ମନ୍ତ୍ରୀ



ପଟ୍ଟାଙ୍ଗି,୧୯।୧୨(ସମିସ): ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ କୋଟିଆକୁ ନେଇ ବିବାଦ ଲାଗି ରହିଛି। ତେବେ ଆଜ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କୋଟିଆ ଗସ୍ତରେ ଆସିଥିଲେ। ସେ କୋଟିଆରେ ପହଞ୍ଚିବା ପରେ ତାଙ୍କୁ ଉପସ୍ଥିତ ସ୍ଥାନୀୟ ମହିଳା ମାନେ ଭବ୍ୟ ସ୍ୱାଗତ କରିଥିଲେ। ଏହାପରେ ସେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସଭାକାର୍ଯ୍ୟରେ ଯୋଗ ଦେଇଥିଲେ। ସେଠାରେ ସେ ଓଡ଼ିଶା କୋଟିଆର ମା' ଅଟେ। ଆନ୍ଧ୍ର ହେଉଛି ମାଉସୀ। କେବେ ମାଉସୀ, ମା'ହେବାକୁ ଚେଷ୍ଟା କଲେ ବି ହୋଇପାରିବ ନାହିଁ। ଓଡ଼ିଶାର ଆର୍ଥିକ ସ୍ଥିତି ନେଇ କୋଟିଆକୁ ହାତେଇବାକୁ ଚେଷ୍ଟା କରୁଅଛି ଆନ୍ଧ୍ର। ଆଗାମୀ ଦିନରେ ସ୍ଥାନୀୟ ସରପଞ୍ଚ, ବ୍ଲକ ଅଧ୍ୟକ୍ଷା ଏବଂ ସରକାରୀ କର୍ମଚାରୀଙ୍କୁ ନେଇ କୋଟିଆର ବିକାଶ ନେଇ ଆଲୋଚନା କରାଯିବ। ଏଠାକାର ଛାତ୍ରଛାତ୍ରୀଙ୍କ ଉନ୍ନତ ଶିକ୍ଷା ପାଇ ଭୁବନେଶ୍ୱରକୁ ନେଇ ଉଚ୍ଚ ଶିକ୍ଷା ପ୍ରଦାନ କରାଯିବ। ଉକ୍ତ କୋଟିଆର ବିକାଶ ପାଇଁ ସର୍ବଦଳର ସେ ସହଯୋଗ ମାଗିଥିଲେ। ସେ ୮୦ ବର୍ଷରୁ ଅଧିକ ୬ ଜଣଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରିଥିଲେ। କୃଷି ବିଭା ର ୫ ଜଣ ଚାଷୀଙ୍କୁ ମଟର ବିହନ ପ୍ରଦାନ କରାଯାଇଛି। ପ୍ରାଣୀ ସମ୍ପଦ ବିଭାଗର ଜଣେ ଚାଷୀଙ୍କୁ ବ୍ରୟଲର ଫାର୍ମ ପାଇ ୨୧, ୬୦୦୦ ଟଙ୍କାର ଆର୍ଥିକ ସହାୟତା, ମହିଳା ଓ ଶିଶୁ ବିଭାଗ ପକ୍ଷରୁ ଦୁଇ ଜଣ ହିତାଧିକାରୀଙ୍କୁ ୬୦୦୦ ଲେଖାଏଁ ସହାୟତା। ୩୧ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏକ କୋଟି ଟଙ୍କାର ଋଣ ଆଦି ସହାୟତା ପ୍ରଦାନ କରିଛନ୍ତି। ଉକ୍ତ ସମୟରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପୁ ଭତ୍ରା, ଜିଲ୍ଲାପାଳ କୋରାପୁଟ ମନୋଜ ସତ୍ୟୱାନ ମହାଜନ, ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଜିଲ୍ଲାପାଳ କୋରାପୁଟ ମନୋଜ ସତ୍ୟୱାନ ମହାଜନ, ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ସିଡ଼ିଓ ବେଣୁଧର ଶବର, ଉପଜିଲ୍ଲାପାଳ ପ୍ରେମାଲାଲ ହିଆଲ, କୋଟିଆ ସରପଞ୍ଚ ଲିୟୁ ଗେମେଲ,ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ପୂର୍ବତନ ଜିଲ୍ଲାପାଳ ଗଦାଧର ପରିଡ଼ା, ବିଜେପି ଦଳ ପଟ୍ଟାଙ୍ଗି ବିଜେପି ବିଧାୟକ ପ୍ରତିନିଧି ଚୈତନ୍ୟ ନାନ୍ଦିବାଲି, ବିଜେପି ଦଳର କର୍ମୀ ଗଦାଧର ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ଥାନୀୟ ବିଧାୟକ ରାମଚନ୍ଦ୍ର କାଡାମ କୋଟିଆର ଆଗାମୀ ଦିନରେ ପରିବର୍ତ୍ତନ ପାଇ ରାଜସ୍ୱ ମନ୍ତ୍ରୀ ପ୍ରୟାସରତ ଅଛନ୍ତି। ସ୍ଥାନୀୟ ଲୋକେ ଆନ୍ଧ୍ରର ପ୍ରଲୋଭନରେରେ ପ୍ରଲୋଭିତ ନହେବା ପାଇଁ ସେ କହିଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ,ଏଇଇ ବିଶ୍ୱନାଥ ମାଦେଲି, ଏପିଓ ସୌମେନ୍ଦ୍ର ନାୟକ, ଏଇ ଅଜୟରାମ୍ ତରାଇ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଆଇନ ଶୃଙ୍ଖଳା ନିମନ୍ତେ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ସ୍ଥାନୀୟ ଅଧିବାସୀ ମନ୍ତ୍ରୀଙ୍କ ସହ ଉକ୍ତ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ।

## ଭାଲୁ ଆକ୍ରମଣରେ ଜଣେ ଆହତ

ଉମରକୋଟ,୧୯।୧୨ (ସମିସ): ଭାଲୁ ଆକ୍ରମଣରେ ଜଣେ ଆହତ ହୋଇଛନ୍ତି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମୁଣ୍ଡିବେଡା ପଞ୍ଚାୟତ ବାଟଝରି ଗାଁର ହାଦନା ସାନ୍ତା (୫୦)। ସୂଚନାଅନୁସାରେ ହାଦନ୍ତା ସକାଳ ୬ଟା ସମୟରେ ଗାଁ ନିକଟରେ ଥିବା ପୋଖରୀକୁ ଶୌଚ ହେବାକୁ ଯାଉଥିବା ସମୟରେ ହଠାତ ଦୁଇଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ଭାଲୁଙ୍କ କବଳରୁ ହାଦନା କୌଣସି ମତେ ନିଜକୁ ରକ୍ଷାକରି ଘଟଣାସ୍ଥଳରୁ ପଳାଇ ଆସି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ହାଦନ୍ତାକୁ ଏକ ଗାଡି ଯୋଗେ ଉମରକୋଟ ଉପଖଣ୍ଡୀୟ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ହାଦନ୍ତାଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି।

## ଲିଭ ଫର୍ ଅଦର୍ସ ଓ ଡିସିବି ବ୍ୟାଙ୍କର ରକ୍ତଦାନ ଶିବିର



ସେମିଳିଗୁଡା/କୋରାପୁଟ , ୧୯।୧୨ (ସମିସ): ସେମିଳିଗୁଡାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିଭ ଫର୍ ଅଦର୍ସ ଓ ଡିସିବି ବ୍ୟାଙ୍କର ମିଳିତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରକୁ ଡିସିବି ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ପ୍ରିୟବ୍ରତ ସାମଲ ଓ ଲିଭ ଫର ଅଦର୍ସର ସାଧାରଣ ସମ୍ପାଦିକା ତଥା ଏଫବିଡିଓ କୋରାପୁଟ ଶାଖାର ସାଧାରଣ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ର ଫିତା କାଟି ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ସର୍ବ ପ୍ରଥମେ ସ୍ନିଗ୍ଧାରାଣୀ ମିଶ୍ର ତାଙ୍କର ୫୫ତମ ରକ୍ତଦାନ କରିଥିଲେ। ଏହାପରେ ଆଞ୍ଚଳିକ ମୁଖ୍ୟ ପ୍ରିୟବ୍ରତ ସାମଲ, କ୍ଲଷ୍ଟର ମୁଖ୍ୟ ଆଶିଷ ମିଶ୍ର, ଶାଖା ପରିଚାଳକ ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ଏଫବିଡିଓ କୋରାପୁଟ ଶାଖାର ଉପଦେଷ୍ଟା ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ସଭାପତି ବିଜୟ କୁମାର ସାହୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ, ଜ୍ୟୋତି, ଶାନ୍ତି, ଦୁର୍ଗା, ମମିନ, ଜୁନେଶ ପ୍ରଭୃତି ରକ୍ତଦାନ କରିଥିଲେ ଓ ସହଯୋଗ କରିଥିଲେ। କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ରକ୍ତ କେନ୍ଦ୍ରର ଡାକ୍ତର ମଧୁସୂଦନ ବଳିୟାରସିଂହ, କର୍ମଚାରୀ, ଦେବବ୍ରତ, ଉମାକାନ୍ତ, ଅଜିତ ଓ ରବିନ୍ଦ୍ର ରକ୍ତ ସଂଗ୍ରହ କରିଥିଲେ। ସମୁଦାୟ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

● ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ

## ଲୋକ ପ୍ରତିନିଧିଙ୍କୁ ଅଣଦେଖା ନେଇ ଅସନ୍ତୋଷ



ନନ୍ଦପୁର, ୧୯।୧୨ (ସମିସ): ନନ୍ଦପୁର ଗଣିନିୟକ ପୁଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ସ୍ଥାନୀୟ ଲୋକ ପ୍ରତିନିଧି ଯଥା, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସମିତି ସଭ୍ୟା, ଜିଲ୍ଲାପରିଷଦ ସଭ୍ୟାଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ଅଣଦେଖା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ବାର୍ଷିକ ଉତ୍ସବ ଆୟୋଜନ ହୋଇଥିବା ବେଳେ ବ୍ଲକ୍ ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସହ ହିକିମ ପୁଟ ଗ୍ରାମପଞ୍ଚାୟତର ବୁଦ୍ଧିଜୀବୀଙ୍କୁ ଉତ୍ସବରେ ନିମନ୍ତ୍ରିତ କରାଯାଇ ନଥିଲା। ସେପଟେ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ନନ୍ଦପୁର ଖରାଙ୍କ ଆଭିମୁଖ୍ୟ ନେଇ ନିନ୍ଦା କରିଛନ୍ତି ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ଉପାଧ୍ୟକ୍ଷ ଗୋପାଳ ହନ୍ତାଳ ଓ ଜିଲ୍ଲାପରିଷଦ ସଭ୍ୟା ଅଭିଲାସି ନାୟକ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ, ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲାରୀ । ତେବେ ଏ ନେଇ ବ୍ଲକ୍ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ କହିଛନ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବ୍ଲକ୍ ସବୁ ଠାରୁ ବଡ଼ ଅନୁଷ୍ଠାନ। ବାର୍ଷିକ ଉତ୍ସବରେ ସ୍ଥାନୀୟ ଲୋକ ପ୍ରତିନିଧି ସହ ସ୍ଥାନୀୟ ବୁଦ୍ଧିଜୀବୀ ଓ ସମସ୍ତ ଅଭିଭାବକଙ୍କୁ ନିମନ୍ତ୍ରଣ କରିବା କଥା । ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଖରା ଗତ ଦୁଇ ବର୍ଷ ହେବ ଦାୟିତ୍ୱ ନେବା ପରେ ଏପରି ଅବ୍ୟବସ୍ଥା କରୁଥିବା ଉପାଧ୍ୟକ୍ଷ ଶ୍ରୀ ହନ୍ତାଳ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି । ସେପଟେ ବରିଷ୍ଠ ବିଜେଡି ନେତା ଗୋପାଳକୃଷ୍ଣ ବେବର୍ତ୍ତା କହିଛନ୍ତି, ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ନିମନ୍ତ୍ରଣ ନ କରିବା ନିନ୍ଦନୀୟ ଘଟଣା।। ଯେମିତି ଆଗକୁ ନ ହୁଏ ସେଥି ନିମନ୍ତେ ଅଧକ୍ଷ ଶ୍ରୀ ଖରା ଯତ୍ନବାନ ହେବା ଆବଶ୍ୟକତା ରହିଛି ବୋଲି କହିଛନ୍ତି। ସେପଟେ ଏହି ଅଘଟଣ ନେଇ ଦୁଃଖ ପ୍ରକାଶ କରିଛନ୍ତି ଅଧ କ୍ଷ ନନ୍ଦ ଖରା ।

## ଲିବର୍ଟୀ ଇଂରାଜୀ ସ୍କୁଲରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ନନ୍ଦପୁର,୧୯।୧୨ (ସମିସ): ନନ୍ଦପୁର ସଦର ମହକୁମା ସ୍ଥିତ ସ୍ଥାନୀୟ ଲିବର୍ଟୀ ର୍ ଇଂରାଜୀ ସ୍କୁଲରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ସ୍କୁଲ ଅଧ୍ୟକ୍ଷା ଉର୍ମିଳା କୁଲଦୀପଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲ୍ୟାମ୍ପସର ଏମ୍‌ଡି ସୁରେଶ୍ ପଣ୍ଡା, ଅବିଭାବକ ରମେଶ କୁମାର ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାରେ କୁନି କୁନି ପିଲାଙ୍କ ମନୋବଳ ଦୃଢ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଜ୍ୟୋତି ପ୍ରକାଶ ଆବ୍ରାହିମ୍, ଅନ୍ନପୂର୍ଣ୍ଣା ଦିଣ୍ଡା, ନମିତା ଖିଲ, ସ୍ୱାଗତିକା ତ୍ରିପାଠୀ, ସାବିତ୍ରୀ ପଣ୍ଡା, ସ୍ମୃତି ପ୍ରିୟା ମହାନ୍ତି, ଏ ଲିଜା ବାଘ, କବିତା ଶର୍ମା, ଶିବ ଶଙ୍କର ଦୀପ, ଗାୟତ୍ରୀ ଖିଲ, ଲକ୍ଷ୍ମୀକାନ୍ତ ଖିଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନିଆଁ ଲାଗି ଅମଳ ଧାନ ମାଣ୍ଡିଆ ନଷ୍ଟ



ଚିତ୍ରକୋଣ୍ଡା,୧୯ ।୧୨(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ନୂଆଗୁଡା ପଞ୍ଚାୟତ ସ୍ଥିତ ଆରଏସି-୧୧ ଗ୍ରାମରେ ଅମଳ ହୋଇ ରଖାଯାଇଥିବା ଧାନମାଣ୍ଡିଆରେ କୌଣସି କାରଣବଶତଃ ନିଆଁ ଲାଗିଯିବାରୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି। ଜମିରୁ ଅମଳ ହୋଇଥିବା ଧାନ ମାଣ୍ଡିଆ ଫସଲ ଖଳାରେ ରଖା ଯାଇଥିବା ବେଳେ ନିଆଁ ଲାଗି ସମସ୍ତ ଫସଲ ପୋଡି ପାଉଁଶ ହୋଇ ହୋଇଯାଇଛି। ଗ୍ରାମର ସୁବା ତାମରବୁଆ, ମଙ୍ଗଳା ମଲ୍ଲିକ, ବଳରାମ ହନ୍ତାଳ, ନାରାୟଣ ଖିଲ ଚାରି ଜଣକ ମାଣ୍ଡିଆ ଓ ଧାନ ଖୋଳାରେ ନିଆଁ ଆୟତରେ ଆସି ସବୁ ଫସଲ ପାଉଁଶ ହୋଇ ଯାଇଥିବା ଦେଖିବାକୁ ମିଳିଛି ।ଖବର ପାଇବା ପରେ ଘଟଣା ସ୍ଥଳରେ ଚିତ୍ରକୋଣ୍ଡା ଅଗ୍ନିଶମ ବାହିନୀ ଓ ଗ୍ରାମବାସୀ ମିଶି ନିଆଁକୁ ଆୟତ କରିଥିବା ଦେଖିବାକୁ ମିଳିଥିଲା। ନିଆଁ ଲିଭିବା ଜାଣିବା ପରେ ଚିତ୍ରକୋଣ୍ଡା ରାଜସ୍ୱ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।

## ସେମିଳିଗୁଡ଼ାରେ ଚାଷୀଙ୍କୁ ବତକ ବଣ୍ଟନ



ସେମିଳିଗୁଡା,୧୯।୧୨ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ପ୍ରାଣୀ ଚିକିତ୍ସାଳୟ ଠାରେ ଶୁକ୍ରବାର ସେମିଳିଗୁଡା ବ୍ଲକର ଦଶଟି ପଞ୍ଚାୟତର ୨୧ ଜଣ ଚାଷୀଙ୍କୁ ଅଗଣାରେ ବତକ ପାଳନ କରିବା ନିମନ୍ତେ ବତକ ବଣ୍ଟନ କରାଯାଇଥିଲା। ଏଥିରେ ଜଣକୁ ୫୦ ଲେଖାଏଁ ବତକ ନିଶୁଳ୍କ ପ୍ରଦାନ କରାଯାଇଛି। ଚାଷୀଙ୍କ ଆର୍ଥିକ ସୁଦୃଢ ନେଇ ଏହି ବତକ ବଣ୍ଟନ କରାଯାଇଛି। ନିଜ ଅଗଣାରେ ଏହି ବତକ ଗୁଡିକୁ ସହଜର ପାଳନ କରାଯାଇପାରିବ। ଯାହା ଦ୍ୱାରା ଚାଷୀ ବତକର ଅଣ୍ଡା ଓ ମାଂସ ବିକ୍ରି କରି ଲାଭାନ୍ୱିତ ହୋଇପାରିବେ। ଏଥରେ ସେମିଳିଗୁଡ଼ା ବ୍ଲକର ରେଙ୍ଗା, କୁନ୍ଦୁଲି, ପାକଝଲା, ଦଳେଇଗୁଡା, ଉପରକାଣ୍ଟି, ଦୁଧାରୀ, ସରିଷପଦର, ରାଜପୁଟ, ସୁବାଇ ଓ ଗୁଣ୍ଡାପୁଟ ପଞ୍ଚାୟତର ଚାଷୀଙ୍କୁ ବତକ ପ୍ରଦାନ କରାଯାଇଛି। ବତକ ବଣ୍ଟନ ବେଳେ ସେମିଳିଗୁଡା ଗୋଷ୍ଠି ପ୍ରାଣୀ ଚିକିତ୍ସକ ରବିନାରାୟଣ ସାହୁ, ସହକାରୀ ପ୍ରାଣୀ ଚିକିତ୍ସକ ମୃତ୍ୟୁଞ୍ଜୟ ପଟ୍ଟନାୟକ, ଲକ୍ଷ୍ମୀପ୍ରୀୟା ଖୋସଲା, ଦିପାଳି ଗରଡା, ଜେମା ଶୁଶିଳା ଢୁଙ୍ଗଢୁଙ୍ଗଙ୍କ ସହ ପ୍ରାଣୀଧନ ନିରୀକ୍ଷକ ମାନେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର



କୋଷାଗୁମୁଡା,୧୯।୧୨(ସମିସ): ଜିଲ୍ଲା ଶିକ୍ଷା ବିଭାଗ ନବରଙ୍ଗପୁର ଆନୁକୂଲ୍ୟରେ ଅଷ୍ଟମ ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋଷାଗୁମୁଡା ଠାରେ ଦ୍ୱିତୀୟ ଦିବସରେ ଗୋଷ୍ଠୀ ଶିକ୍ଷାଧିକାରୀ ସମରେନ୍ଦ୍ର ଭୌମିକ, ରେଡ଼କ୍ରସ ପତାକା ଉତ୍ତୋଳନ କରିଥିଲେ। ଆୟୋଜକ ସମ୍ପାଦକ ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ହାଲଦାରଙ୍କ ସମେତ ରେଡ଼କ୍ରସ ସମ୍ପାଦକ ପ୍ରଭାତ ପଟ୍ଟନାୟକ, ରେଡ଼କ୍ରସ ଯୁଗ୍ମ ସମ୍ପାଦକ ନଳିନୀକାନ୍ତ ପାତ୍ର ଏବଂ ଜିଲ୍ଲା ରେଡକ୍ରସ୍ ଅଧିକାରୀ ପ୍ରକାଶିନୀ ଚୌଧୁରୀ ଜୁନିୟର୍ସ ଉପସ୍ଥିତ ଥିଲେ। ସର୍ବଧର୍ମ ପ୍ରାର୍ଥନା ଓ ପରେ ପରେ ଯୋଗ ଶିବିର ଆୟୋଜନ କରାଯାଇଥିଲା । ସକାଳ ଜଳଖିଆ ପରେ ସମସ୍ତ ପ୍ରଶିକ୍ଷଣ ଅଂଶଗ୍ରହଣକାରୀଙ୍କୁ ନେଇ ରେଡ୍‌କ୍ରସ ସଚେତନତା ବାର୍ତ୍ତା ନେଇ କୋଷାଗୁମୁଡ଼ା ଗ୍ରାମରେ ନଗର ପରିକ୍ରମା କରାଯାଇଥିଲା। ପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଜିଲ୍ଲା ରେଡ଼କ୍ରସ ଅଧିକାରୀ। ପୂର୍ବାହ୍ନ ୧୧ଟାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୋଷାଗୁମୁଡା ସହାୟତାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡ. ଆଦିତ୍ୟ ବେହେରା ଉଦ୍‌ଘାଟନ କରିଥିବା ବେଳେ ବ୍ଲକ ଶିକ୍ଷାଧିକାରୀ ସମରେନ୍ଦ୍ର ଭୌମିକ, ସରପଞ୍ଚ ଡାଳିମ୍ବ ମାଝୀ, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ମୋ ସ୍କୁଲ ଅଭିଯାନ ସଭାପତି ଭୁବନେଶ୍ୱର ନାୟକ ଏବଂ ରେଡ଼କ୍ରସ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ୪୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡ଼ ଆଦିତ୍ୟ ବେହେରା ଶିବିରରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ରକ୍ତଦାନର ଉପକାରିତା ସହ ବିଭିନ୍ନ ବ୍ଲଡ଼ ଗ୍ରୁପ ଏବଂ ରକ୍ତଦାନର ବିଧି ବ୍ୟବସ୍ଥା ବିଷୟରେ ବୁଝାଇଥିଲେ। ଅପରାହ୍ଣରେ ଓଡିଶା ଅଗ୍ନିଶମ ବିଭାଗ, କୋଷାଗୁମୁଡ଼ା ଦ୍ୱାରା ଅଗ୍ନି ନିରାପତ୍ତା ବିଷୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



## ହାଇୱା ଚକା ତଳେ ବାଇକ୍ ଅରୋହୀ ମୃତ

**ବଣାଇ, ୧୯।୧୨(ସମିସ):** ବଣାଇଁ ଉପଖଣ୍ଡ ଲହୁଣିପଡ଼ା ଥାନା ୧୪୩ ନମ୍ବର ଜାତୀୟ ରାଜପଥର ରାଜାମୁଣ୍ଡା ବାଇପାସ୍ ଗୋଲେଇ ଛକରେ ହାଇୱା ଚକା ତଳେ ପଡ଼ି ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଆଜି ସକାଳ ୧୧ଟା ପାଖାପାଖି ସମୟରେ ରାଜାମୁଣ୍ଡା ବାଇପାସ୍ ରାସ୍ତା ଦେଇ ଏକ ହାଇୱା କୋଇଡା ଅଭିମୁଖେ ଯାଉଥିବା ବେଳେ ସମ୍ମୁଖ ଭାଗରୁ ଏକ ବାଇକ ଯୋଗେ ଭ୍ରମରବର ସ୍ୱାଇଁ (୫୫) କୌଣସି କାମରେ ଦର୍ଜଙ୍ଗ ଯାଇ ସେଠାରୁ ରାଜାମୁଣ୍ଡା ଆଡକୁ ଫେରୁଥିଲେ। ରାଜାମୁଣ୍ଡା ବାଇପାସ୍ ଗୋଲେଇ ଛକରେ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ହାଇୱା ଚକାତଳେ ବାଇକ୍ ସହ ସେ ଚାପି ହୋଇଯାଇଥିଲେ। ଲହୁଣୀପଡ଼ା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ହାଇୱା ଚକା ତଳୁ ଯୁବକକୁ ଉଦ୍ଧାର କରି ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧକ୍କା ଦେଇଥିବା ହାଇୱା ଡ୍ରାଇଭରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ଲହୁଣୀପଡ଼ା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଉଭୟ ଗାଡିକୁ ଜବତ୍ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଯୁବକ ଜଣକ ବ୍ରହ୍ମପୁର ଅଞ୍ଚଳର ହୋଇଥିବାବେଳେ ସେ ଦୀର୍ଘ ୨୦ ବର୍ଷ ଧରି ରାଜାମୁଣ୍ଡା ଗୁଡିଆଲିରେ ରହି ପାଉଁରୁଟି ବେପାର କରିଆସୁଥିଲେ ବୋଲି ଜଣାପଡ଼ିଛି।

## ଇଣ୍ଡୋ ଇଂରାଜୀ ବିଦ୍ୟାଳୟରେ କଳ୍ପନା ଚାୱଲା ବିଜ୍ଞାନମେଳା

**ବଣାଇଁ, ୧୯।୧୨(ସମିସ):** ବଣାଇଁ ସହର ସ୍ଥିତ କନ୍ତଯୋଡି ଇଣ୍ଡୋ ଇଂରାଜୀ ବିଦ୍ୟାଳୟରେ କଳ୍ପନା ଚାୱଲା ବିଜ୍ଞାନମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ଅଧ୍ୟକ୍ଷା ସଂଘମିତ୍ରା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ମୁଖ୍ୟଅତିଥି ଭାବେ ବଣାଇଁ ସହକାରୀ ବନ ସଂରକ୍ଷକ ନଳିନୀ କାନ୍ତ ବେହେରା ଯୋଗଦେଇ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ମିହିର ବରୁଣ ମୁଖାର୍ଜୀଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଣାଇଁ ସହକାରୀ ଜିଲ୍ଲାପାଳ ସ୍ୱାଗତିକା ଦଳପତି ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ବଣାଇଁ ଇଣ୍ଡୋ ଇଂରାଜୀ ବିଦ୍ୟାଳୟ ଓ ଲହୁଣିପଡ଼ା ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୬୨ ଗୋଟି ବିଭିନ୍ନ ପ୍ରକାରର ପ୍ରକଳ୍ପ ତିଆରି କରିଥିଲେ। ବିଚାରକ ଭାବେ ବଣାଇଁ ମହାବିଦ୍ୟାଳୟର ଅଧ୍ୟାପକ ପ୍ରତାପ ସାଗର ନାଏକ, ରାଜା ଧରଣୀଧର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅମୀୟ ଲୋଚନ ପଣ୍ଡା ଯୋଗଦେଇ ବିଭିନ୍ନ ପ୍ରକଳ୍ପକୁ ନିରିକ୍ଷଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗିରିଧାରୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଇଣ୍ଡୋ ଇଂରାଜୀ ବିଦ୍ୟାଳୟର କାଉନସିଲର ଫିରୋଜ ଖାନ୍, ଶିକ୍ଷୟିତ୍ରୀ କିରଣ ବାଳା ଜେନା, ସଞ୍ଜୁକ୍ତା ନାଏକ, ଚନ୍ଦନା ରାଣୀ ସାହୁ, ମନିକା ସାହୁ, ପୂର୍ଣ୍ଣିମା ରାଓ, ଅନୁପମା ତ୍ରିପାଠୀ, ଲହୁଣିପଡ଼ା ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ଜ୍ୟୋତି ଟପ୍ପୋ, ଅନନ୍ୟା ମାହାନ୍ତ, ଗୁଲାପସା ଫିରଦୋସ, ଶାନ୍ତିଲତା ତନ୍ତୀ, ସସ୍ମିତା ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**କୁତ୍ରା, ୧୯।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ଆଶ୍ରମରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ବିରିଙ୍ଗାଟୋଲି ସରପଞ୍ଚ ମୁକ୍ତା ନାଏକ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିରିଙ୍ଗାଟୋଲି ଗ୍ରାମପଞ୍ଚାୟତର ସମିତିସଭ୍ୟ ଲକ୍ଷ୍ମଣ ଦାନୀ, କୁତ୍ରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିନିରାଣୀ ସୋରେନ, ବିରିଙ୍ଗାଟୋଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁନିତା ସରୋନିଆ, ବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷା ମମତା ଲାକ୍ରା, ୱାର୍ଡମେମ୍ବର ରାଧିକା ଜୟପୁରିଆ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କୁତ୍ରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିନିରାଣୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଅବତରଣ ଓ ଖେଳ ସମାପ୍ତିର ଘୋଷଣା କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଦ୍ରୁପତୀ ବୁଖ୍ରା ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଜୟଶ୍ରୀ ବିରଗଣ୍ଡିଆ, ଆଲିଶା ଛତ୍ରୀ, ମମତା ନାୟକ, ସିମା କୁଜୁର, ଗଣେଶ ଟପ୍ପୋ, ଦୋଳ ରଞ୍ଜନ ନାଏକ, ଲିଲି ବାପିଷ୍ଟା କୁଜୁର, ବିବେଦୀ ଖଡିଆ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଭାଷା ଶିକ୍ଷକ ଡମ୍ବରୁଧର କିଶାନ ଧନ୍ୟବାଦ ଅର୍ପଣ କରିଥିଲେ।

**କୁତ୍ରା:** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଡୁମେରପାଠାରେ ଥିବା ସାର୍ବଜନୀନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ମାଧ୍ୟମିକ ଶିକ୍ଷାପରିଷଦର ଉପସଭାପତି ଅମୂଲ୍ୟ କୁମାର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ



ଓଆଇସିଏଲ ଏଚଆର ମୁଖ୍ୟ ରାଜିବ କୁମାର, ଡୁମେରପାଠା ସରପଞ୍ଚ ଚରଣ ସୋନ ବରିହା, ଅଶିଷ କୁମାର ସିଂ, ବିଦ୍ୟାଳୟର ପ୍ରତିଷ୍ଠାତା ବଇଲୋ କିଶାନ, କୁତ୍ରା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ, ଏସପାଇଡର କୁତ୍ରା ବ୍ଲକ ସମ୍ପାଦକ ଅଭିରାମ ମାଝୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ଼ଃ ଅମରେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ହରେକୃଷ୍ଣ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ କ୍ରୀଡା ପ୍ରତିଯୋଗିତାକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଉମାଶଙ୍କର ମଲ୍ଲିକ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

### ବଢୁଛି ଶୀତ; ଜମୁଛି ଶୀତ ପୋଷାକ ବେପାର

# କାଶ୍ମୀର ପଶ୍ମିନା ଶାଲ, ନନ୍ ବ୍ରାଣ୍ଡ ପୋଷାକ ପ୍ରଥମ ପସନ୍ଦ

**ରାଉରକେଲା, ୧୯।୧୨(ସମିସ)**



ଶୀତର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ରାଉରକେଲାରେ ଏବେ ଜମିବାରେ ଲାଗିଛି ଶୀତ ପୋଷାକ ବେପାର। ଶୀତକୁ ଦୃଷ୍ଟିରେ ରଖି ରାଉରକେଲା ବଜାରରେ ବିଭିନ୍ନ ପ୍ରକାର ଶୀତ ପୋଷାକର ସମ୍ଭାର ଲାଗିଛି। ବଜାରରେ କେଉଁଠି ଦାମି ବ୍ରାଣ୍ଡ ପୋଷାକ ମିଳୁଛି ତ ପୁଣି କେଉଁଠି ନନବ୍ରାଣ୍ଡର ପୋଷାକ ମିଳୁଛି। ପୁଣି କେଉଁଠି ବାହାର ରାଜ୍ୟ ଓ ଅନ୍ୟ ଦେଶରୁ ବ୍ୟବସାୟୀମାନେ ଆସି ସହରର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଷ୍ଟଲ ଖୋଲିଥିବା ନଜରକୁ ଆସୁଛି। ଏହା ସହିତ ବଡ଼ ବଡ଼ ସପିଂ ମଲ ଗୁଡ଼ିକରେ ମଧ୍ୟ ବିଭିନ୍ନ ପ୍ରକାର ଶୀତ ପୋଷାକ ଉପଲବ୍ଧ ହେଲାଣି। ଶୀତ ସହିତ ମୁକାବିଲା ପାଇଁ ସମୟ ପୂର୍ବରୁ ଲୋକେ କିଣାକିଣି ମଧ୍ୟ ଆରମ୍ଭ କଲେଣି। ଶୀତକୁ ଆଖି ଆଗରେ ରଖି ଲୋକଙ୍କ ଫ୍ୟାସନ ଷ୍ଟାଇଲ ମଧ୍ୟ ବଦଳିଛି। ଶୀତ ପୋଷାକରେ ନିଜକୁ କିପରି ସମସ୍ତଙ୍କଠୁ ଅଲଗା କରିବେ ସେଥିପାଇଁ ବଜାରରେ ମହିଳା, ପୁରୁଷ, ଛୋଟ ପିଲା ପାଇଁ ମୁଖ୍ୟତଃ ଯୁବଗୋଷ୍ଠୀଙ୍କ ପାଇଁ ଚଳିତ ବର୍ଷ ବ୍ୟବସାୟୀମାନେ ନୂଆ କଲେକ୍ସନ୍ ଆଣିଛନ୍ତି। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଦୋକାନକୁ ସୁନ୍ଦର କରି ସଜେଇଛନ୍ତି। ବିଭିନ୍ନ ଅଫରର ବ୍ୟବସ୍ଥା ମଧ୍ୟ କରିଛନ୍ତି। ବଡ଼ ବଡ଼ ମଲ୍‌ରେ ଯୁବଗୋଷ୍ଠୀଙ୍କ ପାଇଁ ବିଭିନ୍ନ ପ୍ରିଣ୍ଟର ଶାଲ, ଟୋପି, ଜ୍ୟାକେଟ୍, ଗ୍ଲୋଭସ, ନାଇଟ୍ ସୁଟ୍, ମୋଜା, ସ୍କାର୍ପ, ସ୍ୱେଟର୍, କୋଟ୍, କାର୍ଡିଗନ୍, ଡାଉନ୍ ଜାକେଟ, ଉଲ କୁର୍ତି, ହୁଡ଼ି, ଲଙ୍ଗ ସ୍ଲିଭ ଟପ୍ ଭଳି ଉଭୟ ୱେଷ୍ଟର୍ଣ୍ଣ ଓ ଇଣ୍ଡିଆନ ଶୀତ ପୋଷାକ ଉଭୟ ବ୍ରାଣ୍ଡ ଏବଂ ନନ୍ ବ୍ରାଣ୍ଡର ମିଳୁଛି। ଏହାର ମୂଲ୍ୟ ୪ଶହ ଟଙ୍କାରୁ ଆରମ୍ଭ ହୋଇ ୪ ରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। କଲେଜ ପଢ଼ୁଆ ଛାତ୍ରଛାତ୍ରୀ, କର୍ମଜୀବୀ ଯୁବକ ଯୁବତୀଙ୍କ ପାଇଁ ବଡ଼ ବଡ଼ ଦୋକାନ୍‌ରେ ଭଳିକି ଭଳି ବ୍ରାଣ୍ଡ ପୁମା, ଟମି ହିଲଫିଗର, ନାଇକି, ଆଲେନ୍‌ସଲି, ମୋଣ୍ଟେ କାର୍ଲୋ, ମାକ୍ସ, ରେଡ୍ ୱୁଲ, କମିଜ୍ ସେନ୍ସ ଭଳି ଛୋଟ ବଡ଼ ନାମୀଦାମୀ ବ୍ରାଣ୍ଡର ପୋଷାକ ମିଳୁଛି। ଏଗୁଡ଼ିକର ଦାମ୍ ୨ ହଜାରରୁ ଆରମ୍ଭ କରି ୮ ହଜାର ପର୍ଯ୍ୟନ୍ତ ରହିଛି। ଅନେକ ଗ୍ରାହକ ବ୍ରାଣ୍ଡ ଜିନିଷକୁ ଅଧିକ ପସନ୍ଦ କରୁଥିବାରୁ ଏହାର କପି ପ୍ରଡକ୍ଟ ମଧ୍ୟ ବଜାରରେ ମିଳୁଛି। ଯାହାର ମୂଲ୍ୟ ଅସଲି ବ୍ରାଣ୍ଡର ଜିନିଷ ତୁଳନାରେ କମ୍ ରହୁଛି। ବିଶେଷ କରି ଏହାକୁ ବାହାର ରାଜ୍ୟର ବ୍ୟବସାୟୀ ଆଣି ଏଠାରେ ବିକ୍ରି କରୁଥିବାର ଦେଖିବାକୁ ମିଳୁଛି। ଏହାର ମୂଲ୍ୟ ୨ରୁ ୩ ହଜାର ମଧ୍ୟରେ ରହିଛି। ସେହିଭଳି ଛୋଟ ପିଲାଙ୍କ ପାଇଁ ବିଭିନ୍ନ ପଶୁପକ୍ଷୀ ଚିତ୍ର ଥିବା ଶୀତ ପୋଷାକ ବଜାରକୁ ଆସିଛି। ବ୍ରାଣ୍ଡେଡ୍ ଶୀତ ପୋଷାକ କିଣିଲେ ୩ରୁ ୪ବର୍ଷ ପର୍ଯ୍ୟନ୍ତ ଲାଞ୍ଚ କରୁଛି। ଆଉ କିଛି କଲେଜ ପଢ଼ୁଆ ଛାତ୍ରୀ ନନ୍ ବ୍ରାଣ୍ଡର ଶୀତ ପୋଷାକ କିଣିବାକୁ ଅଧିକ ପସନ୍ଦ କରିଥିବା ଲୋକେ କହିଛନ୍ତି। ସେମାନଙ୍କ କହିବା କଥା ଶୀତ ଋତୁ ପରେ ଏହାକୁ ବ୍ୟବହାର କରି ହୁଏନି ଓ ଗୋଟିଏ ବ୍ରାଣ୍ଡେଡ଼ ଶୀତ ପୋଷାକ ମୂଲ୍ୟରେ ଅଧିକ ନନ୍ ବ୍ରାଣ୍ଡ ପୋଷାକ କିଣାଯାଇ ପାରିବ। ଚଳିତ ବର୍ଷ ମହିଳାଙ୍କ ପାଇଁ ବିଭିନ୍ନ ପ୍ରକାର ଶାଲ୍ ବଜାରକୁ ଆସିଛି। ଆନିମଲ୍ ପ୍ରିଣ୍ଟ, ଫରେଷ୍ଟ ପ୍ରିଣ୍ଟ, ଯାହାକି ଆଖିକୁ ସୁନ୍ଦର ଦେଖାଯାଉ ଥିବା ବେଳେ ଏହାକୁ କିଣିବା ପାଇଁ ଆଗ୍ରହ ବଢ଼ିଛି। ଏହା ବ୍ୟତୀତ କାଶ୍ମୀର, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶର ଶାଲ ମଧ୍ୟ ଏଠାରେ ମିଳୁଛି। କାଶ୍ମୀର ପଶ୍ମିନା ଶାଲର ଚାହିଦା ଅଧିକ ରହିଛି। ହିମାଚଳ ପ୍ରଦେଶର କୁଲୁ ଶାଲ୍, ଆନ୍ଧ୍ରପ୍ରଦେଶର କଲମକାରୀ ଡିଜାଇନ୍‌ର ପଶମ ଶାଲର ମୂଲ୍ୟ ଅଧିକ ହେଲେବି ମହିଳା ଏହାକୁ ଅଧିକ ଖୋଜୁଛନ୍ତି। ଏହାର ଦାମ୍ ୫ଶହରୁ ଆରମ୍ଭ ହୋଇ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଅଛି।

## ଆଇଜିଏଚ୍‌ରେ ଆକ୍ୟୁଟ୍ ପେନ୍‌କ୍ରିଆଟିସ୍‌ର ସଫଳ ଚିକିତ୍ସା



**ରାଉରକେଲା, ୧୯।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ଅଭିଜ୍ଞ ଡାକ୍ତରମାନେ ସହରର ସ୍ୱନାମଧନ୍ୟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡା. ପି.କେ. ମହାପାତ୍ରଙ୍କ ନେତୃତ୍ୱରେ ମଦ୍ୟପାନ ପ୍ରତ୍ୟାହାର ଜନିତ ତୀବ୍ର ଗମ୍ଭୀର ପେନକ୍ରିଆଟିସ୍ ରୋଗ ଚିହ୍ନଟ ହୋଇଥିବା ଜଣେ ଗୁରୁତର ରୋଗୀଙ୍କ ସଫଳତାର ସହିତ ଚିକିତ୍ସା କରିଛନ୍ତି। ରୋଗୀ ଜଣକ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ପହଞ୍ଚିଥିଲେ ଏବଂ ତୁରନ୍ତ ବିଶେଷଜ୍ଞ ଚିକିତ୍ସା ହସ୍ତକ୍ଷେପ ଆବଶ୍ୟକ କରୁଥିଲେ। ସୂଚନାଯୋଗ୍ୟ, ଆଇଜିଏଚର ବରିଷ୍ଠ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ପରାମର୍ଶଦାତା ତଥା ପୂର୍ବତନ ସିଏମଓ ଡା. ପି. କେ. ମହାପାତ୍ର ଓ ବରିଷ୍ଠ ପରାମର୍ଶଦାତା ଡାକ୍ତର ମୋନାଲିସା ମହାନ୍ତିଙ୍କ ନେତୃତ୍ୱରେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଦଳ ଉକ୍ତ ତୀବ୍ର ପାନକ୍ରିଏଟାଇଟିସ୍‌ର ତୁରନ୍ତ ନିର୍ଣ୍ଣୟ କରିବା ସହ ଚିକିତ୍ସା ଆରମ୍ଭ କରିଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଅତିରିକ୍ତ ସିଏମଓ ତଥା ସିସିୟୁ ଇନ ଚାର୍ଜ ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀ ଏବଂ ଏସ୍‌ଡିଏମଓ ଡାକ୍ତର ପିଜେ ରାୟଙ୍କ ନେତୃତ୍ୱରେ ଚିକିତ୍ସକ ଦଳ ରୋଗୀଙ୍କୁ ସ୍ଥିର କରିବା ପାଇଁ ସତର୍କ ନଜର ଏବଂ ପ୍ରମାଣ ଆଧାରିତ ହସ୍ତକ୍ଷେପ ଗ୍ରହଣ ପୂର୍ବକ ଚିକିତ୍ସା ପ୍ରଦାନ କରିଥିଲେ। ଏହି ସଫଳ ଚିକିତ୍ସାର ଏକ ପ୍ରମୁଖ ଉପାଦାନ ମଧ୍ୟରେ ଆଇସିୟୁ ନର୍ସିଂ ଦଳର ଅସାଧାରଣ ଯୋଗଦାନ ମଧ୍ୟ ରହିଥିଲା। ବରିଷ୍ଠ ନର୍ସିଂ ସିଷ୍ଟର ସାଇନି ଜର୍ଜ ଏବଂ ନର୍ସିଂ ସିଷ୍ଟର ଅନିତା ଜେନାଙ୍କ ନେତୃତ୍ୱରେ ନର୍ସମାନେ ଉତ୍କୃଷ୍ଟ ସତର୍କତା, କ୍ଲିନିକାଲ୍ ବିଶେଷଜ୍ଞତା ଏବଂ କରୁଣାପୂର୍ଣ୍ଣ ଚିକିତ୍ସା ଯତ୍ନ ନେଇଥିଲେ। ଯାହା ରୋଗୀଙ୍କ ସ୍ଥିରତା ଏବଂ ଆରୋଗ୍ୟରେ ନିର୍ଣ୍ଣାୟକ ପ୍ରମାଣିତ ହୋଇଥିଲା। କ୍ଲିନିକାଲ୍ ଉନ୍ନତି ପରେ ରୋଗୀ ଆଇଜିଏଚର ମାନସିକ ସ୍ୱାସ୍ଥ୍ୟ ବିଭାଗ ମାଧ୍ୟମରେ ଏକ ସଂରଚିତ ନିଶା ନିବାରଣ ଏବଂ ପୁନର୍ବାସ କାର୍ଯ୍ୟକ୍ରମରେ ନିଜକୁ ପରିବର୍ତ୍ତନ କରିବେ, ଯାହା ଦୀର୍ଘକାଳୀନ ସାମଗ୍ରିକ ସହାୟତା ସୁନିଶ୍ଚିତ କରିବ। ଏହି ମାମଲା ସୁଗମ ଦଳଗତ କାର୍ଯ୍ୟ, ନର୍ସିଂ ନେତୃତ୍ୱ ଏବଂ ବ୍ୟାପକ ଯତ୍ନ ମାଧ୍ୟମରେ ଜଟିଳ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବାରେ ଆଇଜିଏଚର ଉତ୍କର୍ଷତାକୁ ଗୁରୁତ୍ୱାରୋପ କରୁଛି।

### ୬୯ ତମ ଜାତୀୟ ଖୋ ଖୋ ପ୍ରତିଯୋଗିତା

## ଓଡ଼ିଶା ଦଳରେ ଖେଳିବେ କୁଆଁରମୁଣ୍ଡାର ବିକାଶ



**ରାଉରକେଲା, ୧୯।୧୨(ସମିସ):** ସ୍କୁଲ ଗେମ୍ସ ଫେଡେରେସନ ଅଫ୍ ଇଣ୍ଡିଆ(ଏସ୍‌ଜିଏଫ୍‌ଆଇ) ଆନୁକୂଲ୍ୟରେ ଉତ୍ତର ପ୍ରଦେଶର ଅଯୋଧ୍ୟାଠାରେ ଡିସେମ୍ବର ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ୧୭ ବର୍ଷରୁ କମ୍ ବୟସର ବାଳକ ଓ ବାଳିକା ପାଇଁ ଅନୁଷ୍ଠିତ ହେବ ୬୯ତମ ଜାତୀୟ ସ୍କୁଲ ଖୋ ଖୋ ପ୍ରତିଯୋଗିତା। ଏଥିରେ ଓଡ଼ିଶା ବାଳକ ଦଳ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ବ୍ଲକର ବିକାଶ ବଡାଇକ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଗତ ନଭେମ୍ବର ମାସ କେନ୍ଦୁଝରେ ଜିଲ୍ଲା ଠାରେ ଆୟୋଜିତ ଆନ୍ତଃ ଜିଲ୍ଲା ବିଦ୍ୟାଳୟ ଖୋ ଖୋ ପ୍ରତିଯୋଗିତାରେ ବିକାଶ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦ ଦ୍ୱାରା ଗଠିତ ଦଳରେ ପ୍ରତିନିଧିତ୍ୱ କରିବା ସହ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ। ବିକାଶ ବଡ଼ଗା ବ୍ଲକ ବଡ଼ ଡଖାମାନ ଗାଁର ବୀରେନ୍ଦ୍ର କୁମାର ବଡ଼ାଇକି ଓ ରତାନୀ ବଡ଼ାଇକିଙ୍କ ପୁଅ। ବିକାଶ ପଦମପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ନବମୀ ଶ୍ରେଣୀରେ ପାଠ ପଢୁଥିବା ବେଳେ ରାଜ୍ୟସ୍ତରୀୟ ଖୋ ଖୋ ରେଫରୀ ତଥା ଖୋ ଖୋ ପ୍ରଶିକ୍ଷକ ଅନିଲ ସାହୁଙ୍କ ଅଧୀନରେ ସେ ୩ ବର୍ଷ ହେଲା ଖେଳ ଅଭ୍ୟାସ କରୁଥିଲେ। ଜାତୀୟସ୍ତରୀୟ ଖୋ ଖୋରେ ବିକାଶ ଯୋଗ ଦେବାକୁ ମନୋନୀତ ହୋଇ ଜିଲ୍ଲା ତଥା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏହି ଖବର ପ୍ରଚାର ହେବା ପରେ କୁଆଁରମୁଣ୍ଡା ବି. ନମିତା ମହାପାତ୍ର, ଏବିଇଓ ତପସ୍ୱିନୀ ମହନନ୍ଦିଆ, ବିଡିଓ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀତା ଲାକ୍ରା, ଖେଳ ଶିକ୍ଷକ କରିସ୍ମା ତିର୍କି, ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ସାମଲ ଓ ବ୍ଲକ କ୍ରୀଡା କମିଟି ସମ୍ପାଦକ ଦୁଷ୍ମନ୍ତ ମହାନ୍ତ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଭଲିବଲ୍ ଟୁର୍ଣ୍ଣାମେଣ୍ଟ; କୋଇଡ଼ା ଜୁନିୟର ଚାମ୍ପିଅନ୍

**କୋଇଡା, ୧୯।୧୨(ସମିସ):** କୋଇଡା ଭଲିବଲ୍ ଟୁର୍ଣ୍ଣାମେଣ୍ଟ-୨୦୨୫ କୋଇଡା ଜଗନ୍ନାଥ ମନ୍ଦିର ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ



କୋଇଡା ଆଡମିନ୍, କୋଇଡା ପୁଲିସ୍, ମିଡିଆ, ଟେନସା ଭଲିବଲ୍ ଆସୋସିଏସନ, କୋଇଡା ସିନିୟର ଓ କୋଇଡା ଜୁନିୟର ମୋଟ୍ ୬ ଗୋଟି ଟିମ୍ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କୋଇଡା ବିଡିଓ ସମରେନ୍ଦ୍ର କୁମାର ସାରା, କୋଇଡା ଜିଲ୍ଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ଣ୍ଣାମେଣ୍ଟ ପ୍ରାରମ୍ଭ କରିଥିଲେ। ଲିଗ୍ ମ୍ୟାଚ୍ ହେବା ପରେ ପରିଶେଷରେ ଏହାର ଫାଇନାଲ ମୁକାବିଲ କୋଇଡା ଜୁନିୟର ଓ ମିଡିଆ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କୋଇଡା ଜୁନିୟର ଟିମ୍ ମିଡିଆ ଟିମ୍‌କୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, ଜିଭିପିଆର୍ ଖଣି ପ୍ରବନ୍ଧକ ଚନ୍ଦ୍ରକାନ୍ତ ରଥ, ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ଜୁନିୟର ମାଇନିଂ ଅଧିକାରୀ ଅବନୀ ବିଶ୍ୱାଳ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପରିଡ଼ା ଯୋଗଦେଇ ଚାମ୍ପିଅନ୍ ଓ ରନର୍ସପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଶ୍ରେଷ୍ଠ ଖେଳାଳି ଭାବେ ଅବନୀ ବିଶ୍ୱାଳ, ଶ୍ରେଷ୍ଠ ସ୍ମାସର ଭାବେ ବିବେକ ପ୍ରଧାନ ଓ ଶ୍ରେଷ୍ଠ ଡିଫେନ୍ସ ଭାବେ ସୁଶାନ୍ତ ଦାଶଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ଦ୍ୱିତୀୟ ବାର୍ଷିକ ପୁଲିସ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ରାଉରକେଲା, ୧୯।୧୨(ସମିସ):** ରାଉରକେଲା ଜିଲ୍ଲା ପୁଲିସ ଆନୁକୂଲ୍ୟରେ ଶୁକ୍ରବାର ରିଜର୍ଭ ପୁଲିସ ପଡ଼ିଆଠାରେ ଦ୍ୱିତୀୟ ବାର୍ଷିକ ପୁଲିସ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ନୀତେଶ ୱାଧୱାନୀ ଯୋଗ ଦେଇଥିଲେ। ସିଆଇଏସଏଫ୍ ସିନିୟର କମାଣ୍ଡାଣ୍ଟ ବିଜୟ କୁମାର ଓ ଚତୁର୍ଥ ଓଏସଏପି କମାଣ୍ଡାଣ୍ଟ ପ୍ରମୋଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗୁଜରାଟର ରାଜକୋଟଠାରେ ଅନୁଷ୍ଠିତ ସର୍ବଭାରତୀୟ ପୁଲିସ ହକି ଚାମ୍ପିଅନ୍‌ସିପରେ ଉତ୍ତର ପ୍ରଦେଶ ପୁଲିସକୁ ୨-୧ ଗୋଲ୍‌ରେ ପରାସ୍ତ କରି କାଂସ୍ୟ ପଦକ ହାସଲ କରିଥିବା ଓଡ଼ିଶା ପୁଲିସ ମହିଳା ହକି ଦଳ, ଗଞ୍ଜାମଠାରେ ଅନୁଷ୍ଠିତ ରାଜ୍ୟ ପୁଲିସ ବ୍ୟାଡମିଣ୍ଟନ ଚାମ୍ପିଅନ୍‌ସିପ୍‌ରେ ସିଙ୍ଗଲ୍ସ ଓ ଡବଲ୍ସ ବର୍ଗରେ ମୋଟ ୪ଟି ପଦକ ହାସଲ କରିଥିବା ପଶ୍ଚିମାଞ୍ଚଳ ପୁଲିସ ବ୍ୟାଡମିଣ୍ଟନ ଦଳକୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପୁଲିସ, ଏପିଆର ଫୋର୍ସ, ପିଏସ ଷ୍ଟାଫ୍, ଡିଭିଏଫ୍ ୟୁନିଟ୍, ଟ୍ରାଫିକ୍ ପୁଲିସ ଏବଂ ହୋମଗାର୍ଡ ବାହିନୀର ପ୍ରାୟ ୬୦୦ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଦୌଡ଼, ଉଚ୍ଚ ଡିଆଁ, ଲଙ୍ଗ୍ ଜମ୍ପ, ସଟପୁଟ୍, ଡିସ୍କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ଗୁଡ଼ିକୁ ୪୦ ବର୍ଷରୁ କମ୍ ଓ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସ ବର୍ଗରେ ବିଭକ୍ତ କରାଯାଇଛି। ଏହାସହ କ୍ରିକେଟ୍, ଫୁଟବଲ୍ ଓ ଭଲିବଲ୍ ମଧ୍ୟ ସାମିଲ ରହିଛି। ଆଗାମୀ ୨୧ ତାରିଖରୁ ୩ ଦିନ ଧରି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ଜଙ୍ଗଲ ଜମି ହରାଙ୍କୁ କ୍ଷତିପୂରଣ ଦେବାକୁ ବିଜେଡିର ଦାବି

**ରାଉରକେଲା, ୧୯।୧୨(ସମିସ):** ସୁନ୍ଦରଗଡ଼ ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଦର୍ଲିପାଲି ଠାରେ ନିର୍ମାଣ ହୋଇଥିବା ଏନଟିପିସିର ବିଦ୍ୟୁତ ପ୍ରକଳ୍ପ ନିକଟରେ ଥିବା ଗ୍ରାମବାସୀ ଏନଟିପିସି ପ୍ରକଳ୍ପରୁ ବାହାରୁଥିବା ପାଉଁଶର ପ୍ରଦୂଷଣ ଯୋଗୁଁ ଘୋର ଦୁର୍ଦ୍ଦଶା ଭୋଗୁଥିବାବେଳେ ପ୍ରକଳ୍ପ ପାଇଁ ଜମି ହରାଇଥିବା ହିତାଧିକାରୀ କ୍ଷତିପୂରଣ ନ ପାଇ ହଇରାଣ ହେଉଛନ୍ତି। ଏମିତି ଏକ ଘଟଣାରେ ଦର୍ଲିପାଲି ଆଖପାଖ ଗ୍ରାମର କେତେକ ଲୋକ ଗତ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ହେବ ସେମାନେ ଜିଲ୍ଲାପାଳଙ୍କ ପାଖରୁ ଜଙ୍ଗଲ ଜମିର ସତ୍ୱ (ପଟ୍ଟା) ପାଇଛନ୍ତି। କିନ୍ତୁ ଏହି ଜଙ୍ଗଲ ଜମି ପଟ୍ଟା ପାଇଥିବା ସତ୍ତ୍ୱେ ହିତାଧିକାରୀମାନଙ୍କୁ କୌଣସି କ୍ଷତିପୂରଣ ନ ଦେଇ ସେମାନଙ୍କ ଜମିର ଚାରିଆଡ଼େ ସିମେଣ୍ଟ କାନ୍ଥ ଦେଇ ଏନଟିପିସି ପ୍ରକଳ୍ପ କର୍ତ୍ତୃପକ୍ଷ ତାଙ୍କ ଅକ୍ତିଆରକୁ ନେଇ ଯାଇଛନ୍ତି। ଏ ବିଷୟରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି



ତଥା ବିଜେଡିର ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ ଜମି ହରେଇଥିବା ଲୋକଙ୍କ ପାଖରୁ ଜାଣିବା କ୍ଷଣି ସୁନ୍ଦରଗଡ଼ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜମି ଅଧିଗ୍ରହଣ ଅଧିକାରୀଙ୍କୁ ଜଣେଇବା ସହିତ ଆଜି ଏନ୍‌ଟିପିସି ସ୍ଥିତ ପ୍ରଶାସନିକ କାର୍ଯ୍ୟାଳୟରେ ପ୍ରକଳ୍ପର ମାନବସମ୍ବଳ ବିଭାଗ ମୁଖ୍ୟ ସଞ୍ଜିତ କୁମାର ମିଂଜଙ୍କୁ ସାକ୍ଷାତ କରି ଏ ବିଷୟରେ ପ୍ରାଞ୍ଜଳ ଭାବରେ ବୁଝେଇଛନ୍ତି। ଶୀଘ୍ର ଜମିହରା ବ୍ୟକ୍ତିମାନଙ୍କୁ ତାଙ୍କ କ୍ଷତିପୂରଣ ଦିଆଯାଉ ବୋଲି ଦାବି କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏ ବିଷୟରେ ସବୁ ଜାଣିବାପରେ ମାନବସମ୍ବଳ ବିଭାଗ ମୁଖ୍ୟ ଶ୍ରୀ ମିଂଜ ଏନ୍‌ଟିପିସି ପ୍ରକଳ୍ପରେ ଜଙ୍ଗଲ ଜମି କ୍ଷତିପୂରଣ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଜିତେନ୍ଦ୍ରୀୟ ଗଡ଼ନାୟକଙ୍କୁ ଡାକି ଏସବୁ ବିଷୟରେ ପଚାରି ବୁଝିଥିଲେ ଏବଂ ପ୍ରକଳ୍ପରେ ଯେଉଁ ବ୍ୟକ୍ତିମାନଙ୍କର ଜଙ୍ଗଲ ଜମି ଯାଉଥିବ ସେମାନଙ୍କୁ ଶୀଘ୍ର ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ଦିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହି ଦାବିପତ୍ର ଦେବା ଓ ଆଲୋଚନା ସମୟରେ ବିଧାୟକ ପ୍ରତିନିଧି ତଥା ବିଜେଡି ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ସୁନ୍ଦରଗଡ଼ ପୌରପାଳିକାର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଓ ଏନ୍‌ଟିପିସି ପ୍ରକଳ୍ପରେ ଜଙ୍ଗଲ ଜମି ହରାଉଥିବା ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ।

## ବ୍ରାହ୍ମଣୀ ନଦୀରେ ବୁଡ଼ି ଯୁବକ ମୃତ

**ବଣାଇଁ, ୧୯।୧୨(ସମିସ):** ଚାନ୍ଦିପୋଷ ଥାନା ବରଘାଟ ଗ୍ରାମର ଜଣେ ଯୁବକ ଆଜି ବ୍ରାହ୍ମଣୀ ନଦୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ସୂଚନାନୁଯାୟୀ, ବରଘାଟ ଗ୍ରାମର ହରି ଓରାମ (୩୧) ତାଙ୍କ ଭାଇ ରବି ଓରାମଙ୍କ ସହିତ ଆଜି ଦିନ ୨ଟା ରେ ଗ୍ରାମ ନିକଟରେ ଥିବା ବ୍ରାହ୍ମଣୀ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ହରି ନଦୀରେ ଗାଧେଇବା ସମୟରେ ବୁଡି ଯାଇଥିଲେ। ରବି ତାଙ୍କୁ ପାଣିରୁ ଉଠାଇ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାନ୍ଦିପୋଷ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବାବେଳେ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।



ସକାଳ THE SAKALA



# ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚ ପକ୍ଷରୁ ବିକ୍ଷୋଭ

ନୀଳଗିରି, ୧୯ ।୧୨(ସମିସ)




କୁଳଡିହା ଅଭୟାରଣ୍ୟରେ ବସବାସ କରୁଥିବା ଲୋକମାନଙ୍କୁ ଉଚ୍ଛେଦକରିବା ପାଇଁ ପ୍ରଶାସନପକ୍ଷରୁ ବାରମ୍ବାର ନୋଟିସ୍ କରାଯାଉଛି। ଲୋକମାନେ ଏହାଦ୍ୱାରା ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବନବିଭାଗ ପକ୍ଷରୁ ସାଧାରଣ ଲୋକଙ୍କ ଉପରେ ଜୁଲମ୍ କରାଯାଇଛି। ଏପରିକି ସାଧାରଣ ଲୋକ ମାନଙ୍କୁ ବିନାକାରଣରେ ଘରୁ ଧରିଆଣି ଅତ୍ୟାଚାର କରାଯାଉଛି। ଅଭୟାରଣ୍ୟ ସୀମା ବାବଦରେ ଉଚ୍ଚନ୍ୟାୟାଳୟରେ ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚ ପକ୍ଷରୁ ମୋକଦ୍ଦମା ଚାଲୁଥିବା ବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧ କରାଯାଇଛି। ଆଜି ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ଲୋକ ଜଗନ୍ନାଥମନ୍ଦିର ଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବାପରେ ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭରେ ପୂର୍ବତନ ସରପଞ୍ଚ ରଘୁନାଥ ସିଂ ସଭାପତିତ୍ୱ କରିଥିଲେ। ଉକ୍ତସଭାରେ ଆଦିବାସୀ ରାଜ୍ୟ ନେତା ଚାମୁରୁ ସୋରେନ, ଜ୍ୟୋତିର୍ମୟ ରାଉତ, ଯୋଗାନନ୍ଦ ଦାସ, ଅଶୋକ ଦାସ, ଯାମିନୀ ହାଁସଦା, ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ଜଗନ୍ନାଥ ସିଂ, ଲକ୍ଷ୍ମୀଧର ସାହୁ, ସତ୍ୟଜିତ ଦାସ, ସୁରେଶ ନାୟକ, ମନୋରଞ୍ଜନ ସାହୁ, ମହେଶ୍ୱର ଭୂୟାଁ, କାଳିଆ ପାତ୍ର, ଉମାକାନ୍ତ ଷଡଙ୍ଗୀ, ସିତାଂଶୁ ସେନାପତି, ନିର୍ମଳ ନାୟକ, ଶିଶିର ହୁଇ, ସୁଶାନ୍ତ ଜେନା, ନାରାୟଣ ଧାମୁଡ଼ିଆ, ହାଡ଼ିବନ୍ଧୁ ସିଂଙ୍କ ସମେତ ବହୁସାଥୀ ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ଏହି ଉପଲକ୍ଷେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାଞ୍ଚହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କୁ ଦିଆଯାଇଛି। ଯଦି ପ୍ରଶାସନ ପକ୍ଷରୁ ଲୋକମାନଙ୍କ ଉପରେ ବାରମ୍ବାର ନୋଟିସ ଲଗାଇ ଓ ଭୟଭୀତ କରିବା ବନ୍ଦ ନ ହୁଏ ଆଗାମୀ ଦିନରେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରଶାସନକୁ ଦୃଢ ଯବାବ ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

## ଷଣ୍ଢ ଆକ୍ରମଣରେ ୪ ଆହତ

ଜଳେଶ୍ୱର ବ୍ଲକ, ୧୯ ।୧୨(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଥାନା ଅଞ୍ଚଳର ଉପରକୁଣ୍ଡି ଗ୍ରାମରେ ଏକ ଷଣ୍ଢକୁ ରକ୍ତାକ୍ତ ଅବସ୍ଥାରେ ମୟୂରଭଞ୍ଜ ଅଞ୍ଚଳରେ କିଛି ବ୍ୟକ୍ତି ଆଣି ନୂଆଗାଁ ଗାଁ ମୁଣ୍ଡରେ ଛାଡ଼ି ପାଳଇ ଥିଲେ। ଷଣ୍ଢଟି ଯନ୍ତ୍ରଣାରେ ଜର୍ଜରିତ ହୋଇ ଶଶାଙ୍କ ନାୟକ, ଉମେଶ ଗାନ୍ଧି ସପନ ଗାନ୍ଧି, ଶିଶିର ଗାନ୍ଧିଙ୍କୁ ଆକ୍ରମଣ କରି ଲହୁ ଲୁହାଣ କରି ସାରିଛି। ଗ୍ରାମବାସୀ ଏହି ବୁଲା ଷଣ୍ଢ ଆକ୍ରମଣରୁ ରକ୍ଷା ପାଇବା ପାଇଁ ବାଲେଶ୍ୱର ଜିଲ୍ଲା ପ୍ରାଣୀ ବିଭାଗ ଠାରୁ ଜଳେଶ୍ୱର ଅଗ୍ନିସମ ବିଭାଗ, ରାଇବଣିଆ ପ୍ରାଣୀ ବିଭାଗ ଓ ବନ ବିଭାଗକୁ ଜଣାଇ ଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସୋର, ୧୯ ।୧୨(ସମିସ): ସୋର ପୌରପାଳିକା ଅଧୀନ କୋର୍ଟ ଛକ ନିକଟରେ ଥିବା ବଡ଼ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ସୋର ପୁଲିସ ଉଦ୍ଧାର କରିଛି। ସୂଚନା ଅନୁସାରେ ସୋର ଥାନା ଦହିସଡା ପଞ୍ଚାୟତ ସୁଲତାନପୁର ଗ୍ରାମର ଦେବେନ୍ଦ୍ର ନାୟକ(୫୯) ଗତକାଲି ସନ୍ଧ୍ୟାରେ ସୋର କୋର୍ଟ ସମ୍ମୁଖ ବଡ଼ପୋଖରୀ ନିକଟରେ ବୁଲୁଥିବାର ସ୍ଥାନୀୟ ଲୋକ ଦେଖିଥିଲେ। ମାତ୍ର ଆଜି ସକାଳେ ସ୍ଥାନୀୟ ଲୋକେ ପୋଖରୀ ପାଣିରେ ତାଙ୍କ ମୃତଦେହ ଭାସୁ ଥିବାର ଦେଖି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଏକ ଦମକଳ ସହ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହକୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ନୀଳଗିରି ସହରକୁ ରାତିଅଧିଆ ପଶିଲେ ଦନ୍ତା

ନୀଳଗିରି, ୧୯ ।୧୨(ସମିସ): ଗୁରୁବାର ରାତିପ୍ରାୟ ୩ଟା ସମୟରେ କୁଳଡିହାରୁ ଦୁଇଟି ଦନ୍ତାହାତୀ ନୀଳଗିରି ସହରମୁହାଁ ହୋଇଥିଲେ। ତେବେ ଏଥିରେ କିଛି କ୍ଷୟକ୍ଷତି କରି ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କୁଳଡିହା ଜଙ୍ଗଲରୁ ଦୁଇଟି ଦନ୍ତା ମିରିଗିଣି ଗ୍ରାମ ପାରହୋଇ ପ୍ରଥମେ କଦମସାହି ଛକରେ ପହଞ୍ଚିଥିଲେ। ପରେ ସେଥିରୁ ଗୋଟିଏ ଦନ୍ତା କଦମସାହି ଛକରେ ବୁଲୁଥିବାର ପଥଚାରି ଦେଖି ଭୟଭୀତ ହୋଇପଡ଼ିଥିଲେ। ଅନ୍ୟ ଏକଦନ୍ତା ବାଇପାସ୍ ରୋଡ ମହିଳା ମହାବିଦ୍ୟାଳୟ ଦେଇ ସ୍ୱର୍ଗତ ହରିହର ମହାପାତ୍ରଙ୍କ ବାଡ଼ି ଭିତରେ ପଶି ଷ୍ଟେଟବ୍ୟାଙ୍କ ନିକଟସ୍ଥ ବେବର୍ତ୍ତା ପୋଖରୀଠାରେ ପହଞ୍ଚିଥିଲେ। ପରେ ପୋଖରୀ କଡ଼ଦେଇ ଧୀର ବିଶ୍ୱାଳଙ୍କ ବାଡ଼ିରେ ପଶିଥିଲା। ହାତୀର ଶବ୍ଦଶୁଣି ଧୀର ବିଶ୍ୱଳ ବିଛଣାରୁ ଉଠିପଡ଼ିଥିଲେ। ହାତୀକୁ ଘଉଡ଼ାଇବାରୁ ବୁଦ୍ଧିଆ ମିଶ୍ର ବାଡ଼ି ଦେଇ କଦମସାହି ଛକ ପାରହୋଇ ଦନ୍ତାଦୁଇଟି କୁଳଡିହା ଜଙ୍ଗଲକୁ ପଳାଇ ଯାଇଥିଲେ। ତେବେ ଅଭୟାରଣ୍ୟ ପାଦଦେଶରେ ହାତୀଙ୍କର ପ୍ରାଦୁର୍ଭାବ ଥିବାବେଳେ ଏବେ ସହରକୁ ପଶିବା ଫଳରେ ସହରବାସୀ ମଧ୍ୟ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏଥିପ୍ରତି ବନବିଭାଗ ଦୃଷ୍ଟିଦେବାକୁ ସହରବାସୀ ଦାବୀ କରିଛନ୍ତି।



# ମେରା ଯୁବାଭାରତ ଓ ହଜାରିମାମି ଫାଉଣ୍ଡେସନ ପକ୍ଷରୁ କ୍ରୀଡ଼ା



ନୀଳଗିରି, ୧୯ ।୧୨(ସମିସ): ଭାରତ ସରକାରଙ୍କ ମେରା ଯୁବାଭାରତ ବାଲେଶ୍ୱର ଶାଖା ଏବଂ ହଜାରୀ ମାମି ଫାଉଣ୍ଡେସନ ଆନୁକୂଲ୍ୟରେ ନୀଳଗିରି ବ୍ଲକ ମଚ୍ଛୁଆ ପଞ୍ଚାୟତ ସାନକାଳିଆପଦା ଖେଳପଡ଼ିଆ ଠାରେଗତ୧୪ତାରିଖବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଫାଉଣ୍ଡେସନର ସଭାପତି ହଜାରିଲାଲ ମହାନ୍ତି ଏହି କ୍ରୀଡାପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପୁରୁଷ ବିଭାଗରେ ୨ଶହମିଟର ଦୌଡ଼, ଭଲିବଲ, ବ୍ୟାଡ ମିଣ୍ଟନ ଆଦି ଅନୁଷ୍ଠିତ ହୋଇଥିଲାବେଳେ ମହିଳାବିଭାଗରେ କବାଡି, ୨୦୦ମିଟର ଦୌଡ଼, ବ୍ୟାଡମିଣ୍ଟନ୍ ଆଦି କ୍ରୀଡାପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସରପଞ୍ଚ କମଳାକାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାରବିତରଣ କରିଥିଲେ। ମଧୁସୂଦନ ନାୟକ ସହଯୋଗ କରିଥିଲେ।

## ପ୍ରାକ୍ତନ ପିସିସି ବ୍ଲକ କଂଗ୍ରେସ ସଭାପତିଙ୍କ ବିୟୋଗ

ଜଳେଶ୍ୱର, ୧୯ ।୧୨(ସମିସ): ଜଳେଶ୍ୱର ବ୍ଲକର ପ୍ରାକ୍ତନ କଂଗ୍ରେସ ସଭାପତି ତଥା ପ୍ରଦେଶ କଂଗ୍ରେସର ୩ଥର ସଭ୍ୟ ସତ୍ୟନାରାୟଣ ଦାସ (୭୨) ବାବୁଲା ଭାଇଙ୍କ ନୂଆବଜାର ସ୍ଥିତ ବାସଭବନରେ ଶୁକ୍ରବାର ସଂଧାରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନୀତ ରୋଗରେ ପଡ଼ି ଶଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁ ସୂଚନା ପାଇ ଦଳମତ ନିର୍ବିଶେଷରେ ବହୁ ରାଜନେତା, କର୍ମୀ, ପ୍ରଶଂସକ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ନଗରପାଳ ପ୍ରତୀପ୍ କୁମାର ପ୍ରଧାନ, ପ୍ରାକ୍ତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ବେଜେପି ନେତା ବ୍ରଜମୋହନ ପ୍ରଧାନ, ପ୍ରାକ୍ତନ କଂଗ୍ରେସ ବ୍ଲକ ସଭାପତି ରାଜୀବ ପରିଡ଼ା, ହେମନ୍ତ ଗିରି, ଧ୍ରୁବଚରଣ ପାଳ, ବାମଦଳ ନେତା ଦିଲୀପ ଗିରି, ଦିଲ୍ଲୀପ ପରିଡ଼ା, ଜାତାଂଶୁ ନନ୍ଦୀ, କାଉନସିଲର ଶିବ ନାରାୟଣ ମହାପାତ୍ର, ରାଜେଶ ଖଟୁଆ, ଭରତ ଦତ୍ତ, ସୁଦାମ ପାତ୍ର, ହରିଶଙ୍କର ଜେନା, ରାଧାଶ୍ୟାମ ସାହୁ, ସୌଭିକ ଜେନା, ଖଗେନ୍ଦ୍ର ସାମଲ, ଦୁର୍ଗାଶଙ୍କର ଆସ, ସତ୍ୟବ୍ରତ ଦାସ, ମନୋଜ ସାସମଲ, ଜଗଦୀଶ ନନ୍ଦୀ, ମିହିର ଦାସ, ହରିଶ ଭୂୟାଁ, ବିଦ୍ୟାଧର ମଲ୍ଲିକ ପ୍ରମୁଖ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରାକ୍ତନ କଂଗ୍ରେସ ସାଂସଦ ଶ୍ରୀକାନ୍ତ ଜେନା, ଗବେଷକ ଶ୍ରୀକାନ୍ତ ପାତ୍ର, କଂଗ୍ରେସ ନେତା ସୁଦର୍ଶନ ଦାସ, ପ୍ରାକ୍ତନ ଜିଲ୍ଲା ସଭାପତି ସଞ୍ଜୀବ ଗିରି ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ସୁବର୍ଣ୍ଣରେଖା ନଦୀକୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁତ୍ର ନୀଳ ଲୋହିତ ଦାସ ମୁଖାଗ୍ନି ଦେଇଥିଲେ।



# ନାସି ଏକ୍ସପୋ ପ୍ରଦର୍ଶନୀ ଉଦ୍‌ଘାଟିତ




ବାଲେଶ୍ୱର, ୧୯ ।୧୨(ସମିସ): ଓଡ଼ିଶା ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ସହଯୋଗରେ 'ଉତ୍ତର ଓଡ଼ିଶା ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ୍' (ନୋସି) ପକ୍ଷରୁ 'ଶିଳ୍ପ ଓ ଗ୍ରାହକ ଏକ୍ସପୋ ଏବଂ ଅଟୋ ଏକ୍ସପୋ' ବାମପଦା ସ୍ଥିତ ନୋସି ବିଜନେସ୍ ପାର୍କରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଶାସକ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲ୍ଲାପାଳ ଶିବ ମାଲବିୟଅରବିନ୍ଦ ରାଜଶିର୍କେ, ରାଜ୍ୟ ଶିଳ୍ପ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ପି ପ୍ରଭାକର ରାଓ, ଏମ୍‌ଏସ୍‌ଏମ୍‌ଇ ବିଭାଗ ନିର୍ଦ୍ଦେଶକ ପିକେ ଗୁପ୍ତା ଓ ବାଲେଶ୍ୱର ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ କମର୍ସ ସଭାପତି ସଞ୍ଜୟ ଦାସ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ନୋସି ଅଧ୍ୟକ୍ଷ ପ୍ରଜୟ କୁମାର ଡାଭେ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ସହ 'ଶିଳ୍ପ ଓ ଗ୍ରାହକ ଏକ୍ସପୋ ଏବଂ ଅଟୋ ଏକ୍ସପୋ'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉପ-ସଭାପତି ସୁବ୍ରତ ନାୟକ ଧନ୍ୟବାଦ ଦେଇଥିଲେ। ନୋସି ସମ୍ପାଦକ ହରିଶ ପଟେଲ, ଟ୍ରଷ୍ଟ ବୋର୍ଡ ସଦସ୍ୟ ଚନ୍ଦ୍ର ପ୍ରକାଶ ଭରତିଆ, କାର୍ଯ୍ୟକାରିଣୀ ସଦସ୍ୟ ଶିବୁ ପୋଦାର, ଦେବାଶିଷ ଦାସ, ଆଦିତ୍ୟ ବେହେରା, ସୋନୁ ଖଣ୍ଡେଲୱାଲ, ସୌରଭ ରାଠୀ, ଅମନ କୁମାର ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରସନ୍ନ କୁମାର ଏକାଡେମୀର ବାର୍ଷିକୋତ୍ସବ

ଚନ୍ଦନେଶ୍ୱର, ୧୯ ।୧୨(ସମିସ): ଭୋଗରାଇର ପ୍ରସନ୍ନ କୁମାର ଏକାଡେମୀ ଝାଟିବଣୀର ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ଉତ୍ସବରେ ଶିକ୍ଷାବିତ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀହରି ଚରଣ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜସେବୀ ତଥା ବିଜେପି ନେତା ଅଂଶୁମାନ ମହାନ୍ତି, ଦକ୍ଷିଣ ଭୋଗରାଇ ଓସ୍କାର ପୂର୍ବତନ ସଭାପତି ଶ୍ରୀନିବାସ ଚନ୍ଦ୍ର ପ୍ରଧାନ, ଜଳସୋହରିଆ ସରପଞ୍ଚ ସିନ୍ଧୁବତୀ ଦଳାଇ ପ୍ରମୁଖ ଯୋଗଦେଇ ପିଲାଙ୍କ ମଧ୍ୟରେ ଥିବା ଆତ୍ମ ବିଶ୍ୱାସକୁ ବୃଦ୍ଧି କରି ଲକ୍ଷ୍ୟ ସାଧନ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ଅନିନ୍ଦିତା ଦାସ ଅତିଥି ପରିଚୟ, ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଦାସ ବିବରଣୀ ପାଠ କରିଥିବା ବେଳେ ଦେବଶଙ୍କର ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ ଅନ୍ନପୂର୍ଣ୍ଣା ଗିରି, ପ୍ରଫୁଲ୍ଲ ପ୍ରଧାନ, ରାଧାକାନ୍ତ ପ୍ରଧାନ, ସୁଶାନ୍ତ ମାହାନା, ଲକ୍ଷ୍ମୀକାନ୍ତ ଦାସ, ସୁଶାନ୍ତ ବାରିକ, ଦେବୀ ପ୍ରସାଦ ବେହେରା, ସୁଶାନ୍ତ ପାତ୍ର, ରାଜୁ ଚରଣ ଗିରି, ରାଜେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଧାନ ମଣ୍ଡି ଶୀଘ୍ର ଖୋଲିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଜଳେଶ୍ୱର, ୧୯ ।୧୨(ସମିସ): ଆଦିବାସୀ ଅଧ୍ୟୁଷିତ ରାଇବଣିଆ ଅଞ୍ଚଳରେ ଧାନ ମଣ୍ଡି ଶୀଘ୍ର ଖୋଲିବାକୁ ଓଲମରା ଓ ରାଇବଣିଆ ସେବା ସମବାୟ ସମିତି ଚାଷୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ପଞ୍ଜୀକୃତ ଚାଷୀଙ୍କୁ ଟୋକନ ପ୍ରଦାନ ସହିତ ସମସ୍ତ ଧାନ କ୍ରୟ କରିବାକୁ ଦାବି ଜଣାଇ ମାକିଡିଆ ହାଟପଦାଠାରେ ବହୁ ଚାଷୀ ପ୍ରତିବାଦ କରିଥିଲେ। ଯତୀନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦିଲୀପ ସାସମଲ, ଅଶୋକ ଚାନ୍ଦ, ସୁଧୀର ସାହୁ, ଚନ୍ଦ୍ରମୋହନ କାପୁଡ଼ି, ବାସୁଦେବ କୁଇଲା ପ୍ରମୁଖ ଯୋଗଦେଇ ଥିଲେ।

## ୨୧ରୁ ଉତ୍କଳ-ବଙ୍ଗ ମୈତ୍ରୀ ମହୋତ୍ସବ

ଜଳେଶ୍ୱର, ୧୯ ।୧୨(ସମିସ): ଉତ୍କଳ-ବଂଗ ମୈତ୍ରୀ ଉତ୍ସବ ଚଳିତମାସ ୨୧ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏନେଇ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।

ନୂଆବଜାର ତାରିଣୀଛକ ଠାରେ ଅନୁଷ୍ଠିତ ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ଉତ୍କଳ-ବଂଗ ମୈତ୍ରୀ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ କେନ୍ଦ୍ର ସରକାରଙ୍କ ପୂର୍ବଜୋନ୍ ସଂସ୍କୃତି ବିଭାଗ ପକ୍ଷରୁ ୨୦ଟି ସାଂସ୍କୃତିକ ଦଳ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ୭ଟି ଓ ପଶ୍ଚିମବଂଗ ସରକାରଙ୍କ ପକ୍ଷରୁ ୧ଟି ସାଂସ୍କୃତିକ ଦଳ ଯୋଗଦେଇ ପ୍ରଦର୍ଶନ କରିବାକର କାର୍ଯ୍ୟକ୍ରମ ରହିଛି। ୬୦ଟି ସାଂସ୍କୃତିକ ଦଳ ଏଥିରେ ଭାଗ ନେବେବୋଲି ସୂଚନା ଦିଆଯାଇଛି। ଉତ୍ସବ କମିଟିର ସଭାପତି କାର୍ତ୍ତିକ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତସଭାରେ କମଳ ଚକ୍ରବର୍ ସଂଯୋଜନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମନୋରଞ୍ଜନ ଦାସ ୧୧ଦିନ ବ୍ୟାପି କାର୍ଯ୍ୟକ୍ରମର ସମସ୍ତ ସୂଚନା ଦେଇଥିବା ବେଳେ କପିଳେଶ୍ୱର ମହାନ୍ତି, ବନମାଳି ଧଳ, ସୁନୀଲ ନାୟକ, ସଞ୍ଜୀବ ପାତ୍ର, ପ୍ରାଣକୃଷ୍ଣ ଗିରି, କାଉନ୍‌ସିଲର ଶିବନାରାୟଣ ମହାପାତ୍ର, ସୁଧିର କର, ଚନ୍ଦ୍ରମୋହନ ରାଉଳ, ସଞ୍ଜୀବ ଦାସ, କେଦାର ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାକଡ଼ ହୋଟେଲ ପାଲଟିଛି ଦେହଜୀବୀଙ୍କ ପେଣ୍ଠସ୍ଥଳୀ

ଜଳେଶ୍ୱର ବ୍ଲକ, ୧୯ ।୧୨(ସମିସ): ଦିନକୁ ଦିନ ୧୬ ନମ୍ବର୍ ଜାତୀୟ ରାଜପଥ କଡ଼ରେ ଛତୁ ଫୁଟିଲା ପରି ଗଢି ଉଠିଛି ହୋଟେଲ ଓ ରେଷ୍ଟରାଣ୍ଟ। ଏହିସବୁ ହୋଟେଲ ମାନଙ୍କରେ ଚାଲିଛି ଦେହ ବେପାର।

ପ୍ରତ୍ୟେକ ଦିନ ପଶ୍ଚିମବଙ୍ଗରୁ ମହିଳାମାନଙ୍କ ସହିତ କଲେଜ ଛାତ୍ରୀମାନଙ୍କୁ ଆର୍ଥିକ ପ୍ରଲୋଭନ ଦେଖାଇ ଦେହ ବେପାରରେ ଲିପ୍ତ କରାଉଛନ୍ତି ହୋଟେଲ ମାଲିକ ଏବଂ କିଛି ଦଲାଲ ଶ୍ରେଣୀର ବ୍ୟକ୍ତି। ଗତ ଅକ୍ଟୋବର ମାସରେ ବସ୍ତା ପୁଲିସ ପକ୍ଷରୁ ଏକ ହୋଟେଲ ଉପରେ ଚଢ଼ଉ କରି ଦୁଇ ଦେହଜୀବୀଙ୍କୁ ଉଦ୍ଧାର କରିବା ସହିତ ହୋଟେଲ ମ୍ୟାନେଜର ଏବଂ ଗ୍ରାହକଙ୍କୁ ଗିରଫ କରିଥିଲେ। ହେଲେ ପୁଣି ସେହଭଳି କାର୍ଯ୍ୟ ଚାଲୁଛି ବୋଲି ସୂଚନା ମିଳିଛି। ତେଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ଗୁରୁତ୍ୱ ଦେଇ ରାଜପଥ କଡରେ ଥିବା ହୋଟେଲରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ ସହ ଅଚାନକ ପରିଦର୍ଶନ କଲେ ଏହାର ଉପରେ ରୋକ ଲାଗି ପାରିବ ବୋଲି ସାଧାରଣରେ ଦାବି ହେଉଛି।

# ଭୋଗରାଇ ବ୍ଲକସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା

ଚନ୍ଦନେଶ୍ୱର, ୧୯ ।୧୨(ସମିସ): କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ଭୋଗରାଇ ବ୍ଲକସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାନଗରୀ ଫୁଲବଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏନେଇ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା କଲେଜ ଅଧ୍ୟାପକ ବଂଶୀଧର ପ୍ରଧାନ, ପୂର୍ବତନ ଭୋଗରାଇ ବିଧାୟକ ସୁଶାନ୍ତ ଚାନ୍ଦ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଜ୍ୟୋସ୍ନାରାଣ ରାଣୀ ପଣ୍ଡା, ପଞ୍ଚାୟତ ସମିତି ଉପାଧକ୍ଷା ମୀନାରାଣୀ ସାସମଲ, ଜିଲ୍ଲା ପରିଷଦ ସଭ୍ୟା ପ୍ରତିମା ଚାନ୍ଦ, ଟୁଙ୍କୁରୀ ହାଜିରା ସରପଞ୍ଚ ଉପେନ୍ଦ୍ର ନାଥ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ଶାଶ୍ୱତ କୁମାର ଜେନା ଅତିଥି ପରିଚୟ ପ୍ରଦାନ, ବ୍ରହ୍ମପଦ ଘଡାଇ ବେଦପାଠ, ବ୍ଲକ ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି ଉଦ୍ଦେଶ୍ୟ ସ୍ଥାପନ ଓ ମନୋରଞ୍ଜନ ଦାଶ ଦାସ ଧନ୍ୟବାଦ ଦେଇଥିଲେ। ଭୋଗରାଇର ୨୫ଟି କ୍ଲଷ୍ଟର ୧୫୨ଜଣ ବିଦ୍ୟାର୍ଥୀଙ୍କୁ ନେଇ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ ସଫଳ ୩ଟି ବର୍ଗର ୯ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ୨୫ଜଣ ସିଆରସିସି ଏବଂ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




## ଖଇରାରେ ସ୍ୱାସ୍ଥ୍ୟ ବିଭାଗର ରାଜ୍ୟସ୍ତରୀୟ ଟିମ୍

# ସ୍ୱାସ୍ଥ୍ୟକେନ୍ଦ୍ର ବୁଲିଲେ, କର୍ମଚାରୀଙ୍କ ସହ ଆଲୋଚନା

ଖଇରା, ୧୯ ।୧୨(ସମିସ)



ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ୮ ଜଣିଆ ଟିମ୍ ୩ଦିନିଆ ବାଲେଶ୍ୱର ଗସ୍ତରେ ଆସି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଏହା ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୁଡ଼ିକ ପରିଦର୍ଶନ କରିଛନ୍ତି। ଏହି ଅବସରରେ ରୋଗୀମାନଙ୍କୁ ମିଳୁଥିବା ସେବା, ଟିକାକରଣ କେନ୍ଦ୍ର ବୁଲି କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ପ୍ରଥମେ ଏହି ଟିମ୍ ରାଇକୁଳା ଓ କ୍ଷୀରିପଦା ଟିକାକରଣ କେନ୍ଦ୍ର ଯାଇ ନଥିପତ୍ର, ଗର୍ଭବତୀ ଓ ପିଲାମାନଙ୍କୁ ମିଳୁଥିବା ସୁବିଧା ସମ୍ପର୍କରେ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଯୁକ୍ତାରାଣୀ ଦାଶଙ୍କ ଠାରୁ ପଚାରି ବୁଝିବା ସହ ସନ୍ତୋଷ ପ୍ରକାଶ କରିଥିଲେ। ପରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପକେନ୍ଦ୍ର, ଗଣ୍ଡିବେଡ଼ ଓ ତୁଡିଗଡ଼ିଆ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ଡା. ପ୍ରଭାକର ମିଶ୍ରଙ୍କ ଉପସ୍ଥିତିରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ଏହି ଟିମରେ ଅତିରିକ୍ତ ନିର୍ଦ୍ଦେଶକ ମୁରଲୀଧର ପାଢ଼ୀ, ସହ ନିର୍ଦ୍ଦେଶକ ଡା. ଅର୍ଘ୍ୟ ପ୍ରଧାନ, ମଳୟ କୁମାର ପାଣୀଗ୍ରାହୀ, ସନ୍ତୋଷ କୁମାର ନାୟକ, ଚନ୍ଦନେଶ ମିଶ୍ର, ଦୀପକ ବିଶ୍ୱାଳ, ସଞ୍ଜୀବ ସୂତାର ଓ ପୁରୁଷୋତ୍ତମ ବଡ଼ପଣ୍ଡା, ଜିଲ୍ଲା ଟିବି ସଂଯୋଜକ ବିଶ୍ୱରଞ୍ଜନ ନାୟକ, ସହ ସଂଯୋଜକ ସୂର୍ଯ୍ୟଜିତ ରାୟ ପ୍ରମୁଖ ସାମିଲ ଥିଲେ। ବିପିଏମ ସୂର୍ଯ୍ୟକାନ୍ତ ବାରିକ ଓ ପରିଦର୍ଶକ ମୁକ୍ତିକାନ୍ତ ପଣ୍ଡା ସହଯୋଗ କରିଥିଲେ।

## ପ୍ରଶାସନିକ ଅବହେଳାର ଶିକାର ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ୫ ଗ୍ରାମ

# ବିସ୍ଥାପନ ନାଁରେ ଚାଲିଛି କେବଳ ପ୍ରହସନ

କଟକ,୧୯।୧୨(ସମିସ): ଓଡ଼ିଶାର ଗର୍ବ କୁହାଯାଉଥିବା ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଏବେ ସରକାରୀ ବିଫଳତାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି। ଭୁବନେଶ୍ୱର ଭଳି ଏକ ସ୍ମାର୍ଟ ସିଟିରୁ ମାତ୍ର ୩୨ କିଲୋମିଟର ଦୂରରେ ଥାଇ ମଧ୍ୟ ଏହି ଅଞ୍ଚଳରେ ଥିବା ୫ଟି ଗାଁର ୨ ହଜାରରୁ ଅଧିକ ଗ୍ରାମବାସୀଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିଛି। ବନ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ଅବହେଳା ଯୋଗୁଁ ଅଭୟାରଣ୍ୟ ଭିତରେ ରହୁଥିବା ଗ୍ରାମବାସୀଙ୍କ ଜୀବନ ଜୀବିକା ଅତିଷ୍ଠ ହୋଇପଡ଼ିଛି। ଗୋଟିଏ ପଟେ ବନ ବିଭାଗ ସେମାନଙ୍କୁ ବିସ୍ଥାପନ କରି ଜଙ୍ଗଲ ଖାଲି କରିବାକୁ ଚାପ ପ୍ରୟୋଗ କରୁଥିବା ବେଳେ, ଅନ୍ୟପଟେ ଉପଯୁକ୍ତ ପୁନର୍ବାସ ଓ କ୍ଷତିପୂରଣ ଯୋଗାଇବାରେ ସରକାର ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛନ୍ତି। ଯାହା ଫଳରେ ସରକାରଙ୍କ ବିସ୍ଥାପନ ଯୋଜନା ଏବେ କେବଳ କାଗଜପତ୍ରରେ ସୀମିତ ରହି ବାଟବଣା ହୋଇଛି।

ରାଜରାଜୁଡ଼ା ଅମଳରୁ ଢୋଲକାଠ, ଡାହାଣିଗଡିଆ, ବେହେଣ୍ଟା ସାହି, ପିଠାଖାଇ ଓ ନୂଆକୁଅ ଗ୍ରାମର ପ୍ରାୟ ୨୫୦ରୁ ଅଧିକ ପରିବାର ଏହି ଭିଟାମାଟିରେ ରହି ଆସୁଛନ୍ତି। ମାତ୍ର ୧୯୮୮ ମସିହାରେ ଅଭୟାରଣ୍ୟ ଘୋଷଣା ହେବା ପରେ ସରକାରୀ ନିୟମର ଦ୍ୱାହି ଦେଇ ଏହି ଲୋକମାନଙ୍କୁ ସମସ୍ତ ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଛି। ରାଜଧାନୀ ନିକଟରେ ଥାଇ ମଧ୍ୟ ଏହି ଗାଁଗୁଡ଼ିକରେ ରାସ୍ତାଘାଟ, ବିଜୁଳି ଓ ପାନୀୟ ଜଳର ସୁବିଧା ନାହିଁ। ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅତି ଆବଶ୍ୟକୀୟ ସେବା ଏମାନଙ୍କ ପାଇଁ ସାତସପନ ସଦୃଶ ହୋଇଛି। ଛୋଟ ପିଲାଙ୍କ ପାଇଁ ମାତ୍ର ୪ଟି ସ୍କୁଲ ଥିଲେ ମଧ୍ୟ ସେଠାରେ ଭିତ୍ତିଭୂମିର ଘୋର ଅଭାବ ପରିଲକ୍ଷିତ ହେଉଛି। ପ୍ରଶାସନିକ କଟକଣା ଯୋଗୁଁ ଏହି ଗ୍ରାମବାସୀମାନେ ନିଜର ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ ମରାମତି ମଧ୍ୟ କରିପାରୁ ନାହାଁନ୍ତି, ଯାହାକି ସେମାନଙ୍କ ମୌଳିକ ମାନବିକ ଅଧିକାରର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।




ଗ୍ରାମବାସୀଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷର ମୁଖ୍ୟ କାରଣ ହେଉଛି ପ୍ରଶାସନର ନିଷ୍କ୍ରିୟତା। ସେମାନଙ୍କ ପାଖରେ ସ୍ଥିତିବାନ ଜମି ପଟ୍ଟା ରହିଛି ଏବଂ ସେମାନେ ନିୟମିତ ଭାବେ ସରକାରଙ୍କୁ ଖଜଣା ମଧ୍ୟ ଦେଉଛନ୍ତି। ଏହାସତ୍ତ୍ୱେ ବିସ୍ଥାପନ ପାଇଁ କୌଣସି ସ୍ୱଷ୍ଟ ପ୍ୟାକେଜ୍ କିମ୍ବା ବଦଳରେ ସ୍ଥିତିବାନ ଜମି ପ୍ରଦାନ କରିବାକୁ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଉ ନାହିଁ। ପୂର୍ବରୁ ଯେଉଁ ଅଳ୍ପ କିଛି ଲୋକ ପ୍ରଶାସନର କଥାରେ ପଡ଼ି ଭିଟାମାଟି ଛାଡ଼ିଥିଲେ, ସେମାନେ ଏବେ ସହାୟତା ନ ପାଇ ବାରଦୁଆର ଶୁଣ୍ଢିପିଣ୍ଡା ହେଉଥିବା ଦେଖି ଅନ୍ୟ ଗ୍ରାମବାସୀ ବିସ୍ଥାପନକୁ ତୀବ୍ର ବିରୋଧ କରୁଛନ୍ତି। ସରକାର ଏହି ଅସହାୟ ଗ୍ରାମବାସୀଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସେମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଇଛନ୍ତି। ଯଦି ସରକାର ତୁରନ୍ତ ସ୍ଥିତିବାନ ପଟ୍ଟା ଏବଂ ଯଥାର୍ଥ ଆର୍ଥିକ ସହାୟତା ନ ଦିଅନ୍ତି, ତେବେ ଗ୍ରାମବାସୀମାନେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଏହି ସମସ୍ୟା ସମ୍ପର୍କରେ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ତାଙ୍କର ହସ୍ତଗତ ହୋଇନାହିଁ। ଏ ବିଷୟ ତାଙ୍କ ନଜରକୁ ଏବେ ଆସିବା ପରେ ଗ୍ରାମବାସୀଙ୍କ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି କହିଛନ୍ତି। ବନବିଭାଗ ସହ ଯୋଗାଯୋଗ କରାଯାଇ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ପକ୍ଷରୁ ତତ୍କାଳ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ମାଞ୍ଜାସୂତାରେ କଟିଲା ଯୁବକଙ୍କ ନାକ



ଟାଙ୍ଗୀ,୧୯।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଉଛପଦା ଗ୍ରାମର ଜଣେ ଯୁବକଙ୍କ ଗୁଡ଼ି ମାଞ୍ଜା ସୂତାରେ ନାକ କଟି ଗୁରୁତର ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଉଛପଦା ଗ୍ରାମର ପ୍ରଶାନ୍ତ ମଲ୍ଲିକ ହାଇଲେଭୁଲ କେନାଲରେ ବାଇକ ଯୋଗ ଘରକୁ ଫେରୁଥିବା ସମୟରେ କ୍ଷେତ୍ରପାଳ ଗ୍ରାମ ନିକଟରେ ଗୁଡ଼ି ମାଞ୍ଜା ସୂତା ଲାଗିଯାଇଥିଲା। ଫଳରେ ପ୍ରଶାନ୍ତଙ୍କ ନାକ କଟି ଗୁରୁତର ହୋଇଥିଲେ। ପରିବାର ଲୋକ ପହଞ୍ଚି ପ୍ରଥମେ ଟାଙ୍ଗୀ ସ୍ୱାସ୍ଥ୍ୟ ଗୋଷ୍ଠୀକେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ଏ ବିଷୟରେ ଟାଙ୍ଗୀ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସରକାର ଗୁଡ଼ି ମାଞ୍ଜା ସୂତାକୁ ବ୍ୟାନ କରିଥିଲେ ମଧ୍ୟ ଗ୍ରାମଗୁଡ଼ିକରେ ମାଞ୍ଜା ସୂତାରେ ଗୁଡ଼ି ଉଡ଼ାଇବା କାର୍ଯ୍ୟ ଜାରି ରହିଛି। ଯଦି ଏହାକୁ ନିଷେଧ କରା ନ ଯାଏ ଆଗାମୀ ଦିନରେ ଅନେକ ଲୋକଙ୍କ ପ୍ରାଣ ଯିବ ଏଥିରେ ସନ୍ଦେହ ନାହିଁ।

## ୧୧ରେ 'ଦିବ୍ୟାଲୋକ ସନ୍ଧାନେ'ର ବାର୍ଷିକ ସତ୍‌ସଙ୍ଗ

ଫୁଲନଖରା,୧୯।୧୨(ସମିସ): ଦୀର୍ଘ ୨୫ ବର୍ଷ ଧରି କଟକରୁ ନିୟମିତ ପ୍ରକାଶ ପାଉଥିବା ଧର୍ମ, ତତ୍ତ୍ୱ, ଜ୍ୟୋତିଷ, ସମ୍ବାଦ ଓ ସଂସ୍କାରମୂଳକ ଓଡ଼ିଶାର ଲୋକପ୍ରିୟ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ବାର୍ଷିକ ସତ୍‌ସଙ୍ଗ ଓ ବାର୍ଷିକ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଆସନ୍ତା ଜାନୁୟାରୀ ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଫୁଲନଖରା ନିକଟସ୍ଥ ବିଶ୍ୱଶାନ୍ତି ସରୋବର ପରିସରରେ ଥିବା ସଭାଗୃହରେ ବାର୍ଷିକ ସତ୍‌ସଙ୍ଗ ଉତ୍ସବ ଅନୁଷ୍ଠିତ ହେବ ବୋଲି ପତ୍ରିକାର ମୁଖ୍ୟ ସଂପାଦକ ଡ. ଶରତ କୁମାର ରଥ ସୂଚନା ଦେଇଛନ୍ତି। ଉକ୍ତ ଉତ୍ସବରେ ପାଲା, ବାସ୍ତୁ, ଜ୍ୟୋତିଷ, ସାମ୍ବାଦିକତା, ସାଧୁତା, ସମାଜସେବା ଆଦି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୮ ଜଣ ପ୍ରତିଭାବାନ୍ ବ୍ୟକ୍ତିତ୍ୱଙ୍କୁ ରତ୍ନ ସମ୍ମାନରେ ସମ୍ମାନିତ କରାଯିବା ସହ ଜଣଙ୍କୁ ଦିବ୍ୟାଲୋକ ସନ୍ଧାନେର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯିବ। ଉକ୍ତ ସମ୍ମାନ ପ୍ରଦାନ କରାଯିବା ସହ ୫୦ଟି ଗ୍ରାମ ମଧ୍ୟରୁ ଜଣକୁ ଭଲ ଲୋକ ସମ୍ମାନ ଏବଂ ୫୦ଟି ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ଭଲ ପିଲା ସମ୍ମାନରେ ସମ୍ମାନିତ କରାଯିବା ପାଇଁ ସ୍ଥିର କରାଯାଇଛି ବୋଲି ପତ୍ରିକାର ପରିଚାଳନା ସଂପାଦକ ଇଂ ବିପ୍ଳବ ଦାସ ପ୍ରକାଶ କରିଛନ୍ତି। ପ୍ରାତଃ ସମୟରେ ହନୁମାନ ଚାଳିଶା, ସୁନ୍ଦରକାଣ୍ଡ ପାରାୟଣ, ବିଶିଷ୍ଟ ବକ୍ତାଙ୍କ ପ୍ରବଚନ ସହିତ ସାଧୁସନ୍ଥ ଓ ବିଦ୍ୱାନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ମାର୍ଗଦର୍ଶନ ପ୍ରଦାନ କରାଯିବାକୁ ଥିବା ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପତ୍ରିକାର ସଂପାଦକ ଶ୍ରୀସନ୍ନ୍ୟାସୀ ଜୀ ନିବେଦନ କରିଛନ୍ତି।

## ସରସ୍ୱତୀ କଳା ପରିଷଦ ପକ୍ଷରୁ ଆଲୋଚନାଚକ୍ର



କନ୍ଦରପୁର,୧୯।୧୨(ସମିସ): କଟକ ସଦର ମାଟିର ଅଗ୍ରଣୀ ସାଂସ୍କୃତିକ ତଥା ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ପକ୍ଷରୁ ଉତ୍କଳୀୟ କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଉପରେ ଏକ ଆଲୋଚନାଚକ୍ର ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କୋଷାଧ୍ୟକ୍ଷ ଇଂ.ସେବକ ଶ୍ରୀକାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ସଂପାଦକ ନାଟ୍ୟକାର ଅଶୋକ ପଟ୍ଟନାୟକ, ସହସମ୍ପାଦକ ବ୍ୟଙ୍ଗ କବି ପ୍ରଭାତ ମଲ୍ଲିକ, କବି ଖଗେଶ୍ୱର ଖଣ୍ଡୁଆଳ, ଉପଦେଷ୍ଟା ସମାଜସେବୀ ପ୍ରଲେପ ନାରାୟଣ ମହାପାତ୍ର, ସାହିତ୍ୟିକ ବିକ୍ରମ ନନ୍ଦ, ପ୍ରଭାତ ମଲ୍ଲିକ, ଶିବ ନାରାୟଣ ବେହେରା ଏବଂ ସରସ୍ୱତୀ ସଙ୍ଗୀତ ବିଦ୍ୟାଳୟର ବିଦ୍ୟାର୍ଥୀ ନୃତ୍ୟଶିଳ୍ପୀ ଶୁଭାକାଂକ୍ଷୀ ଭୋଇ, ଅର୍ପିତା ରାଉଳ, ଶୁଭଶ୍ରୀ ରାଉତ, ଲକି ଭୋଇ, ଆରାଧ୍ୟା ପ୍ରିୟଦର୍ଶିନୀ, ଅନୁରାଧା ପ୍ରିୟଦର୍ଶିନୀ, ଯାସ୍ମିନ ସ୍ୱାଇଁ, ସଙ୍ଗୀତା ବେହେରା ଅଂଶଗ୍ରହଣ କରିଥିଲେ।

## ମହାବିଦ୍ୟାଳୟରେ କ୍ୟାରିୟର କାଉନ୍‌ସେଲିଙ୍ଗ୍



ନିଶ୍ଚିନ୍ତକୋଇଲି,୧୯।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟ ସଭାଗୃହରେ ଟ୍ରାଇଡେଣ୍ଟ ଗ୍ରୁପ ଅଫ୍ କଂପାନୀ ଭୁବନେଶ୍ୱର ଓ କଲେଜର ଆନ୍ତଗୁଣବତ୍ତା ସେଲ୍ ମିଳିତ ଆନୁକୂଲ୍ୟରେ ଏକ କ୍ୟାରିୟର କାଉନସିଲିଙ୍ଗ୍ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଛି। +୩ ଡିଗ୍ରୀ କଲେଜ ଶେଷ ବର୍ଷର ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ପରିବେଶ ସନ୍ତୁଳନ ଶୀର୍ଷକ ଏକ ଆଲୋଚନାଚକ୍ରରେ କଲେଜ ଅଧ୍ୟକ୍ଷା ଡ. ସୁପ୍ରଭା ପରିଡା ସଭାପତିତ୍ୱ କରିଥିଲେ। ଏଥିରେ ଟ୍ରାଇଡେଣ୍ଟ ଗ୍ରୁପ ଅଫ୍ କଂପାନୀର ପ୍ରାଧ୍ୟାପିକା ନର୍ଗିସ୍ ଓ ପ୍ରଫେସର ସୁନନ୍ଦା ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ମନମୋହନ ଖଟୁଆ, ଅଧ୍ୟାପକ ରଜନୀକାନ୍ତ ପଣ୍ଡା, ସ୍ମୃତିରଞ୍ଜନ ସାହୁ, ଜ୍ୟୋତିପ୍ରଭା ସିଂ, ଚାନ୍ଦିନୀ ଦଳାଇ, ଅଧ୍ୟାପକ ସୁଧୀର ଦାସ, ସୂର୍ଯ୍ୟକାନ୍ତ ମଳିକ, ସୂର୍ଯ୍ୟକାନ୍ତି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକ ଜ୍ୟୋତିପ୍ରଭା ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଅଧିକାରୀଙ୍କ ପରଲୋକ



କିଶନନଗର,୧୯।୧୨(ସମିସ): କଟକ ସଦର ଅନ୍ତର୍ଗତ ଧରିଣା ପଞ୍ଚାୟତ ପାରାବିଲ ଗ୍ରାମର ପ୍ରଥମ ଗ୍ରାଜୁଏଟ ତଥା ସେଲ୍ ଟ୍ୟାକ୍ସ ବିଭାଗର ଅବସରପ୍ରାପ୍ତ ଅଧିକାରୀ ନୃସିଂହ ଚରଣ ଶତପଥୀଙ୍କ ଆଜି ୮୨ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା ବେଳେ ବଡ଼ପୁଅ ପ୍ରଦ୍ୟୁମ୍ନ ଶତପଥୀ ମୁଖାଗ୍ନି ଦେଇଥିଲେ।

## କିଶନନଗର କଲେଜର କ୍ରୀଡ଼ା ଉଦ୍‌ଯାପିତ

କିଶନନଗର,୧୯।୧୨(ସମିସ): କଟକ ସଦର ଅନ୍ତର୍ଗତ କିଶନନଗର କଲେଜର ଦୁଇଦିନିଆ ୩୩ତମ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅଧ୍ୟକ୍ଷ ପ୍ରଫେସର ସଞ୍ଜୀବ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ପ୍ରଶାସନିକ ମୁଖ୍ୟ ଡ. ଅନାଦି ଚରଣ ବରାଳ, ବରିଷ୍ଠ ହିସାବ ରକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତି, ଆଥେଲେଟିକ୍ କ୍ଲବ ଉପସଭାପତି ଅଧ୍ୟାପକ ହରିଶଙ୍କର ବେହେରାଙ୍କ ସମେତ ସମସ୍ତ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀମାନେ ସହାୟତା କରିଥିଲେ। କ୍ରୀଡ଼ା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ।




ନିଶ୍ଚିନ୍ତକୋଇଲି: ନ୍ୟାସନାଲ ହେରାଲ୍ଡ ମିଛ ମାମଲାରେ କଂଗ୍ରେସର ନୈତିକ ବିଜୟ ପରିପ୍ରେକ୍ଷୀରେ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ ବିଜୟ ଶୋଭାଯାତ୍ରା

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର କ୍ରୀଡ଼ା ଉତ୍ସବ



ଚୌଦ୍ୱାର,୧୯।୧୨(ସମିସ): ଚୌଦ୍ୱାର ଗାନ୍ଧୀଛକସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜାଭିୟର ଗ୍ରୁପ୍ ଅଫ୍ ସ୍କୁଲର ଅଧ୍ୟକ୍ଷ ଜି.ଶ୍ରୀନିବାସ ପଟ୍ଟନାୟକ ଓ କ୍ରିଷ୍ଣା ମୂର୍ତ୍ତିଙ୍କ ସହ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଣ୍ଡଳ ଶିକ୍ଷାଧିକାରୀ ପ୍ରଭାତ ନାୟକ, ସ୍କୁଲ ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ପାରିଷଦ ସୁବ୍ରତ ସାମଲ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଓଟିଏମ୍ ହାଇସ୍କୁଲର ପ୍ରଧାନଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଜିତେନ୍ ରାଉତ, ଏକାଡେମିକ୍ କୋଅର୍ଡ଼ିନେଟର ଅପରାଜିତା ମହାପାତ୍ର ଓ ବିଦ୍ୟାଳୟର ଆଡମିନିଷ୍ଟ୍ରେଟର ଦିଗ୍‌ବିଜୟ ମହାନ୍ତି, ବରିଷ୍ଠ କ୍ରୀଡ଼ାବିତ୍ ଭୈରବ ମହାନ୍ତି ଓ ସିମ୍ପଲ ମଜୁମଦାର ଉପସ୍ଥିତ ଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ପଲାଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କ୍ରୀଡ଼ା ଶିକ୍ଷକ ରାକେଶ ପ୍ରଧାନ ଓ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ର ବ୍ୟାଡମିଣ୍ଟନ କୋଚ ସଞ୍ଜୟ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ମେଧାବୃତ୍ତି ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ



ନେମାଳ,୧୯।୧୨(ସମିସ): ଚଳିତ ବର୍ଷ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ୨୦୨୪-୨୫ ଶିକ୍ଷା ବର୍ଷରେ ନିଶ୍ଚିନ୍ତକୋଇଲି ବ୍ଲକ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟର, ଦେମାଣ୍ଡୋର ଛାତ୍ରୀ ଆଦ୍ୟାଶା ଦାଶ କୃତିତ୍ୱ ଅର୍ଜନ କରିଛନ୍ତି। ସେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସାନୁପୁରରେ ଅଧ୍ୟୟନ କରି ପୂର୍ବରୁ ତୃତୀୟ, ପଞ୍ଚମ ଶ୍ରେଣୀରେ ସରକାରୀ ବୃତ୍ତି, ଷଷ୍ଠ ଶ୍ରେଣୀରେ ପଠାଣି ସାମନ୍ତ ମେଧାବୃତ୍ତି, ନବମ ଶ୍ରେଣୀରେ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ଏନଆରଟିଏସ ତଥା ବ୍ରଜବନ୍ଧୁ ମେଧାବୃତ୍ତିରେ କୃତିତ୍ୱ ଅର୍ଜନ କରି ବେଶ୍ ପରିଚିତ ଅଛନ୍ତି। ସେ ହେଉଛନ୍ତି ସରକାରୀ ପ୍ରାଥମିକ ବିଦ୍ୟାଳୟ, ପାଣିମାଣ୍ଡୋର ଶିକ୍ଷକ ଅଶ୍ୱିନୀ କୁମାର ଦାଶ ଓ ମଧୁସ୍ମିତା ଚଇନୀଙ୍କର ଜ୍ୟେଷ୍ଠା କନ୍ୟା ତଥା ସୋଗଲ ନିବାସୀ ପୂର୍ଣ୍ଣଚନ୍ଦ୍ର ଦାଶ, ପୁଷ୍ପଲତା ଦାଶ, ଶରତ ଚନ୍ଦ୍ର ଚଇନି ଓ ଜୟନ୍ତୀ ଚଇନିଙ୍କ ନାତୁଣୀ। ତାଙ୍କର ଏହି ସଫଳତା ପାଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଏବଂ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କୁ ସ୍ୱାଗତ ଶୁଭେଚ୍ଛା ଜଣାଇଛନ୍ତି।

## ଚୌଦ୍ୱାର କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଚୌଦ୍ୱାର,୧୯।୧୨(ସମିସ): ଚୌଦ୍ୱାର କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ରଶ୍ମି ରାଉତରାୟ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କଲେଜର ସମର ଶିକ୍ଷାର୍ଥୀ ବାହିନୀ, ରୋଭର୍ସ ରେଞ୍ଜର, ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ସହିତ ମିଳିତ ପ୍ୟାରେଡ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା ସହ ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବାଲି ଏସ୍‌ଏସ୍‌ଡି ବିଜ୍ଞାନ ଓ ବୈଷୟିକ କଲେଜର ଅଧ୍ୟକ୍ଷ ପ୍ରଦୀପ ସାହୁ ଓ ଓଡିଶା ଆରକ୍ଷୀ ବିଭାଗର ନୀରିକ୍ଷକ ପ୍ରମିଳାପ୍ରଭା ମିଞ୍ଜ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ପରିଷଦର ଉପସଭାପତି ପ୍ରଫେସର ଲକ୍ଷ୍ମଣ କରଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ କ୍ରୀଡ଼ା ପରିଷଦ ସଦସ୍ୟ ଡ.ସଂଗ୍ରାମ ବେହେରା, ସରିତା ମିଶ୍ର, ଡ.ଦୀପକ ବେହେରା, ଅନୁପମା ତ୍ରିପାଠୀ, ଚିତ୍ତରଞ୍ଜନ ଦାସ, ସୁମନ୍ତ ସାହୁ, ଅଶୋକ ଦାସ, କ୍ରୀଡ଼ା ଶିକ୍ଷକ ଅନିଲ ସାର ଓ ନାରାୟଣ ସାରଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଅନୁରୂପ ଭାବେ କଖଡି ନୋଡାଲ ଉଚ୍ଚବିଦ୍ୟାଳୟର ୬୫ତମ ବାର୍ଷିକ କ୍ରୀଡ଼ୋତ୍ସବରେ ମୁଖ୍ୟଅତିଥି ଭାବେ କଖଡି ଗ୍ରାମପଞ୍ଚାୟତ ସରପଞ୍ଚ କଳ୍ପନା ଛତାର, ସାମ୍ବାଦିକ ଶ୍ୱେତକାନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ସାହୁ, ପ୍ରଧାନଶିକ୍ଷକ ରଞ୍ଜିତ ନାୟକ ପ୍ରମୁଖ ଅତିଥି ଯୋଗଦାନ କରିଥିଲେ।




### ବଳଦେବଜୀଉଙ୍କ ଜମିରେ ଦୋକାନ ଗୃହ ନିର୍ମାଣ ଘଟଣା

# ଗୃହ ନିର୍ମାଣ ବନ୍ଦକୁ ନେଇ ତୀବ୍ର ପ୍ରତିକ୍ରିୟା

ନିଶ୍ଚିନ୍ତକୋଇଲି,୧୯।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ଜିଗ୍ନିପୁର ପଞ୍ଚାୟତ ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ନିଜସ୍ୱ ଜମିରେ ବେଆଇନ ଗୃହ ନିର୍ମାଣ ହେଉଥିବା ସଂକ୍ରାନ୍ତରେ ଦେବୋତ୍ତର କମିସନରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଫଳରେ ଦେବୋତ୍ତର ବିଭାଗ କମିସନରଙ୍କ ପତ୍ର ସଂଖ୍ୟା ୪୨୨୦, ୧୫.୧୨.୨୦୨୫ରେ ଏହି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଯାହାଦ୍ୱାରା ତହସିଲଦାର କାର୍ଯ୍ୟାଳୟ ପକ୍ଷରୁ ଏହି ନିର୍ମାଣ କାର୍ଯ୍ୟକୁ ବନ୍ଦ କରି ଦିଆଯାଇଛି। ଶ୍ରୀ ବଳଦେବ ଜୀଉଙ୍କର ରାଜସ୍ୱ ବୃଦ୍ଧି ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏହି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଏହାକୁ ବିରୋଧ କରୁଥିବାକୁ ନେଇ ଏ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଶ୍ରୀ ବଳଦେବଜୀଉଙ୍କର ବାର ମାସରେ ତେର ପର୍ବ ପାଳନ କରାଯାଉଥିଲା ବେଳେ ଯେଉଁ ଅର୍ଥର ଆବଶ୍ୟକତା ରହିଛି ତାହା ସଠିକ୍ ଭାବେ



ଅସୁଲ ହୋଇପାରୁ ନ ଥିବାରୁ ଦିନକୁ ଦିନ ମନ୍ଦିର ପରିଚାଳନା କରିବା କଷ୍ଟକର ହୋଇପଡୁଥିବା ଟ୍ରଷ୍ଟ ବୋର୍ଡ ପକ୍ଷରୁ କୁହାଯାଇଛି। ବହୁ ଦିନ ପୂର୍ବରୁ ଶ୍ରୀ ବଳଦେବଜୀଉଙ୍କ ନିଜସ୍ୱ ଜମିରେ ଦେବୋତ୍ତର ବିଭାଗର ବିନା ଅନୁମତିରେ ୪୧ଟି ଦୋକାନ ଗୃହ ସମେତ ସରକାରଙ୍କ ପକ୍ଷରୁ ଗୋଟିଏ ମାର୍କେଟ କମ୍ପ୍ଲେକ୍ସ, ରାଜୀବ ଗାନ୍ଧି ସେବାକେନ୍ଦ୍ର, ସ୍ୱାସ୍ଥ୍ୟବିଭାଗର ଏଏନ୍‌ଏମ୍ କେନ୍ଦ୍ର, ପଞ୍ଚାୟତସ୍ତରୀୟ ମିଶନଶକ୍ତି ଗୃହ, ଲାଲବାଗ ଗ୍ରାମର ଭାଗବତ ଗୃହ, ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଗୋଟିଏ ଶନିଶ୍ଚର ମନ୍ଦିର ନିର୍ମାଣ କାର୍ଯ୍ୟ ହୋଇସାରିଛି। ଏହି ସବୁ ସ୍ଥାୟୀ ଗୃହ ନିର୍ମାଣ ସମୟରେ ଦେବୋତ୍ତର ବିଭାଗ ପକ୍ଷରୁ କୌଣସି ଅନୁମତି ନିଆଯାଇ ନ ଥିବା ବେଳେ ବର୍ତ୍ତମାନ କରାଯାଉଥିବା ୮ଟି ଦୋକାନ ଗୃହ ନିର୍ମାଣ କାର୍ଯ୍ୟକୁ ଦେବୋତ୍ତର ବିଭାଗ କ'ଣ ପାଇଁ ବନ୍ଦ କରୁଛନ୍ତି ସେନେଇ ଏ ଅଞ୍ଚଳର ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। ମନ୍ଦିର ପରିଚାଳନା ପାଇଁ ଟ୍ରଷ୍ଟ ବୋର୍ଡ ରହିଥିଲେ ମଧ୍ୟ ଏଥିରେ ଖର୍ଚ୍ଚ ହେଉଥିବା ଅନୁଦାନ ସରକାରଙ୍କ ପକ୍ଷରୁ ଯେତିକି ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଶ୍ରୀ ଜୀଉଙ୍କର ରାଜସ୍ୱ ବଢାଇବା ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ଦେବୋତ୍ତର ବିଭାଗ ପକ୍ଷରୁ ବନ୍ଦ କରିବାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବରୁ ଶ୍ରୀ ବଳଦେବଜୀଉଙ୍କର ୪୮ ଏକର ସ୍ଥାବର ଅସ୍ଥାବର ସଂପତ୍ତି ରହିଥିବା ବେଳେ ଏଥିରୁ ମାତ୍ର ୧୨ ଏକର ଚାଷ ଜମି ରହିଛି। ଠାକୁରଙ୍କର ଏହି ଚାଷ ଜମି ଭାଗ ଦିଆଯାଇଥିବାରୁ ଯେତିକି ଅର୍ଥ ଏଥିରୁ ରାଜସ୍ୱ ଆସୁଛି ସେଥିରେ ମନ୍ଦିରର ବିଭିନ୍ନ ନୀତିକାନ୍ତି ଓ ଯାନିଯାତ୍ରା କରିବା କଷ୍ଟକର ହୋଇପଡୁଛି। ଠାକୁରଙ୍କର ବହୁ ପରିତ୍ୟକ୍ତ ଜମି ପଡିରହିଥିବା ବେଳେ ଏହାକୁ ବ୍ୟବହାର ଉପଯୋଗୀ କରିବା ସହ କିଛି ରାଜସ୍ୱ ପାଇବା ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଉକ୍ତ ଜମିରେ ଦୋକାନ ଗୃହ ନିର୍ମାଣ କରାଯାଉଥିଲା। ବର୍ତ୍ତମାନ ଏହାକୁ ବନ୍ଦ କରି ଦିଆଯାଇଥିବାରୁ ଶ୍ରୀ ଜୀଉଙ୍କର ବହୁ ରାଜସ୍ୱ ହାନି ହେବାର ଆଶଙ୍କା ପ୍ରକାଶ ପାଇଛି। ଦେବୋତ୍ତର ବିଭାଗ ପକ୍ଷରୁ ଉକ୍ତ ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ତୁରନ୍ତ ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବା ପାଇଁ ଉକ୍ତ ମହଲରେ ଦାବି ହୋଇଛି।

# କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା କାର୍ଯ୍ୟକ୍ରମ



ମାଲକାନଗିରି, ୧୯ ।୧୨(ସମିସ): କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ମାରିୱାଡ଼ା ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରରେ ଆସ ସ୍କୁଲ ଯିବା-୨୦୨୫ ଉଦେଶ୍ୟରେ ଶିକ୍ଷା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଉତ୍ତମ କୁମାର ସମଦ୍ଦାରଙ୍କ ତତ୍ତ୍ୱାବଧାନରେ ଏମପିଭି ୧୮ (ବି) ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିଲିଗୁଡ଼ା ଗ୍ରାମର ୱାର୍ଡ ମେମ୍ବର ୱାଗା ପୂଜାରୀ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁ ସଭା ପରିଚାଳନା କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା ସହ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ପଞ୍ଚାୟତର ୮୩ ଜଣ ପିଲାଙ୍କୁ ଅଧାରୁ ପାଠପଢ଼ା ଓ କେବେ ମଧ୍ୟ ବିଦ୍ୟାଳୟ ଯାଇନଥିବା ସର୍ଭେରୁ ଚିହ୍ନଟ କରାଯାଇଥିବା ବେଳେ ସେମାନଙ୍କୁ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ବୟସ ଅନୁଯାୟୀ ୨୬ ଜଣଙ୍କ ନାମ ଲେଖାଯାଇଥିଲା। ସେହି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଆଜିର ଏହି ଶିକ୍ଷାସଭା କାର୍ଯ୍ୟକ୍ରମରେ ଆମନ୍ତ୍ରିତ କରାଯାଇ ସଚେତନର ବାର୍ତ୍ତା ପ୍ରଦାନ କରାଯିବା ସହ ଛାତ୍ରଛତ୍ରୀମାନଙ୍କୁ ବିଦ୍ୟାଳଗୁଡ଼ିକରେ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରାଯାଇଥିଲା। ଏହା ସହ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିକ୍ଷା ସଚେତନ ନୃତ୍ୟ ପରିବେଷଣ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି କାର୍ଯକ୍ରମକୁ ପରିଚାଳନା ତଥା ସହଯୋଗ କରିଥିଲେ। ଶେଷରେ ସିଆରସିସି ଉତ୍ତମ ସମଦ୍ଦାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପରେ ସଭାସାଙ୍ଗ କରାଯାଇଥିଲା।

## ଚେତାବନୀ ଓ ଜରିମାନାକୁ ଖାତିର ନାହିଁ

# ଏମ୍‌ଜି ରୋଡରେ ପୁଣି ଉଠାଦୋକାନ, ଅଟୋ

ଜୟପୁର,୧୯ ।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ମହାରାଗାନ୍ଧୀ ରୋଡ (ଏମ୍‌ଜି ରୋଡ) ପ୍ରବେଶ ରାସ୍ତାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପାଚେରିରେ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଅନ୍ୟାନ୍ୟ ସାଧାରଣ ଜନତାଙ୍କ ସଚେତନା ପାଇଁ ରଙ୍ଗିତ ଚିତ୍ର ଅଙ୍କନ କରାଯାଇଛି। ସେହିପରି ଉକ୍ତ ପାଚେରି ପାଶ୍ୱର୍ରେ ପୌରସଂସ୍ଥା ପକ୍ଷରୁ ମାଗଣା ଦୁଇଚକିଆ ଯାନ ପାର୍କିଂ ବ୍ୟବସ୍ଥା କରିଛନ୍ତି। ତେଣୁ ସେଠାରେ ଜବରଦଖଲ କରିବା ସହ ରାସ୍ତା ଉପରେ ଉଠାଦୋକାନୀ ମାନଙ୍କ ଅବାଧ କବଜା ଯୋଗୁଁ ରାସ୍ତାରେ ଟ୍ରାଫିକ ସମସ୍ୟା ହେଉଥିଲା। ତେଣୁ ପୌରସଂସ୍ଥା ପକ୍ଷରୁ ଉକ୍ତ ଉଠାଦୋକାନୀ ମାନଙ୍କୁ ଉଚ୍ଛେଦ କରିବା ସହିତ ଦୈନିକ ୫ ଶହ ଟଙ୍କା ଭାବେ ଜରିମାନା ଜାରି କରିଥିଲେ। ଏହିପରି ଗତ ୧୦ ଦିନ ପୂର୍ବରୁ ଏହିପରି ଉକ୍ତ ସ୍ଥାନରେ ଜଣେ ଜବରଦଖଲକାରୀ ରାସ୍ତା ପାଶ୍ୱର୍ରେ ଚଷମା ଉଠା ଦୋକାନ କରିଥିଲେ। ପୌରସଂସ୍ଥା ପକ୍ଷରୁ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଦୋକାନୀକୁ ୫ ଶହ ଟଙ୍କା ଜରିମାନା ଜାରି କରିଥିବା ବେଳେ ତୁରନ୍ତ ଉଚ୍ଛେଦ କରିଥିଲେ। କିନ୍ତୁ ଆଜି ପୁଣି ଉକ୍ତ ଦୋକାନୀଙ୍କ ସମେତ ଅନ୍ୟ ଏକ ଫଳ ଓ ଫୁଲ ବିକ୍ରି ଉଠା ଦୋକାନୀକୁ ମିଶାଇ ୪ରୁ ୫ଟି ଦୋକାନ ଖୋଲିବା ସହିତ ବିକ୍ରି ଆରମ୍ଭ କରିଛନ୍ତି। ସେହିପରି ଏହାର ସୁଯୋଗ ନେଇ କିଛି ଅଟୋ ରିକ୍ସା ବାଲା ମାନେ ମଧ୍ୟ ଦୁଇ ଚକିଆ ଯାନ ପାର୍କିଂ ସ୍ଥଳରେ ଅଟୋ ରଖିବାର ଆରମ୍ଭ କରିଛନ୍ତି । ବିନା ଭୟ ଏବଂ ପୌରସଂସ୍ଥାର ନିର୍ଦ୍ଦେଶ ଓ ଜରିମାନାକୁ ଖାତିର ନକରି ମାତ୍ର ଏକ ସପ୍ତାହରୁ ୧୦ ଦିନ ମଧ୍ୟରେ ପୁଣି ଉକ୍ତ ନିଷେଧାଞ୍ଚଳରେ ଦୋକାନ ଖୋଲିଥିବା ବେଳେ ପୌରସଂସ୍ଥାକୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷପ ଗ୍ରହଣ ନକରିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିପରି ପୌରସଂସ୍ଥା ପକ୍ଷରୁ କେବଳ ଉଚ୍ଛେଦ ଏବଂ ଜରିମାନା ଜାରି କରୁଥିବା ବେଳେ ପରବର୍ତ୍ତୀ ପଦକ୍ଷପ କିମ୍ବା ଏହାର ବାରମ୍ବାର ତଦାରଖ ନ କରିବାକୁ ନେଇ ଜୟପୁର ବାସିନ୍ଦା ଅସନ୍ତୋଷ ପ୍ରକୋଟ କରିବା ସହିତ ପୌରସଂସ୍ଥାର ପ୍ରଶାସନ ଉପରେ ଆସ୍ଥା ନ ଥିବା ନେଇ ଅଭିଯୋଗ କରିଛନ୍ତି। ଏହିପରି ଏଥିନେଇ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତଙ୍କୁ ଅବଗତ କରାଯାଇଥିଲା। ଏଥିନେଇ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସଂଧ୍ୟା ସୁଦ୍ଧା କୌଣସି ଅଧିକାରୀ କିମ୍ବା କର୍ମଚାରୀ ଘଟଣାସ୍ଥଳକୁ ଯାଇନଥିଲେ।

# ଅମ୍ବାଦଳା ଓ ଡିମିରିଗୁଡାରେ ଧାନମଣ୍ଡି ଉଦ୍‌ଘାଟିତ




ଅମ୍ବାଦଳା,୧୯ ।୧୨ (ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକର ଅମ୍ବାଦଳା ସମବାୟ ସମିତି କାର୍ଯ୍ୟାଳୟ ଠାରେ ଧାନମଣ୍ଡି ଉଦ୍‌ଘାଟନ ହୋଇଥିବା ବେଳେ ଡିମିରିଗୁଡ଼ା ଗ୍ରାମ ପଞ୍ଚାୟତ ପରିସରରେ ସମବାୟ ସମିତି ପକ୍ଷରୁ ୨୦୨୫-୨୬ ଖରିଫ ଋତୁ ନିମନ୍ତେ ଧାନମଣ୍ଡି ଉଦ୍‌ଘାଟନ କରାଯାଇଛି। ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ ଏମ ଶଙ୍କର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଡିମିରିଗୁଡା ବୈଠକରେ ମୁଖ୍ୟ ଅତିଥି ଭାବେ ଡିମିରିଗୁଡା ସରପଞ୍ଚ ତୁମୁଲି ମାଝୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଞ୍ଚଳର ଚାଷୀଙ୍କ ମଧ୍ୟରେ ରାମା ରାଓ କରକରିଆ, ଶତ୍ରୁଘ୍ନ ଗୁରୁ, ହରେନ୍ଦ୍ର ଗୌଡ, ଭାସ୍କର ପାତ୍ର, କେଶବ ପାତ୍ର ପ୍ରମୁଖ ସହିତ ୮୦ରୁ ଅଧିକ ଚାଷୀ ଉପସ୍ଥିତ ରହିଥିଲେ। ଏଥିରେ ନିୟନ୍ତ୍ରିତ ବଜାର କର୍ମଚାରୀ, ଅମ୍ବାଦଳା ରାଜସ୍ୱ ନିରୀକ୍ଷକ ସତ୍ୟଜିତ ଦାସ, ଅମ୍ବାଦଳା ସମବାୟ ସମିତି କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ସେହିପରି ଅମ୍ବାଦଳା ଠାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅମ୍ଲାଭଟା ସରପଞ୍ଚ ଗୁରୁବାରି ଭୋଇ, ସିବପଦର୍ ସରପଞ୍ଚ ସିବପଦର୍ ସମିତି ସଭ୍ୟ ଉପସ୍ଥିତ ରହି ଉଦ‌୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସମବାୟ ସମିତି ସଭାପତି ଜଗନ୍ନାଥ ନୁଣ୍ଡୁରୁକା, ଜଗନ୍ନାଥ ପ୍ରସାଦ, ଶିମାଞ୍ଚଳ ପାତ୍ର, ହୀରା କରକରିଆ ପ୍ରମୁଖ ଏହି ଉଦ‌୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଚଳିତ ବର୍ଷ ଖରିଫ ଧାନମଣ୍ଡି ଖୋଲାଯିବା ସହ ଧାନ କିଣା ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅମ୍ବାଦଳା ଚାଷୀଙ୍କ ମଧ୍ୟରେ ପଞ୍ଚାନନ କରକରିଆ, ରାମ ପ୍ରକାଶ କରକରିଆ, ଲକ୍ଷ୍ମଣ ପାତ୍ର, ଏନ.ରାଜେଶ୍, ରଘୁନାଥ ବେହେରା, ବିରାଟ ବେହେରା ଜି.ଅନନ୍ତ ରାଓ, ସନ୍ତୋଷ ସାହୁ, ପୂର୍ଣ୍ଣ ଗୌଡ ପ୍ରମୁଖଙ୍କ ସମେତ ୨୦୦ରୁ ଅଧିକ ଚାଷୀ ଉପସ୍ଥିତ ରହିଥିଲେ।

# ଆର୍‌ଏମ୍‌ସି ପରିସରରେ ଧାନମଣ୍ଡି ଉଦ୍‌ଘାଟିତ

ରାଇଘର,୧୯।୧୨(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦମହକୁମା ସ୍ଥିତ ଆରଏମ୍‌ସି ମଣ୍ଡି ପରିସରରେ ଧାନମଣ୍ଡିର ଶୁଭ ଉଦଘାଟନ ହୋଇଯାଇଛି। ଏହି ମଣ୍ଡି ଉଦ୍‌ଘାଟନ ଅବସରରେ, ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଲ୍ୟାମ୍ପ୍‌ସ ସଭାପତି ରାଇସିଁ ଗଣ୍ଡ, ବ୍ଲକ୍ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ମନ୍ତ୍ରି ପ୍ରତିନିଧି ପ୍ରୀତିସ୍ନିଧା ମହାପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଦର୍ଶନ ମାଝୀ, ବିଶ୍ୱନାଥ ସିଲ୍ ରାଇଘର ସରପଞ୍ଚ ଲମ୍ବୋଦର ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ହରିଜନ, ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ପଟ୍ଟନାୟକ, ଯୋଗାଣ ଅଧିକାରୀ, ଆରଏମସି ଷ୍ଟାଫ୍, ଚାଷୀଙ୍କ ଉପସ୍ଥିତିରେ ଧାନମଣ୍ଡି ଉଦ୍‌ଘାଟନ ହୋଇ ଯାଇଛି। ଉପସ୍ଥିତ ଥିବା ଅତିଥି କହିଥିଲେ ଯେ ଚାଷୀ ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ତାହା ଉପରେ ନଜର ରଖିବାକୁ। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଧାନ କ୍ୱିଣ୍ଟାଲ ମୂଲ୍ୟ ୨୩୬୯ ଟଙ୍କା ରହିଥିବା ବେଳେ ପ୍ରୋତ୍ସାହନ ରାଶି ୭୩୧ ରହିଛି। କ୍ୱିଣ୍ଟାଲ ପିଛା ମୋଟ ୩୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ରାଇଘର ମଣ୍ଡି ଠାରେ ଶୁକ୍ରବାର, ଶନିବାର , ଗୋନା ଠାରେ ବୁଧବାର ଦିନ, ଯୋଡିଙ୍ଗା ଠାରେ ମଙ୍ଗଳବାର ଦିନ, ହାଟଭରାଣ୍ଡି ଭଠାରେ ରବିବାର ଦିନ, ମହଣ୍ଡ ଠାରେ ସୋମବାର, ମଙ୍ଗଳବାର ଦିନ ଧାନ କ୍ରୟ ବିକ୍ରୟ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିବା ଜଣାଯାଇଛି। ପ୍ରକାଶ ଥାଉ କି ମଣ୍ଡି ଖୋଲିବା ନେଇ କୃଷକ ସଂଘ ପକ୍ଷରୁ ଦାବି ହୋଇ ଆସୁଥିଲା । ମଣ୍ଡି ଖୋଲିବା ପରେ ଚାଷୀଙ୍କୁ ଆଶ୍ୱସ୍ତି ମିଳିଛି।

# ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ




ମାଲକାନଗିରି,୧୯ ।୧୨(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ମାଲକାନଗିରି ପରିସରରେ ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି।। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଯୋଜନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରଦର୍ଶନୀ ଦୁଇ ଦିନ ଧରି ଜାରି ରହିବ। ଉଦ୍‌ଘାଟନ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଥିବା ବେଳେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ମୁଖ୍ୟବକ୍ତା ସହକାରୀ ପ୍ରଫେସର ଲୋକେଶ ପ୍ରଧାନ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଜୟପୁର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଲକାନଗିରି ମମତା ସଏ, ବିଇଓ କୋରୁକୋଣ୍ଡା ଅସିତ ମିସ୍ତ୍ରୀ , ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ପ୍ରସାଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୁରେନ୍ଦ୍ର ପାଢ଼ୀ, ବରିଷ୍ଠ ଆଲୁମିନି ସଦସ୍ୟ ତଥା ପ୍ରକୃତିବନ୍ଧୁ ପ୍ରକାଶ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ରହିଥିଲେ। ମୁଖ୍ୟ ଅତିଥିଙ୍କ କରକମଳରେ ପ୍ରକଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଏହି ଜିଲ୍ଲାର ଜାତୀୟ ବାଲବୈଜ୍ଞାନିକ ପୁରସ୍କାରପ୍ରାପ୍ତ କୁନି ବୈଜ୍ଞାନିକ ଲଳିତା ଖିଲ ଆଗାମୀ କାର୍ଯ୍ୟପନ୍ଥା ଏବଂ ଅଭିଜ୍ଞତା ସମ୍ବନ୍ଧରେ ମଞ୍ଚରେ ପ୍ରକାଶ କରିଥିଲେ। ଉପସ୍ଥିତ କୁନି ବୈଜ୍ଞାନିକଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଜିଲ୍ଲାର ୭ ବ୍ଲକରୁ ସାତ ଗୋଟି ସବ୍ ଥିମ୍‌ରେ ୪୯ ଗୋଟି ପ୍ରକଳ୍ପ ବିଜ୍ଞାନ ପ୍ରଦର୍ଶନୀରେ ସ୍ଥାନ ପାଇଛି। ଅତିଥିମାନେ କୁନି ବୈଜ୍ଞାନିକଙ୍କୁ ବିଜ୍ଞାନ ଚିନ୍ତା ଓ ଚେତନାର ପ୍ରସାର ସହ ବୈଜ୍ଞାନିକ ହେବା ନିମନ୍ତେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ବିଚାରକ ରୂପେ ସହକାରୀ ପ୍ରଫେସର ଲୋକେଶ ପ୍ରଧାନ ଏବଂ ନିକିତା ସିଂ ଅଂଶଗ୍ରହଣ କରିଥିଲେ। ଅପରାହ୍ଣରେ କୁନି ବୈଜ୍ଞାନିକଙ୍କ ମଧ୍ୟରେ ମୁକ୍ତମଞ୍ଚ କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ସଂଦୀପ୍ତ କୁମାର ଦାସ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ବୈଦ୍ୟ, ଦେବରାଜ ସେଠୀ, ସନାତନ ଦାସ , ନିରଞ୍ଜନ ମହାରଣା, ରଞ୍ଜନ ବେହେରା, ଚତୃଭୂଜ ଦାସ, ବାସୁଦେବ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ପେଣକାମ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ମହୋତ୍ସବ

ରାମନାଗୁଡା,୧୯।୧୨(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ଅନ୍ତର୍ଗତ ପେଣକାମ ପଞ୍ଚାୟତ ଅଧୀନରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶକ୍ତି ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପେଣକାମ ସରପଞ୍ଚ ରମାବତୀ କାଡ୍ରାକା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିପରି ସମ୍ମାନିତ ଅତିଥି ରୂପେ ରାମନାଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପ୍ରାଣିଗ୍ରାହୀ ମଞ୍ଚାସୀନ ହୋଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ସ୍ୱତନ୍ତ୍ର ଅତିଥି ରୂପେ ସମାଜସେବୀ ଗଗନ ବିହାରୀ ଆଚାର୍ଯ୍ୟ, ଚିନ୍ନା କଣ୍ଡାଗରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରିୟଙ୍କା ସିଂ, ବିଦ୍ୟାଳୟ ପରିଚାଳନା ସଭାପତି ପି.ତିରୁମାଲା ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବୀନ ପିପ୍ପଲୀ, ପେଣକାମ ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ସମ୍ବରା ଶବର ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମ ପ୍ରାରମ୍ଭରେ ନିମନ୍ତ୍ରିତ ଅତିଥିମାନଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବରିଷ୍ଠ ଶିକ୍ଷକ ଶ୍ରୀ ତ୍ରିପାଠୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନୁରୋଧ କ୍ରମେ ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ବାର୍ଷିକ ଉତ୍ସବରେ ବିଦ୍ୟାଳୟ ପକ୍ଷରୁ ବରିଷ୍ଠ ସାମ୍ବାଦିକ ଶିବ ପ୍ରସାଦ ବ୍ରହ୍ମା, ଶୁଭଜିତ ପଟ୍ଟନାୟକ, ଧବଳେଶ୍ୱର ପାତ୍ରୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏଠାରେ ୨୨୦ ଜଣ ଛାତ୍ରଛାତ୍ରୀ ଶିକ୍ଷା ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୭୦ ଜଣ ଛାତ୍ରଛାତ୍ରୀ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ଲିଖନ, କବିତା ପଠନ ନାଚ, ଗୀତ କଳା ଆଦି ସହ କ୍ରୀଡ଼ା କ୍ଷେତ୍ରରେ ଉତ୍ତୀର୍ଣ୍ଣ ହୋଇଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ନିମନ୍ତ୍ରିତ ଟ୍ରଫି, ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପରିଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚ ପରିଚାଳନା ବରିଷ୍ଠ ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ କରିଥିବା ବେଳେ ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ।

# ସୋମନାଥପୁର ଗ୍ରାମପଞ୍ଚାୟତରେ ସୁଶାସନ ସପ୍ତାହ

କୋରୁକୋଣ୍ଡା,୧୯ ।୧୨ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ସରକାରଙ୍କ ସୁଶାସନ ସପ୍ତାହ ତଥା 'ପ୍ରଶାସନ ଗାଁଓ କେ ଓର୍' କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହା ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତରେ ହେବାକୁ ଥିବାବେଳେ ଆଜି ପ୍ରଥମ ଦିନରେ ବ୍ଲକ ଅଧିନସ୍ଥ ସୋମନାଥପୁର ଗ୍ରାମ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ପଞ୍ଚାୟତବାସୀଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି, ପଞ୍ଚାୟତବାସୀଙ୍କ ଯାହା କିଛି ସମସ୍ୟା ରହିଛି ସେମାନେ ଆଉ ବ୍ଲକ କାର୍ଯ୍ୟାଳୟକୁ ନ ଯାଇ ସିଧାସଳଖ ନିଜ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ନିଜର ଅଭିଯୋଗ କରିପାରିବେ। ତେବେ ଆଜି ବିଭିନ୍ନ ବିଭାଗର ସମୁଦାୟ ୫୮ଟି ଅଭିଯୋଗ ହୋଇଥିବା ଜଣାପଡିଛି। ତନ୍ମଧ୍ୟରୁ ବାର୍ଦ୍ଧକ୍ୟ ଭତ୍ତା ନିମନ୍ତେ ୪ ହିତାଧିକାରୀଙ୍କ ଆବେଦନ, ରାସନ କାର୍ଡ ନିମନ୍ତେ ୪ ହିତାଧିକାରୀ, ଆରଡବ୍ଲୁଏସଏସ ବିଭାଗର ଗୋଟିଏ କାର୍ଯ୍ୟ ପାଇଁ ନିବେଦନ, ଓଏଲଏମ ବିଭାଗରେ ମହିଳା ମାନଙ୍କ ନିମନ୍ତେ ବିଭିନ୍ନ ଗ୍ରାମରେ ୯ଟି ଗୃହ ନିର୍ମାଣ, ଶିକ୍ଷା ବିଭାଗ ନିମନ୍ତେ ଗୋଟିଏ ବିଦ୍ୟାଳୟର ପାଚେରୀ ନିର୍ମାଣ, ଆବାସ ଘର ନିମନ୍ତେ ୨୮ ହିତାଧିକାରୀଙ୍କ ଆବେଦନ, ମନରେଗା ଯୋଜନାରେ ୨ଟି କାର୍ଯ୍ୟ ପାଇଁ ନିବେଦନ, ପଞ୍ଚାୟତ ଅଧିନସ୍ଥ ବିଭିନ୍ନ ଗ୍ରାମରେ ୯ଟି ବିକାଶ ମୂଳକ କାର୍ଯ୍ୟ ନିମନ୍ତେ ନିବେଦନ ଏବଂ ଆଧାର କାର୍ଡ ୧୦ ବ୍ୟକ୍ତି ଅପଡେଟ କରିଥିଲେ। ନୋଡାଲ ଅଫିସର ଭାବେ ସମୀକ୍ଷା କରିଥିଲେ ଯନ୍ତ୍ରୀ କୃତିବାସ ନାୟକ। ସରକାରଙ୍କ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶାସନ ଗାଁ ନିକଟରେ ଯାଇ ପହଞ୍ଚି ପାରୁଥିବା ହେତୁ ଲୋକମାନେ ବହୁ ସରକାରୀ ଯୋଜନାର ଲାଭ ନିଜ ହାତ ପାହାନ୍ତାରେ ପାଇ ପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଆଜିର ଏହି କାର୍ଯ୍ୟକ୍ରମରେ ସରପଞ୍ଚ ମଞ୍ଜୁଳା ସୀସା, ଗ୍ରାମ ପଞ୍ଚାୟତ ଅଧିକାରୀ ଜୟଶ୍ରୀ ଜେନା, ସିଡ଼ିପିଓ ରେଖାରାଣୀ ବାରିକ, ଜିଆରଏସ ଶୁଭଙ୍କର ମଣ୍ଡଳ, ବିଏସଏସଓ ରାଜେଶ ଗୌଡ଼, ଏମଆଇ ସେକ୍ସନ ଡିଇଓ ଉତ୍ତମ ସର୍ଦାର, ଆରଏଚ ସେକ୍ସନ ବିପିସି ସୁବ୍ରତ ବିଶ୍ୱାସ, ବିପିଏମ ପର୍ଶୁରାମ ବେହେରା, ସମସ୍ତ ସିଆରପି ସଦସ୍ୟାଙ୍କ ସମେତ ପଞ୍ଚାୟତ ଅଧିନସ୍ଥ ସମସ୍ତ ଅଙ୍ଗନବାଡି କର୍ମୀମାନେ ଉପସ୍ଥିତ ଥିଲେ।

# ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା



ରାୟଗଡ଼ା,୧୯।୧୨(ସମିସ): ବିଜେପି କୃଷକ ମୋର୍ଚ୍ଚାର ନୂତନ ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢୀଙ୍କ ଭୁବନେଶ୍ୱର ସ୍ଥିତ ରାଜ୍ୟ କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି କୃଷକ ମୋର୍ଚ୍ଚା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନା ସୁଫଳ ଚାଷୀ ପାଇବା ପାଇଁ ବିଜେପି କୃଷକ ମୋର୍ଚ୍ଚା କାମ କରିବା ପାଇଁ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ରାଜ୍ୟ ସଭାପତି ଶ୍ରୀ ପାଢୀ ଆହ୍ୱାନ ଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଚାଷୀ ନେତା ଓ କାର୍ଯ୍ୟକର୍ତ୍ତା ମାନେ ନୂତନ ସଭାପତି ଶ୍ରୀ ପାଢୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ରାୟଗଡା ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲ୍ଲା ଡ଼ିଏଲପିସି ସଦସ୍ୟ ସୁମନ୍ତ ମହାରଣା, ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ତଥା ଡ଼ିଏଲପିସି ସଦସ୍ୟ ରବିଶଙ୍କର ଗମାଙ୍ଗ, ବରିଷ୍ଠ ନେତା ରଜତ ମାଦଳା, ମନୋରଞ୍ଜନ ପାଢ଼ୀ, ଚନ୍ଦ୍ରଶେଖର ଖରା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ।

## ■ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବାର୍ଷିକ ଟେକ୍ନୋ ସାଂସ୍କୃତିକ ଉତ୍ସବ

# 'ସୃଜନ ୪.୦' ନିମନ୍ତେ ମାରାଥନ୍




ଗୁଣୁପୁର,୧୯।୧୨ (ସମିସ): ଆଜି ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ତିନିଦିନିଆ ବାର୍ଷିକ ଟେକ୍ନୋ ସାଂସ୍କୃତିକ ଉତ୍ସବ "ସୃଜନ ୪.୦' ନିମନ୍ତେ ଏକ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ସ୍ଥାନୀୟ ନୂତନ ବସଷ୍ଟାଣ୍ଡ ଠାରୁ ବାହାରି ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାରାଥନର ଶୁଭ ଉଦ‌୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମହା ନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, ଉପ କୁଳପତି ଡ. ଏଭିଏନ୍ ଏଲ ଶର୍ମା, ରେଜିଷ୍ଟ୍ରାର ଡ ଏନଭିଜେ ରାଓ ସମେତ ବିଶ୍ୱବିଦ୍ୟାଳୟ ସମସ୍ତ ବିଭାଗର ଡିନ, ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ମାରାଥନ୍‌ରେ ପୁରୁଷ ବିଭାଗର ପ୍ରଥମ ସ୍ଥାନରେ ଟୁନା ଖିଲ, ଦ୍ୱିତୀୟ ସ୍ଥାନରେ ରହିତ ଓହଦାର ଓ ତୃତୀୟ ସ୍ଥାନରେ ସିଦ୍ଧାର୍ଥ କୁମାର ରହିଥିବା ବେଳେ ମହିଳା ବିଭାଗରେ ପ୍ରଥମ ସ୍ଥାନରେ ଶ୍ରୀୟା ରାଜଗୁରୁ, ଦ୍ୱିତୀୟ ସ୍ଥାନରେ ପାୟଲ ପ୍ରିୟଦର୍ଶିନୀ ଜେନା ଓ ତୃତୀୟ ସ୍ଥାନରେ ସ୍ୱାଗତିକା ସାମଲ ରହିଛନ୍ତି। ଆସନ୍ତା କାଲି ସୃଜନ ୪.୦ ର କାର୍ଯ୍ୟକ୍ରମ ଉଦ‌୍‌ଘାଟନ ହେବ ଏବଂ ପ୍ରତ୍ୟେକ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।

## ବିନୋଦ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ

# ୨୨ରେ ମିଳିତ ବାମପନ୍ଥୀ ଦଳର ଦେଶବ୍ୟାପୀ ପ୍ରତିବାଦ ଦିବସ




ପଦ୍ମପୁର,୧୯।୧୨(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତ କୋଇଲିକଟା ଗାଁ ଠାରେ ସିପିଆଇ (ଏମଏଲ) ଲିବରେସନ ପୂର୍ବତନ ସାଧାରଣ ସମ୍ପାଦକ କମ୍ରେଡ୍ ବିନୋଦ ମିଶ୍ରଙ୍କ ୨୭ ତମ ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରାଯାଇଛି। କମ୍ରେଡ୍ ବିନୋଦ ମିଶ୍ର ୧୯୪୭ ମସିହା ମାର୍ଚ୍ଚ ୨୪ରେ ମଧ୍ୟପ୍ରଦେଶର ଜବଲପୁର ଠାରେ ଜନ୍ମ ଗ୍ରହଣ କରିଥିଲେ। ବିନୋଦ ମିଶ୍ର ପଶ୍ଚିମ ବଙ୍ଗରେ ଗଣିତରେ ସ୍ନାତ୍ତକୋତ୍ତର ପରେ ୧୯୬୭ ମସିହାରେ ଦୁର୍ଗାପୁର କଲେଜ ଇଞ୍ଜିନିୟର ପଢିବା ସମୟରେ ଜନଗଣଙ୍କ ଉପରେ ହୋଉଥିବା ଅତ୍ୟାଚାର ବିରୋଧ ବିପ୍ଳବ କରିବା ପାଇଁ ସଂକଳ୍ପ ନେଲେ। ସାରା ଦେଶରେ ପାର୍ଟୀ କୁ ବିସ୍ତାର କରିବା ପରେ ଲକ୍ଷ୍ନୌ ଠାରେ କେନ୍ଦ୍ର କମିଟି ବୈଠକ ହେଉଥିବା ସମୟରେ ୧୯୯୮, ଡିସେମ୍ବର ୧୮ ତାରିଖ ଦିନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଆଜି ସବ୍‌କା ସାଥ ସବ୍‌କା ବିକାଶ କହୁଥିବା ବିଜେପି ସରକାର ଆଦିବାସୀ ଓ ଦଳିତ ଲୋକଙ୍କ ଘର ଓ ଜମି ଉପରେ ବୁଲଡୋଜର ଲଗାଇ ଉଚ୍ଛେଦ କରିବା, ବେଆଇନ ୪ଟି ଶ୍ରମ ଆଇନ ଲାଗୁ କରିବା, କୃଷି ଉତ୍ପାଦନର ଲାଭଜନକ ଦରବୃଦ୍ଧି ନ ପାଇବା, ଏମଜିଏନ୍‌ଆରଜିଏ ଆଇନକୁ ହତ୍ୟା କରିବା, ସିଂଲି ଜମି ଲୁଚାଇ ରଖିବା, ଜମି, ଜଳ, ଜଙ୍ଗଲକୁ ଅମ୍ବାନୀ, ଆଦାନିକୁ ଦେବା ପାଇଁ ସହଯୋଗ କରିବା ଏସବୁ ବନ୍ଦ ନ ହୁଏ, ତେବେ ଆଗାମୀ ଜାନୁଆରୀ ମାସରେ ଜୋରଦାର ଆନ୍ଦୋଳନ କରିବା ପାଇଁ ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ମାଝୀ (ବ୍ଲକ ସମ୍ପାଦକ) ତୁଳସା ନିମାଲା, ଗୋପିନାଥ ନିମାଲା, ଉର୍ମିଳା ନିମାଲା, ଜଗନ୍ନାଥ ଶବର, ଚମ୍ପାବତୀ ନିମାଲା, ଦମୟନ୍ତୀ କୁଣ୍ଡିଙ୍ଗି, ଅଜୟ କୁମାର ବମନ, ଯକ୍ଷ ଲିମା ଉପସ୍ଥିତ ଥିଲେ।

## ● ଓଡ଼ିଶା ପତ୍ରକାର ସଂଘର ବାର୍ଷିକ ଉତ୍ସବ

# 'ସାମ୍ବାଦିକ ଏକ ହେଲେ ହିତ ସାଧନ ହୋଇ ପାରିବ'




ରାୟଗଡା, ୧୯।୧୨(ସମିସ): ସାମ୍ବାଦିକ ମାନଙ୍କ ଏକତା ରହିଲେ ସେମାନଙ୍କ ଅଧିକାର ହାସଲ ସମ୍ଭବ ହେବ। ଖାଲି ସେତିକି ନୁହେଁ, ସମାଜ ଗଠନ ଓ ଦୁର୍ନୀତି କ୍ଷେତ୍ରରେ ସୁଧାର ଆସି ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଲାୟନ୍ସ କ୍ଲବ୍ ପରିସରରେ ଓଡ଼ିଶା ପତ୍ରକାର ସଂଘର ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ "ପ୍ରିୟ ଖବର"ର ସମ୍ପାଦକ ରାଜ କିଶୋର ଦାସ ଯୋଗ ଦେଇ ସାମ୍ବାଦିକଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଛନ୍ତି। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାସ ଯୋଗ ଦେଇ ସାମ୍ବାଦିକଙ୍କୁ ସେମାନଙ୍କ ର ଅଧିକାର ଯୋଗାଇବା ଓ ସୁରକ୍ଷା ଦେବା ସରକାରଙ୍କ ମୁଖ୍ୟ ଦାୟିତ୍ୱ ଅଟେ ବୋଲି ମତ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଶା ପତ୍ରକାର ସଂଘର ରାଜ୍ୟ ଉପ ସଭାପତି ହର ପ୍ରସାଦ ଦାସ ଯୋଗ ଦେଇ ଗ୍ରାମାଞ୍ଚଳରେ ସାମ୍ବାଦିକଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର ବରିଷ୍ଠ ସଭାପତି ସୁରେଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାକୁ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ରାମ ଦାସ ଲିମା ପରିଚାଳନା ଓ ସଂଯୋଗ କରିଥିବା ବେଳେ, ଜିଲ୍ଲା ସଭାପତି ରଘୁନାଥ କାମ୍ବା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

● ଅତିଥି ଅଧ୍ୟାପିକାଙ୍କ ମୃତ୍ୟୁ ମାମଲା

# ଫୋରେନ୍‌ସିକ ଟିମ୍‌ର ତନାଘନା

## ଭଙ୍ଗା ମୋବାଇଲ, ଆଧାର, ବ୍ୟାଙ୍କ ଖାତା ଓ ଏଟିଏମ୍ ଜବତ

କେନ୍ଦୁଝର, ୧୯।୧୨(ସମିସ): କେନ୍ଦୁଝରରେ ଅଧ୍ୟାପିକାଙ୍କ ହତ୍ୟା ମାମଲାରେ ଅଧିକ ତଦନ୍ତ ଆରମ୍ଭ କରିଛି ଟାଉନ୍ ଥାନା ପୁଲିସ। ଗିରଫ ହୋଇ ଜେଲ ହାଜତରେ ଥିବା ଅଧ୍ୟାପିକାଙ୍କ ପୁରୁଷ ବନ୍ଧୁ ରୁଦ୍ରନାରାୟଣ ମିଶ୍ରଙ୍କ କେନ୍ଦୁଝର ମାଇନିଂ ରୋଡସ୍ଥିତ ଘରେ ଟିକିନିକି ଯାଞ୍ଚ କରିଛି ପୁଲିସର ଫୋରେନସିକ୍ ଟିମ୍। ଟିମରେ ଟାଉନ୍ ପୁଲିସ ସହ ୫ ଜଣିଆ ଟିମ୍ ସେଠାରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲେ। ସେଠାରୁ ମୃତ ଅଧ୍ୟାପିକାଙ୍କ ପିନ୍ଧା ଡ୍ରେସ, ଭଙ୍ଗା ମୋବାଇଲ୍ ଫୋନ୍, ଆଧାରକାର୍ଡ଼, ବ୍ୟାଙ୍କ ଖାତା ଏବଂ ଏଟିଏମ କାର୍ଡ ଜବତ କରିଥିବା ସୂଚନା ମିଳିଛି। କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଅତିଥି ଅଧ୍ୟାପିକା ଥିବା ପ୍ରିୟଙ୍କା ଦାଶ ନିଜ ପୁରୁଷ ବନ୍ଧୁ ରୁଦ୍ରନାରାୟଣ ମିଶ୍ରଙ୍କ ମାଇନିଂ ରୋଡସ୍ଥିତ ଘରେ ଗତ ୧ ବର୍ଷ ଧରି ଏକାଠି ଲିଭ୍‌ଇନ୍ ରିଲେସନସିପ୍‌ରେ ରହୁଥିଲେ ବୋଲି କୁହାଯାଉଛି। ଗତ ୧୭ ତାରିଖ ସେଠାରୁ ସନ୍ଦେହଜନକ ଭାବେ ପ୍ରିୟଙ୍କାଙ୍କ ଶବ ମିଳିଥିଲା। ପରେ ରୁଦ୍ରନାରାୟଣ ମିଶ୍ର, ପ୍ରିୟଙ୍କା ଦାଶଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ ପରିବାର ଲୋକେ। ଗୁରୁବାର ରୁଦ୍ରନାରାୟଣ ମିଶ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଟାଉନ୍ ଥାନା ପୁଲିସ। ଏହି ମାମଲାରେ ଶୁକ୍ରବାର ପୁଲିସ ଅଧିକ ଖୋଳତାଡ଼ ଆରମ୍ଭ କରିଛି। ମୃତ ଅଧ୍ୟାପିକାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି କେନ୍ଦୁଝର ଉପଖଣ୍ଡ ପୁଲିସ ଅଧିକାରୀ। ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ବାହାନଗା ପଞ୍ଚାୟତ ତାଳପଦା ଗାଁର ପ୍ରିୟଙ୍କା ଦାଶ ଗତ ୨ ବର୍ଷ ହେଲା କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ଅତିଥି ଅଧ୍ୟାପିକା ଭାବେ କାର୍ଯ୍ୟରତ ଥିଲେ।

# ସ୍କୁଲ ଫାଟକରେ ଅଭିଭାବକ, ଛାତ୍ରଛାତ୍ରୀଙ୍କ ଧାରଣା







➤ ନିମ୍ନମାନର ମଧ୍ୟାହ୍ନ ଭୋଜନକୁ ନେଇ ଅସନ୍ତୋଷ
➤ ଡାଲିରେ ଆଳୁ ପନି ପରିବା ବଦଳରେ ବୈତାଳୁ
➤ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ଦାବି

ତୁରୁମୁଙ୍ଗା, ୧୯।୧୨(ସମିସ): ଛାତ୍ରଛାତ୍ରୀଙ୍କୁ ସ୍କୁଲ ଆସିବାକୁ ଆକୃଷ୍ଟ ପାଇଁ ସରକାର ମଧ୍ୟାହ୍ନ ଭୋଜନ ଯୋଜନା କରିଛନ୍ତି; ହେଲେ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ତାତି ଉଠିଥିବା ଦେଖାଯାଇଛି। ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବିନେଇ ଶୁକ୍ରବାର କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚାଖୁଣ୍ଡାପାଳ ପଞ୍ଚାୟତ ସାନଗମ୍ଭାରିଆ ପ୍ରାଥମିକ ବିଦ୍ୟାଳୟର ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ ଛାତ୍ରଛାତ୍ରୀ। ଗତ ଅଗଷ୍ଟରୁ ୩ ମାସ ଧରି ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ଭାତ ସହ କେବଳ ବୈତାଳୁ ତରକାରୀ ଦିଆଯାଇଥିବା ଛାତ୍ରଛାତ୍ରୀ ଓ ଅଭିବାବକମାନେ ଅଭିଯୋଗ ଆଣିଛନ୍ତି। ଛାତ୍ରଛାତ୍ରୀମାନେ ଏହାକୁ ପ୍ରତିବାଦ କରିବାରୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମାନିନୀ ସେଠୀ ପିଲାଙ୍କୁ ଆକ୍ରୋଶ ରଖି ଗାଳିଗୁଲଜ କରି ଶୌଚାଳୟ ସଫେଇ କାର୍ଯ୍ୟରେ ନିୟୋଜିତ କରାଇବା ସହ ପ୍ରଧାନଶିକ୍ଷୟିତ୍ରୀଙ୍କ ସ୍ୱାମୀ ସ୍କୁଲ ଭିତରେ ଅବାଧରେ ପ୍ରବେଶ କରି ଛାତ୍ରଛାତ୍ରୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ଆଣିଛନ୍ତି। ତୁରନ୍ତ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ଦାବିକରି ଅଭିଭାବକ ଓ ଛାତ୍ରଛାତ୍ରୀ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଖବର ପାଇ ଘଟଣାସ୍ଥଳରେ ପାଟଣା ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ପହଞ୍ଚି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ସହ ଏକ ସପ୍ତାହ ମଧ୍ୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି କରିବା ନେଇ ପ୍ରତିଶ୍ରୁତି ପରେ ଅଭିଭାବକ ଓ ଛାତ୍ରଛାତ୍ରୀ ଧାରଣାରୁ ଉଠିଥିଲେ।

# ତ୍ରିଲୋଚନପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଆନନ୍ଦପୁର, ୧୯।୧୨(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗୋହିରା ପଞ୍ଚାୟତ ତ୍ରିଲୋଚନପୁର ସରକାରୀ ଆଶ୍ରମ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପଡ଼ିଆରେ ପ୍ରଧାନଶିକ୍ଷକ ଧନୁର୍ଜୟ ମହାନ୍ତଙ୍କ ତତ୍ତ୍ୱାବଧାନରେ ସରପଞ୍ଚ ମନ୍ଦାକିନୀ ପାତ୍ର ମୁଖ୍ୟଅତିଥି ଭାବେ କ୍ରୀଡ଼ାପତାକା ଉତ୍ତୋଳନ କରିଥିବା ବେଳେ ବିଶିଷ୍ଟ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ଦୈତାରୀ ମହାକୁଡ଼ ଯୋଗ ଦେଇଥିଲେ। ପରେ କ୍ରୀଡା ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ



ପାତ୍ରଙ୍କ ସଂଯୋଜନାରେ ଶିକ୍ଷକ ରାଜକିଶୋର ମଲିକ, ଅନୁପମ ରାଉତ, ଶିକ୍ଷୟିତ୍ରୀ ସବିତା ରାଉତ, ମମତାମୟୀ ରାଉତ, କନକଲତା ବେହେରା, ଗୀତାରାଣୀ ଜେନା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କ୍ରୀଡା ଓ ଖେଳକୁଦ୍ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଶ୍ରୀଧର ଚକ୍ର, ପଦ୍ମଲୋଚନ ରାଉଳ, ରମେଶ ବରାଳ, ପ୍ରଦୀପ ଚକ୍ର, ଜଗବନ୍ଧୁ ବେଜ, ଅନାମ ନାୟକ, ଦୁଲଣି ଟୁଡୁ, ଜାନକୀ ନାୟକ, ନୀଳିମା ନାଇକ, ଜ୍ୟୋସ୍ନାରାଣୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ପଦ୍ମପୁର ଶିଶୁ ମନ୍ଦିରରେ ସପ୍ତଶକ୍ତି କାର୍ଯ୍ୟକ୍ରମ



କେନ୍ଦୁଝର,୧୯।୧୨(ସମିସ): ସମାଜରେ ନାରୀମାନଙ୍କର ଲୁକ୍କାୟିତ ଶକ୍ତି ଯଥା ଶ୍ରୀ, ଧୃତି, କ୍ଷମା, ଶାନ୍ତି, ସମ, ଦମ, ତପର ଉଜାଗରଣ ପାଇଁ କେନ୍ଦୁଝର ସଦର ବ୍ଲକ୍ ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଏକ ବିଶାଳ ମାତୃଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାୟ ୨୫୦ ଜଣ ମହିଳାଙ୍କୁ ନାରୀର ମହତ୍ତ୍ୱ, ସ୍ଥାନ ଓ ଗୀତର ବର୍ଣ୍ଣିତ ବାଣୀରେ ନାରୀମାନଙ୍କର ନିଷ୍ଠା ପ୍ରତିପାଦନ ସମ୍ପର୍କରେ ମୁଖ୍ୟଅତିଥି ନୀତାଞ୍ଜଳି ଶତପଥୀ, ତପସ୍ୱିନୀ ବାରିକ ଉଦ୍‌ବୋଧନ ଦେଇଥିଲେ। ଦ୍ୱିତୀୟପର୍ଯ୍ୟାୟରେ ଗୁରୁମା ସ୍ନେହଲତା ବେହେରା, ଗାୟତ୍ରୀ ମହାନ୍ତଙ୍କ ତତ୍ତ୍ୱାବଧାନରେ ମା'ମାନଙ୍କୁ ନେଇ ହିନ୍ଦୁ ସଂସ୍କୃତିର ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷା ବିକାଶ ସମିତି ପ୍ରେରିତ ନୀତି,ନିୟମ ଆଧାରରେ ସମସ୍ତ କାଳାଂଶ କରାଯାଇଥିଲା। ମାମାନଙ୍କ ତରଫରୁ ସାନ୍ତ୍ୱନାମୂଳକ ଆଭିମୁଖ୍ୟ କଥନ ପାଇଁ ସଭା କାର୍ଯ୍ୟକୁ ସମାପନ କରାଯାଇଛି। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଯୋଗ ଦେଇଥିଲେ। ପର୍ଯ୍ୟାବରଣ, କୁଟୁମ୍ବ ପ୍ରବୋଧନ ଆଦିରେ ଅନୁପମା ସାହୁ ଗୁରୁମା କଥା ରଖିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା


ତେଲକୋଇ, ୧୯।୧୨(ସମିସ): ତେଲକୋଇ ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓରିଆ)ରେ ୧୭ ଓ ୧୮ ଡିସେମ୍ବର ଦୁଇଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ତେଲକୋଇ ଥାନା ଆଇଆଇସି ଅଞ୍ଜନ କୁମାର ପାତ୍ର, ବନ ବିଭାଗ ଅଧିକାରୀ ଅଶୋକ କୁମାର ମାଝୀ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ



ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ପରିଡା ଉପସ୍ଥିତ ଥିଲେ। ମୋଟ ୨୫ଟି କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜୁନିୟର ବାଳକ ବର୍ଗରେ ଶୁଭମ କୁମାର ସେଠୀ ଓ ଜୁନିୟର ବାଳିକା ବର୍ଗରେ କାମିନୀ ମୁଣ୍ଡା ଚାମ୍ପିୟନ ହୋଇଥିବାବେଳେ, ସିନିୟର ବାଳକ ବର୍ଗରେ ବିଭୁକିଶୋର ଦେହୁରୀ ଓ ସିନିୟର ବାଳିକା ବର୍ଗରେ ସୁପ୍ରିୟା ମହାନ୍ତ ଚାମ୍ପିଅନ ହୋଇଥିଲେ। ସମାପନୀ ସମାରୋହରେ ଆଇଆଇସି ତେଲକୋଇ ଅଞ୍ଜନ କୁମାର ପାତ୍ର, ଆବକାରୀ ଅଧିକାରୀ ସ୍ୱାଭିମାନ ବଡ଼ଜେନା ଓ ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ଏହି କ୍ରୀଡ଼ା ଉତ୍ସବକୁ ଶାରୀରିକ ଶିକ୍ଷା ଶିକ୍ଷକ ସତ୍ୟକୃଷ୍ଣ ଦାସ, ଅତିଥି ଶାରୀରିକ ଶିକ୍ଷା ଶିକ୍ଷକ ପପୁନ କୁମାର ମହାନ୍ତ ଓ ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିଲେ। ପିଜିଟି ଇଂରାଜୀ ସୁଦର୍ଶନ ଲାକ୍ରା ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଆନନ୍ଦପୁର,୧୯।୧୨(ସମିସ): ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଭଣ୍ଡାରଡିହା ପଞ୍ଚାୟତ ତୋରାଣିଆପାଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ



ଶ୍ୟାମସୁନ୍ଦର ଜେନାଙ୍କ (୮୭) ମୃତ୍ୟୁ ଘଟିଛି। ଦୀର୍ଘ ଦିନ ଧରି ସେ କିଡନୀ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗତକାଲି ସକାଳ ୧୦ଟା ସମୟରେ ନିଜ ବାସଭବନରେ ଶ୍ରୀ ଜେନା ଇହଧାମ ତ୍ୟାଗ କରିଛନ୍ତି। ଶ୍ରୀ ଜେନା ଅଞ୍ଚଳରେ ଜଣେ ଜଣାଶୁଣା କବି ଏବଂ ପରୋପକାରୀ, ମିଷ୍ଟଭାଷୀ, କର୍ତ୍ତବ୍ୟ ପରାୟଣ ମଣିଷ ଥିଲେ। ତାଙ୍କ ମୃତ ଶରୀର ନିକଟରେ ଦୁଇ ପୁଅ, ଏକମାତ୍ର ଝିଅ, ଦୁଇ ବୋହୂ, ନାତିନାତୁଣୀ, ବନ୍ଧୁବାନ୍ଧବ ପ୍ରିୟଜନମାନେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ଗ୍ରାମସ୍ଥିତ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି। ମୁଖାଗ୍ନି ବଡ଼ପୁତ୍ର ଦିଲ୍ଲୀପ ଦେଇଥିଲେ।

# ବାହାରିପୁରରେ ଶୀତବସ୍ତ୍ର ବାଣ୍ଟିଲେ ଶିକ୍ଷକ ଦମ୍ପତି



ହାଟଡ଼ିହୀ,୧୯।୧୨(ସମିସ): ହାଟଡ଼ିହୀ ବ୍ଲକ ସମଣା ପଞ୍ଚାୟତ ବାହାରିପୁର ଗ୍ରାମର ମା' ଥାନପତିଙ୍କ ପୀଠ ପ୍ରାଙ୍ଗଣରେ ଶୁକ୍ରବାର ଅପରାହ୍ନ ୫ଟା ସମୟରେ ମାଗଣା ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଜଣେ ଶିକ୍ଷକ ଦମ୍ପତି ଆଜକୁ ୭ ବର୍ଷ ଧରି ନିଜକୁ ସେବାକାର୍ଯ୍ୟରେ ନିୟୋଜିତ କରିଆସୁଛନ୍ତି। ଖେତୁଆଳି ଗ୍ରାମର ମାର୍କଣ୍ଡ ଚରଣ ମହାପାତ୍ରଙ୍କ ଶିକ୍ଷକ ପୁଅ ସୁଧାକର ମହାପାତ୍ର ଓ ପୁତ୍ରବୋଧୂ ଶିକ୍ଷୟିତ୍ରୀ ରୁକ୍ମଣୀ ମହାପାତ୍ର ବାହାରିପୁର ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଗରିବ, ଅସହାୟ, ବିଧବା, ଅତିଷ୍ଠ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର (କମ୍ବଳ) ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ରୀ ମହାପାତ୍ରଙ୍କ ପିତା ତଥା ଅଞ୍ଚଳର ଜଣେ ବରିଷ୍ଠ ସମାଜସେବୀ ମାର୍କଣ୍ଡ ଚରଣ ମହାପାତ୍ର ସଭାପତିତ୍ୱ କରିଥିଲା ବେଳେ ଏଥିରେ ଯୁବ ସମାଜସେବୀ ରତ୍ନାକର କବି, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ପାଢ଼ୀ, ଅଭୟ ଚରଣ ଜେନାଙ୍କ ସମେତ ଗ୍ରାମର ଅମୂଲ୍ୟ ରାଉତ, ଜଗତାନନ୍ଦ ସାହୁ, ରାଜକିଶୋର ବାରିକ, ଖଗେଶ୍ୱର ବିଶ୍ୱାଳ, ମଦନ ମୋହନ ବିଶ୍ୱାଳ, କରୁଣାକର ରାଉତ, ସୁଶାନ୍ତ ଜେନା, ଅଜୟ ଜେନା, ବିଜୟ ଜେନା, କ୍ଷୀରୋଦ ଜେନା, ବାବନ ସାହୁ, ନାରାୟଣ ସ୍ୱାଇଁ, ନରୋତ୍ତମ ସାହୁ ପ୍ରମୁଖଙ୍କ ସହ ଅନେକ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

# ହାଟଡିହିରେ ଜିଲ୍ଲାସ୍ତରୀୟ ବନ୍ୟାଜଳ ଉଦ୍ଧାର ମକ୍‌ଡ୍ରିଲ୍



କେନ୍ଦୁଝର, ୧୯।୧୨(ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ହାଟଡିହି ବ୍ଲକର ଆମ୍ରୋ ପଞ୍ଚାୟତ କରଗୋଳା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ବନ୍ୟା ଏବଂ ଜଳ ଉଦ୍ଧାର ଉପରେ ଏକ ଜିଲ୍ଲାସ୍ତରୀୟ ମକ୍‌ଡ୍ରିଲ୍ ଆୟୋଜିତ ହୋଇଯାଇଛି। ବିପର୍ଯ୍ୟୟ ପ୍ରସ୍ତୁତି ପଦକ୍ଷେପର ଏକ ଅଂଶଭାବରେ କଟକର ମୁଣ୍ଡଳୀଠାରେ ଥିବା ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀର ବାଟାଲିୟନ ସହାୟତାରେ ଏହି ଅଭ୍ୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୦୩ ବିଏନ ଏନଡିଆରଏଫର କମାଣ୍ଡାଣ୍ଟ ନବୀନ କୁମାରଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। ଏନଡିଆରଏଫର ଇନ୍ସପେକ୍ଟର ଚିତ୍ତରଞ୍ଜନ ମାଝୀ, ସବଇନ୍ସପେକ୍ଟର ବି.କେ. ମୀନା ଏବଂ ସବଇନ୍ସପେକ୍ଟର ମୋହିତ କୁମାର ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଏସକେ ଇଜାଜ ଇକବାଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ପରିଡା, ସିଡିପିଓ ଉମାମଣି ମୋହନପାତ୍ର, ଜିପିଡିଓ ଦେବଜ୍ୟୋତି ପରଂବ୍ରହ୍ମ ଦାସ ଏବଂ ଅଗ୍ନିଶମ ଅଧିକାରୀ ଅମରେନ୍ଦ୍ର ବର୍ଦ୍ଧନ ବିଭିନ୍ନ ଲାଇନ ବିଭାଗର ଅଧିକାରୀଙ୍କ ସହ ଉପସ୍ଥିତ ଥିଲେ।

# ସଦର ବ୍ଲକ୍‌ସ୍ତରୀୟ ଓଷ୍ଟାର ଶିଶୁ ଉତ୍ସବ



କେନ୍ଦୁଝର, ୧୯।୧୨(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସଦର ବ୍ଲକ ପକ୍ଷରୁ ୪୨ତମ ଶିଶୁ ଉତ୍ସବ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ପାଳନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସଦର ବ୍ଲକ ଉପସଭାପତି ପ୍ରଦୀପ କୁମାର ବାରିକ ସଭାପତିତ୍ୱ କରିଥିଲେ। ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟପ୍ରକାଶ ରାଉତ ମୁଖ୍ୟଅତିଥି, ଜିଲ୍ଲା ଓଷ୍ଟାର ଉପଦେଷ୍ଟା ଓ ପ୍ରାକ୍ତନ ସଂପାଦକ ପ୍ରଶାନ୍ତ ମିଶ୍ର ମୁଖ୍ୟବକ୍ତା, ଜିଲ୍ଲା ଓଷ୍ଟାର ଯୁଗ୍ମ ସଂପାଦକ ଅଜ୍ଞାନ ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରତିଯୋଗୀମାନେ ୧୦ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗର ଶ୍ରେଷ୍ଠ ତିନି ଜଣ ପ୍ରତିଯୋଗୀଙ୍କୁ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ସଦର ବ୍ଲକ ସଭାପତି ଲକ୍ଷ୍ମଣ ସାହୁ ସଭାପତିତ୍ୱ କରିଥିଲେ। ଓଷ୍ଟା କେନ୍ଦୁଝରର ଉପଦେଷ୍ଟା ତଥା ପ୍ରାକ୍ତନ ସଭାପତି ରଘୁନାଥ ବେହେରା ମୁଖ୍ୟଅତିଥି, ଓଷ୍ଟା କେନ୍ଦୁଝରର ଉପଦେଷ୍ଟା ତଥା ପ୍ରାକ୍ତନ ସଂପାଦକ ପ୍ରଶାନ୍ତ କୁମାର ମିଶ୍ର ବିଶିଷ୍ଟ ଅତିଥି, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟପ୍ରକାଶ ରାଉତ ମୁଖ୍ୟବକ୍ତା, ଜିଲ୍ଲା ସଭାପତି ମନ୍ମଥ ନାଥ ମହାନ୍ତ ସମ୍ମାନିତ ଅତିଥି, ଜିଲ୍ଲା ଯୁଗ୍ମ ସଂପାଦକ ଅଜ୍ଞାନ ଚାନ୍ଦ ଏବଂ ସଦର ବ୍ଲକ ଉପସଭାପତି ପ୍ରଦୀପ କୁମାର ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସଂପାଦକ ବସନ୍ତ କୁମାର କର ପ୍ରତି ବିଭାଗର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ ସୂଚନା ପ୍ରଦାନ କରି ଧନ୍ୟବାଦ ଅର୍ପଣ କରିଥିଲେ।

# ଅମୂଲ୍ୟ ପହି କଲେଜରେ ବିଜ୍ଞାନ ମେଳା ଉଦ୍‌ଯାପିତ

ଆନନ୍ଦପୁର, ୧୯।୧୨ (ସମିସ): ଘସିପୁରା ବ୍ଲକ ନୂଆପଡାସ୍ଥିତ ଅମୂଲ୍ୟ ପହି +୨ ବିଜ୍ଞାନ କଲେଜରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ଇଂ କଳିଙ୍ଗ ଭୂଷଣ ପହି ଏହାକୁ ଉଦଘାଟନ କରିଥିଲେ। ଏହି ବିଜ୍ଞାନ ମେଳାରେ ବଳରାମପୁର ସରସ୍ୱତୀ ଶିଶୁମନ୍ଦିର, ଦେଓଗାଁ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟ, ନୂଆପଡା କୌଶଲ୍ୟାଦେବୀ ହାଇସ୍କୁଲ, ଅମୂଲ୍ୟ ପହି +୨ କଲେଜ, ନୂଆପଡା, ଜାଭିୟର ସ୍କୁଲ ଅଂଶଗ୍ରହଣ କରିଥିଲେ। ଏଥିରେ ୫୫ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ବିଚାରକ ଭାବେ ଶାଳପଡା ଜାଭିୟର ସ୍କୁଲର ଶିକ୍ଷକ ପ୍ରତାପ ବେହେରା, ଶିକ୍ଷୟିତ୍ରୀ ସ୍ମୃତିରେଖା ମହାପାତ୍ର, ସୁବର୍ଣ୍ଣା ସାହୁ ବିଜ୍ଞାନ ମେଳା ବୁଲି ପ୍ରକଳ୍ପ ମୂଲ୍ୟାଙ୍କନ କରିଥିଲେ। ବିଜ୍ଞାନ




ମେଳାରେ ସର୍ବ କନିଷ୍ଠ ବିଭାଗରେ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟ ପ୍ରଥମ, କନିଷ୍ଠ ବିଭାଗରେ ସରସ୍ୱତୀ ମନ୍ଦିର ପ୍ରଥମ, ବରିଷ୍ଠ ବିଭାଗରେ କୌଶଲ୍ୟାଦେବୀ ହାଇ ସ୍କୁଲ ପ୍ରଥମ, ମହାବିଦ୍ୟାଳୟ ସ୍ତରରେ ଅମୂଲ୍ୟ ପହି +୨ ବିଜ୍ଞାନ କଲେଜ ପ୍ରଥମ ସ୍ଥାନ କରିଛନ୍ତି। ବିଜ୍ଞାନ ଶିକ୍ଷକ ବାବାଜୀ ଚରଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କୃଷ୍ଣଚନ୍ଦ୍ର ମହାନ୍ତ, ମୁଖ୍ୟବକ୍ତା ଭାବେ ପ୍ରବୀଣ କବି, ସମ୍ମାନିତ ଅତିଥି ଭାବେ ଅନାମ ଚରଣ ମାଝୀ, ଧର୍ମେନ୍ଦ୍ରୀ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରତି ଅନନ୍ୟ ଅବଦାନ ପାଇଁ ମନୋଜ ମହାନ୍ତ, ପଙ୍କଜ କୁମାର ବାରିକଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୌରାଙ୍ଗ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦେବାଶିଷ ବିନ୍ଧାଣି, ପ୍ରମୋଦ କୁମାର ନାୟକ ଶିକ୍ଷୟିତ୍ରୀ ମୋନାଲିସା ରାଉତ, ବିଜୟଲକ୍ଷ୍ମୀ ବିନ୍ଧାଣି, ସୃତି ସୁଚରିତା ଚକ୍ର, ସରିତା ପେରେଇ, ଲୋପିତା ପ୍ରିୟଦର୍ଶିନୀ, ରଂଜିତା ଦାଶ ପ୍ରମୁଖ ପରିଚାଳନା କରିଥିଲେ।

## କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ

# ନ୍ୟାୟ ପାଇଁ ଗ୍ରାମବାସୀ ଥାନା ଓ ତହସିଲର ଦ୍ୱାରସ୍ଥ

ବାଲିବନ୍ଧ,୧୯।୧୨(ସମିସ): ସାହିଠାରୁ ସହର ପର୍ଯ୍ୟନ୍ତ ସରକାରୀ ଜମିଠାରୁ ଆରମ୍ଭ କରି ଗୋଚର ଜମି, ଶ୍ମଶାନ ଜମି ସହ ସର୍ବସାଧାରଣ ରାସ୍ତା ଅବରୋଧ କରାଯାଇଛି। ସରକାରଙ୍କ ଅନୁଦାନରେ ସରକାରୀ ସ୍ଥାନରେ କିଛି ଉନ୍ନତିମୂଳକ କାର୍ଯ୍ୟ କରିବାକୁ ଗଲା ବେଳେ ସରକାରୀ ଜାଗା ଜବରଦଖଲ ରହୁଥିବା ଫଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଝୁମ୍ପୁରା ବ୍ଲକ ଖୁଣ୍ଟାପଡା ପଞ୍ଚାୟତ ବାରଖଣ୍ଡିଆ ୭ ନମ୍ବର ୱାର୍ଡର ଗଣ ବେଣ୍ଟକାର ଘରଠାରୁ ବିନୋଦ ବେଣ୍ଟକାର ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ସରକାରୀ ଅନୁଦାନ ମିଳିଛି। ଏହି ଦାଣ୍ଡ କଂକ୍ରିଟ କରଣ କରିବା ପାଇଁ କାମ ଆରମ୍ଭ ହୋଇଛି ସତ କିନ୍ତୁ ୱାର୍ଡର ଇନ୍ଦ୍ରମଣି ପ୍ରଧାନ, ଜଗବନ୍ଧୁ ପ୍ରଧାନ, ଜନ୍ମେଜୟ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ କଂକ୍ରିଟ ରାସ୍ତା ନିର୍ମାଣକୁ ବିରୋଧ କରିବା




ସହ ରାସ୍ତା କାମକୁ ସଂପୂର୍ଣ୍ଣ ଭାବରେ ବନ୍ଦ କରି ଦେଇଛନ୍ତି। ରାସ୍ତା କାମକୁ ବନ୍ଦ କରିଥିବା ବ୍ୟକ୍ତିମାନେ ଯେଉଁଠାରେ କାମ ହେଉଛି ତାହା ତାଙ୍କ ପଟ୍ଟାଭୁକ୍ତ ବୋଲି ଦାବି କରିଛନ୍ତି। ଏପଟେ ୭ ନମ୍ବର ୱାର୍ଡ ବାସିନ୍ଦା କହନ୍ତି, ଯେଉଁ ଦିନଠାରୁ ଏଠାରେ ବସତି ସ୍ଥାପନ ହୋଇଛି ସେହି ଦିନଠାରୁ ଏହି ଦାଣ୍ଡରେ ଲୋକେ ଯାତାୟାତ କରୁଛନ୍ତି। ୱାର୍ଡ ବାସିନ୍ଦା ପ୍ରଶ୍ନ କରିଛନ୍ତି ଯେ ଯଦି ଉକ୍ତ ସ୍ଥାନ ତାଙ୍କର ପଟ୍ଟା ରହିଛି ତା ହେଲେ ଏତେ ଦିନ କାହିଁକି ଲୋକଙ୍କୁ ସେଠାରେ ଯାତାୟାତ କରିବା ପାଇଁ ସୁଯୋଗ ଦେଉଥିଲେ ? ୱାର୍ଡରେ ହେଉଥିବା ରାସ୍ତା କାମକୁ ବନ୍ଦ କରି ଦେବାରୁ ୱାର୍ଡ ବାସିନ୍ଦା ଏହାର ସମାଧାନ କରିବା ପାଇଁ ଝୁମ୍ପୁରା ରାଜସ୍ୱ ବିଭାଗ, ଝୁମ୍ପୁରା ତହସିଲଦାର ଓ ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ କରିବା ଦିଗରେ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ନଦେଲେ ଆସନ୍ତା ସପ୍ତାହରେ ୱାର୍ଡ ବାସିନ୍ଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ୱାର୍ଡବାସିନ୍ଦା ସୁରେନ୍ଦ୍ର ରାୟ ବେଣ୍ଟକାର, ଜାନ ବେଣ୍ଟକାର ମତୀ ବେଣ୍ଟକାର, ଶୁକ୍ରମନୀ ବେଣ୍ଟକାର, ଡାଳିମ୍ବ ବେଣ୍ଟକାର, ଫଲଣ୍ଡି ବେଣ୍ଟକାର, ସୁରମା ବେଣ୍ଟକାର, ସୁନୀ ବେଣ୍ଟକାର, ବାହାଦୂର ବେଣ୍ଟକାର, ପ୍ରଶାନ୍ତ ବେଣ୍ଟକାର, ଗୁରୁ ବେଣ୍ଟକାରଙ୍କ ସମେତ ୱାର୍ଡର ଅନ୍ୟ ସଦସ୍ୟ ସୂଚନା ପ୍ରଦାନ କରିଛନ୍ତି। ୱାର୍ଡ ବାସିନ୍ଦା ଝୁମ୍ପୁରା ଥାନାରେ ପହଞ୍ଚି କଂକ୍ରିଟ ରାସ୍ତା କାମକୁ ବନ୍ଦ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିବା ସହ ରାସ୍ତା କାମ ଚାଲୁ ରଖିବାକୁ ମଧ୍ୟ ଥାନା କର୍ତ୍ତୃପକ୍ଷ ନିବେଦନ କରିଛନ୍ତି। ଏନେଇ ଝୁମ୍ପୁରା ତହସିଲଦାର ରୋହିତ ବାଗଙ୍କ ମତାମତ ନେବାରୁ କହିଲେ, ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ, ଜମି ଚିହ୍ନଟ କରାଯାଇ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରାଯିବ।

# ରାଜ୍ୟ ମହିଳା କମିସନ୍‌ଙ୍କ କ୍ୟାମ୍ପ୍ କୋର୍ଟ

କେନ୍ଦୁଝର, ୧୯।୧୨(ସମିସ): ମହିଳାମାନଙ୍କ ସହ ଜଡ଼ିତ ଅଭିଯୋଗର ସମାଧାନ ଏବଂ ଜିଲ୍ଲା ସ୍ତରରେ ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ଶୁକ୍ରବାର ଓଡିଶା ରାଜ୍ୟ ମହିଳା କମିସନରଙ୍କ ଏକ କ୍ୟାମ୍ପ କୋର୍ଟ ଶୁଣାଣି କେନ୍ଦୁଝର ଜିଲ୍ଲାପାଳଙ୍କ ଦରବାର ହଲରେ ଅନୁଷ୍ଠିତ ହୋଇଯାଇଛି। କମିସନ୍‌ର ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାମ୍ପ କୋର୍ଟରେ ସଦସ୍ୟା ପ୍ରତିଭା ଶତପଥୀ, ଉପଆରକ୍ଷୀ ଅଧୀକ୍ଷକ ପ୍ରଭା ଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସମାଜ ମଙ୍ଗଳ ଅଧିକାରୀ ଭାରତୀ ସାହୁ, ଜିଲ୍ଲା ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା, ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ସହଯୋଗ କରିଥିଲେ। କ୍ୟାମ୍ପ କୋର୍ଟରେ ମୋଟ ୨୧ଟି ମାମଲା ପଞ୍ଜିକୃତ ହୋଇଥିବାବେଳେ ତନ୍ମଧ୍ୟରୁ ୧୪ଟି ମାମଲାରେ ପକ୍ଷ ହାଜର ହୋଇଥିଲେ। ସେଥିମଧ୍ୟରୁ ୭ଟି ମାମଲାରେ ଉଭୟ ପକ୍ଷ, ୫ଟି ମାମଲାରେ କେବଳ ଆବେଦନକାରୀ ଏବଂ ୨ଟି ମାମଲାରେ କେବଳ ବିପରୀତ ପକ୍ଷ ହାଜର ହୋଇଥିଲେ। ଶୁଣାଣି ପରେ ୪ଟି ମାମଲା ଘଟଣାସ୍ଥଳେ ଆପୋଷ ସମାଧାନ କରାଯାଇଥିଲା। ଦୁଇଟି ମାମଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା ଏବଂ ଗୋଟିଏ ମାମଲା ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ପଠାଯାଇଛି। ପାଞ୍ଚଟି ମାମଲାରେ, ପରବର୍ତ୍ତୀ ତାରିଖରେ ହାଜର ହେବା ପାଇଁ ପକ୍ଷମାନଙ୍କୁ ନୂତନ ନୋଟିସ ଜାରି କରାଯାଇଛି। ସମ୍ପୃକ୍ତ ପକ୍ଷଙ୍କ ଅସହଯୋଗ ଯୋଗୁଁ ଦୁଇଟି ମାମଲା ପ୍ରତ୍ୟାହାର କରାଯାଇଛି। କ୍ୟାମ୍ପ କୋର୍ଟ ସମୟରେ କମିସନ ଦୁଇଟି ନୂତନ ମାମଲା ଗ୍ରହଣ କରିଥିଲେ।

# ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ କନ୍ୟା ଶିବିର



ବଡ଼ବିଲ, ୧୯ ।୧୨(ସମିସ) ବଡ଼ବିଲଠାରେ ଥିବା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ କନ୍ୟା ଶିବିର ଆୟୋଜିତ ହୋଇଯାଇଛି। ପାରମ୍ପରିକ ଖେଳ ସହ ପାରମ୍ପରିକ ଖାଦ୍ୟର ପ୍ରଦର୍ଶନୀ, ବର୍ଜ୍ୟବସ୍ତୁରୁ ବିଭିନ୍ନ ଜିନିଷ ପ୍ରସ୍ତୁତ, ଖୁଦୁରୁକୁଣୀ, ମାଣବସା ଗୁରୁବାର ଆଦି ଓଡ଼ିଆ ପର୍ବପର୍ବାଣୀ ନମୁନା ମଧ୍ୟ ପ୍ରଦର୍ଶନ କରିଥିଲେ। ମହିୟସୀ ମହିଳାଙ୍କ ବେଶ ପ୍ରତିଯୋଗିତାରେ ବାଳିକାମାନେ ବିଭିନ୍ନ ମହିୟସୀ ମହିଳାଙ୍କ ବେଶ ଧାରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୪୦୦ ଭଉଣୀ ଯୋଗଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ବିପିନ ବିହାରୀ ଖଣ୍ଡାୟାଙ୍କ ତତ୍ତ୍ୱାବଧାନରେ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ଅନୁଗୋଳ ମେଡିକାଲରେ ବିଭିନ୍ନ ଅସ୍ତ୍ରୋପଚାର କରାଯିବାକୁ ଦାବି



ଅନୁଗୋଳ,୧୯ ।୧୨(ସମିସ): ଅନୁଗୋଳ ମେଡିକାଲରେ ବିଭିନ୍ନ ଅସ୍ତ୍ରୋପଚାର କରାଯିବାକୁ ଶୁକ୍ରବାର ଅନୁଗୋଳ ଗସ୍ତରେ ଆସିଥିବା ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଆୟୁକ୍ତ ତଥା ସଚିବ ଅସ୍ୱଥୀ ଏସ୍‌ଙ୍କୁ ଜିଲ୍ଲା ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଡାକ୍ତରଖାନାରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗର ଉଦାସୀନତା ଯୋଗୁଁ ସମାଧାନ ହୋଇପାରୁନାହିଁ। ଓଡ଼ିଶାର ମଧ୍ୟବର୍ତ୍ତୀ ଜିଲ୍ଲା ଭାବେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୬/୭ଟି ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳର ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଏହାର ଗୁରୁତ୍ୱକୁ ବୁଝି ଏଠାରେ ଏକ ମେଡିକାଲ କଲେଜ ଖୋଲାଯାଇଛି। କିନ୍ତୁ ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲା ଦୁର୍ଘଟଣା ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ଅନେକ ରୋଗୀ ଗୁରୁତର ଅବସ୍ଥାରେ ଏହି ଚିକିତ୍ସାଳୟକୁ ଆସୁଥିଲେ ମଧ୍ୟ ଏଠାରେ ଉତ୍ତମ ମାନର ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସ୍ୱେଚ୍ଛାସେବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଅନୁଗୋଳ ଡାକ୍ତରଖାନା ମେଡିକାଲ କଲେଜରେ ପରିଣତ ହୋଇସାରିଥିଲେ ମଧ୍ୟ ବର୍ତ୍ତମାନ ସୁଧା ଏକ ରେଫରାଲ ଡାକ୍ତରଖାନା ପାଲଟିଛି। ଅତି ସାଧାରଣରୁ ସାଧାରଣ ରୋଗୀଙ୍କୁ ମଧ୍ୟ ଏଠାରେ ଚିକିତ୍ସା ଯୋଗାଇଦେବା ପରିବର୍ତ୍ତେ କଟକ ଏସିବିକୁ ସ୍ଥାନାନ୍ତର କରାଯାଉଛି। ମେଡିକାଲ କଲେଜ ହେବା ପରେ ମଧ୍ୟ ଏଠାରେ ଶଲ୍ୟ ଅସ୍ତ୍ରୋପଚାର, ନାକ-କାନ-ଗଳ ଅସ୍ତ୍ରୋପଚାର ଏପରିକି ଦାନ୍ତ ଅସ୍ତ୍ରୋପଚାର ନିମନ୍ତେ ବ୍ୟବସ୍ଥା ହୋଇପାରିନାହିଁ। ଏହାସହ ଅନୁଗୋଳ ଜିଲ୍ଲାରେ ହୃଦରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପରୀକ୍ଷା ନିମନ୍ତେ ଇକୋ ମେସିନ୍ ଓ ଟ୍ରେଡମିଲ୍‌ର ଅତ୍ୟନ୍ତ ଆବଶ୍ୟକତା ରହିଛି ବୋଲି ସ୍ୱେଚ୍ଛାସେବୀମାନେ ପ୍ରକାଶ କରିଛନ୍ତି। ଏଣୁ ଏ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ କାର୍ଯ୍ୟକାରୀ କରାଯାଉ, ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବା ନେଇ ଚେତାବନୀ ଦିଆଯାଇଛି। ସ୍ୱେଚ୍ଛାସେବୀମାନଙ୍କ ଏହି ପ୍ରତିନିଧି ଦଳରେ ପର୍ଶୁରାମ ଦାଶ, ପ୍ରତାପ ମହାପାତ୍ର, ରୁକେଶ ରୋଶନ ଦାସ, ବିଶ୍ୱଜିତ୍ ବିଶ୍ୱାଳ, ଗୋପବନ୍ଧୁ ସାହୁ, ଆକାଶ ପ୍ରଧାନ, ସ୍ୱରୂପ କୁମାର ପାଢ଼ୀ ଓ ଲରେନଜିତ୍ ସାମଲ ପ୍ରମୁଖ ସାମିଲ ଥିଲେ।

## ତାରିଣୀ ମନ୍ଦିରରୁ ମା'ଙ୍କ ଗହଣା ଚୋରି; ୩ ଗିରଫ

କଣିହାଁ,୧୯ ।୧୨(ସମିସ): କଣିହାଁ ବ୍ଲକ ସମଲ ଥାନା ସମଲ ବ୍ୟାରେଜ ବଜାରସ୍ଥିତ ମା' ତାରିଣୀଙ୍କ ମନ୍ଦିରରୁ ବୁଧବାର ଅପରାହ୍ନରେ ଗହଣା ଚୋରି ହୋଇଛି। ସିସିଟିଭି ଫୁଟେଜରେ ଦେଖାଯାଉଥିବା ଦୃଶ୍ୟରେ ଦୁଇ ଚୋର ବାହାରେ ଜଗିଥିବା ବେଳେ ଜଣେ ମନ୍ଦିର ମଧ୍ୟରେ ପ୍ରବେଶ କରି ମା'ଙ୍କୁ ଜୁହାର କରି ଗହଣା ଖୋଲି ନେଇ ବାହାରିଥିଲା। ସନ୍ଧ୍ୟାରେ ଗହଣା ଚୋରି ହୋଇଥିବା ଜଣାପଡ଼ିବା ପରେ ସିସିଟିଭି ଦେଖିବା ସହ ମନ୍ଦିର କମିଟି



ସମ୍ପାଦକ ସୁବାସ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରି ଶୁକ୍ରବାର ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ବିକସର ଗ୍ରାମର ରାଜୁ ସିରିକା, ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳର ସୁନୀଲ କୁମାର ମୁଣ୍ଡା ଓ ରିଆମାଳ ଥାନା ଟିଙ୍କିବିରର ଅଜୟ ଦଳବେହେରା।

## ସାଇବର ଠକଙ୍କୁ ସିମ୍ କାର୍ଡ ବିକି ୨ ଗିରଫ

● ୧୪୮୨ ସିମ୍, ୫୭ ହଜାର ୫୦୦ ଟଙ୍କା ଜବତ

ଅନୁଗୋଳ,୧୯ ।୧୨(ସମିସ): ସାଇବର ଠକଙ୍କୁ ଅଧିକ ଦାମ୍‌ରେ ସିମ୍ ବିକ୍ରି କରିଥିବା ଅଭିଯୋଗରେ ପୁଲିସ ହଣ୍ଡପା ଥାନା ଅଞ୍ଚଳର ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୁନକାପଶିର ସଞ୍ଜୟ କୁମାର ପ୍ରଧାନ (୩୮) ଓ ତାଙ୍କ ସହଯୋଗୀ ଲୁହାମୁଣ୍ଡାର ରୋହିତ ବେହେରା (୩୨)। ବଇଣ୍ଡାର ରଶ୍ମି ଇଲେକ୍ଟ୍ରୋନିକ୍ସ ନାମକ ମୋବାଇଲ ଦୋକାନରେ ଅଧିକ ଦାମରେ ସାଇବର ଠକମାନଙ୍କୁ ସିମ୍ ବିକ୍ରି କରାଯାଉଥିବା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଇନ୍ସପେକ୍ଟର ଅୟସକାନ୍ତ ଜେନା,



ନମିତା ନାୟକ, ଏଏସଆଇ ତପନ କୁମାର ରାୟ, ହାବିଲଦାର ସନ୍ତୋଷ କୁମାର ସାହୁ ପ୍ରମୁଖ ଉକ୍ତ ଦୋକାନରେ ଚଢ଼ଉ କରି ଏଭଳି ଅସାଧୁ କାରବାର ଚାଲିଥିବା ପ୍ରମାଣ ପାଇଥିଲେ। ଅଭିଯୁକ୍ତଙ୍କଠାରୁ ୧୪୮୨ଟି ବିଭିନ୍ନ କମ୍ପାନୀର ସିମ୍ ଏବଂ ୫୭ ହଜାର ୫୦୦ ଟଙ୍କା ଜବତ କରାଯାଇ ଉଭୟଙ୍କୁ ଗିରଫ କରାଯାଇଛି।

## ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ

କିଶୋରନଗର,୧୯ ।୧୨(ସମିସ): ପାଲଲହଡ଼ା ବ୍ଲକ ନାଗିରା ପଞ୍ଚାୟତରେ ବିଶ୍ୱ ଯୁବକେନ୍ଦ୍ର, ଅନୁଗୋଳ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ସରପଞ୍ଚ ପିତନ ବାରିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ନାୟକ, ବିଶ୍ୱ ଯୁବକେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନ ଓ ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ପ୍ରକଳ୍ପ ସହାୟକ ପୂର୍ଣ୍ଣଚନ୍ଦ୍ର କିସାନ ଓ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଧନମନ ଯୋଜନା, ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଦିଆଯାଉଥିବା ଋଣ ବ୍ୟବସ୍ଥା, ଆନ୍ତଃ ଜାତି ଶିଶୁମାନଙ୍କ ପାଇଁ ସ୍କଲାରସିପ, ରାସନ କାର୍ଡ, ବାଲ୍ୟବିବାହ, ଶିଶୁ ଚାଲାଣ ବିଷୟରେ ହିତାଧିକାରୀଙ୍କୁ ଅବଗତ କରାଯାଇଥିଲା। ପଞ୍ଚାୟତର ଅଙ୍ଗନବାଡ଼ି କର୍ମୀ, ୱାର୍ଡସଭ୍ୟଙ୍କ ସମେତ ପ୍ରାୟ ୬୦ ସଦସ୍ୟ ବୈଠକରେ ଯୋଗଦେଇଥିଲେ। ଏଥିସହ



ଜମରଡିହି ପଞ୍ଚାୟତ ବନ୍ଧାଭୂଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଶ୍ୱ ଯୁବକେନ୍ଦ୍ରର କର୍ମକର୍ତ୍ତାମାନେ ଯୋଗଦେଇ ଛାତ୍ରୀମାନଙ୍କୁ ବାଲ୍ୟବିବାହ, ଯୌନ ଶୋଷଣ ଓ ଶିଶୁ ଚାଲାଣ ସମ୍ବନ୍ଧରେ ସଚେତନ କରିବା ସହ ଶପଥ କରାଇଥିଲେ।

ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ବିଜୟ

## ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ବିଜେପି ବିରୋଧରେ ବିକ୍ଷୋଭ

ଅନୁଗୋଳ,୧୯ ।୧୨(ସମିସ): ନ୍ୟାସନାଲ ହେରାଲ୍ଡ ମିଛ ମାମଲାରେ ବିଜେପିର ସମସ୍ତ ଉଦ୍ୟମକୁ ଅଦାଲତ ପଣ୍ଡ କରି କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଚାଲିଥିବା ଦୀର୍ଘ ୧୨ବର୍ଷର ମାମଲାକୁ ରଦ୍ଦ କରିଛନ୍ତି। ଏହାକୁ କଂଗ୍ରେସର ନୈତିକ ବିଜୟ ଭାବେ ପାଳନ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ ଭବନଠାରୁ ବାହାରି ଅନୁଗୋଳ ବଜାର ପରିକ୍ରମା କରି ଏସ୍‌ପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୁଚକ୍ରୀ ବିଜେପି ସରକାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ବିଜେପି ବିରୋଧୀମାନଙ୍କ କଣ୍ଠରୋଧ କରିବା ପାଇଁ ସିବିଆଇ, ଆଇଟି ଓ ଇଡିକୁ ବ୍ୟବହାର କରି ମିଛ ମାମଲା କରୁଥିବା ଏହି ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ବୋଲି ନେତାମାନେ କହିଥିଲେ। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କୃଷକ ସେଲ ଉପାଧ୍ୟକ୍ଷ ଉମେଶ ସାହୁ, ପିସିସି ପ୍ୟାନେଲିଷ୍ଟ ରୂପାଦୀପ୍ତା ମହାପାତ୍ର, ରାଜ୍ୟ ଏସଟି ସେଲ ସାଧାରଣ ସମ୍ପାଦକ ତପନ ପ୍ରଧାନ, ରାଜ୍ୟ କୃଷକ ସେଲ ସଂଯୋଜକ ଦାଶରଥି ସାହୁ, ଫକୀର ପ୍ରଧାନ, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ବଳବୀର ସିଂହ, ରାଜକିଶୋର ସାହୁ, ସହଦେବ ବେହେରା, ଗୋବିନ୍ଦ ନାଏକ, ସୁଦୀପ ମିଶ୍ର, ବିନୋଦ ମାଝି, ସନ୍ତୋଷ ପଟ୍ଟନାୟକ, ଅମୂଲ୍ୟ ବେହେରା, ସଞ୍ଜୀବ ମାଣ୍ଡୋଠିଆ, ବାସୁଦେବ ସାମଲ, ଭଜମନ ଦାସ, ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଲୁଲୁ ପାଣିଗ୍ରାହୀ, ହେମନ୍ତ ମହାଲିକ, ଅଲେଖ ବେହେରା, ନଗର ସଭାନେତ୍ରୀ କସିଦା ଖାନ, ସ୍ୱାଗତିକା ସାହୁ, ସୁବାସ ସାହୁ, ରଶ୍ମିରଞ୍ଜନ ସାହୁ, ଦୁର୍ଗାଚରଣ ଶତପଥୀ, ସଂଗ୍ରାମ ବେହେରା ପ୍ରମୁଖ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଥିଲେ।



## ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



କଣିହାଁ,୧୯ ।୧୨(ସମିସ): କଣିହାଁ ବନାଞ୍ଚଳ ଅନ୍ତର୍ଗତ କଣିହାଁ ବ୍ଲକ କମରେଇ ଗ୍ରାମରେ ଗୁରୁବାର ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କୁମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, କଣିହାଁ ବନପାଳ, କର୍ମଚାରୀ ଇକୋ କ୍ଲବ ସଦସ୍ୟ କମରେଇ ଗ୍ରାମ ପରିକ୍ରମା କରି ଲୋକଙ୍କୁ ହାତୀ ବଂଶ ବୃଦ୍ଧି ଓ ସୁରକ୍ଷା ପାଇଁ ସଚେତନ କରିଥିଲେ। ଶିକ୍ଷକ ପ୍ରଶାନ୍ତ ବେହେରା, ବିଜୟ ପ୍ରଧାନ, ରଞ୍ଜନ ପ୍ରଧାନ, ସବିତା ପ୍ରଧାନ, ବାବୁଲ ସାହୁଙ୍କ ସହ କଣିହାଁ ବନପାଳ ଦୀପକ କୁମାର ସେଠୀ, ବନରକ୍ଷୀ କବିତା ପ୍ରଧାନ, ମନସ୍ମିତା ସାହୁ, ଗଜମିତ୍ର, ଗଜସାଥୀ ପ୍ରମୁଖ ସହଯୋଗ କରିଥିଲେ।

# ଲକ୍ଷାଧିକ ଟଙ୍କାର ଧାନ ପୋଡ଼ି ପାଉଁଶ



କଣିହାଁ,୧୯ ।୧୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଧୋବାପାଳ ଗ୍ରାମର ଭଗବାନ ସାହୁ ଓ ଡିଲେଶ୍ୱର ସାହୁଙ୍କ ଧାନ ଗଦାରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଧାନ ପୋଡ଼ି ପାଉଁଶ ହୋଇଯାଇଛି। କଣିହାଁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଭଗବାନ ଓ ଡିଲେଶ୍ୱର ଗୁଡ଼ିଆବନ୍ଧ ନିକଟ ଜମିରେ ଧାନ ଚାଷ କରିଥିଲେ। ଧାନ ଅମଳ କରି ପ୍ରାୟ ୩ହଜାର ଧାନ ବିଡ଼ା ବାନ୍ଧି ଜମି ପାଖଦେଇ ଯାଇଥିବା ପିଚୁ ରାସ୍ତାରେ ଗଦାକରି ରଖିଥିଲେ। ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ଧାନଗଦାରେ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଉଭୟ ଚାଷୀଙ୍କ ଲକ୍ଷାଧିକ ଟଙ୍କାର ଧାନ ପୋଡ଼ିଯାଇଛି। ଉଭୟ ଚାଷୀ ଗରିବ ହୋଇଥିବାରୁ ବର୍ତ୍ତମାନ ମୁଣ୍ଡରେ ହାତଦେଇ ବସିବା ସହ ହତାଶ ହୋଇପଡ଼ିଛନ୍ତି। ତେବେ ନିଆଁ କିପରି ଲାଗିଲା ତାହା ଜଣାପଡ଼ି ନାହିଁ। ସରକାରୀ ସହାୟତା ପାଇଁ ଉଭୟ ଚାଷୀ କଣିହାଁ ତହସିଲଦାର ଓ ବଡ଼ତ୍ରିବିଡ଼ା ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସାନତ୍ରିବିଡ଼ା ପଞ୍ଚାୟତର ଜନପ୍ରତିନିଧି ଓ ବିଭିନ୍ନ ସଂଗଠନ ଦାବି କରିଛନ୍ତି।

## ହାତୀ ଉପଦ୍ରବ; ଗ୍ରାମବାସୀ ଭୟଭୀତ

■ ସୁରକ୍ଷା ପାଇଁ ଗାଁ ଚାରିପାଖେ ନିଆଁ ଜାଳିଲେ

ଅନୁଗୋଳ,୧୯ ।୧୨(ସମିସ): ବେନ୍ତପୁର ଗାଁରେ ହାତୀ ଉପଦ୍ରବ ବଢ଼ିଛି। ହାତୀ ଉପଦ୍ରବରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଦୀର୍ଘ ୨ ମାସ ପରେ ପୁଣି ଥରେ ୮୦ଟିକିଆ ହାତୀପଲ ଗାଁରେ ପଶି ଫସଲ ନଷ୍ଟ କରିବା ସହ ଘରେ ପଶି ଧନସମ୍ପତ୍ତି ନଷ୍ଟ କରୁଛନ୍ତି। ସେପଟେ ହାତୀ ଦାଉରୁ ବଞ୍ଚିବା ପାଇଁ ଗ୍ରାମବାସୀ ଗାଁ ଚାରିପାଖେ ନିଆଁ ଜାଳିଛନ୍ତି। ଗାଁ ନିକଟରେ ଥିବା ବିଲଗୁଡ଼ିକରେ ବର୍ଷକର ଧାନ ଅମଳ ପରେ ଯେଉଁ ପାଳ ପଡ଼ିରହିଥିଲା, ସେଥିରେ ନିଆଁ ଲଗାଇ ଦେଇଛନ୍ତି। ତେବେ ଗାଁ ଚାରିପାଖରେ ନିଆଁ ଜଳୁଥିବା ବେଳେ ହାତୀ ନିଆଁକୁ ଦେଖି ଅଧିକ ଉତ୍ପାତ ଆରମ୍ଭ କରିଛନ୍ତି।



ପ୍ରତି ସନ୍ଧ୍ୟାରେ ଗାଁ ନିକଟ ପଦ୍ମପାଦ ମଠ ନିକଟରୁ ବାହାରି ହାତୀପଲ ଭେରୁଗୋଠା ସାହି ଅଞ୍ଚଳରେ ପଶି ଆତଙ୍କ ଖେଳାଉଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ପାଲଲହଡ଼ା କପ୍ କ୍ରିକେଟ; ସେମିରେ ଢେଙ୍କାନାଳ



ପାଲଲହଡ଼ା,୧୯ ।୧୨(ସମିସ): ପାଲଲହଡ଼ା କସ୍ମ କ୍ଲବ ଦ୍ୱାରା ପାଲଲହଡ଼ା ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପୁଲ୍-ବିର ପ୍ରଥମ ମ୍ୟାଚ ଢେଙ୍କାନାଳ ଓ କସ୍ମ କ୍ଲବ ମଧ୍ୟରେ ଅନୁଷ୍ଠିତ ହେଇଛି। ଢେଙ୍କାନାଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଢେଙ୍କାନାଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରେଇ ୨୩୪ ରନ ସଂଗ୍ରହ କରିଥିଲା। ଜବାବରେ ପାଲଲହଡ଼ା ଦଳ ସମସ୍ତ ୧୧୧ ରନ କରି ଉଇକେଟ ହରାଇଥିଲା। ସୁଜିତ ପ୍ରଧାନ ଓ ମାଧବ ସାହୁ ଖେଳ ପରିଚାଳନା କରିଥିଲେ। ପାଲଲହଡ଼ା ବ୍ଲକ ବିଜେଡି ସଭାପତି ରଞ୍ଜିତ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳି ଢେଙ୍କାନାଳ ଦଳର ଚନ୍ଦନ କୁମାର (୧୮ ବଲ ୭୦ ରନ)ଙ୍କୁ ପୁରସ୍କୃତ କରିଥିଲେ।

## ଯୌନ ନିର୍ଯାତନା ନିବାରଣ ସମ୍ପର୍କିତ ଆଲୋଚନାଚକ୍ର

ଛେଣ୍ଡିପଦା,୧୯ ।୧୨(ସମିସ): ସ୍ଥାନୀୟ ବାପୁଜୀ ମହାବିଦ୍ୟାଳୟରେ 'ଉଚ୍ଚ ଶିକ୍ଷାନୁଷ୍ଠାନରେ ଯୌନ ନିର୍ଯାତନା ନିବାରଣ' ସମ୍ପର୍କିତ ଦିନିକିଆ ଆଲୋଚନାଚକ୍ର ପିଏମ୍-ଉଷା ଅନୁଦାନରେ ମହାବିଦ୍ୟାଳୟର ଆଇକ୍ୟୁଏସି ଏବଂ ଆଇସିସି ସହଯୋଗରେ ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରଧାପିକା ଅରୁଣା ମିଶ୍ର ଯୋଗଦେଇ ପୋକ୍ସୋ ଆଇନର ବିଭିନ୍ନ ଦିଗ, କର୍ମ କ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା, ଯୌନ ନିର୍ଯାତନାର ବିଭିନ୍ନ କାରଣ, ଯୌନ ଉତ୍ପୀଡ଼ନ କ୍ଷେତ୍ରରେ ନୈତିକ ଓ ଆଇନଗତ କର୍ତ୍ତବ୍ୟ ଏବଂ ସାମ୍ବିଧାନିକ ବ୍ୟବସ୍ଥାରେ ବିଭିନ୍ନ ଦଣ୍ଡ ବିଧାନ, ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର କାର୍ଯ୍ୟ ଆଦି ସମ୍ପର୍କରେ ଆଲୋଚନା କରିବା ସହ ସଚେତନ କରାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଧର୍ମରାଜ ତ୍ରିପାଠୀ ଉଦବୋଧନ ଦେଇ ସାମ୍ପ୍ରତିକ ସମାଜରେ ବଢୁଥିବା ଯୌନ ନିର୍ଯାତନା ରୋକିବା ପାଇଁ ମାନସିକତାର ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଇଥିଲେ। ମହାବିଦ୍ୟାଳୟ ଆଇସିସି ଅଧ୍ୟକ୍ଷା ତଥା ପିଏମ-ଉଷା ସଂଯୋଜିକା ଅନିତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇକ୍ୟୁଏସି ସଂଯୋଜକ ଅଧାପକ ମନୋଜ କୁମାର ବେହେରା, ପିଏମ-ଉଷା କମିଟି ସଦସ୍ୟା ଅଧାପିକା ମନସ୍ୱିନୀ ଦାସ ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଅର୍ଥନୀତି ବିଭାଗ ଅଧାପିକା ପ୍ରଜ୍ଞାଲକ୍ଷ୍ମୀ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ପିଏମ-ଉଷା କମିଟି ସଦସ୍ୟ ଅଧାପକ ପ୍ରିୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

● ପପୁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଆଠମଲ୍ଲିକ ଓ ପତାକା କ୍ଲବ୍


କିଶୋରନଗର,୧୯ ।୧୨(ସମିସ): ଆଠମଲ୍ଲିକ ଲିପିଲୋଇ ଖେଳପଡ଼ିଆରେ ଚାଲିଥିବା ପପୁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦୁଇଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଆଠମଲ୍ଲିକ ଓ ପତାକା ଅଷ୍ଟକୀଳା କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆଠମଲ୍ଲିକ ଓ ପରଗଳପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଠମଲ୍ଲିକ ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ସାମ୍ବାଦିକ ଉଦୀପ୍ତ ପୁରୋହିତ, କମଳାକାନ୍ତ ମିଶ୍ର ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ପତାକା ଅଷ୍ଟକୀଳା କ୍ଲବ ଓ ଗିରାସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପତାକା କ୍ଲବ ୧-୦ଗୋଲରେ



ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରେଫରୀ ଭାବେ ଅମିତ ନାଏକ ଖେଳ ପରିଚାଳନା କରିଥିଲେ। ଲାଇନ୍ସମ୍ୟାନ ଭାବେ ସୁଶୀଲ ବେହେରା ଓ ଅର୍ଜୁନ ନାଏକ ସହଯୋଗ କରିଥିଲେ। ପ୍ରଫୁଲ୍ଲ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସନ୍ତୋଷ କୋପୁଲା, ସମ୍ମାନିତ ଅତିଥି ଭାବେ ରେଞ୍ଜର ସୁନୀଲ କୁମାର ସାହୁ, ବନ ବିଭାଗ ସଂଯୋଜକ ଦେବାନନ୍ଦ ନାଏକ ପ୍ରମୁଖ ଯୋଗଦେଇଥିଲେ।

## ରାଣୀଗୋଡ଼ା ବରିଷ୍ଠ ନାଗରିକ ମଞ୍ଚ ବୈଠକ

ଅନୁଗୋଳ,୧୯ ।୧୨(ସମିସ): ସହର ଉପକଣ୍ଠ ରାଣୀଗୋଡ଼ା ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ଅପରାହ୍ନ ୩ଟାରେ ମଞ୍ଚର ସାଧାରଣ ବୈଠକ ସ୍ଥାୟୀ ସଭାପତି ରାଜକିଶୋର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ମଞ୍ଚର ଦିବଂଗତ ସଦସ୍ୟ ସ୍ୱର୍ଗତ ଗୋପୀନାଥ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସିଂହସାମନ୍ତ ଗତ ଅକ୍ଟୋବର ୧୭ରେ ଅନୁଷ୍ଠିତ ବୈଠକର ବିବରଣୀ ପାଠ କରିଥିଲେ ଯାହା ସର୍ବସମ୍ମତି କ୍ରମେ ଦୃଢ଼ୀକରଣ କରାଯାଇଥିଲା। କୋଷାଧ୍ୟକ୍ଷ ଦାମୋଦର ଦାସ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ମିଳିତ ସହଯୋଗରେ ଅକ୍ଟୋବର ୩୦ରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିର ଖର୍ଚ୍ଚ ବିବରଣୀ



ଉପସ୍ଥାପନ କରାଯାଇଥିଲା। ଗ୍ରାମରେ ହେଉଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ପ୍ରଶସ୍ତୀକରଣ କାର୍ଯ୍ୟରେ କେତେକ ଜମି ମାଲିକ ବାଧା ସୃଷ୍ଟି କରୁଥିବାରୁ ଅସନ୍ତୋଷ ପ୍ରକାଶ କରି ଏ ବାବଦରେ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟ ଓ ଅଙ୍ଗନବାଡ଼ି 'ଖ' କେନ୍ଦ୍ର ଫାଟକ ସମ୍ମୁଖରେ ଗୋରୁ ବାନ୍ଧି ମଳମୂତ୍ର ଜମା କରି ପରିବେଶ ଦୂଷିତ କରିବା ଇତ୍ୟାଦିକୁ ନିନ୍ଦା କରାଯାଇ ଏ ବାବଦରେ ପଦକ୍ଷେପ ଗ୍ରହଣ କରାଯିବାକୁ ସରପଞ୍ଚଙ୍କୁ ଅନୁରୋଧ କରାଯାଇଛି। ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବା ସତ୍ତ୍ୱେ ସହକାରୀ ଶିକ୍ଷକ ଉପେନ୍ଦ୍ର ସାମଲଙ୍କୁ ଡେପୁଟେସନରେ ପଠାଯାଇଥିଲେ ହେଁ, ଅଦ୍ୟାବଧି ତାଙ୍କୁ ଫେରାଇ ଅଣାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ଏତଦବ୍ୟତୀତ ଅଞ୍ଚଳର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ଉପସଭାପତି ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କାମରେ ଲାଗୁନି ସୌରଚାଳିତ ଶୀତଳଭଣ୍ଡାର

ପାଲଲହଡ଼ା,୧୯ ।୧୨(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ବନ୍ଧାଭୂଇଁ ପଞ୍ଚାୟତ ଜମରଡିହ ଗ୍ରାମରେ ସରକାର ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା (ପିବିଡିଏ) ସ୍ଥାପନ କରିଛନ୍ତି। ପାଉଡ଼ି ଭୁୟାଁମାନେ ବିଭିନ୍ନ ଚାଷକାର୍ଯ୍ୟ କରି ନିଜ ଉତ୍ପାଦିତ ଦ୍ରବ୍ୟକୁ ଦୀର୍ଘଦିନ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିବା ପାଇଁ ୨୦୨୨ରେ ପିବିଡିଏ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ଦୂରରେ ସ୍ଥାନୀୟ ଉଦ୍ୟାନ ବିଭାଗ ପକ୍ଷରୁ ୧୦ ଲକ୍ଷ ଏବଂ ପିବିଡିଏ ପକ୍ଷରୁ ୬ ଲକ୍ଷ ମୋଟ ୧୬ ଲକ୍ଷ ଟଙ୍କା ବ୍ୟୟରେ ଓପିଲିପି ଯୋଜନା ଅଧୀନରେ ଏକ ଏନଜିଓ ଦ୍ୱାରା ୧୦ ମେଟ୍ରିକ ଟନ କ୍ଷମତା ସମ୍ପନ୍ନ ସୌରଚାଳିତ ଶୀତଳଭଣ୍ଡାର ସ୍ଥାପନ କରାଯାଇଥିଲା। ସ୍ଥାପନର କିଛିଦିନ ପର୍ଯ୍ୟନ୍ତ ଏହି ଶୀତଳଭଣ୍ଡାରକୁ ସ୍ଥାନୀୟ ଚାଷୀଙ୍କ ଦ୍ୱାରା ତରଭୁଜ ଗଚ୍ଛିତ ରଖିବା ପାଇଁ ବ୍ୟବହାର କରାଯାଉଥିଲା। କିନ୍ତୁ ସରକାରଙ୍କ ପକ୍ଷରୁ ଓପିଲିପି ଯୋଜନା ବନ୍ଦ କରାଯିବା ଫଳରେ ରକ୍ଷଣାବେକ୍ଷଣ କରୁଥିବା ଏନଜିଓ ଏବଂ ପାଉଡ଼ି ପିବିଡିଓ ଏହି ଶୀତଳଭଣ୍ଡାରକୁ ସ୍ଥାନୀୟ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରିଥିଲା। ସେବେଠାରୁ ଏହି ଶୀତଳଭଣ୍ଡାର ସ୍ଥାଣୁ ହୋଇ ପଡ଼ି ରହିଥିବା ଦେଖିବାକୁ ମିଳିଛି। ରକ୍ଷଣାବେକ୍ଷଣ ଅଭାବରୁ ଶୀତଳଭଣ୍ଡାର ଚାରି ପଟେ ଅନାବନା ଗଛ ଉଠିବା ସହ ସୌର ପ୍ଲେଟଗୁଡ଼ିକ ନଷ୍ଟ ହେବାକୁ ବସିଲାଣି। ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ନ ଦେଲେ ୧୬ ଲକ୍ଷ ଟଙ୍କା ପାଣିରେ ପଡ଼ିବା ସହ ପ୍ରକଳ୍ପଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କା ରହିଛି। ଏ ସମ୍ପର୍କରେ ପିବିଡିଏର ସ୍ୱତନ୍ତ୍ର ଅଧିକାରିଣୀ ପ୍ରିୟଙ୍କା ନାୟକଙ୍କୁ ପଚାରିବାରେ ସେ କହିଲେ, ଏହି ପ୍ରକଳ୍ପଟି ସ୍ଥାନୀୟ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରାଯାଇଛି। ଏବେ ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ସେମାନଙ୍କର। ତଥାପି ଆମେ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା କରି ଏହାକୁ ବ୍ୟବହାର ପାଇଁ ଲୋକଙ୍କୁ ସଚେତନ କରାଇବୁ ବୋଲି କହିଛନ୍ତି।





# ଦାୟିତ୍ୱ ନେବା ପୂର୍ବରୁ ୨ ଡିଏସ୍‌ପି ନିଲମ୍ବିତ

## ୮ ମାସ ହେଲା ମିଳୁନି ପୋଷ୍ଟିଂ; ଇତିହାସରେ ପ୍ରଥମ

## କାହାକୁ ନିଯୁକ୍ତି ନାହିଁ ତ କାହାର ଦରମା ମିଳୁନି

ଭୁବନେଶ୍ୱର,୧୯ ।୧୨(ସମିସ): ଆଠ ମାସ ହେବ ଇନ୍ସପେକ୍ଟର୍‌ରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ ମଧ୍ୟ ଏଯାଏଁ ନିଯୁକ୍ତି ମିଳିନାହିଁ। ମାତ୍ର ୭୦ଜଣଙ୍କର ପୋଷ୍ଟିଂ ହୋଇଛି। ବାକି ୯୯ଜଣ ଏବେ ବି ପୂର୍ବ ପଦବୀରେ ସେମିତି କାମ କରୁଛନ୍ତି। ଅବ୍ୟବସ୍ଥା ସେତିକିରେ ସୀମିତ ନୁହେଁ, ପୋଷ୍ଟିଂ ପାଇଥିବା ୭୦ ଜଣଙ୍କ ମଧ୍ୟରୁ ଅନେକଙ୍କୁ ରିଲିଭ୍ କରାଯାଇନାହିଁ। 'କାନ ଥିଲେ ସୁନା ନାହିଁ, ସୁନା ଥିଲେ କାନ ନାହିଁ' ନ୍ୟାୟରେ ରାଜ୍ୟରେ ଡିଏସ୍‌ପି ନିଯୁକ୍ତି ଚାଲିଛି। କାହାର ପଦୋନ୍ନତି ହୋଇଥିଲେ ନିଯୁକ୍ତି ନାହିଁ ତ କାହାକୁ ନିଯୁକ୍ତି ଦେଇଥିଲେ ମଧ୍ୟ ରିଲିଭ୍ କରାଯାଇନାହିଁ। ପୁଣି କାହାର ଡିଏସପି ପାହ୍ୟାକୁ ପଦୋନ୍ନତି ହେବା ପରେ ବି ତାଙ୍କୁ ଇନ୍ସପେକ୍ଟର୍ ପାହ୍ୟାର ଦରମା ମିଳୁଛି। ଓଡ଼ିଶା ଇତିହାସରେ ଏପରି ଘଟଣା ପ୍ରଥମ ବୋଲି ପୁଲିସ ମହଲରେ ଆଲୋଚନା ହେଉଛି। ଏତେ ଲମ୍ବା ସମୟ (୮ ମାସ) ଧରି ନିଯୁକ୍ତି ପ୍ରକ୍ରିୟା ଲମ୍ବିତ ହେବା ପୂର୍ବରୁ କେବେ ହୋଇନାହିଁ ବୋଲି କିଛି ବରିଷ୍ଠ ପୁଲିସ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଖାଲି ସେତିକି ନୁହେଁ, ପଦୋନ୍ନତି ପରେ ମଧ୍ୟ ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଏକାଧିକ ଡିଏସପି ବିଭିନ୍ନ କାରଣରୁ ନିଲମ୍ବନ ମଧ୍ୟ ହେଲେଣି। ଏତେ ସବୁ ପରେ ବି ଗୃହ ବିଭାଗ ଚେଇଁ ଶୋଇଛି।

ସୂଚନାନୁଯାୟୀ, ରାଜ୍ୟ ସରକାର ଚଳିତବର୍ଷ ଏପ୍ରିଲ ୨୩ ତାରିଖ ଦିନ ୧୬୮ଜଣ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ। ଏହାର ଦୁଇ ମାସ ପରେ ଅର୍ଥାତ୍ ଜୁନ୍ ୨୬ ତାରିଖରେ ନୂଆ କରି ପଦୋନ୍ନତି ପାଇଥିବା ୭୦ ଜଣଙ୍କୁ ମିଶାଇ ମୋଟ ୭୯ ଡିଏସପିଙ୍କୁ ନିଯୁକ୍ତି ମିଳିଥିଲା। ହେଲେ ବାକି ୯୯ଜଣ ଡିଏସପି ଏବେ ମଧ୍ୟ ପୂର୍ବ ପଦବୀରେ କାମ କରୁଛନ୍ତି। ପଦୋନ୍ନତି ମିଳିବାକୁ ୮ମାସ ବିତିବାକୁ ବସିଲାଣି, ହେଲେ ମଧ୍ୟ ୯୯ଜଣ ଡିଏସ୍‌ପି ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। ଫଳରେ ନିଯୁକ୍ତି ନପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର୍‌ମାନେ ଡିଏସ୍‌ପି (ଇନଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି। ଅନେକ ଅଧିକାରୀ ନିଯୁକ୍ତି ପାଇଥିଲେ ମଧ୍ୟ ରିଲିଭ୍ କରାଯାଇନଥିବାରୁ ସେମାନେ ନୂଆ ପଦବୀରେ ଯୋଗ ଦେଇପାରୁନାହାନ୍ତି। ଏଥିସହ ଇନ୍ସପେକ୍ଟରମାନେ ପଦୋନ୍ନତି ପାଇବା ପରେ ବିଭିନ୍ନ ପୁଲିସ ଜିଲ୍ଲାରେ ଡିଏସପି ସଂଖ୍ୟା ମଞ୍ଜୁର ପଦବୀକୁ ଅତିକ୍ରମ କରିଯାଇଛି। ଫଳରେ ଡିଏସ୍‌ପି ହୋଇଥିଲେ ମଧ୍ୟ ଇନ୍ସପେକ୍ଟରର ଦରମା ପାଉଛନ୍ତି।



ଏହାରି ଭିତରେ, ଡିଏସପିମାନଙ୍କୁ ନିଯୁକ୍ତି ନଦେବାରୁ ଆଉ ଏକ କାରଣ ସାମ୍ନାକୁ ଆସିଛି। ପଦୋନ୍ନତି ପାଇଥିବା ଅଧିକାରୀମାନେ ଭଲ ପୋଷ୍ଟିଂ ପାଇବାକୁ ବିଭିନ୍ନ ନେତା ଓ ବରିଷ୍ଠ ଅଧିକାରୀଙ୍କ ମାଧ୍ୟମରେ ଦାବି କରୁଛନ୍ତି। ପରିସ୍ଥିତି ଏମିତି ହୋଇଛି ଯେ ଗୋଟିଏ ପଦବୀ ପାଇଁ ଏକାଧିକ ପୁଲିସ ଅଧିକାରୀ ଲବି କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ସେପଟେ ଗତ ସେପ୍ଟେମ୍ବର ମାସରେ ଚୌଦ୍ୱାର ଥାନାରେ ହାଜତ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ନୂଆ କରି ପଦୋନ୍ନତି ପାଇଥିବା ଡିଏସପି ତଥା ତତ୍କାଳୀନ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କୁ ନିଲମ୍ବିତ କରାଯାଇଥିଲା। ସେହିପରି ଗଞ୍ଜେଇ ବେପାରୀଙ୍କୁ ଅନୁକମ୍ପା ଦେଖାଇବା ନୂଆ କରି ପଦୋନ୍ନତି ପାଇଥିବା ଡିଏସପି ତଥା ଫୁଲବାଣୀ ସଦର ଥାନା ଅଧିକାରୀ ସତୀଶ ଚନ୍ଦ୍ର ନାଏକଙ୍କ ପାଇଁ ମହଙ୍ଗା ପଡ଼ିଥିଲା। ଗଞ୍ଜେଇ କାରବାରର ସଂପୃକ୍ତ ଆସିବାରୁ ଗତ ୨ ତାରିଖ ଦିନ ରାଜ୍ୟ ଗୃହ ବିଭାଗ ଶ୍ରୀ ନାଏକଙ୍କୁ ନିଲମ୍ବନ କରିଥିଲା। ନିଯୁକ୍ତି ପାଇବା ପୂର୍ବରୁ ଦୁଇଜଣ ଡିଏସ୍‌ପି ନିଲମ୍ବନ ହେବା ପରେ ପଦୋନ୍ନତି ପାଇ ଥାନା ଦାୟିତ୍ୱରେ ଥିବା ଡିଏସପିମାନଙ୍କ ମନରେ ଛନକା ପଶିଛି। ନିଯୁକ୍ତି ମିଳିନଥିବାରୁ ମାନସିକ ଅଶାନ୍ତି ଭିତରେ ଗତି କରୁଥିବାବେଳେ କୌଣସି ଅଘଟଣ ଘଟିଲେ ନିନ୍ଦା ଅପବାଦ ମୁଣ୍ଡାଇବା ସହ ନିଲମ୍ବନ ହେବାର ଭୟରେ ଏବେ ସେମାନେ ସମୟ କାଟୁଛନ୍ତି।

# ତିନି ଦିନର କସ୍‌ରତ; କାବୁହେଲା ଦନ୍ତା

ଭୁବନେଶ୍ୱର, ୧୯ ।୧୨(ସମିସ): ଦୀର୍ଘ ୩ ଦିନର ଛକା ପଞ୍ଝା ପରେ ଚନ୍ଦକାରେ ଅସୁସ୍ଥ ଅବସ୍ଥାରେ ଘୁରିବୁଲୁଥିବା ଦନ୍ତାକୁ ବନ ବିଭାଗ କାବୁ କରିଛି। ହାତୀକୁ ଟ୍ରାଙ୍କୁଲାଇଜ୍ କରିବା ପରେ ହାତୀର ବାମପଟ ଗୋଡ଼ର ଫୁଲିବା କାରଣ ଜଣାପଡ଼ିଛି। ହାତୀର ଗୋଡ଼ରେ କୌଣସି ଗୁଳି ବାଜି ନ ଥିବା ବେଳେ ଟ୍ୟୁମର ମଧ୍ୟ ହୋଇନାହିଁ। ହାତୀଟି ହେମାଟୋମା ରୋଗରେ ଶିକାର ହୋଇଥିବା ଯୋଗୁଁ ବାମ ଗୋଡ଼ରେ ରକ୍ତ ଜମାଟ ବାନ୍ଧିଥିବା ଜଣାପଡ଼ିଛି। ତେଣୁ ପ୍ରାଥମିକ ଚିକିତ୍ସା ସହ ହାତୀକୁ ଆଣ୍ଟିବାୟୋଟିକ୍ ଓ ଇଂଜେକ୍ସନ ଦିଆଯାଇଛି ଓ ହାତୀଟି ପୁଣି ଜଙ୍ଗଲ ଭିତରକୁ ଚାଲିଯାଇଛି।

■ ହେମାଟୋ ଯୋଗୁଁ ଗୋଡ଼ରେ ରକ୍ତ ଜମାଟ
■ ଟ୍ରାଙ୍କୁଲାଇଜ୍ ପରେ ଚିକିତ୍ସା କରି ଛାଡ଼ିଲା ବନ ବିଭାଗ




ମିଳିଥିବା ସୂଚନା ଅନୁଯାୟୀ ବନ ବିଭାଗର ଗୋଟିଏ ଟିମ୍ ଶୁକ୍ରବାରୁ ଦନ୍ତାକୁ ଚନ୍ଦକାର ଭାଲୁଙ୍କା ଜଙ୍ଗଲରେ ଠାବ କରିବା ସହ ତୁରନ୍ତ ଟ୍ରାଙ୍କୁଲାଇଜ୍ କରିବା ପାଇଁ ଯୋଜନା କରିଥିଲେ। ହେଲେ ହାତୀ ୫ ଟିକିଆ ହାତୀ ପଲ ସହିତ ଥିବାରୁ ଏହି ହାତୀକୁ ଅଲଗା କରାଇବା ପାଇଁ ଯୋଜନା କରି ବନ ବିଭାଗ ସଫଳ ହେବା ପରେ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ଦିନ ପ୍ରାୟ ଅଢ଼େଇଟା ବେଳେ ହାତୀକୁ ବନ ବିଭାଗ ଟ୍ରାଙ୍କୁଲାଇଜ୍ କରିବା ପରେ ନନ୍ଦନକାନ ଓ ଓୟୁଏଟିରୁ ଆସିଥିବା ସ୍ୱତନ୍ତ୍ର ଡାକ୍ତରୀ ଦଳ ହାତୀର ଚିକିତ୍ସା ଆରମ୍ଭ କରିଥିଲେ। ପ୍ରଥମେ ହାତୀଟିର ଗୋଡ଼ କାହିଁକି ଫୁଲିଛି ବୋଲି ଡାକ୍ତରୀ ଦଳ ଜାଣିବା ପାଇଁ ଉଦ୍ୟମ କରିଥିଲେ। ହାତୀ ଗୋଡ଼ରେ ଗୁଳି କିମ୍ବା ତୀର ବାଜିଛି କି ନାହିଁ ତାହାର ସନ୍ଦେହ ଦୂର କରିବା ପାଇଁ ମେଟାଲ ଡିଟେକ୍ଟର ଲଗାଯାଇଥିଲା ଓ ହାତୀ ଗୋଡ଼ରେ ସେଭଳି କୌଣସି ଗୁଳି କିମ୍ବା ତୀର ନ ଥିବା ଜଣାପଡ଼ିଥିଲା। ଏହାପରେ ଡାକ୍ତରୀ ଦଳ ଅଧିକ ଅନୁଧ୍ୟାନ କରିବା ପରେ ହାତୀର ଗୋଡରେ ହେମାଟୋମା ଯୋଗୁଁ ରକ୍ତ ଜମାଟ ବାନ୍ଧିଥିବା ଜାଣିପାରିଥିଲେ। ତେବେ ଅସ୍ତ୍ରୋପଚାର ଦ୍ୱାରା ଏହି ରୋଗର ଚିକିତ୍ସା ସମ୍ଭବ ନ ଥିବା ବେଳେ କେବଳ ମେଡିସିନ୍ ଦ୍ୱାରା ହିଁ ଏହି ଚିକିତ୍ସା କରାଯିବାର ବ୍ୟବସ୍ଥା ଥିବାରୁ ଡାକ୍ତରମାନେ ମେଡିସିନ୍ ଓ ଇଂଜେକ୍ସନ ହାତୀକୁ ଦେଇଥିଲେ। ପରେ ହାତୀକୁ ପୁଣି ଜଙ୍ଗଲକୁ ଛାଡ଼ି ଦିଆଯାଇଛି।

ସୂଚନା ଥାଉକି ଶୁକ୍ରବାର ସକାଳୁ ନନ୍ଦନକାନନ ଓ ଓୟୁଏଟିର ଡାକ୍ତରୀ ଦଳଙ୍କ ସହ ୫ ଜଣିଆ ଟିମ ଚନ୍ଦକା ଡମପଡ଼ା ଅଭୟାରଣ୍ୟରେ ପହଞ୍ଚିଥିଲେ। ୨୦ରୁ ଅଧିକ ବନକର୍ମଚାରୀ ହାତୀ ଉପରେ ନଜର ରଖି ରହିଥିଲେ। ଗୁରୁବାର ଦିନ ଏହି ହାତୀକୁ ଟ୍ରାକ୍ କରିବାକୁ ଯାଇ ଜଣେ ଫରେଷ୍ଟରଙ୍କର ହାତ ଭାଙ୍ଗିଥିବା ବେଳେ ଅନ୍ୟଜଣେ ବନ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ତେଣୁ ଶୁକ୍ରବାର ଅତି ସତର୍କତାର ସହ ହାତୀକୁ ଟ୍ରାଙ୍କୁଲାଇଜ୍ କରିବା ପରେ ଚିକିତ୍ସା କରାଯାଇଛି। ଚନ୍ଦକା ଏସିଏଫ ସଂଗ୍ରାମ ମହାନ୍ତି କହିଛନ୍ତି ହେମାଟୋମାର କୌଣସି ଅସ୍ତ୍ରୋପଚାର ହୋଇପାରିବ ନାହିଁ। ହାତୀର ବାମ ଗୋଡ଼ରେ ରକ୍ତ ଜମାଟ ବାନ୍ଧିଥିବା ଯୋଗୁଁ ଏମିତି ଫୁଲି ରହିଛି। ତେବେ ହାତୀ ଗୋଡ଼ରେ କୌଣସି ଗୁଳି କିମ୍ବା ତୀର ନ ଥିବା ନେଇ ସେ ସ୍ପଷ୍ଟ କରିଛନ୍ତି।

# ହତ୍ୟାକାରୀ ଲୁଟେରାକୁ ୧୦ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୧୯।୧୨(ସମିସ): ନୂଆପଲ୍ଲୀ ଅଞ୍ଚଳରେ ବୃଦ୍ଧାଙ୍କୁ ୨୦୨୦ ମସିହାରେ ଏକ ଲୁଟ୍ ଓ ହତ୍ୟା ମାମଲାର ଶୁକ୍ରବାର ରାୟ ପ୍ରକାଶ କରିଛନ୍ତି ଭୁବନେଶ୍ୱର ୩ୟ ଅତିରିକ୍ତ ଜିଲା ଦୌରା ଜଜ୍। ଅଭିଯୁକ୍ତ ନାରାୟଣ ମହାନ୍ତିଙ୍କୁ ଆଇପିସି ଧାରା ଦଫା ୩୯୪, ୪୫୦ ଓ ୩୦୪ (ଭାଗ-୨) ଧାରାରେ ବିଚାରପତି ହିମାଂଶୁ ଶେଖର ମଲ୍ଲିକ ଦୋଷୀ ସାବ୍ୟସ୍ତ କରିଛନ୍ତି। ନାରାୟଣଙ୍କୁ ୧୦ ବର୍ଷ ଜେଲଦଣ୍ଡ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲରେ ରହିବାକୁ ହେବ କୋର୍ଟ ରାୟରେ ଶୁଣାଇଛନ୍ତି। ତେବେ ଏହି ମାମଲାରେ ନାରାୟଣଙ୍କ ଜଣେ ନାବାଳକ ସହଯୋଗୀଙ୍କୁ ପୁଲିସ ଗିରଫ କରିଥିବା ବେଳେ ତାଙ୍କ ବିରୋଧରେ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡଙ୍କ ନିକଟରେ ବିଚାର ପ୍ରକ୍ରିୟା ଚାଲୁ ରହିଛି। କୋର୍ଟ ୧୭ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ରାୟ ପ୍ରକାଶ କରିଥିବା ବେଳେ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଶୁଭଶ୍ରୀ ଜେନା ମାମଲା ପରିଚାଳନା କରିଥିଲେ।



ସୂଚନା ଅନୁଯାୟୀ, ଆଇଆରସି ଭିଲେଜରେ ରହୁଥିବା ଚକ୍ରପାଣିଙ୍କ ସହ ତାଙ୍କ ସ୍ତ୍ରୀ ତୁଳସୀ ଦେବୀ ଘରର ପ୍ରଥମ ମହଲାରେ ସେମାନେ ରହୁଥିବା ବେଳେ ତଳ ମହଲା ଓ ଦ୍ୱିତୀୟ ମହଲା ଭଡାଟିଆ ରହୁଥିଲେ। ୨୦୨୦ ଜୁଲାଇ ୨୬ ସକାଳ ୯ଟା ୧୫ ବେଳେ ଚକ୍ରପାଣି ମାଛ କିଣିବାକୁ ପାଖ ଦୋକାନକୁ ଯାଇଥିଲେ। ଏହି ସମୟରେ ନାରାୟଣ ଓ ସହଯୋଗୀ ଜଣକ ଘର ଘରେ ପଶି ତୁଳସୀଙ୍କୁ କଟୁରିରେ ହାଣି ଆକ୍ରମଣ କରି ସୁନା ଚେନ୍ ଲୁଟ୍ କରିଥିଲେ। ତୁଳସୀ ଗୁରୁତର ଅବସ୍ଥାରେ ଡ୍ରଇଂରୁମ୍ ସୋଫାରେ ପଡ଼ିଥିଲେ। ଭଡାଟିଆ ମହିଳା ଜଣକ ଚକ୍ରପାଣୀଙ୍କୁ କଲ୍ କରି ଜଣାଇଥିଲେ। ଗୁରୁତର ଅବସ୍ଥାରେ ତୁଳସୀଙ୍କୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ହେଲେ କିଛିଦିନ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଚକ୍ରପାଣୀ ନୂଆପଲ୍ଲୀ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି କିଛିଦିନ ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ଏହାର ପ୍ରାଥମିକ ତଦନ୍ତ ଭାର ଥାନାର ତତ୍କାଳୀନ ଥାନାଧିକାରୀ ଶରତ ଚନ୍ଦ୍ର ସାହୁ, ଥାନାଧିକାରୀ ଥିବା ଅରୁଣ କୁମାର ସ୍ୱାଇଁ ତଦନ୍ତ ଦାୟିତ୍ୱ ଗ୍ରହଣ କରିଥିଲେ।

### ଜେଲ୍‌ରୁ ସୂଚନା ପାଇଥିଲେ ଶରତ

ଏଭଳି ଜଘନ୍ୟ ଲୁଟ୍ ପରେ ହତ୍ୟା ମାମଲାରେ କମିସନରେଟ୍ ପୁଲିସ କୌଣସି ବି ସୁରାକ୍ ପାଉ ନଥିଲା। କିଏ ଲୁଟ୍ କରିଛି। ଲୁଟେରା କେଉଁଠି ଅଛି, କିଛି ବି ଜଣିପାରୁ ନଥିଲା। ପୁଲିସ ସମ୍ପୂର୍ଣ୍ଣ ଭାବେ ଅନ୍ଧାରରେ ଥିଲା। ମାମଲାର ସମ୍ବେଦନଶୀଳତାକୁ ନେଇ ଚାପରେ ଥିଲା ପୁଲିସ। ଏହି ସମୟରେ ତତ୍କାଳୀନ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁଙ୍କ ବଦଳୀ ହୋଇଗଲା। ଏହାପରେ ଶରତ ଚନ୍ଦ୍ର ସାହୁ ଥାନା ଏବଂ ତଦନ୍ତ ଭାର ସମ୍ଭାଳିଥିଲେ। ନୟାପଲ୍ଲୀ ଥାନା ପୁଲିସ ଏକ ବିଜୟ ବାରିକ, ସରୋଜ ବାରିକ, ସତ୍ୟ ବାରିକଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲା। କେଉଁଠୁ କିଛଇ ନ ମିଳିବାରୁ ଜେଲ୍‌ରେ ହାତ ବୁଲାଇଥିଲା ପୁଲିସ। ଜେଲର କିଛି ଅପରାଧୀଙ୍କ ଠାରୁ ଲୁଟ୍ ସମ୍ପର୍କରେ କଥା ଆଦାୟ କରାଯାଇଥିଲା। ଏହାପରେ ବିଭିନ୍ନ ସ୍ଥାନରେ ଚଢାଉ କରି ତତ୍କାଳୀନ ଥାନା ଅଧିକାରୀ ଶରତ ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

### ବିଦ୍ୟୁତ୍ ଆଘାତରେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ

ବାଲିଅନ୍ତା, ୧୯ ।୧୨(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଝିଣ୍ଟି ଶାସନ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ସରକାରୀ କର୍ମଚାରୀ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ବିଜୟ କୁମାର ସାମଲ (ବିଜୁ) (୪୮ ବର୍ଷ)। ପରିବାର ଲୋକ ଗୁରୁତର ଅବସ୍ଥାରେ ବିଜୟଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ହେଲେ ଡାକ୍ତର ସେଠାରେ ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ ବିଜୟ ପ୍ରତ୍ନତତ୍ତ୍ୱ ବିଭାଗରେ କାର୍ଯ୍ୟରତ। ଆଜି ସକାଳ ସାଢେ ୭ଟା ସମୟରେ ଗାଧୋଇବା ପାଇଁ ପାଣି ମୋଟର ଚାଲୁ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ସଂକଟା ପର୍ଣ୍ଣ ହୋଇପଡ଼ିଲେ। ପରିବାର ଲୋକ ବିଜୟଙ୍କୁ ପ୍ରଥମେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ବାଲିପାଟଣା ପୁଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପିସିଆର୍ କର୍ମଚାରୀଙ୍କୁ ଆକ୍ରମଣ; ୩ ଗିରଫ

ଭୁବନେଶ୍ୱର, ୧୯।୧୨(ସମିସ): ପିସିଆର୍ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗରେ ଭରତପୁର ଥାନା ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଇଆର୍‌ସି ଭିଲେଜ ଅଞ୍ଚଳର ସତ୍ୟନାରାୟଣ ସ୍ୱାଇଁ, ନୂଆଗାଁ ଅଞ୍ଚଳର ରାଜେଶ ବଳବନ୍ତରାୟ ଓ ରାଜକିଶୋର ରାଉତ। ପୁଲିସ ସୂଚନା ମୁତାବକ, ପିସିଆର-୨୫ ଭରତପୁର ଥାନା ଅଞ୍ଚଳରେ ପେଟ୍ରୋଲିଂ କରୁଥିବା ବେଳେ ଏକ କିଆ କାର ଅତି ବେପରୁଆ ତଥା ବିପଜ୍ଜନକ ଭାବରେ ଯାଉଥିଲା। ଏନେଇ କଣ୍ଟ୍ରୋଲ ରୁମ୍‌ରୁ ସୂଚନା ପାଇଥିଲେ। ସୂଚନା ଆଧାରରେ ପିସିଆର କର୍ମଚାରୀମାନେ ଗାଡ଼ିଟିକୁ ଚିହ୍ନଟ କରି ଖଣ୍ଡଗିରିବାରି ନିକଟରେ ରୋକି ଥିଲେ। ଗାଡ଼ିଭିତରେ ଡ୍ରାଇଭର ସହିତ ମୋଟ ୩ ଜଣ ଲୋକ ଥିବା ଦେଖାଯାଇଥିଲା। ତାଙ୍କ ମଧ୍ୟରୁ ୨ଜଣ ଗାଡ଼ିରୁ ଓହ୍ଲାଇ ସର୍ବସାଧାରଣରେ ପିସିଆରରେ ନିୟୋଜିତ ଥିବା ପୁଲିସ ଅଧିକାରୀଙ୍କୁ ମାଡ଼ ମାରିଥିଲେ। ଏହା ବ୍ୟତୀତ ସେମାନଙ୍କ ମଧ୍ୟରୁ ଜଣେ ଜୋରଜବରଦସ୍ତ ତାଙ୍କ ମୋବାଇଲ ଫୋନ୍ ଓ ବଡି କ୍ୟାମେରା ଛଡାଇ ନେଇଯାଇଥିଲେ। ସୂଚନା ପାଇ ପିସିଆର-୩୯ ଘଟଣାସ୍ଥଳରେ ପହଞ୍ଚିବା ପରେ ସମସ୍ତେ ମିଶି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ସତ୍ୟରଞ୍ଜନ ସ୍ୱାଇଁ, ରାଜେଶ ବଳବନ୍ତରାୟ ଏବଂ ରାଜକିଶୋର ରାଉତ ସମସ୍ତେ ଗୋଟିଏ ଗାଁର ବାସିନ୍ଦା। ପିଲା ବେଳର ସାଙ୍ଗ। ଗତ କାଲି ସତ୍ୟରଞ୍ଜନ ସ୍ୱାଇଁ ଭରତପୁର ଅନ୍ତର୍ଗତ ନୂଆଗାଁକୁ ଆସି ଭଡାରେ ରହୁଥିବା ରାଜେଶ ବଳବନ୍ତରାୟ ଓ ରାଜକିଶୋର ରାଉତଙ୍କୁ ଭେଟିଥିଲେ। ସେଠାରେ ସମସ୍ତେ ମିଶି ପାର୍ଟି କରିବା ସହ ମଦ୍ୟପାନ କରିଥିଲେ। ତାପରେ ସମସ୍ତେ ମିଶି ରାଜକିଶୋର ରାଉତଙ୍କ କିଆ କାରରେ ବୁଲିବାକୁ ବାହାରିଥିଲେ। କାରକୁ ରାଜକିଶୋର ରାଉତ ଅତ୍ୟଧିକ ବେପରୁଆ ଓ ଅସାବଧାନ ଭାବରେ ଗାଡ଼ି ଚଳାଉଥିଲେ। ଯାହାଫଳରେ ସାଧାରଣ ଲୋକଙ୍କ ଧ୍ୟାନ ଆକର୍ଷିତ ହୋଇଥିଲା। ଏହି ଘଟଣା ବିଷୟରେ ସାଧାରଣ ଲୋକ ୧୧୨ ହେଲ୍ପଲାଇନକୁ ସୂଚନା ଦେଇଥିଲେ। ସୂଚନା କ୍ରମେ ପିସିଆର-୩୯ ରେ ନିୟୋଜିତ ପୁଲିସ କର୍ମଚାରୀମାନେ ସେମାନଙ୍କୁ ଅଟକାଇ ଯାଞ୍ଚ କରିବା ବେଳେ ତିନିଜଣ ମଦ୍ୟପାନ କରିଥିବା ଅବସ୍ଥାରେ ଥିବା ଦେଖାଯାଇଥିଲା। ପଚାରାଉଚାର କରିବା ସମୟରେ ସେମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ।



# ପାରୋଲରେ ଯାଇ ଫେରିଲେନି ୧୪

ଭୁବନେଶ୍ୱର, ୧୯।୧୨(ସମିସ): ରାଜ୍ୟର ଅନ୍ୟ ଜେଲ୍‌ଗୁଡ଼ିକ ଭଳି ଭୁବନେଶ୍ୱରରେ ଥିବା ଦୁଇ ଜେଲ୍ ଜାମୁଝରୀ ମୁକ୍ତାକାଶ ଜେଲ ଓ ଝାରପଡ଼ାକୁ ମଧ୍ୟ କଏଦୀ ଫେରୁନାହାନ୍ତି। ଜାମୁଝରୀରେ ସର୍ବାଧିକ ୧୪ କଏଦୀ ପାରୋଲରେ ଘରକୁ ଯାଇ ଆଉ ଫେରିନାହାନ୍ତି। ବର୍ଷ ବର୍ଷ ଧରି ସେମାନେ ଫେରୁ ନ ଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଫେରାଇ ଆଣିବାକୁ କୌଣସି ପ୍ରକାର ଚେଷ୍ଟା କରୁନାହିଁ। ଫଳରେ ହତ୍ୟା, ଦୁଷ୍କର୍ମରେ ସଜା କାଟୁଥିବା ହାର୍ଡକୋର ଅପରାଧୀ ଏବେ ବାହାରେ ବୁଲୁଛନ୍ତି।

## ଥାନାରେ ରୁଜୁହେଲା ଜିରୋ ଏଫ୍‌ଆଇଆର୍

## ପୂର୍ବରୁ ଜାମୁଝରୀରୁ ଫେରାର୍ ହୋଇଥିଲେ ୧୦ କଏଦୀ

ରାଜଧାନୀରେ ଥିବା ମୁକ୍ତାକାଶ ଜେଲରେ ମୋଟ୍ ୧୪ ଜଣ କଏଦୀ ପାରୋଲରେ ଯାଇ ଏଯାଏଁ ଫେରି ନାହାନ୍ତି ବୋଲି ଜେଲ୍ ପକ୍ଷରୁ ତାଲିକା ପ୍ରସ୍ତୁତ କରାଯାଇଛି। ପାରୋଲରେ ଯାଇ ଜେଲ ଫେରି ନ ଥିବା କଏଦୀ ମାନଙ୍କ ମଧ୍ୟରେ କେନ୍ଦୁଝର, ମାଲକାନାଗିରି, ବଲାଙ୍ଗିର, ଢେଙ୍କାନାଳ ପ୍ରଭୃତି ଜିଲ୍ଲାର କଏଦୀ ରହିଛନ୍ତି। ଏନେଇ ମୁକ୍ତାକାଶ ଜେଲ କର୍ତ୍ତୃପକ୍ଷ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚନ୍ଦକା ଥାନା ପୁଲିସ ଅଭିଯୋଗକୁ ଭିତ୍ତି କରି ୧୪ଟି ମାମଲା ରୁଜୁ କରିଛି। କଏଦୀଙ୍କ ଘର ପାଖ ସ୍ଥାନୀୟ ଥାନାରେ ଜେଲ ବିଭାଗର ଏତଲା ଶୁଣୁ ନଥିବାରୁ ଜେଲ ଗୁଡ଼ିକ ଚନ୍ଦକା ଥାନାରେ ଏତଲା ରୁଜୁ କରୁଛନ୍ତି। ଏଠାରେ ଜିରୋ ଏଫ୍‌ଆଇଆର୍ କରି କଏଦୀଙ୍କ ଘର ପାଖ ଥାନାକୁ ଏହାକୁ ପଠାଇ ଦିଆଯିବ। ଏହି ଆଧାରରେ ଚନ୍ଦକା ଥାନା ମଧ୍ୟ ୧୪ଟି ଜିରୋ ଏଫ୍‌ଆଇଆର୍ କରିଥିବା ଥାନା ସୂତ୍ରରୁ ଖବର ମିଳିଛି।

ପୂର୍ବରୁ ମୁକ୍ତାକାଶ ଜେଲରୁ ୧୦ ଜଣ କଏଦୀ ଚମ୍ପଟ ମାରିଥିଲେ। ଚମ୍ପଟ ହୋଇଥିବା ସମସ୍ତ ୧୦ କଏଦୀଙ୍କ ବିରୋଧରେ ଚନ୍ଦକା ଥାନା ପୁଲିସ ମାମଲା ରୁଜୁକରିଛି। ହେଲେ ସେମାନଙ୍କର ମଧ୍ୟ ଆଜି ପର୍ଯ୍ୟନ୍ତ ପୁଲିସ କୌଣସି ପତ୍ତା ପାଉନି। ଏହି କଏଦୀମାନେ କୁଆଡ଼େ ଗଲେ। ଆଉ କେଉଁ ଅପରାଧ ସହ ସମ୍ପୃକ୍ତ ଅଛନ୍ତି କି ନାହିଁ ସେନେଇ ମଧ୍ୟ ପୁଲିସ ପାଖରେ କୌଣସି ତଥ୍ୟ ନାହିଁ।

ଅନ୍ୟପକ୍ଷରେ ଝାରପଡ଼ା ଜେଲରୁ ମଧ୍ୟ ୨ଜଣ ଅନ୍ତେବାସୀ ପାରୋଲରେ ଯାଇ ଆଉ ଫେରିନାହାନ୍ତି। ସେମାନେ ହେଲେ ସୁନିଲ ଦିଗଲ ଏବଂ ରଣଜିତ ନାୟକ। ସୁନିଲ ହତ୍ୟା ଅଭିଯୋଗରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇ ଜେଲରେ ଥିଲା ବେଳେ ରଣଜିତ ଦୁଷ୍କର୍ମ ମାମଲାରେ ୨୦ବର୍ଷ ହେବ ଜେଲରେ ରହିଛନ୍ତି। ଏନେଇ ଝାରପଡ଼ା ଜେଲ କର୍ତ୍ତୃପକ୍ଷ ଲକ୍ଷ୍ମୀସାଗର ଥାନାରେ ଏତଲା ଦେବା ପରେ ପୁଲିସ ଜିରୋ ଏଫ୍‌ଆଇଆର୍ ରୁଜୁ କରି ତଦନ୍ତ ଆରମ୍ଭ କରିଛି।




### ଧରାପଡ଼ିଲେ ମୁନସୀ

ଜାମୁଝରି ଜେଲରୁ ୧୦ ଜଣ କଏଦୀ ଫେରାର ହୋଇଯାଇଥିଲା ବେଳେ ଜଣେ ମାତ୍ର କଏଦୀଙ୍କୁ ଧରିବାରେ ପୁଲିସ ସଫଳ ହୋଇଛି। ଘର ପାଖରେ ବୁଲାବୁଲି କରୁଥିଲା ବେଳେ ଜେଲ ବିଭାଗର ଖବର ଆଧାରରେ ବରଗଡ଼ ଜିଲ୍ଲାକୁ ତାଙ୍କୁ ପୁଣି ଗିରଫ କରାଯାଇଥିଲା। ଗିରଫ ହୋଇଥିବା କଏଦୀ ଜଣଙ୍କ ହେଲେ ମୁନଷୀ ଭୋଇ। ସେ ଏଠାରେ ଆଜୀବନ ସଜା କାଟୁଥିଲେ। ୨୦୧୮ ମସିହାରୁ ମୁନଷୀ ଫେରାର ହୋଇଯାଇଥିଲେ। ତାଙ୍କୁ ବରଗଡ଼ ଜିଲ୍ଲାରୁ ଗିରଫ କରିବା ପରେ ଜାମୁଝରି ଫେରାଇ ଅଣାଯାଇଛି।

# ନାବାଳିକାଙ୍କ ଆତ୍ମହତ୍ୟା; ଦମ୍ପତି ଗିରଫ

ଭୁବନେଶ୍ୱର, ୧୯।୧୨(ସମିସ): ନାବାଳିକାଙ୍କ ଆତ୍ମହତ୍ୟା ପାଇଁ ବନ୍ଧା ହେଲେ ଏକ ଦମ୍ପତି। ସେମାନଙ୍କୁ ତମାଣ୍ଡୋ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦମ୍ପତି ହେଲେ ଅଶୋକ ମଲ୍ଲିକ ଏବଂ ଭାଗ୍ୟଲକ୍ଷ୍ମୀ ମଲ୍ଲିକ। ପୁଲିସ ସୂଚନାମୁତାବକ, ଅଭିଯୋଗକାରିଣୀ ପରିବାର ସହ ତମାଣ୍ଡୋ ଥାନା ଅଞ୍ଚଳରେ ରହୁଥିଲେ। ସେ ବିଭିନ୍ନ ଘରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ନାବାଳିକା କନ୍ୟା ଏଲ୍‌ଆଇଜି କେ୪/୧୨୮, କଳିଙ୍ଗ ନଗରରେ ରହୁଥିବା ଅଭିଯୁକ୍ତ ଅମନ ଓରଫ ଅଶୋକ ମଲ୍ଲିକଙ୍କ ଘରେ ପ୍ରାୟ ୨ବର୍ଷ ଧରି ଘରୋଇ ସହାୟକ ଭାବେ କାମ କରିଆସୁଥିଲେ। ପୂର୍ବରୁ ଅଭିଯୋଗକାରିଣୀଙ୍କ ବଡ଼ ଝିଅ ମଧ୍ୟ ଅଭିଯୁକ୍ତଙ୍କ ଘରେ ଘରୋଇ ସହାୟକ ଭାବେ କାମ କରୁଥିଲେ। ତାଙ୍କର ବିବାହ ପରେ ତାଙ୍କ ସାନ ଭଉଣୀ ତଥା ନାବାଳିକା ସେଠାରେ କାମରେ ନିୟୋଜିତ ହୋଇଥିଲେ। ଗତ ୧୬ରେ ଅଭିଯୁକ୍ତ ଅମନ ଓରଫ ଅଶୋକ ମଲ୍ଲିକଙ୍କ ପତ୍ନୀ ବିଜୟଲକ୍ଷ୍ମୀ ମଲ୍ଲିକ ଅଭିଯୋଗକାରିଣୀଙ୍କ ଘରକୁ ଆସି ପଡ଼ୋଶୀମାନଙ୍କ ସମ୍ମୁଖରେ ତାଙ୍କ ଝିଅର ଚରିତ୍ର ସଂହାର କରିଥିଲେ। ସେ ଜବରଦସ୍ତି ଝିଅକୁ ସାଙ୍ଗରେ ଘରକୁ ନେଇଯାଇ ସ୍ୱାମୀ ଅମନ ମଲ୍ଲିକ ସହିତ ଅନୈତିକ ସମ୍ପର୍କ ବିଷୟରେ ସ୍ପଷ୍ଟ କରିବାକୁ କହିଥିଲେ। ରାଗରେ ଆସି ସେ ତାଙ୍କୁ ଚାପୁଡା ମାରିଥିଲେ। ବିବାହ କରିବା କଥା ମଧ୍ୟ କହିଥିଲେ। ପଡ଼ୋଶୀ ମାନଙ୍କ ସମ୍ମୁଖରେ ଚରିତ୍ରକୁ ନେଇ ଏଭଳି ଅପମାନ ଜନକ ମନ୍ତବ୍ୟ ଅଭିଯୋଗକାରିଣୀଙ୍କ ଝିଅ ସହିପାରି ନଥିବା ବେଳେ ଗଭୀର ମାନସିକ ଦୁଶ୍ଚିନ୍ତାରେ ଚାଲିଯାଇଥିଲେ। ଅନ୍ୟ କୌଣସି ଉପାୟ ନପାଇ ପରିଶେଷରେ ସେ ଘରେ ଫାସି ଲଗାଇ ଆତ୍ମହତ୍ୟା କରିଥିଲେ। ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରି ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିଥିଲା।



## ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ 'ସୌହାର୍ଦ୍ଦ୍ୟମ'



**ଧର୍ମଶାଳା,୧୯।୧୨(ସମିସ):** ଧର୍ମଶାଳା ବ୍ଲକ ଦେଉଳିପାଳ ସ୍ଥିତ ଧର୍ମଶାଳା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସୌହାର୍ଦ୍ଦ୍ୟମ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସୁରସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବ୍ଲକ ଉନ୍ନୟନ ଅଧିକାରୀ ଜୋତିର୍ମୟ କର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସ୍ୱରୂପ ପଣ୍ଡା ଓ ସମ୍ମାନିତ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ଅଭୟ କୁମର ବେହେରା ଯୋଗ ଦେଇଥିଲେ। ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲେ। ପରେ କୁନି କୁନି ପିଲାଙ୍କ ଦ୍ୱାରା ଓଡ଼ିଶୀ ଓ ଆଧୁନିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହିତ ବିଦ୍ୟାଳୟର ଛାତ୍ରଛାତ୍ରିମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ଶେଷରେ ଆଦର୍ଶ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଚାଲାଣ ମାମଲାରେ ଚାଳକ ଗିରଫ

**ପାଣିକୋଇଲି,୧୯।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ନୂଆପଦା ଛକ ନିକଟରେ ଏକ ଗୋରୁ ବୋଝେଇ ସଫାରୀ ଗାଡିକୁ ପୁଲିସ ଜବତ କରିବା ସହ ଚାଳକକୁ ଅଟକ ରଖି ତଦନ୍ତ ଜାରି ରଖିଥିଲା। ଏନେଇ ଏକ ମାମଲା ୩୯୯/୨୫ ରୁଜୁ କରିବା ସହ ଗାଡି ଚାଳକ ଭଦ୍ରକ ଥାନା ଅପର୍ତିବିନ୍ଧା ଗ୍ରାମର ଇସଲାମ ଖାନଙ୍କ ପୁଅ ଇସ୍ତାର ଖାନ (୨୫) କୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ଯାଜପୁରରୋଡ ପଟୁ ଏକ ସଫାରୀ ଗାଡିରେ ୫ଟି ଗୋରୁ ବେଆଇନ ଭାବେ ବୋଝେଇ କରି ଆସୁଥିବା ବେଳେ ବୁଧବାର ରାତି ସାଢେ ୩ଟା ବେଳେ ଗାଡିର ଚକା ଫାଟିଯାଇଥିଲା। ଏହି ସମୟରେ ଗାଡି ରଖି ଚାଳକ ଚା ପିଇବାକୁ ଯାଇଥିଲା। ସ୍ଥାନୀୟ ଦେକାନୀ ମାନଙ୍କର ଗାଡିରୁ ଗୋରୁଙ୍କ ଶବ୍ଦ ଶୁଣି ସନ୍ଦେହ ଉପୁଜିଥିଲା। ସେଠାରେ ଯାଇ ଗାଡି ପଛରେ ଗୋରୁ ଥିବା ଦେଖିବାକୁ ପାଇ ପୁଲିସକୁ ଖବର ଦେଇଥିଲେ। ଖବରପାଇ ପାଣିକୋଇଲି ପୁଲିସ ସେଠାରେ ପହଂଚି ଗାଡିରୁ ଗୋରୁ ଗୁଡିକୁ ଖଲାସ କରିବା ସହ ଗାଡି ଓ ଚାଳକୁ ଧରି ଥାନାକୁ ଆଣିଥିଲା। ଚାଳକକୁ ଅଟକ ରଖିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବିଦ୍ୟାଳୟରେ ସାଂସ୍କୃତିକ ପ୍ରତିଯୋଗିତା



**ସୁକିନ୍ଦା,୧୯।୧୨(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁରସ୍ଥିତ ଭାରତୀବିହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ନନ୍ଦକିଶୋର ଖଣ୍ଡାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶରତ କୁମାର ନାୟକ, ପୂର୍ବତନ ଜିଲ୍ଲାପରିଷଦ ରମଣୀରଞ୍ଜନ ବଳସାମନ୍ତ, ଭାରତୀବିହାର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିମାନେ ପ୍ରଥମେ ଗୀତ ଓ ପରେ ନୃତ୍ୟ, ଅଭିନୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପକ ରଞ୍ଜନ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆମ୍ବେଦକର ସେବା ସମିତି ପକ୍ଷରୁ କମ୍ବଳ ବଣ୍ଟନ



**ବଡ଼ଚଣା,୧୯।୧୨(ସମିସ):** ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଧାଦେଇପୁର ଗ୍ରାମ ପଞ୍ଚାୟତର କଅରପୁର ଗ୍ରାମରେ ଆମ୍ବେଦକର ସେବା ସମିତି ମଞ୍ଚ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ତ୍ରିଲୋଚନ ମଲ୍ଲିକଙ୍କ ସଭାପତିତ୍ୱରେ ଉପସ୍ଥିତ ଜନଧାରଣଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ଯେନା, ପଞ୍ଚାନନ ମଲ୍ଲିକ, ସନ୍ତୋଷ ମଲ୍ଲିକ, ବଳରାମ ମଲ୍ଲିକ, ସୌମ୍ୟରଞ୍ଜନ ମଲ୍ଲିକ, ଦେବାଶିଷ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରଥିଲେ। ମଞ୍ଚ ପକ୍ଷରୁ ଗ୍ରାମରେ ଗରିବ, ଅସହାୟ ଓ ବୃଦ୍ଧବୃଦ୍ଧାଙ୍କୁ ଶୀତରୁ ରକ୍ଷା କରିବା ପାଇଁ କମ୍ବଳ ବଣ୍ଟନ କରାଯାଇଥିଲା।

# ଦୋକାନ ସାମ୍ନାରେ ପାର୍କିଂ ଯୋଗୁଁ ରାସ୍ତା ଜାମ୍

**ଧର୍ମଶାଳା,୧୯।୧୨(ସମିସ):**



ଧର୍ମଶାଳା ବ୍ଲକ ଜାରକା ବଜାରରେ ବେଆଇନ ପାର୍କିଂ ଏବେ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଦୋକାନ ସାମ୍ନା ରାସ୍ତା ଉପରେ ଯିଏ ଯେଉଁଠି ପାଇଲା କାର ଓ ବାଇକ ରଖିଲା। ସେହିପରି ଦୋକାନୀ ମଧ୍ୟ ଅଧା ରାସ୍ତା ଉପରେ ନିଜର ଡିସ୍‌ପ୍ଲେ ବୋର୍ଡ ହେଉ ବା ଅନ୍ୟାନ୍ୟ ବ୍ୟବସାୟ ସାମଗ୍ରୀ ସଜାଇ ରଖିଛନ୍ତି। ଯାହାଫଳରେ ରାସ୍ତା ଅବରୋଧ ଯୋଗୁ ଧୀରେ ଧୀରେ ମୁଖ୍ୟ ରାସ୍ତା ଗୁଡ଼ିକ ସଙ୍କୁଚିତ ହେବା ଯୋଗୁ ଯାତାୟାତରେ ସମସ୍ୟା ଦେଖାଦେଇଛି। ଏପରି କି ରାସ୍ତା ଉପରେ ବ୍ୟବସାୟୀଙ୍କ ଡିସ୍‌ପ୍ଲେ ବୋର୍ଡ ଷ୍ଟାଣ୍ଡ ବହୁ ସମୟରେ ଦୁର୍ଘଟଣାର କାରଣ ପାଲଟିଛି। ଏଭଳି ଗୁରୁତର ସମସ୍ୟା ଦେଖିବାକୁ ମିଳିଛି ଜାରକା ବଜାରର ପୁରୁଣା କୋ-ଅପରେଟିଭ ବ୍ୟାଙ୍କ ଛକରେ। ଜାରକା ଗଳି ପୋଲ ଠାରୁ ମୁଖ୍ୟ ବଜାର ଦେଇ ରାସ୍ତାଟି ଧର୍ମଶାଳା କଲେଜ ଓ ନାକପୋଲ ଛକ ଯାଏ ଯାଇଛି। ସେହିପରି ପୁରୁଣା ବ୍ୟାଙ୍କ ଛକ ଠାରୁ ଆଉ ଏକ ବାଇପାସ ରାସ୍ତା ଫ୍ଲାଏଓଭର ବ୍ରିଜକୁ ସଂଯୋଗ କରିଛି। ଏହି ରାସ୍ତାଟି ତ୍ରିନାଥ ମନ୍ଦିର, ପଞ୍ଚାୟତ ଅଫିସ୍, ଅଙ୍ଗନବାଡ଼ି କେନ୍ଦ୍ର, ଜାରକା ଇଲେକ୍ଟ୍ରି ଅଫିସ, ପଶୁ ଡାକ୍ତରଖାନା ଦେଇ ବସ୍‌ଷ୍ଟାଣ୍ଡକୁ ଯାଇଛି। କିନ୍ତୁ ଏହି ବ୍ୟାଙ୍କ ଛକରେ କୌଣସି ଡ୍ରାଇଭର୍ସନ ବ୍ୟବସ୍ଥା ନଥିବାରୁ ମନଇଚ୍ଛା ଗାଡ଼ି ଗୁଡ଼ିକ ମୁହାଁମୁହିଁ ଯୋଗୁ ବହୁ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ଛକ ନିକଟରେ ଥିବା ଦୋକାନ ଆଗରେ ବାଇକ୍ ଗୁଡ଼ିକ ରାସ୍ତା ଉପରେ ଗ୍ରାହକ ପାର୍କିଂ କରି ଯିବା ଦ୍ୱାରା କାର, ବସ୍, ଟ୍ରକ୍ ଓ ଆମ୍ବୁଲାନ୍ସ ଆଦି ଜାମରେ ପଡିଥାନ୍ତି। ବିଶେଷ କରି ଦିନ ସମୟରେ ସ୍କୁଲ ଓ କଲେଜ ପିଲା ଏହି ରାସ୍ତାରେ ସାଇକଲ ନେଇ ଯିବା ବେଳେ ଦ୍ରୁତ ଗତିରେ ଅପରପାର୍ଶ୍ୱରୁ ଆସୁଥିବା ଗାଡ଼ି ଓ ବାଇକ ଧକ୍କାର ସମ୍ମୁଖୀନ ହୋଇଥାନ୍ତି। ଏହି ଛକରେ ପୁଲିସ ପ୍ରହରା ବ୍ୟବସ୍ଥା କରାଯିବା ସହିତ ବେଆଇନ ପାର୍କିଂ ଓ ରାସ୍ତା ଅବରୋଧ କରିଥିବା ଦୋକାନୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ସାଧାରଣରେ ଦାବି ହୋଇଛି।

## ଘରକୁ ରାସ୍ତା ଯୋଗାଇଦେବା ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର



**ଯାଜପୁର,୧୯।୧୨(ସମିସ):** ବ୍ୟାସନଗର ତହସିଲ ଅନ୍ତର୍ଗତ ଏନ୍‌ସି ହାଇସ୍କୁଲ ଜାଗାରେ ରହୁଥିବା ୪୦ରୁ ୫୦ ପରିବାରକୁ ବିନା ଥଇଥାନରେ ଜିଲ୍ଲା ପ୍ରଶାସନ ବିସ୍ଥାପିତ କରିଛନ୍ତି। ଫଳରେ ବିସ୍ଥାପିତ ଲୋକମାନେ ରାସ୍ତା କଡ଼ରେ ପିଲା ଛୁଆଙ୍କୁ ଧରି ଶୀତ କାକରରେ ପଡ଼ିରହିଛନ୍ତି। ସେଥିପ୍ରତି ସରକାର କୌଣସି ଦୃଷ୍ଟି ଦେଉନାହାନ୍ତି। ଉଦ୍‌ବେଗର ବିଷୟ ନିଜ ପଟ୍ଟା ଜାଗାରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ଘରକରି ରହିଥିବା ୫ଟି ପରିବାରର ଘର ଦ୍ୱାର ମୁହଁରେ ସ୍କୁଲ କର୍ତ୍ତୃପକ୍ଷ ଗତ ୧୬ ତାରିଖରେ ପ୍ରାଚେରୀ ନିର୍ମାଣ କରିଛନ୍ତି। ପ୍ରାଚେରୀ ନିର୍ମାଣ ବେଳେ ପଦ୍ମନାଭ ମୁଖୀ, କିଶୋର ମୁଖୀ, ସଞ୍ଜୟ ମୁଖୀ, କାଳିଆ ମୁଖୀ, ଅଞ୍ଜନା ମୁଖୀ, କୁମାରୀ ମୁଖୀ, କୌଶଲ୍ୟା ମୁଖୀ, ବି. ଶେଖର ରାଓ, ବଳରାମ ରାଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଯେତେ ହାତଗୋଡ଼ ଧରିଲେ ବି କିଛି ଶୁଣିନଥିଲେ। ଫଳରେ ଘେରାବନ୍ଦୀ ହୋଇଥିବା ଲୋକମାନେ ତହସିଲଦାରଙ୍କୁ ଜଣାଇଥିଲେ ବି ତହସିଲଦାର କିଛି ଉପାୟ ବାହାର କରିବାରେ ବିଫଳ ହୋଇଥିଲେ। ଫଳରେ ବାଧହୋଇ ଲୋକମାନେ ଜିଲ୍ଲାପାଳଙ୍କୁ ଭେଟିବାକୁ ଯାଇଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ୍ ରେଭିନ୍ୟୁଙ୍କୁ ଦାବିପତ୍ର ଦେବା ସଙ୍ଗେ ତହସିଲ ଅଫିସରେ ଦିବାରାତ୍ର ଧାରଣାରେ ବସିଥିଲେ। ତହସିଲଦାର ପୁଲିସ ଦେଇ ଲୋକଙ୍କୁ ମଧ୍ୟରାତ୍ରରେ ବାହାର କରିଦେଇଥିଲେ। ଲୋକମାନେ ଅଫିସ ବାହାରେ ଶୀତ କାକରରେ ରାତ୍ରୀତମାମ ବସି ରହିଥିଲେ। ୧୭ ତାରିଖ ତହସିଲଦାର ପୁଲିସ ଫୋର୍ସ ସହ ଘଟଣାସ୍ଥଳକୁ ଯାଇ ରାସ୍ତା କରିବାର ପ୍ରତିଶ୍ରୁତି ଦେଲେ। କିନ୍ତୁ ଲୋକଙ୍କୁ ଗୃହବନ୍ଦୀରୁ ମୁକ୍ତ ନ କରି ଚାଲିଆସିଲେ। ଆଜି ଗୃହବନ୍ଦୀ ଲୋକମାନେ କୌଣସି ପ୍ରକାରେ ଜିଲ୍ଲାପାଳଙ୍କୁ ଭେଟିବାକୁ ଜିଲ୍ଲାପାଳ ଅଫିସ ଯାଇଥିଲେ, ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ ଜେନେରାଲଙ୍କୁ ଭେଟି ଗୃହକୁ ରାସ୍ତା ଯୋଗାଇ ଦେବାକୁ ଦାବି କରିଥିଲେ। ଏଡିଏମ୍ ରାସ୍ତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବାପରେ ଲୋକମାନେ ଗୃହକୁ ଫେରି ଆସିଥିଲେ।

## ଭାଲୁ ଆକ୍ରମଣରେ ନାବାଳକ ଗୁରୁତର



**ସୁକିନ୍ଦା,୧୯।୧୨(ସମିସ):** ଭାଲୁ ଆକ୍ରମଣରେ ଜଣେ ନାବାଳକ ଗୁରୁତର ଆହତ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୂଚନା ମୁତାବକ ଢେଙ୍କାନାଳ ଜିଲ୍ଲା ଅଁଳାଝରି ଗ୍ରାମ ଅକ୍ଷୟ ବେହେରାଙ୍କ ଶିଶୁପୁତ୍ର ରୁଦ୍ର ବେହେରା (୬) ଶୁକ୍ରବାର ସକାଳ ସମୟରେ ଘର ପଛ ପଟକୁ ଶୌଚ ପାଇଁ ଯାଇଥିବା ବେଳେ ଏକ ଭାଲୁ ଆକ୍ରମଣର ଶୀକାର ହୋଇଥିଲା। ଏହି ଆକ୍ରମଣରେ ଶିଶୁ ପୁତ୍ରର ବେକର ଉଭୟ ପାଶ୍ୱର୍ରେ ଗଭୀର ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲା। ଶିଶୁ ପୁତ୍ରର ଚିତ୍କାର ଶୁଣି ପରିବାର ଲୋକେ ଯିବାରୁ ଭାଲୁ ସେଠାରୁ ଖସି ପଳାଇଥିଲା। ପରିବାର ଲୋକେ ତୁରନ୍ତ ଶିଶୁ ପୁତ୍ରକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶିଶୁର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସମାଜସେବୀ ବିଭୁ ଶଙ୍କର ପୃଷ୍ଟିଙ୍କର ପରଲୋକ

**କୁନ୍ଦଲ,୧୯।୧୨(ସମିସ):** ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତ ଅନ୍ତର୍ଗତ ପିରମାଟଣା ଗ୍ରାମର ସମାଜସେବୀ ବିଭୁଶଙ୍କର ପୃଷ୍ଟି (୫୪)ଙ୍କର ଆଜି ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଛି। ବିଭୁ ଆଜି ଦିନତମାମ ବୁଲାବୁଲି କରିଥିଲେ। ମଧ୍ୟାହ୍ନରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ମରଶରୀର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକକୂଳ ପରିବେଶ ସୃଷ୍ଟି ହୋଇଥିଲା।



ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ଚାରିନଙ୍ଗଳ ସରପଞ୍ଚ ନୁରଜାନ ବେଗମ, ସମିତିସଭ୍ୟା ଚନ୍ଦ୍ରକଳା ଜେନା, ପ୍ରାକ୍ତନ ସରପଞ୍ଚ ମନ୍ମଥ କେଶରୀ ସାହେବରାୟ, ସେକ୍ ରିଆସତ ଅଲ୍ଲୀ, ବିଳାସ ଚନ୍ଦ୍ର ବାରିକ, ଆଇନଜୀବୀ ପ୍ରତାପ ଚନ୍ଦ୍ର ନାୟକ, ପ୍ରାକ୍ତନ ସମିତିସଭ୍ୟ ସେକ୍ ମୋଇନ ଅହେମ୍ମଦ, ପ୍ରଫୁଲ୍ଲ ଦାସ, ପ୍ରାକ୍ତନ ଜିଲ୍ଲା ଯୁବକଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ, ଚାରିନଙ୍ଗଳ ପଞ୍ଚାୟତ ବିଜେପି ସଭାପତି ପ୍ରଦ୍ୟୋତ କେଶରୀ ସାମଲ, ପଞ୍ଚାୟତ ବିଜେଡି ସଭାପତି ଗୋଲାମ କିବିରିଆ ଖାଁ, ଶିକ୍ଷାବିତ୍ ଅଜୟ କୁମାର ସାମଲ, ରବୀନ୍ଦ୍ରନାଥ ସାମଲ, ସାମ୍ବାଦିକ ଉତ୍କଳ କେଶରୀ ସାମଲ, ପ୍ରବାସ କୁମାର ଦାଶ, ସେକ୍ ଇକବାଲ ହୁସେନ୍, ବାଲିଚନ୍ଦ୍ରପୁର ଶ୍ୟାମସୁନ୍ଦର ବଜାର କମିଟି ପକ୍ଷରୁ ପ୍ରତିନିଧି ଅକ୍ଷୟ କୁମାର ପରିଡ଼ା, ରଶ୍ମିରଞ୍ଜନ ବଳ, ଭିମସେନ୍ ରାଉତ, ଅଶୋକ କୁମାର ରାଉତ, ଶରତ ଚନ୍ଦ୍ର ସାହୁ, ଅଶୋକ କୁମାର ବେହେରା, ସଂଜୟ କୁମାର ସାମଲ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପ୍ରକାଶ ଥାଉକି ବିଭୁ ଶଙ୍କରଙ୍କ ପତ୍ନୀ ୧୦ ବର୍ଷ ପୂର୍ବରୁ ପରଲୋକ ଗମନ କରିଛନ୍ତି। ୧୮ ବର୍ଷର ଏକାମାତ୍ର ପୁତ୍ର ମୋହିତକୁ ଏକାକି କରି ବାପା ମାଆ ଦୁହେଁ ଆରପାରିକୁ ଚାଲିଗଲେ। ସେହି ଏକ ମାତ୍ର ପୁତ୍ର ବିଭୁ ଶଙ୍କରଙ୍କୁ ମୁଖାଗ୍ନି ଦେଇ ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଶିକ୍ଷା ପରିଭ୍ରମଣ

**ବଡଚଣା,୧୯।୧୨(ସମିସ):** ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଅମଲାପଡାର ବାର୍ଷିକ ଶିକ୍ଷା ପରିଭ୍ରମଣ ଅବସରରେ ଚଣ୍ଡିଖୋଲ ସ୍ଥିତ ମହାବିନାୟକ ମନ୍ଦିର, ବନଦୁର୍ଗା ଚଣ୍ଡି ମନ୍ଦିର, ଭୂଷଣ୍ଡପୁର ସ୍ଥିତ ଗ୍ରାମୀଣ ଉଦ୍ୟାନ, ଜଗତେଶ୍ୱର ମନ୍ଦିର, ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଛତିଆ ଆଦି ସ୍ଥାନ ପରିଭ୍ରମଣ କରିଥିଲେ। ପୁରାଣ ପ୍ରସିଦ୍ଧ ବାରୁଣାବନ୍ତ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ, ଭୂଷଣ୍ଡପୂରର ଉଦ୍ୟାନର ରଙ୍ଗବେରଙ୍ଗର ଫୁଲର ସମ୍ଭାର, ଝରଣାର କୁଳୁକୁଳୁ ଶବ୍ଦ, ପକ୍ଷୀମାନଙ୍କର କଳରବ, ଶାନ୍ତଶାନ୍ତ ସବୁଜ ବନାନୀ, ପିଲାମାନଙ୍କର ମନକୁ ବିମୋହିତ କରିଥିଲା। ଏଥିସହିତ ବିଭିନ୍ନ ନୃତ୍ୟ ସଙ୍ଗୀତ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭୋଜିଭାତର ଆସରର ମଜା ନେବା ସହିତ ନିଜନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ରମେଶ ଚନ୍ଦ୍ର ମହାରଣା, ଅଧ୍ୟକ୍ଷ ନିର୍ମଳା ଓଝା, ସ୍କୁଲ ପରିଚାଳନ କମିଟି ସଭାପତି ଅକ୍ଷୟ କୁମାର ସାହୁ, ଉପଦେଷ୍ଟା ନିରଞ୍ଜନ ପଟଳ, ମଙ୍ଗରାଜ ରାଉତ, ସୁଶାନ୍ତ କୁମାର ମହାନ୍ତି, ରାକେଶ ଚନ୍ଦ୍ର ସାହୁ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି ବାର୍ଷିକ ଶିକ୍ଷା ପରିଭ୍ରମଣରେ ଯୋଗଦେଇଥିଲେ।

## ପ୍ରାଥମିକ ଶିକ୍ଷକ ଫେଡେରେସନ ପୁନର୍ଗଠିତ



**ମଙ୍ଗଳପୁର,୧୯।୧୨(ସମିସ):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଦଶରଥପୁର ବ୍ଲକ ଶାଖା ସଙ୍ଗଠନର ସାମ୍ବିଧାନିକ ପୁନର୍ଗଠନ ପ୍ରକ୍ରିୟା ବିରିପଟା ପଞ୍ଚାୟତ ଚନ୍ଦନ ଶ୍ରୀକ୍ଷେତ୍ର ନାରୀଗାଁ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଙ୍ଗଠନର ସଭାପତି ରବୀନ୍ଦ୍ର କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ପ୍ରାଥମିକ ସଂଘର ଉପଦେଷ୍ଟା କମଳା କାନ୍ତ ସନ୍ଧିବିଗ୍ରହ, ଯାଜପୁର ଜିଲ୍ଲା ସଙ୍ଗଠନର ସଭାପତି ବିଜୟ କୁମାର ନାୟକ ଓ ଧର୍ମଶାଳା ବ୍ଲକ ସଙ୍ଗଠନର ସମ୍ପାଦକ ଆର୍ତ୍ତତ୍ରାଣ ସେଠୀ ନିର୍ବାଚନ ଅଧିକାରୀ ଭାବେ ଯୋଗଦେଇ ନିର୍ବାଚନ ପରିଚାଳନା କରିଥିଲେ। ନୂତନ ପେନ୍‌ସନ ଯୋଜନା ଭୁକ୍ତ ବହୁ ଶିକ୍ଷକ ଶିକ୍ଷୟତ୍ରୀ ସେମାନଙ୍କର ପ୍ରତିନିଧି ବିକାଶ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘରେ ଯୋଗଦାନ କରିଥିଲେ। ସର୍ବସମ୍ମତି କ୍ରମେ ସଙ୍ଗଠନର ସମ୍ପାଦକ ପ୍ରମୋଦ କୁମାର ପାଣିଗ୍ରାହୀ ନୂତନ କର୍ମକର୍ତ୍ତାମାନଙ୍କର ଏକ ଚିଠା ରାଜ୍ୟ ଉପଦେଷ୍ଟା ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ନୂତନ ବ୍ଲକ ସଭାପତି ଭାବେ ବିଜୟ କୁମାର ନାୟକ, ଉପସଭାପତି ଭାବେ ରଜତ କୁମାର ସାମଲ, ସ୍ନେହାଞ୍ଜଳି ଯେନା, ସମ୍ପାଦକ ଭାବେ ବିକାଶ କୁମାର ମଲ୍ଲିକ, ସହସମ୍ପାଦକ ଭାବେ ଶଶଧର ଦାସ, ଅନିଲ ଜେନା, ପ୍ରଦୀପ କୁମାର ପରିଡା, ବ୍ଲକ ସଂଯୋଜକ ଭାବେ ପ୍ରଭାତ କୁମାର ସାହୁ ଓ କୋଷାଧକ୍ଷ ଭାବେ ମହେଶ୍ୱର ପଣ୍ଡାଙ୍କ ନାମ ଘୋଷଣା କରାଯାଇଥିଲା। ସଙ୍ଗଠନର ଉପଦେଷ୍ଟା ଭାବେ ରବୀନ୍ଦ୍ର କୁମାର ରାୟ, ପ୍ରମୋଦ ପାଣିଗ୍ରାହୀ, ସୁରେଶ ଚନ୍ଦ୍ର ପତି, ଗତିକୃଷ୍ଣ ମହାନ୍ତି, ଅକ୍ଷୟ ଧଳ, କ୍ଷୀରୋଦ ଚନ୍ଦ୍ର ନାୟକ ଆଦି ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ମନୋନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରିୟରଞ୍ଜନ ଦାସ, ତୁଷାର କାନ୍ତ ମହାପାତ୍ର, ସୁବାସ ଚନ୍ଦ୍ର ସାମଲ, ସଂଗ୍ରାମ କେଶରୀ ନାୟକ, ପ୍ରବିର ନାୟକ, ଅଶୋକ ସାହୁ ଆଦି ଉଭୟ ଓପିଏସ ଓ ଏନପିଏସ ବର୍ଗର ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

### ପ୍ରେମ ପାଇଁ ଜୀବନ ଗଲା

## ପ୍ରେମିକା ଘରୁ ନାବାଳକର ଝୁଲନ୍ତା ମୃତଦେହ ଜବତ

**ବିଞ୍ଝାରପୁର,୧୯।୧୨(ସମିସ):**



ପ୍ରେମ ପାଇଁ ଆସିଥିବା ଜଣେ ନାବାଳକର ଝୁଲନ୍ତା ମୃତଦେହକୁ ବିଞ୍ଝାରପୁର ଥାନା ଅନ୍ତର୍ଗତ ମଇଁନ୍ଦା ନିକଟସ୍ଥ ପ୍ରେମିକା ଘର ନିକଟରୁ ଶୁକ୍ରବାର ପୂର୍ବାହ୍ନରେ ଜବତ ହୋଇଛି। ମୃତକ ହେଲେ କଟକ ଜିଲ୍ଲା ସାଲେପୁର ଥାନା ଗଙ୍ଗେଶ୍ୱର ଦେଉଳି ଗ୍ରାମର ମନୋଜ ଦାସଙ୍କ ପୁଅ ଅଶୋକ ଦାସ (୧୭) ବୋଲି ଜଣାପଡିଛି। ଏହି ଘଟଣାକୁ ନେଇ ଅଶୋକଙ୍କ ମା' ବେବିନା ଦାସ ତାଙ୍କ ପୁଅକୁ ପ୍ରେମିକା ଘର ଲୋକେ ହତ୍ୟା କରି ଟାଙ୍ଗି ଦେଇଥିବା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବେବିନାଙ୍କ ଅଭିଯୋଗ ମୁତାବକ ବିଞ୍ଝାରପୁର ଥାନା ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତ ଦାସସାହିର ଯୁବତୀ ଗତବର୍ଷ କଟକ ଜିଲ୍ଲା ସାଲେପୁର ଥାନା ଅଞ୍ଚଳର ଗଙ୍ଗେଶ୍ୱର ଦେଉଳି ଗ୍ରାମରେ ବାହା ହୋଇଥିଲେ। ବାହାଘର ପରେ ସେଠାରେ ଯୁବତୀଙ୍କ ସହିତ ସେହି ଗ୍ରାମର ମନୋଜ ଦାସଙ୍କ ନାବାଳକ ପୁଅ ଅଶୋକ ଦାସ (୧୭)ଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହି ଅନୈତିକ ପ୍ରେମ ସମ୍ପର୍କ ଯୋଗୁଁ ଯୁବତୀଙ୍କର ଶାଶୂଘର ସହିତ ମନାନ୍ତର ହେବାରୁ ସେ ଆସି ବାପ ଘରେ ରହୁଥିଲେ। ଯୁବତୀଙ୍କ ପ୍ରେମରେ ଉବୁଟୁବୁ ଅଶୋକ ପ୍ରେମିକାଙ୍କ ଘର ବିଞ୍ଝାରପୁର ବୁଲି ଆସିଥିବା ବେଳେ ସେଠାରେ ତାକୁ ତାଙ୍କ ଘର ଲୋକ ବାନ୍ଧି ଦେଇଥିଲେ। ଏ ନେଇ ସେ ଗତକାଲି ରାତିରେ ନିଜ ଘରକୁ ଫୋନ ମାଧ୍ୟମରେ ଜଣାଇଥିଲେ। ଏହି ଖବର ପାଇ ଅଶୋକଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପାଇଁ ବିଞ୍ଝାରପୁରରେ ପହଞ୍ଚି ପୁଅର ମୃତଦେହ ଦେଖିବାକୁ ପାଇଥିଲେ। ଖବର ପାଇ ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଶୋକର ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ମୃତ ଅଶୋକଙ୍କ ମା' ବେବିନାଙ୍କ ଲିଖିତ ଅଭିଯୋଗ ଆଧାରରେ ବିଞ୍ଝାରପୁର ପୁଲିସ ଏକ ହତ୍ୟା ମାମଲା କେଶ ନଂ ୫୯୩/୨୫ ରୁଜ କରି ତଦନ୍ତ କରୁଥିବା ଜଣାପଡିଛି।

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, କଟକ
ନିମଚଉଡ଼ି, କଟକ - ୭୫୩୦୦୨
ଇ-ମେଲ୍ ଠିକଣା : ccbho@cuttackccb.co.in
ଚାଷ ଓ ଚାଷୀର ସେବାରେ ଉତ୍ସର୍ଗୀକୃତ କେନ୍ଦ୍ର ସମବାୟ ବ୍ୟାଙ୍କ
୧. ଜମି ପରିମାଣ ଅନୁଯାୟୀ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ସହାୟତା ।
୨. ସବସିଡି ଯୁକ୍ତ ବିଭିନ୍ନ ମଧ୍ୟମ ତଥା ଦୀର୍ଘକାଳୀନ କୃଷି ଆନୁସଙ୍ଗିକ ଋଣ ଉପଲବ୍ଧ ।
୩. ହସ୍ତତନ୍ତ୍ର ବୁଣାକାର ମାନଙ୍କୁ ବଳିଆ ଯୋଜନାରେ ୫୦୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା ଓ ଯଥା ପରିଶୋଧ କଲେ ସୁଧ ରିହାତି।
୪. ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ଓ ଯଥା ସମୟରେ ଋଣ ପରିଶୋଧ କଲେ ସଂପୂର୍ଣ୍ଣ ସୁଧ ରିହାତି ।
୫. PAIS ଯୋଜନାରେ ଉପଯୁକ୍ତ ଦେୟ ପଇଠ କରି ୧ ଲକ୍ଷ ଟଙ୍କାର ବୀମା ସୁବିଧା।
୬. ବ୍ୟାଙ୍କର ଶାଖାମାନଙ୍କ ଜରିଆରେ ସଞ୍ଚୟ ଜମା ଖାତା ଖୋଲି ବିଭିନ୍ନ ସୁବିଧାର ଉପଯୋଗ କରନ୍ତୁ। ବରିଷ୍ଠ ନାଗରିକ ମାନେ ନିଜର ଜମା ଉପରେ ଟ.୦.୫୦ପ. ଅଧିକ ସୁଧର ଲାଭ ନେଇ ପାରିବେ।
୭. ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ଯଥାକ୍ରମେ ବାର୍ଷିକ ୨୦ଟଙ୍କା ଓ ୪୩୬ ଟଙ୍କା ଦାଖଲ କରି ବୀମାଭୁକ୍ତ ହୁଅନ୍ତୁ।
ଶ୍ରୀଯୁକ୍ତ ପ୍ରଭାତ ଚନ୍ଦ୍ର କାନୁନଗୋ, ସଭାପତି
ଶ୍ରୀ ଅନନ୍ତ କୁମାର ସାମଲ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ସବିଶେଷ ବିବରଣୀ ପାଇଁ ନିକଟସ୍ଥ ବ୍ୟାଙ୍କ ଶାଖା ଏବଂ କୃଷି ସେବା ସମବାୟ ସମିତି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।



# ଭୁବନେଶ୍ୱର ସିଟି

# କୁକୁର ମେଳାରେ ଜର୍ମାନ ସେଫର୍ଡ କୌଶଳ

ଭୁବନେଶ୍ୱର, ୧୯।୧୨(ସମିସ): ଏମିତି ଆମେ ରାସ୍ତାକଡ଼ରେ କୁକୁରଙ୍କ ମେଳି ଦେଖିଛେ। କିନ୍ତୁ ପୋଷା କୁକୁରମାନଙ୍କୁ ନେଇ ଓଡ଼ିଶା କେନେଲ୍ କ୍ଲବ୍ (ଓକେସି) ପକ୍ଷରୁ ଓୟୁଏଟି ଭେଟେରିନାରି କଲେଜ ଖେଳପଡ଼ିଆରେ ଶୁକ୍ରବାର ଆରମ୍ଭ ହୋଇଛି ଡଗ୍ ଶୋ' (କୁକୁର ମେଳା)। ଏହି କାର୍ଯ୍ୟକ୍ରମକୁ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିନରେ ଜର୍ମାନ ସେଫର୍ଡ ଡଗ କନ୍‌ଫିଡେରେସନ (କଳିଙ୍ଗ ଚାପଟର) ସ୍ପେଶାଲ ଶୋ ଅନୁଷ୍ଠିତ ହୋଇଥିଲା।

■ **ପ୍ରଥମ ଦିନରେ ୯୭ ପୋଷା କୁକୁରଙ୍କ ନାମ ପଞ୍ଜୀକରଣ**

■ **ଭାଗ ନେଇଛନ୍ତି ଦେଶର ପ୍ରମୁଖ ସହରର ଭଳିକି ଭଳି କୁକୁର**





ଏହି କାର୍ଯ୍ୟକ୍ରମରେ ପାଖାପାଖି ୯୭ଟି ଜର୍ମାନ ସେଫର୍ଡଙ୍କ ନାମ ପଞ୍ଜୀକରଣ ହୋଇଥିଲା। ଏଥିରେ ଦୁଇ ପ୍ରକାରର ଜର୍ମାନ ସେଫର୍ଡ ଥିଲେ। ପ୍ରଥମଟି ଷ୍ଟକ କୋଡ ଏବଂ ଅନ୍ୟଟି ହେଲା ଲଙ୍ଗ ହେଆର ଜର୍ମାନ ସେଫର୍ଡ। ସାଧାରଣତଃ ଲଙ୍ଗ କୋଡ୍ ବା ଲଙ୍ଗ ହେଆର ଜର୍ମାନ ସେଫର୍ଡ କହିଲେ ସେହି ପ୍ରଜାତିର କୁକୁରଙ୍କ ଲମ୍ବା ଏବଂ ବହଳ ପରସ୍ତର ଲୋମ ରହିଥାଏ। ଏହି ଶୋ ଜର୍ମାନ ସେଫର୍ଡ ଡଗ କନଫିଡେରେସନ (କଳିଙ୍ଗ ଚାପଟର)ର ୮ ତମ ସ୍ପେଶାଲ ଶୋ'। ଯେଉଁଥିରେ କେବଳ ଜର୍ମାନ ସେଫର୍ଡ ପ୍ରଜାତିର କୁକୁର ନିଜ କୌଶଳ ପ୍ରଦର୍ଶନ କରିଥିଲେ। ବିଭିନ୍ନ ରାଜ୍ୟ ତଥା ପଞ୍ଜାବ, ହାଇଦରାବାଦବାଦ, କୋଏମ୍ବତୁର, ପଶ୍ଚିମବଙ୍ଗ, ଜାମେସେଦପୁର, ଛତିଶଗଡ଼, ଝାଡ଼ଖଣ୍ଡ ଆଦି ସ୍ଥାନରୁ ଆସି ଭାଗ ନେଇଛନ୍ତି। ଏହି ପ୍ରଥମ ଦିନର ସ୍ପେଶାଲିଟି ଶୋ'ରେ ସେମାନଙ୍କର ଆନାଟୋମି ଅନୁସାରେ ଆଖିର ରଙ୍ଗ କଣ ହେବା ଦରକାର, ଦାନ୍ତର ରାଇଟ ବାଇଟ, ଓଭର ସଟ୍, ଅଣ୍ଡର ସଟ, ଶାରୀରିକ ଗଠନ, ଚାଲିଚଳଣ, ବ୍ୟବହାର, ସେମାନଙ୍କ ଉତ୍ସାହ, ବ୍ରିଡ୍ ଷ୍ଟାଣ୍ଡାର୍ଡ ଆଦି ବିଭିନ୍ନ ଦିଗକୁ ଧ୍ୟାନ ଦିଆଯାଇ ସେମାନଙ୍କୁ ଜଜ୍ କରାଯାଇଥିଲା। କୁକୁରମାନେ ମାଲିକ ଇଙ୍ଗିତରେ କାମ କରୁଥିଲେ। ମାଲିକଙ୍କ ପ୍ରତି ଥିବା ସେମାନଙ୍କର ବିଶ୍ୱସନୀୟତାକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଏହି ଶୋରେ ବିଚାରକ ଭାବେ ଜରର୍ମାନୀର ୟହନ ପ୍ରଲ ଯୋଗ ଦେଇଥିଲେ। ଯେଉଁମାନେ ଏହିସବୁ ଟେଷ୍ଟକୁ ସଫଳତାର ସହ ଅତିକ୍ରମ କରିଛନ୍ତି, ସେମାନଙ୍କୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ପୁରସ୍କୃତ କରାଯାଇଛି। ଏଥିରେ ପୁରୁଷ ଜର୍ମାନ ସେଫର୍ଡଙ୍କ ମଧ୍ୟରେ ପ୍ରଥମରେ ତନ୍ମୟ ମୂର୍ତ୍ତି, ଦ୍ୱିତୀୟ ଏବଂ ତୃତୀୟରେ ଆରବ ଦେବଙ୍କ ଙ୍କ ଜର୍ମାନ ସେଫର୍ଡକୁ ପୁରସ୍କୃତ କରାଯାଇଥିଲା। ସେହିଭଳି ମହିଳା ଜର୍ମାନ ସେଫର୍ଡଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ବୈଭବ ରୟାଲ, ଦ୍ୱିତୀୟରେ ଧୀରଜ ଦେବ ଏବଂ ତୃତୀୟରେ ହରିଶ କପିଲଙ୍କ ଜର୍ମାନ ସେଫର୍ଡକୁ ପୁରସ୍କୃତ କରାଯାଇଛି। ଆସନ୍ତାକାଲି ଡ. ଏସ.କେ ରାୟ ମେମୋରିଆଲ ଅଲ ବ୍ରିଡ ଶୋ ଅନୁଷ୍ଠିତ ହେବ।

## ଆସନ୍ତା ୧୧ରେ ବିଜେବି ଫ୍ରେଣ୍ଡ୍‌ସର ନିର୍ବାଚନ

● **ନିଯୁକ୍ତ ହେଲେ ୩ ନିର୍ବାଚନ ଅଧିକାରୀ**

ଭୁବନେଶ୍ୱର, ୧୯ ।୧୨(ସମିସ): ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ବିଜେବି ଫ୍ରେଣ୍ଡ୍ସ କମିଟିର ନିର୍ବାଚନ ଆସନ୍ତା ଜାନୁଆରୀ ୧୧ ତାରିଖରେ ଅନୁଷ୍ଠିତ ହେବ। ବୈଧ ଭୋଟର ଅର୍ଥାତ୍ ଆଜୀବନ ସଭ୍ୟଙ୍କ ତାଲିକା ଯାଞ୍ଚ କରିବା ପରେ ଜାନୁଆରୀ ୨ରୁ ୪ ତାରିଖ ମଧ୍ୟରେ ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିବେ। ଏହାପରେ ୧୧ ତାରିଖରେ ନିର୍ବାଚନ ହୋଇ ସେହିଦିନ ହିଁ ଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ସଂକ୍ରାନ୍ତ ଷ୍ଟିଅରିଂ କମିଟି ନିଷ୍ପତ୍ତି ନେଇଛି। ଏନେଇ ଏକ ପ୍ରେସ୍ ବିବୃତ୍ତି ଜାରି କରିବା ସହ ଏହାକୁ ନିର୍ବାଚନ ପାଇଁ ବିଜ୍ଞପ୍ତି ବୋଲି ଗ୍ରହଣ କରାଯିବ ବୋଲି କୁହାଯାଇଛି। ଶୃଙ୍ଖଳିତ, ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ କମିଟି ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରି ଅଧିକ ସୂଚନା ପାଇଁ ୩ ଜଣ ନିର୍ବାଚନ ଅଧିକାରୀ ମିତ୍ରଭାନୁ ମହାପାତ୍ର, ବିଶ୍ୱପ୍ରକାଶ ପଟ୍ଟନାୟକ ଓ ପ୍ରଦୀପ ସାମଲଙ୍କୁ ଯୋଗାଯୋଗ କରିବାପାଇଁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ଅକ୍ଟୋବରରେ ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ନିର୍ବାଚନ କରିବା ପାଇଁ ଷ୍ଟିଅରିଂ କମିଟି ଗଠନ କରାଯାଇଥିଲା। ତଦନୁଯାୟୀ ଷ୍ଟିଅରିଂ କମିଟି ତିନିଜଣ ନିର୍ବାଚନ ଅଧିକାରୀ ଚୟନ କରି ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି।

## ଅକ୍ଷୟ ସାମଲଙ୍କୁ ଆଇରନ୍ ମ୍ୟାନ୍ ଆୱାର୍ଡ



ଭୁବନେଶ୍ୱର, ୧୯।୧୨(ସମିସ): ସମାଜସେବୀ ଓ ଜାତୀୟ ରାଜଧାନୀରେ ପ୍ରବାସୀ ଓଡ଼ିଆଙ୍କ ପାଇଁ କାର୍ଯ୍ୟରତ ଇଂ. ଅକ୍ଷୟ କୁମାର ସାମଲଙ୍କୁ ମର୍ଯ୍ୟାଦାଜନକ ଆଇରନ୍ ମ୍ୟାନ ଆୱାର୍ଡ ପ୍ରଦାନ କରାଯାଇଛି। ଭାରତର ଲୌହ ପୁରୁଷ, ଭାରତରତ୍ନ ତଥା ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଗୁଜରାଟର ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସହକାର ଭବନରେ ଆୟୋଜିତ ସମାରୋହରେ ଇଂ. ସାମଲଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁଜରାଟର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ନୀତିନଭାଇ ପଟେଲ, ମନ୍ତ୍ରୀ କୁମାରଜୀ ଭାଇ ବାଉରିଆ, ପୂର୍ବତନ ବିଧାୟିକା ଗୀତ ବେହେନ ପଟେଲ ଓ ଅନ୍ୟ ବିଶିଷ୍ଟ ଅତିଥିମାନେ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ସଭାରେ ଗୁଜରାଟ, ମହାରାଷ୍ଟ୍ର, ଓଡ଼ିଶା, ମଧ୍ୟପ୍ରଦେଶ, ବିହାର ଓ ଅନ୍ୟ ରାଜ୍ୟର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ କଟକ ଜିଲ୍ଲା ମାହାଙ୍ଗାର ମୂଳବାସିନ୍ଦା ଇଂ. ସାମଲ ଏହା ପୂର୍ବରୁ ଏପିଜେ ଅବଦୁଲ କାଲାମ ଆଇକନ ଆୱାର୍ଡ, ଓଡ଼ିଶା ଅଟଳ ଆଇକନ ଆୱାର୍ଡ ଏବଂ କେନ୍ଦ୍ର ସରକାରଙ୍କ କୋଭିଡ ଯୋଦ୍ଧା ସମ୍ମାନ ଲାଭ କରିଛନ୍ତି। ସମ୍ପ୍ରତି ସେ ଦିଲ୍ଲୀ-ଏନସିଆର୍‌ରେ ବାସ କରୁଛନ୍ତି।

● **ସୁର ତରଙ୍ଗର ୩୨ତମ ବାର୍ଷିକ ଉତ୍ସବ**

## ଡ. ମିତାଲି ଚିନ୍ନାରାଙ୍କୁ ଶୀର୍ଷ ସମ୍ମାନ ପ୍ରଦାନ



ଭୁବନେଶ୍ୱର, ୧୯।୧୨(ସମିସ): ସୁର ତରଙ୍ଗ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କିମ୍ବଦନ୍ତୀ କଣ୍ଠଶିଳ୍ପୀ ସ୍ୱର୍ଗତଃ ଶ୍ରୀକାନ୍ତ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ 'ସ୍ମୃତିରେ ଶ୍ରୀକାନ୍ତ' ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଶ୍ରୀକାନ୍ତ ଦାସଙ୍କ ଚିର ସବୁଜ ସଙ୍ଗୀତକୁ ନବୀନ ଓ ପ୍ରବୀଣ କଣ୍ଠଶିଳ୍ପୀ ପରିବେଷଣ କରିଥିଲେ। ମନର ମଣିଷ ଆଜି... ୮୦ ଦଶକର ଏହି ଚିରସବୁଜ ସଙ୍ଗୀତକୁ ନିଖୁଣଭାବେ କଣ୍ଠଶିଳ୍ପୀ ବିଭୂକିଶୋର ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ବାବୁ ସିଂ, ବିଜେପି ନେତା ଜଗନ୍ନାଥ ପ୍ରଧାନ ଏବଂ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ଚଳିତବର୍ଷ ଅଧ୍ୟାପିକା ତଥା କଣ୍ଠଶିଳ୍ପୀ ଡ. ମିତାଲି ଚିନ୍ନାରାଙ୍କୁ ସୁର ତରଙ୍ଗ ଶୀର୍ଷ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଶ୍ରୀକାନ୍ତ ଦାସଙ୍କ ପରିବାରକୁ ସୁର ତରଙ୍ଗ ମରଣୋତ୍ତର ସମ୍ମାନ ଏବଂ ସ୍ୱାସ୍ଥ୍ୟ ପରାମର୍ଶ ଦାତା ତଥା କଣ୍ଠଶିଳ୍ପୀ କୌଶିକି ପଟ୍ଟନାୟକ, କଣ୍ଠଶିଳ୍ପୀ ହିମାଂଶୁ ନାୟକ, ଧୃତିମୟ ବେହେରା, ବାଦ୍ୟଶିଳ୍ପୀ ହିମାଂଶୁ ସ୍ୱାଇଁ, ଅଜୟ ପାଲ, ଜୀବନପ୍ରକାଶ ଦାଶ, ଜାତୀୟ ପୁରସ୍କାରପ୍ରାପ୍ତ ସମାଜସେବୀ ଓ ଅଭିନେତା ଡ. ଋଷି ପଟ୍ଟନାୟକ ଓ ସମାଜସେବୀ ଜ୍ଞାନଦା ସାହୁ ପ୍ରମୁଖଙ୍କୁ ସୁର ତରଙ୍ଗ ସାମ୍ମନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉପଦେଷ୍ଟା ଡ. ମୂରଲୀ ଶର୍ମା, ଅନ୍ୟତମ ଉପଦେଷ୍ଟା ବଦ୍ରୀନାଥ ପଟ୍ଟାନାୟକ, ଉପସଭାପତି ବିଭୁକିଶୋର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ପୀୟୁଷ ମହାନ୍ତିଙ୍କ ପରିଚାଳନାରେ ସଭାପତି ବିଧୁଭୂଷଣ ନାୟକ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ଇତିହାସ ଆଲୋଚନାଚକ୍ର

ନନ୍ଦନକାନନ, ୧୯।୧୨(ସମିସ): ବାରଙ୍ଗ କୁଞ୍ଜବିହାରୀ ମହାବିଦ୍ୟାଳୟ ଆନୁକୂଲ୍ୟରେ ଇତିହାସ ବିଭାଗ ଦ୍ୱାରା ରାଜ୍ୟସ୍ତରୀୟ ସେମିନାର ଆୟୋଜିତ ହୋଇଯାଇଛି। ଏହାର ବିଷୟବସ୍ତୁ ଥିଲା 'ଏକବିଂଶ ଶତାବ୍ଦୀରେ ମହାତ୍ମା ଗାନ୍ଧୀଙ୍କର ପ୍ରାସଙ୍ଗିକତା'। ଏହି ସେମିନାରରେ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ ବିଶିଷ୍ଟ ଗାନ୍ଧୀବାଦୀ ଲେଖକ ଓ ପ୍ରୋଫେସର ଡକ୍ଟର ଖାରବେଳ ମହାନ୍ତି। ସଭାମୁଖ୍ୟ ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଶେଖ୍ ନୈମୁଦ୍ଦିନ୍ ଯୋଗଦାନ କରିଥିଲାବେଳେ ଇତିହାସ ବିଭାଗର ମୁଖ୍ୟ ସୁକାନ୍ତ କୁମାର ରାଉତ ସଭାର ଆଭିମୁଖ୍ୟ ବିଷୟରେ ସୂଚନାପ୍ରଦାନ କରିଥିଲେ। ଭିତ୍ତିପ୍ରବନ୍ଧ ପାଠ କରିଥିଲେ ଅଧ୍ୟାପକ ପ୍ରଶାନ୍ତ କୁମାର ବିଶ୍ୱାଳ ଓ ଅତିଥିଙ୍କ ପରିଚୟ ପ୍ରଦାନକରି ସଭା ପରିଚାଳନାରେ ସହାୟତା କରିଥିଲେ ଅଧ୍ୟାପକ ଡକ୍ଟର ଥବିର କୁମାର ଲିମା। ସଭାର ବିଶ୍ଳେଷଣ କରିଥିଲେ ଏକାଡେମିକ୍ ଉପଦେଷ୍ଟା ଓ ଇଂରାଜୀ ବିଭାଗ ମୁଖ୍ୟ ଅନୀଲ କୁମାର ପାଢ଼ୀ। ସଭାରମ୍ଭ କରିଥିଲେ ଅଧ୍ୟାପିକା ସୁଶ୍ରୀ ପ୍ରୀତି ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ସୁଶ୍ରୀ ଅନୀତା।

## ମୁକ୍ତିଲାଭ କଲା 'ମୋଟରସାଇକେଲ୍'

ଭୁବନେଶ୍ୱର, ୧୯।୧୨(ସମିସ): ବିଶ୍ୱାଳ ଫିଲ୍ମସ୍ ବ୍ୟାନର୍‌ରେ ପ୍ରସ୍ତୁତ ଓଡ଼ିଆ ଫିଚର୍ ଫିଲ୍ମ 'ମୋଟରସାଇକେଲ୍' ସାରା ଓଡ଼ିଶାରେ ମୁକ୍ତଲାଭ କରିଛି। ପ୍ରଯୋଜିକା ଝୁନିଲତା ବିଶ୍ୱାଳ ଓ ନିର୍ଦ୍ଦେଶକ ଅଶ୍ୱିନ୍ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ଏହି ସିନେମା ନିର୍ମିତ ହୋଇଛି। ଏହାର କାହାଣୀ ଓ ନୃତ୍ୟ ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ଅଶ୍ୱିନ୍ ତ୍ରିପାଠୀ ତୁଲାଇଛନ୍ତି। ଏଥିରେ କୁନା ତ୍ରିପାଠୀ, ଜ୍ୟୋତିରଞ୍ଜନ ନାୟକ, ଅଭିଷେକ ପଣ୍ଡା, ପ୍ରିତୀ, ପିହୁ, ପୃଥ୍ୱୀରାଜ, ଆଲିଶା, ଭାଶ୍ୱତୀ ବସୁ, ରାଜଶ୍ରୀ, ସୁଶାନ୍ତ ଦାସ ମହାପାତ୍ର ଅଭିନୟ କରିଛନ୍ତି। ସିନେମାରେ ସଙ୍ଗୀତ ରଚନା ସୋମେଶ ଶତପଥୀଙ୍କ କରିଥିବା ବେଳେ କଣ୍ଠଦାନ କରିଛନ୍ତି ସ୍ୱର୍ଗତଃ ହ୍ୟୁମାନ ସାଗର।

## ଚଉଷଠୀ ଯୋଗିନୀ ମହୋତ୍ସବ ଡ଼ିସେମ୍ବର ୨୩ରେ

ବାଲିଅନ୍ତା, ୧୯ ।୧୨(ସମିସ): ରାଜଧାନୀ ଉପକଣ୍ଠସ୍ଥିତ ହିରାପୁରଠାରେ ଆସନ୍ତା ୨୩ ତାରିଖ ଠାରୁ ଆରମ୍ଭ ହେବ ୧୯ ତମ ଆନ୍ତର୍ଜାତୀୟ ୬୪ ଯୋଗିନୀ ମହୋତ୍ସବ। ଏହା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ୬୪ ଯୋଗିନୀ ପୀଠ କଲ୍ୟାଣ ମଣ୍ଡପ ଠାରେ ମହୋତ୍ସବ କମିଟିର ଆୟୋଜକ ନୃତ୍ୟ ପ୍ରତିଭା ଅନୁଷ୍ଠାନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଚ଼ଳିତ ବର୍ଷ ମହୋତ୍ସବରେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଇଲିଆନା ସୀତାରିଷ୍ଟଙ୍କୁ ୬୪ ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ, ଡ଼ଃ ଆଦ୍ୟାଶା ଦାସଙ୍କୁ ୬୪ ଯୋଗିନୀ ସଙ୍ଗୀତ ସମ୍ମାନ, ସିନେ ଅଭିନେତା ତଥା ନାଟ୍ୟଗୁରୁ ଅଶ୍ରୁମୋଚ଼ନ ମହାନ୍ତିଙ୍କୁ ୬୪ ଯୋଗିନୀ ନାଟ୍ୟ ସମ୍ମାନ, ଡଃ ଇତିରାଣୀ ସାମନ୍ତଙ୍କୁ ସୁରେଶ ବଳବନ୍ତରାୟଙ୍କ ସ୍ମୃତିରେ ୬୪ ଯୋଗିନୀ ସାହିତ୍ୟ ସମ୍ମାନ, ସ୍ତମ୍ଭକାର ଶୃତିକିର୍ତ୍ତୀ ତ୍ରୀପାଠୀଙ୍କୁ ୬୪ ଯୋଗିନୀ ଯୁବ ସାହିତ୍ୟ ସମ୍ମାନ ଓ ଇଂ ଶ୍ରୀନିବାସ ଘଟୁଆରୀଙ୍କୁ ୬୪ ଯୋଗିନୀ ଯୁବ ନୃତ୍ୟ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। 'ଶତାବ୍ଦୀର କଳାକାର' ପକ୍ଷରୁ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ ଉପରେ ଆଧାରିତ ଏକ ନାଟକ ଧିରେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ପରିବେଷଣ କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଆଜିର ଏହି ସମ୍ମିଳନୀରେ ମହୋତ୍ସବ କମିଟିର ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ଡଃ ଅରବିନ୍ଦ ଢ଼ାଲି, ନୃତ୍ୟ ପ୍ରତିଭାର ସମ୍ପାଦିକା ପ୍ରତିଭା ପଣ୍ଡା, ସଭାପତି ଡଃ ରଜନୀ ରଞ୍ଜନ ଦାସ, ଉପ ସଭାପତି ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ ଏବଂ ସ୍ଥାନୀୟ ସରପଞ୍ଚ ରମାଲତା ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## 'ରମାଦେବୀ'ରେ ପ୍ରଫେସର ରାଧାକାନ୍ତ ମିଶ୍ର ସେମିନାର ହଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୯ ।୧୨(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗରେ ପ୍ରାଧ୍ୟାପକ ରାଧାକାନ୍ତ ମିଶ୍ରଙ୍କ ନାମାନୁସାରେ ନିର୍ମିତ ସେମିନାର ହଲ୍‌କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଉଦଘାଟନ କରିଛନ୍ତି। ଏହି ହଲ୍‌ଟି ୧୦୦ ଆସନ ବିଶିଷ୍ଟ ରହିଛି। ଆମ ଗୌରବ ଆମ କଲେଜ ଅଧୀନରେ ଉଚ୍ଚଶିକ୍ଷା ବିଭାଗ ଓ ରମାଦେବୀର ପୁରାତନ ଛାତ୍ରୀ ଡ. ସ୍ନେହଲତା ଦାସଙ୍କ ଅବଦାନରେ ପ୍ରତିଷ୍ଠିତ ହୋଇପାରିଛି। ସେହିପରି ଆଉ ଏକ ନୂତନ ଛାତ୍ରୀ ନିବାସ 'ଆଦ୍ୟାଶା'କୁ ମଧ୍ୟ ସେ ଉଦ୍‌ଘାଟନ କରିଛନ୍ତି। ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ବଢ଼ାଇବାରେ ସେମିନାର ହଲ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ଏବଂ ଗରିବ ମେଧାବୀ ଛାତ୍ରୀମାନେ ହଷ୍ଟେଲ୍‌ରେ ରହି ପଢ଼ିବାର ସୁଯୋଗ ପାଇବେ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥଙ୍କ ସମେତ କୁଳସଚିବ ମନସ୍ୱିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲାବେଳେ ପ୍ରଫେସର ରାଧାକାନ୍ତ ମିଶ୍ରଙ୍କ ପୁତ୍ର ପ୍ରଫେସର ଜୟନାରାୟଣ ମିଶ୍ର ଓ ପୁତ୍ରବଧୂ ସୁମିତା ନେପାକ ପ୍ରମୁଖ ଉପସ୍ଥିତ ଥିଲେ।



## 'ନିଯୁକ୍ତି ସଙ୍କଟ ଓଡ଼ିଶାର ଆର୍ଥିକ ବିଫଳତାର ପ୍ରମାଣ'

ଭୁବନେଶ୍ୱର, ୧୯।୧୨(ସମିସ): ସମ୍ବଲପୁରରେ ସମ୍ପ୍ରତି ହୋଇଥିବା ହୋମଗାର୍ଡ ନିଯୁକ୍ତି ପ୍ରକ୍ରିୟା ଯେଉଁଠାରେ ୫ମ ଶ୍ରେଣୀ ପାସ୍ ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ୧୮୭ଟି ପଦବୀ ନିମନ୍ତେ ୯ ହଜାରରୁ ଅଧିକ ସ୍ନାତକ, ସ୍ନାତକୋତ୍ତର, ଏମସିଏ, ଏମବିଏ ଯୋଗ୍ୟତାଧାରୀ ଯୁବକ-ଯୁବତୀ ଅଂଶ ଗ୍ରହଣ କରିଥିଲେ, ଯାହା ଓଡ଼ିଶାର ଭୟଙ୍କର ଆର୍ଥିକ ଓ ନିଯୁକ୍ତି ସଙ୍କଟର ଏକ ଗୁରୁତର ସଙ୍କେତ ବୋଲି ପ୍ରାଉଟିଷ୍ଟ ୟୁନିଭର୍ସାଲ୍, ଓଡ଼ିଶା ଶାଖା କହିଛି। ଏହି ଘଟଣା ଉପରେ ପ୍ରତିକ୍ରିୟା ଦେଇ ସଂଗଠନର ସଂଯୋଜକ ଶ୍ରୀ କାହ୍ନୁ ଚରଣ ବେହୁରା କହିଛନ୍ତି ଯେ ଏହା କେବଳ ଏକ ନିଯୁକ୍ତି ଅସଙ୍ଗତି ନୁହେଁ, ବରଂ ଏକ ବିଫଳ ବିକାଶ ମଡେଲର ପ୍ରମାଣ ଯାହା ଶିକ୍ଷିତ ଯୁବପିଢ଼ି ପାଇଁ ସମ୍ମାନଜନକ ଓ ସ୍ଥାୟୀ ଚାକିରି ସୃଷ୍ଟି କରିପାରୁନାହିଁ। ତାଙ୍କ ମତାନୁସାରେ, ଜିଲ୍ଲାଭିତ୍ତିକ ଅର୍ଥନୈତିକ ଯୋଜନାର ଅଭାବ, କଞ୍ଚା ଖଣିଜ ଓ ପ୍ରାକୃତିକ ସମ୍ବଳ ର ଅନିୟନ୍ତ୍ରିତ ରପ୍ତାନି, ଓଡ଼ିଶା ଭିତରେ ଶିଳ୍ପାନ୍ୱୟନ ଓ ମୂଲ୍ୟଯୋଗ କରଣ ର ଅଭାବ ଫଳରେ ଯୁବ ପଳାୟନ, ହତାଶା ଓ ସାମାଜିକ ଅସ୍ଥିରତା ବଢ଼ୁଛି।

ପ୍ରାଉଟ (ପ୍ରୋଗେସିଭ୍ ୟୁଟିଲାଇଜେସନ୍ ଥିଓରି) ହେଉଛି ପ୍ରଖ୍ୟାତ ଭାରତୀୟ ଦାର୍ଶନିକ ପ୍ରଭାତ ରଞ୍ଜନ ସରକାରଙ୍କ ଦ୍ୱାରା ପ୍ରତିପାଦିତ ଏକ ବିକଳ୍ପ ସାମାଜିକ-ଆର୍ଥିକ ଧାରା, ଯାହା ସ୍ଥାନୀୟ ସମ୍ବଳ ଉପରେ ସ୍ଥାନୀୟ ଲୋକଙ୍କ ଅଧିକାର, ବିକେନ୍ଦ୍ରୀତ ଆର୍ଥିକ ଯୋଜନା, ସମବାୟ ପରିଚାଳିତ ଶିଳ୍ପ ଏବଂ ସମସ୍ତଙ୍କ ପାଇଁ ସମ୍ମାନଜନକ ନିଯୁକ୍ତି ଓ କ୍ରୟ କ୍ଷମତାକୁ ଗୁରୁତ୍ୱ ଦିଏ। ପ୍ରଚଳିତ ଅତ୍ୟଧିକ ଲୋଭ ଓ ଲାଭଖୋରୀ କେନ୍ଦ୍ରିତ ପାରମ୍ପରିକ ବିକାଶ ମଡେଲ ପରି ନୁହେଁ, ପ୍ରାଉଟ୍ ମାନବ କଲ୍ୟାଣ ଓ ଆର୍ଥିକ ଗଣତନ୍ତ୍ରକୁ ପ୍ରାଥମିକତା ଦେଇଥାଏ। ହାଇଦରାବାଦରେ ଘୋଷିତ ନିବେଶ ପ୍ରସ୍ତାବଗୁଡ଼ିକୁ ସ୍ୱାଗତ କରିଥିଲେ ମଧ୍ୟ, ସଂଗଠନ କହିଛି ଯେ ନିବେଶ ଅର୍ଥପୂର୍ଣ୍ଣ ହେବ, ଯେତେବେଳେ ତାହା ଓଡ଼ିଆ ଯୁବପିଢ଼ି ପାଇଁ ନିଜ ମାତୃଭୂମିରେ ସ୍ଥାୟୀ, ସମ୍ମାନଜନକ ରୋଜଗାର ସୃଷ୍ଟି କରିବ। ଏହି ଦିଗରେ ଜିଲ୍ଲାସ୍ତରୀୟ ଅର୍ଥନୈତିକ ଯୋଜନା, କୃଷିକୁ ଶିଳ୍ପର ମାନ୍ୟତା, ଖଣିଜ ଦ୍ରବ୍ୟର ପ୍ରକ୍ରିୟାକରଣ ଓଡ଼ିଶା ଭିତରେ କରିବା ଏବଂ ପ୍ରାଉଟ୍ ଆଧାରିତ ପାଇଲଟ୍ ମଡେଲ ପ୍ରକଳ୍ପ ଆରମ୍ଭ କରିବାକୁ ସଂଗଠନ ସରକାରଙ୍କୁ ଆହ୍ୱାନ କରିଛି।

## ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଗାନ୍ଧିବାଦୀ

ଭୁବନେଶ୍ୱର, ୧୯।୧୨(ସମିସ): ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ଆମ ରାଜ୍ୟ ବିଧାନସଭାର ଗତ ଶୀତ ଅଧିବେଶନର ଶେଷ ଦିନରେ ବିଧାୟକ, ମନ୍ତ୍ରୀ, ବାଚସ୍ପତି ଓ ଅନ୍ୟମାନଙ୍କ ବେତନ ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତୀୟ ବିଧେୟକ ବିନା ବିତର୍କରେ ଏକ ପ୍ରକାର ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ମନ୍ତ୍ରୀ, ବିଧାୟକଙ୍କ ଦରମା ବୃଦ୍ଧି ଦେଇ ସାଧାରଣ ଲୋକଙ୍କ ଭିତରେ ବି ଏହା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏପରିସ୍ଥଳେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଗାନ୍ଧିବାଦୀ ପ୍ରହଲାଦ ସିଂହ।

ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନେ ଦରଦାମ ଅହେତୁକ ଭାବେ ବୃଦ୍ଧି ପାଉଛି। ସେହିଭଳି କେନ୍ଦ୍ର ସରକାର କମିଶନଙ୍କ ସୁପାରିସ ଆଧାରରେ କର୍ମଚାରୀଙ୍କ ବେତନ, ଭତ୍ତା ଆଦି ବୃଦ୍ଧି କରିବା ପରେ ବିଭିନ୍ନ ରାଜ୍ୟରେ ସରକାରମାନେ ନିଜନିଜ କର୍ମଚାରୀଙ୍କ ପାଇଁ ମଧ୍ୟ ବେତନ ଓ ଭତ୍ତା ବଢ଼ାଇଥାନ୍ତି। ଆମ ରାଜ୍ୟ ପରିପ୍ରେକ୍ଷୀରେ ଏହା ଓଡ଼ିଶା ରିଭାଇଜଡ୍ ସ୍କେଲ୍ ଅଫ୍ ପେ' (ଓଆରଏସ୍‌ପି) ରୁଲ୍ ନାମରେ ପରିଚିତ। ରାଜ୍ୟ ସରକାର ତାଙ୍କର ନୂଆ ଓଆରଏସ୍‌ପି ରୁଲ୍‌ରେ କର୍ମଚାରୀଙ୍କ ପାଇଁ ଯେଉଁ ହାରରେ ବେତନ ଓ ଭତ୍ତା ବୃଦ୍ଧି କରିବେ ଏବଂ ପେନ୍‌ସନ୍ କ୍ଷେତ୍ରରେ ମଧ୍ୟ ସଂଶୋଧନ ଆଣିବେ ସେହି ହାରରେ ବାଚସ୍ପତି, ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନଙ୍କ ବେତନ/ଭତ୍ତା ବୃଦ୍ଧି କରାଗଲେ ବିଶେଷ ସମାଲୋଚନା ହେବ ନାହିଁ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

● **୧୪ ତମ ସର୍ବଭାରତୀୟ ମଦନପୁର ଫୁଟବଲ୍ କପ୍**

## ଆଫ୍ରିକା ଏକାଦଶକୁ ହରାଇ ଦ୍ୱିତୀୟ ସେମିଫାଇନାଲରେ ଭଞ୍ଜନଗର ଏକାଡେମୀ




ବଡ଼ରଘୁନାଥପୁର, ୧୯।୧୨(ସମିସ): ଭୁବନେଶ୍ୱର ଉପକଣ୍ଠ ମଦନପୁର ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ୧୪ ତମ ସର୍ବଭାରତୀୟ ମଦନପୁର ଫୁଟବଲ୍ କପ୍‌ର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏହି ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଆଫ୍ରିକା ଏକାଦଶ ଓ ଭଞ୍ଜନଗର ଫୁଟବଲ୍ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ଭଞ୍ଜନଗର ଫୁଟବଲ୍ ଏକାଡେମୀ ୨-୧ ଗୋଲ୍ ରେ ଆଫ୍ରିକା ଏକାଦଶକୁ ହରାଇ ଦ୍ୱିତୀୟ ସେମିଫାଇନାଲରେ ପ୍ରବେଶ କରିଛି। ଏହି ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭଞ୍ଜନଗର ଫୁଟବଲ୍ ଏକାଡେମୀ ପକ୍ଷରୁ ଶଙ୍କର ମଲ୍ଲିକ ୮ ମିନିଟ୍ ବ୍ୟବଧାନରେ ଓ ଡି ସୋହନ ୪୨ ମିନିଟ୍ ମଧ୍ୟରେ ଗୋଲ୍ କରି ନିଜ ଦଳକୁ ୨ଟି ଗୋଲ୍ ଦେଇଛନ୍ତି। ଆଫ୍ରିକା ଏକାଦଶ ପକ୍ଷରୁ ଆର ହାମିଶୁ ୪୫ ମିନିଟ୍ ବ୍ୟବଧାନରେ ଗୋଲ୍ କରିଥିଲେ। ଆଜିର ମ୍ୟାଚ୍‌ରେ ସମୀର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଜଟଣୀ ନିର୍ବାଚନ ମଣ୍ଡଳୀର ଅଶୋକ କୁମାର ମଙ୍ଗରାଜ, ସମ୍ପାଦକ ତାପସ ରଞ୍ଜନ ବିଦ୍ୟାଧର ଯୋଗ ଦେଇଥିଲେ। ଏଥି ସହ ସୁଜିତ୍ ପାତ୍ର, ଏମ ଏସ ବେଗ, ଶିବ ଦେହୁରୀ, ଶିବ ସାମନ୍ତରାୟ ଖେଳ କୁ ପରିଚାଳନା କରିଥିଲେ। ଆସନ୍ତା କାଲିର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ପପୁଲାର ଢେଙ୍କାନାଳ ବନାମ ସ୍ପୋର୍ଟସ ହଷ୍ଟେଲ ଫୁଲବାଣୀ ମଧ୍ୟରେ ଖେଳାଯିବ ବୋଲି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପରିଚାଳକ ଛେନୁ ଶେଖର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ରେଡିମେଡ୍ ବସ୍ତ୍ର ଯୋଗୁଁ କମୁଛି ଉଲ୍‌ର ବ୍ୟବହାର

## ନୂଆ ଟ୍ରେଣ୍ଡ ଆପଣାଉଛନ୍ତି ଲୋକେ, ନିରାଶ ହେଉଛନ୍ତି ବେପାରୀ

ଭୁବନେଶ୍ୱର, ୧୯।୧୨(ସମିସ): ଶୀତର ଆଗମନ ସହ ରାଜଧାନୀର ରାଜମହଲ ଛକ ନିକଟରେ ୟୁପିରୁ ଆସିଥିବା ଉଲ୍ ବ୍ୟବସାୟୀଙ୍କ ପସରା ମେଲିଛି। ପ୍ରତିବର୍ଷ ଏହି ସମୟରେ ଉଲ୍ ବେପାରୀ ରାଜଧାନୀରେ ଆସି ରହିଥାନ୍ତି। ବର୍ତ୍ତମାନ ସମୟରେ ରେଡିମେଡ୍ ଡ୍ରେସ୍, ସ୍ୱେଟର୍, ସ୍କାର୍ଫ ଆଦିର ଚାହିଦା ଏତେ ବଢ଼ିଗଲାଣି ଯେ, ଲୋକ ଉଲ୍‌ର ବ୍ୟବହାର ଉପରେ ଏତେ ଗୁରୁତ୍ୱ ଦେଉ ନ ଥିବା ପରିଲକ୍ଷିତ ହେଉଛି।



ଆଗରୁ ଶୀତ ଦିନର ପୂର୍ବ ପ୍ରସ୍ତୁତିରେ ଘରର ମହିଳାମାନେ ଖାଲି ସମୟରେ ସ୍ୱେଟର, ସ୍କାର୍ଫ ଓ ଟୋପି ଆଦି ଉଲ୍‌ରେ ବୁଣିବା କାର୍ଯ୍ୟ କରିଥାନ୍ତି। ପ୍ରତି ଘରେ ଆଗରୁ ଉଲ୍ ବୁଣିବା ପାଇଁ କ୍ରୁସ୍ ରହୁଥିଲା। ହେଲେ ସମୟର ପରିବର୍ତ୍ତନ ଏବଂ ନୂଆ ନୂଆ ଟ୍ରେଣ୍ଡକୁ ଲୋକ ଆପଣାଇବାକୁ ଲାଗିଲେଣି। ଏହା ସହିତ ଲୋକ ଦାମୀ ଓ ନୂଆ ବ୍ରାଣ୍ଡର ଜ୍ୟାକେଟ୍, ସ୍ୱେଟର ଆଦି କିଣିବା ପସନ୍ଦ କରୁଛନ୍ତି। ସେଥିପାଇଁ ନା ଆଉ କେହି କ୍ରୁସ୍ କିଣୁଛନ୍ତି ନା ଉଲ୍। ଫଳରେ ଉଲ୍ ବ୍ୟବସାୟୀ ଦିନକୁ ଦିନ ଅଲୋଡ଼ା ହୋଇଯାଉଛନ୍ତି ବୋଲି କହିଛନ୍ତି ଅଶୋକ ସିଂ ନାମକ ଜଣେ ଉଲ୍ ବ୍ୟବସାୟୀ। ଦୀର୍ଘ ୩୦ ବର୍ଷ ଧରି ରାଜଧାନୀରେ ଉଲ୍ ବିକ୍ରି କରୁଛନ୍ତି ଅଶୋକ। ସେ ଦୀପାବଳି ସମୟରୁ ୩ରୁ ୪ ମାସ ଧରି ଉଲ୍ ବ୍ୟବସାୟ କରନ୍ତି। ତାଙ୍କର କୌଣସି ନିର୍ଦ୍ଦିଷ୍ଟ ଠିକଣା ନ ଥାଏ। ହେଲେ ମୁଖ୍ୟତଃ ରାଜମହଲ ଛକ ନିକଟରେ ତାଙ୍କ ଉଲ୍ ଆସର ଦେଖିବାକୁ ମିଳେ। ପାଖାପାଖି ୨୦୦ କି ୩୦୦ରୁ ଅଧିକ ରଙ୍ଗ ଓ ପ୍ରକାର ତାଙ୍କ ପାଖରେ ଦେଖିବାକୁ ମିଳେ। ଚାହିଦାରେ ରହୁଥିବା ଉଲ୍‌ର କେତୋଟି ପ୍ରକାର ମଧ୍ୟରୁ କାଶ୍ମିରୀ, ବରଦ୍ୱା, ଜେଡି, ହେଦ୍‌ର, ଇନିୟୁଅନ୍ୟତମ। ଏହିସବୁ ଉଲ୍‌ର ମୂଲ୍ୟ କିଲୋ ପିଛା ୩ରୁ ୮ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ସମୟରେ ବେପାର ବିଷୟରେ ଅଶୋକ କୁହନ୍ତି, ଲୋକ ତ ତିଆରି କରିବା ଭୁଲି ସାରିଲେଣି ବେପାର କେମିତି ଭଲ ଚାଲିବ। ପ୍ରତିବର୍ଷ ସେ ଏହି ଦିନକୁ ଚାହିଁ ବସିଥାନ୍ତି, କି ଶୀତ ଆସିଲେ ରାଜଧାନୀ ଆସିବେ। ହେଲେ ଆଗ ଭଳି ଆଉ ବେପାର ଭଲ ହେଉ ନଥିବାରୁ ତାଙ୍କ ଭଳି ବେପାରୀମାନେ ନିରାଶ ହେଉଛନ୍ତି। କାରଣ ତାଙ୍କ ସହ ଆହୁରି ୧୦ରୁ ୧୨ ଜଣ ବେପାରୀ ଓଡ଼ିଶା ଆସିଥାନ୍ତି। ସେଥିମଧ୍ୟରୁ କିଛି କୋରାପୁଟ, ଢେଙ୍କାନାଳ, କେଉଁଝର, ମୟୂରଭଞ୍ଜ ଆଦି ସ୍ଥାନକୁ ଚାଲି ଯାଇଥାନ୍ତି। ହେଲେ ଅନ୍ୟସ୍ଥାନ ଅପେକ୍ଷା ଢେଙ୍କାନାଳ ଏବଂ କୋରାପୁଟ୍‌ରେ ତାଙ୍କ ବିକ୍ରି ଭଲ ହୁଏ। ଗତ ୭ରୁ ୮ ବର୍ଷ ହେବ ଉଲ୍‌ର ବ୍ୟବହାର କମିବାରୁ ବିକ୍ରି ଏତେ କମିଯାଇଛି କି ଦିନକୁ ୫ଶହ କି ୬ଶହ ଟଙ୍କାର ବିକ୍ରି ହେବା କଷ୍ଟକର ହୋଇପଡୁଛି ବୋଲି ସେ କହିଛନ୍ତି।

### ପାଠପଢ଼ାରେ ଡୋରି ବାନ୍ଧିଥିଲେ ବାଇଧର

# ବିଦ୍ୟାଳୟକୁ ଫେରାଇ ଆଣିଲେ ଏଡିଇଓ



ବାରିପଦା, ୧୯।୧୨(ସମିସ): ଚଳିତ ଶିକ୍ଷାବର୍ଷ ଶେଷ ହୋଇଆସୁଥିବା ବେଳେ ବାରିପଦା ବ୍ଲକର ଗୁଞ୍ଜୁସାହି ଅନ୍ତର୍ଗତ ବିରପାଲିଆ ଗାଁର ଭାଗିରଥି ସୋରେନ ଓ ଚୂଡ଼ାମଣି ସୋରେନଙ୍କ ପୁଅ ବାଇଧର ସୋରେନ ୫ମ ଶ୍ରେଣୀ ପାସ୍ କରିବା ପରେ କୌଣସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇପାରି ନ ଥିଲେ। ଏହାର ଏକମାତ୍ର କାରଣ ଥିଲା ଯେ ତାଙ୍କ ଘର ପାଖାପାଖି କୌଣସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାହିଁ। ପିଲାଟି ସାରୁଝରଣ ପ୍ରାଥମିକ ବିଦ୍ୟାଳୟରେ ପଢ଼ିସାରିବା ପରେ ଉଚ୍ଚ ଶ୍ରେଣୀରେ ପଢ଼ି ନ ପାରି ଘରେ ବସିଥିଲେ। ଗୁଞ୍ଜୁସାହି ସିଆର୍‌ସିସି ଗୀତିକା ବେହେରା ନିଜ କ୍ଲଷ୍ଟର ଅଞ୍ଚଳର ଗ୍ରାମବାସୀଙ୍କ ପାଖରୁ ଖବର ପାଇ ବାରିପଦା ବିଆର୍‌ସିସି ତପସ୍ୱିନୀ ଦାଶଙ୍କୁ ଏ ବିଷୟରେ ଅବଗତ କରାଇଥିଲେ। ବିଆର୍‌ସିସି ନିଜେ ତୁରନ୍ତ ପଦକ୍ଷେପ ନେଇ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂଙ୍କୁ ଜଣାଇବା ପରେ ଶ୍ରୀ ସିଂ ନିଜେ ତାଙ୍କ ବାପା-ମାଆଙ୍କ ସହ ଆଲୋଚନା କରି ସତ୍ୟାସତ୍ୟ ଜାଣିବା ପରେ ବାରିପଦାର ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ ସୌମ୍ୟ ଦାଶଙ୍କ ସହ ଆଲୋଚନା କରି ଉକ୍ତ ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟରେ ବାଇଧରଙ୍କୁ ଭର୍ତ୍ତି କରାଇଥିଲେ। ତାଙ୍କୁ ବିଦ୍ୟାଳୟରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ୱାର୍ଡେନ ତଥା ଅନ୍ୟ ହଷ୍ଟେଲ କର୍ମଚାରୀ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ପିଲାର ଉତ୍ସାହ ବୃଦ୍ଧି ପାଇଁ ସଙ୍ଗେ ସଙ୍ଗେ ନୂଆ ଖାତା, କଲମ, ପେନ୍‌ସିଲ୍, କଲର ବକ୍ସ ଦିଆଯାଇଥିଲା। ଶ୍ରୀ ସିଂ ହଷ୍ଟେଲ ବୁଲି ଅନ୍ତେବାସୀଙ୍କ ସହ ଆଲୋଚନା କରିବା ସହ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ।

## ଗଛରେ ବାନ୍ଧି ପ୍ରେମୀ ଯୁଗଳଙ୍କ କଙ୍ଗାରୁକୋର୍ଟ

ବାଙ୍ଗିରିପୋଷି, ୧୯।୧୨(ସମିସ):ପ୍ରେମୀ ଯୁଗଳଙ୍କୁ ଗଛରେ ବାନ୍ଧି କଙ୍ଗାରୁକୋର୍ଟ। ଏହାର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଏକ ଗାଁରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗଛରେ ବନ୍ଧା ହୋଇଥିବା ମହିଳା ଜଣଙ୍କ ଜଣେ ବିବାହିତ ମହିଳା। ସେ ପୁରୁଷ ବନ୍ଧୁଙ୍କ ସହ ଦୁଇଦିନ ଧରି ପଳାଇଥିବାବେଳେ ଗ୍ରାମବାସୀ ତାଙ୍କୁ ଅନ୍ୟ ଗାଁରୁ ଧରିଆଣି ଗାଁରେ ବିଚାର କରିବାକୁ ଉଦ୍ୟମ କରିଥିଲେ। ବାଙ୍ଗିରିପୋଷି ପୁଲିସ ଖବର ପାଇ ପହଞ୍ଚି ଉଭୟ ପୁରୁଷ ଓ ମହିଳାଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ଥାନା ପକ୍ଷରୁ ଉଭୟଙ୍କ ପରିବାରକୁ ଥାନାକୁ ଡକାଇ ପଚରାଉଚରା କରାଯାଉଛି। ଥାନାରେ ଉଭୟ ମହିଳା ଓ ପୁରୁଷଙ୍କ ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ବାଙ୍ଗିରିପୋଷି ଆଇଆଇସି କହିଛନ୍ତି। ଏହା ସମ୍ପୂର୍ଣ୍ଣ ବେଆଇନ ଘଟଣା। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଙ୍ଗିରିପୋଷି ଥାନା ଅଧିକାରୀ କହିଛନ୍ତି।

## କୋରାନ ଆବୃତ୍ତି କରି ଦର୍ଶକଙ୍କ ମନମୋହିଲେ ଅଫାନ୍



କରଞ୍ଜିଆ, ୧୯।୧୨(ସମିସ): କମଳମତି ବାଳକ ମହମ୍ମଦ ଅଫାନ। ବୟସ ମାତ୍ର ୧୧ ବର୍ଷ। ମହମ୍ମଦ ସାକିଲଙ୍କ ଦ୍ୱିତୀୟ ପୁତ୍ର। ସେ କରଞ୍ଜିଆ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର। ମୌଲାନା ମହମ୍ମଦ ମୁସ୍ତଫାଙ୍କ ତତ୍ତ୍ୱାବଧାନରେ ଗତ ଦୁଇବର୍ଷ ପୂର୍ବେ ମୁସଲିମ ଧର୍ମର ପବିତ୍ର କୋରାନ ପାଠ ଶିଖିବା ଆରମ୍ଭ କରିଥିଲେ। ଏବେ ଏହି ଦୁଇବର୍ଷ ଭିତରେ କଠିନ କୋରାନକୁ ସ୍ୱଷ୍ଟ ଭାବେ ଆବୃତ୍ତି କରିପାରୁଛନ୍ତି। କରଞ୍ଜିଆ ମୁସଲିମ ଆସୋସିଏସନ ପକ୍ଷରୁ ଏକ ଧାର୍ମିକ ସଭା (ଜଲଶା) କରଞ୍ଜିଆଠାରେ ଆୟୋଜନ କରାଯାଇଥିଲା। ଏହି ଜଲଶାକୁ ଜିଲ୍ଲା ଓ ଜିଲ୍ଲା ବାହାରୁ ଦୁଇ ହଜାର ମୁସଲିମ ଧର୍ମାବଲମ୍ବୀ ଲୋକ ଯୋଗ ଦେଇଥିଲେ। ଏହି ଧାର୍ମିକ ସଭାରେ ମହମ୍ମଦ ଅଫାନ ପବିତ୍ର କୋରାନକୁ ନିର୍ଭୁଲ ଓ ସ୍ୱଷ୍ଟ ଭାବେ ଆବୃତ୍ତି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ଚମତକୃତ କରିଥିଲେ। ଅଫାନ କେବଳ କୋରାନ ପାଠରେ ସୀମିତ ରେ ରହିନାହାନ୍ତି। କ୍ରିକେଟ ଖେଳରେ ପ୍ରବଳ ଆଗ୍ରହ ରହିଛି। ଆଗାମୀ ଦିନରେ ଜଣେ ଭଲ ବ୍ୟାଟ୍ସମ୍ୟାନ ହେବେ ବୋଲି ଆଶା ରଖିଛନ୍ତି। ଖେଳ ସହିତ ପିଲା ବେଳୁ ବିଭିନ୍ନ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ନିଜର ପ୍ରତିଭାର ପରିପ୍ରକାଶ ପରିପାରିଛନ୍ତି। ଆଗାମୀ ଦିନରେ ଜଣେ ଡକ୍ଟର ହୋଇ ସମାଜରେ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି ଅଫାନ୍।

## ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର

ଶୁଳିଆପଦା, ୧୯।୧୨(ସମିସ): ସ୍ଥାନୀୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଧର୍ମପୁରା ଆନୁକୂଲ୍ୟରେ ଏକଦିବସୀୟ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ୍‌କ୍ରସ୍ ଦ୍ୱାରା ଆୟୋଜିତ ଏହି ଶିବିର ବିଦ୍ୟାଳୟର ଅଧ୍ୟକ୍ଷ ଶୋଭାକର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଯୁବ ରେଡ୍‌କ୍ରସ୍‌ର ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ରାଜେଶ କୁମାର ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୧୮୦ ଜଣ ଛାତ୍ରଛାତ୍ରୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ଦିବ୍ୟଦୃଷ୍ଟି ଚକ୍ଷୁ ଚିକିତ୍ସାଳୟ, ବାରିପଦାର କର୍ମକର୍ତ୍ତାମାନେ ଚକ୍ଷୁ ପରୀକ୍ଷା କରିଥିଲେ। ଅଧ୍ୟାପକ ଜନ୍ମେଜୟ ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ଯୁବ ରେଡ୍‌କ୍ରସ୍‌ର କାଉନ୍‌ସିଲର୍ ଚନ୍ଦ୍ରଭାନୁ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ଗୌର ଚନ୍ଦ୍ର ସୁର୍ ଧନ୍ୟବାଦ ଅର୍ପଣ କରିଥିଲେ।

## କିଚକେଶ୍ୱରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ




ବହଳଦା, ୧୯।୧୨(ସମିସ): ବହଳଦା କିଚକେଶ୍ୱରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଡିନ୍‌ଜନ୍ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବହଳଦା ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ) ଶୁଭଶ୍ରୀ ସିଂହ, ମୁଖ୍ୟବକ୍ତା ଭାବେ ଗମ୍ଭାରିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗେଶ୍ୱର ବେହେରା, ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ମଧୁସୂଦନ ଦାସ, ସାମ୍ବାଦିକ ଅଶୋକ ରାଉତ, ଅତନୁ କୁମାର, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗୌରୀମଣି ମୁର୍ମୁ, ଆନନ୍ଦମାର୍ଗ ବିଦ୍ୟାଳୟର ଅଧ୍ୟକ୍ଷ ଲଛମନ ଟୁଡୁଙ୍କ ସମେତ ବହଳଦା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀଙ୍କ ଅଧ୍ୟୟନ ଓ ଚରିତ୍ର ଗଠନ ଉପରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ବିଇଓ ଶୁଭଶ୍ରୀ ସିଂହ ତାଙ୍କ ବକ୍ତବ୍ୟରେ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଉପେନ୍ଦ୍ର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗୋବିନ୍ଦ ମୁର୍ମୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ମୀରା ମଲ୍ଲିକ, ପ୍ରଭାତ ମାଝୀ ଓ ସୁରେଖା ମାଝୀ ମଞ୍ଚ ପରିଚାଳନା କରିଥିଲେ। ସସ୍ମିତା ମହାନ୍ତ, ମୀରା ମଲ୍ଲିକ ଓ ପ୍ରଭାତ ମାଝୀ ନୃତ୍ୟ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ସେଠୀ, ହୀରାମଣୀ ହେମ୍ବ୍ରମ୍, କର୍ମଚାରୀ ପରିକ୍ଷୀତ ଭଞ୍ଜ, ସଞ୍ଜୀବ ଗିରି, ସରସ୍ୱତୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଡିନ୍‌ଜନ୍ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଓଆର୍‌ଏସ୍ ଅଧିକାରୀଙ୍କୁ ନିଯୁକ୍ତି

ରାଇରଙ୍ଗପୁର, ୧୯।୧୨(ସମିସ): ରାଜ୍ୟ ସରକାର ନୂତନ ଓଆର୍‌ଏସ୍ ପ୍ରୋବେଶନ ଅଧିକାରୀମାନଙ୍କୁ ନିଯୁକ୍ତି କରିଛନ୍ତି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବାମନଘାଟି ଉପଖଣ୍ଡର ବିଭିନ୍ନ ସ୍ଥାନରେ ନିଯୁକ୍ତ କରାଯାଇଛି। ଏହି କ୍ରମରେ ଅପର୍ଣ୍ଣା ଅପରାଜିତା ଦାସଙ୍କୁ ରାଇରଙ୍ଗପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ, ଉମେଶ ଚନ୍ଦ୍ର ଲେଙ୍କାଙ୍କୁ ତିରିଂ ଅତିରିକ୍ତ ତହସିଲ୍‌ଦାର, ଆକାଶ ସୁନାଙ୍କୁ ରାଇରଙ୍ଗପୁର ଅତିରିକ୍ତ ତହସିଲ୍‌ଦାର, ଅନୀଲ କୁମାର ଦାସଙ୍କୁ ବହଳଦା ଅତିରିକ୍ତ ତହସିଲ୍‌ଦାର, ଆଶୀର୍ବାଦ ହେମ୍ବ୍ରମଙ୍କୁ ଜାମଦା ଅତିରିକ୍ତ ତହସିଲ୍‌ଦାର, ନିଗମାନନ୍ଦ ଦଳନାୟକଙ୍କୁ ରରୁଆଁ ଅତିରିକ୍ତ ତହସିଲ୍‌ଦାର, ନିବେଦିତା ହାଁସଦାଙ୍କୁ କୁସୁମୀ ଅତିରିକ୍ତ ତହସିଲ୍‌ଦାର ଭାବେ ନିଯୁକ୍ତ କରାଯାଇଛି। ନିଯୁକ୍ତି ପ୍ରଦାନ ହୋଇଥିବା ସ୍ଥାନରେ ତୁରନ୍ତ ଯୋଗଦେବାକୁ ନିର୍ଦ୍ଦେଶ ରହିଛି।

## ଏମ୍‌ପିସି କଲେଜରେ ଆନ୍ତର୍ଜାତିକ ସମ୍ମିଳନୀ




ବାରିପଦା, ୧୯ ।୧୨(ସମିସ):ସ୍ଥାନୀୟ ଏମପିସି କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀର ମୁଖ୍ୟ ବିଷୟ ଥିଲା 'ଡିଜିଟାଲ ଯୁଗ: ଭାରତର ସମକାଳୀନ ସଂସ୍କୃତି ଓ ରାଜନୀତି ଉପରେ ଏହାର ପ୍ରଭାବର ଅନୁସନ୍ଧାନ'। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ (ଆମେରିକା) ନୃତତ୍ତ୍ୱ ବିଜ୍ଞାନ ବିଭାଗ ପ୍ରଫେସର ଡ. ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ, ପ୍ରଫେସର ତ୍ରିଲୋକୀ ପାଣ୍ଡେ, କଲ୍ୟାଣୀ ବିଶ୍ୱବିଦ୍ୟାଳୟ (କଲିକତା) ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଶିଳାଦିତ୍ୟ ଚକ୍ରବର୍ତ୍ତୀ ଓ ୱେଲାଇଟା ସୋଡୋ ବିଶ୍ୱବିଦ୍ୟାଳୟ (ଇଥିଓପିଆ) ଅର୍ଥନୀତି ବିଭାଗ ଅଧ୍ୟାପକ ଯିସେହାକ ଓସା ଜୋକ୍ୱା ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ତଥା ଆବାହକ ନାରାୟଣ ପ୍ରସାଦ ବେହେରା ଉଦ୍‌ଘାଟନୀ ଉତ୍ସବରେ ପୌରୋହିତ୍ୟ କରି ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ ଡିଜିଟାଲ ଯୁଗରେ ଭାରତୀୟ ସମାଜ, ସଂସ୍କୃତି ଓ ରାଜନୀତିରେ ଘଟୁଥିବା ପରିବର୍ତ୍ତନ, ଡିଜିଟାଲ ମାଧ୍ୟମର ଭୂମିକା, ରାଜନୈତିକ କ୍ରିୟାକଳାପ ଓ ତାହାର ପରିଣାମ ସମ୍ପର୍କରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ଡ. ଆଲବର୍ଟିନା ତିର୍କୀଙ୍କ ଆଲୋଚନାଚକ୍ରକୁ ସଂଯୋଜ କରିଥିବାବେଳେ ବିଭାଗର ମୁଖ୍ୟ ଓ ଆୟୋଜକ ସମ୍ପାଦକ ଡ. ଅରୁଣ ରାୟ ବିଷୟର ସାରାଂଶ ଉପସ୍ଥାପନ କରିଥିଲେ। ଅଧ୍ୟାପକ ସୁରେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପାଞ୍ଚପୀଢ଼ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




କରଞ୍ଜିଆ, ୧୯।୧୨(ସମିସ): ପାଞ୍ଚପୀଢ଼ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଉଦଘାଟନୀ ଉତ୍ସବରେ ପାଞ୍ଚପୀର ପ୍ରେସ କ୍ଲବ୍‌ର ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ମା' ମଙ୍ଗଳା ମନ୍ଦିରରୁ କ୍ରୀଡ଼ା ମଶାଲ ଆଣିବା ପରେ ଖେଳ ଆରମ୍ଭ ହୋଇଥିଲା। ଖେଳ ଶିକ୍ଷୟିତ୍ରୀ ସେହନାଜ ବେଗମ ଓ ଅବସରପ୍ରାପ୍ତ ଖେଳ ଶିକ୍ଷକ କାବୁଲୁ ଚନ୍ଦ୍ର ରାଉଳଙ୍କ ନେତୃତ୍ୱରେ ଦୌଡ଼, ଲମ୍ବଡିଆଁ, ଡିସକସ ଥ୍ରୋ, ଜାଭେଲିନ ଥ୍ରୋ, ସଟପୁଟ ଥ୍ରୋ ଆଦି ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଉମେଶ ଅଗ୍ରୱାଲ ଯୋଗଦେଇ କୃତୀ ପ୍ରତିଯୋଗିଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଖେଳ ପରିଚାଳନାରେ ସହାୟତା କରିଥିଲେ।

## ତାଡ଼କେଶ୍ୱର ହାଇସ୍କୁଲର ବାର୍ଷିକ ଉତ୍ସବ

ଖୁଣ୍ଟା, ୧୯ ।୧୨(ସମିସ): ଲକ୍ଷ୍ମଣାସାହିସ୍ଥ ତାଡ଼କେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହାଇଯାଇଛି। ପ୍ରଧାନଶିକ୍ଷକ ମଧୁସ୍ମିତା ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚାନ୍ଦମଣି ସିଂ, ମୁଖ୍ୟବକ୍ତା ବିଦ୍ୟାଳୟର ଉପଦେଷ୍ଟା ହରିପଦ ସରଘରିଆ, ସମ୍ମାନିତ ଅତିଥି ପୂର୍ବତନ ପ୍ରଧାନଶିକ୍ଷକ ସନ୍ତୋଷ କାସ୍ତ ଓ ଭାଗବତ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ ବେହେରା ଓ ସଞ୍ଜୀବ ଦଣ୍ଡପାଟ, ଯୁଗଳ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନ୍ଦର ମୋହନ ବେହେରା, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ସୁରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏ ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଂସ୍କୃତ ଶିକ୍ଷକ ସହଦେବ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁଧିଷ୍ଠିର ସିଂ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକଙ୍କ ସ୍ମୃତିଚାରଣ ସଭା



ମୋରଡା, ୧୯।୧୨(ସମିସ): ମୋରଡା ବ୍ଲକ ଅଧୀନ ଗଡ଼ିଗାଁ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଭରତ ଚନ୍ଦ୍ର ମଲ୍ଲିକଙ୍କ ଏକାଦଶାହ ଅବସରରେ ଶୁକ୍ରବାର ଚିତ୍ରେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ସ୍ମୃତିଚାରଣ ସଭା ଗଡ଼ିଗାଁ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସମ୍ପାଦକ ଅଜୟ ପାଲଙ୍କ ପରିଚାଳନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ରତିକାନ୍ତ ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପଦ୍ମଲୋଚନ ଦାସ, ଚିତ୍ତରଞ୍ଜନ ଧଳ, ହୃଷିକେଶ ପାତ୍ର, ଭାରତୀ ମହାନ୍ତ, ଦୀପକ ମହାନ୍ତ, ପ୍ରଭାସ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଲ୍ଲିକଙ୍କ ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରାଧାମୋହନ ବେହେରା ଗୀତରୁ କର୍ମ ଯୋଗ ଓ ବେଦ ଉଚ୍ଚାରଣ କରିଥିଲେ। ସ୍ୱର୍ଗତ ମଲ୍ଲିକ ଶିକ୍ଷକତା ସମୟରେ ସେ ସହକର୍ମୀ ଓ ଛାତ୍ରୀଛାତ୍ରଙ୍କ ପ୍ରିୟ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ତକତପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ବାରିପଦା, ୧୯ ।୧୨(ସମିସ):ତକତପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୩୨ ତମ ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାପତି ଡା ଆଦିତ୍ୟ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବାରିପଦା ପୌର ପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ବିଶେଷ ଅତିଥି ଓ ସମ୍ମାନିତ ଅତିଥି ଭାବେ ବାରିପଦା ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ସେଠୀ ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ପ୍ରାରମ୍ଭରେ ଶିକ୍ଷକ ପ୍ରତିନିଧି ରବିନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଆଚାର୍ଯ୍ୟ ଜୟନ୍ତ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସାଧାରଣ ସମ୍ପାଦକ କାର୍ତ୍ତିକ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ସର୍ବଗୁଣ ସମ୍ପନ୍ନ ଛାତ୍ରୀ ଭାବେ ଅଞ୍ଜଳି ସୋରେନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ପୁରୁଷୋତ୍ତମ ଦାଶ ଓ ତାଙ୍କ ପତ୍ନୀ ସୁବାଷିନୀ ଦାଶଙ୍କ ସ୍ମୃତିରେ ତାଙ୍କ ପରିବାର ପକ୍ଷରୁ ଗତ ମ୍ୟାଟ୍ରିକ ପରୀକ୍ଷା ଟପ୍ପର ଦିବ୍ୟଜ୍ୟୋସ୍ନା ରାଉତଙ୍କୁ ଟ୍ରଫି ସହ ଏକ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଗତ ମ୍ୟାଟ୍ରିକ ପରୀକ୍ଷାରେ ରାଜ୍ୟସ୍ତରୀୟ, ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଟପ୍ପର ତାଲିକାରେ ଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ବାର୍ଷିକ କ୍ରୀଡ଼ା ଓ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସମିତିର ସଦସ୍ୟ ସରୋଜ ଦାସ, ଉପେନ୍ଦ୍ର ସାମଲ ଓ ଡା ଭାଗବତ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥଲେ। ବରିଷ୍ଠ ଗୁରୁଜୀ ମୁକ୍ତିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା: ୨୯ ଖେଳାଳି ରାଜ୍ୟସ୍ତରକୁ ମନୋନୀତ




ବାରିପଦା,୧୯।୧୨(ସମିସ):ମୟୂରଭଞ୍ଜଆଥ୍‌ଲେଟିକ୍‌ଆସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ୍‌ରେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ଶହ ଖେଳାଳି ଅଂଶଗ୍ରହଣ କରିଥିବାବେଳେ ବିଭିନ୍ନ ବର୍ଗରେ ୨୯ ଜଣ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପୂର୍ବତନ କ୍ରୀଡ଼ା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ, ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୨୬ରୁ ଦୀନବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ


କପ୍ତିପଦା, ୧୯।୧୨(ସମିସ): ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଧ୍ୟରୁ ଅନ୍ୟତମ ଦୀନବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ। ତାହାର ଗୌରବମୟ ୫୦ ବର୍ଷ ପୂର୍ଣ୍ଣ କରିବା ଅବସରରେ ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ୩ ଦିନବ୍ୟାପୀ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବାକୁ ଯାଉଛି। ଏହି ମହାନ୍ ଉତ୍ସବକୁ ନେଇ ବିଦ୍ୟାଳୟର ସମସ୍ତ ପରିବାର, ପୂର୍ବତନ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ୧୯୭୫ରେ ସ୍ଥାପିତ ଏହି ଶିକ୍ଷାନୁଷ୍ଠାନ ଶିକ୍ଷା, ଶୃଙ୍ଖଳା, ନୈତିକତାରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଆସିଛି। ଏହି ବିଦ୍ୟାଳୟର ବହୁ ପୂର୍ବତନ ଛାତ୍ରଛାତ୍ରୀ ଦେଶ ବିଦେଶର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରି ସମାଜର ଉନ୍ନତି ଦିଗରେ କାର୍ଯ୍ୟ କରୁଛନ୍ତି। ଏହି ଉତ୍ସବରେ ୫୦ ବର୍ଷର ସ୍ମୃତିକୁ ନେଇ ଏକ ସ୍ମରଣିକା ଉନ୍ମୋଚନ ହେବ। ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଏବଂ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ପୂର୍ବତନ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ।


### ପାକଣାପାଟ ପାହାଡ଼ର ନୃସିଂହ ପୀଠ

# ଆଦିବାସୀ ସମ୍ପ୍ରଦାୟର ଆସ୍ଥା ଓ ବିଶ୍ୱାସର ପ୍ରତୀକ

- ନୂଆଖାଇରେ ଜନ୍ତାଳ ପୂଜା; ଲାଗିହୁଏ ପ୍ରଥମ ଫସଲ
- ଅନେକଙ୍କ ଦୃଷ୍ଟି ଆଢୁଆଳରେ ରହିଛି
- ମନ୍ଦିର ଉନ୍ନତୀକରଣ ନେଇ ପ୍ରସ୍ତାବ







ରାଇରଙ୍ଗପୁର, ୧୯।୧୨(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର ଆରାଧ୍ୟ ଦେବତା ଭାବେ ନୃସିଂହ ପୀଠରେ ପୂଜାର୍ଚ୍ଚନା ହେଉଛି। ବାମନଘାଟି ଉପଖଣ୍ଡର ଜାମଦା ବ୍ଲକ ଅନ୍ତର୍ଗତ କଇଁପୁର ଗ୍ରାମ ନିକଟସ୍ଥ ପାକଣାପାଟ ପାହାଡ଼ ଶିଖରରେ ଉକ୍ତ ନୃସିଂହ ପୀଠ ରହିଛି। ଯାହାର ସ୍ୱତନ୍ତ୍ର ପରିଚୟ ବହନ କରୁଥିବାବେଳେ କେଉଁ ଆବହମାନ କାଳରୁ ପୂଜାର୍ଚ୍ଚନା ହୋଇ ଆସୁଛି। ଉକ୍ତ ପୀଠ ଆଦିବାସୀ ସମ୍ପ୍ରଦାୟର ଆସ୍ଥା ବିଶ୍ୱାସ ପ୍ରତୀକ ଅଟେ। ଯାହାକୁ ନେଇ ପ୍ରତିବର୍ଷ ନୂଆଖାଇ ଅବସରର ଜନ୍ତାଳ ପୂଜା ଅନୁଷ୍ଠିତ ହୋଇଥାଏ। ଚାଷ ହୋଇଥିବା ପ୍ରଥମ ଫସଲକୁ ଭୋଗରେ ଲଗାଇ ଲୋକେ ପୂଜାର୍ଚ୍ଚନା କରିଥାନ୍ତି। ତେବେ ଉକ୍ତ ପୀଠ ଆଜି ବି ଅନେକ ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଥିବାବେଳେ ଏହାର ଉନ୍ନତୀକରଣ ନେଇ ପ୍ରସ୍ତାବ ଦିଆଯାଇଛି। ସର୍ବାଙ୍ଗିଣ ବିକାଶ କରି ଏକ ପୀଠସ୍ଥଳୀର ମାନ୍ୟତା ପ୍ରଦାନ ନିମନ୍ତେ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ ପକ୍ଷରୁ ଡିପିଆର୍ ପ୍ରସ୍ତୁତ ହୋଇଛି।

ବହୁ ପୁରାତନ କାଳରୁ ଦେବତା ଏଠାରେ ବିରାଜମାନ ଥିବାବେଳେ ପୂଜାର୍ଚ୍ଚନା ହେଉଛି। ମୟୂରଭଞ୍ଜ ରାଜ୍ୟ ପ୍ରତିଷ୍ଠା ପରଠାରୁ ମୟୂରଭଞ୍ଜ ରାଜ ପରିବାର ମଧ୍ୟ ବାବା ପାକଣାପାଟଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରୁଥିଲେ। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ସମୟରେ ଦେହୁରୀମାନଙ୍କ ଜମି ଓ ପାକଣାପାଟ ବାବାଙ୍କ ପୀଠ ପାଇଁ ନୃସିଂହ ଠାକୁରଙ୍କ ମୂର୍ତ୍ତି ପ୍ରଦାନ କରିଥିଲେ। ପାହାଡ଼ ଗୁମ୍ଫା ମଧ୍ୟରେ ନୃସିଂହ ଠାକୁରଙ୍କ ଆଜି ବି ପୂଜାର୍ଚ୍ଚନା ହେଉଛି। ଠାକୁରଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା ପାଇଁ ଓଡ଼ିଶା ସମେତ ପଡ଼ୋଶୀ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦିରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ନୂଆଖାଇ ସମୟରେ ଜନ୍ତାଳ ପୂଜା ପାଇଁ ନୃସିଂହ ପୀଠରେ ୩ ଦିନ ଧରି ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ। ଏହି ସମୟରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥାଏ। ହଜାର ହଜାର ସଂଖ୍ୟକ ଲୋକେ ପାହାଡ଼ ଚଢ଼ି ପୂଜାର୍ଚ୍ଚନା କରିଥାନ୍ତି। ଯାହାକୁ ଆଦିବାସୀ ସମ୍ପ୍ରଦାୟର ଲୋକେ ବେଶ୍ ଜାକଜମକରେ ପାଳନ କରିଥାନ୍ତି। ଏହି ପୂଜା ପ୍ରାୟ ୧୭୦୦ ମସିହାରୁ ଏହି ପରମ୍ପରା ପାଳିତ ହୋଇଆସୁଛି। ଏହା ଆଦିବାସୀମାନଙ୍କ ଏକ ପ୍ରମୁଖ ପୂଜାସ୍ଥଳୀ ହୋଇଥିବାବେଳେ ପୀଠରେ କେବଳ ଭୂମିଜ ସମ୍ପ୍ରଦାୟ ଦେହୁରୀମାନେ ପୂଜାର୍ଚ୍ଚନା କରିବାର ବିଧି ରହିଛି। ଏହି ପରମ୍ପରା କାଟେ ଭୂମିଜ ଓ ପାଟେ ଭୂମିଜ ପୂର୍ବଜମାନଙ୍କଠାରୁ ପ୍ରଚଳନ ହୋଇ ଆସୁଛି ବୋଲି ଶ୍ରଦ୍ଧାଳୁମାନେ କହିଛନ୍ତି। କିନ୍ତୁ ପୀଠରେ ଭକ୍ତମାନଙ୍କ ପାଇଁ ମୌଳିକ ସୁବିଧାସୁଯୋଗ ଉପଲବ୍ଧ ନାହିଁ। ଯାହାକୁ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥାଏ। ପାନୀୟଜଳ ସମସ୍ୟା, ଡଷ୍ଟବିନ୍, ଠାକୁରଙ୍କ ପାଇଁ ଛାଉଣୀ ବ୍ୟବସ୍ଥା ଆଦି ନାହିଁ। ତେଣୁ ପୀଠର ଉନ୍ନତୀକରଣ ନେଇ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ପର୍ଯ୍ୟଟନ ନିଗମ ପକ୍ଷରୁ ସ୍ୱତନ୍ତ୍ର ଆର୍କିଟେକ୍ଟରଙ୍କ ଦ୍ୱାରା ପୀଠର ଉନ୍ନତୀକରଣ ନେଇ ନକ୍ସା ପ୍ରସ୍ତୁତ କରାଯାଇଛି। ଏହାର ଏକ ଡିପିଆର୍ ପ୍ରସ୍ତୁତ ହୋଇ ରାଜ୍ୟ ସରକାରଙ୍କୁ ଖୁବ୍‌ଶୀଘ୍ର ପ୍ରଦାନ ହେବାକୁ ଯାଉଛି। ଡିପିଆର୍ ଅନୁଯାୟୀ ଅର୍ଥରାଶି ଅନୁମୋଦନ ହେଲେ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଏହା ଏକ ସୁନ୍ଦର ସ୍ଥାନ ହୋଇଥିବାବେଳେ ଉନ୍ନତୀକରଣ ହୋଇ ପୀଠସ୍ଥଳୀର ମାନ୍ୟତା ମିଳିଲେ ଅନେକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆଗମନ ହେବା ସହ ଅଞ୍ଚଳର ଉନ୍ନତି ସାଧିତ ହେବ।

# ବାଲ୍ ଧନୁଯାତ୍ରା ପାଇଁ ଜୋର୍‌ଦାର ଅଭ୍ୟାସ

**ବରଗଡ଼,୧୯ ।୧୨(ସମିସ):**

ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ 'ବାଲ ଧନୁଯାତ୍ରା' ପାଇଁ ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବ୍ୟାପକ ପ୍ରସ୍ତୁତି ଓ ଅଭ୍ୟାସ କାର୍ଯ୍ୟ ଚାଲୁ ରହିଛି । ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଳିତ ମାସ ୨୫ରୁ ୨୭ ତାରିଖ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ବାଲ ଧନୁଯାତ୍ରା ପାଇଁ ଜୋର୍‌ଦାର ଅଭ୍ୟାସ ଚାଲୁ ରହିଥିବା ବେଳେ ବିଭିନ୍ନ ଭୂମିକାରେ ସ୍କୁଲ ଛାତ୍ରୀ ମାନେ ଅଭିନୟ କରୁଛନ୍ତି । ବିଗତ ବର୍ଷ ଆରମ୍ଭ ହୋଇ ଥିବା ଏହି ବାଲ ଧନୁଯାତ୍ରା ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଥିବାରୁ ଏହି ଯାତ୍ରାକୁ ଆହୁରି ଜୀବନ୍ତ ଓ ଆକର୍ଷଣୀୟ କରିବା ପାଇଁ ଗୁରୁଶ୍ରୀ ନକୁଳ ବାଦୀ, ଗୁରୁଶ୍ରୀ ଶଙ୍କର ପଟ୍ଟନାୟକ, ଗୁରୁଶ୍ରୀ ସୁଗ୍ରିବର ଭୋଇ, ପିଏମଶ୍ରୀ ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନା ପ୍ରମୁଖ ନିର୍ଦ୍ଦେଶନା ଦେଉଛନ୍ତି ।





## ସାମ୍ବାଦିକ ସଂଘ ପକ୍ଷରୁ ବିରାଟ ଧନୁଯାତ୍ରା ମହୋତ୍ସବ

**ବରଗଡ଼:** ବରଗଡ଼ ଗାନ୍ଧୀ ଛକଠୁ ସାଂସ୍କୃତିକ ଶୋଭାଯାତ୍ରାରୁ ଆସନ୍ତା ୨୪ ତାରିଖରୁ ବିଶ୍ୱ ପ୍ରସିଦ୍ଧ ବିରାଟ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବ । ସାମ୍ବାଦିକ ସଂଘ ବରଗଡ଼ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ବରଗଡ଼ ଏସପି ପ୍ରହ୍ଲାଦ ସହାୟ ମୀନା, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଲଲାଟ ଲୁହାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, ଜିଲ୍ଲାର ସମସ୍ତ ସାମ୍ବାଦିକ ତଥା ଜନ ସାଧାରଣ ଯୋଗ ଦେବେ । ଶଙ୍ଖ ଘଣ୍ଟ ହୁଳହୁଳି ସହ ହଜାର ହଜାର କଳାକାର ନିଜର ନୃତ୍ୟ ଗୀତ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି । ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସହର ମଧ୍ୟରେ ଥିବା ଅନେକ ଅନୁଷ୍ଠାନକୁ ନିମନ୍ତ୍ରଣ କରାଯାଇଛି । ବାର୍ ଆସୋସିଏସନ୍ ବରଗଡ଼, ଜିଲ୍ଲା ପ୍ରେସ କ୍ଲବ୍, ବରଗଡ଼, ଜିଲ୍ଲା ରସାୟନ ବିଜ୍ଞାନୀ ତଥା ଡ୍ରଗ୍ ଆସୋସିଏସନ୍ ବରଗଡ଼, ବରଗଡ଼ ଜିଲା ମହିଳା ସମିତି ବରଗଡ଼, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼, ମାଁ ସାମଲେସ୍ୱରୀ ସଂଘ ବରଗଡ଼, ଜିଲ୍ଲା ବରିଷ୍ଠ ନାଗରିକ ସଂଘ ବରଗଡ଼, ପୂର୍ବତନ ସୈନିକ ସଂଘ ବରଗଡ଼, ମୁସଲିମ୍ ଆସୋସିଏସନ୍ ବରଗଡ଼, ମାରୱାରୀ ଯୁବା ମଞ୍ଚ ବରଗଡ଼, ମାରୱାରୀ ମହିଳା ମଞ୍ଚ ବରଗଡ଼, ନିଷ୍ଠା ପରିବାର ବରଗଡ଼, ସଙ୍କଳ୍ପ ପରିବାର ବରଗଡ଼, ଇନର ହ୍ୱିଲ୍ କ୍ଲବ୍ ବରଗଡ଼, ଇନର୍ ହ୍ୱିଲ କ୍ଲବ୍ (ସେଣ୍ଟ୍ରାଲ), ବରଗଡ଼, ପାୱାର ଦିବ୍ୟାଙ୍ଗ ବରଗଡ଼, ବରଗଡ଼ ଜିଲ୍ଲା ଖବରକାଗଜ ସଂଘ, ସୁନ୍ନି ବରେଲୱି ଜାମା ମସଜିଦ କମିଟି, ଗୁରୁଦ୍ୱାର ପରିଚାଳନା କମିଟି, ଖ୍ରୀଷ୍ଟିଆନ ସମାଜ, ବଜରଙ୍ଗ ଦଳ, ସହିଦ ସ୍ମୃତି କମିଟି, ଜିଲ୍ଲା ସମାଜସେବୀ ସଂଘ, ଯାଦବ ସମାଜ, ଘରୋଇ ବସ୍ ମାଲିକ ସଂଘ, ଶ୍ରମିକ ସଂଘ, ଜିଲ୍ଲା କଣ୍ଟ୍ରାକ୍ଟର ଆସୋସିଏସନ୍, ସୌଖିନ କଳାକାର ସଂଘ, ଆମ୍ବେଦକର ଯୁବକ ସଂଘ, କୋଶଳ ସମନ୍ୱୟ ସମିତି, ସମେତ ବହୁ ପ୍ରମୁଖ ଅନୁଷ୍ଠାନକୁ ନିମନ୍ତ୍ରଣ କରାଯାଇଛି । ୭୮ ତମ ବରଗଡ଼ ଧନୁଯାତ୍ରା ମହୋତ୍ସବ ସବୁଦିନ ସମସ୍ତଙ୍କ ପାଇ ସ୍ମରଣୀୟ ହୋଇରହିବ ବୋଲି ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତା କହିଛନ୍ତି ।

# ମାଁ କରମସାନୀ ମେହେନ୍ତର ସଂଘ ଗଠିତ

**ପଦ୍ମପୁର,୧୯ ।୧୨(ସମିସ):** ପଦ୍ମପୁର ଟାଉନହଲରେ ମାଁ ମେହେନ୍ତର କରମସାନୀ ସଂଘ ଗଠିତ ହୋଇଛି । ଉପଦେଷ୍ଟା ଭାବେ ଅଜିତ କୁମାର ଶତପଥୀ, ସଭାପତି ଉଦ୍ଧବ ଡୁଙ୍ଗୁରୀ, ଉପସଭାପତି ଦୀପକ କଲେତ, ସଂପାଦକ ଲକ୍ଷ୍ମୀ କାନ୍ତ ପେଟ, ସହ ସଂପାଦକ ପ୍ରକାଶ ସାହୁ, କୋଷାଧ୍ୟକ୍ଷ ନେତ୍ର ଡୁଙ୍ଗୁରୀ କାର୍ଯ୍ୟକାରୀ କମିଟିରେ ବବିତା ଡୁଙ୍ଗୁରୀ, ରାଜକୁମାରୀ କଲେତ, କୋକିଲା ଷଣ୍ଡ, ରୁଷୀରାଜ ଗୁର୍ଲା, ମହେନ୍ଦ୍ର ନାଏକ, ସୂରଜ କଲେତ ପ୍ରମୁଖ ମନୋନୀତ ହୋଇଛନ୍ତି । ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ବର୍ତ୍ତମାନ ୬୯ ଜଣ ସଫେଇ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ସେମାନେ ସମସ୍ତେ ଅସ୍ଥାୟୀ କର୍ମଚାରୀ । ୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଆଜିକୁ ୨୦ ବର୍ଷ ହେଲା ଅସ୍ଥାୟୀ ଭାବରେ କାର୍ଯ୍ୟ କରୁଛନ୍ତି ସେମାନେ ସ୍ଥାୟୀ ହୋଇନାହାନ୍ତି । ଯଦିଓ ସେମାନେ ଏନଏସିରେ କାମକରନ୍ତି କିନ୍ତୁ ତାଙ୍କର ଦରମା ଠିକା ସଂସ୍ଥା ନିୟନ୍ତ୍ରଣ କରିଥାଏ । ଘରୋଇ ସଂସ୍ଥାକୁ ସଫେଇ ଠିକା ଦେଇ କର୍ତ୍ତୃପକ୍ଷ ନିଦାବିଷ୍ଟ ହୋଇ ରହିଥିବା ବେଳେ ସଫେଇ କର୍ମଚାରୀ କିନ୍ତୁ ନିୟମିତ କାମ କରି ଶୋଷଣର ଶିକାର ହେଉଛନ୍ତି । ୩୦ ଦିନ କାମ କରି ୨୬ ଦିନର ଦରମା ପାଆନ୍ତି । ଗୋଟିଏ ଓଳି ମଧ୍ୟ ଛୁଟି ମିଳେ ନାହିଁ । ଯଦି କାମକୁ କୌଣସି ଅସୁବିଧା ବା ଅସୁସ୍ଥତା ଯୋଗୁଁ ନ ଆସନ୍ତି ତାହେଲେ ଦରମା ବନ୍ଦ । ତାଙ୍କର ପ୍ରକୃତ ଦରମା କେତେ, ଇପିଏଫ କେତେ କଟୁଛି କେହି ସଠିକ ଜାଣୁନାହାନ୍ତି । କାହାରି ପାଖରେ ଇଏସ୍ଆଇ କାର୍ଡ ନାହିଁ ଏଣୁ ତାର ସୁବିଧା ମଧ୍ୟ ପାଆନ୍ତି ନାହିଁ କିନ୍ତୁ ପ୍ରତିମାସ ଦରମାରୁ ଇଏସ୍ଆଇ ଚାର୍ଜ କଟୁଛି ।

# ଜାମଡୋଲ ହାଇସ୍କୁଲର ବାର୍ଷିକ ଉତ୍ସବ




**ଭେଡେନ,୧୯ ।୧୨(ସମିସ):** ଭେଡେନ ବ୍ଲକ୍ ଜାମଡୋଲ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟନାରାୟନ ଗଡ଼ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଗୁରୁଦେବ ତ୍ରିପାଠୀ, ମୁଖ୍ୟବକ୍ତା ଭାବରେ ରେମଣ୍ଡା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପର୍ଶୁରାମ ପାତ୍ର, ସମ୍ମାନିତ ଅତିଥିଭାବରେ କୁବେଡେଗା ହାଇସ୍କୁଲର ଶିକ୍ଷକ ଖଗେଶ୍ୱର ପଧାନ, ପରିଚାଳନା କମିଟିର ସଭାପତି ରାମେଶଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ । ଶିକ୍ଷକ କେଦାର ସାହୁ, ରାଜକୁମାର ନାୟର ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷକ ନରହରି ଭୋଇ, ବନ୍ଦୀତା ବିଶ୍ୱାଳ, ବିଜୟା ସାହୁ, ଅନିତା ଭୋଇଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ପିଏମ୍‌ଶ୍ରୀ ବିଡିଏନ୍‌ଏଚ୍ ସ୍କୁଲର ବାର୍ଷିକ ଉତ୍ସବ



**ବରପାଲି,୧୯ ।୧୨ (ସମିସ):** ବରପାଲି ବ୍ଲକ୍ କଟାପାଲି ପିଏମଶ୍ରୀ ବିଡିଏନଏଚ ସ୍କୁଲ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ବରପାଲି ବିଇଓ ମୁକୁନ୍ଦ ମାହରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ଆବଶ୍ୟକତା ଓ ଶୃଙ୍ଖଳିତ ଜିବନଶୈଳି ବିଷୟରେ ସଚେତନ କରିଥିଲେ । ସମ୍ମାନିତ ଅତିଥି ଭାବରେ ସରକାରୀ ଗଙ୍ଗାଧର ଏନଏସି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ କୁମାର ବାରିକ ଯୋଗ ଦେଇଥିଲେ । ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ ଭୋଇଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ସହକାରୀ ଶିକ୍ଷକ ଧୀରେନ୍ଦ୍ର ବିଶ୍ୱାଳଙ୍କ ଦ୍ୱାରା ମଞ୍ଚ ସଂଚାଳନ ହୋଇଥିଲା । ଶିକ୍ଷୟିତ୍ରୀ ମନୋରମା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ମଧ୍ୟାହ୍ନରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ପୂର୍ବତନ ପ୍ରଧାନଶିକ୍ଷକ ସୁଧାଂଶୁ ତ୍ରିପାଠୀ, ପୂର୍ବତନ ସରପଞ୍ଚ ସଂଜୀବ ଦାସ, ସରପଞ୍ଚ ଗଙ୍ଗାଧର ଦାଶ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ଚେୟାରମେନ ଗଣେଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ପରିଚାଳନାରେ ଶିକ୍ଷକ, ଶିକ୍ଷୟିତ୍ରୀ, ଜେମସ ସା, ପ୍ରଶାନ୍ତ ସାହୁ, ଆଲୋକ ନାଗ, ମୋହନ ନାଗ କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ ।

# ହାତୀ ସୁରକ୍ଷା ସଚେତନତା ଅଭିଯାନ

**ଅମ୍ବାଭୋନା,୧୯ ।୧୨(ସମିସ):** ମନୁଷ୍ୟ ସହ ବନ୍ୟପ୍ରାଣୀଙ୍କ ସହାବସ୍ଥାନ ଏକାନ୍ତ ଆବଶ୍ୟକ । ଏହିକ୍ରମରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଗଙ୍ଗେଇଗ୍ରାମରେ ଜନତା ହାଇସ୍କୁଲ ଭୁକ୍ତାର ଇକୋ କ୍ଲବ୍ ଆନୁକୂଲ୍ୟରେ ହାତୀ ସୁରକ୍ଷା ପାଇଁ ସଚେତନତା କାଯ'କ୍ରକ୍ରମ ଅନୁଷ୍ଠିତ ହୋଇଯାଇଛି । ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀଙ୍କ ଆହ୍ୱାନ କ୍ରମେ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟୁତ୍ ବିଭାଗ ବରଗଡ଼ର ସହ ନିରୀକ୍ଷକ ବିଶାଳ ତିର୍କୀ, ମୁଖ୍ୟବକ୍ତା ଭାବରେ ଭଟଲିର ସହ ବନ ସଂରକ୍ଷକ ସୁବୋଧ ସାହୁ ଏବଂସମ୍ମାନିତ ଅତିଥି ଭାବରେ ବନ୍ୟପ୍ରାଣୀ ବନପାଳ ସଞ୍ଜୀବ ପଣ୍ଡା ଓ ଗୋପାଳପୁର ଆଶ୍ରମ ସ୍କୁଲର ଇକୋ କ୍ଲବ୍ ଶିକ୍ଷକ ତଥା ପ୍ରକୃତି ପ୍ରେମୀ ଉଚ୍ଛବ ଭୁଏ ଯୋଗ ଦେଇଥିଲେ । ଉପସ୍ଥିତ ସମସ୍ତ ପ୍ରକୃତି ପ୍ରେମୀ ଓ ଗ୍ରାମବାସୀ "ବିଦ୍ୟୁତ ତାରକୁ ସୁରକ୍ଷିତ କରିବା, ହାତୀ ଜୀବନକୁ ରକ୍ଷା କରିବା", ଜଙ୍ଗଲ ବଞ୍ଚିଲେ ଜୀବନ ମିଳେ, ତା'ଠାରୁ ସୁନ୍ଦର ଜୀବ ବଞ୍ଚିଲେ"ଆଦି ସ୍ଲୋଗାନ ଦେଇ ସମସ୍ତଙ୍କୁ ପରିବେଶ ସୁରକ୍ଷା ସଚେତନତାର ବାର୍ତ୍ତା ଦେଇଥିଲେ । ଶିକ୍ଷକ ସୁବାସ ଚନ୍ଦ୍ର ଖମାରୀ, ପ୍ରକାଶ ପଧାନ, ବନପାଳ କମଳେଶ ବାରିକ ଓ ବନପାଳ ପର୍ଶୁରାମ ବେହେରା, ବନରକ୍ଷୀ ନଳିନୀ ଭୁଏ, ସୁପ୍ରିୟା ଭୁଏ ଓ ସଞ୍ଜୀବ ଭୁଏଙ୍କ ସମେତ ଗଙ୍ଗେଇ ଗ୍ରାମବାସୀ ସହଯୋଗ କରିଥିଲେ । ପ୍ରକୃତି ବନ୍ଧୁ ରୋହିତ ଭୁଏ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ପଦ୍ମପୁର,୧୯ ।୧୨(ସମିସ):** ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ଏବଂ ସମ୍ପାଦିକା ମମତା ସାହୁଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦଘାଟନ କରିଥିଲେ । ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ବରଗଡ଼ର ପୂର୍ବତନ ଅଧ୍ୟକ୍ଷ ଡ.ରବୀନ୍ଦ୍ର ଗଡତିଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗାନ୍ଧିଜୀଙ୍କ ଦୃଷ୍ଟିରେ ନାରୀ ପ୍ରସଙ୍ଗରେ ହୃଦୟସ୍ପର୍ଶୀ ମାର୍ମିକ ଅଭିଭାଷଣ ପ୍ରଦାନ କରିଥିଲେ । ନୃତ୍ୟ ନାଟିକା "ପବିତ୍ର ବନ୍ଧନ'ଛାତ୍ରଛାତ୍ରୀଙ୍କ ଦ୍ୱାରା ବେଶ ଚମତ୍କାର କଳା ପ୍ରଦର୍ଶନ ହୋଇଥିଲା । ମୁଖ୍ୟଅତିଥି ବିଧାୟିକା ବର୍ଷା ସିଂ ବରିହା ନାରୀ ସଶକ୍ତିକରଣ ଏବଂ ସମାଜରେ ନାରୀର ଭୂମିକା ଏବଂ ଶିକ୍ଷା ସହିତ ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣକୁ ସାମ୍ନାକୁ ଆଣିବା ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ସମାଜସେବୀ ନିରୋଜ ଦୋରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅର୍ଥନୀତି ଅଧ୍ୟାପକ ବିଷ୍ଣୁପ୍ରସାଦ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସ୍କୃତ ଅଧ୍ୟାପକ କୃଷ୍ଣଚରଣ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ । ରସାୟନ ବିଜ୍ଞାନ ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ଏବଂ ଅମିତା ପତି ମଞ୍ଚ ପରିଚାଳନା କରିଥିଲେ । ଆଭାମାୟୀ ଶତପଥି, ଡଲି ସାହୁ, ନୀଳିମା ପ୍ରଧାନ, ଲିସାରାଣୀ ମିଶ୍ର, ନୀଳେଶ ନେଗୀ, ଅଭିଜିତ ପାଣିଗ୍ରାହୀ, ସନତ ମିଶ୍ର, ପାୟଲ ମୋଦି, ଉର୍ମିଳା ପଣ୍ଡା, ସୁକୁମାରୀ ତାଣ୍ଡି, ଦିଲ୍ଲୀପ କୁମାର ବେହେରା, ମନ୍ଦାକିନୀ ପାଣ୍ଡେ, ଗୋବିନ୍ଦ ପଣ୍ଡା, ଯୁବରାଜ ବେହେରା, ଭୋଜରାଜ ପ୍ରଧାନ, ହିତେଶ ସାହୁ, କିସନ ଗହୀର ପ୍ରମୁଖ ବିଦ୍ୟାଳୟର କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

# ସ୍ୱାସ୍ଥ୍ୟ ସଚେତନତା ପାଇଁ କ୍ରିକେଟ୍ ମ୍ୟାଚ୍

**ଅତାବିରା,୧୯ ।୧୨(ସମିସ):** ସ୍ୱାସ୍ଥ୍ୟ ସଚେତନତା ପାଇଁ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନେଇ କ୍ରିକେଟ ମ୍ୟାଚ୍ କୁଲୁଣ୍ଡା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଅତାବିରା ସିଏଚ୍‌ସି ଅଧିକ୍ଷକ ଡ.ରବିନାୟରାଣ ମିଶ୍ର ଓ ସେକ୍ଟର ମେଡିକାଲ ଅଫିସର ଡ.ଚିତ୍ତରଂଜନ ଜେନାଙ୍କ ତତ୍ତ୍ୱାବଧାନରେ ହୋଇଥିବା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଏନ୍‌ସିଡି ୱାରିଅର ଓ ଇମୋନାଇଜେସନ ଚାଲେଞ୍ଜରର୍ସ ମଧ୍ୟରେ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ଇମୋନାଇଜେସନ ଚାଲେଞ୍ଜରର୍ସ ଗୋଟିଏ ୱିକେଟ ବିନିମୟରେ ନିର୍ଦ୍ଧାରିତ ୧୫ ଓଭରରେ ୧୬୩ ରନ କରିଥିଲା । ଜବାବରେ ଏନସିଡି ୱାରିଅର ୭.୩ ଓଭରରେ ୧ୱିକେଟ ବିନିମୟରେ ୧୬୯ ରନ କରି ୧୦ ୱିକେଟରେ ବିଜୟୀ ହୋଇଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡ଼.ରବିନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ସୁରେନ୍ଦ୍ର ସ୍ୱାଇଁ, ଡ଼.ଚିତ୍ତରଞ୍ଜନ ଜେନା, ଡ଼.ସଂଗୀତା କୁମାରୀ ଧର, ଡ଼.ଅଞ୍ଜଳି ତିର୍କୀ, ପ୍ରମୋଦ ରଥ, ପୁଷ୍ପକ ମାଇଗରିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା । ବିଜୟୀ ଏନସିଡି ଦଳର ୨୯ଟି ବଲରେ ୬ଟି ଚୌକା ଓ ୮ ଛକା ମାରି ୭୬ରନ କରିଥିବା ଡ଼.ଚିତ୍ତରଞ୍ଜନ ଜେନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପରସ୍କୃତ କରାଯାଇଥିଲା । ସଚିନ ଖେତି, ଅବିନାଶ ପ୍ରଧାନ, ସଂଯୋଜକ ସରୋଜ ସେଠ ଖେଳ ପରିଚାଳନା କରିଥିବା ବେଳେ ଆଶୁତୋଷ ହୋତା, ରିକନ ମହାନ୍ତୀ ଏବଂ ସୁବ୍ରତ ସେଠ ଧାରାବିବରଣୀ ଦେଇଥିଲେ । ଏଥିରେ ଗୋଡ଼ଭଗା ଲାୟନ୍ସ କ୍ଲବ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ସହଯୋଗ କରିଥିଲେ । ଏହି ଅବସରରେ ମଧୁସ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ୧୪୦ଜଣଙ୍କ ଉଚ୍ଚ ରକ୍ତଚାପ, ମଧୁମେହ, ରକ୍ତ ଶିକୁଳି, ରକ୍ତହୀନତା ପରୀକ୍ଷାରେ ମନସ୍ୱିନୀ ସାହୁ, ମଧୁସ୍ମିତା ବାନାର୍ଜୀ, ବିକାଶ କୁମାର ବେହେରା ସହଯୋଗ କରିଥିଲେ ।

**● ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଜିୱାଇଏସ୍‌ସିଟି ଖୁଣ୍ଟପାଲି ଚାମ୍ପିଅନ

**ଗାଇସିଲେଟ,୧୯ ।୧୨(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ କଟାବାହାଲ ପଞ୍ଚାୟତ ଜୁବାଖୋଲ ଗ୍ରାମରେ ବାବା ୧୧ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପଞ୍ଚଦିବସୀୟ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଖେଳପଡିଆରେ ୧୫ ତାରିଖରୁ ଆରମ୍ଭ ହୋଇ ୧୯ ତାରିଖରେ ଉଦ୍‌ଯାପିତ ହୋଇଯାଇଛି ।



ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବରେ ସମାଜସେବୀ ସୁଶାନ୍ତ ପଣ୍ଡା , ସମ୍ମାନିତ ଅତିଥି ଭାବରେ ସୁଦାମ ଜ୍ୟୋତିଷ, ଦଶରଥ ସାହୁ, ହଳଧର ଷାଣ୍ଡ ପ୍ରମୁଖ ଯୋଗ ଦେଇଥିଲେ । ମୋଟ ୨୦ଦଳ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ବେଳେ ଜୁବାଖୋଲ ଓ ଖୁଣ୍ଟପାଲି ଫାଇନାଲ ମ୍ୟାଚ୍‌କୁ ଉନ୍ନୀତ ହୋଇଥିଲେ । ଫାଇନାଲ ମ୍ୟାଚରେ ପ୍ରଥମେ ଜୁବାଖୋଲ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୬ ଓଭରରେ ୩ ଉଇକେଟ ହରାଇ ୬୫ ରନ୍ କରିଥିଲା ଜବାବ ରେ ଖୁଣ୍ଟପାଲି କ୍ରିକେଟ କ୍ଲବ୍ ୫ ଓଭର ୫ବଲରେ ବିନା ୱିକେଟରେ ୬୮ ରନ୍ କରିବାରେ ସକ୍ଷମ ହୋଇଥିଲା । ମ୍ୟାଚ୍ ଖୁଣ୍ଟପାଲି ଅତି ସହଜରେ ଜିତି ଚାମ୍ପିଅନ ହୋଇଥିବା ବେଳେ ପରିଶେଷରେ ବିଜେତା ଦଳକୁ ଟ୍ରଫି ସହ ୧୨ ହଜାର ଟଙ୍କା ରନର୍ସଅପ୍ ଦଳ ପାଇଁ ଟ୍ରଫି ସହ ୮ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ସୁନ୍ଦର ମଣି ହାତୀ ଓ ଉଦ୍ଧବ ବାଗ, ରାଜୁ ସାହୁ ଓ ପୂର୍ଣ୍ଣ ଚନ୍ଦ୍ର ହାତୀ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିବା ବେଳେ ପପୁ ସାହୁ ସ୍କୋରର, ଦାମୋଦର ବଢେଇ ଓ ତ୍ରିବିକ୍ରମ ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ । ବାବା ବୁଢ଼ା ୧୧ ଷ୍ଟାର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଓ ଜୁବାଖୋଲ ଗ୍ରାମବାସୀଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟ ସଫଳ ହୋଇଥିଲା ।

# ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ବାର୍ଷିକ କ୍ରୀଡ଼ା ଉତ୍ସବ













## ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ

**ଥୁଆପାଲି,୧୯ ।୧୨(ସମିସ):** ବରଗଡ ଜିଲ୍ଲା ଭେଡେନ ବ୍ଲକ୍ ରେମଣ୍ଡା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରର ଖେଳ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ରେମଣ୍ଡା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମହାଦେବ ଭୋଇ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଅନ୍ତର୍ଜାତୀୟ ପର୍ବତାରୋହୀ ଆଶୀର୍ବାଦ ମହାପାତ୍ର ଯୋଗ ଦେଇଥିଲେ ଓ ପର୍ବତାରୋହଣର ନିଜର ଅଭିଜ୍ଞତାରୁ କିଛି ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ପିଏମଶ୍ରୀ ବିଦ୍ୟାଳୟର ଏସ୍‌ଏମସି ଚେୟାରମ୍ୟାନ ରାଶେଶ୍ୱରୀ ଭୋଇ, ଆଲୁମିନୀ କମିଟି ଉପସଭାପତି ଗଙ୍ଗାଧର ମେହେର, ଭେଡେନ ବ୍ଲକ୍ ରେମଣ୍ଡା ସିଆରସିସି ତନ୍ମୟ କୁମାର ଖମାରୀ ଓ ଥୁଆପାଲି ସକାଳର ସମ୍ବାଦିକ ଭବାନୀ ଶଙ୍କର ପାଢ଼ୀ । ସଭା ପରିଚାଳନା କରିଥିଲେ ଦେବପ୍ରସନ୍ନ ଦାଶ, ଶିକ୍ଷକ ନୀରଚଂଜନ ପଟ୍ଟନାୟକ ସହଯୋଗ କରିଥିଲେ । ଏନସିସି ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଏହି ଅବସରରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ଶେଷରେ ଖେଳ ଶିକ୍ଷକ ଈଶ୍ୱର ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

**ପଦ୍ମପୁର:** ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇସାରିଛି । ରାଜବୋଡାସମ୍ବର୍ ବିଇଓ ଲୋକନାଥ ଭୋଇ କ୍ରୀଡା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶ୍ରୀମତୀ ନିଳୀମା ରାଣୀ ମହାନ୍ତିଙ୍କ ତତ୍ତ୍ୱାବଧାନ ତଥା ଅତିଥି କ୍ରୀଡା ଶିକ୍ଷକ ଚନ୍ଦ୍ରମଣି ସାହୁ, ଅଶୋକ କୁମାର ସାହୁ ,କେଶବ ପ୍ରଧାନ, ସଦାନନ୍ଦ ସାହୁଙ୍କ ପରିଚାଳନାରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ୨୪ଟି ଇଭେଣ୍ଟରେ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରୁ ୭୪ ଜଣ ଛାତ୍ରୀ କୃତିତ୍ୱ ହାସଲ କରିଥିଲେ । କନିଷ୍ଠ ବର୍ଗରେ ଶ୍ରଦ୍ଧା ଚୌହାନ ତଥା ବରିଷ୍ଠ ବର୍ଗରେ ଆକାଂକ୍ଷା ଭୋଇ ଚାମ୍ପିଅନ ହୋଇଥିଲେ । ଉତ୍ସବର ଉଦଯାପନୀ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପହଣ୍ଡି ବିଜୟ ମେହେର ସଭାପତିତ୍ୱ କରିଥିବା ବେଳେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏସଏମସି ଅଧ୍ୟକ୍ଷା ବିନିଲତା ସାହୁ ,ସମାଜସେବୀ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ଦାଶ, ଶ୍ରୀମତୀ ମିନତି ଦାଶ, ସୁରେନ୍ଦ୍ର କୁମାର ଭୋଇ, ଜୀବନାନନ୍ଦ ସାହୁ, କ୍ରୀଡା ଶିକ୍ଷକ ଚନ୍ଦ୍ରମଣି ସାହୁ, ଅଶୋକ କୁମାର ସାହୁ ,କେଶବ ପ୍ରଧାନ, ସଦାନନ୍ଦ ସାହୁ ଯୋଗ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ମାନସ ରଂଜନ ଶତପଥୀ ଓ ରବିନା ପଧାନ ସଭା ପରିଚାଳନା କରିଥିବା ବେଳେ ଜ୍ୟୋତ୍ସ୍ନା ରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପହଣ୍ଡି ଉଚ୍ଚ ବିଦ୍ୟାଳୟ

**ବିଜେପୁର:** ବରଗଡ ଜିଲ୍ଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ପହଣ୍ଡିର ଦୁଇ ଦିନ ଧରି ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପୁରୋହିତ ଆନୁଷ୍ଠାନିକ ଭାବରେ କ୍ରୀଡା ମହୋତ୍ସବ ଉଦ୍‌ଘାଟନ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ, ଲମ୍ବ ଡ଼ିଆଁ, ଉଚ୍ଚ ଡିଆଁ, ଡିସ୍କସ ଥ୍ରୋ ସମେତ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଶିକ୍ଷକ ନିର୍ମଳ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସଭାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅବସରସୈନିକ କିଶୋର ତ୍ରିପାଠି, ଶିକ୍ଷକ ବିଶ୍ୱରଂଜନ ଦାଶ, ଗୋବିନ୍ଦ ସାହା, ରଶ୍ମିତା ମଲ୍ଲିକ, ରବୀନ୍ଦ୍ର ଭୋଇ, ପ୍ରକାଶ ବରିହା, ଦେବରାଜ ପଟେଲ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ । ଶିକ୍ଷକ ନିରଞ୍ଜନ ରଣା ବିବରଣୀ ପଠନ କରିଥିବା ବେଳେ ଜ୍ୟୋତି ଭୂଷଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଖେଳ ଶିକ୍ଷକ ହୃଦମଣି ସାହୁ ଓ ଅଜୟ ଧନଗୌଡ଼ ସମସ୍ତ ଖେଳକୁ ପରିଚାଳନା କରିଥିଲେ ।

## ସାପଲହର ଗାୟତ୍ରୀ ଉଚ୍ଚବିଦ୍ୟାଳୟ

**ପଦ୍ମପୁର:** ପଦମପୁର ଉପଖଣ୍ଡସ୍ଥ ଗାୟତ୍ରୀ ଉଚ୍ଚବିଦ୍ୟାଳୟ ସାପଲହରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାସମାରୋହର ଶେଷ ଦିନରେ ବାର୍ଷିକ ସଭା ଅନୁଷ୍ଠିତ ହେବା ପୂର୍ବରୁ ଗତ ୧୭ ଓ ୧୮ ତାରିଖରେ ବାର୍ଷିକ କ୍ରୀଡ଼ା ଉତ୍ସବ ଆୟୋଜିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ସମାରୋହରେ ପାଇକମାଲ ବ୍ଲକ୍ ଶିକ୍ଷା ଅଧିକାରୀ ଅଦନ ସୁନା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରୀତିରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ପୂର୍ବତନ ପ୍ରଧାନଶିକ୍ଷକ ବିନନ୍ଦ ସାହୁ, ବାଦିକଟା କ୍ଲଷ୍ଟରର ସିଆରସି ରଷଭ ସାହୁ ଏବଂ ମୋ ସ୍କୁଲ ଅଭିଯାନର ଚେୟାରମ୍ୟାନ ଦୀପକ ପ୍ରଧାନ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା ବିଦ୍ୟାଳୟର ଆରାଧ ଦେବୀ ମା' ସିଦ୍ଧିଦାତ୍ରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପ୍ରଧାନ ଶିକ୍ଷକ ନିରୋଜ ପଟ୍ଟନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରି ଗତ ବର୍ଷର କାର୍ଯ୍ୟସୂଚୀ ଓ ଅଭିବୃଦ୍ଧି ସମ୍ବନ୍ଧରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି, ମୁଖ୍ୟବକ୍ତା ଏବଂ ଅନ୍ୟ ସମ୍ମାନୀତ ଅତିଥିମାନେ ନିଜ ନିଜ ଭାଷଣରେ ଛାତ୍ରଛାତ୍ରୀଙ୍କ ମନୋବଳ ଉନ୍ନୟନ କରି ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ବାର୍ଷିକ କ୍ରୀଡ଼ା ଉତ୍ସବର ପରିଚାଳନା କରିଥିଲେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନାର ଖେଳଶିକ୍ଷକ ବୁଲୁ ମଲ୍ଲିକ । ତାଙ୍କୁ ଶୁକଦେବ ପ୍ରଧାନ, ମନୋହର ସାହୁ ଓ ମହାଦେବ ମରହୀ ସହଯୋଗ କରିଥିଲେ । ଶେଷରେ କ୍ରୀଡ଼ା ଓ ବିଭିନ୍ନ ବିଭାଗ ରେ ଶ୍ରେଷ୍ଠ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଦାଦାବଟି ପାଇଁ ମରଣାନ୍ତକ ଆକ୍ରମଣ

କାମାକ୍ଷାନଗର,୧୯ ।୧୨(ସମିସ):

କାମାକ୍ଷାନଗର ଥାନା କେନ୍ଦୁପଶିସ୍ଥିତ ସରକାରୀ ଚାଉଳ ଗୋଦାମ କର୍ମଚାରୀଙ୍କୁ ଦାଦାବଟି ମାଗି ମରଣାନ୍ତକ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ। ଗଣ୍ଡଗୋଳ ଛଡ଼ାଇବାକୁ ଯାଇ ଗୁରୁତର ଆହତ ହୋଇଛନ୍ତି

## ଦୁର୍ବୃତ୍ତଙ୍କୁ ଗିରଫ ଦାବିରେ ଧାରଣା

ସ୍ଥାନୀୟ ଯୁବକ। ସରକାରୀ ଚାଉଳ ଗୋଦାମରେ ଦୁର୍ବୃତ୍ତଙ୍କ ଗୁଣ୍ଡାଗିରି ବନ୍ଦ ଓ ଆହତଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ଚାଉଳ ଗୋଦାମ ସାମ୍ନାରେ ଧାରଣାରେ ବସିଛନ୍ତି ଯୁବକଙ୍କ ପରିବାର ଲୋକ ଓ ଗ୍ରାମବାସୀ। ସୂଚନା ଅନୁସାରେ ଗୁରୁବାର କେନ୍ଦୁପଶି ଚାଉଳ ଗୋଦାମ ସାମ୍ନାରେ କେତେକ



ଟ୍ରକରେ ଚାଉଳ ଲୋଡିଂ ହେଉଥିବା ବେଳେ କିଛି ଦୁର୍ବୃତ୍ତ ସେଠାରେ ପହଞ୍ଚି ଗୋଦାମ ଦାୟିତ୍ୱରେ ଥିବା ମଳୟ ଚୌଧୁରୀଙ୍କୁ ବଟି ମାଗିବା ସହ ଧମକଚମକ ଦେଇଥିଲେ। ମଳୟ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ସେହି ସମୟରେ କେନ୍ଦୁପଶି ଗ୍ରାମର ତପନ ନାୟକ ସେହି ରାସ୍ତାରେ ଯାଉଥିବା ବେଳେ ଗଣ୍ଡଗୋଳ ଦେଖି ଦୁର୍ବୃତ୍ତମାନଙ୍କୁ ବୁଝାସୁଝା କରିଥିଲେ। ମାତ୍ର ଦୁର୍ବୃତ୍ତମାନେ ତପନଙ୍କୁ ମାରଣାସ୍ତ୍ର ଓ ଠେଙ୍ଗାରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ତପନ ମରିଯାଇଥିବା ଭାବି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତପନଙ୍କ ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ତପନଙ୍କ ହାତ ଓ ଗୋଡ଼ ଭାଙ୍ଗିଛି। ଅନ୍ୟପଟେ ସରକାରୀ ସହାୟତା ଏବଂ ଦୁର୍ବୃତ୍ତଙ୍କୁ ଗିରଫ ଦାବିରେ ଶୁକ୍ରବାର ତପନଙ୍କ ପରିବାର ଲୋକେ ଗୋଦାମ ସାମ୍ନାରେ ଧାରଣା ଦେଇଥିଲେ। କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାଏକ, ଏସଡିପିଓ ରଜନୀକାନ୍ତ ସାମଲ ଓ ଯୋଗାଣ ବିଭାଗ ଅଧିକାରୀ ପହଞ୍ଚି ତପନଙ୍କୁ ସରକାରୀ ସହାୟତା ପ୍ରଦାନ ଓ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

# ବୌଦ୍ଧିକ ଦିବ୍ୟାଙ୍ଗ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ




ଢେଙ୍କାନାଳ,୧୯ ।୧୨(ସମିସ): ଢେଙ୍କାନାଳ ସଦର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଜ୍ୟୋତିନଗରଠାରେ ତିନିଦିନ ବ୍ୟାପୀ ବୌଦ୍ଧିକ ଦିବ୍ୟାଙ୍ଗ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏସଏସଇପିଡି ବିଭାଗ ଉପସଚିବ ବସନ୍ତ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ, ଅନୁଷ୍ଠାନର ସଭାପତି ଗୋଲକ ବିହାରୀ ସାହୁ, ଇନରହୁଇଲ କ୍ଲବ ସମ୍ପାଦିକା ମିନଲ୍ ସିଂହଦେଓ, ବିଶ୍ୱ ଚେତନର ସମ୍ପାଦିକା ରୋଜାଲିନ୍ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲାର ଲକ୍ଷ୍ମୀ ବାସନ୍ତୀ, ଭୁବନେଶ୍ୱର ଓପନ ଲର୍ଣ୍ଣିଂ ସିଷ୍ଟମ, କଟକ ଜିଲ୍ଲାର ମଦର ଟେରେସା, ସହାୟ, ମୟୂରଭଞ୍ଜ ଜିଲ୍ଲାର ରୋଜ, ବରଗଡ଼ ଜିଲ୍ଲାର ବାପୁଜୀ, ନୟାଗଡ଼ର ଶୃତି, ସେବା, ଝାରସୁଗୁଡ଼ାର ଆଶା କିରଣ, ଭୁବନେଶ୍ୱରର ଚେତନା, ଝାରସୁଗୁଡ଼ାର ଉତ୍କଳ କଲ୍ୟାଣ ଓ ଢେଙ୍କାନାଳର ଅକ୍ଷମ କଲ୍ୟାଣ ସମିତିର ଦିବ୍ୟାଙ୍ଗ ବିଦ୍ୟାଳୟ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୩୦୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷା ଆରତୀପ୍ରଭା ସେନାପତି, ଘନଶ୍ୟାମ ମହାନ୍ତ, ଲିପିକା କର, ଲକ୍ଷ୍ମୀକାନ୍ତ କର, ବନ୍ଦନା ସାହୁ, ରଶ୍ମିରଞ୍ଜନ ପୃଷ୍ଟି, ଜ୍ୟୋତି ମହାପାତ୍ର ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜୀବନଜ୍ୟୋତିର ମୁଖ୍ୟ ପ୍ରଦ୍ୟୁମ୍ନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୁନିୟର ରେଡକ୍ରସ୍ ତାଲିମ ଶିବିର ଉଦଯାପିତ



ଢେଙ୍କାନାଳ,୧୯ ।୧୨(ସମିସ): ଢେଙ୍କାନାଳ ସହର ନିକଟ ସୁନ୍ଦରୀଖାଲଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ୩୭ତମ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଶିବିରରେ ସର୍ବଧର୍ମ ପ୍ରାର୍ଥନା, ଯୋଗାସନ, ଦିନଚର୍ଯ୍ୟା ଲିଖନ ଓ ପ୍ରଦର୍ଶନୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟବକ୍ତା ରୂପେ ବିରଞ୍ଚି ନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଜୁନିୟର ରେଡକ୍ରସ୍ ସମ୍ପାଦକ ଉମେଶ ଚନ୍ଦ୍ର ସାମଲ, ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସୁବ୍ରତ କୁମାର ମିଶ୍ର, ସଂଗଠନ ସମ୍ପାଦକ ତଥା ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ, ପ୍ରୋଗ୍ରାମ କୋଅର୍ଡିନେଟର ନରେଶ କୁମାର ମହାରଣା, ଶିଶୁ ମନ୍ଦିର ସମ୍ପାଦକ ଗଗନ ବିହାରୀ ନାୟକ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ସେବା ମନୋବୃତ୍ତି ନେଇ କାମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଓଏଭି ବାରିହାପୁରର ଶୀତଲ ସାହୁଙ୍କୁ ଶ୍ରେଷ୍ଠ ଜୁନିୟର ଓ ଆରକେଜେୟୁବିପି କଙ୍କିଳିର ଗଦାଧର ପ୍ରଧାନଙ୍କୁ ଶ୍ରେଷ୍ଠ କାଉନସେଲର୍ ଭାବେ ପୁରସ୍କୃତ କରାଯାଇଥିଲା। ସାଧନକର୍ମୀ ସୁରେଶ ଚନ୍ଦ୍ର ବିଶ୍ୱାଳ, ସୁଶୀଲ କୁମାର ପଣ୍ଡା, ବିପିନ ବିହାରୀ ଶତପଥୀ, ପ୍ରଶାନ୍ତ ଧଳ, ୮ ବ୍ଲକର ସଂଯୋଜକ, ପ୍ରଧାନଶିକ୍ଷକ ସନ୍ତୋଷ ଆଚାର୍ଯ୍ୟ, ପ୍ରମୋଦ କୁମାର ପଣ୍ଡା, ସତ୍ୟବ୍ରତ ପାତ୍ର ଓ ଶ୍ରୀରାମ ରାଉତ ସହଯୋଗ କରିଥିଲେ। ବିପିନ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଅଗ୍ନିକାଣ୍ଡ; ଜଳିଗଲା ୪ ବଖରା

ଭୁବନ,୧୯ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଭୁଷଳ ପଞ୍ଚାୟତ କୀର୍ତ୍ତନପୁର ଗ୍ରାମ ଗଙ୍ଗାମଲିକ ସାହିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ପୋଡ଼ିଯାଇଛି। ଗ୍ରାମର ବିଶ୍ୱନାଥ ମଲ୍ଲିକ ଓ ସୁଶାନ୍ତ ମଲ୍ଲିକଙ୍କ ୨ବଖରା ଲେଖାଏଁ ଘର ପୋଡ଼ି ପାଉଁଶ ହୋଇଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଶୁକ୍ରବାର ସକାଳେ କାମାକ୍ଷାନଗର



ବିଧାୟକ ଶତ୍ରୁଘ୍ନ ଜେନା ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ, ଚୁଡ଼ା ଚାଉଳ, ବସ୍ତ୍ର ପ୍ରଦାନ କରିଥିଲେ। ଏଥିସହ ବିଡିଓ ଆୟୁଷୀ ମହାପାତ୍ର, ତହସିଲଦାର ଅନିଲ ମହାନ୍ତି ଓ ରାଜସ୍ୱ ନିରୀକ୍ଷକ ରାଜେଶ ଭୋଇ, ସରପଞ୍ଚ ଉତ୍ତମ ପଣ୍ଡା, ଆମ୍ବ ସଭାପତି ଜଗବନ୍ଧୁ ପୃଷ୍ଟି, ଗ୍ରାମ ସଭାପତି ସୌମ୍ୟରଞ୍ଜନ ଧୀରଙ୍କ ଉପସ୍ଥିତରେ ସମସ୍ତ ସହାୟତା ବ୍ୟବସ୍ଥା କରିଥିଲେ। ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ ଓ ପଲିଥିନ ଯୋଗାଇ ଦିଆଯିବା ସହ ତୁରନ୍ତ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ବିଧାୟକ କହିଥିଲେ। ସେହିପରି ପୂର୍ବତନ ସମିତି ସଭ୍ୟ ବିମଳ ପଣ୍ଡା, ପଙ୍କଜ ନାୟକ ସଞ୍ଜୟ ଦାସ, ଜୟକୃଷ୍ଣ ପାତ୍ର, ରବୀନ୍ଦ୍ର ସ୍ୱାଇଁ, ଦଣ୍ଡ ଖଟୁଆ, ରବି ମଲ୍ଲିକ, ପବିତ୍ର ତରାଇ ଗଣେଶ୍ୱର ନାୟକ, ହୃଷିକେଶ ଦାସ, ସମୀର କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଗାଁରେ ଥିବା ଏକ ମାତ୍ର ଢିଙ୍କିଟି ନିଆଁ ଦାଉରୁ ବର୍ତ୍ତିଯାଇଛି। ପରେ ଗୋପବନ୍ଧୁ ଦାସ ସେବା ସଂଗଠନ ପକ୍ଷରୁ ସଭାପତି ଅମ୍ବୁଜ କୁମାର ସାହୁଙ୍କ ନେତୃତ୍ୱରେ ୪ଟି କମ୍ବଳ ପ୍ରଦାନ କରାଯାଇଛି।

# ହିନ୍ଦୋଳରୁ ୩ କୋଟି ଲୁଟିବାକୁ ଟାଟା ପାୱାରର ମସୁଧା

ଖଜୁରିଆକଟା,୧୯ ।୧୨(ସମିସ): ଯେଉଁଦିନଠାରୁ ଓଡ଼ିଶାରେ ଟାଟା ବିଦ୍ୟୁତ ବିତରଣ ଦାୟିତ୍ୱ ନେଇଛି ସେବେଠାରୁ ଉପଭୋକ୍ତାଙ୍କୁ ବିଭିନ୍ନ ଉପାୟରେ ଲୁଟ୍ କରିବା ଆରମ୍ଭ କରିଛି। ପୂର୍ବରୁ ବିଦ୍ୟୁତ ଉପଭୋକ୍ତାଙ୍କଠାରୁ ଲୁଚାଛପାରେ କିଛି କିଛି ଟଙ୍କା ବିଭିନ୍ନ ବାହାନାରେ ବିଦ୍ୟୁତ୍ ବିଲରେ ଯୋଗକରି ନେଉଥିଲା। ମାତ୍ର ଏବେ ପ୍ରତ୍ୟେକ ଉପଭୋକ୍ତାଙ୍କଠାରୁ ଶହ ଶହ ଟଙ୍କା ଲୁଟ୍ କରିବା ଯୋଜନାରେ ଅଛି। ଏବେ ପ୍ରତ୍ୟେକ ଉପଭୋକ୍ତାଙ୍କୁ ୫୦୦ରୁ ଆରମ୍ଭ କରି ୫ ହଜାର ଟଙ୍କା ପର୍ଯ୍ୟନ୍ତ ଆଡିସନାଲ୍ ସିକ୍ୟୁରିଟି ପଇଠ କରିବାକୁ ଟାଟା ତରଫରୁ ନୋଟିସ ଜାରି ହୋଇଛି। ହିନ୍ଦୋଳର ପ୍ରାୟ ୩୦ ହଜାର ଉପଭୋକ୍ତାଙ୍କୁ ଏହି ନୋଟିସ ଆସିଥିବା ଜଣାପଡ଼ିଛି। ଆଡିସନାଲ




ସିକ୍ୟୁରିଟି ନାମରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କେବଳ ହିନ୍ଦୋଳବାସୀଙ୍କଠାରୁ ଆଦାୟ କରିବା ଲକ୍ଷ୍ୟ ରଖିଛି ଟାଟା। ଯେଉଁମାନେ ଏହି ଆଡିସନାଲ୍ ସିକ୍ୟୁରିଟି ନ ଦେବେ ସେମାନଙ୍କଠାରୁ ୧୫ ପ୍ରତିଶତ ହିସାବରେ ସୁଧ ଆଦାୟ ପାଇଁ ମଧ୍ୟ ନିର୍ଦ୍ଦେଶ ହୋଇଛି। ପୂର୍ବରୁ ପ୍ରତି ବିଲ୍‌ରେ ୨୦/୩୦ ଟଙ୍କା ଅତିରିକ୍ତ ନେଉଥିବା ଟାଟା ଏବେ ବଡ଼ ଲୁଟ୍ ପାଇଁ ଉଦ୍ୟମ ଆରମ୍ଭ କରିଛି। ଯାହାକୁ ସାଧାରଣ ଜନତା ଦୃଢ଼ ବିରୋଧ କରିବା ଆରମ୍ଭ କରିଛନ୍ତି। ସହରାଞ୍ଚଳରେ ବିରୋଧର ସମ୍ମୁଖୀନ ହୋଇ ବର୍ତ୍ତମାନ ଗ୍ରାମାଭିମୁଖୀ ହୋଇଛି ଟାଟା। ଟାଟାର ଏହି ଲୁଟ୍ ଏବଂ ସ୍ମାର୍ଟ ମିଟର ଲଗାଇବାକୁ ଢେଙ୍କାନାଳ ସହରରେ ଜୋରଦାର ବିରୋଧ କରାଯାଇ ଢେଙ୍କାନାଳ ବନ୍ଦ ମଧ୍ୟ କରାଯାଇଥିଲା। ଯାହା ଅତ୍ୟନ୍ତ ସଫଳ ହୋଇଥିଲା। ଏବେ ହିନ୍ଦୋଳର ଗ୍ରାମାଞ୍ଚଳରେ ଟାଟା ତରଫରୁ ତଞ୍ଚକତା କରି ସ୍ମାର୍ଟ ମିଟର ଲଗାଇବା କାର୍ଯ୍ୟ ମନ୍ଥର ଗତିରେ ଆରମ୍ଭ ହୋଇଛି। ଯଦି ଏହାକୁ ପ୍ରତ୍ୟାହାର କରା ନ ଯାଏ ତେବେ ଟାଟାର କୌଣସି କର୍ମଚାରୀଙ୍କୁ କୌଣସି ଗ୍ରାମରେ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ଉପଭୋକ୍ତା ମତ ପ୍ରକାଶ କରିଛନ୍ତି।

# ଶିଶୁ ବାଟିକା ଅଚଳ; ତୁରନ୍ତ ପଦକ୍ଷେପ ନେବାକୁ ଦାବି

ଭୁବନ,୧୯ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମୁରୁଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତି ପାଇଁ ଏ ପର୍ଯ୍ୟନ୍ତ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାରୁ ଶିଶୁବାଟିକା ଅଚଳ ହୋଇପଡ଼ିଛି। ବର୍ତ୍ତମାନ ବିଦ୍ୟାଳୟ ଶିଶୁବାଟିକାରେ ୧୫ ଜଣ, ପ୍ରଥମ ଶ୍ରେଣୀରେ ୭ ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୧୯ ଜଣ ମୋଟ ୪୧ ପିଲା ପାଠ ପଢୁଛନ୍ତି। ମାତ୍ର ଶିଶୁବାଟିକା ପାଇଁ ଶିଶୁ ସେବିକା ନ ଥିବାରୁ ଛୋଟ ପିଲାମାନେ ଆବଶ୍ୟକ ଯତ୍ନ, ଶିକ୍ଷା ଓ ସାମାଜିକ ବିକାଶରୁ ବଞ୍ଚିତ ହେଉଛନ୍ତି। ଶିଶୁ ସେବିକା ନ ଥିବାରୁ ଶିକ୍ଷକମାନେ ଅତିରିକ୍ତ ଦାୟିତ୍ୱ ନେବାକୁ ବାଧ୍ୟ ହେଉଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଇଓ ତତ୍କାଳ ହସ୍ତକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଓ ଅଭିଭାବକମାନେ ଦାବି କରିଛନ୍ତି। ଯଦିଶୀଘ୍ର ସେବିକା ନିଯୁକ୍ତ କରା ନ ଗଲେ ଗ୍ରାମାଞ୍ଚଳର ଶିଶୁମାନଙ୍କ ଭବିଷ୍ୟତ ଶିକ୍ଷା ଗଭୀର ଭାବେ ପ୍ରଭାବିତ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଜିଲ୍ଲାସ୍ତରୀୟ ସେମିନାର ଉଦଘାଟିତ




ଢେଙ୍କାନାଳ,୧୯ ।୧୨(ସମିସ): ଢେଙ୍କାନାଳ ସହରସ୍ଥିତ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରରେ ଅନୁଭୂତି ଆଧାରିତ ଶିକ୍ଷଣ, କାର୍ଯ୍ୟପନ୍ଥୀ, ଆହ୍ୱାନ ଓ ସକାରାତ୍ମକ ଅଭ୍ୟାସ ଶୀର୍ଷକ ଦୁଇଦିନିଆ ପାଠଚକ୍ର ଉଦଘାଟିତ ହୋଇଛି। ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଖେଳ, ନାଚ, କ୍ଷେତ୍ର ପରିଭ୍ରମଣର ସୁଯୋଗ ଦେବାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ଡ. ସୁସନ୍ଧ୍ୟା ମହାନ୍ତି ଯୋଗଦେଇଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରଞ୍ଜନ କୁମାର ରାଉତ ଭିତ୍ତିପ୍ରବନ୍ଧ ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ସ୍ୱାଗତିକା ଶରଣଙ୍କ ସଂଯୋଜନାରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସୌମ୍ୟା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କଲ୍ୟାଣୀ ସାହୁ ସେମିନାରର ଉଦେଶ୍ୟ ଉପସ୍ଥାପନ କରିଥିଲେ। ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ପ୍ରତିଭା ଦଳେଇଙ୍କ ସଂଯୋଜନାରେ ଯୋରନ୍ଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନିମା ପରିଡ଼ା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁବାସିନୀ ମିଶ୍ର, ସିଆରସିସି ବିକ୍ରମ କୁମାର ବେହେରା ଓ ଦିପୁନା ପାତ୍ର ସେମାନଙ୍କ ଗବେଷଣାଭିତ୍ତିକ ନିବନ୍ଧ ଉପସ୍ଥାପନ କରିଥିଲେ। ପ୍ରଶିକ୍ଷିକା ପ୍ରଭାତୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଁଦିଆ ପ୍ରେସ୍ କ୍ଲବର ସାଂଗଠନିକ ବୈଠକ



ଗଁଦିଆ,୧୯ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଗୁଣ୍ଡୁରାପଶି ଗ୍ରାମରେ ଗଁଦିଆ ପ୍ରେସ କ୍ଲବର ସାଂଗଠନିକ ବୈଠକ ସଭାପତି ମହେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପ୍ରେସ କ୍ଲବ କୋଷାଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ସରୋଜ କୁମାର ଶତପଥୀ ପ୍ରେସ କ୍ଲବ ପଞ୍ଜୀକରଣ ସାର୍ଟିଫିକେଟ ପ୍ରଦର୍ଶନ କରିଥିଲେ। ଉପଦେଷ୍ଟା ଶିଶିର କୁମାର ଶତପଥୀ କ୍ଲବ୍‌ର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଗଁଦିଆ ଥାନା ଅଧିକାରୀ ଶାନ୍ତନୁ ପ୍ରଧାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯିବା ସହିତ ସାମ୍ବାଦିକ ସୁଦାମ ସାହୁଙ୍କୁ ସାଂଗଠନିକ କାର୍ଯ୍ୟ ଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଭ୍ୟ ତାରାକାନ୍ତ ନାୟକ, ସହସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ପ୍ରଦୀପ କୁମାର ଦାସ, ସଭ୍ୟ ଅଶୋକ ପାତ୍ର, ପ୍ରଦ୍ୟୁମ୍ନ ପଣ୍ଡା, ଶିଶିର ପାଣି, ମଦନ ମୋହନ ଶତପଥୀ, ଅସୀତ କୁମାର ମହାନ୍ତି, ପ୍ରତ୍ୟୁଷହରି ପ୍ରଧାନ, ରାକେଶ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ବାଦଲ ମହାନ୍ତି ଧନ୍ୟବାଦ ଦେଇଥିଲେ। ସୌମ୍ୟରଞ୍ଜନ ମହାନ୍ତି, ବିଶ୍ୱମୋହନ ସାହୁ, ଅକ୍ଷୟ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩୦ତମ ମହାବୀର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଗଁଦିଆ,୧୯ ।୧୨(ସମିସ): ଗଁଦିଆ ବ୍ଲକ ଯୋରନ୍ଦା ମହାବୀର କ୍ରିକେଟ କ୍ଲବ ତରଫରୁ ୩୦ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଯୋରନ୍ଦା ପଡ଼ିଆରେ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ପଞ୍ଚାନନ ସ୍ୱାଇଁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟ ବିଶ୍ୱନାଥ ଚିନରା, ସମିତିସଭ୍ୟ ପ୍ରତ୍ୟୁଷହରି ପ୍ରଧାନ, ପୂର୍ବତନ ସରପଞ୍ଚ ସର୍ବେଶ୍ୱର ନାୟକ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ଭାଲିଆବାଡ଼ି ଖୋର୍ଦ୍ଧା ଓ ମେଣ୍ଢାଶାଳ ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିଲା। ମେଣ୍ଢାଶାଳ ବିଜୟୀ ହୋଇଛି। ବିଜୟୀ ଦଳର ମିଥୁନ ମଜୁମଦାର ୬୦ ରନ ଏବଂ ୩ଟି ଉଇକେଟ ଅକ୍ତିଆର କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଜଗମୋହନ ନାୟକ ଓ ମହମ୍ମଦ ଇଶାନ ମ୍ୟାଚ ପରିଚାଳନା କରିଥିଲେ। ସତ୍ୟଜିତ ନାୟକ, ପ୍ରଭାସ କୁମାର ରାଉତ, ପାରସେଶ୍ୱର ନାୟକ, ଅଗ୍ନିଦୀପ ନାୟକ, ତୁତୁଲ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ହାତୀ ଉପଦ୍ରବରେ ଧାନ ଫସଲ ନଷ୍ଟ



କଙ୍କଡ଼ାହାଡ଼,୧୯ ।୧୨(ସମିସ): କଙ୍କଡ଼ାହାଡ଼ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପାଟବେଡ଼ା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ହାତୀ ପଶି ଧାନ ଫସଲ ଉଜାଡ଼ି ଦେଇଛନ୍ତି। ଗ୍ରାମର ବ୍ରଜବନ୍ଧୁ ସିଂହ ଅମଳ କରି ରଖିଥିବା ଅଢ଼େଇ ଏକର ଜମିର ଧାନ ବିଡ଼ାକୁ ନଷ୍ଟ କରିଦେଇଛନ୍ତି। ଧାରକରଜ କରି ବ୍ରଜବନ୍ଧୁ ଚାଷ କରିଥିବା ବେଳେ କିଭଳି ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ରହିଛନ୍ତି। କ୍ଷତିପୂରଣ ପାଇଁ ବନଖଣ୍ଡ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ବାର୍ଷିକ କ୍ରୀଡ଼ା ଉତ୍ସବ










ଗଁଦିଆ,୧୯ ।୧୨(ସମିସ:

ଗଁଦିଆ ବ୍ଲକ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସୁନିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶିଶିର କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳାଇ ଓ ନିୟୁ ଇଣ୍ଡିଆ ସଂସ୍ଥାର ନିର୍ଦ୍ଦେଶକ ଶେଷଦେବ ରାଉତ ଯୋଗଦେଇଥିଲେ। ଗଣିତ ଶିକ୍ଷକ ମନୋଜ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ଆକାଶ ଅଭିଷେକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସନ୍ଥପୁର ସରପଞ୍ଚ ବନମାଳୀ ଲେଙ୍କା, ସମ୍ମାନିତ ଅତିଥି ଭାବେ ଗ୍ରାମ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ରାଉତ ଓ ଉପସଭାପତି ଅରୁଣ କୁମାର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବାଜୀ ଚରଣ ସ୍ୱାଇଁ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଅଭିମନ୍ୟୁ ମଲ୍ଲିକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ଜେନା, ମନୋଜ କୁମାର ବଳିଆରସିଂ, ଶିକ୍ଷୟିତ୍ରୀ ମିନତୀ ସାହୁ, ବର୍ଷା ସେଠୀ, କନିଷ୍ଠ ସହାୟିକା ରାଜଲକ୍ଷ୍ମୀ ଭୋଇ, ଡମ୍ବରୁଧର ସ୍ୱାଇଁ ଓ ହେମନ୍ତ କୁମାର ନାୟକ ସହଯୋଗ କରିଥିଲେ।

**ଖଜୁରିଆକଟା:** ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଉଦଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝି, ସମ୍ମାନିତ ଅତିଥି ଭାବେ ବିକେଟି ଟାୟାରର ଆଞ୍ଚଳିକ ମୁଖ୍ୟ ଲିପୁନ ଭୁକ୍ତା ଯୋଗଦେଇଥିଲେ। କ୍ରୀଡ଼ା ବିଭାଗ ସଭାପତି ଅଧ୍ୟାପକ ପ୍ରଣବ କୁମାର ହୋତା, କ୍ୟାପଟେନ ଅକ୍ଷୟ କୁମାର ସାହୁ, ଡ. ଦୀନନାଥ ଦାସ ଏବଂ ବ୍ରହ୍ମାନନ୍ଦ ରାଉଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। +୩ ବାଳକ ବିଭାଗରେ ଶୁଭଙ୍କର ସାହୁ, ବାଳିକାରେ ମୋନାଲିସା ସାହୁ ଏବଂ +୨ ବାଳକରେ ପାର୍ଥସାରଥି ରାଉଳ, ବାଳିକାରେ ପ୍ରୀତି ପ୍ରିୟଂଶା ସାହୁ ଚାମ୍ପିଅନ ହୋଇଥିଲେ। ଫିଲ୍ଡ ମାର୍ଶାଲ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ କ୍ରୀଡ଼ା ଶିକ୍ଷକ ଜମ୍ବେଶ୍ୱର ସାହୁ, ନିବାରଣ ମହାରଣା ଓ ବିକାଶ ବରାଳ କ୍ରୀଡ଼ା ପରିଚାଳନା କରିଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ଏବଂ ଅଧ୍ୟାପକ ରବିନାରାୟଣ ସାହୁ କ୍ରୀଡ଼ା ଉତ୍ସବ ସଂଯୋଜନା କରିଥିଲେ।

**ଢେଙ୍କାନାଳ:** ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୬ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ କ୍ରୀଡ଼ା ମଶାଲ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ସେଠୀ ଯୋଗଦେଇ ପିଲାମାନଙ୍କର ଖେଳପ୍ରତି ଆଗ୍ରହ ରହିବା ଦରକାର ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଜୟନ୍ତୀ ବେହେରା ବିବରଣୀ ପାଠ କରିଥିଲେ। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ମେଡାଲ ପ୍ରଦାନ କରିଥିଲେ।

**ଢେଙ୍କାନାଳ:** ଢେଙ୍କାନାଳ ପୌର ପରିଷଦ ୧ନଂ ୱାର୍ଡ ଅନ୍ତର୍ଗତ କାଠଗଡ଼ା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ସଦର ବିଡିଓ ଅୟସକାନ୍ତ ଦାଶ ମୁଖ୍ୟଅତିଥି, ଅବସରପ୍ରାପ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ ନିରଞ୍ଜନ ମିଶ୍ର ମୁଖ୍ୟବକ୍ତା, ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ଷଣ୍ଢ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ କମିଟି ସଭାପତି ସମାୟ କଳା ଏବଂ କାଉନସିଲର ବଳରାମ ସେଠୀଙ୍କ ସହିତ ଶିକ୍ଷକ ଅନିଲ ରଞ୍ଜନ ଦାସ ଓ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଶୟନ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ମମତା ବେହେରା ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ମିହିର କୁମାର ଦେହୁରୀ କ୍ରୀଡ଼ା ପରିଚାଳନା କରିଥିଲେ।

ସକାଳ THE SAKALA
ଶନିବାର
୨୦ ଡିସେମ୍ବର, ୨୦୨୫



## ଖୋର୍ଦ୍ଧା ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ଖୋର୍ଦ୍ଧାର ସାଂସ୍କୃତିକ, ଐତିହ୍ୟ ଜାଗରଣରେ ପଥ ପ୍ରଦର୍ଶନ କରିବ ମହୋତ୍ସବ

**ଖୋର୍ଦ୍ଧା,୧୯।୧୨(ସମିସ):** ସ୍ଥାନୀୟ ବିଡିଏ ପଡିଆରେ ଚାଲିଥିବା ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ସମାରୋହ ଉଦଯାପନୀ ଉତ୍ସବର ଆଜି ଥିଲା ଚତୁର୍ଥ ସନ୍ଧ୍ୟା। ସଭାପତି ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଖୋର୍ଦ୍ଧା ଜିଲ୍ଲାର ପ୍ରାକୃତିକ ବିଭବ, ଖୋର୍ଦ୍ଧାର ଇତିହାସ ଅନନ୍ୟ, ଖୋର୍ଦ୍ଧା ମାଟି ସ୍ୱାଧୀନତା ପ୍ରାପ୍ତିର ବୀରତ୍ୱର ବାର୍ତ୍ତା ବହନ କରେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଖୋର୍ଦ୍ଧା ମାଟିର ଚେତନା ଅନନ୍ୟ, ଖୋର୍ଦ୍ଧା ମାଟି ୨୦୮ ବର୍ଷ ପୂର୍ବେ ଯେଉଁ ପାଇକ ବିଦ୍ରୋହ, ଗରିଲା ଯୁଦ୍ଧ ଦ୍ୱାରା ବ୍ରିଟିଶ ସରକାର ବିରୁଦ୍ଧରେ ସଂଗ୍ରାମ ରୋମାଞ୍ଚକାରୀ ଐତିହ୍ୟ ଅଟେ। ବର୍ତ୍ତମାନ ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଥିବାବେଳେ ଖୋର୍ଦ୍ଧା ବିକଶିତ ଓଡ଼ିଶା ନିର୍ମାଣରେ ଶିଳ୍ପର ଅପୂର୍ବ ବିକଶିତ ଯୋଜନା ରୂପାୟନ ଦ୍ୱାରା ଐତିହ୍ୟ ସଂସ୍କୃତି ପାଇକ ସ୍ମାରକୀ ତୀର୍ଥ ସ୍ଥାନ, ଆଉଟର ରିଂରୋଡ ଯୋଜନା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ସହ ଏହି ମହୋତ୍ସବ ଖୋର୍ଦ୍ଧାର ସାଂସ୍କୃତିକ ଓ ଐତିହ୍ୟ ଜାଗରଣରେ ପଥ ପ୍ରଦର୍ଶନ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମୁମ୍ବାଇର ପ୍ରାକ୍ତନ ପୁଲିସ କମିଶନର ଅରୂପ ପଟ୍ଟନାୟକ, ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ବରିଷ୍ଠ ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ବରିଷ୍ଠ ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତି, ପୂର୍ବତନ ବିଜେପି ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ତଥା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ।

## ରାଜ୍ୟ ନିର୍ବାଚନ କମିଶନରଙ୍କ ଖୋର୍ଦ୍ଧା ଗସ୍ତ

# ପୌର ଓ ପଞ୍ଚାୟତ ନିର୍ବାଚନ କାର୍ଯ୍ୟର ସମୀକ୍ଷା



ଖୋର୍ଦ୍ଧା,୧୯।୧୨(ସମିସ): ରାଜ୍ୟ ନିର୍ବାଚନ କମିଶନର ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ମୁଧୁସୂଦନ ପାଢ଼ୀ ଖୋର୍ଦ୍ଧା ଜିଲ୍ଲା ଗସ୍ତ କରି ଆଗାମୀ ଦିନରେ ହେବାକୁ ଯାଉଥିବା ସାଧାରଣ ପୌର ସଂସ୍ଥା ଓ ପଞ୍ଚାୟତ ନିର୍ବାଚନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଲେନ୍ଦୁ ନାୟକ ପୂର୍ବ ସାଧାରଣ ପୌର ଓ ପଞ୍ଚାୟତ ନିର୍ବାଚନ ୨୦୨୨ର ପରିଚାଳନା ତଥା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ ନିୟୋଜନଠାରୁ ଆରମ୍ଭ କରି ବୁଥ୍‌ରେ ସର୍ବନିମ୍ନ ସୁବିଧା ଉପଲବ୍ଧ ସହ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ରାଜ୍ୟ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ନିର୍ବାଚନ ସମୟରେ ଉପୁଜୁଥିବା ବିଭିନ୍ନ ପ୍ରକାର ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲାରେ ଗୋଟିଏ ଲୋକସଭା ଆସନ ଅଧୀନ ଆଠଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୨୪୩୪ଟି ମତଦାନ କେନ୍ଦ୍ର ମାଧ୍ୟମରେ ଆଗାମୀ ସାଧାରଣ ପୌର ପରିଷଦ ଓ ପଞ୍ଚାୟତ ନିର୍ବାଚନ ପରିଚାଳନା କରାଯିବା ସୂଚନା ମିଳିଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ବେଉରା, ଉପଜିଲ୍ଲାପାଳ ତଥା ଭୋଟର ପଞ୍ଜିକରଣ ଅଧିକାରୀ କିଶୋର ପଣ୍ଡା, ଡ. ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଛାତ୍ରବୃତ୍ତି ଯୋଜନାରେ ବଡ଼ ଧରଣର ଘୋଟାଲା

# ଛାତ୍ରଛାତ୍ରୀଙ୍କଠାରୁ ହଡ଼ପ ଅର୍ଥ ଆଦାୟ ଲାଗି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ଖୋର୍ଦ୍ଧା,୧୯।୧୨(ସମିସ):**

ଅନୁସୂଚିତ ଜାତି ଓ ଜନଜାତିର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବୈଷୟକ ଶିକ୍ଷା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ତରଫରୁ ଛାତ୍ର ବୃତ୍ତି ପ୍ରଦାନ କରାଯାଉଛି। ମାତ୍ର ମିଥ୍ୟା ଆୟ ପ୍ରମାଣ ପତ୍ର ଏବଂ ଜାଲ ଜାତି ପ୍ରମାଣପତ୍ର ଦେଇ ଛାତ୍ର ବୃତ୍ତି ଅର୍ଥକୁ ହଡ଼ପ କରାଯାଇଛି। ସିଏଜି ରିପୋର୍ଟ ଆଧାରରେ ୨୦୧୭ରୁ ୨୦୨୧ ମସିହା ଭିତରେ ପ୍ରାୟ ୧୯କୋଟି ଟଙ୍କାର ଆର୍ôଥକ ଅନିୟମିତତା ହୋଇଥିବା ଜଣାପଡ଼ିଛି। ଛାତ୍ରବୃତ୍ତି ଅର୍ଥ ହଡ଼ପ ଘଟଣାରେ ଛାତ୍ରଛାତ୍ରୀ ଓ କଲେଜ୍ କର୍ତ୍ତୃପକ୍ଷଙ୍କ ସମ୍ପୃକ୍ତି ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାସ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ପୁଲିସ ଦୁଇଟି ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଛାତ୍ରବୃତ୍ତି ହଡ଼ପ କରିଥିବା ୧୪୯ଜଣ ଛାତ୍ରଛାତ୍ରୀଙ୍କ ଠାରୁ ଅର୍ଥ ଆଦାୟ କରାଯିବ ବୋଲି ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି, ଖୋର୍ଦ୍ଧା ଜିଲ୍ଲାରେ ରହିଛି ଅନେକ ଘରୋଇ ଇଞ୍ଜିନିୟରିଂ କଲେଜ। ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଛାତ୍ରଛାତ୍ରୀମାନେ ଆସି ଏଠାରେ ଉଚ୍ଚଶିକ୍ଷା କରୁଛନ୍ତି। ତେବେ ଉଚ୍ଚଶିକ୍ଷା କରୁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ମାନଙ୍କ ପାଇଁ ରାଜ୍ୟ ସରକାର ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପ୍ରଦାନ କରୁଛନ୍ତି। ଜାତିଗତ ପ୍ରମାଣପତ୍ର ଏବଂ ଆୟ ପ୍ରମାଣପତ୍ରକୁ ଆଧାର କରି ପିଲାମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ଖୋର୍ଦ୍ଧା ଜିଲ୍ଲାର ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ

### ୧୪୯ ଛାତ୍ରଛାତ୍ରୀ ଓ ୭ ଘରୋଇ ଶିକ୍ଷାନୁଷ୍ଠାନ ନାଁରେ ଥାନାରେ ମାମଲା

ରୁ ଏହି ଅର୍ଥ ମଞ୍ଜୁର ହୋଇଥାଏ। ମାତ୍ର ୨୦୧୭ରୁ ୨୦୨୧ ମସିହା ମଧ୍ୟରେ ମେଧାବୃତ୍ତି ଯୋଜନାରେ ବଡ଼ଧରଣର ଘୋଟାଲା ହୋଇଛି। ମହାଲେଖାପାଳ (କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ) ଓଡ଼ିଶାଙ୍କ ଦ୍ୱାରା ଖୋର୍ଦ୍ଧା ଜିଲ୍ଲାରେ ମାଟ୍ରିକ ପରବର୍ତ୍ତି ଯୋଜନାର କାର୍ଯ୍ୟାନ୍ୱୟନ ୨୦୧୭ ରୁ ୨୦୨୦ ଅବଧି ସମୀକ୍ଷା ବେଳେ ଏହି ଘୋଟାଲା ସମ୍ପର୍କରେ ଜଣାପଡିଛି ବୋଲି କହିଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦାସ। ଏହି ସମୟଅବଧି ଭିତରେ ଖୋର୍ଦ୍ଧା ଜିଲ୍ଲାରେ ଦିଆଯାଇଥିବା ଛାତ୍ରବୃତ୍ତି ମଧ୍ୟରେ ୧୪୯ ଛାତ୍ରଛାତ୍ରୀ ମିଥ୍ୟା ଜାତିଗତ ପ୍ରମାଣ ପତ୍ର ଏବଂ ଜାଲ ଆର୍ôଥକ ପ୍ରମାଣ ପତ୍ର ଦାଖଲ କରି ଛାତ୍ରବୃତ୍ତି ଅର୍ଥ ହଡପ କରିଥିଲେ। ଏହି ଛାତ୍ରଛାତ୍ରୀମାନେ ବହୁବାର ଛାତ୍ରବୃତି ନେଇଥିବା ନେଇ ତଥ୍ୟରୁ ଜଣାଯାଇଥିବା ସେ କହିଛନ୍ତି। ତେବେ ମିଥ୍ୟା ଆୟ ଓ ଜାତି ପ୍ରମାଣପତ୍ର ଦାଖଲ କରି ଛାତ୍ରବୃତି ଅର୍ଥ ହଡପ କରିବା ଏବେ ୧୪୯ ଛାତ୍ରଛାତ୍ରୀଙ୍କୁ ମହଙ୍ଗା ହୋଇଛି। ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ବିରୋଧରେ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ୪୮୭/୨୫ ରେ ଏକ ମାମଲା ରୁଜୁ କରିଛି। ସେହିପରି ପାଣିଓରା ମହାବୀର ନଗରସ୍ଥିତ ମହାବୀର ଇଞ୍ଜିନିୟରିଂ କଲେଜ ଏବଂ ମହାବୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକନୋଲୋଜି, ଭୁବନେଶ୍ୱର ପାତ୍ରପଡାର ଦି ଟେକ୍ନୋ ସ୍କୁଲ, ଛତାବର ଜାମୁଝାରୀସ୍ଥିତ ଗୁରୁକୁଳ ଇଞ୍ଜିନିୟରିଂ ସ୍କୁଲ ଏବଂ ଗୁରୁକୁଳ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜି, ଛତାବରସ୍ଥିତ ଶିବାନୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକନିକାଲ ଏଜୁକେଶନ ଓ ପଟିଆ ଇନଫୋସିଟି ରୋଡ୍ ସିଆଇ୮/ବି ସ୍ଥିତ ସୁବାସ ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ୭ଟି ଘରୋଇ ଶିକ୍ଷାନୁଷ୍ଠାନ ନାମରେ ମଧ୍ୟ ଜିଲ୍ଲା ମଙ୍ଗଳ ଅଧିକାରୀ ଥାନାରେ ଅନ୍ୟଏକ ଅଭିଯୋଗ କରିଛନ୍ତି। ଏହି ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ଆଦୌ ନାମ ଲେଖାଇ ନ ଥିବା କିମ୍ବା ଭୂତ ଛାତ୍ର ଦେଖାଇ ଛାତ୍ରବୃତ୍ତି ବାବଦ ସରକାରୀ ଅର୍ଥ ହଡ଼ପ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ଏନେଇ ସମସ୍ତ ଦସ୍ତାବିଜ୍ ସିଜ୍ କରାଯାଇ ଘଟଣାର ତଦନ୍ତ ଜାରୀ ରହିଛି ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ କହିବା କଥା ସମସ୍ତ ୧୪୯ ଛାତ୍ରଛାତ୍ରୀଙ୍କ ବିରୋଧରେ ଓଡ଼ିଶା ସାର୍ବଜନୀନ ଦାବି ଆଦାୟ(ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି ଆକ୍ଟ) ଅଧିନିୟମ ପାଇଁ ସେମାନଙ୍କ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଅନୁରୋଧ କରାଯାଇଛି। ସେମାନଙ୍କଠାରୁ ଛାତ୍ରବୃତ୍ତି ହଡ଼ପ ଅର୍ଥକୁ ଆଦାୟ କରାଯିବ। ମିଥ୍ୟା ଆୟ ପ୍ରମାଣ ପତ୍ର ଏବଂ ଜାଲ ଜାତି ପ୍ରମାଣ ପତ୍ର ଦେଇ ଅର୍ଥ ହଡ଼ପ କରିଥିବାରୁ ସେମାନଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଛି। ପୁଲିସକୁ ତଦନ୍ତରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରିବୁ। ଯେଉଁ ଅଧିକାରୀମାନେ ମଧ୍ୟ ଏହି ଘଟଣାରେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ ମଧ୍ୟ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଭବିଷ୍ୟତରେ ଯଦି ଏଭଳି ଘଟଣା କିଛି ଦୃଷ୍ଟିଗୋଚର ହେଲା, ସେମାନଙ୍କ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ

**ନିରାକାରପୁର,୧୯।୧୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ଲେଣ୍ଡୁ ପଞ୍ଚାୟତ ଅନ୍ତର୍ଗତ ଲଳିତାପାଟପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଶିକ୍ଷାର୍ଥୀଙ୍କ ପାଖରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ, ଶୈକ୍ଷିକ ଓ ସହଶୈକ୍ଷିକ ଉପରେ ବିଭିନ୍ନ ପ୍ରକାର ପ୍ରତିଗୋଗିତ ହୋଇଥିଲା। ଉପକନିଷ୍ଠ ବର୍ଗରେ ୯ଟି ବିଭାଗ ଓ କନିଷ୍ଠ ବର୍ଗରେ ୧୩ଟି ବିଭାଗ ଓ ବରିଷ୍ଠ ବର୍ଗରେ ୧୪ଟି



ବିଭାଗକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ପ୍ରଧାନଶିକ୍ଷକ ପଦ୍ମନାଭ ରଥ ବିଦ୍ୟାଳୟ ବିବରଣୀ ପାଠ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଓ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ନୀଳକଣ୍ଠ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ପ୍ରଦୀପ ସାହୁ, ମୁଖ୍ୟବକ୍ତା ଭାବେ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ନିରାକାରପୁର ଇଂରାଜୀ ଅଧ୍ୟାପକ ଡକ୍ଟର ମୃତ୍ୟୁଞ୍ଜୟ ରଥ, ସମ୍ମାନିତ ଅତିଥି ଲେଣ୍ଡୋ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ବିନୋଦିନୀ ଦାଶ, ସିଆରସିସି ମଳୟ ମଙ୍ଗରାଜ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୁଣନିଧି ରାଜଗୁରୁ ମହାପାତ୍ର, ୱାର୍ଡ ମେମ୍ବର ଶ୍ରୀମତୀ ଅନୀତା ସାମନ୍ତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଞ୍ଚାନନ ସାମନ୍ତରାୟ, ବିଦ୍ୟାଳୟ ଆଲୁମିନି କମିଟି ଅଧ୍ୟକ୍ଷ ଅକ୍ଷୟ ସାହୁ ଯୋଗ ଦେଇଥିଲେ। ଲଳିତପାଟପୁର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଧରଣୀଧର ମହତରାୟ, ମମତା ବାହିନୀପତି, ଗଦାଧର ସାହୁ, ଲିଙ୍କି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅମର କୁମାର ଜୟସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଟାରୀ କ୍ଲବ୍ ପକ୍ଷରୁ କ୍ଲିନ୍‌ସିଟି କାର୍ଯ୍ୟକ୍ରମ




**ବାଲୁଗାଁ,୧୯ ।୧୨(ସମିସ):** ବାଣପୁର ବାଲୁଗାଁ ରୋଟାରୀ କ୍ଲବ୍ ପକ୍ଷରୁ ବାଲୁଗାଁର ଆରାଧ୍ୟ ଠାକୁର ଶ୍ରୀଉମାମହେଶ୍ୱର ଦେବଙ୍କ ମନ୍ଦିର ପରିସରରେ "ପ୍ରୋଜେକ୍ଟ କ୍ଲିନ୍ ସିଟି" କାର୍ଯ୍ୟକ୍ରମ ଅନ୍ତର୍ଗତ ପୋଖରୀ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଠାକୁର ଶ୍ରୀଉମାମହେଶ୍ୱର ଦେବ ପୋଖରୀ ଉପରେ ଆଖପାଖ ଗ୍ରାମର ଲୋକେ ନିର୍ଭର କରିବା ସହ ମନ୍ଦିରର ଦୈନନ୍ଦିନ କାର୍ଯ୍ୟରେ ବ୍ୟବହୃତ ହୁଏ। ଉକ୍ତ ପୋଖରୀଟି ବହୁଦିନ ହେବ ଅଳିଆ ଓ ଦଳରେ ପରିପୂର୍ଣ୍ଣ ହୋଇ ବ୍ୟବହାର ଅନୁପୋଯୋଗୀ ହୋଇପଡିଥିଲା। ଏହାକୁ ଗୁରୁତ୍ୱର ସହ ନେଇ ରୋଟରୀ କ୍ଲବ୍ ପକ୍ଷରୁ ଚାରିଦିନ ଧରି ଚାଲିଥିବା କ୍ଲିନ୍ ସିଟି କାର୍ଯ୍ୟକ୍ରମରେ କ୍ଲବର ସଭାପତି ସୁନୀଲ ପାତ୍ର, ସମ୍ପାଦକ ହିମାଂଶୁ ପାତ୍ର, ଆସନ୍ତା ବର୍ଷର ସଭାପତି ଡ. ଚିନ୍ତାମଣୀ ମିଶ୍ର, ପ୍ରାକ୍ତନ ସଭାପତି ସୁରେଶ ବେହେରା, ବିଜୟ ବେହେରା, ଧୀରେନ୍ଦ୍ର ପାତ୍ର, ରବିନାରାୟଣ ନାୟକ, ଜଗଦୀଶ ଲାଖୋଟିଆ, ଶ୍ୟାମସୁନ୍ଦର ପୃଷ୍ଟି, ଗୋପାଳ ନାୟକ ଓ ସଭ୍ୟ ସଞ୍ଜୟ ସାହୁ, ଗଗନ ବେହେରା, ସଚ୍ଚିଦାନନ୍ଦ ସେଠୀ, ସୂର୍ଯ୍ୟନାରାୟଣ ସେନାପତି ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇ ମନ୍ଦିର ପୋଖରୀରୁ ଦଳ ଓ ଅଳିଆ ଆବର୍ଜନା ସଫା କରିବାରେ ସହଯୋଗ କରିଛନ୍ତି।

## ପିସି, ପିଏନ୍‌ଡିଟି ଜିଲ୍ଲାସ୍ତରୀୟ ପରାମର୍ଶଦାତା ମଣ୍ଡଳୀ ବୈଠକ

# ଜିଲ୍ଲାରେ ବନ୍ଦ ପଡିଛି ୧୯୪ ଅଲଟ୍ରାସାଉଣ୍ଡ କେନ୍ଦ୍ର



**ଖୋର୍ଦ୍ଧା,୧୯।୧୨(ସମିସ):** ପିସି, ପିଏନ୍‌ଡିଟି ଜିଲ୍ଲାସ୍ତରୀୟ ପରାମର୍ଶମଣ୍ଡଳୀ ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ରାୟ ଜିଲ୍ଲାରେ ପିସିପିଏନ୍‌ଡିଟି ଆକ୍ଟ ଅନୁଯାୟୀ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଅଧ୍ୟକ୍ଷଙ୍କୁ

### ୧୩ କେନ୍ଦ୍ର ନାଁରେ ହୋଇଛି ମାମଲା

ଅବଗତ କରାଇଥିଲେ। ବୈଠକରେ ଅଧ୍ୟକ୍ଷ ଖୋର୍ଦ୍ଧା ସହରରେ ଆଲଟ୍ରା ସାଉଣ୍ଡ କ୍ଲିନିକ୍‌ର କାର୍ଯ୍ୟଧାରା, ନୂଆ ଅଲଟ୍ରା ସାଉଣ୍ଡ ଓ ନବୀକରଣ ନିମନ୍ତେ ଅଲଟ୍ରା ସାଉଣ୍ଡ କ୍ଲିନିକ୍‌ରୁ ଆସିଥିବା ଦରଖାସ୍ତ, ନୂଆକରି ଆସିଥିବା ଦରଖାସ୍ତରେ ଅତିରିକ୍ତ ଡାକ୍ତର ନିଯୁକ୍ତି ଓ ଅଲଟ୍ରାସାଉଣ୍ଡ ମେସିନ ବ୍ୟବହାର, ଅଲଟ୍ରା ସାଉଣ୍ଡ କ୍ଲିନିକ୍‌ରେ ଲିଙ୍ଗ ତଥା ଭ୍ରୁଣ ପରୀକ୍ଷଣ କରୁଥିବା ଡାକ୍ତର ଓ ସମ୍ପୃକ୍ତ କ୍ଲିନିକ୍ ମାଲିକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିମନ୍ତେ ସମୀକ୍ଷା ପୂର୍ବକ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ପଞ୍ଜୀକରଣ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ସ୍ୱଚ୍ଛତା ବଜାୟ ରଖିବା, ବିଶୁଦ୍ଧ ପାନୀୟଜଳ, ଶୌଚାଳୟ, ଅଗ୍ନି ନିର୍ବାପକ ଯନ୍ତ୍ର, ଅପେକ୍ଷାଳୟ ଆଦି ସର୍ବନିମ୍ନ ସେବା ସୁବିଧା ଉପଲବ୍ଧ, ପ୍ରତି ତ୍ରୟମାସିକ ବୈଠକ ବସିବା, ଜିଲ୍ଲାରେ ଥିବା ଯେଉଁ ସ୍ୱେଚ୍ଛାସେବୀ ସଂଗଠନ ପିସିପିଏନ୍‌ଡିଟି କମିଟିରେ ସଦସ୍ୟସଦସ୍ୟା ଅଛନ୍ତି ତଥା ସମସ୍ତ ଏନ୍‌ଜିଓ ଲିଙ୍ଗ ତଥା ଭ୍ରୁଣ ନିରୂପଣ କରୁଥିବା ଅଲଟ୍ରା ସାଉଣ୍ଡ କ୍ଲିନିକ୍ ଉପରେ ତୀକ୍ଷ୍ଣ ନଜର ରଖି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ପ୍ରଶାସନ ନଜରକୁ ଆଣିବା ଉପରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରି ବିଭାଗୀୟ ଅଧିକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଜିଲ୍ଲାରେ ଅଲଟ୍ରା ସାଉଣ୍ଡ କେନ୍ଦ୍ର ୪୫୭ ପିସିପିଏନ୍‌ଡିଟି ଆକ୍ଟ ଅନୁଯାୟୀ ପଞ୍ଜିକୃତ ହୋଇଥିବାବେଳେ ୨୬୩ଟି କାର୍ଯ୍ୟକ୍ଷମ ଅଛି। ୧୯୪ କେନ୍ଦ୍ର ବନ୍ଦ ଅଛି, ୧୩ଟି କେନ୍ଦ୍ର ନାମରେ କେଶ୍ ଦାୟର ହୋଇଛି। କାର୍ଯ୍ୟକ୍ଷମ କେନ୍ଦ୍ର ମଧ୍ୟରେ ଟାଙ୍ଗୀ ବ୍ଲକରେ ୪ଟି, ଜଟଣୀରେ ୭ଟି, ବୋଲଗଡରେ ଗୋଟିଏ, ବେଗୁନିଆରେ ଗୋଟିଏ, ବାଲିଅନ୍ତାରେ ୩ଟି, ବାଲୁଗାଁରେ ୫ଟି, ଖୋର୍ଦ୍ଧା ସହରରେ ୧୦ଟି କାର୍ଯ୍ୟକ୍ଷମ ଅଛି। ସେହିପରି ଜଟଣୀର ଗୋଟିଏ କେନ୍ଦ୍ରକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବାବେଳେ ଖୋର୍ଦ୍ଧାର ଏକ କେନ୍ଦ୍ରର ଅଲଟ୍ରା ସାଉଣ୍ଡ ମେସିନ ଜବତ ଓ ଜଉମୁଦ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିପିଏମ ଜାତୀୟ ସ୍ୱାସ୍ଥ୍ୟ ମିଶନ ଖୋର୍ଦ୍ଧାର ଶୁଭକାନ୍ତ ଗନ୍ତାୟତ, ଡେପୁଟୀ କଲେକ୍ଟର ରଞ୍ଜନ ମହାନ୍ତି, ଡାକ୍ତର ରିତାଞ୍ଜଳି ମିଶ୍ର, ସଦସ୍ୟା ଶାନ୍ତିଲତା ମାର୍ଥା, ସଦସ୍ୟ ବି ବରାଳ, ଡିଏମ, ଆରସିଏଚ ରୋଜାଲିନ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ଡାକ୍ତର ଅଭିଷେକ ସାହୁ, ରଞ୍ଜନ ପାଣି ଓ କମିଟି ସଦସ୍ୟସଦସ୍ୟା ଯୋଗ ଦେଇଥିଲେ।

## ମା' ଜାଗେଶ୍ୱରୀ ସେବା ସମବାୟ ସମିତିରେ ଅନିୟମିତତା ଅଭିଯୋଗ

# କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଲେ ଚାଷୀ



**ବେଗୁନିଆ,୧୯।୧୨(ସମିସ):** ବେଗୁନିଆ ବ୍ଲକ୍ ଅନ୍ତର୍ଗତ ହଜ ପଞ୍ଚାୟତ ନିଧିପୁର ଗ୍ରାମସ୍ଥ ମା' ଜାଗେଶ୍ୱରୀ ସେବା ସମବାୟ ସମିତିରେ ଅନିୟମିତତା ନେଇ କାର୍ଯ୍ୟାଳୟରେ ତାଲା ପକାଇ ଚାଷୀ ଧାରଣାରେ ବସିଥିଲେ। ସାର, ଧାନ କ୍ରୟରେ ସବସିଡି ଅର୍ଥ, ବୀମା ଅର୍ଥ ରାଶିରେ ଦୁର୍ନୀତି ଓ ମନମୁଖି କାର୍ଯ୍ୟ ଆଦି ଅଭିଯୋଗକୁ ନେଇ ବିଗତ ଦିନରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ସମସ୍ୟା ସମାଧାନ ହେବା ପରିବର୍ତ୍ତେ ପ୍ରଶାସନର ଅପାରଗତା ଯୋଗୁଁ ଦିନକୁ ଦିନ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଯାହାର ପରିଣାମ ସ୍ୱରୂପ ସ୍ଥାନୀୟ ଚାଷୀ ଏକତ୍ରିତ ହୋଇ ସେବା ସମବାୟ ସମିତି ଆଗରେ ଧାରଣା ଦେଇଥିଲେ। ପ୍ରବେଶ ଜୟସିଂହ, ପ୍ରଶାନ୍ତ ରଥ, ପଦ୍ମଚରଣ ପଟ୍ଟନାୟକ ଓ ସୌରଭ ମହାପାତ୍ରଙ୍କ ସମେତ ବହୁ ଚାଷୀ ସାମିଲ ଥିଲେ। ଏ ସମ୍ପର୍କରେ ସେବା ସମବାୟ ସମିତି ସମ୍ପାଦକ ସୌମ୍ୟରଞ୍ଜନ ରାଉତରାୟଙ୍କୁ ପଚାରିବାରୁ ତଦନ୍ତ ପରିସରକୁ ଆସିଲେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି। ଏଥିରେ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଜଙ୍କିଆ ଥାନା ପୁଲିସ ପହଞ୍ଚି ଧାରଣାରେ ବସିଥିବା ଚାଷୀଙ୍କୁ ବୁଝାସୁଝା କରି ତାଲା ଖୋଲି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ।

# ବାଲି ବୋଝେଇ ଗାଡ଼ି ଜବତ, ଚାଳକ କୋର୍ଟ ଚାଲାଣ

**ବେଗୁନିଆ,୧୯।୧୨(ସମିସ):** ବେଆଇନ ଭାବେ ଗାଡ଼ିରେ ବାଲି ବୋଝେଇ ହୋଇ ଚାଲାଣ ହେଉଥିବାବେଳେ ବାଘମାରୀ ବଜାର ନିକଟରୁ ପୁଲିସ ଚାଳକକୁ ଗିରଫ କରି କୋର୍ଟକୁ ପଠାଇବା ସହ ଗାଡ଼ିକୁ ଜବତ କରିଛି। ବାଘମାରୀ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ସୂଚନା ଅନୁଯାୟୀ ଗାଡ଼ିର ଚାଳକ ଜଣଙ୍କ ବାଙ୍କୀ ଥାନା ଅନ୍ତର୍ଗତ ପାଥପୁର ଗ୍ରାମର ଦୀପକ ପ୍ରଧାନ।

# ୪୦ ଦୋକାନ ଉଚ୍ଛେଦ କଲା ପ୍ରଶାସନ

**ଖୋର୍ଦ୍ଧା,୧୯।୧୨(ସମିସ):** ପ୍ରଶାସନ ପକ୍ଷରୁ ଶୁକ୍ରବାର ଜବରଦଖଲ ହୋଇ ଗଢି ଉଠିଥିବା ଦୋକାନକୁ ଉଚ୍ଛେଦ କରାଯାଉଛି। ଆଜି ପଲ୍ଲା ହାଟ ଛକଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୋଟିଏ ପାଶ୍ୱର୍ରେ ଥିବା ୪୦ଦୋକାନ କୁ ପ୍ରଶାସନ ଜବରଦଖଲ ଉଚ୍ଛେଦ କରିଛି। ପ୍ରକାଶ ଥାଉକି, ସରକାରୀ ଜମି ଅବରୋଧ କରି ବ୍ୟବସାୟିକ ପ୍ରତିଷ୍ଠାନ ଚଳାଉଥିବା ବ୍ୟବସାୟୀଙ୍କୁ ଜବରଦଖଲ ଉଚ୍ଛେଦ ଲାଗି ପ୍ରଶାସନ ପୂର୍ବରୁ ନୋଟିସ୍ କରିଥିଲା।



ନୋଟିସ ପରେ ବ୍ୟବସାୟୀମାନେ ଉଚ୍ଛେଦକୁ ସମର୍ଥନ ଜଣାଇ ଆଜି ନିଜ ନିଜ ଦୋକାନ ସବୁ ଖୋଲିଥିଲେ। ଏହାପରେ ପ୍ରଶାସନ ଜେସିବି ଯୋଗେ ସମସ୍ତ ଦୋକାନଘର ଭାଙ୍ଗିଛି। ଉଚ୍ଛେଦ ସମୟରେ ତହସିଲଦାର ବିଭାସ ପାଣିଗ୍ରାହୀ, ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବ, ଅତିରିକ୍ତ ତହସିଲଦାର ଡି. ଗୋପାଳ ରେଡି ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ଅପରାଧ ଓ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ସଚେତନତା ଶିବିର




**ଖୋର୍ଦ୍ଧା,୧୯।୧୨(ସମିସ):** ଜିଲ୍ଲାରେ ଶିଶୁଙ୍କ କ୍ଷେତ୍ରରେ ଯୌନ ଶୋଷଣ, ବାଲ୍ୟ ବିବାହ ତଥା ସାଇବର ଅପରାଧ ଦିନକୁ ଦିନ ବଢୁଥିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆଜି ବାଲିପାଟଣା ଶିଶୁ ଅନନ୍ତ ମହାବିଦ୍ୟାଳୟରେ ସାଇବର ଅପରାଧ ଓ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ମଧୁମତି ରଥ ଉଦଘାଟନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ଶିବିରର ଆଭିମୁଖ୍ୟ ଉପରେ ଆଲୋଚନା କରିବା ସହିତ ୧୪ରୁ ୧୮ ବର୍ଷର ପିଲାମାନେ କିପରି ଯୌନ ଶୋଷଣର ଶିକାର ହେଉଛନ୍ତି ଓ ଏହାକୁ ରୋକିବାକୁ ପକ୍‌ସୋ ଆଇନ ଥିଲେ ମଧ୍ୟ ପିଲାଙ୍କ ମଧ୍ୟରେ ସଚେତନତା ଅଭାବରୁ ବହୁତ ପିଲା ଏହାର ଶିକାର ହେଉଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ଲାନ୍ ଇଣ୍ଡିଆର ଜିଲ୍ଲା ସଂଯୋଜିକା ଅମିତା ସିଂ ସାଇବର ଅପରାଧ କବଳରୁ ପିଲାମାନେ କିପରି ନିବୃତ୍ତ ହେବେ, ତା'ଉପରେ ସଚେତନ କରାଇଥିଲେ। ଏହି ଶିବିରରେ +୨ର ଦୁଇଶହରୁ ଊର୍ଦ୍ଧ୍ୱ ପିଲାମାନେ ଅଂଶଗ୍ରହଣ କରିଥିବାବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରୋବେସନ ଅଧିକାରୀ ସୌମେନ୍ଦ୍ର ନାୟକ ଓ ୟୁନିଟ୍‌ର ସାମାଜିକ କର୍ମୀ ତଥା ଏସଜେପିୟୁର ସଭ୍ୟ ରଞ୍ଜନ ଗୋଚ୍ଛାୟତ ଶିବିର ପରିଚାଳନା କରିଥିଲେ।

## ବାଲୁଗାଁ ମୁଖ୍ୟ ଡାକଘରର ନାହିଁ ନିଜସ୍ୱ ଗୃହ

# ଦ୍ୱିତୀୟ ମହଲାରେ ଚାଲିଛି ଡାକ ସେବା; ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ

**ବାଲୁଗାଁ,୧୯।୧୨(ସମିସ):**

ଡାକ ବିଭାଗ କେନ୍ଦ୍ର ସରକାରଙ୍କ ସର୍ବପୁରାତନ ତଥା ବୃହତ ଓ ନଗଦ କାରବାର ସଂସ୍ଥା ହୋଇଥିବାବେଳେ ବର୍ତ୍ତମାନ ସରକାରୀ ଚିଠି, ପାର୍ସଲ ଆଦି ଡାକ ମାଧ୍ୟମରେ ଚାଲୁଛି। ଏଥିସହ କେନ୍ଦ୍ର ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ଡାକଘର ଜରିଆରେ ପେନସନ ପାଉଛନ୍ତି। ଡାକ ବୀମା, ସୁକନ୍ୟା ଯୋଜନା, ଜାତୀୟ ଡାକ ଘର ସଞ୍ଚୟ ଯୋଜନା ଭଳି ଅନେକ ଯୋଜନାକୁ କେନ୍ଦ୍ର ସରକାର ଡାକ ମାଧ୍ୟମରେ ହାତକୁ ନେଇଛନ୍ତି। ବାଲୁଗାଁ ମୁଖ୍ୟ ଡାକଘର ଆଜକୁ ପ୍ରାୟ ୬୭ ବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ ଏଯାବତ୍ ନିଜସ୍ୱ ଗୃହ ହୋଇପାରିନାହିଁ। ସରକାରୀ ଅବହେଳା ଯୋଗୁଁ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ମୁଖ୍ୟ ଡାକଘରର ନିଜସ୍ୱ ଗୃହ ନ ଥିବାବେଳେ ଭଡା ସୂତ୍ରରେ ନେଇ ଗୋଟିଏ ଘରର ଦ୍ୱିତୀୟ ମହଲାରେ ଦୀର୍ଘ ବର୍ଷ ହେଲା ଡାକ ସେବା




ଚାଲିଛି। ତତ୍‌ସହିତ ବାଲୁଗାଁ ବଜାରରେ ଚାଲିଥିବା ଡାକ ଘରର ଅନ୍ୟଏକ ଶାଖା ତାହା ମଧ୍ୟ ଉପର ମହଲାରେ ଭଡା ଘରରେ ଚାଲିଛି। ଉପର ମହଲାରେ ଡାକ ସେବା ଚାଲିଥିବାରୁ ବରିଷ୍ଠ ନାଗରିକଙ୍କ ସମେତ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପୋଷ୍ଟମାଷ୍ଟର ଓ ଡାକ ବିଭାଗ ଭୁବନେଶ୍ୱର ଖଣ୍ଡ ବରିଷ୍ଠ ଅଧୀକ୍ଷକଙ୍କ ଅଦୂରଦର୍ଶିତା ଯୋଗୁଁ ଏକ ଭଡ଼ା ଘରର ଉପର ମହଲାରେ ଡାକ ସେବା ଚାଲିଛି। ଫଳରେ ପେନସନ ପାଇଁ ଆସୁଥିବା ବୃଦ୍ଧବୃଦ୍ଧା ତଥା ବରିଷ୍ଠି ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।


ଓଡ଼ିଶା ମାନଚିତ୍ରରେ ବାଲୁଗାଁ ଏକ ପର୍ଯ୍ୟଟନ ଓ ବାଣିଜ୍ୟ କେନ୍ଦ୍ର ଭାବେ ରାଜ୍ୟରେ ପ୍ରସିଦ୍ଧ ଲାଭ କରିଛି। ଭାରତୀୟ ନୌସେନା କେନ୍ଦ୍ର ଚିଲିକା ଆଦି ପ୍ରାୟ ୭ଟି ଉପଡାକଘରର ଏହି ବାଲୁଗାଁ ମୁଖ୍ୟ ଡାକଘର କେନ୍ଦ୍ରବିନ୍ଦୁ ଅଟେ। ପ୍ରାୟ୨ ହଜାର ମସିହା ପର୍ଯ୍ୟନ୍ତ ବାଲୁଗାଁ ହାଇସ୍କୁଲ ରୋଡ୍‌ରେ ଅନ୍ୟଏକ ସ୍ଥଳରେ ମୁଖ୍ୟ ଡାକଘର ଚାଲିଥିଲା। ପରେ ଏହାକୁ ଅନ୍ୟତ୍ର ଗୋପିନାଥପୁର ଛକକୁ ପ୍ରାୟ ୨୦ ବର୍ଷ ପୂର୍ବରୁ ସ୍ଥାନାନ୍ତର କରାଯାଇ ଦୁଇ ମହଲା ବିଶିଷ୍ଟ ଘରର ଉପର ମହଲା ଘରକୁ ଭଡା ସୂତ୍ରରେ ନେଇ ଏଯାବତ୍ ଡାକ ସେବା ଚାଲିଛି। ସେହିପରି ବାଲୁଗାଁ ବଜାରରେ ଚାଲିଥିବା ଡାକଘର ଅନ୍ୟଏକ ଶାଖା ଯାହା ମଧ୍ୟ ଏକ କୋଠାର ଉପର ମହଲାରେ ଭଡା ଘରେ ଚାଲିଛି। ବରିଷ୍ଠ ନାଗରିକ ତଥା ପେନସନ ଉପଭୋକ୍ତା ଓ ଭିନ୍ନକ୍ଷମ ଲୋକ ଉପର ମହଲା ଡାକ ଘରକୁ ଲମ୍ବା ଅଣଓସାରିଆ ସିଡ଼ିରେ ଚଢ଼ିଯିବା ନିମନ୍ତେ ବହୁତ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ସେଥିପାଇଁ ଡାକ ସେବା ପାଇବା ପାଇଁ ଉପର ମହଲାକୁ ଯିବା ପାଇଁ ଅନ୍ୟ କାହାର ସାହାରା ନେବାକୁ ପଡୁଛି। ୬୭ ବର୍ଷ ତଳେ ଏହି ଡାକଘର ସ୍ଥାପନ ହୋଇଥିବାବେଳେ ବର୍ତ୍ତମାନ ୨୦ ବର୍ଷ ହେଲା ବାଲୁଗାଁ ଅଞ୍ଚଳର ମୁଖ୍ୟ ଡାକଘର ଓ ଉପଡାକଘର ଦୁଇଟି ଉପର ମହଲାରେ ଭଡା ଘରରେ ଚାଲିଛି। ଏଥିପ୍ରତି ଡାକ ବିଭାଗର ବରିଷ୍ଠ ଅଧିକାରୀ ଦୃଷ୍ଟି ଦେଇ ସରକାରୀ ଜମିରେ ଯଥାଶୀଘ୍ର ନିଜସ୍ୱ ଗୃହ ନିର୍ମାଣ କରିବା ସହ ଗୃହ ନିର୍ମାଣ ହେବା ପର୍ଯ୍ୟନ୍ତ ଏକ ତଳ ମହଲା ଘରରେ ଡାକ ସେବା ଯୋଗାଇ ଦେବା ନିମନ୍ତେ ବୁଦ୍ଧିଜୀବୀ ଓ ଜନସାଧାରଣ ମହଲରେ ଦୃଢ ଦାବି ହେଉଛି।


ପୁରୁଣା ଡାକ୍ତରଖାନା କାର୍ଯ୍ୟକ୍ଷମ ପ୍ରସଙ୍ଗ

# ୨ ଡାକ୍ତରଙ୍କ ସହ ଅନ୍ୟ କର୍ମଚାରୀ ନିଯୁକ୍ତିକୁ ପ୍ରଶାସନର ଅନୁମୋଦନ

**ଦେବଗଡ଼, ୧୯।୧୨(ସମିସ)**

ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ଦାବିକୁ ନେଇ ଜନ ଆନ୍ଦୋଳନ ପରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ମୁଣ୍ଡ ନୂଆଁଇବାକୁ ବାଧ୍ୟ ହୋଇଛନ୍ତି। ଗତକାଲି ରାତ୍ରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଜରିଆରେ ଜିଲ୍ଲାପ୍ରଶାସନ ଓ ରାଜ୍ୟସରକାରଙ୍କ ପକ୍ଷରୁ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ପୁରୁଣା ଡାକ୍ତରଖାନାକୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରିବା ପାଇଁ ଦୁଇଜଣ ଡାକ୍ତର ଓ ଆଉଟ୍ ସୋର୍ସିଂ ମାଧ୍ୟମରେ ଆବଶ୍ୟକୀୟ ମୁତାବକ ପାରାମେଡିକ୍ସ, ସିକ୍ୟୁରିଟି ଓ ଆଟେଡାଣ୍ଟ ଯୋଗାଇଦେବା ପାଇଁ ଅନୁମୋଦନ କରିଥିବା ନେଇ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଧନଞ୍ଜୟ ମହନ୍ତ ପ୍ରେସ ବାର୍ତ୍ତା ଜାରି କରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦୀର୍ଘ ମାସ ଧରି ବିଭିନ୍ନ ଢଙ୍ଗରେ ଆନ୍ଦୋଳନ କରାଯାଇଥିଲା। ଏହି ପ୍ରସଙ୍ଗକୁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବିଧାନସଭାରେ ଏକାଧିକ ବାର ଉଠାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ବିଭ୍ରାନ୍ତିକର ତଥ୍ୟ ଦେଇ ପ୍ରସଙ୍ଗକୁ ଏଡାଇ ଚାଲିଥିଲେ। ପ୍ରତିବାଦରେ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନର ସହଯୋଗରେ ଯୁବ ଓ ମହିଳା ଏକତା ମଞ୍ଚ ସାହିସାହିରେ ଜନସଚେତନତା ସୃଷ୍ଟି କରିବା ସହ ଗତ ବୁଧବାର ଦ୍ୱିତୀୟ ଥର ପାଇଁ ଦେବଗଡ଼ ବନ୍ଦ ଡାକରା ଦେଇଥିଲା। ଏହି ବନ୍ଦ ପାଳନର ପୂର୍ବ ସନ୍ଧ୍ୟାରେ ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ଏକ ଜରୁରୀ ସାମ୍ବାଦିକ ସମ୍ମିଳନୀ କରି ଦେବଗଡ଼ ବନ୍ଦକୁ ବିରୋଧ କରିବା ସହ ଦାବିପ୍ରତି ସମର୍ଥନ ଥିବା ନେଇ ଜିଲ୍ଲା ସଭାପତି ଅରୁଣ କୁମାର ସାହୁ ଦ୍ୱି ଅର୍ଥକ ବୋଧକ ବିବୃତି ଦେଇଥିଲେ। ଯାହାକି ଦେବଗଡ଼ ବନ୍ଦ ଡାକରାକୁ ଅଧିକ ଜନ ସମର୍ଥନ ଯୋଗାଇଥିଲା। ଏଥିସହ ଉକ୍ତ ଦିନ ଆନ୍ଦୋଳନକାରୀ ଓ ଜିଲ୍ଲାପ୍ରଶାସନ ମଧ୍ୟରେ ସମସ୍ୟା ସମାଧାନ ପାଇଁ ବୈଠକରେ ଆଲୋଚନା ବିଫଳ ହେବା ପରେ ସନ୍ଧ୍ୟାରେ ଆନ୍ଦୋଳନକାରୀମାନେ ପୁଣିଥରେ ମୁଖ୍ୟ ବଜାରଠାରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏଭଳି ଜନ ଆକ୍ରୋଶ ଦେଖି ଗତକାଲି ରାତ୍ରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଜରିଆରେ ଜିଲ୍ଲାପ୍ରଶାସନ ଓ ରାଜ୍ୟସରକାରଙ୍କ ପକ୍ଷରୁ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ପୁରୁଣା ଡାକ୍ତରଖାନାକୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରିବା ପାଇଁ ଦୁଇଜଣ ଡାକ୍ତର ଓ ଆଉଟ ସୋର୍ସିଂ ମାଧ୍ୟମରେ ଆବଶ୍ୟକୀୟ ମୁତାବକ ପାରାମେଡିକ୍ସ, ସିକ୍ୟୁରିଟି ଓ ଆଟେଡାଣ୍ଟ ଯୋଗାଇଦେବା ପାଇଁ ଅନୁମୋଦନ କରିଥିବା ନେଇ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଧନଞ୍ଜୟ ମହନ୍ତ ପ୍ରେସ ବାର୍ତ୍ତା ଜାରି କରିଥିଲେ। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରେସ ବାର୍ତ୍ତା ଜାରି ପୂର୍ବରୁ ବିଜେପି ଜିଲ୍ଲା ସଭାପତି ଅରୁଣ କୁମାର ସାହୁ ନିଜ ପଦବୀର ଷ୍ପଷ୍ଟ ବ୍ୟବହାର କରି ସାଂସଦ ଶ୍ରୀ ପ୍ରଧାନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ତିନିଜଣ ଡାକ୍ତର ଓ ଆଉଟସୋର୍ସିଂ ମାଧ୍ୟମରେ ଅବଶିଷ୍ଟ ପଦବୀ ପୂରଣ ପାଇଁ ମଞ୍ଜୁରୀ କରାଯାଇଥିବା ନେଇ ଅନ୍ୟ ଏକ ପ୍ରେସ ବାର୍ତ୍ତା ନିର୍ଦ୍ଦିଷ୍ଟ କେତେକ ଗଣମାଧ୍ୟମରେ ଦେଇ ରାଜନୈତିକ ମାଇଲେଜ ନେବାକୁ ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଆଜି ଯୁବ ଏକତା ମଞ୍ଚ ସମେତ ବିଭିନ୍ନ ମହଲରେ ତୀବ୍ର ସମାଲୋଚନା କରାଯାଉଛି। ତେବେ ପ୍ରଶାସନ ପକ୍ଷରୁ ୨ ଜଣ ଡାକ୍ତର ନିଯୁକ୍ତି ନେଇ ପ୍ରେସ ବାର୍ତ୍ତାରେ ଦର୍ଶାଯାଇଥିବା ବେଳେ ବିଜେପି ସଭାପତିଙ୍କ ପ୍ରେସ ବାର୍ତ୍ତାରେ ୩ ଜଣ ଡାକ୍ତର ନିଯୁକ୍ତି ନେଇ ଦର୍ଶାଯାଇଥିବାରୁ ଏହା ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଆଲୋଚନା ହେଉଛି।





ଦେବଗଡ଼ ପୁରୁଣା ଡାକ୍ତରଖାନାରେ 24 ଘଣ୍ଟିଆ ସ୍ୱାସ୍ଥ୍ୟ ସେବା

ଦେବଗଡ ତା 18.12.25 ଜିଲ୍ଲାପ୍ରଶାସନ ଓ ରାଜ୍ୟସରକାରଙ୍କ ପକ୍ଷରୁ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ପୁରୁଣା ଡାକ୍ତରଖାନାକୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରିବା ପାଇଁ ଦୁଇଜଣ ଡକ୍ଟର ଓ ଆଉଟ୍ ସୋର୍ସିଂ ମାଧ୍ୟମରେ ଆବଶ୍ୟକୀୟ ମୁତାବକ ପାରାମେଡିକ୍ସ, ସିକ୍ୟୁରିଟି ଓ ଆଟେଡାଣ୍ଟ ଯୋଗାଇଦେବା ପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ଅନୁମୋଦନ କରିଛନ୍ତି। ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଧନଞ୍ଜୟ ମହନ୍ତ ସୂଚନା ପ୍ରଦାନ କରିଛନ୍ତି।

22:22

**ଜନ ଆନ୍ଦୋଳନ ଆଗରେ ମୁଣ୍ଡ ନୂଆଁଇଲା ପ୍ରଶାସନ**

**ପ୍ରଶାସନ ପୂର୍ବରୁ ବିଜେପି ଜିଲ୍ଲା ସଭାପତିଙ୍କ ପ୍ରେସ ବାର୍ତ୍ତାକୁ ନେଇ ଅସନ୍ତୋଷ**

# ବ୍ରଜରାଜନଗର ରେଞ୍ଜ ଅଞ୍ଚଳରେ ହାତୀ ଆତଙ୍କ

**ଝାରସୁଗୁଡ଼ା, ୧୯।୧୨(ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଚାନ୍ଦିନୀମାଲ ଅଞ୍ଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଗତ ଦୁଇ ତିନିଦିନ ଧରି ବ୍ରଜରାଜନଗର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ନିକ୍ତିମାଲ, ବଘିଆବେର୍ଣ୍ଣା, କଦଲିମୁଣ୍ଡା, କୋଇଲଗା ବରପାଲି, ଚାନ୍ଦନୀମାଲ ଅଞ୍ଚଳରେ ଏକ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ଚାଷୀଙ୍କ ଚାଷ ଜମିରେ ହାତୀ ପାଦଚିହ୍ନ ରହିଥିବା ବେଳେ ଅନେକ ଫସଲ ମଧ୍ୟ ହାତୀ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବ୍ରଜରାଜନଗର ଫରେଷ୍ଟ ରେଞ୍ଜର ବିଭିନ୍ନ ସ୍ଥାନରେ ହାତୀ ବୁଲୁଥିବା ନେଇ ବନ ବିଭାଗକୁ ଖବର ଦେଇଥିଲେ ସୁଦ୍ଧା ବନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ କୌଣସି ସଠିକ ସୂଚନା ଦିଆଯାଉଥିବା ଅଭିଯୋଗ ହୋଇଛି। ଚାନ୍ଦିନୀମାଲ ଗ୍ରାମର କେନ୍ଦୁପଡ଼ାବାସୀ ହାତୀ ପାଇଁ ଭୟଭୀତ ଅବସ୍ଥାରେ ରହିଛନ୍ତି। ହାତୀଟି ସୁନ୍ଦରଗଡ଼ ଉଜଳପୁର ରେଞ୍ଜ ନୁଆଡ଼ିହି ଦେଇ ବ୍ରଜରାଜନଗର ରେଞ୍ଜ ନିକିତିମାଲ ଅଞ୍ଚଳରେ ପ୍ରବେଶ କରି ବରପାଲି ଗ୍ରାମ୍ୟ ଜଙ୍ଗଲ ଦେଇ ଚାନ୍ଦିନୀମାଲକୁ ଯାଇଥିବା ଜଣାପଡ଼ିଛି। ଅନ୍ୟପଟରେ ହାତୀ ଗ୍ରାମକୁ ଆସି ଘର ଭିତରେ ଥିବା ଧାନ, ମାଣ୍ଡିଆ ସହ ଅନ୍ୟ କୃଷିଜାତ ଦ୍ରବ୍ୟକୁ ଖାଇ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। କେନ୍ଦୁପଡ଼ାରେ ଥିବା ସୁବଳ ଜାଲ, ରଘୁ ରୋହିଦାସଙ୍କ ସମେତ ଅନେକଙ୍କ ଘରକୁ ହାତୀ ଭାଙ୍ଗିଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏହାକୁ ନେଇ ବ୍ରଜରାଜନଗର ଫରେଷ୍ଟ ରେଞ୍ଜ ଅଧିକାରୀଙ୍କୁ ପଚାରିବାରୁ ହାତୀ ସମ୍ପର୍କରେ ବନ ବିଭାଗ ପକ୍ଷରୁ କୌଣସି ସ୍ୱଷ୍ଟ ସୂଚନା ଦିଆଯାଇନଥିଲା। ଗୋଟିଏ ପଟେ ଅଞ୍ଚଳରେ ବଣୁଆ ଦନ୍ତା ହାତୀ ଉପଦ୍ରବ ପାଇଁ ଲୋକେ ଭୟଭୀତ ଅବସ୍ଥାରେ ଥିବା ବେଳେ ଜନସାଧାରଣ କିମ୍ବା ଗଣମାଧ୍ୟମକୁ ବନ ବିଭାଗ ସଠିକ ସୂଚନା ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ହାତୀକୁ ଘଉଡାଇବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ଜିଲ୍ଲାସ୍ତରୀୟ ଖରିଫ ଧାନ ମଣ୍ଡି ଉଦ୍‌ଘାଟିତ



**ଦେବଗଡ଼, ୧୯।୧୨ (ସମିସ):** ଜିଲ୍ଲାସ୍ତରୀୟ ଖରିଫ ଧାନ ମଣ୍ଡି ଆଜି ରିଆମାଳ ବ୍ଲକ ବୁଢାପାଳ ପଞ୍ଚାୟତଠାରେ ଉଦ୍‌ଘାଟିତ ହୋଇଯାଇଛି। ମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ପରକ୍ଷିତ ସାହୁ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବୁଢାପାଳ ସରପଞ୍ଚ ଦିଲୀପ କୁମାର ଆଚାର୍ଯ୍ୟ, ବୁଢ଼ାପାଳ ସମବାୟ ସମିତି ଉପାଧ୍ୟକ୍ଷା ରିତା ରାଣୀ ମିଶ୍ର, ଜିଲ୍ଲା କୃଷକ ସଙ୍ଘ ସଭାପତି ପ୍ରମୋଦ କୁମାର ଝାଙ୍କର, ଉପନିବନ୍ଧକ ଭୀମସେନ ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ଚାଷୀମାଙ୍କ ଧାନ କ୍ରୟ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ସାହୁ ଓ ଅତିଥିବୃନ୍ଦ ଧାନ ମଣ୍ଡିକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ୫୧ ଟି ମଣ୍ଡି ଖୋଲାଯାଇଛି। ଜିଲ୍ଲାରେ ୨୧ ହଜାର ୪୧୪ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ବେଳେ ବୁଢ଼ାପାଳ ସମବାୟ ସମିତିରେ ୯୧୩ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ଏଥିମଧ୍ୟରୁ ଆଜି ପ୍ରଥମ ଦିନରେ ଜଣେ ମାତ୍ର ଚାଷୀ ଡନ ପ୍ରଧାନ ୪୮ ବସ୍ତାରେ ଥିବା ୨୧ କ୍ୱିଣ୍ଟାଲ ୯୭ କେଜି ଧାନ ବିକ୍ରି କରିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲାର ୪୨ ଟି ସମବାୟ ସମିତିର ସଭାପତି, ସମ୍ପାଦକ ଓ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ବିଦ୍ୟାଳୟରେ ବାର୍ଷିକୋତ୍ସବ

**ଝାରସୁଗୁଡା, ୧୯।୧୨(ସମିସ):** ଲଖନପୁର ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହେମସାଗର ଚୌଧୁରୀ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ସଙ୍ଗୀତା ସାହୁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ଲଖନପୁର ପଞ୍ଚାୟତର ସରପଞ୍ଚ ଆରତୀ ପଧାନ, ସମାଜସେବୀ ବେଣୁଧର ଭୋଇ, ପଞ୍ଚସଖା ଶିକ୍ଷାସେତୁର ସଭାପତି ଚେମାକାନ୍ତ ପଧାନ, ସ୍ଥାନୀୟ ସିଆରସିସି ଘନଶ୍ୟାମ ଗଡ଼ତିଆ, ବିଦ୍ୟାଳୟର ଏସଏମସି ସଭାପତି ବଳଭଦ୍ର ଭୋଇ ଉପସ୍ଥିତ ଥିଲେ। ଗଦାଧର ପଧାନ ଓ ଅଧ୍ୟାପିକା ମନ୍ଦାକିନୀ ମେହେର ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀ ତପସ୍ୱିନୀ ମେହେର ଓ ପ୍ରିୟଙ୍କା ବାଗ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ସୁରଥ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ।

**ଦେବଗଡ଼:** ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ସଭାପତି ପରମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତି ସମ୍ପାଦକ ଡ଼ଃ. ସରୋଜ କୁମାର ହାତୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ସମ୍ପାଦକ ହୃଦାନନ୍ଦ ଖୁଣ୍ଟିଆ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଗୁରୁଜୀ ବାଞ୍ଛାନିଧି ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଶ୍ଚିମ ସମ୍ଭାଗ ସମ୍ପାଦକ ତ୍ରିବିକ୍ରମ ଶତପଥୀ, କାର୍ଯ୍ୟାଳୟ ପ୍ରମୁଖ ବିଦ୍ୟାଶଙ୍କର ଠାକୁର, ସହ ସଂଯୋଜକ ଗୁପ୍ତେଶ୍ୱର ଥନାପତି, ଜିଲ୍ଲା ପ୍ରମୁଖ ବିଜୟ କୁମାର ପ୍ରଧାନ, ସଙ୍କୁଳ ପ୍ରମୁଖ ସଦାନନ୍ଦ ସାହୁ, ପରିଚାଳନା ସମିତିର ପୂର୍ବତନ ସଭାପତି ସୁକାନ୍ତ କୁମାର ସାହୁ, ବିଦ୍ୱତ୍ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଗୁରୁମା ମିଲିରାଣୀ ଧର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୨୦୨୪-୨୫ ଶିକ୍ଷା ବର୍ଷରେ ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାଳୟର ଛାତ୍ର ଧନେଶ୍ୱର ବିଶିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଗତ ବର୍ଷ ବିଭିନ୍ନ ପରୀକ୍ଷା ଓ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ଉତ୍ସବରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୩୦ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଉପସଭାପତି ମନୋରଞ୍ଜନ ସାହୁ, ସହ ସମ୍ପାଦକ ପ୍ରଦୀପ ଭୋଇ, ସଦସ୍ୟା ସ୍ନିଗ୍ଧା ରାଣୀ ନନ୍ଦ ଓ ପଲ୍ଲିଶ୍ରୀ ନାଏକ, ମାତୃ ଭାରତୀ ସଦସ୍ୟା ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

# କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ

**ଦେବଗଡ, ୧୯।୧୨(ସମିସ):** ନ୍ୟାସନାଲ୍ ହେରାଲ୍ଡ ମାମଲାରେ କଂଗ୍ରେସର ନୈତିକ ବିଜୟ ପରେ ଆଜି ଦେବଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସନ୍ଧ୍ୟାରେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମୀ ସ୍ଥାନୀୟ ବିର୍ସା ମୁଣ୍ଡା ଛକଠାରେ ଏକତ୍ରିତ ହୋଇ ବିଜେପି ଦଳ ପକ୍ଷରୁ ବିନା କାରଣରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ସହ କଂଗ୍ରେସ ଦଳକୁ ବଦନାମ୍ କରିବା ପାଇଁ ବିଜେପି ପକ୍ଷରୁ ଚକ୍ରାନ୍ତ କରାଯାଇଥିବା ଅଭିଯୋଗ କରିଥିଲେ। ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କଂଗ୍ରେସ ଆଦିବାସୀ ସେଲ ସଭାପତି ସୁଶୀଲ କୁମାର ଗୁଡିଆ, କଂଗ୍ରେସ ଏସ୍‌ସି ସେଲ୍‌ଫ ସଭାପତି ରମେଶ ଚନ୍ଦ୍ର ପାତ୍ର, ରାଜ୍ୟ କିଷାନ କଂଗ୍ରେସ ସଂଯୋଜକ ଦେବେନ୍ଦ୍ର ଗଡ଼ନାୟକ, ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁମାର କୁଲା, ସୁଶୀଲ ମାଝୀ, ସନ୍ତୋଷ ଉଦାବର, ଦୁଃଖବନ୍ଧୁ ମୁଣ୍ଡା, ବିଲେନ ଟିଡୁ, ରାଜେଶ କୁମାର ବାର୍ଲା ଓ ବାରକୋଟ ବ୍ଲକ କଂଗ୍ରେସ କମିଟି ପୂର୍ବ ସଭାପତି ଯଶୋବନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିପିଏମ୍ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ମଶାଲ ଶୋଭାଯାତ୍ରା



**ଝାରସୁଗୁଡା, ୧୯।୧୨(ସମିସ):** ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଭଆଁରଖୋଲ ସ୍ଥିତ ଭଗବାନ ପ୍ରଧାନ ମେମୋରିଏଲ (ବିପିଏମ) ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଆଜି ପୂର୍ବାହ୍ନ ୧୦ଟାରେ ସାଗରପାଲି ଗ୍ରାମର ଶିବ ମନ୍ଦିରରୁ ପୂଜାର୍ଚ୍ଚନା ପରେ ପୂର୍ବତନ ଶିକ୍ଷକ ଭାବଗ୍ରାହୀ ସାହୁ ମଶାଲରେ ଅଗ୍ନି ସଂଯୋଗ କରିଥିଲେ। ପରେ ସାଗରପାଲି ସୁରେନ୍ଦ୍ର କୁମାର ପ୍ରଧାନ ମଶାଲ ଧରି ଗ୍ରାମ ଭିତରକୁ ପ୍ରବେଶ କରିଥିଲେ। ଏହି ଅବସରରେ ଶତାଧିକ ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ, ଅଞ୍ଚଳବାସୀ, ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ମଶାଲ ଶୋଭାଯାତ୍ରାଟି ସାଗରପାଲି, ଠେବରା, ଭଆଁରଖୋଲ, ଡୁଡୁଗା ଗ୍ରାମ ପରିକ୍ରମା କରି ଶାନ୍ତି, ସଦ୍‌ଭାବନା, ଏକତା ଏବଂ ପୁରୁଣା ସ୍ମୃତି ସାଉଁଟିବା, ଦେଶର ଶିକ୍ଷା ସଂସ୍କୃତିର ବାର୍ତ୍ତା ଦେଇ ଶେଷରେ ବିପିଏମ୍ ହାଇସ୍କୁଲ ପଡ଼ିଆ ଷ୍ଟେଜ ସମ୍ମୁଖରେ ମଶାଲ ସ୍ଥାପନ କରାଯାଇଥିଲା। ଗ୍ରାମବାସୀମାନେ ଝୋଟି କାଟି, ଦୀପ କଳସ ରଖି ମଶାଲ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଯେଉଁ ଗ୍ରାମକୁ ସୁବର୍ଣ୍ଣ ଜୟନ୍ତୀ ମଶାଲ ପହଞ୍ଚିଥିଲା ସେହି ଗ୍ରାମର ମୁଖିଆ ଏବଂ ଭଦ୍ର ବ୍ୟକ୍ତିମାନେ ମଶାଲ ଧାରଣ କରି ଗ୍ରାମ ପରିକ୍ରମା କରିଥିଲେ। ଆଜି ଏହି ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତାକାଲି ଗୁରୁପୂଜନ ଏବଂ ୨୧ ତାରିଖ ସ୍ୱର୍ଗତ ଭଗବାନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ମରଣିକା ଉନ୍ମୋଚନ, ସଭାକାର୍ଯ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ୨୧ରେ 'ଲାଲ୍ ପାଏନ୍'ର ୨୦୦ ତମ ସୋ

**ଝାରସୁଗୁଡା, ୧୯।୧୨(ସମିସ):** ହୀରାକୁଦ ବିସ୍ଥାପିତଙ୍କ କରୁଣ କାହାଣୀକୁ ନେଇ ବେଲପାହାଡ଼ ମିରର୍ ଥିଏଟରର ସୁପ୍ରସିଦ୍ଧ ନାଟକ 'ଲାଲ୍ ପାଏନ୍' ର ୨୦୦ ତମ ସୋ ଚଳିତ ଡିସେମ୍ବର ମାସ ୨୧ ତାରିଖ ସନ୍ଧ୍ୟାରେ ବେଲପାହାଡ଼ ସ୍ଥିତ ନିଜସ୍ୱ ମଞ୍ଚରେ ମଞ୍ଚସ୍ଥ ହେବ। ଏନେଇ ଶୁକ୍ରବାର ଝାରସୁଗୁଡ଼ା ସ୍ଥିତ ଏକ ଘରୋଇ ହୋଟେଲଠାରେ ମିରର ଥିଏଟର ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ମିରର୍ ଥିଏଟରର ନିର୍ଦ୍ଦେଶକ ତଥା ଲେଖକ ଡ. ସୁବାସ ଚନ୍ଦ୍ର ପ୍ରଧାନଙ୍କ ସମେତ ଡ଼ା. ଶ୍ୟାମ ସୁନ୍ଦର ପାଣ୍ଡେ, ଗୌରୀ ଶଙ୍କର କୁମ୍ଭାର, ସନ୍ତୋଷ ସାହୁ, ସରୋଜ କୁମାର ମିର୍ଦ୍ଧା, ସୌଭାଗ୍ୟ ରଞ୍ଜନ ସାହୁ, ବିନୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ହୀରାକୁଦ ନଦୀବନ୍ଧ ଯୋଜନାରେ ହଜାର ହଜାର ବିସ୍ଥାପିତଙ୍କ କରୁଣ କାହାଣୀର ସତ୍ୟ ଘଟଣା ଉପରେ ଅଧାରିତ ନାଟକ 'ଲାଲ୍ ପାଏନ୍'କୁ ମିରର୍ ଥିଏଟରର ନିର୍ଦ୍ଦେଶକ ଡ. ସୁବାସ ଚନ୍ଦ୍ର ପ୍ରଧାନ ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି। ଏହି ନାଟକ ଗତ ୨୦୧୮ ମସିହାରେ ଏନ୍‌ଏସ୍‌ଡି ପକ୍ଷରୁ ଆୟୋଜିତ ୮ମ ଥିଏଟର ଅଲିମ୍ପିକରେ ମନୋନୀତ ହୋଇ ଆସାମର ଗୁଆହାଟିଠାରେ ପ୍ରଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଛି। ନାଟକର ୨୦୦ ତମ ସୋ ଅବସରରେ ଓଡ଼ିଶାର ୩ ଜଣ ବିଶିଷ୍ଟ କଳାକାରଙ୍କୁ ସମ୍ମାନିତ କରାଯିବ। ବିଶେଷ କରି ବିଶିଷ୍ଟ ନାଟ୍ୟକାର ସତ୍ୟ ରଞ୍ଜନ ବେହେରା, ଭାସ୍କର ମହାପାତ୍ର, ସୁପ୍ରସିଦ୍ଧ ସମ୍ବଲପୁରୀ ଗାୟକ ଶତ୍ରୁଘ୍ନ ଲୁହାରଙ୍କୁ ସମ୍ମାନିତ କରାଯିବ। ମିରର ଥିଏଟର ତଥା ନାଟକ 'ଲାଲ୍ ପାଏନ୍'ର ସଂଘର୍ଷ, ପ୍ରସ୍ତୁତି ଓ ସଫଳତାକୁ ନେଇ ଏକ ପ୍ରଦର୍ଶନୀ ମଧ୍ୟ ଏଥିରେ ଆୟୋଜିତ ହେବ। ନାଟକର ବିଭିନ୍ନ ଚରିତ୍ରରେ ସନ୍ତୋଷ ସାହୁ, ସୋନିଆ ବେହେରା, ବର୍ଷାରାଣୀ ଧଳ, ଗୋରୀଶଙ୍କର କୁମ୍ଭାର, ଆଶିଷ ମହାନ୍ତି, ସରୋଜ ମିର୍ଦ୍ଧା, ସୌଭାଗ୍ୟ ରଞ୍ଜନ ସାହୁ, ଜ୍ୟୋସ୍ନାରାଣୀ କାଲୋ, ସୁଜିତ ହରିପାଲ, ଅର୍ଜୁନ ବଞ୍ଚୋର, ଶାହିଲ ସୁନା, ବିନୟ ପ୍ରଧାନ, ଆୟୁଷୀ ପଟ୍ଟନାୟକ, ଫକିର ମେହେର, ବିବେକ ମେହେର, ଭବେଶ ପ୍ରଧାନ, ଖୁସି ଜେନା, ପୂଜା ଧନ୍, ମନିକା ପ୍ରଧାନ, ବିକାଶ କିଶାନ, ଲିପ୍ସା ସାହୁ, ଯୋଗେଶ ସାହୁ, ତନୁଜା ମେହେର ପ୍ରମୁଖ ଅଭିନୟ କରିବେ। ଆଲୋକ ସମ୍ପାଦନାରେ ଜେନାମଣି ସେଠ, ମଞ୍ଚ ସଜ୍ଜାରେ ଡ଼ା. ଶ୍ୟାମ ସୁନ୍ଦର ପାଣ୍ଡେ, ସଙ୍ଗୀତରେ ଗୋରୀଶଙ୍କର କୁମ୍ଭାର, ପ୍ରଫୁଲ୍ଲ ବେହେରା ଓ କୁଞ୍ଜବିହାରୀ ସାଗର ସହଯୋଗ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।



# କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଝାରସୁଗୁଡ଼ା, ୧୯।୧୨ (ସମିସ):** ଝାରସୁଗୁଡ଼ା ସ୍ଥିତ ବ୍ଲୁବେଲ୍ ଇଂଲିଶ ମିଡିୟମ ସ୍କୁଲର ୨ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଉଦ୍‌ଘାଟନ ଉତ୍ସବରେ ୨ୟ ବ୍ୟାଟେଲିଆନ (ଓଏସ୍‌ଏପି)ର ଦୁର୍ଗପତି ଶ୍ରୀପ୍ରସାଦ ତମାଙ୍ଗ ମୁଖ୍ୟଅତିଥି ଭାବରେ ଯୋଗଦେଇ କ୍ରୀଡ଼ା ମଶାଲକୁ ସ୍ଥାପିତ କରିଥିଲେ। ଏହି ସ୍କୁଲର ୬୦ଟି ବିଭିନ୍ନ କ୍ରୀଡ଼ା ବିଭାଗରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନ ଉଦ୍‌ଘାଟନୀ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଚିତାକର୍ଷକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଆଜି ଉଦ୍‌ଯାପନୀ ଦିବସରେ ଓଡ଼ିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ବେହେରା, ହକି ଆସୋସିଏସନର କ୍ଲେମେନଟ୍ ରୋନାଲ୍ଡ ଅତିଥି ଭାବରେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବ୍ଲୁବେଲ୍ ଇଂଲିଶ ମିଡିୟମ ସ୍କୁଲର ଅଧ୍ୟକ୍ଷା ସଂଞ୍ଚାଳୀ ମୁର୍ଖାଜୀ ଓ ସ୍କୁଲର ମୁଖ୍ୟ ପରିଚାଳକ ବିନୋଦ ଜୟଦେବନ ଅତିଥିଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ବାଳିକା ବିଭାଗରେ ନିରୁତା ବରାଗେ, ବାଳକ ବିଭାଗରେ ସମୀର ରାୟ ଚାମ୍ପିଅନ ହୋଇ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ। ଖେଳ ଶିକ୍ଷୟିତ୍ରୀ ମଧୁସ୍ମିତା ଖାଲକୋ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଓଏସ୍‌ଏପିର ଯବାନମାନେ କ୍ରୀଡ଼ା ପରିଚାଳନା କରିଥିଲେ।




**ଦେବଗଡ଼:** ତିଲେଇବଣି ବ୍ଲକ ଗାଙ୍ଗନଣ କ୍ଲଷ୍ଟର ଅଧୀନସ୍ଥ ମେଣ୍ଟିପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପ୍ରଧାନ ଶିକ୍ଷକ ବୁଦ୍ଧଦେବ ସାହୁଙ୍କ ସଭାପତିତ୍ୱ ଓ ସିଆରସିସି କ୍ଷିତିଶ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବୈଷ୍ଣବ ଚରଣ ନାଏକ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ବିପିନ ଗଡ଼ନାୟକ, ଦୀକ୍ଷିତ ପାତ୍ର ଓ ସୌମ୍ୟରଞ୍ଜନ ବେହେରା ଯୋଗ ଦେଇଥିଲେ। ଉଭୟ ଛାତ୍ରଛାତ୍ରୀ ବିଭାଗରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଗୁଡ଼ିକୁ ଶିକ୍ଷକ ସୁରେଶ କୁମାର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ତ୍ରିଲୋଚନ କିସାନ, ବୀଣାପାଣି ସାହୁ, ଉପସଭାପତି ମୀନ କୁମାରୀ ନାଏକ ପରିଚାଳନା କରିଥିଲେ। ଚଳିତ ବର୍ଷ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପଞ୍ଚମ ଶ୍ରେଣୀର ଛାତ୍ରୀ ପ୍ରୀତି ବେହେରା ଓ ତୃତୀୟ ଶ୍ରେଣୀର ଛାତ୍ର ଆୟୁଷ ବେହେରାଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅତିଥିଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଆମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୧୯।୧୨ (ସମିସ):** ଝାରସୁଗୁଡ଼ାଠାରେ ଭାରତ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସିଆଲ ସର୍ଭିସ ତରଫରୁ ଆରବିଆଇ ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହଯୋଗରେ 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆରବିଆଇର ଏଲଡିଓ ସୁଶ୍ରୀ ଅନେଟ ଶ୍ରଦ୍ଧା ଟପ୍ପୋ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ପ୍ରବନ୍ଧକ ଅରୁଣ କୁମାର ହୋତା, ଏଲ୍‌ଆଇସି ଶାଖା ପରିଚାଳକ ଉଦୟ ବାଗ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆର ଏଲଡିଏମ ଶିରପାଣି ନାଏକ, ଆରସେଟି ନିର୍ଦ୍ଦେଶକ ରାଜକୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଓ ଆରବିଆଇ ନିୟମାବଳୀ ଅନୁସାରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପଡ଼ି ରହିଥିବା ବ୍ୟାଙ୍କ ଆକାଉଣ୍ଟକୁ ଚାଲୁ ରଖିବା ପାଇଁ ଅକ୍ଟୋବରରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ଝାରସୁଗୁଡ଼ା ଜିଲ୍ଲାରେ ୩୧ କୋଟି ୬୪ ଲକ୍ଷ ଟଙ୍କା ହିତାଧିକାରୀଙ୍କ ଖାତାକୁ ଆସିବ। ଏଣୁ ସମସ୍ତେ ନିଜ ନିଜର ପୁରୁଣା ଖାତାକୁ ପୁଣି ଥରେ ଖୋଲି କାର୍ଯ୍ୟକ୍ଷମ କରି ଜମା ରାଶି ପ୍ରାପ୍ତ କରିବା ପାଇଁ ବୈଠକରେ ସଚେତନ କରାଯାଇଥିଲା।

**କୃଷକ ସଂଗଠନର ବିକ୍ଷୋଭ**

# ଶୀଘ୍ର ଧାନ କିଣା ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ଚାଷୀ

**ଇବଥର୍ମାଲ, ୧୯।୧୨(ସମିସ)**

ଆଠଦଫା ଦାବି ନେଇ ଆଜି ଲଖନପୁର ବ୍ଲକ କୃଷକ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଲଖନପୁର ବ୍ଲକର ସମସ୍ତ ୩୩ଟି ପଞ୍ଚାୟତର ଚାଷୀମାନେ ସକାଳେ ଲଖନପୁର ବେହେରାଗୁଡ଼ା ସାପ୍ତାହିକ ବଜାର ଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରିଥିଲେ। ଆଞ୍ଚଳିକ ଭାଷାର ଧାରାରେ 'କାନ୍ ଖୁଲିକରି ଶୁନ୍ ସରକାର୍ ଧାନ୍ ବିକ୍ରି ଆମର୍ ଅଧିକାର୍' ନାରାରେ ତହସିଲ କାର୍ଯ୍ୟାଳୟ ରାସ୍ତା କମ୍ପିଥିଲା। ଏହାପରେ ତହସିଲ ଅଫିସ ସମ୍ମୁଖରେ ପୂର୍ବାହ୍ନ ୧୧ ଟା ୩୦ରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଚାଷୀମାନଙ୍କୁ ସ୍ୱାଭିମାନ ଓ ସମ୍ମାନର ସହ ଧାନ ବିକ୍ରି ବ୍ୟବସ୍ଥା, ଟୋକନ ବ୍ୟବସ୍ଥା ଉଚ୍ଛେଦ କରି ସମସ୍ତ ଉତ୍ପାଦିତ ଧାନକୁ ସରକାର ତୁରନ୍ତ ମାର୍କେଟ ୟାର୍ଡ଼ରେ କ୍ରୟ କରନ୍ତୁ, ମିଲ ମାଲିକଙ୍କ ଭୂମିକା କୁ ଗୌଣ କରାଯାଉ, କମ୍ ଟୋକନ ଆସିଥିବା ଚାଷୀଙ୍କ ସମସ୍ତ ଧାନ କିଣାଯାଉ, ସମସ୍ତ ମାର୍କେଟ ୟାର୍ଡ଼ରେ ତୁରନ୍ତ ଧାନ କ୍ରୟ ବିକ୍ରୟ କରାଯାଉ, ଟୋକନ ଅବଧି ବୃଦ୍ଧି, କ୍ୱିଣ୍ଟାଲ ପ୍ରତି ୬୯ ଟଙ୍କା ବର୍ଦ୍ଧିତ ଏମ୍‌ଏସ୍‌ପି ପ୍ରଦାନ କରାଯାଉ, ଚାଷୀଙ୍କ ଠାରୁ ସରକାର ନିଜେ ଧାନ କିଣି ପରେ ମିଲର୍‌ମାନଙ୍କୁ ମିଲିଂ ପାଇଁ ପ୍ରଦାନ କରନ୍ତୁ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏନେଇ ଲଖନପୁର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଝାରସୁଗୁଡା ଜିଲ୍ଲାରେ ଶୀଘ୍ର ସମସ୍ତ ଧାନ କିଣା ନଗଲେ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚାଷୀମାନେ ଚେତାବନୀ ଶୁଣାଇଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନ ସମୟରେ ସଂଗଠନ ଆବାହକ ବିରଞ୍ଚି ସାହୁ, ଗୋପୀନାଥ ମାଝୀ, ଭୋନାଥ ବଢେଇ, ଅଭିନୟ ମାଝୀ, ଡିଲେଶ୍ୱର ପ୍ରଧାନ, ହିମାଂଶୁ ପ୍ରଧାନ, ସୁବ୍ରତ ପ୍ରଧାନ, ଝାରସୁଗୁଡ଼ା ଜିଲ୍ଲା ସଭାପତି ଦିଲ୍ଲୀପ ବଢ଼େଇ, ମିତ୍ରଭାନୁ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌତମ ପ୍ରଧାନ, ଟେକେଶ୍ୱର ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ।






### ଅନ୍ନଦାତାର ଅନୁରୋଧ ରଖିଲେ ସମ୍ବଲପୁରବାସୀ

# ବନ୍ଦକୁ ସ୍ୱତଃ ସମର୍ଥନ

ଚାଷୀଙ୍କ ଆନ୍ଦୋଳନ ଇତିହାସରେ ପ୍ରଥମଥର ପାଇଁ ବନ୍ଦ ଡାକରା ଦିଆଯାଇଛି । ଏହି ଐତିହାସିକ ସମ୍ବଲପୁର ବନ୍ଦ ପୂର୍ଣ୍ଣମାତ୍ରାରେ ସଫଳ ହୋଇଛି । ଟୋକନ ଓ ମଣ୍ଡି ସମସ୍ୟାକୁ ନେଇ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ଆହ୍ୱାନରେ ଶୁକ୍ରବାର ୧୨ ଘଣ୍ଟିଆ ବନ୍ଦ ହୋଇଛି ସମ୍ବଲପୁର । ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ତଥା ଶିକ୍ଷାନୁଷ୍ଠାନ ଆଦି ବନ୍ଦ ରହିଛି । କୌଣସି ରାଜନୈତିକ ଦଳ ବା ଅନୁଷ୍ଠାନ ବନ୍ଦ ଡାକରା ଦେଲେ ତାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବା ବିରୋଧ ଦେଖାଦେଉଥିବାବେଳେ ଆଜିର ଆନ୍ଦୋଳନରେ ଅନ୍ନଦାତା ଚାଷୀର ସ୍ୱାର୍ଥ ପାଇଁ ଲୋକେ ନିଜେ ନିଜେ ବନ୍ଦ କରିଦେଇଥିବା ଦେଖାଯାଇଛି । ଅନେକ ବର୍ଷ ପରେ ପ୍ରଥମକରି ସମ୍ବଲପୁରରେ ସମସ୍ତଙ୍କ ହୃଦୟର ସମର୍ଥନ ଚାଷୀମାନଙ୍କ ବନ୍ଦ ଆହ୍ୱାନକୁ ମିଳିଛି ।











## ନେତୃତ୍ୱ ନେଲା କୃଷକ ସୁରକ୍ଷା ସଙ୍ଗଠନ

**ସମ୍ବଲପୁର, ୧୯।୧୨ (ସମିସ) :** ଜିଲ୍ଲାର ପ୍ରାୟ ୧୮ ୯ ୯ ଜଣ ଚାଷୀଙ୍କ ପ୍ରଥମ ଟୋକନ ଆସିନଥିବାବେଳେ ଚାଷୀମାନେ ଧାନ ଜଗି ବସିରହିଛନ୍ତି । ସେମାନଙ୍କ ମଧ୍ୟରେ ଅସନ୍ତୋଷ ତଥା ଅନିଶ୍ଚିତତା ଦେଖାଦେଇଛି । ପୁଣି ଅନେକ ଚାଷୀଙ୍କ ତୃତୀୟ ଓ ଚତୁର୍ଥ ଟୋକନ ଆସିନାହିଁ । ପୂର୍ବବର୍ଷ ମାନଙ୍କରେ ଚାଷୀର ସମସ୍ୟା ଏଭଳି ଜଟିଳ ହୋଇନଥାଏ । ଫୁଡ୍ ଓଡ଼ିଶା ପୋର୍ଟାଲରେ ପଞ୍ଜିକୃତ ଚାଷୀର ଏକ ସମୟରେ ସମସ୍ତ ଟୋକନ ଅନ୍‌ଲାଇନ୍‌ରେ ଦେଖାଯାଉଥିବାବେଳେ ଏବେ ତାହାକୁ ଅଚଳ କରିଦିଆଯାଇଛି । ମଣ୍ଡି ଖୋଲିବା ପରେ ଟୋକନ ଦେବାରେ ବିଳମ୍ବକୁ ଚାଷୀମାନେ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରୁଛନ୍ତି । ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ ଓ ପ୍ରବକ୍ତା ସରୋଜ, ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପଧାନ, ଉପସଭାପତି ଭୈରବ ପଧାନ ଓ ନନ୍ଦଲାଲ ତ୍ରିପାଠୀ, ସହସମ୍ପାଦକ କିଷାନ ବେହେରା ଓ ସନତ ମିଶ୍ର, କୋଷାଧ୍ୟକ୍ଷ ଜଗଦାନନ୍ଦ ନାଏକ, ହରିଶଙ୍କର ପୁରୋହିତ, ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ମିଶ୍ର, ସୁଶାନ୍ତ ପଣ୍ଡା, ବିପିନ ଭୋଏ, ଦିଲ୍ଲୀପ ମହାପାତ୍ର, ତରଣୀ ସେନ ଭୋଇ, ଦିଲ୍ଲୀପ ସାହୁ, ସନ୍ତୋଷ ତେଲେଙ୍ଗା, ଅଶ୍ୱିନୀ ହୋତା, ଶାନ୍ତନୁ ପଧାନ, କାଶୀ ବିଶ୍ୱନାଥ, ସରୋଜ ମହାପାତ୍ର, ଏତୁଆ ଖଡ଼ିଆ, ଯୋଗେଶ ଭୋଇ, ସନ୍ତୋଷ ପଧାନ, ସୁବ୍ରତ ପଣ୍ଡା, ନିଗମାନନ୍ଦ ପୂଜାରୀ, ରାଜା ସାହାଣୀ, ଜିଗ୍ନେସ ବାରିକ, ସୁବ୍ରତ ପ୍ରଧାନ, ନାଟୁ ବିଶ୍ୱାଳ, ରାଧେଶ୍ୟାମ ପଣ୍ଡା ପ୍ରମୁଖ ଚାଷୀମାନେ ସାମିଲ ହୋଇଥିଲେ ।

### ବିଜେପିର ଦେଖା ମିଳିଲାନି

ଚାଷୀଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବାପାଇଁ ବିଭିନ୍ନ ସମୟରେ ବିଜେପି ପକ୍ଷରୁ ଚେଷ୍ଟା କରାଯାଇଛି । ଏପରିକି ଗତ ୧୬ ତାରିଖ ରାସ୍ତାରେ ଧାନବିକ୍ରୟ ପ୍ରତିବାଦ ସମୟରେ ଚାଷୀଙ୍କ ସହ ସବୁବେଳେ ଦଳ ରହିଛି ବୋଲି ବିଧାୟକ କହିଥିଲେ । ସେହିଦିନ ରାତି ସୁଦ୍ଧା ୧୧ ହଜାର ଟୋକନ ମଧ୍ୟ ଇସ୍ୟୁ କରିଦିଆଗଲା । ପୂର୍ବବର୍ଷ ଅପେକ୍ଷା ଅଧିକ ଚାଷୀ ପଞ୍ଜିକୃତ ହେବା ଏବଂ ଅଧିକ ଧାନ ସଂଗ୍ରହ କରାଯାଉଥିବା ବିଭିନ୍ନ ସମୟରେ ବିଜେପି ପକ୍ଷରୁ କୁହାଯାଇଛି । କିନ୍ତୁ ଚାଷୀମାନେ ଶେଷ ଟୋକନ ନଆସିବା ପର୍ଯ୍ୟନ୍ତ ଆନ୍ଦୋଳନରୁ ବିରତ ହେବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଥିଲେ । ସବୁ ସମୟରେ ଚାଷୀ ସହ ରହିଥିବା କହୁଥିବା ବିଜେପି ନେତା ଓ କର୍ମୀମାନେ ଆଜି ସମ୍ବଲପୁର ବନ୍ଦ ଓ ପିକେଟିଂ ସମୟରେ ଦେଖା ଦେଇନଥିଲେ । ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ।









### ଦୋକାନ ବଜାରରେ ତାଲା

ଚାଷୀ ମାନଙ୍କ ଅନୁରୋଧ ପରେ ଆଜି ଦିନତମାମ ଦୋକାନୀମାନେ ଦୋକାନ ଖୋଲିନଥିଲେ । ଏପରିକି ବ୍ୟବସାୟିକ ଅଞ୍ଚଳରେ ଅଘୋଷିତ କର୍ଫ୍ୟୁ ଲାଗିଯାଇଥିଲା । ସମ୍ବଲପୁରରେ ବନ୍ଦ ସମୟରେ ଦୋକାନ ଖୋଲିବାକୁ ନେଇ ଗଣ୍ଡଗୋଳ ହେଉଥିବାବେଳେ କୌଣସି ଦଳ ନୁହେଁ ଅନ୍ନଦାତାଙ୍କ ଅନୁରୋଧକୁ ଦୋକାନୀମାନେ ଗ୍ରହଣ କରିଥିଲେ । ଛୋଟ ଦୋକାନଠାରୁ ଆରମ୍ଭ କରି ବଡ଼ ମଲ୍ ପର୍ଯ୍ୟନ୍ତ ସବୁଠି ତାଲା ଝୁଲୁଥିଲା ।







### କେନ୍ଦ୍ରୀୟ ଶ୍ରମିକ ସଂଗଠନର ପୂର୍ଣ୍ଣ ସମର୍ଥନ

ସମ୍ବଲପୁର ଚାଷୀ ସଂଗଠନ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ସମ୍ବଲପୁର ବନ୍ଦକୁ ସମର୍ଥନ ଜଣାଇ ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସମର୍ଥନ ଘୋଷଣା କରି କେନ୍ଦ୍ରୀୟ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ଆଜି ସମ୍ବଲପୁର ବନ୍ଦ ପାଳନରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ । ହିନ୍ଦ୍ ମଜଦୂର ସଭା ରାଜ୍ୟ ସଭାପତି ବିଜୟ ମହାନ୍ତି, ଗୋକୁଳ ମେହେର, ସଞ୍ଜିତ ମହାନ୍ତି, ଲଳିତ ପଟ୍ଟନାୟକ, ମହେଶ୍ୱର ଷଣ୍ଢ, ରବୀନ୍ଦ୍ର ମହାନ୍ତି, ଏନ୍ ଗୋପାଳ, ପ୍ରଣୟ ନାୟକ, ସୁଶିଲ ସେଠ୍, ଭି ରାମାରାଓ, ଦେବ ଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ୍ ପ୍ରଧାନ, ଆର୍ଯ୍ୟନ ବହିଦାର୍, ଶୁଭମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ଲକ୍ଷ୍ମୀଟକିଜ୍ ଠାରେ ବନ୍ଦ ପାଳନ ପାଇଁ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସହର ପରିକ୍ରମା କରି କଚେରୀ ଛକର ବିରୋଧ ପ୍ରଦର୍ଶନ କରିଥିଲେ । ଚାଷୀମାନଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ସରକାର ସଚେତନ ହେବାସହ ଚାଷୀଙ୍କୁ ଟୋକନ ପ୍ରଦାନ, ମଣ୍ଡିକୁ ସୁବ୍ୟବସ୍ଥିତ କରିବା, ଜିଲ୍ଲା ଧାନ ସଂଗ୍ରହ ସମିତି (ଡିଏଲପିସି)କୁ କ୍ଷମତା ପ୍ରଦାନ, ମଣ୍ଡିରେ କଟ୍‌ନିଛଟ୍‌ନି ବନ୍ଦ କରିବା, ସ୍ୱାମୀନାଥନ କମିଶନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବା ଆଦି ତୁରନ୍ତ ପୂରଣ କରିବାକୁ ଦାବି ଜଣାଇଥିଲେ ।





ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ
**ODISHA ELECTRICITY REGULATORY COMMISSION**
**BIDYUT NIYAMAK BHAWAN**
PLOT NO.4, SHAILASHREE VIHAR, BHUBANESWAR -751021
TEL. No. 2721048, 2721049
E-MAIL: oerc@odisha.gov.in / orierc@gmail.com
WEBSITE: www.orierc.org
Together, Let us light up our lives

**PUBLIC NOTICE**

**CASE No. 129 of 2025**

**Hearing of application of TPWODL Truing up for FY 2024-25 along with reconsideration/revisit of Truing up for FY 2023-24.**

TPWODL has submitted its application to the Odisha Electricity Regulatory Commission on 29.11.2025 for approval of Truing up for FY 2024-25 along with reconsideration/revisit of Truing up for FY 2023-24, which has been registered as **Case No. 129 of 2025**. The application has been filed under Sections 62, 86 (1) & 94(1)(f) and other applicable provisions of the Electricity Act, 2003 read with OERC (Terms and Conditions for Determination of Wheeling Tariff and Retail Supply Tariff) Regulations, 2022 and OERC (Conduct of Business) Regulations, 2004. The Commission has decided to dispose of the case through a public hearing along with the ARR & RST application for FY 2026-27 of the applicant in **Case No.128 of 2025.**

The petition along with all Annexure submitted by M/s. TPWODL in this regard is available in TPWODL's website www.tpwesternodisha.com as well as in Commission's website www.orierc.org. The Interested persons / organizations those who were parties to the previous year Tariff Proceedings i.e. for FY 2023-24 & 2024-25 and want to participate in the above proceeding may file their objections/suggestions, if any, on the present petition of M/s. TPWODL by **16.01.2026** with a copy to TPWODL. TPWODL is to file its rejoinder to the objections/suggestions of the Respondents by **27.01.2026** with a copy to the Respondents. Those who are interested to participate in the public hearing through video conferencing should also indicate their e-mail address & mobile number respectively to the Commission at OERC e-mail (oerc.vc@gmail.com) beforehand.

**By Order of the Commission**
Dated. 17.12.2025 **Sd/- SECRETARY**

## ସମର୍ଥନ ସହ ସାମିଲ ହେଲା ଜିଲ୍ଲା ବିଜେଡି

ଶୁକ୍ରବାର ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ସମ୍ବଲପୁରରେ ବନ୍ଦ ଡାକରା ଦିଆଯାଇଥିଲା । ଏଥିରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସମ୍ବଲପୁରର ଶତାଧିକ କର୍ମକର୍ତ୍ତା ଓ ନେତୃମଣ୍ଡଳୀ ଯୋଗଦାନ କରିଥିଲେ । ରାଜ୍ୟ ସରକାରଙ୍କ ଟୋକନ୍ ଅବ୍ୟବସ୍ଥା, ଚାଷୀ ମାରଣା ନୀତି, ବିର୍ଯ୍ୟସ୍ତ ଧାନ ସଂଗ୍ରହ ପ୍ରକ୍ରିୟା ବିରୁଦ୍ଧରେ ବନ୍ଦ ହୋଇଥିଲା । ଏହି ବନ୍ଦ ସପକ୍ଷରେ ବିଜୁ ଜନତା ଦଳ ସମ୍ବଲପୁରର କର୍ମକର୍ତ୍ତା ଏବଂ ନେତୃମଣ୍ଡଳୀ ଇଂ ପୂଜାରୀଙ୍କ ସାକ୍ଷୀପଡ଼ାସ୍ଥିତ ଆବାସିକ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ସେଠାରୁ ବାଇକ୍ ରାଲିରେ ସହର ପରିକ୍ରମା କରି ବନ୍ଦ ରଖିବାପାଇଁ ସମସ୍ତଙ୍କୁ ଅନୁରୋଧ କରିବାସହ ନେଲସନ ମାଣ୍ଡେଲା ଛକ ଠାରେ ପହଞ୍ଚିଥିଲେ । ସେଠାରେ ବିଜେପି ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିବା ସହ କୃଷକ ସଂଗଠନ ମାନଙ୍କ ହକ୍ ପାଇଁ ପ୍ରବଳ ଗର୍ଜିଥିଲେ । ଦଳର ବରିଷ୍ଠ ନେତା ତଥା ପୂର୍ବତନ ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ଆଇନଜୀବୀ ଅଶୋକ ସେନାପତି, ବସନ୍ତ ମିଶ୍ର, ଆନନ୍ଦ ବଡଗୟାଁ, ସୁରୁବାବୁ ମେହେର, ବେଣୁଧର ଦାସ, ଏମ୍‌ଡି ସନାଉଲ୍ଲା, ସୁବାସ ଜେନା, ଧର୍ମରାଜ



ମରେଇ, ସତ୍ୟେନ୍ଦ୍ର ଦାସ, ଅଶୋକ ପଟେଲ, ପ୍ରହ୍ଲାଦ ଗୁରୁ, ଦେବାଶିଷ ପରିଡ଼ା, ଅନ୍ମୋଲ ଦାସ, ପ୍ରଦୋଷ ମହାନ୍ତି, ଭାବେଶ ଚାନ୍ଦ, ସୁକେଶ ସିଂ, କିଶୋର ପଣ୍ଡା, ହରଜିତସିଂ ଭୂର୍ଜି, ତପନ ମେହେର, ସୁରେନ୍ଦ୍ର ବିଶ୍ୱାଳ, କୈଳାସ କିଶାନ, ମଞ୍ଜୁ ଓରାମ, ଉତ୍ତମ ବାଗ, ଦିଲ୍ଲୀପ ମହାନନ୍ଦ, ସୁରଥ ନାଏକ, କିଶୋର ମୁଣ୍ଡା, ମନୋଜ ଦାସ, ହିମାଂଶୁ ପ୍ରଧାନ, ଓଁକାର ନାୟକ, ପ୍ରଶାନ୍ତ ନାୟକ, ସମୀର ପାଢ଼ୀ, ପ୍ରଭଞ୍ଜନ ପୁରୋହିତ, ପ୍ରବୀଣ ସୂପକାର, ସଞ୍ଜୟ ବର୍ମା, ମନୋଜ ଦାସ, ଗଣେଶ କରାଲି, ଭରତ କରାଲି, ସତ୍ୟମ୍ ସାହୁ, ଶ୍ରୀରାମ ସିଂ, ଫିରୋଜ ରାଜା, ଏବଂ ବିଜୁ ମହିଳା ଜନତା ଦଳର ଉଷା ପ୍ରଧାନ, ସଂଯୁକ୍ତା ମେହେର, ନନ୍ଦିନୀ ପ୍ରଧାନ, ଲିଲିମା ମଲ୍ଲିକ, ସୁରେଖା ସାହୁ, ଜସ୍ମିନ ଖାଁ, ପୂଜା ଦେବୀ, ବେବି ପ୍ରଧାନ, ନୁରୀ ନାର୍ସିଦା, ଅନିତା ଓରାମ ପ୍ରମୁଖ ବହୁ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ ।





ଟ୍ରାନ୍ସଫର୍ମର ଲାଗିଛି, ବିଦ୍ୟୁତ୍ ସଂଯୋଗ ହେଉନି

# ଚାଷୀଙ୍କ ସ୍ୱାର୍ଥ ନା ଠିକାଦାରଙ୍କ ପାଇଁ ଲାଭ



**ପାଇକମାଲ, ୧୯ ।୧୨(ସମିସ)**

ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ବୁକୁରାମୁଣ୍ଡା ଅଞ୍ଚଳରେ ଉଠା ଜଳସେଚନ ବିଭାଗ ବରଗଡ଼ ପକ୍ଷରୁ ଚାଷୀମାନଙ୍କ ଜମିକୁ ଜଳସେଚନ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ବିଦ୍ୟୁତ୍ ଲାଇନ ଟଣା କାମ ବିଗତ ଅକ୍ଟୋବର ମାସରୁ ଆରମ୍ଭ ହୋଇଥିଲା। ଦୀର୍ଘ ମାସ ପରେ କାମ ସମ୍ପୂର୍ଣ୍ଣ ହେବା ସହ ଗତ ମାସରେ ଟ୍ରାନ୍ସଫର୍ମର ମଧ୍ୟ ଲାଗିଛି। ହେଲେ ଅଦ୍ୟାବଧି ପର୍ଯ୍ୟନ୍ତ ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ଚାଷୀମାନେ ବହୁ ପରିଶ୍ରମ କରି ସାରା ଦେଶକୁ ଖାଦ୍ୟ ଯୋଗାଇ ଆସୁଛନ୍ତି। କିନ୍ତୁ ଏଭଳି ମୌଳିକ ସୁବିଧା ମିଳିନଥିବାରୁ ଚାଷୀଙ୍କ କଷ୍ଟ ଆହୁରି ବଢ଼ିଯାଇଛି। ବର୍ତ୍ତମାନ ସମୟରେ ଖରାଟିଆ ଚାଷ ପାଇଁ ଚାଷୀ ଅଣ୍ଟା ଭିଡ଼ି ପ୍ରସ୍ତୁତ ହୋଇ ସାରିଛନ୍ତି। କିନ୍ତୁ ଜଳସେଚନ ପାଇଁ ବିଦ୍ୟୁତ୍ ନ ମିଳିବାରୁ ବିନା ଜଳରେ ଚାଷ କେମିତି ହେବ ବୋଲି ସେମାନେ ଗଭୀର ଚିନ୍ତାରେ ପଡ଼ିଛନ୍ତି।ଏଭଳି ପରିସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି ଯଦି ରାଜ୍ୟ ସରକାର କିମ୍ବା ସମ୍ପୃକ୍ତ ବିଭାଗଙ୍କ ପାଖରେ ଠିକ ସମୟରେ କାମ ସମ୍ପୂର୍ଣ୍ଣ କରିବାର ସାମର୍ଥ୍ୟ ନାହିଁ, ତେବେ ଏଭଳି ଲୋକଦେଖାଣିଆ କାର୍ଯ୍ୟ କାହିଁକି କରୁଛନ୍ତି। ଟ୍ରାନ୍ସଫର୍ମର ଲଗାଇ ରଖି ବିଦ୍ୟୁତ୍ ସଂଯୋଗ ନ ଦେବା ବିଭାଗୀୟ ଅଧିକାରୀଙ୍କ ଅପାରଗତା ନା ବିଦ୍ୟୁତ୍ ବିଭାଗର ଅବହେଳା ତାହା ସ୍ପଷ୍ଟ ହେଉନାହିଁ।ଚାଷୀମାନେ ଅଭିଯୋଗ କରୁଛନ୍ତି ଯେ, କାଗଜରେ କାମ ସମ୍ପୂର୍ଣ୍ଣ ଦେଖାଇ ଠିକାଦାରମାନେ ଲାଭ ନେଉଛନ୍ତି। କିନ୍ତୁ ମୂଳ ଲାଭାନ୍ୱିତ ହେବାକୁ ଥିବା ଚାଷୀ ଆଜି ବଞ୍ଚିତ।ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢୁଛି। ଏହି ସମସ୍ୟାକୁ ଗମ୍ଭୀରତାର ସହ ନେଇ ବରଗଡ଼ ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ସଂଯୋଗ ଦେଇ ଚାଷୀମାନଙ୍କ ଅସୁବିଧା ଦୂର କରିବାକୁ ଜନସାଧାରଣ ଓ ଚାଷୀମହଲରୁ ପ୍ରବଳ ଦାବି ହେଉଛି।


## ବିକାଶ ଲ' ସ୍କୁଲରେ ଆଇନ ସଚେତନତା କାର୍ଯ୍ୟକ୍ରମ



**ବରଗଡ଼, ୧୯ ।୧୨(ସମିସ):** ବିକାଶ ଲ'ସ୍କୁଲରେ ଜିଲ୍ଲା ଆଇନ ସେବା (ଡିଏଲ୍ଏସ୍ଏ), ବରଗଡ଼ ଓ ବିକାଶ ଲ' ସ୍କୁଲର ମିଳିତ ଆନୁକୂଲ୍ୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିକାଶ ଲ' ସ୍କୁଲର ଅଧ୍ୟକ୍ଷ ପ୍ରଫେସର ଡ.ବିକ୍ରମ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଲ'ସ୍କୁଲର ସଂଯୋଜକ ଅଧ୍ୟାପକ ଶିବାନନ୍ଦ ସାହୁ ପରିଚାଳନା କରିଥିଲେ।ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲ୍ଏସ୍ଏ) ସେକ୍ରେଟେରୀ ବିଭୂତି ଭୂଷଣ ନାଏକ ଗରିବ ଓ ନିସହାୟ ଲୋକଙ୍କୁ କିପରି ନିଶୁଳ୍କ ଓ ସୁବିଧାରେ ଆଇନ ସେବା ଯୋଗାଇ ଦିଆଯାଇପାରିବ, ଆଇନରେ କଣ ବ୍ୟବସ୍ଥା ଅଛି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସାଇବର ସେଲ, ବରଗଡ଼ର ସବ୍ ଇଂସ୍ପେକ୍ଟର ମଙ୍ଗଳ କିସ୍କୁ ଯୋଗଦେଇ ସାଇବର ଅପରାଧର କାରଣ ଓ ତାର ନିରାକରଣ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଅବସରରେ ଡିଏସ୍ପି, ବରଗଡ଼ ସିପ୍ରା କୁମାରୀ କୁମ୍ଭାର ମହିଳାଙ୍କ ବିରୋଧରେ ହେଉଥିବା ଅପରାଧର କାରଣ ଓ ତାର ନିରାକରଣ ପାଇଁ ଆଇନରେ ଥିବା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ।କାର୍ଯ୍ୟକ୍ରମରେ ଚିଫ୍ ଡିଫେନ୍ସ କାଉନ୍ସେଲ, ଲିଗାଲ ଏଡ୍, ବରଗଡ଼ ମନସୀ ସାହୁ ଅଦାଲତରେ ସାକ୍ଷୀ ଓ ଦୋଷୀର ପ୍ରମାଣ ଓ ମତାମତ କିପରି ଭିଡିଓ କନ୍ଫରେସିଂ ମାଧ୍ୟମରେ ନିଆଯାଇ ପାରିବ ଆଲୋକପାତ କରିଥିଲେ। ଅଧ୍ୟାପିକା ସନ୍ତୋଷୀ ସାହୁ ସୁଭାସ ଓ ହାଇକୋର୍ଟ ଭିଡିଓ କନ୍ସଫ୍ରେସିଂଗ୍ ଫର୍ କୋର୍ଟସ୍ ରୁଲ୍ସ, ୨୦୨୦ ଓ ଅଧ୍ୟାପିକା ସାଗରିକା ବିଶ୍ୱାଳ ଏବଂ ସୁଶୋଭିତା ଦାଶ ସିଭିଲ୍ ପ୍ରୋସିଜ୍ୟୋର୍ ମେଡିଏସନ୍ ରୁଲ୍ସ, ୨୦୦୭ ଆଇନ ଉପରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଅଭିନନ୍ଦନ ଝୁଟିଆ, ନିହାର ରଞ୍ଜନ ବିଶ୍ୱାଳ, ରୋଜି ମେହେର, ସାଗତିକା ସାହୁ, ଅଞ୍ଜନା ପୂଜାରୀ ଓ ଲ'ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ଜୈମିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରଘୁନାଥ ପଟ୍ଟନାୟକଙ୍କ ପରଲୋକ

**ବରପାଲି, ୧୯ ।୧୨ (ସମିସ):** ବରପାଲି ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକଙ୍କ ପିତା ରଘୁନାଥ ପଟ୍ଟନାୟକଙ୍କ ୮୭ ବର୍ଷ ବୟସରେ ପରଲୋକ



ହୋଇଯାଇଛି। ଶୁକ୍ରବାର ହୃଦ୍‌ଘାତରେ ତାଙ୍କର ଦେହାନ୍ତ ହୋଇଥିଲା। ଅନ୍ତିମ ସମୟରେ ବଡ ପୁଅ ସରୋଜ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ପୁତ୍ର ବଧୂ ସାଗରୀକା ପଟ୍ଟନାୟକ, ତିନି ଝିଅ କଲ୍ୟାଣୀ ପଟ୍ଟନାୟକ, ନମିତା ପଟ୍ଟନାୟକ, ବବିତା ପଟ୍ଟନାୟକଙ୍କ ସମେତ ନାତି ବାସୁଦେବ, ଶିବଶଙ୍କର, ବନ୍ଧୁବାନ୍ଧବ, ଓକିଲ ସଂଘ ସଦସ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ମନୋଜ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

## ତ୍ରିଭୁବନ ତୁରଖିଆଙ୍କ ପରଲୋକ

**ଅତାବିରା, ୧୯ ।୧୨(ସମିସ):**ଅତାବିରା ଦୁର୍ଗା ମନ୍ଦିର କମିଟିର ପୂର୍ବତନ କୋଷାଧ୍ୟକ୍ଷ ତ୍ରିଭୁବନ ଦାସ ତୁରଖିଆ(୮୪) ଶୁକ୍ରବାର



ପରଲୋକ ଘଟିଛି। ବାର୍ଦ୍ଧକ୍ୟ କାରଣରୁ ୧୫ଦିନ ବରଗଡ଼ର ଘରୋଇ ଏକ ନର୍ସିଂହୋମରେ ଚିକିତ୍ସିତ ହୋଇ ଦୁଇ ଦିନ ତଳେ ଘରକୁ ଆସିଥିଲେ। ଖାଇ ସାରିବା ପରେ ତାଙ୍କର ଆକସ୍ମିକ ମୃତ୍ୟୁ ଘଟିଥିଲା। ସେ ପୂର୍ବରୁ ଠିକାଦାର ଭାବେ ନିଜ କର୍ମମୟ ଜୀବନରେ ଥିବା ସହ କଂଗ୍ରେସ ଦଳ ଓ ପରେ ବିଜେଡିରେ ସଂଶିଷ୍ଟ ଥିଲେ। ସ୍ଥାନୀୟ ସ୍ୱର୍ଗ ଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ ପୁଅ ଅମିଶ ମୁଖାଗ୍ନି ଦେଇଥିଲେ। ଶବଧାରରେ ବହୁ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ରେ ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ନିହାର ମହାନନ୍ଦ ଶୋକ ପ୍ରକାଶ କରିଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଅତାବିରା, ୧୯ । ୧୨(ସମିସ):** ଅତାବିରା ଏନ୍ଏସି ଭୋଇପୁରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଗୀତା ବୁଧିଆଙ୍କ ସଭାପତିତ୍ୱରେ ଏବଂ ଶାରିରୀକ ପ୍ରଶିକ୍ଷିକା ଲକ୍ଷ୍ମୀ ମହାପାତ୍ର ଓ ପ୍ରଶିକ୍ଷକ କିଶୋର କୁମାର ଧରୁଆଙ୍କ ସଂଯୋଜନାରେ ୨୦ରୁ ଊର୍ଦ୍ଧ୍ୱ ବିଭାଗରେ ପ୍ରତିଯୋଗିତା କରାଯାଇଥିଲା।ବିଦ୍ୟାଳୟର ସମସ୍ତ ଶ୍ରେଣୀର ପ୍ରତିଯୋଗୀ ଭାବ ନେଇଥିଲେ।ସଂଯୋଜକ ରଘୁନନ୍ଦନ ରାଉତିଆ କ୍ରୀଡ଼ାର ଆବଶ୍ୟକତା ନେଇ ମାଇକେଲ ଫେଲପ୍ସ ଓ ଉସେନ ବୋଲ୍ଟଙ୍କ ଜୀବନୀର ଉଦାହରଣ ଦେଇଥିଲେ। ଶେଷରେ ପିଲାଙ୍କ ମଧ୍ୟରେ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ପରିଚାଳନାରେ ସହଯୋଗ କରିଥିବା ବେଳେ ହିନ୍ଦୀ ଶିକ୍ଷକ ଆଶିଷ ସା ଧନ୍ୟବାଦ ଅର୍ପଣ କରିଥିଲେ।



## ଅସହାୟଙ୍କୁ କମ୍ବଳ ପ୍ରଦାନ



**ବରଗଡ଼, ୧୯ ।୧୨ (ସମିସ):** ପ୍ରଚଣ୍ଡ ଶୀତ ଯୋଗୁଁ ଅସହାୟ ଗରିବ ଲୋକେ ନାହିଁନଥିବା ଅସୁବିଧାକୁ ଦେଖି ଶ୍ରୀ ଶ୍ୟାମ ପରିବାର ବରଗଡ଼ ପକ୍ଷରୁ ଶୀତରେ ଥରୁଥିବା ଅସହାୟ ଏବଂ ନିର୍ଦ୍ଧନ ବ୍ୟକ୍ତିମାନଙ୍କୁ କମ୍ବଳ ବିତରଣ କରାଯାଇଛି।ବରଗଡ଼ ସରକାରୀ ହସ୍ପିଟାଲ ପରିସରରୁ ଆରମ୍ଭ ହୋଇ ଲମ୍ବା ବିଲଡିଂ ଛକ, ଅମ୍ବାପାଲି ଛକ, ହଲଦୀପାଲି ଛକ, ଭଟଲି ଛକ, ଗୁରୁଦ୍ୱାରା ଛକ ଏବଂ ମେନ୍‌ରୋଡ୍ ପର୍ଯ୍ୟନ୍ତ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା ଆଗାମୀ ୨୪ ତାରିଖ ରୁ ଜାନୁଆରୀ ୩ ତାରିଖ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଚାଲୁଥିବା ପର୍ଯ୍ୟନ୍ତ ସେବା କାର୍ଯ୍ୟ ନିରନ୍ତର ଚାଲୁ ରହିବ ବୋଲି ଶ୍ୟାମ ପରିବାରର ଅଧ୍ୟକ୍ଷ କିଶନ ଲାଲ ଅଗ୍ରୱାଲ ସୂଚନା ପ୍ରଦାନ କରିଛନ୍ତି।

## ମୁଲବାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା



**ଭଟଲି, ୧୯ । ୧୨(ସମିସ):** ଭଟଲି ବ୍ଲକ ମୁଲବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୈଳାସଭୁଏଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ କପିଲ ବାଗ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଆଶିଷ କୁମାର ରଥ, ହୃଦାନନ୍ଦ ବେହେରା, ଶିକ୍ଷୟିତ୍ରୀ ତିଲୋତ୍ତମା ସାହୁ, ଗୀତା ବରିହା ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ। ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଦୌଡ, ରଶି ଡିଆଁ, ଆଖା ଦୌଡ, ପୂଚି ଖେଳ, ମ୍ୟୁଜିକ ଚେୟାର ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଅମ୍ଲିପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅତାବିରା, ୧୯ ।୧୨(ସମିସ):** ଅତାବିରା ବ୍ଲକ ଅମଲିପାଲି ପଞ୍ଚାୟତ ଅମଲିପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ 'ମହକ' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ପ୍ରବୀନା ସୁନାଙ୍କ ସଭାପତିତ୍ୱରେ ପରିଚାଳନା କମିଟି ଅଧ୍ୟକ୍ଷ ଅଶୋକ ସାହୁ, ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁନନ୍ଦା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସିଆରସିସି ସୁବାଷ ମହାନନ୍ଦ ଓ ତେଜାଗୁଲା ହାଇସ୍କୁଲ ଶିକ୍ଷକ ଚନ୍ଦ୍ରକାନ୍ତ ସାହୁ, ଅବସରପ୍ରାପ୍ତ ଶିକ୍ଷକ କର୍ଣ୍ଣ ପ୍ରଧାନ, ପୁରାତନ ଛାତ୍ର ରମାକାନ୍ତ ବିଶ୍ୱାଳ ଆଦି ଯୋଗ ଦେଇଥିଲେ। ବିଗତ ଶିକ୍ଷାବର୍ଷ ୨୦୨୪-୨୫ ହାଇସ୍କୁଲ୍ ସାର୍ଟିଫିକେଟ ପରୀକ୍ଷାରେ ବିଦ୍ୟାଳୟରେ ଟପ୍ପର ହୋଇଥିବା ଛାତ୍ରୀ ସୃତିଶିକ୍ତା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଚାମ୍ପିଅନ୍ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ତମ ମେହେର, ଜାନକୀ ଚୌହାନ, ସମୀର ସା, ଆରୋହିଣୀ ସିଂ, ପରମେଶ ଖଡ଼ିଆ, ସବ୍ୟା ବାଗ, ହିମାଂଶୁ ରୁଦ୍ର ପ୍ରତାପ ସିଂ ଏବଂ ସାଇନା ମୁଣ୍ଡା ଆଦିଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ରବୀନ୍ଦ୍ରନାଥ ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଜିତୁ ମହାନନ୍ଦ, ଶିକ୍ଷୟିତ୍ରୀ ଗୀତା ପଧାନ, ଶିକ୍ଷକ ସଞ୍ଜୟ ଭୋଇ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶିକ୍ଷକ ରିକୁନାଥ ଦାସ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ତୁଲାରାମ୍ ପଟେଲ, ମଧୁସୂଦନ ରଣା, ଡୋଲେଶ୍ୱର୍ ରଣା, ଶଶିମୁଖି ସାହୁ, ସୌଦାମିନୀ ଭୂଏ, ବାସନ୍ତୀ ମେହେର ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମବାସୀବୃନ୍ଦ ଉତ୍ସବକୁ ସହଯୋଗ କରିଥିଲେ।



## ଡ.ଜୟଚନ୍ଦ୍ର ଜୀବନରେଖା ରକ୍ତ ସହାୟତା ସଂଘ ସମ୍ବର୍ଦ୍ଧିତ



**ପାଇକମାଳ, ୧୯ ।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଲଖନା ଧନୁଯାତ୍ରାରେ ଡ଼ ଜୟଚନ୍ଦ୍ର ଜୀବନରେଖା ରକ୍ତ ସହାୟତା ସଂଘ କଂସଙ୍କ ଦରବାର ମହାରାଜା କଂସ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧିତ ସମୟରେ ଡ଼ ଜୟଚନ୍ଦ୍ର ଜୀବନରେଖା ରକ୍ତ ସହାୟତା ସଂଘର ପ୍ରତିଷ୍ଠାତା ପତିତପାବନ ସାହୁ, ଆବାହକ ଆଦର୍ଶ ସାହୁ, ସବିର ଭୋଇ, ହୁସେନ, ରଞ୍ଜିତ ସିଂ ବରିହା, ପଙ୍କଜ ସାହୁ, ଦୀପକ ସାହୁ, ସତ୍ୟ ସାହୁ, ମହେନ୍ଦ୍ର ମାଝୀ, ଦୀପକ ବରିହା ପ୍ରମୁଖ ସଂଘର ସଦସ୍ୟ ଉପସ୍ଥିତ ଥିଲେ।

## ତୋରା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ବରଗଡ଼, ୧୯ ।୧୨(ସମିସ):** ବରଗଡ଼ ଜିଲ୍ଲା ତୋରା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟଅତିଥି ଭାବରେ ବିକାଶ ମଲ୍ଟିସ୍ପେସିଆଲିଟି ହସ୍ପିଟାଲ ଡାଇରେକ୍ଟର ଡ଼ ହିମାଂଶୁ କୁମାର ମିଶ୍ର, କ୍ରିଷ୍ଣା ବିକାଶ ଗ୍ରୁପ ପ୍ରଶାସନିକ ଅଧିକାରୀ ପବିତ୍ର ମୋହନ ସାହୁ, ଜିଲ୍ଲା ପରିଷଦ ଭାଇସ ଚେୟାରମ୍ୟାନ ମୋହନ ଲୁହା, ସଞ୍ଜୀବ ନନ୍ଦ, ପଞ୍ଚସଖା ସେତୁର ସଭାପତି, ପ୍ରଧାନ ଶିକ୍ଷକ ମଞ୍ଚାସୀନ ଅତିଥି ଭାବରେ ଯୋଗଦେଇ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ସଙ୍ଗୀତାରାଣୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।ହୃଷିକେଶ ବାରିକ ମଞ୍ଚ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସୁରେଶ ସାହୁ କ୍ରିଡ଼ା ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ ଓ ମହାନଦୀ ହାଉସକୁ ବିଜେତା ହୋଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିବା ବେଳେ ନିରୂପମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ ହିମାଳୟ ଯୋଗ ଓଲିମ୍ପିଆଡ୍

## କ୍ରିଷ୍ଣା ବିକାଶ ଆବସିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

**ବରଗଡ଼, ୧୯ ।୧୨(ସମିସ)**

କ୍ରିଷ୍ଣା ବିକାଶ ଆବସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ବେଙ୍ଗାଲୁରୁସ୍ଥିତ ସ୍ୱାମୀ ବିବେକାନନ୍ଦ ଯୋଗାନୁସନ୍ଧାନ ସଂସ୍ଥାରେ ଗତ ୧୨ ଡିସେମ୍ବର ଠାରୁ ୧୭ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ଜାତୀୟ ଓ ଅନ୍ତର୍ଜାତୀୟ ହିମାଳୟ ଯୋଗ ଓଲିମ୍ପିଆଡ଼ ୨୦୨୫ରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ସହିତ ବରଗଡ଼ ଜିଲ୍ଲାର ମର୍ଯ୍ୟାଦାକୁ ଜାତୀୟସ୍ତରରେ ଉଚ୍ଚ କରିଛନ୍ତି। ଗୌରବମୟ ସଫଳତା ପଛରେ ସ୍କୁଲର ଯୋଗ ଶିକ୍ଷକ ସୁଶୀଲ ମହାକୁରଙ୍କ ନିରନ୍ତର ପରିଶ୍ରମ ଓ ସଠିକ୍ ପ୍ରଶିକ୍ଷଣ ମୁଖ୍ୟ ଭୂମିକା ନିର୍ବାହ କରିଛି। ଓଲିମ୍ପିଆଡ୍ ଅବସରରେ ପ୍ରଜ୍ଞାନନ୍ଦ ଜୀ ମହାରାଜ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ଓ ପ୍ରେରଣା ପ୍ରଦାନ କରିଥିଲେ। ଯାହା ସମସ୍ତଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ହୋଇଥିଲା। ଏହି ସଫଳତା ପାଇଁ କ୍ରିଷ୍ଣା ବିକାଶ ଗ୍ରୁପ୍ ଚେୟାରମ୍ୟାନ ଦାସରି ମୁରଲି କ୍ରିଷ୍ଣା, ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିଅର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ବିଦ୍ୟାଳୟର ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ହୃଦୟପୂର୍ଣ୍ଣ ଶୁଭେଚ୍ଛା ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଯୋଗ ଶିକ୍ଷା ମାଧ୍ୟମରେ ଶାରୀରିକ ସ୍ୱାସ୍ଥ୍ୟ ସହ ମାନସିକ ଓ ଆଧ୍ୟାତ୍ମିକ ବିକାଶ ଘଟିଥାଏ ବୋଲି ଉଲ୍ଲେଖ କରାଯାଇ, ଏପରି ସଫଳତା ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ପ୍ରେରିତ କରିବ ବୋଲି ମତ ପ୍ରକାଶ ପାଇଛି।

